# ଧରିତ୍ରୀ
DHARITRI

ବୁଧବାର, ଏପ୍ରିଲ ୧/୨୦୨୦ (୨୬ ପୃଷ୍ଠା) | Wednesday, April 1/2020

୪୬ଶ ଭାଗ ୧୨୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




## ମା'ଙ୍କୁ ମନେପକାଇଲେ ଜାହ୍ନବୀ

ଲକ୍‌ଡାଉନ୍ ଯୋଗୁ ଅଭିନେତ୍ରୀ ଜାହ୍ନବୀ କପୁର ସେଲ୍ଫ ଆଇସୋଲେଶନରେ ଅଛନ୍ତି। ଡ୍ରେସିଙ୍ଗ ରୁମ୍‌ରେ ମା' ଶ୍ରୀଦେବୀଙ୍କ ବାସ୍ନା ଏବେ ବି ସେ ଅନୁଭବ କରୁଥିବା କହିଛନ୍ତି।

୧୩

୨୬

## ରୋହିତ ଶର୍ମାଙ୍କ ସହାୟତା

କରୋନା ଭାଇରସ୍ ସଂକ୍ରମଣ ଯୋଗୁ ଦେଖାଦେଇଥିବା ସ୍ୱାସ୍ଥ୍ୟ ସଙ୍କଟ ପରିପ୍ରେକ୍ଷୀରେ ୮୦ ଲକ୍ଷ ଟଙ୍କା ଦାନ କରିଛନ୍ତି ଭାରତୀୟ କ୍ରିକେଟର ରୋହିତ ଶର୍ମା।



# ରାଶନ କାର୍ଡଧାରୀଙ୍କୁ ୧୦୦୦ ଟଙ୍କା ସହାୟତା

ଭୁବନେଶ୍ୱର,୩୧।୩(ବ୍ୟୁରୋ)

କରୋନା ଭାଇରସ୍‌କୁ ମୁକାବିଲା କରିବା ପାଇଁ ରାଜ୍ୟ ସରକାର ସମସ୍ତ ପ୍ରଚେଷ୍ଟା ଜାରି ରଖିଛନ୍ତି। ଏହି ସମୟରେ ସାଧାରଣ ଲୋକଙ୍କ ପାଖରେ ଅତ୍ୟାବଶ୍ୟକ ସାମଗ୍ରୀ ଆବଶ୍ୟକ ପରିମାଣରେ ପହଞ୍ଚାଯାଇଛି। କଳାବଜାରକାରୀଙ୍କ ଉପରେ ମଧ୍ୟ ଯୋଗାଣ ବିଭାଗ ପକ୍ଷରୁ କଡା ନଜର ରହିଛି। ପୂର୍ବ ଘୋଷିତ ସମସ୍ତ ସହାୟତା ସହ ପ୍ରତି ରାଶନ କାର୍ଡଧାରୀଙ୍କୁ ୧୦୦୦ ଟଙ୍କାର ସହାୟତା ଦିଆଯିବ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମସ୍ତ ଜିଲାପାଳଙ୍କୁ ଏଥିପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ବିଭାଗୀୟ ସଚିବ ତଥା କମିଶନର ବୀରବିକ୍ରମ ଯାଦବ ଏନେଇ ମଙ୍ଗଳବାର ସମସ୍ତ ଜିଲାପାଳଙ୍କୁ ଚିଠି ଲେଖିଛନ୍ତି। ଜାତୀୟ ଖାଦ୍ୟ ସୁରକ୍ଷା ଆଇନ(ଏନ୍‌ଏଫ୍‌ଏସ୍‌ଏ) ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା(ଏସ୍‌ଏଫ୍‌ଏସ୍‌ଏସ୍) ହିତାଧିକାରୀଙ୍କୁ ଏହି ସହାୟତା ଦିଆଯିବ।

# ଓଡ଼ିଶାରେ ଚତୁର୍ଥ କରୋନା ସଂକ୍ରମିତ ଚିହ୍ନଟ

- ୨୯ ବର୍ଷୀୟ ଭଦ୍ରକ ଯୁବକ
- ଦୁବାଇରୁ ଫେରିଥିଲେ



ଭୁବନେଶ୍ୱର,୩୧।୩(ବ୍ୟୁରୋ)

ଓଡ଼ିଶାରେ ମଙ୍ଗଳବାର ରାତିରେ ରାଜ୍ୟର ଚତୁର୍ଥ କରୋନା ସଂକ୍ରମିତଙ୍କୁ ଠାବ କରାଯାଇଛି। ସେ ହେଉଛନ୍ତି ଜଣେ ୨୯ ବର୍ଷୀୟ ଯୁବକ। ତାଙ୍କ ଘର ଭଦ୍ରକ ଜିଲାରେ ଏବଂ ସେ ନିକଟରେ ଦୁବାଇରୁ ଫେରିଥିଲେ ବୋଲି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ୍ ମାଧ୍ୟମରେ ସୂଚନା ଦିଆଯାଇଛି। ସମ୍ପୃକ୍ତ ଯୁବକଙ୍କଠାରେ କରୋନା ସଂକ୍ରମଣର ଲକ୍ଷଣ ଦେଖାଯାଇ ନ ଥିଲା। ଯେହେତୁ ସେ ବିଦେଶରୁ ଫେରିଥିଲେ, ତାଙ୍କର ଭ୍ରମଣ ତଥ୍ୟକୁ ଆଧାର କରି ନମୁନା ପରୀକ୍ଷା କରାଯାଇଥିଲା। ପ୍ରଥମଥର ପାଇଁ ରାଜଧାନୀ ଭୁବନେଶ୍ୱର ବାହାରର ଜଣେ ସଂକ୍ରମିତଙ୍କୁ ଠାବ କରାଯାଇଛି। ରାଜ୍ୟରୁ ପରୀକ୍ଷା କରାଯାଇଥିବା ମୋଟ ୬୧୦ ନମୁନା ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୪ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ଏମ୍ସରେ କରାଯାଇଥିବା ୧୫ଟି ନମୁନା ମଧ୍ୟରୁ ଉପରୋକ୍ତ ନମୁନାଟି କରୋନା ପଜିଟିଭ ବୋଲି ଜଣାପଡିଛି। ସ୍ୱାସ୍ଥ୍ୟ ସଚିବ ନିକୁଞ୍ଜ ଧଳ ଭଦ୍ରକ ଜିଲାପାଳଙ୍କୁ ଏନେଇ ଅବଗତ କରିବା ସହ ସଂକ୍ରମିତଙ୍କୁ କଟକସ୍ଥିତ ଏସ୍‌ସିବିକୁ ସ୍ଥାନାନ୍ତର ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜାତୀୟ ସ୍ୱାସ୍ଥ୍ୟ ମିଶନ ପରିଚାଳନା ନିର୍ଦ୍ଦେଶକ ଏନେଇ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବେ । ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିବିଶେଷଙ୍କୁ ଏବେ ଠାବ କରାଯାଉଛି। ସଂକ୍ରମିତ ଏବଂ ତାଙ୍କ ସହ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିବିଶେଷଙ୍କୁ ଆଇସୋଲେଶନରେ ରଖାଯିବା ସହ ସେମାନଙ୍କ ନମୁନା ତୁରନ୍ତ ପରୀକ୍ଷା କରିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ମଙ୍ଗଳବାର ସର୍ବମୋଟ ୧୩୭ ନମୁନା ପରୀକ୍ଷା କରାଯାଇଥିଲା। ଏମ୍ସର ୧୫ ନମୁନା ସମେତ ଆର୍‌ଏମ୍‌ଆର୍‌ସିରେ ୧୧୯, କଟକସ୍ଥିତ ଏସ୍‌ସିବିରେ ୩ ନମୁନା ପରୀକ୍ଷା ହୋଇଥିଲା।

ପୂର୍ବରୁ ରାଜ୍ୟରେ ୩ଟି କରୋନା ପଜିଟିଭ ଚିହ୍ନଟ ହୋଇସାରିଛି। ସେମାନଙ୍କ ମଧ୍ୟରେ ଦୁଇଜଣ ଯୁବକ ରହିଥିବାବେଳେ ଜଣେ ୬୧ ବର୍ଷୀୟ ବରିଷ୍ଠ ନାଗରିକ ରହିଥିଲେ। ପ୍ରଥମ ସଂକ୍ରମିତ ଯୁବକ ଇଟାଲୀ, ଦ୍ୱିତୀୟ ଜଣଙ୍କ ବ୍ରିଟେନରୁ ଫେରିଥିଲେ। ଅପରପକ୍ଷରେ ତୃତୀୟ ବୟସ୍କ ସଂକ୍ରମିତ ଜଣଙ୍କ ନୂଆଦିଲ୍ଲୀରୁ ଭୁବନେଶ୍ୱର ଫେରିଥିବା ଜଣାପଡିଥିଲା। ଚତୁର୍ଥ ସଂକ୍ରମିତ ଜଣଙ୍କର ବିଦେଶ ଗସ୍ତ ରେକର୍ଡ ଥିବାରୁ ତାଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିବିଶେଷଙ୍କୁ ଠାବ କରାଯାଉଛି।

# ଧର୍ମସଭାରେ ଯୋଗଦେଇଥିବା ୧୦ ମୃତ

## ନିଜାମୁଦ୍ଦିନ କରୋନା ହଟ୍‌ସ୍ପଟ

- ୨୪ କରୋନା ସଂକ୍ରମିତ
- ୩୩୫ ହସ୍ପିଟାଲରେ ଭର୍ତ୍ତି
- ମୌଲାନାଙ୍କ ବିରୋଧରେ ଏତଲା
- ଯୋଗଦେଇଥିଲେ ୨୧୬ ବିଦେଶୀ



ଧର୍ମସଭାରେ ଯୋଗଦେଇଥିବା ବ୍ୟକ୍ତିମାନେ।

ନୂଆଦିଲ୍ଲୀ,୩୧।୩(ପି.ଟି.)

ଦିଲ୍ଲୀର ନିଜାମୁଦ୍ଦିନ ୱେଷ୍ଟରେ ଥିବା ତବଲିଘି ଜମାତ୍ ମୁଖ୍ୟାଳୟ କରୋନା ସଂକ୍ରମଣର ହଟ୍‌ସ୍ପଟ ପାଲଟିଥିବାବେଳେ ସ୍ୱାସ୍ଥ୍ୟସେବା କର୍ତ୍ତୃପକ୍ଷଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଲକ୍‌ଡାଉନ ଘୋଷଣା ହେବା ପୂର୍ବରୁ ସେଠାରେ ଅନୁଷ୍ଠିତ ଧର୍ମସଭାରେ ଦେଶବିଦେଶରୁ ୨୦୦୦ରୁ ଊର୍ଦ୍ଧ୍ୱ ଲୋକ ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରୁ ୧୦ ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ତେଲଙ୍ଗାନାର ୬ ଜଣ ଥିବାବେଳେ ତାମିଲନାଡୁ, କର୍ଣ୍ଣାଟକ ଓ ଜମ୍ମୁ-କଶ୍ମୀରରୁ ଜଣେ ଲେଖାଏ ପ୍ରାଣ ହରାଇଛନ୍ତି। ଅନ୍ୟ ଜଣେ ମୃତକ ଫିଲିପାଇନ୍ସର ବୋଲି ଜଣାପଡ଼ିଛି। ଧର୍ମସଭାରୁ ଫେରିଥିବା ଏହି ଲୋକମାନଙ୍କଠାରେ କରୋନା ଭୂତାଣୁ ସଂକ୍ରମଣ ହୋଇଥିବା ପରୀକ୍ଷାରୁ ଜଣାପଡ଼ିଛି।

୨୪ ଜଣଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ସଂକ୍ରମଣ ସନ୍ଦେହରେ ୩୩୫ରୁ ଊର୍ଦ୍ଧ୍ୱ ଲୋକଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୋମବାର ଦିଲ୍ଲୀରେ ୨୫ଟି ନୂଆ କରୋନା ରୋଗୀ ଚିହ୍ନଟ ହୋଇଥିବାବେଳେ ସେଥିରୁ ନିଜାମୁଦ୍ଦିନର ୧୮ ଜଣ ରହିଛନ୍ତି। ଏହାକୁ ମିଶାଇ ଦିଲ୍ଲୀରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୯୭ ହୋଇଛି। ୧୦୩୩ ଜଣଙ୍କୁ ବିଭିନ୍ନ ଅଞ୍ଚଳକୁ ସ୍ଥାନାନ୍ତର ପୃଷ୍ଠା-୪

## ଓଡ଼ିଶାରୁ ୧୫ ଯୋଗଦେଇଥିବା ଚର୍ଚ୍ଚା

**୩ ଫେରନ୍ତା କ୍ୱାରାଣ୍ଟାଇନ୍‌ରେ ଥିବା ସୂଚନା**

ଭୁବନେଶ୍ୱର,୩୧।୩(ବ୍ୟୁରୋ)

ନୂଆଦିଲ୍ଲୀର ନିଜାମୁଦ୍ଦିନ୍‌ଠାରେ ହୋଇଥିବା ମୁସଲମାନ୍‌ଙ୍କ ଧର୍ମସଭାରେ ଓଡ଼ିଶାରୁ ୧୫ଜଣ ଯୋଗଦେଇଥିବା ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ଚାଲିଛି। ତେବେ ପ୍ରକୃତପକ୍ଷେ ଓଡ଼ିଶାରୁ କେତେଜଣ ଯାଇଥିଲେ ତାହା ସରକାରଙ୍କ ପକ୍ଷରୁ କିଛି କୁହାଯାଇନାହିଁ। ଏନେଇ ରାଜ୍ୟ ସରକାରଙ୍କ କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ କହିଛନ୍ତି, ନିଜାମୁଦ୍ଦିନରୁ ଓଡ଼ିଶା ଫେରିଥିବା ବ୍ୟକ୍ତିବିଶେଷଙ୍କ ସମ୍ପର୍କରେ ସରକାର ଅବଗତ ଅଛନ୍ତି। ବର୍ତ୍ତମାନ ସୁଦ୍ଧା ୩ ଜଣଙ୍କୁ ଚିହ୍ନଟ କରାଯାଇ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ସେମାନଙ୍କ ସଂସ୍ପର୍ଶରେ ଆସିଥିବା ପରିବାର ଲୋକ ଓ ଅନ୍ୟମାନଙ୍କୁ ମଧ୍ୟ ପର୍ଯ୍ୟବେକ୍ଷଣରେ ରଖାଯାଇଛି। ପୃଷ୍ଠା-୪

**ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବିଧାୟକ, ଅଧିକାରୀଙ୍କୁ ମିଳିବନି ପୂର୍ଣ୍ଣାଙ୍ଗ ଦରମା**

୫

**ଆଜିର ସମ୍ପାଦକୀୟ**

ବାମନ ଅର୍ଥନୀତି

**ଆଜିର ମନ୍ତବ୍ୟ**

"କରୋନା ଭାଇରସ୍‌ର ମୁକାବିଲା ପାଇଁ ପଞ୍ଜାବ, ରାଜସ୍ଥାନ ଓ ଛତିଶଗଡ଼ ସରକାରଙ୍କ ପକ୍ଷରୁ ନିଆଯାଉଥିବା ପଦକ୍ଷେପ ପ୍ରଶଂସନୀୟ।

-ପ୍ରିୟଙ୍କା ଗାନ୍ଧୀ ଭଦ୍ରା, କଂଗ୍ରେସ ସାଧାରଣ ସମ୍ପାଦକ


Vencobb FRESH CHICKEN — Taste the difference!

31.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 42 | 83 | 93 |
| CTC | 40 | 80 | 90 |
| DKL | 42 | 83 | 93 |
| BDK | 37 | 76 | 86 |
| BLS | 37 | 76 | 86 |
| ANG | 42 | 83 | 93 |
| BMP | 41 | 81 | 91 |

*Conditions Apply

Issued in the Interest of Consumers


# ପାଳନ ହେବନି ଓଡ଼ିଶା ଦିବସ



## କୋଭିଡ୍-୧୯ ପ୍ରଭାବ

- ଓଡ଼ିଶା ଇତିହାସର ୪୫ ବର୍ଷରେ ପ୍ରଥମ ଘଟଣା
- ବରପୁତ୍ରଙ୍କ ଗଳାରେ ପଡ଼ିବନି ଫୁଲମାଳ
- ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଲା ସୂଚନା ଓ ଲୋକସମ୍ପର୍କ ବିଭାଗ
- ସରକାରୀସ୍ତରରେ ଉତ୍ସବ ପାଳନ ଆରମ୍ଭ କରିଥିଲେ ନନ୍ଦିନୀ ଶତପଥୀ

ଭୁବନେଶ୍ୱର,୩୧।୩(ବ୍ୟୁରୋ)

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିଥିବା ବରପୁତ୍ରମାନଙ୍କ ଗଳାରେ ପଡିବନି ଫୁଲମାଳ କି ସେମାନଙ୍କ ଅବଦାନ ମନେପକାଇ ରାଜ୍ୟ କିମ୍ବା ଜିଲାସ୍ତରରେ ଉତ୍ସବ ପାଳନ ହେବ ନାହିଁ। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଏ ନେଇ ସମସ୍ତ ଜିଲାପାଳଙ୍କୁ ଚିଠି ଲେଖାଯାଇଛି। ଦୀର୍ଘ ୪୫ ବର୍ଷ ଧରି ସରକାରୀସ୍ତରରେ ପାଳନ ହୋଇ ଆସୁଥିବା ଏହି ରାଜ୍ୟସ୍ତରୀୟ ଉତ୍ସବରେ ରୋକ ଲାଗିଛି। କରୋନା ଭୂତାଣୁ (କୋଭିଡ୍-୧୯)ର ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ଏହି ମହାମାରୀକୁ ରୋକିବା ଲାଗି କେନ୍ଦ୍ର ସରକାର ସମଗ୍ର ଦେଶକୁ ଲକ୍‌ଡାଉନ ଘୋଷଣା କରିଛନ୍ତି। ସଭା ସମିତି, ସାମାଜିକ କାର୍ଯ୍ୟକ୍ରମ ଉପରେ ସମ୍ପୂର୍ଣ୍ଣ କଟକଣା ଜାରି କରାଯାଇଛି। ଏହି ପରିପ୍ରେକ୍ଷୀରେ ବୁଧବାର ପାଳନ ହେବାକୁ ଥିବା ଉତ୍କଳ ଦିବସକୁ ବାତିଲ କରାଯାଇଛି। ଓଡିଶା ଇତିହାସରେ ଏହା ହେଉଛି ପ୍ରଥମ ଘଟଣା। କୋଭିଡ-୧୯ ପାଇଁ ସାମାଜିକ ଦୂରତା ରକ୍ଷା କରିବା ଲାଗି ନିୟମ କରାଯାଇଥିବାରୁ ଉତ୍ସବାନୁଷ୍ଠାନ ପାଳନ କରାଯାଇନାହିଁ। କୌଣସି ଜନସମାଗମ ନ ହେବା ଲାଗି କୁହାଯାଇଛି। ଏହାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ଉତ୍କଳ ଦିବସ ପାଳନ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି ବୋଲି ସୂଚନା ଓ ଲୋକସମ୍ପର୍କ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

୧୯୩୬ ଏପ୍ରିଲ ପହିଲାରେ ଓଡ଼ିଶା ଏକ ସ୍ୱତନ୍ତ୍ର ଭାଷାଭିତ୍ତିକ ପ୍ରଦେଶର ମାନ୍ୟତା ଲାଭ କରିଥିଲା। ବିହାରଠାରୁ ଅଲଗା ହୋଇ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ଏହି ଐତିହାସିକ ଦିବସକୁ ମନେ ରଖିବା ଲାଗି ରାଜ୍ୟ ସରକାର ପ୍ରତିବର୍ଷ ରାଜ୍ୟ ଓ ଜିଲାସ୍ତରରେ ଏପ୍ରିଲ ୧ ତାରିଖକୁ ଉତ୍କଳ ଦିବସ ପୃଷ୍ଠା-୪

# ଦାଦନଙ୍କ ଗଣପଳାୟନକୁ ରୋକ

## କେନ୍ଦ୍ରକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ



- ୨୪ ଘଣ୍ଟାରେ ପୋର୍ଟାଲ ସ୍ଥାପନ କର
- ଭୂତାଣୁଠାରୁ ବେଶି ବିପଦ ମହାମାରୀ ଆତଙ୍କ
- ପ୍ରତି ୧୦ ଜଣଙ୍କ ମଧ୍ୟରୁ ୩ ସଂକ୍ରମିତ ଆଶଙ୍କା: କେନ୍ଦ୍ର

ନୂଆଦିଲ୍ଲୀ,୩୧।୩

କୋଭିଡ୍-୧୯ ଲକ୍‌ଡାଉନ ଯୋଗୁ ଲକ୍ଷାଧିକ ଦାଦନ ଶ୍ରମିକ ଜୀବିକା ହରାଇ ନାନା ଦୁର୍ଦ୍ଦଶା ଭୋଗିଛନ୍ତି। ଲକ୍ଷ ଲକ୍ଷ ଶ୍ରମିକ ଦିଲ୍ଲୀ ଛାଡ଼ିବା ପାଇଁ ବାହାରିଥିବାବେଳେ ଏହା ଗୁରୁତର ସଙ୍କଟ ସୃଷ୍ଟି କରିଛି। କେବଳ ଦିଲ୍ଲୀ ନୁହେଁ ବିଭିନ୍ନ ରାଜ୍ୟରେ ମଧ୍ୟ ଦାଦନ ଶ୍ରମିକମାନେ ଚାଲି ଚାଲି ଘରକୁ ଫେରୁଥିବା ଦେଖାଯାଇଛି। ତୁରନ୍ତ ଦାଦନଙ୍କ ଗଣପଳାୟନକୁ ରୋକିବା ପାଇଁ ମଙ୍ଗଳବାର ସୁପ୍ରିମକୋର୍ଟ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଏ ସମ୍ପର୍କିତ ଏକାଧିକ ପିଟିଶନର ଶୁଣାଣି କରି ସୁପ୍ରିମକୋର୍ଟ ଦାଦନ ଶ୍ରମିକଙ୍କ ସ୍ଥିତି ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ଦାଦନ ଶ୍ରମିକମାନଙ୍କୁ ରୋକିବା ଦିଗରେ କ'ଣ ପଦକ୍ଷେପ ନିଆଯାଇଛି ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ ସୋମବାର ପୃଷ୍ଠା-୪





ପବିତ୍ର ଓଡ଼ିଶା ଦିବସ - ୨୦୨୦ ଅବସରରେ ମୁଁ ରାଜ୍ୟବାସୀଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି । ଓଡ଼ିଶାକୁ ଏକ ସମୃଦ୍ଧ ଓ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ଆଜିର ଦିବସରେ ସମସ୍ତେ ସଂକଳ୍ପବଦ୍ଧ ହେବାକୁ ମୁଁ ଆହ୍ୱାନ ଜଣାଉଛି ।

ଓଡ଼ିଶା ଦିବସ ହେଉ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କରୁଣାରୁ କରୋନା ଉପରେ ବିଜୟ ଦିବସ । ଆସନ୍ତୁ, କରୋନା ବିରୋଧରେ ଓଡ଼ିଶାର ଲଢ଼େଇରେ ସାମିଲ ହେବା ।

(ଗଣେଶୀ ଲାଲ)

OIPR-15001/13/0164/1920




ଓଡ଼ିଶା ଦିବସ ଅବସରରେ ଆପଣମାନଙ୍କୁ ସମସ୍ତଙ୍କୁ ମୋର ଶୁଭେଚ୍ଛା ଜଣାଉଛି । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ସ୍ୱପ୍ନକୁ ସାକାର କରିଥିବା ମହାପୁରୁଷମାନଙ୍କ ପ୍ରତି ଏହି ଅବସରରେ ମୋର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଗୌରବ ବୃଦ୍ଧି କରିଥିବା ଆମର ବରପୁତ୍ରମାନଙ୍କ ପ୍ରତି ମଧ୍ୟ ମୋର ସମ୍ମାନ ଜଣାଉଛି ।

ଓଡ଼ିଶା ବିକାଶର ବିଭିନ୍ନ କ୍ଷେତ୍ରରେ ନୂଆ ପରିଚୟ ସୃଷ୍ଟି କରିଛି । ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ମଧ୍ୟ ଓଡ଼ିଶା ଆପଣମାନଙ୍କ ସହଯୋଗରେ ଆଗରେ ରହିଛି ।

ମୋର ବିଶ୍ୱାସ ଆପଣମାନଙ୍କ ସହଯୋଗରେ କରୋନା ବିରୁଦ୍ଧରେ ଚାଲିଥିବା ଏହି ସଂଗ୍ରାମରେ ଆମେ ନିଶ୍ଚୟ ବିଜୟୀ ହେବା ।

ବନ୍ଦେ ଉତ୍କଳ ଜନନୀ

(ନବୀନ ପଟ୍ଟନାୟକ)

OIPR-15001/13/0164/1920




ପବିତ୍ର ଓଡ଼ିଶା ଦିବସ ଅବସରରେ ମୁଁ ସମସ୍ତ ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ।

ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ମହାମନୀଷୀମାନଙ୍କୁ ମୁଁ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛି । ତତ୍ ସହିତ ଆମ ରାଜ୍ୟର ବିକାଶର ଧାରାରେ ସାମିଲ ହୋଇ ଓଡ଼ିଶାକୁ ଦେଶର ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ମୁଁ ସମସ୍ତଙ୍କର ସକ୍ରିୟ ସହଯୋଗ କାମନା କରୁଛି ।

ସମ୍ପ୍ରତି ବିଶ୍ୱ ସହିତ ଆମ ଦେଶ ଓ ରାଜ୍ୟ କୋଭିଡ୍-୧୯ ଭୂତାଣୁ ସଂକ୍ରମଣଜନିତ କଠିନ ପରିସ୍ଥିତି ଦେଇ ଗତି କରୁଛି । ଏଭଳି ଅସାଧାରଣ ସଙ୍କଟଜନକ ପରିସ୍ଥିତିରେ ମୁଁ ସମସ୍ତଙ୍କୁ ଧୈର୍ଯ୍ୟ, ସାହସ ଓ ଦୃଢ଼ତାର ସହ ଏହାର ମୁକାବିଲା କରିବା ପାଇଁ ଅନୁରୋଧ କରୁଛି ।

(ରଘୁନନ୍ଦନ ଦାସ)

ଜଳସଂପଦ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ

OIPR-15001/13/0164/1920

ଧରିତ୍ରୀ
DHARITRI
ବୁଧବାର, ୧ ଏପ୍ରିଲ, ୨୦୨୦

**କୋଟିଏ ଟଙ୍କା ଦାନ କଲେ ନାନା ପାଟେକର**

ବଲିଉଡ୍‌ର ଭେଟେରାନ ଆକ୍ଟର ନାନା ପାଟେକର ତାଙ୍କ ଏନ୍‌ଜିଓ ନାମ୍ ଫାଉଣ୍ଡେଶନ ଜରିଆରେ ସହାୟତା ଯୋଗାଇ ଦେବେ ବୋଲି ଏକ ଭିଡିଓ ଜାରି କରି କହିଛନ୍ତି। ତେବେ ପ୍ରଧାନମନ୍ତ୍ରୀ କେୟାର ଫଣ୍ଡ ଓ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡକୁ ନାନା ୫୦-୫୦ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିବେ ବୋଲି କହିଛନ୍ତି।






ଥାଇଲାଣ୍ଡର ବ୍ୟାଙ୍କକ୍‌ରେ ବୌଦ୍ଧ ଭିକ୍ଷୁମାନେ କରୋନା ଭାଇରସ୍‌ରୁ ମୁକ୍ତି ପାଇବା ପାଇଁ ସେଫ୍ଟି ମାସ୍କ ପିନ୍ଧିଛନ୍ତି।



ନୂଆଦିଲ୍ଲୀସ୍ଥିତ ରାମକୃଷ୍ଣ ମିଶନ ପକ୍ଷରୁ ବଣ୍ଟନ କରାଯାଇଥିବା ଖାଦ୍ୟ ନେଇ ପିଲାଟି ଯାଉଛି।




ମୁମ୍ବାଇସ୍ଥିତ ଲୋକମାନ୍ୟ ତିଳକ ଟର୍ମିନସ୍ ନିକଟ ଫ୍ଲାଇଓଭର ତଳେ ଜଣେ ଦାଦନ ଶ୍ରମିକ ଏକ ରିକ୍ସାରେ ଶୋଇଛନ୍ତି।

# ଭାରତରେ ୪୧ କରୋନା ମୃତ୍ୟୁ

**ନୂଆଦିଲ୍ଲୀ,୩୧।୩**

ବିଶ୍ୱବ୍ୟାପୀ କରୋନା ଭାଇରସ୍ ଭୟଙ୍କର ପରିସ୍ଥିତି ସୃଷ୍ଟି କରିଥିବା ବେଳେ ଭାରତରେ ମଧ୍ୟ ଧୀରେ ଧୀରେ କାୟାବିସ୍ତାର କରିବାରେ ସଫଳ ହେଲାଣି। ମଙ୍ଗଳବାର ଦେଶରେ କରୋନା ମୃତ୍ୟୁସଂଖ୍ୟା ୪୧ରେ ପହଞ୍ଚି ଥିବାବେଳେ ସଂକ୍ରମିତଙ୍କ ସଂଖ୍ୟା ୧,୪୨୯କୁ ବୃଦ୍ଧି ପାଇଛି।

ସରକାରଙ୍କ ବିଭିନ୍ନ ପଦକ୍ଷେପ ସତ୍ତ୍ୱେ ଏହି ଭୂତାଣୁ ବୋଲ ମାନୁନି। ମିଳିଥିବା ସୂଚନା ଅନୁଯାୟୀ ଅଦ୍ୟାବଧି ମହାରାଷ୍ଟ୍ରରେ ୧୦ ଜଣ ପ୍ରାଣ

- ସଂକ୍ରମିତଙ୍କ ସଂଖ୍ୟା ୧,୪୨୯କୁ ବୃଦ୍ଧି
- ଝାଡ଼ଖଣ୍ଡରେ ପ୍ରଥମ ରୋଗୀ ଚିହ୍ନଟ
- କେରଳ, ମହାରାଷ୍ଟ୍ର ସବୁଠୁ ଆଗରେ

ହରାଇଥିବା ବେଳେ ଗୁଜରାଟରେ ୬, ପଞ୍ଜାବରେ ୪, ମଧ୍ୟପ୍ରଦେଶରେ ୪, କର୍ଣାଟକରେ ୩, ପଶ୍ଚିମବଙ୍ଗରେ ୩, ଦିଲ୍ଲୀରେ ୨, କେରଳରେ ୨, ତେଲଙ୍ଗାନାରେ ୨,ଜମ୍ମୁ-କଶ୍ମୀରରେ ୨,ତାମିଲନାଡୁ, ବିହାର, ହିମାଚଳ ପ୍ରଦେଶରେ ଜଣେ ଲେଖାଏ ବ୍ୟକ୍ତି ପ୍ରାଣ ହରାଇଛନ୍ତି। ଝାଡ଼ଖଣ୍ଡରେ ମଙ୍ଗଳବାର ପ୍ରଥମ ଥର ଲାଗି ଜଣେ କରୋନା ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଗତ ୨୪ ଘଣ୍ଟା ମଧ୍ୟରେ ଭାରତରେ କରୋନା ଭୂତାଣୁ ୨ ମୁଣ୍ଡ ନେଇଥିବା ବେଳେ ୩୦ ଜଣଙ୍କୁ ସଂକ୍ରମିତ କରିଥିବା ଜଣାପଡ଼ିଛି। ସର୍ବାଧିକ କରୋନା ସଂକ୍ରମିତ କେରଳରେ ଅଛନ୍ତି। ଏଠାରେ ୨୩୪ ସଂକ୍ରମିତ ହୋଇଥିବା ବେଳେ ମହାରାଷ୍ଟ୍ରରେ ୨୩୦, ଦିଲ୍ଲୀରେ ୯୮, କର୍ନାଟକରେ ୯୮, ଉତ୍ତରପ୍ରଦେଶରେ ୧୦୧, ତେଲଙ୍ଗାନାରେ ୭୭, ଗୁଜରାଟରେ ୭୩, ତାମିଲନାଡୁରେ ୭୪, ରାଜସ୍ଥାନରେ ୯୩, ଜମ୍ମୁ-କଶ୍ମୀରରେ ୫୫, ମଧ୍ୟପ୍ରଦେଶରେ ୬୬କୁ ବୃଦ୍ଧିପାଇଛି। ଆଣ୍ଡାମାନ ନିକୋବର ଦ୍ୱୀପରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦କୁ ବୃଦ୍ଧିପାଇଛି।

ସରକାରଙ୍କ ନିର୍ଦ୍ଦେଶକୁ ବେଖାତିର କରି ଅନେକ ଲୋକ କରୋନା ଜାଲରେ ଫସୁଥିବା ଜଣାପଡ଼ିଛି। ଦିଲ୍ଲୀର ନିଜାମୁଦ୍ଦିନରେ ଅନୁଷ୍ଠିତ ଏକ ଧାର୍ମିକ କାର୍ଯ୍ୟକ୍ରମରେ ଯୋଗଦେଇଥିବା ତେଲଙ୍ଗାନାର ୬ ବ୍ୟକ୍ତି କରୋନା ସଂକ୍ରମଣରେ ସୋମବାର ପ୍ରାଣ ହରାଇଥିଲେ। ଏଥିଲାଗି ହସ୍ପିଟାଲରେ ୨୦୦ ଲୋକଙ୍କୁ ଆଇସୋଲେଶନରେ ରଖାଯାଇଛି। ଏଣିକି ପ୍ରଶାସନର ବିନାନୁମତିରେ କେହି କୌଣସି ଧାର୍ମିକ ସଭା ସମିତି କିମ୍ବା ପ୍ରାର୍ଥନା କାର୍ଯ୍ୟରେ ଯୋଗ ଦେଇପାରିବେ ନାହିଁ ବୋଲି ତେଲଙ୍ଗାନା ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି।




## ଫେକ୍ ନ୍ୟୁଜ୍ ବଡ଼ ପ୍ରତିବନ୍ଧକ: କେନ୍ଦ୍ର

**ନୂଆଦିଲ୍ଲୀ,୩୧।୩(ପି.ଟି.):** କରୋନା ସଂକ୍ରମଣ ରୋକିବା ପାଇଁ ଦେଶରେ ଚିକିତ୍ସା ସାମଗ୍ରୀ, ବେଡ୍ କିମ୍ବା ଯାଞ୍ଚ ସୁବିଧାର ଅଭାବ ନାହିଁ। କୋଭିଡ୍-୧୯ର ମୁକାବିଲା କ୍ଷେତ୍ରରେ ସବୁଠୁ ବଡ଼ ପ୍ରତିବନ୍ଧକ ସାଜିଛି ଫେକ୍ ନ୍ୟୁଜ୍। ମିଥ୍ୟା ଖବର ପ୍ରକାଶନ ଓ ପ୍ରସାରଣ ଯୋଗୁ ଜନସାଧାରଣଙ୍କ ମନରେ ଆତଙ୍କ ସୃଷ୍ଟି ହୋଇ ଦ୍ୱନ୍ଦ୍ୱ ବଢ଼ୁଛି। ତେଣୁ କରୋନା ସମ୍ପର୍କିତ ସରକାରୀ ସୂଚନା ଆଧାରରେ ଖବର ପ୍ରକାଶନ ନେଇ ଗାଇଡ୍‌ଲାଇନ୍ ଜାରି କରିବାକୁ କେନ୍ଦ୍ର ସରକାର ସୁପ୍ରିମକୋର୍ଟଙ୍କୁ ଅନୁରୋଧ କରିଛନ୍ତି। ବୃହତ୍ ସ୍ୱାର୍ଥ ଦୃଷ୍ଟିରୁ ନିର୍ଦ୍ଦେଶନାମା ଜାରି କରାଯାଇ ମିଛ ଖବରକୁ ରୋକାଯାଉ ବୋଲି କେନ୍ଦ୍ର ପକ୍ଷରୁ ଦାଖଲ ସତ୍ୟପାଠରେ ଉଲ୍ଲେଖ କରାଯାଇଛି। ଇଲେକ୍ଟ୍ରୋନିକ୍, ପ୍ରିଣ୍ଟ ମିଡିଆ, ୱେବ୍ ପୋର୍ଟାଲ, ସୋସିଆଲ ମିଡିଆ କ୍ଷେତ୍ରର ଏହାକୁ ଲାଗୁ କରିବା ପାଇଁ ଏଥିରେ ଅନୁରୋଧ କରାଯାଇଛି। ସିଜେଆଇ ଏସ୍.ଏ. ବୋବ୍‌ଡେ ଏବଂ ଜଷ୍ଟିସ୍ ଏଲ୍. ନାଗେଶ୍ୱରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରି କହିଛନ୍ତି, ଗଣମାଧ୍ୟମ ଉପରେ କଟକଣା ନାହିଁ। ତେବେ ସମସ୍ତ ମିଡିଆ ସତ ଖବର ପ୍ରକାଶ କରିବେ ବୋଲି ଆଶା।

## ୨୧ ହଜାର ଶିବିରରେ ୬.୬୬ ଲକ୍ଷ ଦାଦନ ଶ୍ରମିକ

**ନୂଆଦିଲ୍ଲୀ,୩୧।୩( ଆଇଏଏନ୍‌ଏସ୍)**

ଦେଶରେ କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ଏହି ଭୂତାଣୁର ଭୟ ଦାଦନ ଶ୍ରମିକମାନଙ୍କ ଦୁର୍ଦ୍ଦଶାକୁ ବହୁଗୁଣିତ କରିଛି। ଫଳରେ ସେମାନେ ଜୀବିକା ହରାଇ ଗଣପଳାୟନ କରିବା ପାଇଁ ବାଧ ହେଉଛନ୍ତି। ଏଥିଲାଗି ସାରା ଦେଶରେ ୨୧,୦୬୪ ରିଲିଫ୍ କ୍ୟାମ୍ପ ସ୍ଥାପନ କରାଯାଇଛି। ଉକ୍ତ ଶିବିରଗୁଡ଼ିକରେ ୬.୬୬ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରମିକଙ୍କୁ ରଖାଯାଇଛି ବୋଲି ମଙ୍ଗଳବାର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

ମନ୍ତ୍ରଣାଳୟର ସୂଚନାନୁସାରେ ୨୩ ଲକ୍ଷରୁ ଊର୍ଦ୍ଧ୍ୱ ଅତିରିକ୍ତ ଗରିବ ତଥା ଅଭାବୀ ଲୋକଙ୍କୁ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଖାଦ୍ୟ ଦିଆଯାଉଛି। ଲକ୍‌ଡାଉନ୍ ସମୟରେ ସେମାନଙ୍କ ପାଖରେ କିପରି ସମସ୍ତ ସୁବିଧା ପହଞ୍ଚିପାରିବ ସେନେଇ ମନ୍ତ୍ରଣାଳୟ ଲଗାତର ଅନୁଧ୍ୟାନ କରୁଛି। ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକରେ ମୋଟ ୨୧,୦୬୪ ମାଇଗ୍ରାଣ୍ଟ ରିଲିଫ୍ କ୍ୟାମ୍ପ ପ୍ରତିଷ୍ଠା କରାଯାଇଥିବାବେଳେ ସେଠାରେ ୬,୬୬,୨୯୧ ଜଣଙ୍କ ଆଶ୍ରୟ ନେଇଛନ୍ତି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଯୁଗ୍ମ ସଚିବ ପୁଣ୍ୟ ସଲିଳ ଶ୍ରୀବାସ୍ତବ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।



ମଧ୍ୟପ୍ରଦେଶର ଜବଲପୁରରେ ଲକ୍‌ଡାଉନ୍ ବେଳେ ବିରାଡ଼ି ଟିଏ ମୂର୍ତ୍ତି ଉପରକୁ ଚଢ଼ିଛି।

## ପିଏମ୍ କେୟାର୍ସ ପାଣ୍ଠିକୁ ଦାନ କରିବାକୁ ବୃହତ୍ କମ୍ପାନୀଙ୍କୁ ଆହ୍ୱାନ

**ନୂଆଦିଲ୍ଲୀ,୩୧।୩(ପି.ଟି.):** କରୋନା ମହାମାରୀର ମୁକାବିଲା ପାଇଁ ଅଧିକ ପାଣ୍ଠିର ଆବଶ୍ୟକ ପଡୁଛି। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଠନ କରିଥିବା ପିଏମ୍-କେୟାର୍ସ ପାଣ୍ଠିକୁ ବୃହତ୍ କମ୍ପାନୀଗୁଡ଼ିକ ଦାନ କରିବାକୁ ସରକାର ଅପିଲ୍ କରିଛନ୍ତି। ଏହି ପାଣ୍ଠିକୁ ଦିଆଯାଉଥିବା ଦାନ ଟିକସମୁକ୍ତ ରହିବ ବୋଲି କର୍ପୋରେଟ ବ୍ୟାପାର ସଚିବ ଇଞ୍ଜେଟି ଶ୍ରୀନିବାସ କହିଛନ୍ତି। ବଜାର ପୁଞ୍ଜି ଆଧାରରେ ଦାନ କରିବା ଲାଗି ଶ୍ରୀନିବାସ ୧୦୦୦ ବୃହତ କମ୍ପାନୀର ମୁଖ୍ୟମାନଙ୍କୁ ଅନୁରୋଧ କରିଛନ୍ତି। ଏହି ପାଣ୍ଠିକୁ ଦାନ କରାଯାଉଥିବା ଅର୍ଥକୁ ସିଏସ୍ଆର୍ ବ୍ୟୟ ଭାବେ ବିବେଚନା କରାଯିବ ବୋଲି କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ ପୂର୍ବରୁ ସ୍ପଷ୍ଟ କରିଦିଆଯାଇଥିଲା। କୋଭିଡ୍-୧୯ ପରୀକ୍ଷା, ଆଇସୋଲେଶନ ୱାର୍ଡ ପ୍ରତିଷ୍ଠା, ବ୍ୟକ୍ତିଗତ ସୁରକ୍ଷା ଉପକରଣ ଓ ଭେଣ୍ଟିଲେଟର କିଣାରେ ଏହି ପାଣ୍ଠିକୁ ବିନିଯୋଗ କରାଯିବ। ମାର୍ଚ୍ଚ ୩୧ ପୂର୍ବରୁ ଯେଉଁସବୁ କମ୍ପାନୀ ଦାନ କରିଛନ୍ତି ଓ ଏପ୍ରିଲ ୧ ତାରିଖ ପରେ ଯେଉଁମାନେ ପୁରୁଣା ଟିକସ ଢାଞ୍ଚାରେ ରହି ଦାନ କରିବେ ସେମାନଙ୍କୁ ଟିକସ ଛାଡ଼ ସୁବିଧା ମିଳିବ।

## ମ୍ୟାଲେରିଆ ଔଷଧ ଖାଇ ଡାକ୍ତରଙ୍କ ମୃତ୍ୟୁ

**ଗୁଆହାଟୀ,୩୧।୩:** ଆସାମ ଗୁଆହାଟୀର ଏକ ଘରୋଇ ହସ୍ପିଟାଲର ଜଣେ ଡାକ୍ତର ନିଜ ଶରୀରରେ କରୋନା ପ୍ରତିଷେଧକ ଶକ୍ତି ବଢ଼ାଇବା ପାଇଁ ମ୍ୟାଲେରିଆ ଔଷଧ ହାଇଡ୍ରୋକ୍ସିକ୍ଲୋରୋକୁଇନ୍ ଖାଇଥିଲେ। ତାଙ୍କର ହୃଦ୍‌ଘାତରେ ପରଲୋକ ହୋଇଛି। ସୂଚନାଯୋଗ୍ୟ, କରୋନା ଚିକିତ୍ସା ଲାଗି ହାଇଡ୍ରୋକ୍ସିକ୍ଲୋରୋକୁଇନ୍‌କୁ ବ୍ୟବହାର କରାଯାଉଛି। ଉତ୍ପଳଜିତ ବର୍ମନ ନାମକ ଏହି ବ୍ୟକ୍ତି ଜଣେ ବରିଷ୍ଠ ଆନାସ୍ଥେସିଆ ଡାକ୍ତର। ସେ କାହାର ପରାମର୍ଶ ନ ନେଇ ମ୍ୟାଲେରିଆ ଔଷଧ ଖାଇଦେଇଥିଲେ।

## ରେଳଡବାରେ ହେବ ୩.୨ ଲକ୍ଷ ଆଇସୋଲେଶନ ବେଡ୍



**ନୂଆଦିଲ୍ଲୀ,୩୧।୩**

କରୋନା ରୋଗୀମାନଙ୍କୁ ଆଇସୋଲେଶନରେ ରଖିବା ଲାଗି ରେଲୱେ ପକ୍ଷରୁ ୨୦ ହଜାର କୋଚ୍‌କୁ ଆଇସୋଲେଶନ ୱାର୍ଡରେ ପରିଣତ କରାଯାଉଛି। ଏହାଦ୍ୱାରା ୩.୨ ଲକ୍ଷ ବେଡ୍ ଯୋଗାଇ ଦିଆଯାଇପାରିବ। ୧୬ଟି ଜୋନ୍ ମଧ୍ୟରୁ ସିକନ୍ଦରାବାଦରେ ଥିବା ଦକ୍ଷିଣ କେନ୍ଦ୍ରୀୟ ରେଲୱେ ମୁଖ୍ୟାଳୟ ସର୍ବାଧିକ ୪୮୬ଟି କୋଚ୍‌କୁ ଆଇସୋଲେଶନ ୱାର୍ଡରେ ପରିବର୍ତ୍ତନ କରିବା ଲାଗି ମଞ୍ଜୁରୀ ପ୍ରଦାନ କରିଛି। ସେହିପରି ମୁମ୍ବାଇସ୍ଥିତ କେନ୍ଦ୍ରୀୟ ରେଲୱେ ମୁଖ୍ୟାଳୟ ୪୮୨ କୋଚ୍ ଯୋଗାଇଦେଇଛି। ପ୍ରଥମ ପର୍ଯ୍ୟାୟରେ ୫୦୦୦ କୋଚକୁ ଆଇସୋଲେଶନ ୱାର୍ଡରେ ପରିବର୍ତ୍ତନ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଏଥିରେ ୮୦ ହଜାର ବେଡ୍ ହୋଇପାରିବ। କେବଳ ଅଣବାତାନୁକୂଳିତ ଆଇସିଏଫ୍ ସ୍ଲିପର କୋଚ୍‌ଗୁଡ଼ିକୁ କ୍ୱାରାଣ୍ଟାଇନ ବା ଆଇସୋଲେଶନ ୱାର୍ଡରେ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନିଆଯାଇଛି।

## କଳା ତାଲିକାଭୁକ୍ତ ହେବେ ୩୦୦ ବିଦେଶୀ

**ନୂଆଦିଲ୍ଲୀ,୩୧।୩(ପି.ଟି.)**

**ଭିଜା ସର୍ତ୍ତ ଉଲ୍ଲଂଘନ**

ମାଲେସିଆ, ଥାଇଲାଣ୍ଡ ସମେତ ୧୬ଟି ଦେଶରୁ ପର୍ଯ୍ୟଟନ ଭିଜାରେ ଆସି ନିଜାମୁଦ୍ଦିନ ଧର୍ମସଭାରେ ଯୋଗଦେଇଥିବା ପାଖାପାଖି ୩୦୦ ବିଦେଶୀଙ୍କୁ କଳାତାଲିକାଭୁକ୍ତ କରିପାରେ ଭାରତ। ଏମାନେ ଦେଶରେ କରୋନା ଭୂତାଣୁ ସଂକ୍ରମଣର ମୁଖ୍ୟ ବାହକ ସାଜିଛନ୍ତି। ମାର୍ଚ୍ଚ ୧୩ରୁ ୧୫ ମଧ୍ୟରେ ଦିଲ୍ଲୀର ନିଜାମୁଦ୍ଦିନ ମର୍କାଜରେ ଅନୁଷ୍ଠିତ ତାବଲିଘ-ଇ-ଜମାତ୍‌ରେ ଯୋଗଦେଇଥିବା ଲୋକଙ୍କ ମଧ୍ୟରେ ୨୮୧ ବିଦେଶୀ ଥିଲେ। ନେପାଳରୁ ଏହି ଧର୍ମସଭାକୁ ୧୯ ଜଣ ଆସିଥିବାବେଳେ ମାଲେସିଆରୁ ୨୦, ମ୍ୟାନମାରରୁ ୩୩, ଆଫଗାନିସ୍ତାନରୁ ଜଣେ, ଆଲଜେରିଆରୁ ଜଣେ, ଜିବୌଟିରୁ ଜଣେ, କିର୍ଗିଜସ୍ତାନରୁ ୨୮, ଇଣ୍ଡୋନେସିଆରୁ ୭୨, ଥାଇଲାଣ୍ଡରୁ ୭, ଶ୍ରୀଲଙ୍କାରୁ ୩୪, ବାଂଲାଦେଶରୁ ୧୯, ଇଂଲଣ୍ଡରୁ ୩ ଜଣ, ସିଙ୍ଗାପୁରରୁ ଜଣେ, ଫିଜିରୁ ୪, ଫ୍ରାନ୍ସରୁ ଜଣେ ଓ କୁଏତ୍‌ରୁ ଜଣେ ଥିଲେ।

## ଦାଦନଙ୍କୁ ନେଇ ରାଞ୍ଚି ଛାଡ଼ିଲା ୮ ବସ୍

**ରାଞ୍ଚି,୩୧।୩**

**ଲକ୍‌ଡାଉନର ଉଲ୍ଲଂଘନ**

କୋଭିଡ୍-୧୯ ଭୂତାଣୁ ଗୋଷ୍ଠୀ ସଂକ୍ରମଣ ହେବା ଆଶଙ୍କାରେ ଲକ୍‌ଡାଉନକୁ କଡ଼ାକଡ଼ି କରାଯାଇଥିବାବେଳେ ଝାଡ଼ଖଣ୍ଡରେ ଏହାର ଖୋଲା ଉଲ୍ଲଂଘନ ହୋଇଛି। ରାଞ୍ଚିରୁ ୮ଟି ବସ୍ ଦାଦନଙ୍କୁ ନେଇ ରାଞ୍ଚି ଛାଡ଼ିବାକୁ ଜିଲାପାଳ ଅନୁମତି ଦେଇଥିଲେ। ଏହି ଦାଦନମାନେ ଦେଶର ବିଭିନ୍ନ ଅଞ୍ଚଳରୁ ଆସିଥିଲେ। କାହାକୁ ଯାଞ୍ଚ କିମ୍ବା ସଂକ୍ରମଣ ପରୀକ୍ଷା କରା ନ ଯାଇ ବସ୍‌ରେ ଭର୍ତ୍ତି କରିନିଆଯାଇଥିଲା। ଦାଦନଙ୍କୁ ସେମାନଙ୍କୁ ଘରକୁ ଫେରିବା ଲାଗି ଅନୁମତି ଦେବାକୁ ହେମନ୍ତ ସୋରେନ୍ ସରକାରର ଜଣେ ମନ୍ତ୍ରୀ ରାଞ୍ଚି ଜିଲାପାଳଙ୍କୁ କହିଥିଲେ ବୋଲି ଜଣାପଡିଛି।

# କୋଭିଡ୍-୧୯ରୁ ମୁକ୍ତି ମିଳିବାକୁ ବର୍ଷେ ଲାଗିବ

**ବେଙ୍ଗାଲୁରୁ,୩୧।୩ (ଆଇଏଏନ୍‌ଏସ୍)**

ମହାମାରୀ କରୋନାରୁ ମୁକ୍ତି ମିଳିବା ପାଇଁ ୬ ମାସରୁ ବର୍ଷେ ଲାଗିଯିବ ବୋଲି ୮୪% ଭାରତୀୟ ମନେକରନ୍ତି। ଏକ ନୂଆ ସର୍ବେକ୍ଷଣରୁ ଏହି ବିଷୟ ଜଣାପଡ଼ିଛି।

କୋଭିଡ୍-୧୯ ସମ୍ପର୍କରେ ସଚେତନ ଥିବା ୯୪% ଉତ୍ତରଦାତାଙ୍କ ମଧ୍ୟରୁ ୭୫% ଏହି ରୋଗକୁ ନେଇ ଅତ୍ୟନ୍ତ ଚିନ୍ତିତ। ସେହିପରି ୫୨% ଏହି ଭୂତାଣୁ ସଂକ୍ରମଣ ସମ୍ପର୍କରେ ସଚେତନ ବୋଲି ଗବେଷଣା ଓ ବିଶ୍ଳେଷଣ ସଂସ୍ଥା ଭେଲୋସିଟି ଏମ୍ଆର୍ ପକ୍ଷରୁ କରାଯାଇଥିବା ସର୍ଭେରୁ ଜଣାପଡ଼ିଛି। ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ, ହାଇଦ୍ରାବାଦ, ପୁଣେ, ଲକ୍ଷ୍ନୌ, ଅହମଦାବାଦ ଓ ଜୟପୁର ସମେତ ଅନ୍ୟ କେତେକ ସହରର ୨,୧୦୦ ଲୋକଙ୍କୁ ନେଇ ଏହି ସର୍ଭେ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୭୦% ଉତ୍ତରଦାତା ମନେକରନ୍ତି ଯେ, ବୟସ୍କ ଓ ପୂର୍ବରୁ ରୋଗଗ୍ରସ୍ତ ଲୋକ କରୋନା ଭାଇରସ୍ ଦ୍ୱାରା ସଂକ୍ରମିତ ହେବା ଆଶଙ୍କା ଅଧିକ।



ରାଜସ୍ଥାନର ଜୟପୁର ମ୍ୟୁନିସିପାଲ କର୍ପୋରେଶନ (ଜେଏମ୍‌ସି) କର୍ମଚାରୀମାନେ ହାୱା ମହଲକୁ ଭୂତାଣୁମୁକ୍ତ କରିବା ଲାଗି କେମିକାଲ ସ୍ପ୍ରେ କରୁଛନ୍ତି।

**୮୪% ଭାରତୀୟ ମନେକରନ୍ତି**

ତେବେ ଉପଯୁକ୍ତ ସ୍ୱଚ୍ଛତା ଓ ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ଜରିଆରେ ଏହାର ମୁକାବିଲା କରାଯାଇ ପାରିବ ବୋଲି ୬୩% ଲୋକଙ୍କ ବିଶ୍ୱାସ ରହିଛି। କରେନା ସଂକ୍ରମଣରୁ ମୁକ୍ତି ପାଇଁ ସତର୍କ ହୋଇ ୮୧% ଲୋକ ସେମାନଙ୍କ ହାତ ବାରମ୍ବାର ଧୋଉଛନ୍ତି। ପୂର୍ବରୁ ଏହା ୭୮% ଥିଲା ବୋଲି ଭେଲୋସିଟି ଏମ୍ଆର୍ ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଜସାଲ ଶାହ କହିଛନ୍ତି।

## ହେଲ୍‌ମେଟ, ରେନ୍‌କୋଟ ବ୍ୟବହାର କରୁଛନ୍ତି ଡାକ୍ତର

**ନୂଆଦିଲ୍ଲୀ,୩୧।୩**

ଭାରତରେ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ଯଥେଷ୍ଟ ସୁରକ୍ଷା ଉପକରଣ ଯୋଗାଇ ଦିଆଯାଇ ପାରୁ ନ ଥିବାରୁ କେତେକ ହସ୍ପିଟାଲରେ ଡାକ୍ତର ରେନ୍‌କୋଟ୍ ଓ ହେଲମେଟ୍ ପିନ୍ଧିବାକୁ ବାଧ ହେଉଛନ୍ତି। କୋଲକାତାରେ କରୋନା ରୋଗୀଙ୍କୁ ଚିକିତ୍ସା କରାଯାଉଥିବା ଏକ ବଡ଼ ହସ୍ପିଟାଲର ଜଣେ ଡାକ୍ତର ଚିରା ରେନ୍‌କୋଟ୍ ପିନ୍ଧିଥିବା ଦେଖାଯାଇଛି। ସୁରକ୍ଷା ଉପକରଣ ପ୍ରସ୍ତୁତି ଲାଗି କେନ୍ଦ୍ର ସରକାର ବିଭିନ୍ନ କମ୍ପାନୀକୁ ଦାୟିତ୍ୱ ଦେଇଥିବାବେଳେ ଦକ୍ଷିଣ କୋରିଆ ଓ ଚାଇନାରୁ ମଧ୍ୟ ମଗାଇଛନ୍ତି।

# ଏସ୍‌ସିବିରେ କରୋନା ଟେଷ୍ଟ

**ପ୍ରଥମ ଦିନରେ ୩ ନମୁନା ଯାଞ୍ଚ**

କଟକ ଅଫିସ, ୩୧।୩

କରୋନା ଆକ୍ରାନ୍ତ ଚିହ୍ନଟ ପ୍ରକ୍ରିୟାକୁ ବ୍ୟାପକ କରିବା ନିମନ୍ତେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଆଇସିଏମ୍‌ଆର୍ (ଇଣ୍ଡିଆନ କାଉନ୍‌ସିଲ୍ ଫର୍ ମେଡିକାଲ ରିସର୍ଚ୍ଚ) ସହଭାଗିତାରେ ଏସ୍‌ସିବି ମେଡିକାଲ କଲେଜରେ ମଙ୍ଗଳବାରଠାରୁ କରୋନା ଟେଷ୍ଟ ଆରମ୍ଭ କରାଯାଇଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ନବକିଶୋର ଦାସ କହିଛନ୍ତି। ପ୍ରଥମ ଦିନରେ ଏଠାରେ ୩ ଜଣଙ୍କ ସ୍ୱାବ୍ ଓ ରକ୍ତ ନମୁନା ସଂଗ୍ରହ କରାଯାଇ ଯାଞ୍ଚ କରାଯାଇଛି। ଏହି ପ୍ରାରମ୍ଭିକ ଯାଞ୍ଚ ପ୍ରକ୍ରିୟାକୁ ନୋଡାଲ ଅଫିସର ଡାକ୍ତର ଏମ୍.ଆର୍. ପଟ୍ଟନାୟକ ଏବଂ ଅଣୁଜୀବ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡାକ୍ତର ନିରୁପମା ଚୟନୀ ପ୍ରତ୍ୟକ୍ଷ ଭାବେ ଅନୁଧ୍ୟାନ କରିଥିଲେ। ବର୍ତ୍ତମାନ ଏହି ନୂଆ ଟେଷ୍ଟ କେନ୍ଦ୍ର ନିମନ୍ତେ ପର୍ଯ୍ୟାପ୍ତ ସଂଖ୍ୟାରେ କିଟ୍ ଦିଆଯାଇଥିବାରୁ ଆଗାମୀ ଦିନରେ ଆବଶ୍ୟକ ସଂଖ୍ୟକ ଟେଷ୍ଟ କରାଯାଇପାରିବ ବୋଲି ଡାକ୍ତର ଚୟନୀ କହିଛନ୍ତି। ଏବେ ଏଠାରେ ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ରୋଗୀ ସେବା ସହ ଗବେଷଣାକୁ ବିଶେଷ ପ୍ରାଧାନ୍ୟ ଦିଆଯିବ। ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଥମେ ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର (ଆର୍‌ଏମ୍‌ଆର୍‌ସି)ରେ କରୋନା ଟେଷ୍ଟ ପାଇଁ ଅନୁମତି ଦିଆଯାଇଥିଲା। ପରେ ଏମ୍ସ ଭୁବନେଶ୍ୱର ଏବଂ କଟକ ଏସ୍‌ସିବିକୁ ଅନୁମତି ଦିଆଯାଇଛି। ଏହାବ୍ୟତୀତ ଏମ୍‌କେସିଜି ବ୍ରହ୍ମପୁର, ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜ ବୁର୍ଲା ଏବଂ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ଜିଲା ଚିକିତ୍ସାଳୟରେ ଏହି ଟେଷ୍ଟ କରାଇବା ପାଇଁ ଆଇସିଏମ୍‌ଆର୍ ନିକଟରେ ସରକାରଙ୍କ ତରଫରୁ ପ୍ରସ୍ତାବ ରଖାଯାଇଛି।




# ମାନ୍ଦାବସ୍ଥା ମୁହାଁ ବିଶ୍ୱ ଅର୍ଥନୀତି

**ବର୍ତ୍ତିପାରନ୍ତି ଭାରତ, ଚାଇନା**

ଜାତିସଂଘ,୩୧।୩(ପି.ଟି.)

କରୋନା ମହାମାରୀ ପ୍ରଭାବରେ ଚଳିତ ବର୍ଷ ବିଶ୍ୱ ଅର୍ଥନୀତି ମାନ୍ଦାବସ୍ଥା ମଧ୍ୟକୁ ଗତି କରିବ ବୋଲି ପୂର୍ବାନୁମାନ କରାଯାଇଛି। ଭୂତାଣୁ ସଂକ୍ରମଣ ଯୋଗୁ ବିଶ୍ୱ ଅର୍ଥନୀତିରେ ବହୁ ଟ୍ରିଲିୟନ ଡଲାର କ୍ଷତି ହେବ। ବିଶେଷକରି ବିକାଶଶୀଳ ରାଷ୍ଟ୍ରଗୁଡ଼ିକ ଏଥିରେ ସର୍ବାଧିକ କ୍ଷତିଗ୍ରସ୍ତ ହେବେ। ତେବେ ଭାରତ ଓ ଚାଇନା ଏହି ମାନ୍ଦାବସ୍ଥାରୁ ମୁକୁଳିଯାଇ ପାରନ୍ତି ବୋଲି ଜାତିସଂଘ ବାଣିଜ୍ୟ ରିପୋର୍ଟରେ ଆଶାବ୍ୟକ୍ତ କରାଯାଇଛି।

ରିପୋର୍ଟ ଅନୁଯାୟୀ ବିଶ୍ୱ ଜନସଂଖ୍ୟାର ଦୁଇତୃତୀୟାଂଶ ବିକାଶଶୀଳ ରାଷ୍ଟ୍ରଗୁଡ଼ିକରେ ବସବାସ କରୁଛନ୍ତି।



ତେବେ କୋଭିଡ୍-୧୯ ସଂକ୍ରମଣ ଅର୍ଥନୀତିରେ ଅଭୂତପୂର୍ବ କ୍ଷତି ଆଣିଛି। ଏହି ରାଷ୍ଟ୍ରଗୁଡ଼ିକ ପାଇଁ ୨.୫ ଟ୍ରିଲିୟନ ଡଲାର ସହାୟତା ଯୋଗାଇଦେବାକୁ ଜାତିସଂଘ ଆହ୍ୱାନ ଦେଇଛି। 'ଦି କୋଭିଡ୍-୧୯ ଶକ୍ ଟୁ ଡେଭେଲପିଙ୍ଗ କଣ୍ଟ୍ରିଜ୍' ନାମରେ ଜାତିସଂଘ ବାଣିଜ୍ୟ ଓ ବିକାଶ ସମ୍ମିଳନୀ (ୟୁଏନ୍‌ସିଟିଏଡି) ପକ୍ଷରୁ ପ୍ରକାଶିତ ଏହି ଗବେଷଣାତ୍ମକ ରିପୋର୍ଟ ଅନୁଯାୟୀ ବିକଶିତ ରାଷ୍ଟ୍ରଗୁଡ଼ିକରେ ଆଗାମୀ ଦୁଇବର୍ଷରେ ବିଦେଶୀ ପୁଞ୍ଜିନିବେଶ ୨ରୁ ୩ ଟ୍ରିଲିୟନ ଡଲାର ହ୍ରାସ ପାଇବ। ମାନ୍ଦାବସ୍ଥା ପ୍ରଭାବରୁ ଭାରତ ଓ ଚାଇନା ବର୍ତ୍ତିଯାଇପାରନ୍ତି ବୋଲି କୁହାଯାଇଛି। ତେବେ ଉକ୍ତ ରିପୋର୍ଟରେ ଏହାର କାରଣ ସମ୍ପର୍କରେ କୌଣସି ସୂଚନା ଦିଆଯାଇନାହିଁ।

# ବିପଦରେ ୩୦୦ ପେଟ୍ ଶପ୍‌ରେ ଥିବା ଜୀବଜନ୍ତୁ

**ଲକ୍‌ଡାଉନ୍ ଦୁଃଖ**

ଭୁବନେଶ୍ୱର,୩୧।୩(ବ୍ୟୁରୋ)

କରୋନା କଟକଣାରେ ସମସ୍ତ ଜୀବଜଗତ ପ୍ରଭାବିତ। ଏଭଳିସ୍ଥିତିରେ ଜନସାଧାରଣଙ୍କୁ ଅତ୍ୟାବଶ୍ୟକ ସୁବିଧା ସୁଯୋଗ ଯୋଗାଇ ଦିଆଯିବାକୁ ସମସ୍ତ ପ୍ରକାର ଚେଷ୍ଟା କରାଯାଉଛି। ତେବେ ବୁଲା ଜୀବଜନ୍ତୁ, ଗୃହପାଳିତ ପଶୁ ଏବଂ ପୋଷା ଜୀବଜନ୍ତୁଙ୍କ ସୁରକ୍ଷା ମଧ୍ୟ ଆବଶ୍ୟକ ହୋଇପଡ଼ିଛି। ସରକାର ଇତିମଧ୍ୟରେ ଜୀବଜନ୍ତୁଙ୍କୁ ଖାଦ୍ୟ ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ୫୪ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଅପରପକ୍ଷରେ ବିଭିନ୍ନ ସାମାଜିକ କର୍ମୀ ବୁଲା ଗୋରୁ ଏବଂ କୁକୁରଙ୍କ ପାଇଁ ମଧ୍ୟ ଖାଦ୍ୟ ଯୋଗେଇବା କାର୍ଯ୍ୟ ମଧ୍ୟ ଆରମ୍ଭ କରିଦେଲେଣି। କିନ୍ତୁ ପେଟ୍ ଶପ୍‌ଗୁଡ଼ିକରେ ଥିବା ପୋଷା ଜୀବ କିମ୍ବା ବିକ୍ରି ଉଦ୍ଦେଶ୍ୟରେ ଥିବା ପଶୁପକ୍ଷୀଙ୍କ କଥା କାହାର ମନେ ପଡୁନି। ଓଡ଼ିଶାରେ ପ୍ରାୟ ୩୦୦ ପେଟ୍ ଶପ ଥିବାବେଳେ ଭୁବନେଶ୍ୱର ଓ କଟକରେ ୧୧୦ଟି ପେଟ୍ ଶପ୍ ରହିଛି। ଲକ୍‌ଡାଉନ୍ ଯୋଗୁ ଏସବୁ ବନ୍ଦ ରହିଛି। ସେମାନେ ଖାଦ୍ୟ ପାନୀୟ କିପରି ପାଇବେ, ତାହା ବଡ଼ ସମସ୍ୟା ହୋଇଯାଇଛି। ତେଣୁ ପେଟ୍ ଶପ୍‌ରେ ଥିବା ଜୀବଜନ୍ତୁଙ୍କ ଜୀବନ ପ୍ରତି ବିପଦ ପଡ଼ିଯାଇଛି। କାରଣ ପେଟ୍ ଦୋକାନୀ ଯଦି ଖାଇବା ଏବଂ ପାଣି ଦେବା ପାଇଁ ନ ଯାଇପାରିଲେ ତେବେ ସେମାନେ ନିଶ୍ଚୟ ମରିଯିବେ। ତେଣୁ ଏହି ପେଟ୍ ଶପ୍‌ରେ ଥିବା ଜୀବଜନ୍ତୁଙ୍କ ନିମନ୍ତେ ଆନିମଲ ୱେଲଫେୟାର ବୋର୍ଡ ଅଫ୍ ଇଣ୍ଡିଆ ତରଫରୁ ସବୁ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ସଚିବଙ୍କୁ ଏକ ପତ୍ର ଲେଖାଯାଇଛି। ଏହି ପତ୍ରରେ ଉଲ୍ଲେଖ ରହିଛି ଯେ, ରାଜ୍ୟ ଜୀବେ ନିଷ୍ଠୁରତା ନିରାକରଣ ସମିତି(ଏସ୍‌ପିସିଏ) ମାଧ୍ୟମରେ ସମସ୍ତ ପେଟ୍ ଶପ୍‌କୁ ରାଜ୍ୟ ଜୀବଜନ୍ତୁ କଲ୍ୟାଣ ବୋର୍ଡ ଦ୍ୱାରା ତୁରନ୍ତ ଖାଲି କରେଇବା ପାଇଁ ଅନୁରୋଧ କରାଯାଇଛି। ରାଜ୍ୟରେ ଥିବା ଏସ୍‌ପିସିଏର ମୁଖ୍ୟ ଭାବରେ ଜିଲାପାଳମାନେ ରହିଥାନ୍ତି ଏବଂ ଯେଉଁଠି ଏସ୍‌ପିସିଏ ନଥିବ ସେହି ସ୍ଥାନରେ ଜିଲା ପ୍ରଶାସନ ଅନ୍ୟ ବ୍ୟବସ୍ଥା କରି ପେଟ୍ ଶପ୍‌ରୁ ପଶୁପକ୍ଷୀଙ୍କୁ ଉଦ୍ଧାର କରିବା ପାଇଁ ଅନୁରୋଧ କରାଯାଇଛି। ଏହି ଚିଠିକୁ ଅତି ଜରୁରୀ ବୋଲି ମାନିବାକୁ ମଧ୍ୟ ଅନୁରୋଧ କରାଯାଇଛି। ତେବେ ଗତ ୨୪ତାରିଖରେ ଏହି ଚିଠି ଆସିଥିବାବେଳେ ଏପର୍ଯ୍ୟନ୍ତ ସରକାର ବୋଧହୁଏ କୌଣସି ପଦକ୍ଷେପ ନେଇନାହାନ୍ତି। ଅନ୍ୟପଟେ ସକାଳ ଓ ସନ୍ଧ୍ୟାରେ ୨ବେଳା ନିର୍ଦ୍ଦିଷ୍ଟ ସମୟରେ ପେଟ୍ ସପ୍ ଖୋଲିବା ପାଇଁ ଅନୁମତି ଦେବାକୁ ଅନ୍ୟ ଏକ ଚିଠିରେ ଆନିମଲ ୱେଲଫେୟାର ବୋର୍ଡ ଅଫ୍ ଇଣ୍ଡିଆ ଅନୁରୋଧ କରିଛି।



ଏନେଇ ଭୁବନେଶ୍ୱରସ୍ଥିତ ୱାଇଲ୍ଡ ଉଡ୍‌ସ ଏକଜୋଟିକ ପେଟ୍ ଶପ୍‌ର ବିଶ୍ୱରଞ୍ଜନ ଭଦ୍ର କୁହନ୍ତି, ଆମ ଦୋକାନରେ ଥିବା ପର୍ସିଆନ କ୍ୟାଟ୍, କୁକୁର ଏବଂ କିଛି ବିଦେଶୀ ପକ୍ଷୀଙ୍କୁ ଆମେ ଘରକୁ ନେଇ ଆସିଛୁ। କିନ୍ତୁ ଆକ୍ୱାରିୟମ ଥିବା ମାଛମାନଙ୍କ ପାଇଁ ମୁଁ ଦିନକୁ ୨ ଥର ଖାଦ୍ୟ ଦେବା ପାଇଁ ମାତ୍ର ୧୦ମିନିଟ୍ ପାଇଁ ଯାଉଛି। ଆମ ଘର ପାଖ ହୋଇଥିବାରୁ ମୁଁ ସରକାରୀ କଟକଣା ମାନି ଚାଲି ଚାଲି ଯାଉଛି। କିନ୍ତୁ ଯେଉଁମାନଙ୍କର ଘରଠାରୁ ଦୋକାନ ଦୂର ସେମାନେ ହଇରାଣ ହେଉଛନ୍ତି। ଯଦି କମିଶନରେଟ ପୋଲିସ ପେଟ୍ ଦୋକାନୀଙ୍କ ପାଇଁ ଦିନକୁ ୨ବେଳା ପାଇଁ ମାତ୍ର ଅଧଘଣ୍ଟା ଲେଖାଏ ପାସ୍ ବ୍ୟବସ୍ଥା କରନ୍ତା ତା'ହେଲେ ଆଉ ସମସ୍ୟା ରୁହନ୍ତା ନାହିଁ। ଅନ୍ୟପଟେ ଓଡ଼ିଶାରେ ଏକ୍‌ଜୋଟିକ ଜୀବଜନ୍ତୁମାନଙ୍କୁ ନେଇ ଏହିଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ଜିଲା ପ୍ରଶାସନ ରଖେଇବା କଷ୍ଟକର ବୋଲି ପଶୁପ୍ରେମୀ କହୁଛନ୍ତି। ସବୁଠାରୁ ବଡ଼କଥା ହେଲା ଏହି ପଶୁପକ୍ଷୀମାନେ କେଉଁ ପ୍ରକାରର ଖାଦ୍ୟ କେଉଁ ସମୟରେ ଖାଇବେ ତାହା ଜଣେ ସାଧାରଣ ଲୋକ ପାଳନ କରିବା ଅସମ୍ଭବ। ତେଣୁ ପୋଲିସ ପେଟ୍ ଦୋକାନୀଙ୍କୁ ସେମାନଙ୍କ ପଶୁପକ୍ଷୀଙ୍କୁ ନିଜ ଘରକୁ ନେବା ପାଇଁ ଗୋଟିଏ ଦିନ ଅନୁମତି ଦେବା ଉଚିତ୍। ନଚେତ୍ ସେମାନଙ୍କୁ ଦୋକାନକୁ ଜୀବଜନ୍ତୁଙ୍କୁ ଖାଇବା ଦେବା ନିମନ୍ତେ ଆସିବା ପାଇଁ ପାସ୍ ଦେବା ଉଚିତ୍ ବୋଲି ପଶୁପ୍ରେମୀମାନେ କହିଛନ୍ତି।

ଅନ୍ୟପଟେ ରାଜ୍ୟ ସରକାର ଗତ ୨୮ତାରିଖରେ ଗୋଖାଦ୍ୟ, କୁକୁଡ଼ା ଖାଦ୍ୟ ଓ ମତ୍ସ୍ୟ ଖାଦ୍ୟ ସମେତ ଅନ୍ୟାନ୍ୟ ପଶୁଖାଦ୍ୟକୁ ଅତ୍ୟାବଶ୍ୟକ ସାମଗ୍ରୀରେ ଅନ୍ତର୍ଭୂକ୍ତ କରିଛନ୍ତି। ସେସବୁ ଖୋଲା ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ପେଟ୍ ଶପ୍ ଖୋଲା ରଖିବା ପାଇଁ କୌଣସି ନିୟମ କରିନାହାନ୍ତି। ଏଦିଗରେ ଭବାନୀପାଟଣାର ପେଟ୍ ଦୋକାନୀ ଶୁଭକାନ୍ତ ପଟ୍ଟନାୟକ କୁହନ୍ତି, ଯେହେତୁ ଓଡ଼ିଶା ସରକାର ପେଟ୍ ଫିଡ୍ ଏବଂ ମାଛ ଖାଦ୍ୟ ପାଇଁ ଅନୁମତି ପ୍ରଦାନ କରିଛନ୍ତି, ତେଣୁ ପେଟ୍ ଦୋକାନୀଙ୍କୁ ସକାଳେ ୨ ଘଣ୍ଟା ଏବଂ ସନ୍ଧ୍ୟାରେ ୨ ଘଣ୍ଟା ଖୋଲିବା ପାଇଁ ଅନୁମତି ଦିଆଯାଉ। ଫଳରେ ସେମାନେ ନିଜ ଦୋକାନରେ ଥିବା ପଶୁ, ପକ୍ଷୀ ଓ ମାଛ ମାନଙ୍କର ଯତ୍ନ ନେଇପାରିବେ। ଏଥି ସହିତ ଏହି ସମୟରେ ସାଧାରଣ ଲୋକେ ମଧ୍ୟ ନିଜ ଘରେ ରଖିଥିବା ଜୀବଜନ୍ତୁଙ୍କ ପାଇଁ ମଧ୍ୟ ଖାଦ୍ୟ ଓ ଔଷଧ ନେଇପାରିବେ।

# ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଶ୍ରମିକଙ୍କ ମଜୁରି ୨୦ ଟଙ୍କା ବଢ଼ିଲା

ଭୁବନେଶ୍ୱର, ୩୧।୩(ବ୍ୟୁରୋ)

କେନ୍ଦ୍ର ସରକାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ମଜୁରି ବୃଦ୍ଧି କରିଛନ୍ତି। ପୂର୍ବରୁ ଶ୍ରମିକମାନଙ୍କୁ ମିଳୁଥିବା ମଜୁରିରେ ଆଉ ୨୦ ଟଙ୍କା ବୃଦ୍ଧି କରାଯାଇଛି। ଏ ନେଇ ମଙ୍ଗଳବାର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ପକ୍ଷରୁ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ମୁଖ୍ୟ ଶାସନ ସଚିବଙ୍କୁ ଜଣାଇ ଦିଆଯାଇଛି। ଏହି ବର୍ଦ୍ଧିତ ରାଶି ୨୦୨୦ ଏପ୍ରିଲ ପହିଲାରୁ ଲାଗୁ କରାଯିବ।

ଓଡ଼ିଶାରେ ଏନ୍‌ଜିଏନ୍‌ଆର୍‌ଜିଏସ୍‌ରେ କାର୍ଯ୍ୟରତ ଶ୍ରମିକମାନେ ଦୈନିକ ୧୮୮ ଟଙ୍କା ମଜୁରି ପାଉଥିଲେ। ଏହି ୨୦ ଟଙ୍କା ବୃଦ୍ଧି ହେବା ପରେ ଏପ୍ରିଲ ପହିଲାଠାରୁ ଶ୍ରମିକମାନଙ୍କୁ ଦୈନିକ ମଜୁରି ୨୦୮ ଟଙ୍କା ପ୍ରଦାନ କରାଯିବ। କେନ୍ଦ୍ର ସରକାର ୨୦୧୯-୨୦ ଆର୍ଥିକବର୍ଷ ଲାଗି ବକେୟା ଥିବା ଏମ୍‌ଜିଏନ୍‌ଆର୍‌ଇଜିଏସ୍ ବାବଦ ୪୪୮୧ କୋଟି ଟଙ୍କା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ପାଇଁ ମଞ୍ଜୁର କରିଛନ୍ତି। ୨୦୨୦-୨୧ ଆର୍ଥିକବର୍ଷର ପ୍ରଥମ ପର୍ଯ୍ୟାୟ ଅର୍ଥ ରାଶି ଏପ୍ରିଲ ୧୫ ସୁଦ୍ଧା ପଠାଇ ଦିଆଯିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। କରୋନା ଭୂତାଣୁ ସଂକ୍ରମଣ ଆଶଙ୍କାକୁ ଦେଖି କେନ୍ଦ୍ର ସରକାର ସମଗ୍ର ଦେଶକୁ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଏହି ସମୟରେ ଶ୍ରମିକ ଶ୍ରେଣୀର ଲୋକମାନେ କାମଧନ୍ଦା ହରାଇ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେବେ ଶ୍ରମିକମାନେ କାର୍ଯ୍ୟ କରିବା ସମୟରେ କୋଭିଡ-୧୯ ଗାଇଡ୍ ଲାଇନ ଅନୁଯାୟୀ ସାମାଜିକ ଦୂରତ୍ୱକୁ କଡ଼ାକଡ଼ି ଭାବେ ପାଳନ କରିବା ସକାଶେ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ମଜୁରି ବୃଦ୍ଧି ଯୋଗୁ ଅନୁସୂଚିତ ଜାତି, ଜନଜାତି, ମହିଳା, କ୍ଷୁଦ୍ର ନାମମାତ୍ର ଚାଷୀ ଏବଂ ଗରିବ ଶ୍ରମିକ ଶ୍ରେଣୀର ଲୋକମାନେ ଏହାର ଫାଇଦା ପାଇବେ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

# ରାଜଧାନୀରେ ଆରମ୍ଭ ହେଲା ସାନିଟାଇଜ୍

- ସୋଡିୟମ ହାଇପୋକ୍ଲୋରାଇଟ୍ କେମିକାଲ ମିଶ୍ରଣ ସ୍ପ୍ରେ କରାଯାଉଛି
- ସାମିଲ ଅଛନ୍ତି ଅଗ୍ନିଶମ ବିଭାଗ ଓ ବିଏମ୍‌ସି କର୍ମଚାରୀ

ଭୁବନେଶ୍ୱର,୩୧।୩ (ବ୍ୟୁରୋ)

ରାଜଧାନୀକୁ କରୋନା ଭୂତାଣୁ ସଂକ୍ରମଣରୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ ଜୋର୍‌ଦାର ପ୍ରୟାସ କରାଯାଉଛି। ବିଏମ୍‌ସିର ସହଭାଗିତାରେ ଅଗ୍ନିଶମ୍ ବିଭାଗ ରାଜଧାନୀର ବିଭିନ୍ନ ସ୍ଥାନକୁ ମଙ୍ଗଳବାରଠାରୁ ସାନିଟାଇଜ୍ କରିବା ଆରମ୍ଭ କରିଛି। ଅଗ୍ନିଶମ ବିଭାଗର ୮ ଦମକଳ ଗାଡ଼ିରେ ସୋଡିୟମ ହାଇପୋକ୍ଲୋରାଇଟ୍ କେମିକାଲ ମିଶାଯାଇ ସ୍ପ୍ରେ କରାଯାଉଛି। ଗଠିତ ବିଏମ୍‌ସି ସ୍ୱାସ୍ଥ୍ୟ କମିଟିର ନିର୍ଦ୍ଦେଶରେ ଦୁଇ ବିଭାଗର କର୍ମଚାରୀମାନେ ଏହି କେମିକାଲ କମ୍ପୋଜିଶନରେ ସାନିଟାଇଜ୍ କରୁଛନ୍ତି। ପ୍ରଥମ ପର୍ଯ୍ୟାୟରେ ବାପୁଜୀନଗର, ରାଜମହଲ, ଶିଶୁଭବନ, ସିଆର୍‌ପି ଛକ, ବରମୁଣ୍ଡା, ଗଙ୍ଗନଗର ଓ ଏହାର ଆଖପାଖ ଅଞ୍ଚଳର ରାସ୍ତାକୁ ସାନିଟାଇଜ୍ କରାଯାଇଛି। ପୂର୍ବାହ୍ନରେ ବାପୁଜୀନଗରରେ ଥିବା ମେଡିସିନ ଦୋକାନ ସମ୍ମୁଖକୁ ସାନିଟାଇଜ କରାଯାଇଥିଲା। କାରଣ ମେଡିସିନ୍ ଦୋକାନକୁ ଏକାଧିକ ଲୋକେ ଆସୁଥିବାରୁ କରୋନା ସଂକ୍ରମଣର ଆଶଙ୍କା ରହିଛି। ଏଥିସହ ରାଜମହଲ ଛକରୁ ଶିଶୁଭବନ ଛକ ପର୍ଯ୍ୟନ୍ତ ରାସ୍ତା, ଉଭୟ ପାର୍ଶ୍ୱ ଫୁଟ୍‌ପାଥ, ରହିଥିବା ଗାଡ଼ିକୁ କେମିକାଲ ସ୍ପ୍ରେ କରାଯାଇଥିଲା। ଅପରାହ୍ନରେ ଅଗ୍ନିଶମ ବିଭାଗର ଆଉ ୫ ଗାଡି ସିଆର୍‌ପି ଛକରୁ ବରମୁଣ୍ଡା ବସ୍ ଷ୍ଟାଣ୍ଡ ପର୍ଯ୍ୟନ୍ତ ଉଭୟ ରାସ୍ତାକୁ ସାନିଟାଇଜ୍ କରିଥିଲା। ଏହାପରେ ଫାୟାର ଷ୍ଟେଶନ ଛକରୁ ଗଙ୍ଗନଗର ଛକ ପର୍ଯ୍ୟନ୍ତ ଉଭୟ ରାସ୍ତା ଏବଂ ଫୁଟ୍‌ପାଥ ସାନିଟାଇଜ ହୋଇଥିଲା। ଏହି ସମୟରେ ଅଗ୍ନିଶମ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

ଏନେଇ ଅଗ୍ନିଶମ ବିଭାଗର ଅଧିକାର ରମେଶ ମାଝି କହିଛନ୍ତି, ଏହା କେବଳ ଅଗ୍ନିଶମ ବିଭାଗ ପକ୍ଷରୁ କରାଯାଇନାହିଁ। ବିଏମ୍‌ସିର ସହଯୋଗିତାରେ ଆମେ ଏହାକୁ ରୂପରେଖ ଦେଉଛି। ବିଏମ୍‌ସିର ସ୍ୱାସ୍ଥ୍ୟ ଅଧିକାରୀମାନେ କେମିକାଲ କମ୍ପୋଜିଶନ ଦେବା ପରେ ପାଣିରେ ଏହା ଗୋଳାଯାଇ ସାନିଟାଇଜ୍ କରାଯାଉଛି। ଆଗାମୀ ଦିନରେ ସହରର ବିଭିନ୍ନ ସ୍ଥାନରେ ଏପରି କରାଯିବ। ଏହାଦ୍ୱାରା କରୋନା ଭୂତାଣୁ ମରିଯିବେ ବୋଲି ସେ କହିଛନ୍ତି।



ଭୁବନେଶ୍ୱର ବାପୁଜୀ ନଗର ଅଞ୍ଚଳକୁ ଅଗ୍ନିଶମ କର୍ମଚାରୀମାନେ ମଙ୍ଗଳବାର ଭୂତାଣୁମୁକ୍ତ କରୁଛନ୍ତି।

# ଆମ୍ବୁଲାନ୍ସ ଅପବ୍ୟବହାର କଲେ କାର୍ଯ୍ୟାନୁଷ୍ଠାନ

- ଚାଳକ ଗିରଫ ହେବାସହ ଗାଡ଼ି ବାଜ୍ୟାପ୍ତ କରାଯିବ
- ଉଲ୍ଲଂଘନ: ୨୪ ଘଣ୍ଟାରେ ୨୦୯ ମାମଲା
- ପ୍ରାଣୀ ଚିକିତ୍ସାଳୟ, ପଶୁଖାଦ୍ୟ ଦୋକାନ ଖୋଲା ରହିବ

ଭୁବନେଶ୍ୱର,୩୧।୩(ବ୍ୟୁରୋ)

ଆମ୍ବୁଲାନ୍ସ ମାଲିକ ଓ ଚାଳକଙ୍କୁ ସରକାର କଡ଼ା ଚେତାବନୀ ଦେଇଛନ୍ତି ରାଜ୍ୟ ସରକାର। ଆମ୍ବୁଲାନ୍ସରେ ଯାତ୍ରୀ ପରିବହନ କଲେ ଦୃଢ଼ ପଦକ୍ଷେପ ନିଆଯିବ। ସେହିଭଳି ଆମ୍ବୁଲାନ୍ସରେ ଅସଦ୍ ବ୍ୟବହାର ନେଇ ଅଭିଯୋଗ ଆସିଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆମ୍ବୁଲାନ୍ସ ଗାଡ଼ି ଚାଳକଙ୍କୁ ଗିରଫ କରାଯିବା ସହିତ ଆମ୍ବୁଲାନ୍ସକୁ ସେହି ମୁହୂର୍ତ୍ତରେ ବାଜ୍ୟାପ୍ତ କରାଯିବ ବୋଲି କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ କହିଛନ୍ତି। ସେ କହିଛନ୍ତି ଯେ, ଏବେ କରୋନା ପାଇଁ ଲଢ଼େଇ ଚାଲିଛି। ଏପରି ସମୟରେ ଆମ୍ବୁଲାନ୍ସରେ ଦୁର୍ବ୍ୟବହାର କରାଯାଉଥିବା ସରକାରଙ୍କ ନଜରକୁ ଆସିଛି। ସମସ୍ତେ ଆମ୍ବୁଲାନ୍ସ କର୍ମଚାରୀଙ୍କୁ ସମ୍ମାନ ଦିଅନ୍ତି। କିନ୍ତୁ ଏଭଳି ଏକ ଘଡିସନ୍ଧି ମୁହୂର୍ତ୍ତରେ ସେମାନେ ଫାଇଦା ଉଠାଉଛନ୍ତି। କେତେଜଣ ଆମ୍ବୁଲାନ୍ସ ଚାଳକ ରୋଗୀ ବାହାନାରେ ଯାତ୍ରୀ ପରିବହନ କରୁଥିବା ନଜର ଆସିଛି। ଲୋକଙ୍କର ଭୁଲ୍ ହେଲା, ସେମାନେ ଚାଳକକୁ ମନାଇ ଆମ୍ବୁଲାନ୍ସର ଅପବ୍ୟବହାର କରିଛନ୍ତି। କାର୍ଯ୍ୟାନୁଷ୍ଠାନ ପୂର୍ବରୁ ଆମ୍ବୁଲାନ୍ସ ମାଲିକ ଓ ଚାଳକମାନେ ଏପରି ଅବସ୍ଥାକୁ ନ ଯିବା ପାଇଁ ବାଗ୍‌ଚୀ ପରାମର୍ଶ ଦେଇଛନ୍ତି। ରାଜ୍ୟରେ କୋଭିଡ୍-୧୯ ନିୟମ ଓ ମାର୍ଗଦର୍ଶିକା ଉଲ୍ଲଂଘନ କରିଥିବା ଅଭିଯୋଗରେ ୩୦ ମାର୍ଚ୍ଚରୁ ୩୧ ସକାଳ ପର୍ଯ୍ୟନ୍ତ ୨୪ ଘଣ୍ଟା ମଧ୍ୟରେ ୨୦୯ ମାମଲା ରୁଜୁ କରାଯାଇଛି। ସେଥିରୁ ୧୯୮ ମାମଲା ଲକ୍‌ଡାଉନ୍ ସମ୍ପର୍କିତ ହୋଇଥିବାବେଳେ ୨ଟି ହୋମ୍ କ୍ୱାରାଣ୍ଟାଇନ୍ ଉଲ୍ଲଂଘନ ଓ ୯ଟି କୋଭିଡ୍-୧୯ ସମ୍ପୃକ୍ତ ନିୟମାବଳୀ ଅବମାନନା ପାଇଁ ହୋଇଥିବା ବାଗ୍‌ଚୀ ସୂଚନା ଦେଇଛନ୍ତି। ଅନ୍ୟପଟେ ମଙ୍ଗଳବାର ରାଜ୍ୟ ସରକାର ପ୍ରାଣୀ ଚିକିତ୍ସାକୁ ଜରୁରିକାଳୀନ ସେବା ଓ ପଶୁ ଖାଦ୍ୟକୁ ଅତ୍ୟାବଶ୍ୟକ ସାମଗ୍ରୀରେ ଅନ୍ତର୍ଭୁକ୍ତ କରିଛନ୍ତି। ତେଣୁ ପ୍ରାଣୀ ଚିକିତ୍ସାଳୟ ଓ ପଶୁ ଖାଦ୍ୟ ଦୋକାନ ଖୋଲା ରହିବ ବୋଲି ନିର୍ଦ୍ଦେଶ ଦିଆଯାଇଥିବା ବାଗ୍‌ଚୀ ସୂଚନା ଦେଇଛନ୍ତି।

# ସବୁ ଜିଲାରେ କୋଭିଡ୍-୧୯ ହସ୍ପିଟାଲ

ଭୁବନେଶ୍ୱର,୩୧।୩(ବ୍ୟୁରୋ)/ ଝାରସୁଗୁଡ଼ା ଅଫିସ୍

ରାଜ୍ୟର ସବୁ ଜିଲାରେ କୋଭିଡ୍-୧୯ ହସ୍ପିଟାଲ ସ୍ଥାପନ ହେବ। ଏଥିପାଇଁ ବିଭିନ୍ନ ଘରୋଇ ହସ୍ପିଟାଲ ସହଯୋଗରେ ଯୁଦ୍ଧକାଳୀନ ଭିତ୍ତିରେ ଏହା କରାଯିବ। ଏନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଥିବା ମଙ୍ଗଳବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି। ଝାରସୁଗୁଡ଼ାଠାରେ ୧୫୦ ଶଯ୍ୟା ବିଶିଷ୍ଟ କୋଭିଡ୍ ୧୯ ହସ୍ପିଟାଲ ହେବ। ଏନେଇ ଝାରସୁଗୁଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟରେ ବୈଠକ ବସିଥିଲା। କେୟାର ଓ ବିକାଶ ହସ୍ପିଟାଲ ସହ ଏନେଇ ଆଲୋଚନା ହୋଇ ନିଷ୍ପତ୍ତି ନିଆଯାଇଛି। ସେହିଭଳି ସମ୍ବଲପୁର, ବଲାଙ୍ଗୀର, କଳାହାଣ୍ଡି, ଝାରସୁଗୁଡ଼ା, ସୁନ୍ଦରଗଡ଼ ଜିଲା ସମେତ ରାଜ୍ୟର ଅନ୍ୟ ଜିଲାରେ ମଧ୍ୟ କୋଭିଡ୍ ୧୯ ହସ୍ପିଟାଲ ବ୍ୟବସ୍ଥା କରାଯିବ। ଏହାକୁ ଏକ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ତଦାରଖ କରିବେ। ଅନ୍ୟପକ୍ଷରେ ଆବଶ୍ୟକ ପରିମାଣର ପିପିଇ, ମାସ୍କ ସମେତ ଅନ୍ୟାନ୍ୟ ଜରୁରୀ ସାମଗ୍ରୀ ଶୀଘ୍ର ଯୋଗାଇ ଦେବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ପାଖରେ ଦାବି କରାଯାଇଛି ବୋଲି ମନ୍ତ୍ରୀ ଦାସ କହିଛନ୍ତି।

## ବଡ଼ଦାଣ୍ଡକୁ ବାଇକ୍ ମନା

ପୁରୀ ଅଫିସ,୨୬।୩: କରୋନା ମୁକାବିଲା ପାଇଁ ସମଗ୍ର ଦେଶ ଏବେ ଲକ୍‌ଡାଉନ। ୨୧ଦିନ ପର୍ଯ୍ୟନ୍ତ ଜନସାଧାରଣଙ୍କୁ ଘରେ ରହିବାକୁ ପରାମର୍ଶ ଦିଆଯାଇଛି। ପୁରୀ ଜିଲା ପ୍ରଶାସନ ପକ୍ଷରୁ ମଧ ଏଦିଗରେ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରିଛି। ଲକ୍‌ଡାଉନକୁ ଆହୁରି କଡ଼ାକଡ଼ି କରିବା ପାଇଁ ମଙ୍ଗଳବାରଠାରୁ ବଡ଼ଦାଣ୍ଡକୁ ବାଇକ୍ ପ୍ରବେଶ ଉପରେ କଟକଣା ଲଗାଯାଇଛି। କେହି ବଡ଼ଦାଣ୍ଡକୁ ବାଇକ୍ ଆଣିପାରିବେ ନାହିଁ। ଯଦି କେହି ଏହାକୁ ଉଲ୍ଲଂଘନ କରନ୍ତି ତାଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କହିଛି। ପରିବା ପାଇଁ ଆସୁଥିବା ବ୍ୟକ୍ତି ଚାଲିକି ଆସିବା ଲାଗି ପରାମର୍ଶ ଦେଇଛି ପୋଲିସ। ସେହିପରି ସହରର ପ୍ରତିଟି ନାକାରେ ପୋଲିସ ସୁରକ୍ଷା ବଢ଼ାଇ ଦିଆଯାଇଛି। ସକାଳ ୬ରୁ ରାତି ୧୨ଟା ଯାଏ ଘନ ଘନ ପାଟ୍ରୋଲିଂ କରାଯାଉଛି।

### ଜନ୍ମଦିନର ଶୁଭେଚ୍ଛା

ନାମ: ..............................
ବୟସ:..............................
ଜନ୍ମ ତାରିଖ: ..............................


ବିଶ୍ୱଜିତ୍
ପରିବାରବର୍ଗ


ଉପାସନା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ମେ' ଶେଷ ସପ୍ତାହରେ ଜେଇଇ ମେନ୍

**ଭୁବନେଶ୍ୱର,୩୧।୩(ବ୍ୟୁରୋ)**

ଆସନ୍ତା ଏପ୍ରିଲ ୫,୭ ଓ ୧୧ରେ ହେବାକୁ ଥିବା ଯୁଗ୍ମ ପ୍ରବେଶିକା ପରୀକ୍ଷା(ଜେଇଇ) ମେନ୍‌କୁ ଘୁଞ୍ଚାଇ ଦିଆଯାଇଛି। ଆସନ୍ତା ମେ' ଶେଷ ସପ୍ତାହରେ ଜେଇଇ ମେନ୍ ଅନୁଷ୍ଠିତ ହେବ। ଆଗାମୀ କିଛି ସପ୍ତାହ ମଧ୍ୟରେ ସ୍ଥିତିର ଆକଳନ କରି ପରୀକ୍ଷାର ନିର୍ଦ୍ଦିଷ୍ଟ ତାରିଖ ଘୋଷଣା କରାଯିବ। ଏନେଇ ମଙ୍ଗଳବାର ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି(ଏନ୍‌ଟିଏ) ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ଏପ୍ରିଲ ୧୫ପରେ ପରିସ୍ଥିତି ଉପରେ ଦୃଷ୍ଟି ରଖାଯାଇ ପରୀକ୍ଷା ପାଇଁ ପିଲାଙ୍କୁ ଆଡ୍‌ମିଟ୍ କାର୍ଡ ଯୋଗାଇ ଦିଆଯିବ। ଛାତ୍ରୀଛାତ୍ରଙ୍କୁ ସଦ୍ୟତମ ଘଟଣାକ୍ରମେ ବିଷୟରେ ସୂଚନା ଦିଆଯିବ ତଥା ସେମାନଙ୍କୁ ଯଥେଷ୍ଟ ପୂର୍ବରୁ ଯେକୌଣସି ପରିବର୍ତ୍ତନ ଏବଂ ପରୀକ୍ଷାର ନିର୍ଦ୍ଦିଷ୍ଟ ତାରିଖ ସମ୍ପର୍କରେ ସୂଚିତ କରାଯିବ ବୋଲି ଏନ୍‌ଟିଏ ପକ୍ଷରୁ କୁହାଯାଇଛି। ପରୀକ୍ଷାର୍ଥୀମାନେ jeemain.nta.nic.in ଓ www.nta.ac.in ୱେବ୍‌ସାଇଟ୍‌ରେ ବର୍ତ୍ତମାନର ସୂଚନା ପାଇପାରିବେ। ପରୀକ୍ଷାର୍ଥୀମାନେ ୮୨୮୭୪୭୧୮୫୨, ୮୧୭୮୩୫୯୮୪୫, ୯୬୫୦୧୭୩୬୬୮, ୯୫୯୯୬୭୬୯୫୩, ୮୮୮୨୩୫୮୦୩ ନମ୍ବରେ ଯୋଗାଯୋଗ କରି ଯେକୌଣସି ସୂଚନା ପାଇପାରିବେ ବୋଲି ଏନ୍‌ଟିଏ ପକ୍ଷରୁ କୁହାଯାଇଛି।

# ୮ କୋର୍ ସେକ୍ଟର ଅଭିବୃଦ୍ଧି ୫.୫%

**ନୂଆଦିଲ୍ଲୀ,୩୧।୩**

ଦେଶର ୮ କୋର ସେକ୍ଟର ଅଭିବୃଦ୍ଧି ଚଳିତ ବର୍ଷ ଫେବୃୟାରୀ ମାସରେ ୫.୫% ରହିଛି। ଏହା ୧୧ ମାସର ସର୍ବୋଚ୍ଚ ସ୍ତର ବୋଲି ଜଣାପଡିଛି। କୋଇଲା, ରିଫାଇନେରି, ଇଲେକ୍ଟ୍ରିସିଟି ଭଳି କ୍ଷେତ୍ରରେ ଫରଫରମାନ୍ସ ଉନ୍ନତ ରହିଥିବାରୁ ଏଭଳି ସ୍ଥିତି ସାମ୍ନାକୁ ଆସିଛି ବୋଲି ସରକାର ମଙ୍ଗଳବାର କହିଛନ୍ତି। ୮ କୋର୍ ସେକ୍ଟର ମଧ୍ୟରେ କୋଇଲା, ଅଶୋଧିତ ତୈଳ, ପ୍ରାକୃତିକ ବାଷ୍ପ, ରିଫାଇନେରି ଉତ୍ପାଦ, ସାର, ଇସ୍ପାତ,ସିମେଣ୍ଟ ଏବଂ ଇଲେକ୍ଟ୍ରିସିଟି ରହିଛି। ଏହି କ୍ଷେତ୍ରଗୁଡିକ ଗତ ବର୍ଷ ଫେବୃୟାରୀରେ ୨.୨% ଅଭିବୃଦ୍ଧି ହାସଲ କରିବାକୁ ସକ୍ଷମ ହୋଇଥିଲା। ମାର୍ଚ୍ଚ ୨୦୧୯ରେ ଏହି କ୍ଷେତ୍ରଗୁଡିକର ଅଭିବୃଦ୍ଧି ହାର ୫.୮% ରହିଥିଲା। ଚଳିତ ବର୍ଷ ଜାନୁୟାରୀରେ କୋର ସେକ୍ଟର ଅଭିବୃଦ୍ଧି ୧.୪% ଥିଲା। ଶିଳ୍ପ ଉତ୍ପାଦନ ସୂଚକାଙ୍କ( ଆଇଆଇପି)ରେ ଏହି କ୍ଷେତ୍ରଗୁଡିକ ପ୍ରାୟ ୪୦.୨୭% ଯୋଗଦାନ ରଖୁଛନ୍ତି। କୋଇଲା, ରିଫାଇନେରୀ ଏବଂ ଇଲେକ୍ଟ୍ରିସିଟି କ୍ଷେତ୍ରରେ ଯଥାକ୍ରମେ ୧୦.୩%, ୭.୪% ଏବଂ ୧୧% ଅଭିବୃଦ୍ଧି ହୋଇଛି। ସେହିଭଳି ଫେବୃୟାରିରେ ଅଶୋଧିତ ତୈଳ, ପ୍ରାକୃତିକ ବାଷ୍ପ ଏବଂ ଇସ୍ପାତ କ୍ଷେତ୍ରରେ ନକାରାତ୍ମକ ଅଭିବୃଦ୍ଧି ଘଟିଛି।



# କନିକାଙ୍କ ୫ମ କରୋନା ରିପୋର୍ଟ ବି ପଜିଟିଭ୍

**ଭୁବନେଶ୍ୱର,୩୧।୩(ବ୍ୟୁରୋ)**

କରୋନା ଭୂତାଣୁ ସଂକ୍ରମିତ ବଲିଉଡ୍ କଣ୍ଠଶିଳ୍ପୀ କନିକା କପୁର ଲଗାତର ୫ମ ଥର ପାଇଁ କରୋନା ପିଜିଟିଭ୍ ଚିହ୍ନଟ ହୋଇଛନ୍ତି। ଶେଷଥର ମଙ୍ଗଳବାର ତାଙ୍କର ନମୁନା ପରୀକ୍ଷା ହୋଇଥିଲା। ବର୍ତ୍ତମାନ ଲକ୍ଷ୍ନୌସ୍ଥିତ ସଞ୍ଜୟ ଗାନ୍ଧୀ ପୋଷ୍ଟ ଗ୍ରାଜୁଏଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍(ଏସ୍‌ଜିପିଜିଆଇଏମ୍‌ଏସ୍)ରେ ଚିକିତ୍ସିତ ହେଉଥିବା ୪୧ ବର୍ଷୀୟ ବେବିଡଲ୍ କଣ୍ଠଶିଳ୍ପୀଙ୍କ ନମୁନା ବାରମ୍ବାର ପଜିଟିଭ୍ ଆସୁଥିଲେ ମଧ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଏନେଇ ଚିନ୍ତା କରିବାର କୌଣସି କାରଣ ନାହିଁ ବୋଲି ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ପ୍ରଫେସର ଆର୍.କେ. ଧିମନ ସୂଚନା ଦେଇଛନ୍ତି। କରୋନା ସଂକ୍ରମିତ ରୋଗୀଙ୍କର ପ୍ରତି ୪୮ ଘଣ୍ଟାରେ ଥରେ ନମୁନା ପରୀକ୍ଷା ହେବାର ନିୟମ ରହିଥିବାବେଳେ ଇତିମଧ୍ୟରେ କନିକାଙ୍କର ମୋଟ ୫ଟି ଟେଷ୍ଟ ହୋଇସାରିଛି। ଦୁଇଥର ନେଗେଟିଭ୍ ଆସିଲେ ତାଙ୍କୁ ସୁସ୍ଥ ଘୋଷଣା କରାଯାଇ ଘରକୁ ଛଡ଼ାଯିବ ବୋଲି କୁହାଯାଇଛି। ହେଲେ ପ୍ରତିଥର ରିପୋର୍ଟ ପଜିଟିଭ୍ ଆସୁଥିବାରୁ କନିକାଙ୍କ ଚିକିତ୍ସାକୁ ପରିବାର ଲୋକେ ଗ୍ରହଣ କରିପାରୁ ନାହାନ୍ତି। ସୂଚନାଯୋଗ୍ୟ, ମାର୍ଚ୍ଚ ୯ରେ ଲଣ୍ଡନରୁ ଫେରିବା ପରେ କପୁରଙ୍କର ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ୨୦ ତାରିଖରେ ସେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ।

# ରାଜ୍ୟ ବାହାରେ ଫସିଛନ୍ତି ଦେଢ଼ଲକ୍ଷ ଓଡ଼ିଆ

**ଭୁବନେଶ୍ୱର,୩୧।୩(ବ୍ୟୁରୋ)**

କରୋନା ଭୂତାଣୁ ସଂକ୍ରମଣକୁ ପ୍ରତିହତ କରିବା ପାଇଁ ଦେଶବ୍ୟାପୀ ଲକ୍‌ଡାଉନ ଘୋଷଣା କରାଯାଇଛି। ଅତ୍ୟାବଶ୍ୟକ ସାମଗ୍ରୀ ପରିବହନକୁ ବାଦ୍ ଦେଇ ଅନ୍ୟ ସମସ୍ତ ଯାତାୟାତ ବନ୍ଦ ରହିଛି। ଏହାଦ୍ୱାରା ଭାରତବର୍ଷର ବିଭିନ୍ନ ରାଜ୍ୟରେ କାମ କରୁଥିବା ଓଡ଼ିଆ ଶ୍ରମିକ, ବ୍ୟକ୍ତିବିଶେଷ, ଛାତ୍ରୀଛାତ୍ର ଫସି ରହିଛନ୍ତି। ଏହି ମାନଙ୍କ ସଂଖ୍ୟା ପ୍ରାୟ ଦେଢ ଲକ୍ଷ ବୋଲି ଗୃହ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୀବ ଚୋପ୍ରା ମଙ୍ଗଳବାର ସୂଚନା ଦେଇଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲାଯାଇ ଫୋନ୍, ଇମେଲ୍, ଏସ୍‌ଏମ୍‌ଏସ୍, ସୋସିଆଲ ମିଡିଆ ଟ୍ରାକିଂ ମାଧ୍ୟମରେ ସେମାନଙ୍କ ସହ ଯୋଗାଯୋଗ କରାଯାଉଛି। ଏହିପରି ଭାବେ ଏବେ ସୁଦ୍ଧା ପ୍ରାୟ ୪୦,୦୦୦ ଶ୍ରମିକଙ୍କ ସହ ଯୋଗାଯୋଗ ହୋଇପାରିଥିବା ଜଣାପଡିଛି। ପ୍ରଶାସନ ସେମାନଙ୍କୁ ଠାବ କରି ଲକ୍‌ଡାଉନ ସମୟ ମଧ୍ୟରେ ସେମାନଙ୍କ ପାଇଁ ଖାଦ୍ୟ, ପାନୀୟ ଓ ରହଣିର ବ୍ୟବସ୍ଥା କରୁଛି। ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ଏହି ନିୟନ୍ତ୍ରଣ କକ୍ଷ କିପରି କାର୍ଯ୍ୟ କରୁଛି, ତାହା ଅନୁଧ୍ୟାନ କରିଛନ୍ତି। ଆଗାମୀ ଦିନରେ ଏହି ନିୟନ୍ତ୍ରଣ କକ୍ଷର ଆକାର ଏବଂ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି କରାଯିବ ବୋଲି ସଞ୍ଜୟ ସୂଚନା ଦେଇଛନ୍ତି। ଶେଷ ଖବର ସୁଦ୍ଧା ନିୟନ୍ତ୍ରଣ କକ୍ଷ ଦ୍ୱାରା ୫୨୦୦ କଲ୍ ଗ୍ରହଣ କରାଯାଇସାରିଛି। ଶହେରୁ ଅଧିକ ଲୋକ ଥିବା ପ୍ରାୟ ୨୩ ଶ୍ରମିକ ଗୋଷ୍ଠୀଙ୍କୁ ଠାବ କରାଯାଇଛି। ଅଧିକାଂଶ ଓଡ଼ିଆ ଶ୍ରମିକ ଦିଲ୍ଲୀ, ମହାରାଷ୍ଟ୍ର ଏବଂ ଗୁଜରାଟରେ ଫସିଥିବା ଜଣାପଡିଛି। ଏହାକୁ ବାଦ୍ ଦେଲେ କେରଳ, ରାଜସ୍ଥାନ, ଅବିଭକ୍ତ ଆନ୍ଧ୍ର ଏବଂ କେତେକ କେନ୍ଦ୍ରଶାସିତ ଅଞ୍ଚଳରେ ମଧ ବହୁ ଓଡ଼ିଆ ଫସି ରହିଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଧର୍ମସଭାରେ ...

କରାଯାଇଥିବା ଦିଲ୍ଲୀ ସ୍ୱାସ୍ଥ୍ୟମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି, ମାର୍ଚ୍ଚ ୧୩ରୁ ୧୫ ପର୍ଯ୍ୟନ୍ତ ନିଜାମୁଦ୍ଦିନର ମର୍‌କାଜ୍‌ଠାରେ ଧର୍ମସଭା ହୋଇଥିଲା। ଏଥିରେ ଯୋଗଦେଇଥିବା ୭୦୦ ଲୋକଙ୍କୁ କ୍ୱାରାଣ୍ଟାଇନରେ ରଖାଯାଇଥିବାବେଳେ ୩୩୫ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଧର୍ମସଭାରେ ଭାଗନେଇଥିବା ସମସ୍ତଙ୍କର ନମୁନା ପରୀକ୍ଷା କରାଯାଉଛି। ଏହି ଧର୍ମ ସମ୍ମିଳନୀର ନେତୃତ୍ୱ ନେଇଥିବା ମୌଲାନାଙ୍କ ବିରୋଧରେ ଏତଲା ଦାଏର ଲାଗି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ନିର୍ଦ୍ଦେଶ ଦେଇଛନ୍ତି। ସମ୍ମିଳନୀରେ ଯୋଗଦେଇଥିବା ଅଧିକାଂଶଙ୍କଠାରେ ସଂକ୍ରମଣ ଲକ୍ଷଣ ଦେଖାଯିବା ପରେ ପୋଲିସ ଉକ୍ତ ଅଞ୍ଚଳକୁ ଘେରାବନ୍ଦୀ କରିଛି। ଇଣ୍ଡୋନେସିଆ ଓ ମାଲେସିଆ ନାଗରିକଙ୍କ ସମେତ ୨୦୦୦ରୁ ଊର୍ଦ୍ଧ୍ୱ ପ୍ରତିନିଧି ଏହି ଧର୍ମସଭାରେ ଯୋଗଦେଇଥିଲେ।

**ଯୋଗଦେଇଥିଲେ ୨୧୬ ବିଦେଶୀ**

ନୂଆଦିଲ୍ଲୀସ୍ଥିତ ତବଲିଘି ଜମାତ୍‌ର ନିଜାମୁଦ୍ଦିନ ମରକଜ୍ କାର୍ଯ୍ୟକ୍ରମରେ ମୋଟ ୧,୭୪୬ ଜଣ ଯୋଗଦେଇଥିଲେ। ସେମାନଙ୍କ ମଧ୍ୟରୁ ୨୬୧ ଜଣ ବିଦେଶୀ ନାଗରିକ ବୋଲି ଜଣାପଡ଼ିଛି। ଏହି ବାର୍ଷିକ ସମ୍ମିଳନୀରେ ଇଣ୍ଡୋନେସିଆ, ମାଲେସିଆ, ଥାଇଲାଣ୍ଡ, ନେପାଳ, ମ୍ୟାନ୍‌ମାର, ବାଂଲାଦେଶ, ଶ୍ରୀଲଙ୍କା ଓ କିର୍ଗିଜସ୍ତାନର ମୁସଲମାନମାନେ ସାମିଲ ହୋଇଥିଲେ। ଏହା ପୂର୍ବରୁ ସେମାନେ ଜମ୍ମୁ-କଶ୍ମୀର ଓ ଆନ୍ଧ୍ରପ୍ରଦେଶ ଯାଇ ବିଭିନ୍ନ ସ୍ଥାନ ବୁଲିଥିଲେ। ସେମାନଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କ ଦେହକୁ କୋଭିଡ୍-୧୯ ସଂକ୍ରମଣ ହୋଇଥିବା କୁହାଯାଉଛି। ସଂକ୍ରମିତଙ୍କ ମଧ୍ୟରୁ ୧୦ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଏହାକୁ ନେଇ ରାଜନୀତି ଜୋର ଧରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗତ ୨୨ ତାରିଖରେ ଦେଶବ୍ୟାପୀ 'ଜନତା କର୍ଫ୍ୟୁ' ଡାକରା ଦେଇଥିଲେ। ଏହାର ଦିନକ ପୂର୍ବରୁ ମୁସଲମାନ ସମ୍ପ୍ରଦାୟ ପକ୍ଷରୁ ନିଜାମୁଦ୍ଦିନ ମରକଜ୍ ଧର୍ମସଭା ଆୟୋଜନ କରାଯାଇଥିଲା। ଏହି ସମୟରେ ଅତିରିକ୍ତ ୮୨୪ ଜଣ ବିଦେଶୀ ଭାରତର ବିଭିନ୍ନ ଭାଗରେ ତବଲିଘ (ଚିଲ୍ଲା) ପାଳନ କରିଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି।

### ଦାଦନଙ୍କ ଗଣପଳାୟନକୁ ...

ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଥିଲେ। ସବୁ ଦାଦନଙ୍କୁ ଆଶ୍ରୟସ୍ଥଳକୁ ନିଆଯାଇଛି। ଏବେ କୌଣସି ଶ୍ରମିକ ରାସ୍ତାରେ ନ ଥିବା କେନ୍ଦ୍ର ସରକାର ଅଦାଲତଙ୍କୁ ଅବଗତ କରାଇଛନ୍ତି। ବିଭିନ୍ନ ସହରରେ ୪.୪ କୋଟି ଦାଦନ କାମ କରୁଥିଲେ। ଲକ୍‌ଡାଉନ ଯୋଗୁ ସେମାନେ ନିଜ ନିଜ ରାଜ୍ୟକୁ ଯିବାକୁ ଚାହୁଁଥିଲେ। ଫେରାଇନିଆଯାଇଥିବା ପ୍ରତି ୧୦ ଜଣଙ୍କ ମଧ୍ୟରୁ ୩ ଜଣଙ୍କୁ ସଂକ୍ରମଣ ହୋଇଥାଇପାରେ ବୋଲି ଆଶଙ୍କା କରାଯାଉଥିବା ସରକାର କହିଛନ୍ତି।

କୋଭିଡ୍-୧୯ର ଚିକିତ୍ସା ଏବେ ସବୁଠୁ ଅଧିକ ପ୍ରାଥମିକତା ବୋଲି ପ୍ରଧାନ ବିଚାରପତି ଏସ୍.ଏ. ବୋବ୍‌ଡେ କହିଛନ୍ତି। କରୋନା ମହାମାରୀ ସମ୍ପର୍କିତ ସଦ୍ୟତମ ସୂଚନା ପ୍ରଦାନ ଲାଗି ୨୪ ଘଣ୍ଟା ମଧ୍ୟରେ ପୋର୍ଟାଲ ସ୍ଥାପନ କରିବାକୁ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା କରୋନାକୁ ନେଇ ପ୍ରସାରିତ ହେଉଥିବା ମିଛ ଖବର ଜନିତ ଆତଙ୍କ ରୋକାଯାଇପାରିବ। ଭୂତାଣୁ ଅପେକ୍ଷା ଆତଙ୍କ ଅଧିକ ଜୀବନ ନେଇପାରେ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ସେଥିପାଇଁ ଅଟକି ରହିଥିବା ଦାଦନମାନଙ୍କୁ ଶାନ୍ତ କରିବା ଲାଗି ଭଜନ ଓ ନମାଜ ପାଠ ବ୍ୟବସ୍ଥା କରିବାକୁ କୋର୍ଟ କହିଛନ୍ତି। ସେମାନଙ୍କୁ ବୁଝାଶୁଝା କରିବାରେ ତାଲିମପ୍ରାପ୍ତ ପରାମର୍ଶଦାତା ଓ ସବୁ ଧର୍ମର ନେତୃବୃନ୍ଦଙ୍କୁ ନିୟୋଜିତ କରିବା ଲାଗି ମଧ ଅଦାଲତ ପରାମର୍ଶ ଦେଇଛନ୍ତି। ଏଥିସହିତ ସେମାନଙ୍କୁ ଖାଦ୍ୟ, ଆଶ୍ରୟ ଓ ଚିକିତ୍ସା ସୁବିଧା ଯୋଗାଇଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

ଦାଦନ ଶ୍ରମିକଙ୍କୁ ବିଶୋଧନ କରିବାରେ ରାସାୟନିକ ମିଶା ପାଣି ସ୍ପ୍ରେ କରିବାକୁ ପରାମର୍ଶ ଦିଆଯାଇଥିଲା। ତେବେ ତାହା ଠିକ୍ ଭାବେ କାର୍ଯ୍ୟ କରୁ ନ ଥିବା ସରକାର ଅଦାଲତଙ୍କୁ ଜଣାଇଛନ୍ତି। ପ୍ରଧାନ ବିଚାରପତି ବୋବ୍‌ଡେ ଏବଂ ଜଷ୍ଟିସ ନାଗେଶ୍ୱର ରାଓ ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ଦାଦନ ସମ୍ପର୍କିତ ଦୁଇଟି ଜନସ୍ୱାର୍ଥ ମାମଲାର ଶୁଣାଣି କରିଥିଲେ। କେରଳ ଏମ୍‌ପି ରାଜମୋହନ ଉନ୍ନିଥାନ ଏବଂ ପଶ୍ଚିମବଙ୍ଗର ଜଣେ ଏମ୍‌ପି ଏହି ପଟିଶନ ଦାଏର କରିଥିଲେ।

### ଓଡ଼ିଶାରୁ ୧୫ ...

ଏମାନଙ୍କ ବ୍ୟତୀତ ସେଠାକୁ ଯାଇଥିବା ଅନ୍ୟମାନଙ୍କୁ ଚିହ୍ନଟ ପାଇଁ ଉଦ୍ୟମ କରାଯାଉଥିବା ବାଗ୍‌ଚୀ କହିଛନ୍ତି।

ମଙ୍ଗଳବାର ମଧ୍ୟାହ୍ନ ୧୨ଟା ସୁଦ୍ଧା ଓଡ଼ିଶାରେ ୪୭୩ଟି ନମୁନା କୋଭିଡ୍-୧୯ ପରୀକ୍ଷା ପାଇଁ ପଠାଯାଇଛି। ପ୍ରଥମ ୨ଟି ପଜିଟିଭ୍‌ଙ୍କ ସଂସ୍ପର୍ଶରେ ୫୫ଜଣ ଓ ତୃତୀୟ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ୧୧୨ ଜଣଙ୍କୁ ଚିହ୍ନଟ କରାଯାଇଛି। ୫୭ ଜଣ କରୋନା ସନ୍ଦିଗ୍ଧ ବିଭିନ୍ନ ହସ୍ପିଟାଲ ଆଇସୋଲେଶନରେ ରହିଥିବାବେଳେ ଅନ୍ୟମାନଙ୍କ ସହ ଯୋଗାଯୋଗ ଚାଲିଛି। ଆଜିପର୍ଯ୍ୟନ୍ତ ମୋଟ ୧୧,୫୭୫ ଜଣ ଫେରନ୍ତା ଅନ୍‌ଲାଇନ୍ ଏବଂ ୧୦୪ ମାଧ୍ୟମରେ ପଞ୍ଜୀକରଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୪,୩୦୪ ଜଣ ବିଦେଶରୁ ଆସିଥିବା ବାଗ୍‌ଚୀ ସୂଚନା ଦେଇଛନ୍ତି।

### ପାଳନ ହେବନି ...

ଭାବେ ପାଳନ କରିଆସୁଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତା ନନ୍ଦିନୀ ଶତପଥୀ ୧୯୭୫ ଏପ୍ରିଲ ପହିଲାରେ ଉତ୍କଳ ଦିବସକୁ ସରକାରୀ ଭାବେ ରାଜ୍ୟସ୍ତରରେ ପାଳନ ପାଇଁ ନିଷ୍ପତ୍ତି ନେଇଥିଲେ। ସେବେଠାରୁ ଉତ୍କଳ ଦିବସକୁ ରାଜ୍ୟ ସରକାର ରାଜ୍ୟ ଓ ଜିଲାସ୍ତରରେ ପାଳନ କରି ଆସୁଛନ୍ତି।

ଓଡ଼ିଶାକୁ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବା ପାଇଁ ଉତ୍କଳ ସମ୍ମିଳନୀ ୩ ଦଶନ୍ଧି ଧରି ନିଜ ଉଦ୍ୟମ ଜାରି ରଖିଥିଲା। ଏହି ଆନ୍ଦୋଳନରେ ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ଗୋପବନ୍ଧୁ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ପଣ୍ଡିତ ନୀଳକଣ୍ଠ ଦାସ, ଫକୀରମୋହନ ସେନାପତି, ଗଙ୍ଗାଧର ମେହେର, ବାସୁଦେବ ସୁଢ଼ଳ ଦେବ, ରାଧାନାଥ ରାୟ, ଭୁବନାନନ୍ଦ ଦାସଙ୍କ ସମେତ ଅନେକ ବରପୁତ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। କଟକ, ପୁରୀ ବାଲେଶ୍ୱର, ଗଞ୍ଜାମ, ସମ୍ବଲପୁର, କୋରାପୁଟ ଆଦି ୬ଟି ଜିଲାକୁ ନେଇ ଭାଷାଭିତ୍ତିକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରାଯାଇଥିଲା। କଟକ ଏହାର ପ୍ରଥମ ରାଜଧାନୀ ଥିଲା। ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ପ୍ରଥମ ଗଭର୍ନର ଭାବେ ସାର୍ ଜନ୍ ଅଷ୍ଟିନ୍ ହ୍ୟୁବାକ ଶପଥ ନେଇଥିଲେ। ୧୯୫୦ରେ ଓଡ଼ିଶା ଏକ ସାମ୍ବିଧାନିକ ରାଜ୍ୟର ମାନ୍ୟତା ପାଇଥିଲା। ପରେ ରାଜ୍ୟରେ ୧୩ଟି ଜିଲା ଗଠନ କରାଯାଇଥିଲା। ଏହା ପରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକ ପ୍ରଶାସନିକ ସୁବିଧା ପାଇଁ ୧୩ ଜିଲାକୁ ୩୦ ଜିଲାରେ ପରିଣତ କରିଥିଲେ।

# ଗଡ଼ିପୋଖରୀ ଜଙ୍ଗଲରେ ନିଆଁ



**ପାଟଣା,୩୧।୩(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ରେଞ୍ଜ ଯମୁନାପଶି ବିଟ ଅନ୍ତର୍ଗତ ଗୁଡିପୋଖରୀ ୟୁକାଲିପଟାସ ଜଙ୍ଗଲରେ ମଙ୍ଗଳବାର ଅପରାହ୍ନରେ କେହି ଦୁର୍ବୃତ୍ତ ନିଆଁ ଲଗାଇଦେଇଛନ୍ତି। ଉକ୍ତ ଗ୍ରାମ୍ୟ ଜଙ୍ଗଲରେ ଲଗାଯାଇଥିବା ଚାରାଗୁଡ଼ିକ ଜଳିଯାଇଛି। ଜଙ୍ଗଲରେ ନିଆଁ ଲାଗିବା ଦେଖି ଗ୍ରାମବାସୀ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଖବରପାଇ ପାଟଣା ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକ ଓ ବନବିଭାଗ କର୍ମଚାରୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ସୂଚନାଯୋଗ୍ୟ ଯେ, ଉକ୍ତ ଜଙ୍ଗଲ ୫ଏକର ପରିମିତ ଅଞ୍ଚଳ ବିଶିଷ୍ଟ। ବଡ଼ ବଡ଼ ୟୁକାଲିପଟାସ ଗଛଗୁଡିକ ସୁରକ୍ଷିତ ରହିଥିବା ବେଳେ ଚାରାଗୁଡ଼ିକ ଜଳି ଯାଇଛି। ବନ ବିଭାଗ ତଦନ୍ତ ଆରମ୍ଭ କରିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଉତ୍ତରାଷାଢ଼ା ନକ୍ଷତ୍ରରେ ମଙ୍ଗଳ ଥିବାରୁ ସାହସର ସହ ପ୍ରତ୍ୟେକ କାମକୁ କରିବା ପାଇଁ ଆଗଭର ହେବେ। ଉତ୍ତମ ବୁଝାମଣା ଯୋଗୁ ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ଅଫିସରେ ଜଣେ ବନ୍ଧୁଙ୍କ କାର୍ଯ୍ୟକଳାପକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। ସନ୍ତାନଙ୍କ ଅଶାନ୍ତ ମନଦେଖି ଚିନ୍ତିତ ହୋଇପାରନ୍ତି।

**ବୃଷ** ଶନି ଚତୁର୍ଥାଧିପତିଙ୍କ ନକ୍ଷତ୍ରସ୍ଥ ହେତୁ ପ୍ରତ୍ୟେକ ପ୍ରକାର ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇପାରେ। ମନରେ ନକାରାତ୍ମକ ଭାବନାର ଜୁଆର କେନ୍ଦ୍ରୀଭୂତ ହେବାରୁ ବିଷାଦିତ ରହିପାରନ୍ତି। ବାଣିଜ୍ୟ, ବ୍ୟବସାୟ ଭଲରେ ଚାଲିବ ଏବଂ ବହୁ ପ୍ରତୀକ୍ଷିତ ଖବରଟି ଆଜି ଅପରାହ୍ନେ ପାଇପାରନ୍ତି।

**ମିଥୁନ** ବୃହସ୍ପତି ନକ୍ଷତ୍ରସ୍ଥ ବୁଧ ଯୋଗୁ ଆଜି ଆପଣ ନିଜ ବନ୍ଧୁମାନଙ୍କୁ ଆପଣେଇ ନେବାରେ ସମର୍ଥ ହେବେ। ବିଭିନ୍ନ ଯୋଜନା କ୍ଷେତ୍ରରେ ଅନୁକୂଳ ବାତାବରଣ ସୃଷ୍ଟି ହେବାର ଆଶା ରହିଛି। ଯେତେ ଭଲ କାମ କଲେ ମଧ ପ୍ରଶଂସାସୂଚକ ପଦୁଟିଏ କଥା ଶୁଣିବାକୁ ମିଳିବ ନାହିଁ। ପରିବାର ଭିତରେ ସମ୍ପର୍କ ହାନି ଯୋଗୁ ଚିନ୍ତା ବଢ଼ିବ।

**କର୍କଟ** ଏକାଦଶସ୍ଥ ଶୁକ୍ରଙ୍କ ଯୋଗୁ ଅର୍ଥଲାଭ, କାର୍ଯ୍ୟସିଦ୍ଧି ସାଙ୍ଗକୁ ଯାତ୍ରା, ବ୍ୟବସାୟ, ସାମୂହିକ ଆଲୋଚନାରେ ସଫଳତା ଲାଭ କରିବେ। ବିବାଦୀୟ ପରିସ୍ଥିତି କେତେକାଂଶରେ ଶାନ୍ତ ପଡ଼ିଯାଇଥିବାରୁ ଟେନସନ୍ କମିଯାଇପାରେ। ଯାତ୍ରା କାଳରେ ନିର୍ଦ୍ଦିଷ୍ଟ ସ୍ଥାନରେ ବନ୍ଧୁଙ୍କୁ ନ ପାଇ ବ୍ୟସ୍ତ ହୋଇପାରନ୍ତି।

**ସିଂହ** କର୍ମାଧିପ ନିଜ ଗୃହରେ ଅବସ୍ଥାନ କରିଥିବାରୁ କର୍ମକ୍ଷେତ୍ରରେ କୌଣସି ଅସୁବିଧା ହେବନାହିଁ। ନୂତନ କର୍ମାରମ୍ଭ, କଲ୍ୟାଣମୂଳକ କାର୍ଯ୍ୟ, ସାହିତ୍ୟ, କଳା,ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହେବେ। ପରିବାରର ବରାଦ ଅନୁସାରେ ବିଳାସ ସମ୍ପର୍କିତ ସାମଗ୍ରୀ କ୍ରୟ କରିବେ।

**କନ୍ୟା** ରାହୁଯୁକ୍ତ ଚନ୍ଦ୍ର ଜନିତ ହଠାତ୍ କୌଣସି ମିଥ୍ୟା ଗୁଜବ ମନକୁ ଚହଲାଇ ଦେବ। କିନ୍ତୁ ଚିତ୍ରା ନକ୍ଷତ୍ର କର୍ମକ୍ଷେତ୍ରରେ ଲକ୍ଷ୍ୟ ପୂରଣ ସହ ସାହାଯ୍ୟ, ସହଯୋଗ, ସୁଖ ସମ୍ମାନ ପାଇ ଖୁସି ହେବେ। ବନ୍ଧୁଙ୍କ ଆହ୍ୱାନକ୍ରମେ ମଙ୍ଗଳଜନକ କାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି।

**ତୁଳା** ଗୁରୁଶୌରୀ ଯୋଗର ସୁପ୍ରଭାବରେ ପଦମର୍ଯ୍ୟାଦା ବୃଦ୍ଧି ପାଇବା ସହ ଅର୍ଥନୈତିକ ସ୍ଥିତିରେ ଉନ୍ନତି ଘଟିବ। ସାମାଜିକ ସ୍ତରରେ ସମ୍ମାନିତ ହେବା ସାଙ୍ଗକୁ ବନ୍ଧୁଙ୍କ ଜରିଆରେ ଦୀର୍ଘଦିନର ଆଶା ଫଳବତୀ ହେବ। କିନ୍ତୁ ଚିତ୍ରା ନକ୍ଷତ୍ରର କୌଣସି ଅଭାବ ନ ଥାଇ ମଧ ମାନସିକ ସ୍ଥିତି ଭଲ ରହି ନ ପାରେ।

**ବିଛା** ରାଶ୍ୟାଧିପ ଉଚ୍ଚାଂଶରେ ରହିଥିବାରୁ ପ୍ରତ୍ୟେକ କାର୍ଯ୍ୟକୁ ଦୃଢ଼ ପଦକ୍ଷେପ ନେଇ ସମ୍ପନ୍ନ କରିବାରେ ସମର୍ଥ ହେବେ। ନିକଟ ସମ୍ପର୍କୀୟଙ୍କ ସହାୟତାରେ ଯଥାସମୟରେ ସବୁ କିଛି ହାତକୁ ନେଇଥିବା କାମ ସମ୍ପନ୍ନ ହୋଇପାରିବ। ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣେଇ ନେବେ।

**ଧନୁ** ପ୍ରିୟଜନଙ୍କ ସହାୟତାରେ ଆବଶ୍ୟକ ଅର୍ଥ, ଦ୍ରବ୍ୟ ଲାଭ କରିବେ। ବହୁ ଦିନରୁ ଚିନ୍ତା କରିଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବାରେ ଆନୁଷଙ୍ଗିକ ସାହାଯ୍ୟ, ସହଯୋଗର ଅଭାବ ରହିବ ନାହିଁ। ବିବାଦୀୟ ପରିସ୍ଥିତିରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ।

**ମକର** ପରସ୍ପର ବିରୁଦ୍ଧାତ୍ମକ ଗ୍ରହ ରାଶିରେ ଅବସ୍ଥାନ କରିଥିବାରୁ ବିବାଦୀୟ ଚିନ୍ତାଧାରା ମନକୁ ଉତ୍ତେଜିତ କରିବ। ଅପ୍ରିୟ ସତ୍ୟ ଭାଷଣ ଜନିତ ନିକଟ ସମ୍ପର୍କୀୟମାନେ କ୍ରମଶଃ ଦୂରେଇ ରହୁଥିବାର ଅନୁଭବ କରିପାରନ୍ତି। ଭାବପ୍ରବଣତାବଶତଃ କୌଣସି ପରିହାସ ଯୁକ୍ତ କଥା ବନ୍ଧୁ ଗହଣରେ ସମସ୍ୟା ସୃଷ୍ଟି କରିପାରେ।

**କୁମ୍ଭ** ସମସ୍ୟା ଆସିଲେ ମଧ ତାହାକୁ ଅତି ସରଳ ଓ ସହଜରେ ସମାଧାନ କରିପାରିବେ। ନୂତନ ଜିନିଷ କ୍ରୟ କରିବା ପାଇଁ ମନ ବଳାଇପାରନ୍ତି। କର୍ମକ୍ଷେତ୍ରରେ ମର୍ଯ୍ୟାଦାସମ୍ପନ୍ନ ବ୍ୟକ୍ତିଙ୍କ ଦ୍ୱାରା ସ୍ଥଗିତ କାମର ପୁନଃ ଆରମ୍ଭ କରିପାରନ୍ତି। ଛୋଟ କଥାକୁ ଧରି ବସନ୍ତୁ ନାହିଁ ଏବଂ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରୁହନ୍ତୁ।

**ମୀନ** ଦ୍ୱାଦଶରେ ବୁଧ ଓ ପରିବାର ଭାବରେ ଚନ୍ଦ୍ର ରାହୁଯୁକ୍ତ କାରଣରୁ ପାରିବାରିକ ଅସ୍ଥିରତା, ବନ୍ଧୁ ସମ୍ପର୍କକୁ କ୍ଷୁଣ୍ଣ କରିବ। ଅବଶ୍ୟ ସନ୍ଧ୍ୟାରେ କର୍ମକ୍ଷେତ୍ରରୁ ଫେରିବା ବେଳକୁ ଘରର ଅଶାନ୍ତ ପରିବେଶ କେତେକାଂଶରେ ଶାନ୍ତ ପଡ଼ିଯାଇଥିବ। ବାଟରେ ବନ୍ଧୁଙ୍କୁ ଭେଟି ଆଗାମୀ କାଲିର ଯୋଜନା ପ୍ରସ୍ତୁତ କରିପାରନ୍ତି।

ଆଜି ଚୈତ୍ର ଶୁକ୍ଳପକ୍ଷର ଅଶୋକାଷ୍ଟମୀ ବୁଧବାର, ଅଶୋକ କଳିକା ପ୍ରାଶନ, ଶ୍ରୀମନ୍ଦିରରେ ଜେଉଡଭୋଗ, ଶ୍ରୀଲିଙ୍ଗରାଜ ଦେବଙ୍କ ରୁକୁଣା ରଥଯାତ୍ରା, ବାସନ୍ତିକ ମହାଷ୍ଟମୀ ପୂଜା, ଭବାନ୍ୟୁତ୍ପତି, ଏପ୍ରିଲ୍ ୧ ତାରିଖ, ଉତ୍କଳ ଦିବସ, ଅନ୍ତର୍ଜାତୀୟ ନିର୍ବୋଧ ଦିବସ, ନୂତନ ଆର୍ଥିକ ବର୍ଷ ଆରମ୍ଭ, ରାଶି ନକ୍ଷତ୍ର-ଆର୍ଦ୍ରା/ମିଥୁନ, ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, କନ୍ୟା ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର, ପ୍ରାତଃ ଘ.୦୫।୦୪ ଗତେ ଘ.୦୭।୨୧ ମଧ୍ୟେ, ଦିବା ଘ.୦୯।୪୮ଗତେ ଘ.୧୧।୨୬ ମଧ୍ୟେ, ଘ.୦୩।୩୦ ଗତେ ଘ.୦୫।୦୮ ମଧ୍ୟେ, ସନ୍ଧ୍ୟା ଘ.୦୬।୪୪ ଗତେ ଘ୦୯।୦୫ମଧ୍ୟେ, ରାତ୍ରଘ୦୧।୪୭ଗତେ ଘ୦୫।୪୨ମଧ୍ୟେ ଅମୃତବେଳା, ଦିବା ଘ.୦୧।୫୨ଗତେ ଘ.୦୩।୩୦ମଧ୍ୟେ, ରାତ୍ର ଘ.୦୯।୦୫ଗତେ ଘ.୧୦।୩୯ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୧।୫୦ଗତେ ଘ.୦୧।୨୨ମଧ୍ୟେ ରାହୁକାଳ।

# ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବିଧାୟକ, ଅଧିକାରୀଙ୍କୁ ମିଳିବନି ପୂର୍ଣ୍ଣାଙ୍ଗ ଦରମା

ଭୁବନେଶ୍ୱର,୩୧।୩(ବ୍ୟୁରୋ)

କରୋନା ଭୂତାଣୁ ସଂକ୍ରମଣରୁ ଲୋକଙ୍କୁ ରକ୍ଷା କରିବା ପାଇଁ ସବୁସ୍ତରରେ ସମ୍ମିଳିତ ଉଦ୍ୟମ ଜାରି ରହିଛି। ଓଡ଼ିଶା ସରକାର ମଧ୍ୟ ଆବଶ୍ୟକ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରି ଚାଲିଛନ୍ତି। ଏହି ଭୂତାଣୁ ସଂକ୍ରମଣର ମୁକାବିଲା ପାଇଁ ଆବଶ୍ୟକ ପାଣ୍ଠି ଯୋଗାଡ଼ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ମଧ୍ୟ ହୋଇଛି। ଏହାସହିତ ସରକାର ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ(ସିଏମ୍ଓ) ପକ୍ଷରୁ ମିଳିଥିବା ସୂଚନାନୁଯାୟୀ, ମୁଖ୍ୟମନ୍ତ୍ରୀ, ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟ, ରାଜ୍ୟର ସମସ୍ତ ବିଧାୟକ,ରାଜ୍ୟରେ କାର୍ଯ୍ୟରତ ସର୍ବଭାରତୀୟ ସେବାର ଅଧିକାରୀ(ଆଇଏଏସ୍,ଆଇପିଏସ୍,ଆଇଏଫ୍ଏସ୍), ବିଭିନ୍ନ ନିଗମର ଅଧ୍ୟକ୍ଷ ଏବଂ ସ୍ଥାନୀୟ ସ୍ୱାୟତ୍ତ ଶାସନ ପ୍ରତିନିଧି ପ୍ରମୁଖଙ୍କୁ ପୂର୍ଣ୍ଣ ବେତନ ନ ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀଗଣ, ବିଧାୟକ, ନିଗମ ଅଧ୍ୟକ୍ଷ ଏବଂ ସ୍ଥାନୀୟ ପ୍ରତିନିଧିମାନଙ୍କୁ ୭୦ ପ୍ରତିଶତ ବେତନ ବର୍ତ୍ତମାନ ସ୍ଥିତିରେ ପ୍ରଦାନ କରାଯାଉନାହିଁ। ସେମାନଙ୍କୁ କେବଳ ୩୦ ପ୍ରତିଶତ ବେତନ ପ୍ରଦାନ କରାଯିବ। ଅନୁରୂପଭାବେ ସର୍ବଭାରତୀୟ ସେବାରେ କାର୍ଯ୍ୟରତ ଆଇଏଏସ୍, ଆଇପିଏସ୍, ଆଇଏଫ୍ଏସ୍ ଅଧିକାରୀମାନଙ୍କୁ ୫୦ ପ୍ରତିଶତ ବେତନ ବର୍ତ୍ତମାନ ସ୍ଥିତିରେ ପ୍ରଦାନ କରାଯିବ ନାହିଁ। ଏହି ପ୍ରଶାସନିକ ଅଧିକାରୀଙ୍କୁ ମୂଳ ବେତନର ୫୦ ପ୍ରତିଶତ ପ୍ରଦାନ କରାଯିବ। ଓଡ଼ିଶା ପୂର୍ବରୁ ନିଜ ରାଜ୍ୟର ଆର୍ଥିକ ସ୍ଥିତିକୁ ଦେଖି ତେଲଙ୍ଗାନା ସରକାର ମଧ୍ୟ ଏପରି ନିଷ୍ପତ୍ତି ନେଇ ସାରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ଏହି ନିଷ୍ପତ୍ତିକୁ ଓଡ଼ିଶା ଆଇଏଏସ୍ ସଂଘ, ଆଇପିଏସ୍ ସଂଘ ଏବଂ ଆଇଏଫଏସ୍ ସଂଘ ପକ୍ଷରୁ ସ୍ୱାଗତ କରାଯାଇଛି।

# ଗାଡ଼ି କାଗଜପତ୍ର ନବୀକରଣ ଅବଧି ଜୁନ୍ ୩୦ ଯାଏ ବୃଦ୍ଧି

ନୂଆଦିଲ୍ଲୀ(ପି.ଟି.)/ କଟକ ଅଫିସ୍,୩୧।୩

କରୋନା ସଂକ୍ରମଣ ରୋକିବା ଲାଗି ଲକ୍‌ଡାଉନ ଘୋଷଣା ହୋଇଥିବାବେଳେ ମାଲ୍ ପରିବହନ ଯେପରି ବାଧାପ୍ରାପ୍ତ ନ ହୁଏ ସେଥିପାଇଁ ସରକାର ଗାଡ଼ିମୋଟର କାଗଜପତ୍ର ସମୟସୀମା ବୃଦ୍ଧି କରିଛନ୍ତି। ଫେବୃୟାରୀ ୧ରୁ ଶେଷ ହୋଇଥିବା ଡ୍ରାଇଭିଂ ଲାଇସେନ୍ସ, ପର୍‌ମିଟ, ପଞ୍ଜୀକରଣ ଆଦି ଗାଡ଼ି କାଗଜପତ୍ରର ସମୟସୀମାକୁ ଜୁନ୍ ୩୦ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ଲକ୍‌ଡାଉନ ଯୋଗୁ ମୋଟରଯାନ ଆଇନ ଓ କେନ୍ଦ୍ରୀୟ ମୋଟରଯାନ ନିୟମାବଳୀରେ କାଗଜପତ୍ର ନବୀକରଣ କରିବାରେ ସମସ୍ୟା ଦେଖାଦେଇଛି। ସେଥିପାଇଁ କେନ୍ଦ୍ର ସଡ଼କ ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଆଡଭାଇଜରି ଜାରି କରାଯାଇ ଗାଡ଼ିମୋଟର କାଗଜପତ୍ରର ବୈଧତା ଜୁନ୍ ୩୦ ପର୍ଯ୍ୟନ୍ତ ରଖିବାକୁ କୁହାଯାଇଛି। ଏହି ଡକୁମେଣ୍ଟ ମଧ୍ୟରେ ଫିଟ୍‌ନେସ୍, ସମସ୍ତ ପ୍ରକାର ପର୍‌ମିଟ, ଡ୍ରାଇଭିଂ ଲାଇସେନ୍ସ, ରେଜିଷ୍ଟ୍ରେଶନ ଆଦି ଅନ୍ତର୍ଭୁକ୍ତ। ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ତରଫରୁ ଜାରି ନିର୍ଦ୍ଦେଶାବଳୀରେ ଉଲ୍ଲେଖ ହୋଇଛି ଯେ, ଯେଉଁ ଗାଡ଼ିଗୁଡ଼ିକର ଫିଟନେସ୍, ପଞ୍ଜୀକରଣ ଏବଂ ଡ୍ରାଇଭିଂ ଲାଇସେନ୍ସ ଅବଧି ଫେବୃୟାରୀ ୧ ପରେ ଓ ଜୁନ୍ ୩୦ ତାରିଖ ପୂର୍ବରୁ ସରୁଛି, ତାହାର ବୈଧତାକୁ ଜୁନ୍ ୩୦ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ନୂତନ ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ ପାଇଁ ଗାଡ଼ିଚାଳନା ପରୀକ୍ଷା ମାର୍ଚ୍ଚ ୧୮ତାରିଖରୁ ବନ୍ଦ ରହିଛି। ଏଣୁ ଯେଉଁ ଲର୍ନର୍ସ ଲାଇସେନ୍ସଗୁଡ଼ିକର ଅବଧି ମାର୍ଚ୍ଚ ୧୮ତାରିଖରୁ ଆରମ୍ଭ କରି ଜୁନ୍ ୩୦ତାରିଖ ଭିତରେ ଶେଷ ହେଉଛି, ତାହାକୁ ମଧ୍ୟ ଜୁନ୍ ୩୦ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେହିପରି ମାଲ୍ ପରିବହନ, ଘରୋଇ ଯାନ ଏବଂ ଶିକ୍ଷାନୁଷ୍ଠାନ ବସ୍‌ଗୁଡ଼ିକର ପର୍‌ମିଟ୍‌କୁ ଜୁନ୍ ୩୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ତେବେ ରାଜ୍ୟ ଭିତରେ ଏବଂ ଆନ୍ତଃରାଜ୍ୟ ବସ୍‌ଗୁଡ଼ିକର ପରମିଟ୍ ପ୍ରଦାନ ଏବଂ ପ୍ରଦୂଷଣ ଯାଞ୍ଚ ପ୍ରମାଣପତ୍ର(ପିୟୁସି)ର ଅବଧିରେ ପରିବର୍ତ୍ତନ ହୋଇଛି। ମାର୍ଚ୍ଚ ୨୨ତାରିଖ ପରେ ଯେଉଁ ବସ୍‌ଗୁଡ଼ିକର ପରମିଟ୍ ଏବଂ ପିୟୁସି ଶେଷ ହେଉଛି, ସେଗୁଡ଼ିକର ବୈଧତା ଅବଧି ଏପ୍ରିଲ୍ ୩୦ ତାରିଖରେ ଶେଷ ହୋଇଯିବ। ଏପ୍ରିଲ୍ ୧୪ତାରିଖ ପର୍ଯ୍ୟନ୍ତ ଲକ୍‌ଡାଉନ୍ ରହୁଥିବାରୁ ଏହା ପରେ ବସ୍‌ଗୁଡ଼ିକର ପରମିଟ୍ ସହଜରେ ମିଳିଯିବା ସମ୍ଭାବନା ଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ତେବେ ମୋଟରଯାନ ଟିକସ (ଏମ୍‌ଭି ଟ୍ୟାକ୍ସ), ସୀମା ଟିକସ ଏବଂ ବୀମା ନବୀକରଣ ପାଇଁ କୌଣସି ପ୍ରକାର ପରିବର୍ତ୍ତନ କରାଯାଇ ନାହିଁ। ଅନ୍‌ଲାଇନ୍‌ରେ ଟିକସ ଦାଖଲ ସୁବିଧା ଥିବାରୁ ଅବଧି ବଢ଼ାଇବାର ଆବଶ୍ୟକତା ନାହିଁ ବୋଲି ଏସ୍‌ଟିଏ ତରଫରୁ କୁହାଯାଇଛି।

# କରୋନା ମାଡ଼: ଏମ୍‌ଏସ୍‌ଏମ୍‌ଇ ପ୍ରଭାବିତ

ଭୁବନେଶ୍ୱର,୩୧।୩(ବ୍ୟୁରୋ)

କରୋନା ମୁକାବିଲା ସମସ୍ତଙ୍କ ପ୍ରାଥମିକତା ହୋଇଛି। ସାରା ବିଶ୍ୱରେ ଏହି ସ୍ୱାସ୍ଥ୍ୟଗତ ଜରୁରୀ ପରିସ୍ଥିତି ସୃଷ୍ଟି ହୋଇଛି। ଏହା ଅର୍ଥନୀତିକୁ ବହୁଳ ଭାବେ ପ୍ରଭାବିତ କରିଛି। ବିଶେଷ କରି ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଲକ୍ଷାଧିକ ରୋଜଗାର ସୁଯୋଗ ଦେଉଥିବା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) କ୍ଷତିଗ୍ରସ୍ତ ହୋଇଛି। ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)କୁ ଏହାର ସିଂହଭାଗ ଅବଦାନ ରହିଥାଏ। ସେହି ଦୃଷ୍ଟିରୁ ଦେଖିଲେ ରାଜ୍ୟରେ ପ୍ରାୟ ୩,୩୦,୦୦୦ ଏମ୍‌ଏସ୍‌ଏମ୍‌ଇ ପ୍ରଭାବିତ ହୋଇଥିବା ଜଗରନଟ ଆସୋସିଏଶନ୍ ଅଫ୍ ଏଣ୍ଟରପ୍ରିନ୍ୟୁର ପକ୍ଷରୁ କୁହାଯାଇଛି। ୨୧ ଦିନ ଲକ୍‌ଡାଉନ ଯୋଗୁ ସ୍ୱାସ୍ଥ୍ୟସେବା, ସିକ୍ୟୁରିଟି ସଂସ୍ଥା, ଖାଦ୍ୟ ସମ୍ବନ୍ଧୀୟ ଉଦ୍ୟୋଗ ଚାଲୁ ରହିଥିବା ବେଳେ ଅନ୍ୟାନ୍ୟ କ୍ଷେତ୍ର ବନ୍ଦ ରହିଛି। ଏହି କ୍ଷତିର ପରିମାଣ ୩୦ ହଜାର କୋଟି ଟଙ୍କା ହେବ ବୋଲି ଆସୋସିଏଶନ୍ ପକ୍ଷରୁ କୁହାଯାଇଛି। ତେଣୁ କିପରି ଏହି କ୍ଷେତ୍ରରେ ପୂର୍ବାବସ୍ଥା ଫେରାଇ ଅଣାଯାଇ ପାରିବ, ସେଥିପ୍ରତି ରାଜ୍ୟର ଶୀର୍ଷ ପ୍ରଶାସନ ଦୃଷ୍ଟିଦେଉ ବୋଲି ଆସୋସିଏଶନ୍ ପକ୍ଷରୁ କୁହାଯାଇଛି।

# ଦିନରେ ତତେଇବ, ସନ୍ଧ୍ୟାରେ ଭିଜେଇବ

ଭୁବନେଶ୍ୱର,୩୧।୩(ବ୍ୟୁରୋ)

ରାଜ୍ୟରେ ତାତି ବଢ଼ିଚାଲିଛି। କେତେକ ସ୍ଥାନରେ ପାରଦ ୩୯ ଡିଗ୍ରୀ ଉପରେ ଓ ଆଉ କେତେକ ସ୍ଥାନରେ ୪୦ ଡିଗ୍ରୀ ସେଲସିୟସକୁ ଛୁଇଁଛି। ଦିନରେ ତାତି ବଢ଼ିବ। ପୂର୍ବାହ୍ନ ୯ଟାରୁ ଅପରାହ୍ନ ୪ଟା ଯାଏ ଗ୍ରୀଷ୍ମର ପ୍ରକୋପ ରହିବ। ପଶ୍ଚିମ ଓ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ପାରଦ ୪୦ ଡିଗ୍ରୀ ସେଲସିୟସକୁ ଟପିଯିବ। ସନ୍ଧ୍ୟା ଆଡକୁ ଝଡ଼ବର୍ଷାର ସମ୍ଭାବନା ରହିଛି। ଆସନ୍ତା ୫ ତାରିଖ ଯାଏ ଏଭଳି ପାଗ ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିହାର ଏବଂ ଛତିଶଗଡ ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ କୋରାପୁଟ, ରାୟଗଡ଼ା, ନବରଙ୍ଗପୁର, ଗଜପତି ଜିଲାର କେତେକ ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳବାର ମାଲକାନଗିରିରେ ସର୍ବୋଚ୍ଚ ତାପମାତ୍ରା ୪୦.୨ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବାବେଳେ ପାରଳାଖେମୁଣ୍ଡିରେ ୪୦, ଅନୁଗୋଳରେ ୩୯.୭, ଟିଟିଲାଗଡ଼ରେ ୩୯, ବଲାଙ୍ଗୀରରେ ୩୮.୬, କଟକରେ ୩୭.୮, ଭୁବନେଶ୍ୱରରେ ୩୭.୩, ଚାନ୍ଦବାଲିରେ ୩୭.୭, ବାରିପଦାରେ ୩୯, ତାଳଚେରରେ ୩୭.୩, ସୋନପୁରରେ ୩୭.୪, ବୌଦ୍ଧରେ ୩୮.୫, ଏବଂ ନୟାଗଡ଼ରେ ସର୍ବୋଚ୍ଚ ତାପମାତ୍ରା ୩୭ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି।



ଲକ୍‌ଡାଉନ୍ ବେଳେ ବେଙ୍ଗାଲୁରୁରେ ଦୁଇଜଣ ପୋଲିସ କର୍ମଚାରୀ କରୋନା ଭାଇରସ୍ ସଦୃଶ ହେଲ୍‌ମେଟ ପିନ୍ଧି ରାସ୍ତାରେ ଜଣେ ବାଇକ୍ ଆରୋହୀଙ୍କୁ ଅଟକାଉଛନ୍ତି।

# ୟୁରୋପ, ଆମେରିକାରେ ବିସ୍ଫୋରକ ସ୍ଥିତି

ୱାଶିଂଟନ/ ରୋମ୍,୩୧।୩

ବିଶ୍ୱବ୍ୟାପୀ କରୋନା ଭାଇରସ୍ ମୃତ୍ୟୁସଂଖ୍ୟା ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଅଦ୍ୟାବଧି ମୋଟ ୩୯,୫୭୫ ଜଣ ଏହି ରୋଗରେ ପଡ଼ି ପ୍ରାଣ ହରାଇଥିବା ବେଳେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୮୧୦,୧୨୫ରେ ପହଞ୍ଚିଛି। ତେବେ ବିଶ୍ୱରେ କରୋନା ସଂକ୍ରମିତଙ୍କ ମଧ୍ୟରୁ ୧୭୨, ୫୩୧ ବ୍ୟକ୍ତି ଆରୋଗ୍ୟ ଲାଭ କରିଛନ୍ତି। ଚାଇନା ପରେ ଏବେ ଆମେରିକା ଓ ୟୁରୋପୀୟ ଦେଶଗୁଡ଼ିକରେ ଏହି ଭୂତାଣୁ ଆତଙ୍କ ସୃଷ୍ଟି କରିଛି। ଆମେରିକାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୬୬, ୨୧୪ରେ ପହଞ୍ଚି ଥିବାବେଳେ ମୃତ୍ୟୁସଂଖ୍ୟା ବଢ଼ି ୩,୧୯୨ରେ ପହଞ୍ଚିଛି। ବିଶ୍ୱର ସବୁଠାରୁ କରୋନା ଆକ୍ରାନ୍ତ ଆମେରିକାରେ ଥିବାବେଳେ ଦ୍ୱିତୀୟ ସ୍ଥାନରେ ରହିଛି ଇଟାଲୀ। ଏହି ଦେଶରେ କରୋନା ଭୂତାଣୁଜନିତ ମୃତ୍ୟୁସଂଖ୍ୟା ୧୧,୫୯୧ ରହିଥିବା ବେଳେ ଆକ୍ରାନ୍ତଙ୍କ ସଂଖ୍ୟା ୧୦୧,୭୩୯କୁ ବୃଦ୍ଧିପାଇଛି। ସେହିଭଳି ସ୍ପେନ୍‌ରେ ୮,୨୬୯ ଲୋକ ଏହି ରୋଗରେ ମୃତ୍ୟୁବରଣ କଲେଣି। ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଏଠି ୯୫ ହଜାର ପାଖାପାଖି ହେଲାଣି। ଅନ୍ୟ ୟୁରୋପୀୟ ଦେଶ ବ୍ରିଟେନରେ ମଧ୍ୟ ସ୍ଥିତି ଗମ୍ଭୀର ରହିଛି। ଏଠାରେ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୨୫,୧୫୦ରେ ପହଞ୍ଚି ଥିବାବେଳେ ମୃତ୍ୟୁସଂଖ୍ୟା ୧,୭୯୦ ଛୁଇଁଛି। ଜର୍ମାନରେ ୬୮୨ ଜଣ ପ୍ରାଣ ହରାଇଥିବା ବେଳେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ୬୮,୧୮୦ ହୋଇଛି। ଆମେରିକା ଓ ୟୁରୋପରେ ସ୍ଥିତି ଗମ୍ଭୀର ରହିଥିବା ବେଳେ ଇରାନରେ କୋଭିଡ୍-୧୯ ନେଲାଣି ୨୮୯୮ ଜୀବନ। ଏଠାରେ ସଂକ୍ରମିତଙ୍କ ସଂଖ୍ୟା ବଢ଼ି ୪୪,୬୦୫ରେ ପହଞ୍ଚିଛି। ସ୍ୱିଜରଲାଣ୍ଡରେ ୩୯୫ ପ୍ରାଣହାନି ଘଟିଥିବା ବେଳେ ୧୬,୧୮୬ ଆକ୍ରାନ୍ତ ଅଛନ୍ତି। ନେଦରଲାଣ୍ଡରେ ମୃତ୍ୟୁସଂଖ୍ୟା ୧,୦୩୯ ରହିଥିବା ଜଣାପଡ଼ିଛି। ଅନ୍ୟ ଦେଶ ମଧ୍ୟରେ ବେଲଜିୟମରେ ୭୦୫, ତୁର୍କୀରେ ୧୬୮, ଦକ୍ଷିଣ କୋରିଆରେ ୧୬୨, ଇଣ୍ଡୋନେସିଆରେ ୧୩୬, ଅଷ୍ଟ୍ରିଆରେ ୧୨୮, ପର୍ତ୍ତୁଗାଲରେ ୧୬୦, ବ୍ରାଜିଲରେ ୧୬୭, ସ୍ୱୀଡେନରେ ୧୮୦, ଡେନ୍‌ମାର୍କରେ ୯୦, ରୋମାନିଆରେ ୬୮, ଫିଲିପାଇନ୍ସରେ ୮୮ ବ୍ୟକ୍ତି ପ୍ରାଣ ହରାଇଥିବା ଜଣାପଡ଼ିଛି। ଏହାର ପ୍ରକୋପ ବଢୁଥିଲା ବେଳେ ସରକାରୀ କଟକଣା ସେଭଳି କାମ ଦେଉ ନ ଥିବା ଜଣାପଡ଼ିଛି।



ୱାଶିଟନରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୫ ମିନିଟରେ କୋଭିଡ୍-୧୯ ଯାଞ୍ଚ ପାଇଁ ଟେଷ୍ଟ ବକ୍ସ ଲଞ୍ଚ୍ କରୁଛନ୍ତି।

- ବିଶ୍ୱବ୍ୟାପୀ ମୃତ୍ୟୁସଂଖ୍ୟା ୩୯,୫୭୫କୁ ବୃଦ୍ଧି
- ସଂକ୍ରମିତଙ୍କ ସଂଖ୍ୟା ୮୧୦,୧୨୫ରେ ପହଞ୍ଚିଲା

| ଦେଶ | ମୋଟ ସଂକ୍ରମିତ | ମଙ୍ଗଳବାର ସଂକ୍ରମିତ | ମୋଟ ମୃତ୍ୟୁ | ମଙ୍ଗଳବାର ମୃତ୍ୟୁ | ଆରୋଗ୍ୟ ହୋଇଛନ୍ତି | ଚିକିତ୍ସାଧୀନ |
|---|---|---|---|---|---|---|
| ଆମେରିକା | ୧,୭୬,୫୧୮ | +୧୨,୭୩୦ | ୩,୪୩୧ | +୨୯୦ | ୬,୨୪୧ | ୧,୬୬,୮୪୬ |
| ଇଟାଲୀ | ୧,୦୫,୭୯୨ | +୪,୦୫୩ | ୧୨,୪୨୮ | +୮୩୭ | ୧୫,୭୨୯ | ୭୭,୬୩୫ |
| ସ୍ପେନ | ୯୪,୪୧୭ | +୬,୪୬୧ | ୮,୨୬୯ | +୫୫୩ | ୧୯,୨୫୯ | ୬୬,୮୮୯ |
| ଚାଇନା | ୮୧,୫୧୮ | +୭୯ | ୩,୩୦୫ | +୫ | ୭୬,୦୫୨ | ୨,୧୬୧ |
| ଜର୍ମାନୀ | ୬୮,୧୮୦ | +୧,୨୯୫ | ୬୮୨ | +୩୭ | ୧୫,୮୨୪ | ୫୧,୬୭୪ |
| ଫ୍ରାନ୍ସ | ୫୨,୧୨୮ | +୭,୫୭୮ | ୩,୫୨୩ | +୪୯୯ | ୯,୪୪୪ | ୩୯,୧୬୧ |
| ଇରାନ | ୪୪,୬୦୫ | +୩,୧୧୦ | ୨,୮୯୮ | +୧୪୧ | ୧୪,୬୫୬ | ୨୭,୦୫୧ |
| ବ୍ରିଟେନ | ୨୫,୧୫୦ | +୩,୦୦୯ | ୧,୭୮୯ | +୩୮୧ | ୧୩୫ | ୨୩,୨୨୬ |
| ସ୍ୱିଜରଲାଣ୍ଡ୍ | ୧୬,୧୮୬ | +୨୬୪ | ୩୯୫ | +୩୬ | ୧,୮୨୩ | ୧୩,୯୬୮ |
| ପାକିସ୍ତାନ | ୧,୯୧୪ | +୧୯୭ | ୨୬ | +୫ | ୩୪୨ | ୧୨୯୯ |

## ଗରିବ ହେବେ ୧୧ ନିୟୁତ ଲୋକ

ୱାଶିଂଟନ,୩୧।୩(ପି.ଟି.): କରୋନା ସଂକ୍ରମଣ ପ୍ରଭାବରେ ପୂର୍ବ ଏସିଆ ଓ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ପାଖାପାଖି ୧୧ ନିୟୁତ ଲୋକ ଦାରିଦ୍ର୍ୟ ମଧ୍ୟକୁ ଠେଲିହୋଇଯିବେ ବୋଲି ବିଶ୍ୱବ୍ୟାଙ୍କ ପକ୍ଷରୁ ଆକଳନ କରାଯାଇଛି। ଯଦି ଆର୍ଥିକ ସ୍ଥିତି ଆହୁରି ଖରାପ ହୁଏ ତେବେ ୧୧ ନିୟୁତ ଲୋକ ଗରିବ ହୋଇଯିବେ ବୋଲି ବିଶ୍ୱବ୍ୟାଙ୍କ ଓ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠିର ବାର୍ଷିକ ବୈଠକପୂର୍ବରୁ ପୂର୍ବ ଏସିଆ ଓ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ପାଇଁ ପ୍ରକାଶିତ ଏପ୍ରିଲ ମାସର ଅର୍ଥନୈତିକ ସ୍ଥିତି ରିପୋର୍ଟରେ କୁହାଯାଇଛି। ୨୦୧୯ରେ ଏହି ଅଞ୍ଚଳର ଅଭିବୃଦ୍ଧି ହାର ୫.୮ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଥିଲା। ଏବେ ଏହା ୨.୧ ପ୍ରତିଶତକୁ ଖସିଯିବ ବୋଲି ଅନୁମାନ କରାଯାଉଛି। ଚାଇନାର ଅଭିବୃଦ୍ଧି ହାର ୨.୩ ପ୍ରତିଶତକୁ ହ୍ରାସ ପାଇବ।

# ଗାଁ ଜଗିଛନ୍ତି ଚାନ୍ଦିପୋଷର ଚାନ୍ଦମଣି

ରାଉରକେଲା ଅଫିସ, ୩୧।୩

ଆଦିବାସୀ ବହୁଳ ସୁନ୍ଦରଗଡ଼ ଜିଲା ଚାନ୍ଦିପୋଷ ଥାନା ଅନ୍ତର୍ଗତ ଏରଗେଡ଼ା ବାସିନ୍ଦା ଚାନ୍ଦମଣି ସାଣ୍ଡିଲ। ଚାଷୀ ପରିବାରର ଏହି ଉଚ୍ଚ ଶିକ୍ଷିତ ଝିଅ ବେଶ ସ୍ୱାସ୍ଥ୍ୟ ସଚେତନ। ଗ୍ରାମାଞ୍ଚଳରେ ଯେମିତି କରୋନା ଭୂତାଣୁ ନ ପଶେ ସେଥିପାଇଁ ସେ ଅଣ୍ଟା ଭିଡ଼ିଛନ୍ତି। ଆଦିବାସୀ ଗାଁର ଅନେକ ସୀମାନ୍ତ ଅଞ୍ଚଳ ତଥା ଜଙ୍ଗଲ ମୁଲକରୁ ରାଜ୍ୟ ବାହାରେ କାମ କରୁଥିବା ଯୁବତୀଯୁବକଙ୍କ ସଂଖ୍ୟା କିଛି କମ୍ ନୁହେଁ। ଏବେ ଏମାନଙ୍କ ମଧ୍ୟରୁ କରୋନା ଭୟରେ ଅନେକେ ଗାଁକୁ ଫେରି ଆସିଛନ୍ତି। ଯେଉଁମାନଙ୍କ ମଧ୍ୟରୁ ଅନେକ ନାମ ପଞ୍ଜୀକରଣ କରୁ ନାହାନ୍ତି, କିମ୍ବା ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଯାଉ ନାହାନ୍ତି ଏମାନଙ୍କ ଠିକଣା ସଂଗ୍ରହ କରୁଛନ୍ତି ଚାନ୍ଦମଣି। ଡାକ୍ତର ଡାକି ପରୀକ୍ଷା କରାଉଛନ୍ତି। ଗାଁ ଲୋକଙ୍କ ମନରୁ ଭୟ ଦୂର କରୁଛନ୍ତି। ଆବଶ୍ୟକ ପଡ଼ିଲେ ଡାକ୍ତରଙ୍କ ପରାମର୍ଶ କ୍ରମେ ଘରେ କ୍ୱାରାଣ୍ଟାଇନରେ ରହିବାକୁ କହୁଛନ୍ତି। ନିକଟରେ ଚେନ୍ନାଇରୁ ଫେରିଥିବା ଜଣେ ଯୁବତୀ ଓ ଯୁବକଙ୍କୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଯୁବତୀଙ୍କୁ ଡାକ୍ତରୀ ପରୀକ୍ଷା ପରେ ୧୪ଦିନ ଘରୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି। ଅନୁରୂପଭାବେ ସେହି ଅଞ୍ଚଳର ଅନ୍ୟ ଜଣେ ଯୁବକଙ୍କୁ ଘରେ ରହିବାକୁ ପରାମର୍ଶ ସତ୍ତ୍ୱେ ସେ ଏହାକୁ ପାଳନ ନ କରି ଗାଁରେ ଖୋଲା ବିଚରଣ କରିଥିଲେ, ଯାହାକୁ ନେଇ ଗାଁରେ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ଖବର ପାଇ ଚାନ୍ଦମଣି ଡାକ୍ତରୀ ଟିମ୍ ଡାକି ସମ୍ପୃକ୍ତ ଯୁବକଙ୍କୁ ଆଇସୋଲେଶନ ସେଣ୍ଟରକୁ ପଠାଇଥିଲେ। ଜଙ୍ଗଲ ମୁଲକରେ ବସବାସ କରୁଥିବା ଲୋକେ କରୋନା ନେଇ ସେତେଟା ସଚେତନ ନୁହନ୍ତି। ଏମିତି ଅବସ୍ଥାରେ ଚାନ୍ଦମଣି ଏହା ଉପରେ ସମ୍ପୂର୍ଣ୍ଣ ନଜର ରଖିଛନ୍ତି। ଏହା କେବଳ ମୋର ଦାୟିତ୍ୱ ନୁହେଁ, ଏନେଇ ସମସ୍ତଙ୍କୁ ସଚେତନ ହେବାକୁ ପଡ଼ିବ। ସରକାରଙ୍କ ନୀତି ନିୟମ ମାନିବାକୁ ପଡ଼ିବ। ତେବେ ଯାଇ ଆମେ କରୋନା ଭଳି ଭୟାବହ ସଂକ୍ରମଣକୁ ପ୍ରତିରୋଧ କରି ପାରିବା ବୋଲି କହିଛନ୍ତି ଚାନ୍ଦମଣି।



ଜଣେ କରୋନା ସନ୍ଦିଗ୍ଧଙ୍କୁ ଆଇସୋଲେଶନ ସେଣ୍ଟରକୁ ନେବା ପାଇଁ ସ୍ଥାନୀୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ଚାନ୍ଦିପୋଷ ଥାନା ଅନ୍ତର୍ଗତ ଏରଗେଡ଼ା ଗାଁରେ ଚାନ୍ଦମଣି ସାଣ୍ଡିଲ।

ଜନ୍ମଦିନ ଶୁଭେଚ୍ଛା



ବିଶ୍ୱଜିତ୍ ରାଉତ
ଗ୍ରାମ: ମଙ୍ଗଳପୁର, ଯାଜପୁର
ଆଜି ତୋର ଅଷ୍ଟମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅସୀମ କୃପାରୁ ତୋର ଚଲାପଥ ପୁଷ୍ପିତ, କୁସୁମିତ ହେବା ସଙ୍ଗେ ସଙ୍ଗେ ତୋର ଭବିଷ୍ୟତ ଉଜ୍ଜ୍ୱଳମୟ ଏବଂ ଦୀର୍ଘାୟୁ ହେଉ।
-:ଶୁଭେଚ୍ଛା ସହ:-
ବାପା, ମାମା, ଜେଜେବାପା, ଜେଜେମାଆ, ପିଉସୀ, ପିଉସା, କକା, ମାମୁ, ମାଉସୀ, ଅଜା, ଆଈ ଏବଂ ପରିବାରବର୍ଗ।
ଧ-୧୭୨୫୨

## ମୁଖ୍ୟମନ୍ତ୍ରୀଙ୍କ କରୋନା ମୁକାବିଲା ପାଣ୍ଠିକୁ ସହାୟତା ରାଶିର ସୁଅ

ଭୁବନେଶ୍ୱର,୩୧।୩(ବ୍ୟୁରୋ)

କରୋନା ଭୂତାଣୁର ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱତନ୍ତ୍ର ପାଣ୍ଠି ବ୍ୟବସ୍ଥା କରିଛନ୍ତି। ଏହି ପାଣ୍ଠିକୁ ମଙ୍ଗଳବାର କଟକସ୍ଥିତ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପକ୍ଷରୁ ୨ କୋଟି ୩ ଲକ୍ଷ ୨୭ ହଜାର ୮୫୧ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ବୀରେନ୍ଦ୍ର ପ୍ରତାପ ସ୍ୱାଇଁ ଏହି ସହାୟତା ରାଶି ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏବଂ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ମାଧ୍ୟମରେ ପ୍ରଦାନ କରିଛନ୍ତି। ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ତାଙ୍କର ତିନି ମାସର ଦରମା ବାବଦ ୨ ଲକ୍ଷ ୮୫ ହଜାର ଟଙ୍କା ଏବଂ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମା ୩ ମାସର ପେନ୍‌ସନ ଉକ୍ତ ପାଣ୍ଠିକୁ ପ୍ରଦାନ କରିଛନ୍ତି । ସେହିଭଳି ସୋମବାର ଓଡ଼ିଶା ପରିସଂଖ୍ୟାନ ଓ ଅର୍ଥନୀତି ଅଧିକାରୀ ସଂଘର କର୍ମକର୍ତ୍ତାମାନେ ସଂଘ ତରଫରୁ ୧ ଲକ୍ଷ ୪୨ ହଜାର ୧୬ ଟଙ୍କାର ଚେକ୍ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପ୍ରଦାନ କରିଛନ୍ତି। ପୂର୍ବତନ ବିଧାୟକ ନବୀନ ନନ୍ଦ ୩୮,୦୦୦ ଟଙ୍କା ଦେଇଥିବାବେଳେ ଓଡ଼ିଶା କର୍ମଚାରୀ ସଂଗ୍ରାମ ସମିତି ପକ୍ଷରୁ ଗୋଟିଏ ଦିନର ଦରମା ପ୍ରଦାନ କରାଯାଇଛି। ରାଜ୍ୟ ସଭା ସଦସ୍ୟ ସସ୍ମିତ ପାତ୍ର କରୋନା ମୁକାବିଲା ପାଇଁ ପ୍ରସ୍ତୁତ କରାଯାଇଥିବା ପ୍ରଧାନମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ନିଜର ଗୋଟିଏ ମାସର ଦରମା ପ୍ରଦାନ କରିଛନ୍ତି। ଅନୁରୂପ ଭାବେ ନିଜର ଏମ୍‌ପି ପାଣ୍ଠିରୁ ୧ କୋଟି ଟଙ୍କା ଖର୍ଚ୍ଚ କରିବା ପାଇଁ ସସ୍ମିତ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି।

## କଂଗ୍ରେସର କଣ୍ଟ୍ରୋଲ ରୁମ୍

ଭୁବନେଶ୍ୱର, ୩୧।୩(ବ୍ୟୁରୋ)

କରୋନା ଭାଇରସ୍ ପ୍ରତିହତ କରିବା ପାଇଁ ସାରା ଦେଶରେ ଲକ୍‌ଡାଉନ୍ ଲାଗୁ କରାଯାଇଛି। ଏହାଦ୍ୱାରା ବିଭିନ୍ନ ସ୍ଥାନରେ ଲୋକେ ଫସିଯାଇଛନ୍ତି। ଅନେକ ଲୋକ ଅସହାୟ ହୋଇପଡ଼ିଛନ୍ତି। ସେମାନଙ୍କୁ ସହାୟତା ପାଇଁ କଂଗ୍ରେସ ପକ୍ଷରୁ କଣ୍ଟ୍ରୋଲ ରୁମ୍‌ଖୋଲାଯାଇଛି। ଏହା ମଙ୍ଗଳବାରଠାରୁ ଏପ୍ରିଲ ୧୪ ପର୍ଯ୍ୟନ୍ତ ସକାଳ ୯ରୁ ରାତି ୯ ପର୍ଯ୍ୟନ୍ତ ଖୋଲାରହିବ। ଯଦି କୌଣସି ବ୍ୟକ୍ତି କିଛି ଅସୁବିଧାର ସମ୍ମୁଖୀନ ହୁଅନ୍ତି ତେବେ ଏହି ୧୨ଘଣ୍ଟା ମଧ୍ୟରେ ରାଜ୍ୟ କଂଗ୍ରେସ କାର୍ଯ୍ୟାଳୟ କିମ୍ବା କଣ୍ଟ୍ରୋଲ ରୁମ୍ ନମ୍ବର ୦୬୭୪-୨୫୩୫୫୭୭ରେ ଯୋଗାଯୋଗ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ ଅନୁରୋଧ କରିଛନ୍ତି। କଣ୍ଟ୍ରୋଲ ରୁମ୍ ଲାଗି ଏକ ୧୩ ଜଣିଆ କମିଟି ମଧ୍ୟ ଘୋଷଣା କରାଯାଇଛି।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ



ଇଂ କମଳାକାନ୍ତ ପଲାଇ
ଏ+୬୧୪, ସୁଭଦ୍ରା ଆପାର୍ଟମେଣ୍ଟ
ପଟିଆ, ଭୁବନେଶ୍ୱର-୭୫୧୦୨୪
ଆବିର୍ଭାବ : ୨୨.୦୨.୧୯୪୧
ତିରୋଧାନ : ୨୨.୦୩.୨୦୨୦
ଆପଣଙ୍କ ଶରୀର ପଞ୍ଚଭୂତରେ ଲୀନ ହେଲେ ମଧ୍ୟ ଆମ୍ଭମାନଙ୍କ ହୃଦୟରେ ଆପଣ ସବୁବେଳେ ଜୀବିତ। ଆପଣଙ୍କ ଆଶୀର୍ବାଦ ସଦାସର୍ବଦା ଆମର କାମ୍ୟ। ଆପଣଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ : ପତ୍ନୀ-ବାସନ୍ତୀ; କନ୍ୟା-ମାମି, ମାନି, ମନି; ଜାମାତା-ଟୁକୁନା, ସିଲୁ, ବବ୍‌ଲୁ; ପୁତ୍ର-ବାପି, ବାପୁ; ପୁତ୍ରବଧୂ- ସେଲି, ରୋଜି; ନାତି-ସିମୁନ୍, ଗୁଡୁଲୁ, ଓମ୍, ସୋମ୍; ନାତୁଣୀ-ଖୁସି; ନାତୁଣୀବୋହୂ-ପୂଜା।
ଧ-୬୯୩୦୯

ଖେଳ ଭିତରେ ବି ଅତିରିକ୍ତ ହେଳାଭାବ ଭଲ ନୁହେଁ। ଜୀବନ ଓ କର୍ମସାଧନ ବେଳେ ମଧ୍ୟ ସେହିପରି ଅତିରିକ୍ତ ଗୁରୁଗାମ୍ଭୀର୍ଯ୍ୟ ଠିକ୍ ନୁହେଁ। ଉଭୟତ୍ର ହିଁ ଆମେ ଚାହୁଁ ଖେଳର ସ୍ୱଚ୍ଛନ୍ଦଲୀଳା ଓ ଶୃଙ୍ଖଳାର ମଧ୍ୟ ଗୁରୁତ୍ୱ ଓ ନିଷ୍ଠାପରତା।
-ଶ୍ରୀଅରବିନ୍ଦ



# ବାମନ ଅର୍ଥନୀତି

ଗତ ବର୍ଷ ପ୍ରାରମ୍ଭରେ ଭାରତୀୟ ଅର୍ଥନୀତିରେ ମାନ୍ଦାବସ୍ଥାର ଆଭାସ ମିଳିଥିଲା। ଏହାକୁ ସୁଧାରିବା ପାଇଁ କେନ୍ଦ୍ର ସରକାର ଅନେକ ନିଷ୍ପତ୍ତି ନେଇଥିଲେ। ହେଲେ ସେଥିରେ ସକାରାତ୍ମକ ଉନ୍ନତି ଦେଖାଦେଇ ନ ଥିଲା। ଏବେ କରୋନା ଭୂତାଣୁର ପ୍ରଭାବରେ ଦେଶବ୍ୟାପୀ ହୋଇଥିବା ଲକ୍‌ଡାଉନ୍ ବା ଅଚଳାବସ୍ଥା ଅର୍ଥନୀତିକୁ ଆହୁରି ବାମନ ଅବସ୍ଥାକୁ ନେଇଯାଇଛି। ଏଭଳିସ୍ଥଳେ ୧୦ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମଧ୍ୟରେ ମିଶ୍ରଣ ଘଟି ୪ଟି ବଡ଼ ବ୍ୟାଙ୍କ ସୃଷ୍ଟି କରାଯିବା ନେଇ ଏପ୍ରିଲ ପହିଲାକୁ ଦିନ ଧାର୍ଯ୍ୟ କରାଯାଇଥିବାରୁ ସେହି ମୁହୂର୍ତ୍ତ ଉପସ୍ଥିତ ହୋଇଛି। ଅନାଦାୟ ଋଣ ବା ଏନ୍‌ପିଏ ସ୍ତର ଆକାଶଛୁଆଁ ହେବା ଓ ଚାଲାକ କରି ବ୍ୟାଙ୍କର ଅର୍ଥ ହଡ଼ପ କରିଥିବା ବିଶିଷ୍ଟ ଶିଳ୍ପପତି ଓ ବ୍ୟବସାୟୀଙ୍କ ଯୋଗୁ ବ୍ୟାଙ୍କିଙ୍ଗ୍ କ୍ଷେତ୍ର ଆଜି ଦେବାଳିଆ ସ୍ଥିତିରେ ପଡ଼ିଯାଇଛି। ଅପର୍ଯ୍ୟାପ୍ତ ଏନ୍‌ପିଏ ଧରିବସିଥିବା ଦୁର୍ବଳ ବ୍ୟାଙ୍କଗୁଡ଼ିକୁ କେତେକ ବଡ଼ ବ୍ୟାଙ୍କ ସହ ମିଶ୍ରଣ କରିଦେଲେ ଅର୍ଥନୀତିରେ ସୁଧାର ଆସିପାରିବ ବୋଲି ଚିନ୍ତା କରି କେନ୍ଦ୍ର ସରକାର ଉପରଲିଖିତ ନିଷ୍ପତ୍ତି ନେଇଛନ୍ତି ବୋଲି କୁହାଯାଉଛି। କିନ୍ତୁ ବାସ୍ତବତା ଭିନ୍ନ କାହାଣୀ ବଖାଣୁଛି। ବ୍ୟାଙ୍କ କର୍ମଚାରୀମାନେ ଚାକିରି ହରାଇବା ଚିନ୍ତାରେ ଅତିଷ୍ଠ ହୋଇ ଏହି ମିଶ୍ରଣକୁ ବିରୋଧ କରୁଛନ୍ତି। ଅନ୍ୟପକ୍ଷରେ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଆଶ୍ୱାସନା ଦିଆଯାଉଛି ଯେ, କୌଣସି କର୍ମଚାରୀଙ୍କ ଚାକିରି ଯିବ ନାହିଁ। ଏଭଳି ଯଦି ନିଷ୍ପତ୍ତି ନିଆଯାଇଥାଏ, ତେବେ ସୃଷ୍ଟି ହେବାକୁ ଯାଉଥିବା ବଡ଼ ବ୍ୟାଙ୍କର ଦକ୍ଷତା କିଭଳି ବୃଦ୍ଧି ପାଇ ଲାଭ ଅର୍ଜନ ହୋଇପାରିବ ବୁଝିବା କଷ୍ଟକର ହୋଇପଡ଼ିଛି। ଏଥିରୁ ଖିଅ ଟଣାଯାଇ ଆଲୋଚନା କରାଗଲେ ଏକ ବାସ୍ତବ ଘଟଣା ସାମ୍ନାକୁ ଆସିପାରେ। ଅପାରଗ ବା ସ୍ଥଳବିଶେଷରେ କାହାରିକୁ ଅନୁଚିତ ଅନୁଗ୍ରହ ଦେଖାଇ ଫାଇଦା ନେଇଥିବା ବ୍ୟାଙ୍କ କର୍ମଚାରୀଙ୍କ ଦ୍ୱାରା ଆଜି ଯେଉଁ ବ୍ୟାଙ୍କଗୁଡ଼ିକ ଦୁର୍ବଳ ହୋଇଯାଇଛନ୍ତି, ସେହିମାନଙ୍କୁ ମିଶ୍ରଣ ପ୍ରକ୍ରିୟାରେ ସାମିଲ କରାଗଲେ ବ୍ୟାଙ୍କିଙ୍ଗ୍ ସ୍ଥିତିରେ କଦାପି ପରିବର୍ତ୍ତନ ଆସିପାରିବ ନାହିଁ। ଏହି ସୂକ୍ଷ୍ମ ତଫାତ୍‌କୁ ବୁଝିବା ପାଇଁ ସମ୍ଭବତଃ ଅର୍ଥ ମନ୍ତ୍ରଣାଳୟ ଧ୍ୟାନ ଦେଇ ନାହାନ୍ତି।

ଭାରତୀୟ ଅର୍ଥନୀତି ଏକ ବିଷମ ପରିସ୍ଥିତି ଦେଇ ଗତି କରୁଥିବା ବେଳେ କରୋନା ଚାପ 'ବେଡ଼ି ଉପରେ କୋରଡ଼ା ମାଡ଼' ହୋଇଯାଇଛି। ଏଥିସହିତ ନିକଟ ଅତୀତକୁ ଦେଖିଲେ 'ୟେସ୍ ବ୍ୟାଙ୍କ'ର କାରନାମା ସାମ୍ନାକୁ ଆସିଯାଉଛି। ଏହି ଘରୋଇ ବ୍ୟାଙ୍କରେ ଜମା ରଖିଥିବା ଆକାଉଣ୍ଟଧାରୀ ନିଜ ଅର୍ଥ ଉଠାଇବାରେ ଯେତେବେଳେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି, ସେତେବେଳେ ବ୍ୟାଙ୍କ ଉପରେ ଲୋକଙ୍କ ଭରସା କମିଗଲାଣି ବୋଲି କୁହାଯାଇପାରେ। ଏଭଳି ସ୍ଥଳେ ହାତଗଣତି ବ୍ୟାଙ୍କ ରହିଗଲେ ଅର୍ଥ ଜମା କରିବାର ପସନ୍ଦ କମିଯାଇପାରେ। ଅର୍ଥାତ୍ ଲୋକେ ଭାବିଲେଣି ଗୋଟିଏ ବ୍ୟାଙ୍କରେ ସବୁତକ ଅର୍ଥ ନ ରଖି ବିଭିନ୍ନ ବ୍ୟାଙ୍କରେ ଜମା ରଖିଥିଲେ ଅସ୍ୱାଭାବିକ ପରିସ୍ଥିତିକୁ ଅତିକ୍ରମ କରାଯାଇପାରିବ।

ବ୍ୟାଙ୍କ ମିଶ୍ରଣ ସପକ୍ଷବାଦୀଙ୍କ ଯୁକ୍ତି ହେଉଛି ଯେ, ବୃହତ୍ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଘରୋଇ ବ୍ୟାଙ୍କ ସହ ଠିକ୍ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିପାରିବ। ବଡ଼ ବ୍ୟାଙ୍କଗୁଡ଼ିକର ଋଣ ଦେବାର କ୍ଷମତା ବୃଦ୍ଧି ପାଇଥାଏ। କିନ୍ତୁ କୁହାଯାଇପାରେ ଯେ, ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଉପରେ ରାଜନୈତିକ ବ୍ୟକ୍ତି ଓ ଅମଲାତନ୍ତ୍ରୀଙ୍କ ହସ୍ତକ୍ଷେପ ରହୁଥିବାରୁ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ରୁ ଅର୍ଥ ହଡ଼ପ କରିଥିବା ନୀରବ ମୋଦି କିମ୍ବା ମେହୁଲ ଚୋକ୍‌ସିଙ୍କ ଭଳି ବ୍ୟକ୍ତିମାନେ ମଧ୍ୟ ପୂର୍ବଭଳି ଫାଇଦା ଉଠାଇପାରନ୍ତି। ବାସ୍ତବରେ ରାଜନୈତିକ ହସ୍ତକ୍ଷେପ ଯୋଗୁ ବ୍ୟାଙ୍କଗୁଡ଼ିକ ଅସ୍ୱାଭାବିକ ଋଣ ପ୍ରଦାନ କରୁଛନ୍ତି କହିବା ଅସତ୍ୟ ହେବ। ରାଜନୈତିକ ବ୍ୟକ୍ତି କିମ୍ବା କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ଉଚ୍ଚପଦସ୍ଥ ଅଧିକାରୀଙ୍କ ହସ୍ତକ୍ଷେପ ସବୁବେଳେ ରହିଆସିଛି। ତେବେ ତାହାଠାରୁ ଅଧିକ ମାରାତ୍ମକ ହେଉଛି ଯେତେବେଳେ ବ୍ୟାଙ୍କ ଶାଖାସ୍ତରର କର୍ମଚାରୀଙ୍କଠାରୁ ଆରମ୍ଭ କରି ଉଚ୍ଚପାହ୍ୟାର କର୍ମକର୍ତ୍ତା ମିଶିଯାଇ ନିଜ ବ୍ୟାଙ୍କକୁ ଲୁଟିବା ପାଇଁ ମନସ୍ଥ କରିଦେଉଛନ୍ତି। ସେତେବେଳେ ସାଧାରଣ ଜମାକାରୀର କେହି ରକ୍ଷକ ରହୁନାହାନ୍ତି। ଏହି ପ୍ରଚ୍ଛଦପଟରେ ଦେଖିଲେ ବଡ଼ ବ୍ୟାଙ୍କକୁ ଲୁଟିବା ସହଜ ହୋଇପାରେ। କାରଣ ବିରାଟକାୟ ସଂସ୍ଥାରେ ବାମହାତ ଜାଣି ନ ଥିବ ଡାହାଣ ହାତ କ'ଣ କରୁଛି। ସମ୍ଭବତଃ କ୍ଷୁଦ୍ର ବ୍ୟାଙ୍କଗୁଡ଼ିକ ଜମାକାରୀଙ୍କ ପାଇଁ ଅଧିକ ସୁରକ୍ଷିତ ହୋଇପାରନ୍ତି। ଅନ୍ୟପକ୍ଷରେ ଭାରତର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ପରିଚାଳନା କରୁଥିବା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ମୁଖିଆଙ୍କ ବାରମ୍ବାର ବଦଳି ଓ ଏହି କେନ୍ଦ୍ରୀୟ ବ୍ୟାଙ୍କ ଭିତରେ ମତଭେଦ ରହିଥିବା ବିଷୟ ବ୍ୟାଙ୍କିଙ୍ଗ କ୍ଷେତ୍ରର ମନୋବଳକୁ ଦୁର୍ବଳ କରିଚାଲିଛି। କେବଳ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡ଼ିକର ଏନ୍‌ପିଏ ୭ ଲକ୍ଷ ୨୭ ହଜାର କୋଟି ଟଙ୍କା ରହିଛି। ଏପରି ସ୍ଥଳେ ବ୍ୟାଙ୍କ ମିଶ୍ରଣ ଫଳପ୍ରସୂ ନ ହେଲେ ବ୍ୟାଙ୍କିଙ୍ଗ୍ କ୍ଷେତ୍ର ଘୋର ଦୁର୍ଦ୍ଦିନ ଦେଇ ଗତିକରିବ।

ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ଦିନଠାରୁ ଭାରତୀୟ ଅର୍ଥନୀତିରେ କୌଣସି ସକାରାତ୍ମକ ପରିବର୍ତ୍ତନ ଘଟିପାରି ନାହିଁ। ଉପା ସରକାର ସମୟରେ ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି) ଏକ ଭଲ ସ୍ଥିତିରେ ଥିଲା। ଜନସାଧାରଣ ମଧ୍ୟ ତାହା ଅନୁଭବ କରିପାରୁଥିଲେ। ମୋଦି ସରକାରଙ୍କ ବେଳେ ଅନେକ ଆର୍ଥିକ ସଂସ୍କାର ଅଣାଯାଇଛି ବୋଲି ଡିଣ୍ଡିମ ପିଟାଯାଉଥିଲେ ମଧ୍ୟ ତାହାର ଫଳ ଶୂନ ରହିଛି। ଏହି ପରିପ୍ରେକ୍ଷୀରେ ୧୦ ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ମିଶାଯାଇ ୪ଟି ବୃହତ୍ ବ୍ୟାଙ୍କ ଗଠନ କରାଯିବାର ଯେଉଁ ପରିକଳ୍ପନା କରାଯାଇଛି, ତାହା ଏକ ବିତର୍କର ଅପେକ୍ଷା ରଖୁଛି। ଯାହା ଜଣାପଡୁଛି ଏହି ସରକାର ବିମୁଦ୍ରୀକରଣ, ଜିଏସ୍‌ଟି ପ୍ରଚଳନ ଓ ଏବେ କୋଭିଡ୍-୧୯କୁ ପରିଚାଳନା କରିବାରେ ଯେଭଳି ବିଫଳ ହୋଇଛନ୍ତି ବ୍ୟାଙ୍କ ମିଶ୍ରଣ ନିଷ୍ପତ୍ତି ଆଉ ଏକ ଅସଫଳତାକୁ ଦର୍ଶାଇପାରେ।

# ଓଡ଼ିଆ ପତ୍ରପତ୍ରିକା



ପଣ୍ଡିତ ଡ. ଅନ୍ତର୍ଯ୍ୟାମୀ ମିଶ୍ର

ସୁଖର କଥା, ଓଡ଼ିଶାରେ ପତ୍ରପତ୍ରିକା ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ବିଭିନ୍ନ ଅନୁଷ୍ଠାନ, ସଂସଦ ଏବଂ ବ୍ୟକ୍ତିଗତ ଭାବରେ ଅନେକ ପତ୍ରିକା ଜନ୍ମ ନେଲାଣି। ସବୁ ପତ୍ରିକା ଯେ ବ୍ୟବସାୟିକ ସଫଳତା ଲାଭ କରୁଛି ତାହା ନୁହେଁ। କିନ୍ତୁ ଏହା ସତ ଯେ ପତ୍ରିକାର ସଂଖ୍ୟା ବିଶେଷ ବୃଦ୍ଧି ପାଇଛି। ଏହା ଓଡ଼ିଆ ଭାଷା ସାହିତ୍ୟ ନିମିତ୍ତ ଶୁଭ ସଙ୍କେତ। ପତ୍ରପତ୍ରିକା ଜାତିର ସାଂସ୍କୃତିକ ପରିଚୟ ପ୍ରଦାନ କରିଥାଏ। ଦୁଃଖର ବିଷୟ ଓଡ଼ିଶାରୁ ପ୍ରକାଶିତ ଅନେକ ଓଡ଼ିଆ ପତ୍ରପତ୍ରିକା ଅଦ୍ୟାବଧି ଓଡ଼ିଆ ଜାତିର ଯଥାର୍ଥ ସାଂସ୍କୃତିକ ପରିଚୟ ପ୍ରଦାନ କରିବାକୁ ସମର୍ଥ ହୋଇନାହିଁ। ପ୍ରକାଶିତ ପତ୍ରପତ୍ରିକାରେ ଜାତିର ସାରସ୍ୱତ ବିକାଶ ଧାରା, ବୌଦ୍ଧିକ ଅନୁଚିନ୍ତା ଓ ସାଂସ୍କୃତିକ ଉପଲବ୍ଧି ପରିବର୍ତ୍ତେ ଆତ୍ମପ୍ରଚାରର ଗାଥା ଓ ବ୍ୟଥା, ହୀନମନ୍ୟତା, କଥାକନ୍ଦଳ ପ୍ରଭୃତି ବେଶି ସ୍ଥାନିତ ହେଉଛି, ଯାହା ଆଦୌ ଜାତି ନିମିତ୍ତ ଶୁଭଙ୍କର ନୁହେଁ।

କିଛି ଲୋକ ଏକାଠି ହେଲେ ଗୋଟିଏ ଉଚ୍ଚ ବିଦ୍ୟାଳୟ ଗଠନ କରିପାରୁଛନ୍ତି, ଗୋଟିଏ ଗ୍ରାମ ବା ପଞ୍ଚାୟତ ଚାହିଁଲେ ମହାବିଦ୍ୟାଳୟଟିଏ ଖୋଲି ପାରୁଛନ୍ତି। ସ୍ଥଳବିଶେଷରେ କୌଣସି ବ୍ୟକ୍ତିବିଶେଷ ଅର୍ଥ ଲାଭ କାମନାରେ ମହାବିଦ୍ୟାଳୟଟିଏ ପ୍ରତିଷ୍ଠା କରିପାରୁଛନ୍ତି। ଅନେକେ ବ୍ୟକ୍ତିଗତ, ଗୋଷ୍ଠୀଗତ ଅଥବା ସାମୂହିକ ଭାବେ ବୈଷୟିକ ଶିକ୍ଷାନୁଷ୍ଠାନ ଗଢ଼ି ପାରୁଛନ୍ତି। କିଛି ଲେଖକ ବା ଜଣେ ଲେଖକ ଚାହିଁଲେ ମଧ୍ୟ ସାହିତ୍ୟ ସଂସଦଟିଏ ଉଭା ହୋଇପାରୁଛି। ସେହିପରି ଜଣେ ଦି'ଜଣ ଲେଖକ ଚାହିଁଲେ ସାହିତ୍ୟ ପତ୍ରିକାଟିଏ ଆତ୍ମପ୍ରକାଶ କରିପାରୁଛି। କେହି ସମର୍ଥ ବ୍ୟକ୍ତି ଚାହିଁଲେ ନିଜେ ପତ୍ରିକାଟିଏ ବାହାର କରିପାରୁଛନ୍ତି। ଆପଣାକୁ ପ୍ରତିଷ୍ଠା କରିବା ଅଥବା କିଛି ରୋଜଗାର ପନ୍ଥା ବାହାର କରିବା ଆଶାରେ କେହି କେହି ମଧ୍ୟ ପତ୍ରିକା ବାହାର କରୁଛନ୍ତି। କେହି କେହି ଲେଖକଙ୍କଠାରୁ ଚାନ୍ଦା ଆଦାୟ କରି ପତ୍ରିକାଟିଏ ବାହାର କରି ବାଃ ବାଃ ନେଉଛନ୍ତି। କିନ୍ତୁ ଏହିସବୁ ପତ୍ରିକାଗୁଡ଼ିକର ସାରସ୍ୱତ ମୂଲ୍ୟବୋଧ ଉପରେ କେହି କେବେ ଚିନ୍ତା କରୁନାହାନ୍ତି। ଭିନ୍ନ ଭିନ୍ନ ରଙ୍ଗତରଙ୍ଗ, ରୂପସଜ୍ଜା, ଅଳଙ୍କରଣ, ଉଦ୍ଭଟ ଚିନ୍ତାଚେତନା, ଭିନ୍ନ ଭିନ୍ନ ବିଚାରବିମର୍ଶ ନେଇ ପତ୍ରିକା ଯେପରି ଆବିର୍ଭାବ ହେଉଛି ସେପରି ମଧ୍ୟ ଅନ୍ତର୍ଦ୍ଧାନ ହେଉଛି। ପୂଜା ସମୟ ଆସିଗଲେ ଓଡ଼ିଶାରେ ପତ୍ରିକା ବଜାର ଜମିଉଠେ ଏବଂ ଜଣାଯାଏ ଓଡ଼ିଆ ସାହିତ୍ୟ ବିଶ୍ୱବିଜୟୀ ହୋଇଗଲା। ଓଡ଼ିଆ ପତ୍ରପତ୍ରିକାର ବ୍ୟାପକ ପ୍ରସାର ସତ୍ତ୍ୱେ ଓଡ଼ିଆ ଭାଷାସାହିତ୍ୟର କାହିଁକି ଅଭିବୃଦ୍ଧି ଘଟିପାରୁନାହିଁ ବା ଓଡ଼ିଆ ପତ୍ରପତ୍ରିକା ଏ ଯାବତ୍ କାହିଁକି ସ୍ୱାବଲମ୍ବନଶୀଳ ହୋଇପାରିନି ଅଥବା ଓଡ଼ିଶାରେ ପାଠକ ସଂଖ୍ୟା କାହିଁକି ବୃଦ୍ଧି ଘଟୁନାହିଁ, ଏହା ହିଁ ମନକୁ ଆନ୍ଦୋଳିତ କରେ।

ସାହିତ୍ୟ ଅପେକ୍ଷା ପତ୍ରିକାର ଅନ୍ୟତମ ଆକର୍ଷଣ ହେଲାଣି ଖେଳଖବର, ଚଳଚ୍ଚିତ୍ର, ରୋଷେଇ, ସିଲେଇ, ଚିତ୍ର, ନଗ୍ନଚିତ୍ର ଓ ଯୌନଚର୍ଚ୍ଚା ପ୍ରଭୃତି। ପତ୍ରିକାରେ ଏସବୁ ସ୍ଥାନିତ ହୋଇ ନ ଥିଲେ ବିକ୍ରୟ ସଂଖ୍ୟା କମିଯାଏ। ଏହି ପରିପ୍ରେକ୍ଷୀରେ ମନରେ ପ୍ରଶ୍ନ ଉଠୁଛି, ସତେ କ'ଣ ଓଡ଼ିଆ ଲେଖକମାନେ ସେମାନଙ୍କର ଯାଦୁକରୀ ତୂଳୀରେ ସାହିତ୍ୟ ଚିତ୍ରଣ କରିବାକୁ ଅସମର୍ଥ ନା ସମ୍ପାଦକମାନେ ଆପଣାର ସାମନ୍ତବାଦୀ ମନୋବୃତ୍ତିକୁ ପାଠକଙ୍କ ଉପରେ ଲଦି ଦେଉଛନ୍ତି। ଫଳରେ ପ୍ରକାଶିତ ପତ୍ରିକା ପାଠପୂର୍ବକ ପାଠକ ନିଜକୁ ସମ୍ଭ୍ରାନ୍ତବାଦୀ ଓ ପ୍ରଗତିବାଦୀ ବୋଲି ପରିଚୟ ଦେବାକୁ ଦ୍ୱିଧାବୋଧ କରୁଛନ୍ତି, ଅଥଚ ସେହି ପାଠକ ଅନ୍ୟ ଭାଷାରେ ପ୍ରକାଶିତ ପତ୍ରପତ୍ରିକା ପାଠ କରିବାକୁ ସୁଖ ମଣୁଛନ୍ତି। ସାହିତ୍ୟ ପତ୍ରିକାଟିଏ ପ୍ରକାଶ କରିଦେଲେ ସାହିତ୍ୟ ଭଣ୍ଡାର ସମୃଦ୍ଧ ହୋଇଗଲା ବୋଲି ଭାବିବା ଠିକ୍ ନୁହେଁ। ପତ୍ରପତ୍ରିକାର ସମାଜ ପ୍ରତି ଯେଉଁ ଉତ୍ତରଦାୟିତ୍ୱ ରହିଛି ତାହା ତୁଲାଇବାର ସାମର୍ଥ୍ୟ ନ ପାଇ କେବଳ କେତେଜଣ ଲେଖକଙ୍କୁ ବିଜ୍ଞାପିତ କରିପାରିଲେ ସାହିତ୍ୟ ସମୃଦ୍ଧ ହୋଇଯିବ ନାହିଁ। ସାମ୍ପ୍ରତିକ ସମସ୍ୟାବହୁଳ ବିଶ୍ୱର ଅନେକ ସମସ୍ୟା ଆଲୋଚନା ସମାଲୋଚନା ମାଧ୍ୟମରେ ସମାଧାନ ହୋଇଥାଏ। ପତ୍ରିକାରେ ଏହିସବୁ ଆଲୋଚନା ଓ ସମାଲୋଚନା ସ୍ଥାନିତ ହେବା ସର୍ବାଦୌ ବାଞ୍ଛନୀୟ। ପତ୍ରପତ୍ରିକାଗୁଡ଼ିକ ଜୀବନଧର୍ମୀ ଯୁଗୋପଯୋଗୀ ସାହିତ୍ୟ ସୃଷ୍ଟି କ୍ଷେତ୍ରରେ ପ୍ରେରଣା ପ୍ରଦାନ କରିବା ସହିତ ଜନସମାଜରେ ପରିବର୍ତ୍ତିତ ଚିନ୍ତାଧାରାର ପ୍ରଭାବ ପକାଇ ସମାଜ ଗଠନର ସହାୟକ ହେବା ବିଧେୟ। ଅନ୍ୟ ଭାଷାରେ ଲେଖିଲେ, ପତ୍ରପତ୍ରିକା ଯେହେତୁ ସମସାମୟିକ ସାହିତ୍ୟ, ସେଥିରେ ସମସାମୟିକ ସମାଜ ବ୍ୟବସ୍ଥା ସମ୍ପର୍କିତ ପ୍ରତିଛବି ରହିବା କଲ୍ୟାଣକର, ଯଦ୍ଦ୍ୱାରା ସାମାଜିକ ଚେତନାର ଉତ୍ତରଣ ଘଟିପାରିବ।

ଅନେକ ନିୟମିତ ସଙ୍କଳନ ହେଉଥିଲେ ହେଁ ବିଭିନ୍ନ ଭାବରେ କେତୋଟି ପତ୍ରିକାକୁ ବାଦ୍ ଦେଲେ ଅନ୍ୟଗୁଡ଼ିକ ପ୍ରାୟ ସୀମିତ ସଂଖ୍ୟାରେ ପ୍ରକାଶିତ। ବିଭିନ୍ନ କାରଣରୁ ଅନେକ ପତ୍ରିକା କିଛିକାଳ ପ୍ରକାଶନ ପରେ ବନ୍ଦ ହୋଇଯାଏ। ପ୍ରସାରଣ ଦୃଷ୍ଟିରୁ ଅନେକ ପତ୍ରିକା ପୂରାପୂରି ବିକ୍ରି ହୋଇପାରେ ନାହିଁ। ବ୍ୟବସାୟିକ ଦୃଷ୍ଟିକୋଣରୁ ପତ୍ରିକା ପ୍ରକାଶନ ସମ୍ପ୍ରତି ଏକ ଚିନ୍ତାର ବିଷୟ।

ସମାଜ ଗୋଟିଏ ଶୃଙ୍ଖଳିତ, ସଂଘବଦ୍ଧ ଓ ନୀତିଗତ ଅନୁଷ୍ଠାନ। ଜୀବନ ନିର୍ମାଣର କଳା ସମୃଦ୍ଧ ହେବା ନିମିତ୍ତ ସମାଜ ଗୋଟିଏ କ୍ଷେତ୍ର। ସମାଜର ଜାଗ୍ରତପ୍ରହରୀ ଭାବରେ ଏହାକୁ ଏକ ମାର୍ଜିତ, ଶୃଙ୍ଖଳିତ, ଦୃଢ଼ୀଭୂତ ତଥା କଲ୍ୟାଣମୁଖୀ କ୍ଷେତ୍ରରେ ପରିଣତ କରିବା ନିମିତ୍ତ ପତ୍ରପତ୍ରିକାର ଅବଦାନ ଅବର୍ଣ୍ଣନୀୟ। ପତ୍ରପତ୍ରିକା ହିଁ ଜାତିର ସାହିତ୍ୟ, ସଂସ୍କୃତି, ଐତିହ୍ୟ, ସାମାଜିକ ରୀତିନୀତି, ରାଜନୈତିକ ବିଚାରବିମର୍ଶ, ଆଭ୍ୟନ୍ତରୀଣ ରୁଚି ତଥା ପ୍ରଜ୍ଞାର ଯଥାର୍ଥ ପରିଚୟ ପ୍ରଦାନ କରିଥାଏ। ବୌଦ୍ଧିକ ପରିବର୍ତ୍ତନ ପ୍ରକ୍ରିୟା ମାଧ୍ୟମରେ ନୂତନ ସମ୍ଭାବନାର ଦ୍ୱାର ଉନ୍ମୋଚନ ନିମିତ୍ତ ପତ୍ରପତ୍ରିକା ଏକ ବଳିଷ୍ଠ ଗଣମାଧ୍ୟମର ଭୂମିକା ଗ୍ରହଣ କରିଥାଏ। ସଂକ୍ଷେପରେ ଉଲ୍ଲେଖ କଲେ, ଜାତିର କଲ୍ୟାଣମୟ ବୌଦ୍ଧିକ ବିକାଶ ତଥା ସାହିତ୍ୟ ଜଗତରେ ନୂତନ ଅଧ୍ୟାୟ ସୃଷ୍ଟି ନିମିତ୍ତ ପତ୍ରପତ୍ରିକାର ଭୂମିକା ଅନସ୍ୱୀକାର୍ଯ୍ୟ। ଖାମଖିଆଲି ଭାବରେ ପତ୍ରିକାଟିଏ ପ୍ରକାଶ କରିଦେଇ ଭାଷା, ସାହିତ୍ୟ, ସଂସ୍କୃତି ଓ ସମାଜର କଲ୍ୟାଣ କାମନା କରିବା ବୃଥା ଆସ୍ଫାଳନ ମାତ୍ର।

ଆନନ୍ଦନଗର, କାଠଗଡ଼ା, ଢେଙ୍କାନାଳ
ମୋ-୮୮୯୫୨୩୦୭୨୨

# କେବଳ ସାନମାନଙ୍କ ପାଇଁ



ଅଞ୍ଜନ ଚାନ୍ଦ

ଗଛ ଫଳ ଦିଏ। ଫଳ ତା' ପାଖରେ ଥାଏ। ନଦୀ ଜଳ ଦିଏ। ଜଳ ତା' ପାଖରେ ଥାଏ। ଗାଈ କ୍ଷୀର ଦିଏ। କ୍ଷୀର ତା' ପାଖରେ ଥାଏ। ସଂସାରରେ କେବଳ ମଣିଷ ଏମିତି ପ୍ରାଣୀ, ଯାହା ତା' ପାଖରେ ନ ଥାଏ ତାହା ମଧ୍ୟ ସେ ଦାନ କରିପାରେ।

ମା'ଟିଏ ତା'ର ଛୋଟପୁଅକୁ ନେଇ ଗାନ୍ଧିଜୀଙ୍କ ପାଖକୁ ଗଲା। କହିଲା- ଇଏ ବହୁତ ଚିନି ଖାଉଛି। କାହାର କଥା ମାନୁନାହିଁ। ଆପଣ ଥରେ କହିଦିଅନ୍ତୁ ସେ ମାନିଯିବ। ଗାନ୍ଧିଜୀ କେତେଦିନ ପରେ ତାକୁ ଆସିବାକୁ କହିଲେ। ସେଇ ସମୟ ଭିତରେ ସେ ନିଜର ଚିନି ଖାଇବା ରୁଚିକୁ ଛାଡିଲେ ଏବଂ ତା'ପରେ ପିଲାଟିକୁ ଚିନି କମ୍ ଖାଇବାକୁ ଉପଦେଶ ଦେଲେ। ଆମେ କିନ୍ତୁ ଏବେ ଗାନ୍ଧିଜୀଙ୍କଠାରୁ ବଡ଼ ମହାତ୍ମା ହୋଇଯାଇଛୁ। ପ୍ରତିଦିନ କେତେ କେତେ ଉପଦେଶ ପିଲାମାନଙ୍କୁ ଶୁଣାଇ ଦେଉଛୁ।

ଉପଦେଶ ଦେବା ବଡ଼ ସହଜ କାମ, ଯାହା ବଡ଼ମାନେ କରନ୍ତି। ଯେଉଁଠି ଯେତେବେଳେ ସୁଯୋଗ ମିଳେ ସାନମାନଙ୍କୁ ଗୁଡ଼ାଏ ଉପଦେଶ ଶୁଣାଇ ଦିଅନ୍ତି। ସାନମାନେ ଯେହେତୁ ସାନ ସେଥିପାଇଁ ନୀରବରେ ସବୁକଥା ଶୁଣନ୍ତି ଏବଂ ଭାବନ୍ତି, ମୁଁ କେବେ ବଡ଼ ହେବି, ଏଇ ଉପଦେଶଗୁଡ଼ିକୁ ସାନମାନଙ୍କୁ ଶୁଣାଇବି।

ଏମିତି କେତେ ଉପଦେଶ ଯାହା ଆଗରୁ ନ ଥିଲା। ଏବେ ସମାଜରେ ସେଗୁଡ଼ିକ ବହୁଳ ପ୍ରଚଳିତ। ଉପରୁ ଦେଖିଲେ ତାହା ଭାରି ସୁନ୍ଦର ଲାଗେ, କିନ୍ତୁ ବାସ୍ତବରେ ତାହାର କୌଣସି ମୂଲ୍ୟ ନ ଥାଏ। ଯେମିତି ଏବେ ସବୁଠି ସମସ୍ତେ ପରିବେଶ ସୁରକ୍ଷା ଚିନ୍ତାରେ ଚିନ୍ତିତ ହୋଇପଡିଛନ୍ତି। ବିଚରା ପିଲାମାନେ, ପରିବେଶ ନଷ୍ଟ ହେବାରେ ଯେଉଁମାନଙ୍କର କୌଣସି ହାତ ନାହିଁ ସେମାନଙ୍କୁ ପରିବେଶ ରକ୍ଷା କରିବାକୁ ଅନର୍ଗଳ ଉପଦେଶ ଦେଉଛନ୍ତି। କହୁଛନ୍ତି-ଗଛ ଲଗାଅ। ଗଛ ଲଗାଅ, ପରିବେଶ ବଞ୍ଚାଅ।

ସତରେ କ'ଣ ଗଛ ଲଗାଇଲେ ପରିବେଶ ବଞ୍ଚିବ? ଆମେ ଏଠାରେ ଗୋଟିଏ ଚାରା ପୋତିବା ବେଳକୁ ତୁମେ ତ ସେଠାରେ ଶହେ ମହାଦ୍ରୁମକୁ କାଟିପକାଉଛ।

ତୁମେ ଯଦି ଗଛ ନ କାଟିବ ଦଶରୁ କୋଡିଏ ବର୍ଷ ଭିତରେ ଏ ପୃଥିବୀ ଅରଣ୍ୟମୟ ହୋଇଯିବ।

କେତେ ଗୁଳ୍ମ ଲତା ମାଟିରେ ମନକୁମନ ଉଠନ୍ତି। ଗଛଟିଏ ଏକୁଟିଆ ତା'ର ବଂଶବିସ୍ତାର କରିପାରେ। ପୁଣି ବୀଜବପନ ପାଇଁ ପ୍ରକୃତି ନିଜର ଅସଂଖ୍ୟ ସେନାନୀ ନିଯୁକ୍ତ କରିଛି। ପକ୍ଷୀ ସେନାନୀ। ସେମାନଙ୍କର ଗଛ ଲଗାଇବାର ଶକ୍ତି ଏତେ ପ୍ରବଳ ଯେ, ଆମ ଘରର କଂକ୍ରିଟ ଛାତରେ ବି ବରଗଛ ଲଗାଇଦେବେ।

ତେଣୁ ପରିବେଶ ସୁରକ୍ଷା ପାଇଁ ଠିକ୍ ଉପଦେଶଟି ହେଉଛି ଗଛ କାଟ ନାହିଁ। କିନ୍ତୁ ଯେହେତୁ ଏହା ବଡ଼ମାନଙ୍କ ପାଇଁ ଉଦ୍ଦିଷ୍ଟ ସେଥିପାଇଁ ତା' ଉପରେ କେହି ଗୁରୁତ୍ୱ ଦେଉନାହାନ୍ତି।

ସବୁ ବଡ଼ ଲୋକଙ୍କର ଗୋଟିଏ ଅଭିଯୋଗ, ଆମେ ଏତେ ଉପଦେଶ ଦେଉଛୁ ଅଥଚ ଏ ପିଲାମାନେ କିଛି ମାନୁନାହାନ୍ତି। କାହିଁକି ମାନୁନାହାନ୍ତି ସେ କଥା କେହି ଚିନ୍ତା କରୁନାହାନ୍ତି। ଭୋକିଲା ଭିକାରିଟିଏ ରାସ୍ତାରେ ଭିକ ମାଗୁଛି। ତାକୁ ଘରକୁ ଡାକି କେବଳ କଥାରେ ଭାତ ନେ, ଡାଲି ନେ, ତରକାରି ନେ କହିଲେ ତା'ର ପେଟ ପୂରିଯିବ ନାହିଁ। ଯାହା ତୁମ ପାଖରେ ନାହିଁ ତାହା ତୁମେ ଅନ୍ୟକୁ ଦାନ କରିପାରିବ ନାହିଁ। ଅଥଚ ଆମେ ସେମିତି କରୁଛୁ। ପୁଅକୁ 'ମିଛ କହିବା ପାପ' ଶିଖାଉଥିବା ବାପା କହୁଛନ୍ତି-ରାମବାବୁ ବାକିଟଙ୍କା ମାଗିବାକୁ ଆସିଛନ୍ତି, ତାଙ୍କୁ କୁହ ବାପା ଘରେ ନାହାନ୍ତି। ବାଡ଼ରେ ହାତଗଳାଇ ପରବାଡିରୁ ବାଇଗଣ ତୋଳୁଥିବା ମା' ଝିଅକୁ ଚୋରି କରିବାକୁ ମନା କରୁଛନ୍ତି। ସବୁଦିନ ସ୍କୁଲକୁ ଡେରିରେ ଆସୁଥିବା ଶିକ୍ଷକ ପିଲାମାନଙ୍କୁ ସମୟାନୁବର୍ତ୍ତୀ ହେବାର ପାଠ ବୁଝାଉଛନ୍ତି।

ବଡ଼ କହିଲେ କେବଳ ବୟସରେ ବଡ଼ମାନଙ୍କୁ ବୁଝାଏ ନାହିଁ। ଧନ, ଧର୍ମ ଓ ପଦପଦବୀରେ ଯେଉଁମାନେ ଉଚ୍ଚ ଆସନରେ ବସିଛନ୍ତି ସେମାନେ ନିଜକୁ ବଡ଼ ଏବଂ ଅନ୍ୟମାନଙ୍କୁ ସାନ ବୋଲି ଭାବନ୍ତି। ସେହି ବଡ଼ମାନଙ୍କ ନିକଟରେ ମଧ୍ୟ ଏଇ ବିଲକ୍ଷଣ ଦେଖାଯାଏ। ଆଜି ଯେଉଁମାନେ ଧନିକ, ଧର୍ମଗୁରୁ, ଅଧିକାରୀ, ନେତା, ମନ୍ତ୍ରୀ ଭାବରେ ଦେଶରେ ପୂଜା ପାଉଛନ୍ତି, ସେମାନେ କାଲି ଜେଲ ଭିତରକୁ ଧାଡ଼ି ବାନ୍ଧୁଛନ୍ତି।

ସମାଜରେ ଯେତେସବୁ ଦୁର୍ନୀତି, ଦୁରାଚାର ବଡ଼ମାନେ ହିଁ କରନ୍ତି। ପ୍ରାକୃତିକ ଓ ସାମାଜିକ ଉଭୟ ପରିବେଶକୁ ନଷ୍ଟ କରନ୍ତି। ବଡ଼ରୁ ବଡ଼ ହେବାର ମୋହରେ ସେମାନେ ଯେଉଁ ଅପକର୍ମ କରିଛନ୍ତି ଓ କରୁଛନ୍ତି ସେଥିପାଇଁ ସାନମାନଙ୍କ ଆଗରେ ଆଜି ଗୋଟେ ଭୀଷଣ ବିଶ୍ୱ କଦର୍ଯ୍ୟ ରୂପ ଧରି ଠିଆ ହୋଇଛି; ଯେଉଁଠି ପିଇବାକୁ ପାଣି ନାହିଁ, ଶ୍ୱାସ ନେବାକୁ ବାୟୁ ନାହିଁ, ପ୍ରଚଣ୍ଡ ଉତ୍ତାପ, ମହାମାରୀ ରୋଗର ଭୂତାଣୁ ସବୁ ହାଉଜାଉ ହେଉଛନ୍ତି। ଏସବୁର ପ୍ରତିକାର ସେଇ ବଡ଼ମାନଙ୍କ ନିକଟରେ ଅଛି। ସେମାନଙ୍କୁ ବୁଝିବାକୁ ହେବ। ସୁଧୁରିବାକୁ ହେବ। କଥାରେ ନୁହେଁ କାମରେ କିଛି କରି ଦେଖାଇବାକୁ ହେବ। ଅଥଚ କି ବିଡମ୍ବନା! ସେମାନେ ନିଜେ ନ ସୁଧୁରି ଏବେ କେବଳ ସାନମାନଙ୍କୁ ସୁଧାରିବାରେ ଲାଗିଛନ୍ତି।

ଅଙ୍ଗାରଗଡ଼ିଆ, ବାଲେଶ୍ୱର
ମୋ-୯୪୩୭୨୯୬୮୬୪

## ଏଇ ଭାରତରେ

କରୋନା ମହାମାରୀ ଏବେ ସାରା ବିଶ୍ୱରେ ଆତଙ୍କ ଖେଳାଇଚାଲିଛି। ଭାରତରେ ଏହାର ମୁକାବିଲା କରିବା ଲାଗି ସରକାର ଲକ୍‌ଡାଉନ ଘୋଷଣା କରିଛନ୍ତି। ତଥାପି କରୋନା ସଂକ୍ରମଣ ଦେଶରେ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଲଦାଖରେ ଜଣେ ବୌଦ୍ଧ ସନ୍ନ୍ୟାସୀ ଏହି ଯୁଦ୍ଧରେ କରୋନାକୁ ହରାଇବା ଲାଗି ଆଗକୁ ଆସିଛନ୍ତି। ୪୯ ବର୍ଷୀୟ ସନ୍ନ୍ୟାସୀ ଲାମା ଥୁପ୍‌ସ୍ତାନ୍ ଚୋଗ୍ୟାଲ ଲଦାଖ ମୁଖ୍ୟ ସହରଠାରୁ ୮ କିଲୋମିଟର ଦୂରରେ ଲଦାଖ ହାର୍ଟ ଫାଉଣ୍ଡେଶନ ପ୍ରତିଷ୍ଠା କରି ଲୋକମାନଙ୍କୁ ମଗଣାରେ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି। ଏବେ ଲଦାଖରେ ୧୩ରୁ ଊର୍ଦ୍ଧ୍ୱ କରୋନା ପଜିଟିଭ୍ କେସ ମିଳିବା ପରେ ଚୋଗ୍ୟାଲ ତାଙ୍କ ହସ୍ପିଟାଲରେ ସେବା ଯୋଗାଇ ଦେଉଛନ୍ତି। ଏନେଇ ସ୍ଥାନୀୟ ପ୍ରଶାସନ ମଧ୍ୟ ତାଙ୍କୁ ସହଯୋଗ କରୁଛି। ଏଠାରେ କରୋନା ସନ୍ଦିଗ୍ଧଙ୍କ ଉପରେ ଅନୁଧ୍ୟାନ କରାଯାଉଛି। ହସ୍ପିଟାଲର ଡାକ୍ତର, ନର୍ସ, ସଫେଇ କର୍ମଚାରୀ ଏବଂ ଆମ୍ବୁଲାନ୍ସ ଚାଳକମାନେ ବିନା ଭୟରେ ସେମାନଙ୍କ କର୍ତ୍ତବ୍ୟ କରୁଛନ୍ତି। ଏହି ସେବା ସ୍ଥାନୀୟ ପ୍ରଶାସନକୁ ଏମାନେ ଦିନରାତି ଯୋଗାଇଦେଉଛନ୍ତି। ଲେହ ନିକଟରେ ସ୍ପିଟୁକ ଗାଁରେ ଚୋଗ୍ୟାଲଙ୍କ ଜନ୍ମ। ପୁରୁଷାନୁକ୍ରମେ ତାଙ୍କ ପରିବାର ପାରମ୍ପରିକ ଔଷଧୀୟ ଚିକିତ୍ସା ବ୍ୟବସ୍ଥାକୁ ଆପଣାଇ ଲୋକମାନଙ୍କ ସେବା କରି ଆସୁଛନ୍ତି। କିନ୍ତୁ ଚୋଗ୍ୟାଲ ଜଣେ ଜଣେ ସନ୍ନ୍ୟାସୀ ହେବାକୁ ନିଷ୍ପତ୍ତି ନେଇଥିଲେ । ପରେ ୧୯୯୭ରେ ଲଦାଖ ହାର୍ଟ ଫାଉଣ୍ଡେଶନ ସୋସାଇଟି ପ୍ରତିଷ୍ଠା କରି ଲୋକମାନଙ୍କ ସେବାରେ ଲାଗିଲେ । ପରେ ୨୦୦୨ରେ ସେ ହସ୍ପିଟାଲ ନିର୍ମାଣ ଆରମ୍ଭ କରି ୨୦୦୮ରେ ଶେଷ କରିଥିଲେ । ଏହା ମାଧ୍ୟମରେ ସେ ହୃଦ୍‌ରୋଗ ସମ୍ପର୍କରେ ସଚେତନତା ଅଭିଯାନ ଆୟୋଜନ କରୁଛନ୍ତି ଓ ଏହି ହସ୍ପିଟାଲରେ ଏଯାବତ୍ ୩୦୦ ହୃଦରୋଗୀଙ୍କ ସର୍ଜରୀ କରାଯାଇଛି। ଏଠାରେ ଅନ୍ୟ ରୋଗର ଚିକିତ୍ସା ମଧ୍ୟ କରାଯାଉଛି। ଏବେ କରୋନା ମୁକାବିଲା ପାଇଁ ସହଯୋଗ କରି ଚୋଗ୍ୟାଲ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି।

## ଚିରନ୍ତନୀ

ପବନ ସେ ରଣରଣି ବହଇ
କାନେ କାନେ କାହା କଥା କହଇ
ପୀଡ଼ିତ ଉଦାସ ମୋର ମରମ
ଚଞ୍ଚଳି ଉଠେ ତେଜି ସରମ
ଉପୁଜାଇ ବିଶ୍ୱର ଭରମ
କେଉଁ ଫୁଲ ବାସି ଉଠି ମୋହଇ।

(ଫଗୁଣ ଜ୍ୟୋତ୍ସ୍ନା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

**୧ ଏପ୍ରିଲ ୧୯୯୫**

- ରୋମାନିଆର ଏକ ଏୟାରବସ୍ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୫୪ ଜଣ ଯାତ୍ରୀଙ୍କ ମୃତ୍ୟୁ।
- ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ତାଙ୍କର ଅସନ୍ତୋଷ ଦଳର ହାଇକମାଣ୍ଡ ତଥା ପ୍ରଧାନମନ୍ତ୍ରୀ ନରସିଂହ ରାଓଙ୍କୁ ଭେଟି ଜଣାଇଛନ୍ତି।
- ଗଜପତି ଜିଲା ପୋଲିସ ଏକ ଗଣ୍ଡଗୋଳ ଘଟଣାରେ ୯ ଜଣ ଆମେରିକୀୟ ଓ ଜଣେ ସିଙ୍ଗାପୁରବାସୀଙ୍କ ସମେତ ୨୮ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ ପରେ ହାଜତକୁ ପଠାଇଛନ୍ତି।

## su | do | ku ସୁ-ଡୋ-କୁ
Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | | 2 | | | | | 8 | | | | | | C | 6 |
| 3 | | | 1 | | | | | | 9 | | | 0 | | |
| | 9 | E | C | | B | | | | | | 2 | | | 3 |
| | | A | 0 | | | 5 | | | | | 3 | | | B |
| | 4 | | | | 8 | B | | | 7 | C | | 9 | | 5 |
| | A | 6 | B | | C | | D | | | | | 5 | 2 | 7 |
| 8 | | 0 | | | | | | 7 | | 1 | 4 | | | |
| 4 | | | | 3 | | | 6 | | | | | | | |
| | | | | | | 8 | | 1 | | | C | | | |
| | | | D | 6 | | A | | 9 | | | | | E | |
| | | | | 9 | | | | | | 3 | | A | | |
| 5 | | | E | | | | | | 4 | 6 | | | | |
| | C | D | 7 | 1 | | 6 | 3 | | | A | | | 9 | |
| | B | | | | | 7 | | | D | | E | 2 | 6 | 1 |
| | E | | 4 | | | 9 | | D | C | B | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | B | 3 | 5 | 2 | 8 | C | 4 | E | 1 | 6 | 7 | 9 | 0 | A |
| 8 | 5 | 4 | A | 6 | C | 7 | 2 | 0 | 9 | B | E | D | 3 | 1 |
| A | 0 | 1 | E | 9 | 3 | 8 | 5 | D | 4 | 2 | C | 6 | B | 7 |
| 6 | E | 9 | D | 7 | 4 | 3 | 1 | B | 8 | A | 0 | 2 | C | 5 |
| 2 | C | 7 | B | 0 | 1 | 6 | 9 | A | D | 5 | 3 | 8 | E | 4 |
| 5 | 1 | 0 | 9 | 8 | B | E | A | 6 | 2 | 3 | D | 7 | 4 | C |
| 3 | 7 | C | 0 | 4 | 6 | 5 | D | 1 | A | E | 8 | B | 2 | 9 |
| 9 | A | 8 | 2 | 3 | 5 | 0 | B | 7 | C | 1 | 4 | E | D | 6 |
| B | 6 | E | C | D | 7 | 2 | 8 | 4 | 5 | 0 | 9 | 1 | A | 3 |
| 4 | 2 | D | 1 | E | A | 9 | 3 | C | B | 7 | 6 | 5 | 8 | 0 |
| 1 | 4 | B | 8 | A | 9 | D | 0 | 2 | 7 | C | 5 | 3 | 6 | E |
| 7 | D | 2 | 3 | C | 0 | A | E | 8 | 6 | 9 | 1 | 4 | 5 | B |
| E | 3 | 6 | 4 | B | 2 | 1 | 7 | 5 | 0 | D | A | C | 9 | 8 |
| 0 | 9 | 5 | 6 | 1 | D | 4 | C | 3 | E | 8 | B | A | 7 | 2 |
| C | 8 | A | 7 | 5 | E | B | 6 | 9 | 3 | 4 | 2 | 0 | 1 | D |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶିକ୍ଷାନୀତିରେ ପରିବର୍ତ୍ତନ

ମହାଶୟ,

ଧରିତ୍ରୀ(୨୦।୨)ର 'ବିଏଡ୍ ଏମ୍‌ଏଡ୍' ଶୀର୍ଷକରେ ରାଜ୍ୟରେ ସରକାରୀ ତତ୍ତ୍ୱାବଧାନରେ ପରିଚାଳିତ ୧୦ଟି ବିଏଡ୍ ଏମ୍‌ଏଡ୍ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଦିଆଯାଉଥିବା କୋର୍ସକୁ ଆସନ୍ତା ୨୦୨୦-୨୧ ଶିକ୍ଷାବର୍ଷଠାରୁ ବନ୍ଦ କରିବାର ନିଷ୍ପତ୍ତି ହେବା ଖବର ପ୍ରକାଶ ପାଇଛି। କାରଣସ୍ୱରୂପ କୁହାଯାଇଛି ଯେ ଶିକ୍ଷାନୁଷ୍ଠାନଗୁଡ଼ିକରେ ଆବଶ୍ୟକ ଅଧ୍ୟାପକ ନ ଥିବା, ସ୍ଥାୟୀ କ୍ୟାମ୍ପସ ଓ ଭିତ୍ତିଭୂମି ନ ଥିବା ଯୋଗୁ ଅନୁବନ୍ଧନ ପ୍ରତ୍ୟାହାର କରାଯିବା ସୂଚନା ମିଳିଛି। ଏପରି ପରିସ୍ଥିତିରୁ ପ୍ରତୀୟମାନ ହୁଏ ଯେ, ରାଜ୍ୟ ସରକାର ବିଦ୍ୟାଳୟଗୁଡିକରେ ଶିକ୍ଷାଦାନ ନିମନ୍ତେ ଯୋଗ୍ୟତାସ୍ୱରୂପ ଯେଉଁ ଟ୍ରେଣ୍ଡ ଗ୍ରାଜୁଏଟ ଆବଶ୍ୟକ କରୁଥିଲେ ତା' ଉପରେ ବୋଧହୁଏ ଭବିଷ୍ୟତରେ ଗୁରୁତ୍ୱାରୋପ କରିବେ ନାହିଁ। ତେଣୁ ବିନା ପ୍ରଶିକ୍ଷଣରେ ସରକାର ଓଏଏସ୍ ଓ ଆଇଏଏସ୍ ପରି ଗ୍ରାଜୁଏଟମାନଙ୍କୁ ନିଯୁକ୍ତି ଦେଇ ପାରିବେ। ସରକାର ଆଗେ ସ୍କୁଲ ଶିକ୍ଷାଦାନ କ୍ଷେତ୍ରରେ ଟ୍ରେଣ୍ଡ ସ୍ନାତକମାନଙ୍କୁ ନିଯୁକ୍ତି ଦେଉଥିଲେ। ତେବେ ସ୍ଥଳରେ ପରିଲକ୍ଷିତ ହୁଏ ଯେ ସର୍ବଭାରତୀୟ ସ୍ତରରେ ସରସ୍ୱତୀ ବିଦ୍ୟାମନ୍ଦିର ପରି ବିଦ୍ୟାଳୟଗୁଡ଼ିକରେ ଛାତ୍ରୀଛାତ୍ରମାନେ ପରୀକ୍ଷାରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହେଉଥିବା ଦେଶରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହୋଇଥାଏ। କିନ୍ତୁ ସରକାରୀ ସ୍କୁଲଗୁଡିକରେ ପରୀକ୍ଷାଫଳ, ଯେଉଁଠାରେ ଟ୍ରେଣ୍ଡ ଗ୍ରାଜୁଏଟମାନେ କାର୍ଯ୍ୟରତ ଥାଆନ୍ତି ସେପରି ଆଶାନୁରୂପ ହୁଏ ନାହିଁ। ତେଣୁ କିଛିଦିନ ପୂର୍ବେ ଜଣାପଡିଥିଲା ଯେ ଏପରି ବେସରକାରୀ ବିଦ୍ୟାଳୟଗୁଡିକର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ସର୍ଟ କୋର୍ସରେ ପ୍ରଶିକ୍ଷଣ ଦେବାକୁ ଚିନ୍ତା କରାଯାଉଛି। ଅବଶ୍ୟ ମୂଳ ଲକ୍ଷ୍ୟ ହେଲା ଦେଶର ପିଲାମାନଙ୍କ ପାଇଁ ଭବିଷ୍ୟତ ଚିନ୍ତା, ସରକାରୀ ବା ଘରୋଇ ସେଥିପାଇଁ ଚିନ୍ତା ଅମୂଳକ। ଯଦି ସରକାର ବିଏଡ୍ କି ଏମ୍‌ଏଡ୍ କୋର୍ସଗୁଡିକ ଚଳାଇବା ଲକ୍ଷ୍ୟରେ ନ ଥାଇ ଆବଶ୍ୟକ ଷ୍ଟାଫ ଦେଉନାହାନ୍ତି, ତେବେ ଏହାର ସଂଖ୍ୟା ପ୍ରଦର୍ଶନର ଯଥାର୍ଥତା ନ ଥିବା ସ୍ୱାଭାବିକ। ଏଠାରେ ସୂଚନାଯୋଗ୍ୟ ରାଜ୍ୟ ଓ ପଡ଼ୋଶୀ ରାଜ୍ୟରେ ବିଗତ କେତେ ବର୍ଷ ଧରି ବିଏଡ ଶିକ୍ଷାନୁଷ୍ଠାନ ନାମକୁମାତ୍ର ପରିଚାଳିତ ହୋଇ ମୋଟା ଅଙ୍କରେ ବିଏଡ ସାର୍ଟିଫିକେଟ ପ୍ରଦାନ କରୁଥିଲେ, ଯାହା ନିଯୁକ୍ତି କ୍ଷେତ୍ରରେ ଯୋଗ୍ୟତାର ମାପକାଠି ଥିଲା। ରାଜ୍ୟରେ ଶିକ୍ଷିତ ବେକାରଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଉଥିବା ବେଳେ ସ୍ନାତକ ଯୁବପିଢିକୁ ଏହା ହତାଶ କରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ।

ହରମୋହନ ମହାନ୍ତି, ଦଣ୍ଡତୋଟା, ପୁରୀ

### ଉତ୍କଟ ବେକାରି ଓ ଏହାର ସମାଧାନ

ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ଓ ବିଶିଷ୍ଟ ଅର୍ଥନୀତିଜ୍ଞ ରଘୁରାମ ରାଜନଙ୍କ କହିବା ଅନୁଯାୟୀ ଆମ ଦେଶରେ ପ୍ରତିମାସ ୧୦ ଲକ୍ଷ ବେକାର ସୃଷ୍ଟି ହେଉଛନ୍ତି ଓ ୧୦ ହଜାର ନିଯୁକ୍ତି ପାଉଛନ୍ତି। ଅନ୍ୟ ଏକ ପରିସଂଖ୍ୟାନ ଅନୁସାରେ ଦେଶରେ ବର୍ଷକୁ ୩ କୋଟି ବେକାର ସୃଷ୍ଟି ହେଉଥିବା ବେଳେ ମାତ୍ର ୩୦ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେଉଛି। ଏବେ କେନ୍ଦ୍ରାପଡାର ଉତ୍କଟ ବେକାରି ସମସ୍ୟା ସମ୍ପର୍କରେ ଏକ ରୋଚକ ଖବର ପ୍ରକାଶ ପାଇଛି। ଏହି ଜିଲାରେ ବିଭିନ୍ନ ବର୍ଗର ୫୧, ୫୨୬ ଜଣ ବେକାର ଯୁବକ ଯୁବତୀ ଜିଲା କର୍ମ ନିୟୋଜନ କାର୍ଯ୍ୟାଳୟରେ ନାମ ପଞ୍ଜୀକରଣ କରିଛନ୍ତି। ୨୦୧୯-୨୦ ବର୍ଷରେ ଜଣେ ହେଲେ ନିଯୁକ୍ତି ପାଇନାହାନ୍ତି। ଏହିସବୁ ପରିସଂଖ୍ୟାନରୁ ଦେଶର ବେକାରି ସ୍ଥିତି କେତେ ଗମ୍ଭୀର ତାହା ସ୍ପଷ୍ଟ ଜଣାପଡୁଛି। ଏହି ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି ଉପରେ ଗୁରୁତ୍ୱ ଦେବା ସହ ଉପର ସ୍ତରରେ ଥିବା ୨୦ ପ୍ରତିଶତ ଧନୀଙ୍କଠାରୁ ଅଧିକ ଟିକସ ସଂଗ୍ରହ କରି ତଳସ୍ତରରେ ଥିବା ୨୦ ପ୍ରତିଶତ ଗରିବଙ୍କ କ୍ରୟ ଶକ୍ତି ବୃଦ୍ଧି କରନ୍ତୁ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଇତିହାସରେ ଜୈବିକ ଅସ୍ତ୍ର



**ନୂଆଦିଲ୍ଲୀ:** କରୋନା ଭାଇରସ୍ ପ୍ରକୃତିଦତ୍ତ ନା ମନୁଷ୍ୟକୃତ ? ଅଦ୍ୟାବଧି ଏହି ମାରାତ୍ମକ ଭୂତାଣୁ ଉପରୁ ରହସ୍ୟ ହଟିନି। ଚାଇନା ଲାବ୍‌ରେ ଏହି ଭୟଙ୍କର ଭୂତାଣୁ ବିକଶିତ କରାଯାଇଥିବା ଆମେରିକା ଅଭିଯୋଗ ଆଣୁଛି। ଅନ୍ୟପଟେ ଆମେରିକୀୟ ସୈନ୍ୟ ଦ୍ୱାରା ଉଦ୍ଦେଶ୍ୟମୂଳକ ଭାବେ ଚାଇନାରେ ଏହି ଭୂତାଣୁ ପ୍ରୟୋଗ କରାଯାଇଥିବା ବେଜିଂ ଆରୋପ ଲଗାଇଛି। ଏପରି ଆରୋପ ପ୍ରତ୍ୟାରୋପ ଭିତରେ ମାନବ ସଭ୍ୟତା ସଙ୍କଟ ଆଡ଼କୁ ମୁହାଁଇଛି। ଆଉ ଏହା ସମସ୍ତଙ୍କୁ ଭାବିବାକୁ ବାଧ କରିଛି ଏପରି ଭୟଙ୍କର ରାସାୟନିକ ଏବଂ ଜୈବିକ ଅସ୍ତ୍ର ସମ୍ପର୍କରେ। ଏପରି ବି ଶୁଣିବାକୁ ମିଳିଲାଣି ଆଗାମୀ ଭବିଷ୍ୟତରେ ଯଦି ଯୁଦ୍ଧ ହୁଏ ତେବେ କମାଣ କି ଗୋଳା ଫୁଟିବନି। ମାସ ମାସ ଧରି ଯୁଦ୍ଧ ବି ଲଢ଼ିବାକୁ ପଡ଼ିବନି, ବରଂ ଜୈବିକ ଅସ୍ତ୍ରର ପ୍ରୟୋଗ କରି ନୀରବରେ ଶତ୍ରୁପକ୍ଷକୁ ଅତି ସ୍ୱଳ୍ପ ସମୟରେ ଶକ୍ତିହୀନ ଓ ନିପାତ କରିଦିଆଯାଇପାରିବ।

ଇତିହାସ ପୃଷ୍ଠାକୁ ଲେଉଟାଇଲେ ଜୈବିକ ଯୁଦ୍ଧ କଥା କାହାକୁ ଅଛପା ନାହିଁ। ଆଗରୁ ମଧ୍ୟ ପୃଥିବୀବାସୀ ଏହାର ରାସାୟନିକ ଏବଂ ଜୈବିକ ଅସ୍ତ୍ରର ଭୟାବହତା ଦେଖିସାରିଛନ୍ତି। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଏପରି ଅନେକ ଅସ୍ତ୍ରର ପ୍ରୟୋଗ ହୋଇଥିଲା, ଯାହା ସାଜିଥିଲା ଲକ୍ଷାଧିକଙ୍କ ନରସଂହାରର ସାକ୍ଷୀ। ୧୯୩୯ରେ ଜାପାନ ପକ୍ଷରୁ ରୁଷିଆର ପାଇପ୍ ଲାଇନ୍‌ରେ ଟାଇଫଏଡ୍ ଭାଇରସ୍ ମିଶାଯାଇଥିଲା। ୧୯୮୦ରେ ଇରାନରେ ରାସାୟନିକ ଅସ୍ତ୍ରର ପ୍ରୟୋଗ କରାଯାଇଥିଲା। ୧୯୮୮ରେ କୁର୍ଦ୍ଦଙ୍କ ବିରୋଧରେ ମଷ୍ଟର୍ଡ ଗ୍ୟାସ୍‌ର ବ୍ୟବହାର ହୋଇଥିଲା। ୧୯୯୫ରେ ଟୋକିଓରେ ସରିନ୍ ଗ୍ୟାସ୍ ପ୍ରୟୋଗ ୧୫ ଲୋକଙ୍କ ଜୀବନ ନେଇଥିଲା। ସିରିଆ ଗୃହଯୁଦ୍ଧ ସମୟରେ ୨୦୧୩ରେ ଘୌଟାରେ ହୋଇଥିବା ରାସାୟନିକ ହତିଆରର ପ୍ରୟୋଗ ୧୦୦୦ ଲୋକଙ୍କ ଜୀବନ ଦୀପ ଲିଭାଇ ଦେଇଥିଲା। କେବଳ ଏତିକି ନୁହେଁ, ୨୦୧୪ରୁ ୨୦୧୭ ମଧ୍ୟରେ ଜୈବିକ ଏବଂ ରାସାୟନିକ ଅସ୍ତ୍ରର ପ୍ରୟୋଗରେ ଧ୍ୱସ୍ତବିଧ୍ୱସ୍ତ ହୋଇଯାଇଥିଲା ସିରିଆ। ୨୦୨୦ରେ ସାରା ବିଶ୍ୱ ଏବେ କରୋନା ନାମକ ଭାଇରସ୍ ସହ ଲଢ଼େଇ କରୁଛି।

କଥାରେ ଅଛି ବାସ୍ତବତାଠାରୁ ଅଧିକ ଆଶ୍ଚର୍ଯ୍ୟଜନକ ହୋଇଥାଏ କଳ୍ପନା। ଠିକ୍ ସେହିପରି ଭାଇରସ୍‌କୁ ନେଇ ମାନବ ସଭ୍ୟତା ଏପରି ଏକ ଲଢ଼େଇରେ ଅବତୀର୍ଣ୍ଣ ହେବ ବୋଲି ବହୁ ପୂର୍ବରୁ ଆଭାସ ମିଳିସାରିଥିଲା। ଏହାକୁ ନେଇ ହଲିଉଡ୍ ସମେତ ଅନ୍ୟ ଭାଷାରେ ଚଳଚ୍ଚିତ୍ର ନିର୍ମାଣ ହୋଇସାରିଛି। ୨୦୧୧ରେ ପରଦାକୁ ଆସିଥିବା ହଲିଉଡ୍ ଫିଲ୍ମ 'କଣ୍ଟାଜିଓନ' ଏହାର ବଳିଷ୍ଠ ଉଦାହରଣ। ଭବିଷ୍ୟଦ୍ରଷ୍ଟାମାନେ ମଧ୍ୟ ନିଜର ପୁସ୍ତକରେ ଏହାକୁ ସ୍ଥାନିତ କରିଛନ୍ତି। ୧୯୮୧ରେ ପ୍ରକାଶିତ ହୋଇଥିଲା ଆମେରିକୀୟ ଲେଖକ ଡିନ୍ କୁଣ୍ଟେଜ୍‌ଙ୍କ ପ୍ରସିଦ୍ଧ କାଳ୍ପନିକ ଉପନ୍ୟାସ 'ଦି ଆଇଜ୍ ଅଫ୍ ଡାର୍କ ସିକ୍ରେଟ'। ଏଥିରେ ମଧ୍ୟ କରୋନା ଭୂତାଣୁକୁ ନେଇ ଲେଖକ ଭବିଷ୍ୟବାଣୀ କରିଥିଲେ। ତେବେ ଏହାକୁ କେତେଜଣ ଭୁଲ ବୋଲି କହୁଛନ୍ତି। ଶୁଣିବାକୁ ମିଳେ ଡିନ୍ କୁଣ୍ଟେଜ୍‌ଙ୍କ ଉପନ୍ୟାସର ୧୯୮୧ ସଂସ୍କରଣରେ ଉହାନ ସହର କଥା ଉଲ୍ଲେଖ ନ ଥିଲା। ଏଥିରେ ଉଲ୍ଲେଖ କରାଯାଇଥିବା ଭାଇରସ୍‌ର ନାମ 'ଗୋର୍କି-୪୦୦' ଥିଲା। ଏହାର ଉତ୍ପତ୍ତି ରୁଷିଆରୁ ହୋଇଥିବା ଲେଖକ ଦର୍ଶାଇଥିଲେ। ୧୯୮୯ରେ ଶୀତଳଯୁଦ୍ଧ ସମୟରେ ଏହି ପୁସ୍ତକର ପରବର୍ତ୍ତୀ ସଂସ୍କରଣ ପ୍ରକାଶିତ ହୋଇଥିଲା, ଯେଉଁଥିରେ ପ୍ରଥମ କରି ଉହାନ୍‌କୁ ଯୋଡ଼ାଯାଇଥିଲା। ଅର୍ଥାତ୍ ୧୯୮୯ର କଳ୍ପନା ୨୦୨୦ରେ ବାସ୍ତବ ରୂପ ନେଇଥିବା ଅନେକେ ମତ ଦେଇଛନ୍ତି।

## ସଚେତନ ନ ରହିଲେ ନିଆଁ ଭଳି ମାଡ଼ିଯିବ କରୋନା



- ଜନବହୁଳ ସହରରେ ସଂକ୍ରମଣ ଆଶଙ୍କା ଅଧିକ
- ସହଯୋଗ ଓ ସଚେତନତା ପାଇଁ ଓଡ଼ିଶାରେ ସଂକ୍ରମଣ ଅତି କମ୍
- ନିର୍ଦ୍ଦେଶ ମାନୁଥିବା ଛୋଟ ପିଲାଙ୍କୁ ସ୍ନେହ ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୩୧।୩(ବ୍ୟୁରୋ):** ମାରାତ୍ମକ ମହାମାରୀ କରୋନାଠାରୁ ଦୂରେଇ ରହିବା ପାଇଁ ସାମାଜିକ ଦୂରତ୍ୱ ପାଳନ କର। ସମୟ ଥିବା ବେଳୁ ସଚେତନ ହୁଅ। ନ ହେଲେ ଏହି ଘାତକ ଭାଇରସ୍ ନିଆଁ ଭଳି ମାଡ଼ିଯିବ ବୋଲି କରୋନା ଭୂତାଣୁ ସଂକ୍ରମଣ ସଚେତନତା କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ କହିଛନ୍ତି। ଓଡ଼ିଶାର ୧୦ ପ୍ରମୁଖ ସହର ସଂକ୍ରାନ୍ତରେ ତଥ୍ୟ ଉପସ୍ଥାପନ କରି ବାଗ୍‌ଚୀ କହିଲେ, ଭୁବନେଶ୍ୱର ହେଉଛି ସବୁଠାରୁ ଅଧିକ ଜନବହୁଳ ସହର। ଏହାପରେ କଟକ, ରାଉରକେଲା, ବ୍ରହ୍ମପୁର ଆଦି ସହର ରହିଛି। ତେବେ ରିସ୍କ ଫ୍ୟାକ୍ଟର କେତେ ରହିଛି ତାହା ଜଣାପଡ଼ିବ ନାହିଁ। ସେଥିପାଇଁ ପ୍ରତି ବର୍ଗ କିମିରେ କେତେ ଜନସଂଖ୍ୟା ରହୁଛନ୍ତି ତାହା ଜାଣିବାକୁ ପଡ଼ିବ। ତଥ୍ୟ ଅନୁସାରେ ଓଡ଼ିଶାର ଅନେକ ଛୋଟ ସହରର ଜନସଂଖ୍ୟା ଘନତ୍ୱ ମଧ୍ୟ ବହୁତ ବେଶି ରହୁଛି। ଗ୍ରାମାଞ୍ଚଳ ଅପେକ୍ଷା ଜନବହୁଳ ସହରମାନଙ୍କରେ ସଂକ୍ରମଣର ଆଶଙ୍କା ଅଧିକ ରହୁଛି। ଏପରି କି ଜିଲା ମୁଖ୍ୟାଳୟଗୁଡ଼ିକର ମଧ୍ୟ ଜନସଂଖ୍ୟା ଘନତ୍ୱ ରୋମ୍, ନ୍ୟୁୟର୍କ ଭଳି ଅଧିକ। ତେଣୁ ସଂକ୍ରମଣର ଆଶଙ୍କା ମଧ୍ୟ ଅଧିକ ବୋଲି ବାଗ୍‌ଚୀ କହିଛନ୍ତି।

ଅନ୍ୟପଟେ ଓଡ଼ିଶାରେ କାହିଁକି କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୩ରେ ସୀମିତ ରହିଛି ସେ ଉପରେ ବାଗ୍‌ଚୀ ବିବରଣୀ ରଖିଥିଲେ। ଓଡ଼ିଶାର ଜନସାଧାରଣଙ୍କ ସଚେତନତା ଓ ସହଯୋଗ ପାଇଁ ଆମେ ଏଭଳି ସ୍ଥିତିରେ ଅଛନ୍ତି। ଗତ ୧୫ଦିନ ଧରି ନିଜ ସୁଖ ଓ ସ୍ୱାଚ୍ଛନ୍ଦ୍ୟକୁ ତ୍ୟାଗ କରି ସାମାଜିକ ଦୂରତ୍ୱକୁ ବଜାୟ ରଖିଛନ୍ତି ଏବଂ ଘରେ ସଙ୍ଗରୋଧ କରି ରହିଛନ୍ତି। କେବଳ ସେଥିପାଇଁ ଆମର ସଂକ୍ରମଣ ଅତି କମ୍ ରହିଛି ବୋଲି ବାଗ୍‌ଚୀ କହିଛନ୍ତି। ତେବେ ଲକ୍‌ଡାଉନ୍ ସମୟରେ ଛୋଟ ପିଲା ସବୁଠାରୁ ଅଧିକ ତ୍ୟାଗ ଓ ଧୈର୍ଯ୍ୟ ପ୍ରଦର୍ଶନ କରିଥିବା ବାଗ୍‌ଚୀ କହିଛନ୍ତି। ରାସ୍ତାରେ ସେମାନଙ୍କୁ ଦେଖିବାକୁ ମିଳୁନି। ଦିନପରେ ଦିନ ସେମାନେ ଘରେ ରହି ବଡ଼ମାନଙ୍କ ପାଇଁ ଶୃଙ୍ଖଳାର ନିଦର୍ଶନ ହୋଇଛନ୍ତି। ସେଥିପାଇଁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ସ୍ନେହ ଓ ପ୍ରେମ ଜଣାଇଛନ୍ତି। ଛୋଟ ପିଲାମାନେ ତାଙ୍କ ଘରର ବଡ଼ମାନଙ୍କୁ ବୁଝାଇ ଘରୁ ବାହାରିବାକୁ ଦିଅନ୍ତୁ ନାହିଁ ବୋଲି ସେ ଅନୁରୋଧ କରିଛନ୍ତି।

## ନ୍ୟୁୟର୍କ ଆସିବ ନାଭାଲ୍ ହସ୍ପିଟାଲ ଶିପ୍ 'କମ୍ଫର୍ଟ'

**ନ୍ୟୁୟର୍କ,୩୧।୩:** ଆମେରିକାରେ କରୋନା ମୃତ୍ୟୁ ସଂଖ୍ୟା ଦ୍ରୁତଗତିରେ ବଢ଼ିବାରେ ଲାଗିଛି। ପ୍ରଥମେ ଚାଇନା, ପରେ ଇଟାଲୀ ସବୁଠାରୁ ଅଧିକ ବିପଦରେ ରହିଥିବାବେଳେ ଏବେ ଆମେରିକାରେ ମଧ୍ୟ ସ୍ଥିତି ଗମ୍ଭୀର ହୋଇଛି। ଏଠାରେ ମୃତ୍ୟୁ ସଂଖ୍ୟା ୩ହଜାର ପାର ହୋଇଛି। ଏଥିମଧ୍ୟରୁ ସବୁଠାରୁ ଅଧିକ ଲୋକଙ୍କ ମୃତ୍ୟୁ ନ୍ୟୁୟର୍କ ସିଟିରେ ହୋଇଥିବା ଜଣାପଡ଼ିଛି। ଏଠାରେ ୯୧୪ ଜଣଙ୍କ ମୃତ୍ୟୁ ହୋଇଛି। ନ୍ୟୁୟର୍କ ସିଟି ମେୟର୍ ବିଲ୍ ଡେ ବ୍ଲାସିଓ କେନ୍ଦ୍ର ସରକାରଙ୍କ ଉଦ୍ୟମକୁ ନେଇ ଅନେକ ଥର ପ୍ରଶ୍ନ ଉଠାଇଲେଣି। ଗତ ୨୩ରେ ସେ ମନ୍ତବ୍ୟ ଦେଇ କହିଥିଲେ, ନ୍ୟୁୟର୍କରେ ଭାଇରସ୍ ସଂକ୍ରମଣ ସ୍ଥିତି ଭୟଙ୍କର ହେବାରେ ଲାଗିଛି। ଆଗାମୀ ୧୦ ଦିନ ମଧ୍ୟରେ ମେଡିକାଲ୍ ଉପକରଣର ଅଭାବ ମଧ୍ୟ ଦେଖାଦେଇପାରେ। ତେଣୁ ଏଭଳି ପରିସ୍ଥିତିରେ ନ୍ୟୁୟର୍କରେ କୋଭିଡ୍-୧୯ ଭାଇରସ୍‌ର ବିପଦକୁ ନଜରରେ ରଖି ଆମେରିକା ନୌସେନାର ଏକ ହସ୍ପିଟାଲ୍ ଶିପ୍(ଜାହାଜ) 'ଦି କମ୍ଫର୍ଟ'କୁ ନ୍ୟୁୟର୍କ ପଠାଯାଇଛି। ଏହି ଜାହାଜ ଭର୍ଜିନିଆର ନୋର୍‌ଫୋକ୍ ନାଭାଲ୍ ବେସ୍‌ରୁ ନ୍ୟୁୟର୍କ ଅଭିମୁଖେ ବାହାରିଛି। ଏହା ନ୍ୟୁୟର୍କରେ ପହଞ୍ଚିବାକୁ ୮ ଦିନ ଲାଗିବ। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏହି ଜାହାଜରେ ୧୨ଟି କୋଠରୀ ରହିଛି। ଯେଉଁଠାରେ ୧ହଜାର ବେଡ୍ ଏବଂ ସମସ୍ତ ଅତ୍ୟାଧୁନିକ ସ୍ୱାସ୍ଥ୍ୟ ଉପକରଣ ରହିଥିବା ଜଣାପଡ଼ିଛି। ତେଣୁ ଶୀଘ୍ର ହିଁ ଏହା କାମରେ ଲାଗିପାରିବ ବୋଲି ନ୍ୟୁୟର୍କ ମେୟର କହିଛନ୍ତି। ତେବେ ଏହି ଜାହାଜ କୋଭିଡ୍-୧୯ ସଂକ୍ରମିତଙ୍କ ଚିକିତ୍ସା ପାଇଁ ନୁହେଁ। ବିଭିନ୍ନ ରୋଗରେ ଚିକିତ୍ସାଧୀନ ତଟବର୍ତ୍ତୀ ରୋଗୀଙ୍କୁ ସ୍ଥାନାନ୍ତର କରିବା ପାଇଁ ଏହା ବ୍ୟବହାର କରାଯିବ। ଏହାଦ୍ୱାରା ମେଡିକାଲରେ ଅନ୍ୟ ରୋଗୀଙ୍କ ସଂଖ୍ୟା କମିବ ଏବଂ କରୋନା ଆକ୍ରାନ୍ତଙ୍କ ଚିକିତ୍ସାରେ ଅଧିକ ସୁବିଧା ହୋଇପାରିବ ବୋଲି ଜଣାପଡ଼ିଛି।



## ଜି-ସୋନୀ-ଷ୍ଟାର୍-କଲର୍ସର କିଛି ଚ୍ୟାନେଲ ୨ ମାସ ଫ୍ରି

**ନୂଆଦିଲ୍ଲୀ,୩୧।୩:** କରୋନା ସଂକ୍ରମଣ ଯୋଗୁ ସାରା ଭାରତରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏହାକୁ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ୨୧ ଦିନିଆ ଲକ୍‌ଡାଉନ୍ ଜାରି କରାଯାଇଛି। ଲକ୍‌ଡାଉନ୍ ଯୋଗୁ ଶୁଟିଂ ହୋଇ ପାରୁନି। ତେଣୁ ଡିଡି-୧ ଏବଂ ଡିଡି-୨ରେ ଲୋକପ୍ରିୟ ଧାରାବାହିକ ରାମାୟଣ ଓ ମହାଭାରତର ପ୍ରସାରଣ ପୁଣି ଆରମ୍ଭ ହୋଇଛି। ଲୋକେ ଘରେ ରହି ବିରକ୍ତ ନ ହେବା ପାଇଁ ଏଭଳି କରାଯାଇଥିବା କୁହାଯାଉଥିଲେ ମଧ୍ୟ ଏହା ଦ୍ୱାରା ଟିଆର୍‌ପି ସଂଗ୍ରହ ଆଶା ରହିଥିବା ଚର୍ଚ୍ଚା ହେଉଛି। ସେହିଭଳି ଏବେ ଲୋକେ ମାଗଣାରେ ଆସନ୍ତା ୨ ମାସ ପର୍ଯ୍ୟନ୍ତ ଜି-ଷ୍ଟାର୍-କଲର୍ସର କିଛି ଚ୍ୟାନେଲ ଦେଖିପାରିବେ। ଏନେଇ ଇଣ୍ଡିଆନ୍ ବୋର୍ଡକାଷ୍ଟିଂ ଫାଉଣ୍ଡେଶନ(ଆଇବିଏଫ୍) ପକ୍ଷରୁ ଘୋଷଣା କରାଯାଇଛି। ସେଥିମଧ୍ୟରୁ ସୋନୀର ସୋନୀ ପଲ୍, ଷ୍ଟାର୍ ଇଣ୍ଡିଆର ଷ୍ଟାର ଉତ୍ସବ, ଜିଟିଭିର ଜିଅନମୋଲ୍ ଏବଂ ଭିଆକମ୍-୧୮ର କଲର୍ସ ରିସ୍ତେ ଆଦି ଚ୍ୟାନେଲ୍ ରହିଥିବା ଆଇବିଏଫ୍ ପକ୍ଷରୁ କୁହାଯାଇଛି।



## ଆଇସିସିଆର୍‌ର ନିଆରା ପଦକ୍ଷେପ
## ଦେଶକୁ ଦେଶ ସହ ଯୋଡ଼ିବ 'କରୋନା' ଚିତ୍ର

**ଭୁବନେଶ୍ୱର,୩୧।୩(ବ୍ୟୁରୋ):** କରୋନା ମହାମାରୀ ସମଗ୍ର ବିଶ୍ୱକୁ ଥରାଇ ଦେଇଛି। ବିକଶିତ, ବିକାଶଶୀଳ ଅବା ପଛୁଆ ରାଷ୍ଟ୍ର, ଧନୀ ହେଉ କି ଗରିବ କାହାକୁ ବି ଛାଡୁନି। ସବୁଠି କାୟା ମେଲିଛି ଘାତକ ଭାଇରସ୍ 'କୋଭିଡ୍ ୧୯'। ସଂକ୍ରମଣ ଭୟରେ କୋଟି କୋଟି ଲୋକ ନିଜ ଘରେ ବନ୍ଦୀ ଜୀବନ ବିତାଉଛନ୍ତି। ପ୍ରତିଦିନ ହଜାର ହଜାର ମୁଣ୍ଡ ନେଉଛି କରୋନା। ଏଭଳି କଠିନ ସମୟରେ ଗୀତ, କବିତା, ପ୍ରବନ୍ଧ, ଚିତ୍ରକଳା ଆଦି ମାଧ୍ୟମରେ ଲୋକ ନିଜର ଭାବନା ପ୍ରକାଶ କରୁଥିବା ଦେଖିବାକୁ ମିଳିଛି। ଏହାକୁ ଆଉପାଦେ ଆଗକୁ ନେଇ ଦି ଇଣ୍ଡିଆନ୍ କାଉନ୍‌ସିଲ୍ ଫର୍ କଲ୍‌ଚରାଲ ରିଲେସନ୍ସ(ଆଇସିସିଆର୍) ଦେଶ ଦେଶ ମଧ୍ୟରେ ସାଂସ୍କୃତିକ ସମ୍ପର୍କ ଯୋଡ଼ି ରଖିବାକୁ ଅଣ୍ଟା ଭିଡ଼ିଛି। ସାଂସ୍କୃତିକ ଓ ଶିକ୍ଷାଗତ ଭାବର ଆଦାନ ପ୍ରଦାନ ଦ୍ୱାରା ସମଗ୍ର ବିଶ୍ୱବାସୀଙ୍କୁ ପରସ୍ପର ସହ ଯୋଡ଼ିବା ପାଇଁ ଆହ୍ୱାନ ଦେଇଛି ଆଇସିସିଆର୍। 'ଆର୍ଟ ଇନ୍ ଦ ଟାଇମ୍ ଅଫ୍ କରୋନା: ୟୁନାଇଟେଡ୍ ଏଗେନ୍‌ଷ୍ଟ କରୋନା-ଏକ୍ସପ୍ରେସ୍ ଥ୍ରୋ ଆର୍ଟ' ନାମକ ଚିତ୍ରକଳା କାର୍ଯ୍ୟକ୍ରମରେ ସାମିଲ ହୋଇ ନିଜର ଭାବନାର ପରିପ୍ରକାଶ କରିବାକୁ କୁହାଯାଇଛି। ଏହି ପ୍ରତିଯୋଗିତାରେ ଭାରତ ସହ ଅନ୍ୟ ରାଷ୍ଟ୍ରର ଇଚ୍ଛୁକ ନବୀନ ଓ ପ୍ରବୀଣ କଳାକାରମାନେ ଅଂଶଗ୍ରହଣ କରିପାରିବେ। ଚିତ୍ରକଳା ତଥା ପେଣ୍ଟିଂ ସହ ଡିଜିଟାଲ ଆର୍ଟ କରୁଥିବା ଚିତ୍ରଶିଳ୍ପୀମାନେ ଏଥିରେ ଭାଗ ନେଇପାରିବେ। ଚିତ୍ରକଳା କାଟାଗୋରୀରେ ୱାଟର୍ କଲର, ପେନ୍‌ସିଲ୍, କ୍ରେୟନ ଏବଂ ଅଏଲ୍ ପେଣ୍ଟିଂ ରହିଥିବାବେଳେ ଡିଜିଟାଲ ଆର୍ଟରେ ଗ୍ରାଫିକାଲ ପୋଷ୍ଟର ଏବଂ ପେଣ୍ଟିଂ ରହିବ। ତେବେ ଚିତ୍ରଶିଳ୍ପୀମାନେ କଣ୍ଟେମ୍ପୋରାରୀ ଆର୍ଟ, ଫୋକ୍ ଓ ଟ୍ରାଇବାଲ ଆର୍ଟ, କାର୍ଟୁନ୍ ଓ ଇଲ୍ୟୁଷ୍ଟ୍ରେଶନ୍, ଡିଜିଟାଲ ଓ ନ୍ୟୁ-ଏଜ୍ ଆର୍ଟ କରିପାରିବେ।



କୋଭିଡ୍-୧୯, ସାମାଜିକ ଦୂରତା, କ୍ୱାରାଣ୍ଟାଇନ ଏବଂ କରୋନା ଭୂତାଣୁ ବିରୋଧରେ ଲଢେଇ ଭଳି ବିଷୟ ଉପରେ ଚିତ୍ରଗୁଡ଼ିକ ପର୍ଯ୍ୟବସିତ ରହିବ। ବୃତ୍ତିଗତ ତଥା ବରିଷ୍ଠ ଚିତ୍ରଶିଳ୍ପୀଙ୍କ ଲାଗି ପ୍ରତିଯୋଗିତାରେ ସ୍ୱତନ୍ତ୍ର ବିଭାଗ ରହିଥିବାବେଳେ ନବୀନ ଚିତ୍ରଶିଳ୍ପୀ ଏବଂ ୨୧ବର୍ଷରୁ କମ୍ ବୟସର ପ୍ରତିଯୋଗୀଙ୍କ ପାଇଁ ଭିନ୍ନ ବିଭାଗ ରହିବ। ଶ୍ରେଷ୍ଠ ବିବେଚିତ ଚିତ୍ରକୁ ପୁରସ୍କୃତ କରାଯିବ ଓ ତାହାକୁ ଦେଶ ବିଦେଶର ପ୍ରତିଷ୍ଠିତ ଆର୍ଟ ଗ୍ୟାଲେରୀରେ ପ୍ରଦର୍ଶିତ କରାଯିବ। ଏହାସହ ଏକ ଅନ୍‌ଲାଇନ୍ ପ୍ରଦର୍ଶନୀ ମଧ୍ୟ ଆୟୋଜିତ ହେବ। ମେ' ୧ ସୁଦ୍ଧା ସମସ୍ତ ପ୍ରତିଯୋଗୀ ସେମାନଙ୍କ ଚିତ୍ରକଳାର ହାଇ ରିଜୋଲୁଶନ୍ ଫଟୋ ଆଇସିସିଆର୍‌କୁ ଅନ୍‌ଲାଇନ୍‌ରେ ପଠାଇବାକୁ କୁହାଯାଇଛି।

## ଲତାଙ୍କ ବଦାନ୍ୟତା



ମୁମ୍ବାଇ: କରୋନା ଯୁଦ୍ଧରେ ଜିତିବାକୁ ସମସ୍ତଙ୍କର ଚେଷ୍ଟା ଜାରି ରହିଛି। କରୋନା ମୁକାବିଲା ପାଇଁ ବଲିଉଡ୍‌ର ବହୁ ସେଲିବ୍ରିଟି ସହଯୋଗର ହାତ ବଢାଇଥିବା ବେଳେ ମଙ୍ଗଳବାର ଏଥିରେ ସାମିଲ ହୋଇଛନ୍ତି ଭାରତରତ୍ନ ଲତା ମଙ୍ଗେସକର। ସୁର ସାମ୍ରାଜ୍ଞୀ ଲତା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ଫଣ୍ଡକୁ କରୋନା ପାଇଁ ୨୫ ଲକ୍ଷ ଟଙ୍କା ଦାନ କରିଛନ୍ତି। ସୂଚନାଯୋଗ୍ୟ, ଦେଶରେ କରୋନା ଭାଇରସ୍ ସଂକ୍ରମିତଙ୍କ ସଂଖ୍ୟା ଏବେ ୧୨ ଶହ ଅତିକ୍ରମ କରିଥିବାବେଳେ ମୃତ୍ୟୁସଂଖ୍ୟା ମଧ୍ୟ ବଢିବାରେ ଲାଗିଛି। ଏହାକୁ ଦେଖି ଏବେ ଚିନ୍ତାରେ ଭାରତୀୟ। ଭାରତରେ କରୋନା ଥାର୍ଡ ଷ୍ଟେଜ୍‌କୁ ଯିବା ପୂର୍ବରୁ ତାକୁ ଅଟକାଇବାକୁ ଚେଷ୍ଟା ଚାଲିଛି। ନଚେତ୍ ଏହା ଅଣାୟତ୍ତ ହେବ ବୋଲି ଅନୁମାନ କରାଯାଉଛି।

## ଗବେଷଣା ପାଇଁ ୪୦୦୦ ସ୍ୱାସ୍ଥ୍ୟକର୍ମୀଙ୍କୁ ଦିଆଯିବ ବିସିଜି ଟିକା

**ମେଲବୋର୍ନ,୩୧।୩:** କରୋନା ସଂକ୍ରମଣ ସାରା ପୃଥିବୀରେ ଆତଙ୍କ ସୃଷ୍ଟି କରିଛି। ଏହାକୁ ରୋକିବା ଲାଗି ଇତିମଧ୍ୟରେ କୌଣସି ଔଷଧ ପ୍ରସ୍ତୁତ ହୋଇପାରି ନାହିଁ। ପ୍ରତି ଦେଶର ବୈଜ୍ଞାନିକ ଏନେଇ ଗବେଷଣା ଜାରି ରଖିଛନ୍ତି। ତେବେ ଟିବି ପାଇଁ ଦିଆଯାଉଥିବା ପ୍ରତିଷେଧକ ଟୀକା ବିସିଜି(ବାସଲି କାଲାମେଟ୍-ଗ୍ୟୁରିନ୍) ଏକ୍ଷେତ୍ରରେ ଉପଯୋଗୀ ସାବ୍ୟସ୍ତ ହେବ ବୋଲି କୁହାଯାଉଛି। ବିସିଜି ଟୀକା ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ାଇବାରେ ସହାୟକ ହୋଇଥାଏ। ଗତ ୧୦୦ ରୁ ଅଧିକ ବର୍ଷ ଧରି ଟିବି ଚିକିତ୍ସା କ୍ଷେତ୍ରରେ ଏହାର ଉପଯୋଗ କରାଯାଉଛି। ବ୍ଲଡ୍ କ୍ୟାନେସରରେ ମଧ୍ୟ ଏହାର ବ୍ୟବହାର କରାଯାଇଥାଏ। ଏନେଇ ଅଷ୍ଟ୍ରେଲିଆର ମେଲବୋର୍ନରେ ଗବେଷକ ୪୦୦୦ ସ୍ୱାସ୍ଥ୍ୟକର୍ମୀଙ୍କ ଉପରେ ବିସିଜି ଟୀକାର ପ୍ରୟୋଗ କରିବେ। ଅପରପକ୍ଷରେ କରୋନା ପ୍ରତିଷେଧକ ଟୀକା ପ୍ରସ୍ତୁତି ପାଇଁ ବର୍ଷେରୁ ଦେଢ଼ବର୍ଷ ଲାଗିବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କୁହାଯାଇଛି। ତେଣୁ କରୋନାର ପ୍ରତିରୋଧ ଲାଗି ଏବେ ବିସିଜି ଟୀକାର ପ୍ରୟୋଗ କରାଯାଇ ଅଧ୍ୟୟନ କରାଗଲେ ପରବର୍ତ୍ତୀ ସମୟରେ ସୁଫଳ ମିଳିବ ବୋଲି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ କହିଛି।



## ସାନିଟାଇଜର ସ୍ପ୍ରେ କରିବ ରୋବୋ

**ନୂଆଦିଲ୍ଲୀ,୩୧।୩:** ଭାରତରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ବଢ଼ିଚାଲିଛି। ଏଥିଲାଗି ସାମାଜିକ ଦୂରତା ସହିତ ରାସ୍ତାଘାଟକୁ ବିଶୁଦ୍ଧ କରିବା ଲାଗି ସାନିଟାଇଜର ସ୍ପ୍ରେ କରାଯାଉଛି। ଏଥିରେ ପୋଲିସ, ଦମକଳବାହିନୀ ତଥା ସ୍ୱାସ୍ଥ୍ୟକର୍ମୀଙ୍କୁ ନିୟୋଜିତ କରାଯାଉଛି। ତେବେ ଏଣିକି ସାନିଟାଇଜର ସ୍ପ୍ରେ କାମ ରୋବୋ ଦ୍ୱାରା କରାଯିବ। ଫଳରେ ସଂକ୍ରମଣର ଆଶଙ୍କା ମଧ୍ୟ କମିଯିବ। ଆଇଆଇଟି ଖଡ଼ଗପୁରର ପୂର୍ବତନ ଛାତ୍ର ଦେବେନ୍ଦ୍ର ଶାହା ଏଆଇଆଇଏମଏସ୍ ଦିଲ୍ଲୀର ଜଣେ ପୂର୍ବଛାତ୍ର ଶଶି ରଞ୍ଜନଙ୍କ ସହିତ ମିଳିତ ଭାବେ ଏଭଳି ଏକ ରୋବୋ ନିର୍ମାଣ କରିଛନ୍ତି। ଏହାକୁ ଏୟରଲେନ୍ସ-କରୋନା ଭାବେ ନାମିତ କରାଯାଇଛି। ଏହା ରାସ୍ତାଘାଟ ଗଳିକନ୍ଦି ବୁଲି ବୁଲି ସାନିଟାଇଚର ସ୍ପ୍ରେ କରିବାକୁ ସକ୍ଷମ ହେବ।

## ଘଣ୍ଟାରେ ୨୩ଥର ମୁହଁରେ ହାତ ମାରନ୍ତି ଲୋକେ

**ୱାଶିଂଟନ,୩୧।୩:** କରୋନା ଭୂତାଣୁ ସଂକ୍ରମଣ ନେଇ ସାରା ପୃଥିବୀରେ ଆତଙ୍କ ଦେଖାଦେଇଛି। ଇତିମଧ୍ୟରେ ୧୯୯ ଦେଶରେ କରୋନା ସଂକ୍ରମିତ ହୋଇସାରିଛି। ସେହିପରି ମୃତ୍ୟୁ ସଂଖ୍ୟା ଦିନକୁ ଦିନ ବଢ଼ିଚାଲିଛି। ଏପରିସ୍ଥଳେ ହାତରେ ମୁହଁ, ଆଖି, ନାକ, ପାଟି, କାନ ଆଦିକୁ ସ୍ପର୍ଶ ନ କରିବାକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ମାର୍ଗଦର୍ଶିକା ଜାରି ହୋଇଛି। ଏହାଦ୍ୱାରା କରୋନା ସଂକ୍ରମଣରୁ ଦୂରେଇ ରହିହେବ ବୋଲି କୁହାଯାଇଛି। ତେବେ ପ୍ରତି ଲୋକ ଘଣ୍ଟାରେ ହାରାହାରି ୨୩ ଥର ମୁହଁରେ ହାତ ମାରିଥାନ୍ତି ବୋଲି ନ୍ୟୁ ସାଉଥ୍ ୱେଲସ୍ ବିଶ୍ୱବିଦ୍ୟାଳୟର ଗବେଷକଙ୍କ ପକ୍ଷରୁ ହୋଇଥିବା ଏକ ଗବେଷଣା ରିପୋର୍ଟରେ ପ୍ରକାଶ ପାଇଛି। ଏଭଳି ଅଭ୍ୟାସ ଦ୍ୱାରା ସହଜରେ ବିଭିନ୍ନ ସଂକ୍ରମଣ ହୋଇଥାଏ। ଏନେଇ ଗବେଷକଙ୍କ ପକ୍ଷରୁ କିଛି ଶିକ୍ଷାର୍ଥୀଙ୍କ ଉପରେ ଅଧ୍ୟୟନ କରାଯାଇଥିଲା। ସେମାନଙ୍କୁ ଏକ ବଡ଼ ହଲ୍‌ରେ ବସାଯାଇଥିଲା। ଏହାପରେ ସେମାନଙ୍କର ପ୍ରତିଟି କାର୍ଯ୍ୟ ଏବଂ ବ୍ୟକ୍ତିଗତ ଅଭ୍ୟାସର ଭିଡିଓ ରେକର୍ଡିଂ କରାଯାଇଥିଲା। ଜଣାପଡ଼ିଥିଲା ଘଣ୍ଟାଏ ମଧ୍ୟରେ ଶିକ୍ଷାର୍ଥୀମାନେ ହାରାହାରି ୨୩ ଥର ମୁହଁ, ନାକ, ପାଟି, କାନ ଏବଂ କେଶରେ ହାତ ମାରିଥିଲେ। ମାନସିକ ଚାପ ବଢ଼ିଲେ ଏହି ପ୍ରକ୍ରିୟା ଅଧିକ ଥର ହେଉଥିବାର ଅନୁଧ୍ୟାନ ମଧ୍ୟ କରାଯାଇଥିଲା।



## ଫ୍ରାନ୍ସରେ କରୋନାର ମୃତ୍ୟୁ ତାଣ୍ଡବ: ମହଙ୍ଗା ପଡ଼ିଲା ଚର୍ଚ୍ଚର ସାମୂହିକ ପ୍ରାର୍ଥନା



**ପ୍ୟାରିସ୍,୩୧।୩:** କରୋନା ସଂକ୍ରମଣ ଯୋଗୁ ଫ୍ରାନ୍ସରେ ମୃତ୍ୟୁର ତାଣ୍ଡବ ଜାରି ରହିଛି। ଇତିମଧ୍ୟରେ ଏଠାରେ ମୃତ୍ୟୁ ସଂଖ୍ୟା ୩,୦୨୪ ଛୁଇଁଛି। ରବିବାର ଗୋଟିଏ ଦିନରେ ଏଠାରେ ୪୧୮ ଜଣ ଲୋକଙ୍କ ମୃତ୍ୟୁ ଘଟିଛି। ଦେଶରେ ୩୩,୫୯୯ ସଂକ୍ରମିତ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ ୭୯୨୭ ଜଣଙ୍କ ଅବସ୍ଥା ଗୁରୁତର ଥିବା କୁହାଯାଉଛି। ଫ୍ରାନ୍ସରେ ଜାରି ରହିଥିବା ଏଭଳି ସ୍ଥିତି ପାଇଁ ଫେବୃୟାରୀ ୧୮ର ସାମୁହିକ ପ୍ରାର୍ଥନା ଦାୟୀ ବୋଲି କୁହାଯାଉଛି। ଏସମ୍ପର୍କରେ ସରକାର ଏବେ ମୁହଁ ଖୋଲିଛନ୍ତି। ପ୍ରତିବର୍ଷ ମ୍ୟୁଲହାଉସ୍ ସ୍ଥିତ ଚର୍ଚ୍ଚରେ ଏକ ସପ୍ତାହ ବ୍ୟାପୀ ସାମୁହିକ ପ୍ରାର୍ଥନାର ଆୟୋଜନ କରାଯାଇଥାଏ। ଚଳିତ ବର୍ଷ ଏହି ପ୍ରାର୍ଥନା ଯୋଗୁ ଫ୍ରାନ୍ସରେ କରୋନା ମହାମାରୀ ରୂପ ନେଇଛି। ଏଥିରେ ଦେଶବିଦେଶରୁ ବହୁ ଖ୍ରୀଷ୍ଟ ଧର୍ମାବଲମ୍ବୀ ଯୋଗ ଦେଇଥିଲେ। ସାମୁହିକ ପ୍ରାର୍ଥନାରେ ୨୫୦୦ରୁ ଅଧିକ ଲୋକ କରୋନା ଦ୍ୱାରା ସଂକ୍ରମିତ ହୋଇଥିବା ସରକାର କହିଛନ୍ତି। ଫ୍ରାନ୍ସରେ ପ୍ରଥମ କରୋନା ସଂକ୍ରମଣ ଘଟଣା ଫେବୃୟାରୀ ୨୯ରେ ଚିହ୍ନଟ ହୋଇଥିଲା। ସାମୁହିକ ପ୍ରାର୍ଥନାରେ ଯୋଗଦେଇଥିବା ୧୭ ଜଣ ଲୋକଙ୍କ ଇତିମଧ୍ୟରେ ମୃତ୍ୟୁ ହୋଇସାରିଛି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଫ୍ରାନ୍ସ ସହିତ ଥିବା ସୀମାକୁ ଜର୍ମାନୀ ସିଲ୍ କରିଦେଇଛି।





# ଅଣନିଃଶ୍ୱାସୀ ଓଡ଼ିଆ ଭାଷା

ସସ୍ମିତା ପାଇକରାୟ
ଭୁବନେଶ୍ୱର,୩୧।୩

ଭାଷାଭିତ୍ତିରେ ପ୍ରଥମ ରାଜ୍ୟ ଭାବେ ଗଠିତ ହୋଇଥିଲା ଉତ୍କଳ ପ୍ରଦେଶ। ୧୯୩୬ ଏପ୍ରିଲ ୧ରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ନେତୃତ୍ୱରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶର ମାନ୍ୟତା ପାଇଥିଲା। ଏହା ମଧ୍ୟରେ ୮୪ ବର୍ଷ ବିତିଗଲାଣି। ହେଲେ ରାଜ୍ୟକୁ ଏପର୍ଯ୍ୟନ୍ତ ମିଳିପାରିଲାନି ଏକ ପ୍ରାଦେଶିକ ସଙ୍ଗୀତ। 'ବନ୍ଦେ ଉତ୍କଳ ଜନନୀ'କୁ ରାଜ୍ୟ ସଙ୍ଗୀତ ମାନ୍ୟତା ପ୍ରଦାନ ପାଇଁ ୧୯୯୪ରୁ ଦାବି ହୋଇ ଆସୁଥିଲେ ମଧ୍ୟ ସରକାରୀ ଅଧିକାରୀଙ୍କ ଅବହେଳା ଯୋଗୁ ତାହା ସମ୍ଭବ ହୋଇପାରିଲା ନାହିଁ। ଏପଟେ ଭାରତବର୍ଷର ଅନ୍ୟାନ୍ୟ ଆଞ୍ଚଳିକ ଭାଷା ନିଜ ନିଜର ସ୍ଥିତିକୁ ମଜଭୁତ ରଖୁଥିବାବେଳେ ଇଂଲିଶ ଏବଂ ହିନ୍ଦୀ ଭାଷାର ପ୍ରଭାବରେ ଓଡ଼ିଆ ଭାଷା କିନ୍ତୁ ଏକପ୍ରକାର ଅଣନିଃଶ୍ୱାସୀ ହୋଇପଡ଼ିଛି। ଓଡ଼ିଆ ଭାଷାର ପ୍ରଚାର ପ୍ରସାର ଲାଗି ବିଂଶସୂତ୍ରୀ କାର୍ଯ୍ୟକ୍ରମକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି। ୨୦୧୮ ଏପ୍ରିଲ ୧ ଉତ୍କଳ ଦିବସ (ବର୍ତ୍ତମାନ ଓଡ଼ିଶା ଦିବସ) ପୂର୍ବରୁ ଯୋଜନାର କାର୍ଯ୍ୟକାରିତା ଲାଗି ବ୍ଲୁପ୍ରିଣ୍ଟ ପ୍ରସ୍ତୁତ ହୋଇଥିଲେ ମଧ୍ୟ ଏଭଳି ବହୁ ନିଷ୍ପତ୍ତି ନାଲିଫିତା ତଳେ ରହିଯାଇଛି।

ଦୀର୍ଘବର୍ଷ ପରେ ୨୦୧୪ରେ ଓଡ଼ିଆ ଭାଷାକୁ ମିଳିଥିଲା ଶାସ୍ତ୍ରୀୟ ମାନ୍ୟତା। ଦେଶର ୬ଷ୍ଠ ଶାସ୍ତ୍ରୀୟ ଭାଷା ମାନ୍ୟତା ମିଳିବାପରେ ଖୁସି ଓ ଉତ୍ସାହର ବାତାବରଣ ଦେଖିବାକୁ ମିଳିଥିଲା। ରାଜ୍ୟ ସରକାର ମାଳ ମାଳ ଯୋଜନା ଓ ଏକାଧିକ କାର୍ଯ୍ୟକ୍ରମ ସମ୍ପର୍କରେ ଘୋଷଣା କରିଥିଲେ। ଏହା ମଧ୍ୟରେ ୫ବର୍ଷ ବିତିଗଲାଣି। ହେଲେ ମର୍ଯ୍ୟାଦାଜନକ ଶାସ୍ତ୍ରୀୟ ମାନ୍ୟତା ପାଇଥିବା 'ଓଡ଼ିଆ' ଯେଉଁଠି ସେଇଠି ରହିଯାଇଛି। ଓଡ଼ିଆ ଭାଷାର ଅଗ୍ରଗତି ପରିବର୍ତ୍ତେ ଅଧୋଗାମୀ ହେଉଛି। ଏପରି କି ଓଡ଼ିଆ ଭାଷାରେ ପ୍ରଶାସନିକ କାର୍ଯ୍ୟ ଏବଂ ନାମଫଳକ ଲେଖିବାକୁ ସ୍ୱତନ୍ତ୍ର ବିଧେୟକ ପ୍ରସ୍ତୁତ ହୋଇଥିଲେ ମଧ୍ୟ ଖୋଦ୍ ରାଜ୍ୟ ସରକାର ତାହାକୁ ମାନିବାକୁ ନାରାଜ। ବିଂଶସୂତ୍ରୀ କାର୍ଯ୍ୟକ୍ରମ ଅନୁଯାୟୀ ସରକାରୀ ଭାଷା ଆଇନ୍ ୧୯୫୪ରେ ସଂଶୋଧନ ଆଣି ବିହିତ ଦଣ୍ଡବିଧାନ ବ୍ୟବସ୍ଥା ସହିତ ଓଡ଼ିଆ ଭାଷାର ବହୁଳ ବ୍ୟବହାର କରୁଥିବା ବିଭାଗ ଓ କର୍ମଚାରୀଙ୍କୁ ପ୍ରୋତ୍ସାହିତ କରିବାକୁ ସ୍ଥିର କରିଥିଲେ। ୨୦୧୮ ଏପ୍ରିଲ ପହିଲାରୁ ଜିଲା, ରାଜସ୍ୱ ଡିଭିଜନ ଏବଂ ରାଜ୍ୟସ୍ତରରେ ଓଡ଼ିଆ ଭାଷାରେ ସମସ୍ତ ପ୍ରଶାସନିକ କାର୍ଯ୍ୟ କରାଯିବ ବୋଲି ନିର୍ଦ୍ଦେଶ ରହିଥିଲା। ସେହିଭଳି ସମସ୍ତ ଦୋକାନ ଏବଂ ବ୍ୟବସାୟିକ ପ୍ରତିଷ୍ଠାନରେ ଓଡ଼ିଆ ଭାଷାର ନାମଫଳକ ଲଗାଯିବା ବାଧ୍ୟତାମୂଳକ କରିବା ପାଇଁ 'ଓଡ଼ିଶା ଦୋକାନ ଓ ବାଣିଜ୍ୟିକ ପ୍ରତିଷ୍ଠାନ ଅଧିନିୟମ ୧୯୫୬'ରେ ଆବଶ୍ୟକ ସଂଶୋଧନ ଅଣାଯାଇଥିଲା। ଖିଲାପକାରୀଙ୍କ ପାଇଁ ଦଣ୍ଡବିଧାନ ବ୍ୟବସ୍ଥା ରହିବ ଓ ଖିଲାପକାରୀଙ୍କ ବିରୋଧରେ ତଥ୍ୟ ଦାଖଲ ପାଇଁ ଏକ ସ୍ୱତନ୍ତ୍ର ପୋର୍ଟାଲର ପ୍ରଚଳନ କରାଯିବ ବୋଲି ରାଜ୍ୟ ସରକାର କରିଥିବା ଘୋଷଣା ଏପର୍ଯ୍ୟନ୍ତ ସମ୍ଭବ ହୋଇପାରିନି।

## ଓଡ଼ିଆ ଶିକ୍ଷାକୁ ଅବହେଳା

ରାଜ୍ୟର ଅଧିକାଂଶ ବିଶ୍ୱବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ଓଡ଼ିଆ ଅଧ୍ୟାପକ ପଦବୀ ଖାଲିପଡିଥିବାବେଳେ ସ୍କୁଲ୍‌ରେ ଏହି ପଦବୀ ନ ଥିବାରୁ ଭୂଗୋଳ, କ୍ରୀଡା ଓ ବିଜ୍ଞାନ ଶିକ୍ଷକ ଓଡ଼ିଆ ପଢାଉଛନ୍ତି। ଓଡ଼ିଆ ଭାଷାର ସାହିତ୍ୟକୃତିଗୁଡିକୁ ଅନ୍ୟ ଭାରତୀୟ ଭାଷାରେ ଅନୁବାଦ ଏବଂ ଅନ୍ୟ ଭାଷାର ସାହିତ୍ୟକୃତିକୁ ଓଡ଼ିଆରେ ଅନୁବାଦ କାର୍ଯ୍ୟକୁ ବ୍ୟାପକ କରିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ସେହିଭଳି ଭାଷା ଆଇନକୁ କାର୍ଯ୍ୟକାରୀ କରିବା ପାଇଁ ଓଡ଼ିଆ ଭାଷା କମିଶନ ଗଠନ କରିବାକୁ ସ୍ଥିର ହୋଇଥିବାବେଳେ ତାହା ବି ଆଜିପର୍ଯ୍ୟନ୍ତ ହୋଇପାରିନାହିଁ। ସବୁଠାରୁ ବଡ଼କଥା ହେଲା ଓଡ଼ିଆ ଭାଷାର ଉତ୍ତରୋତ୍ତର ଉନ୍ନତି ଏବଂ ଗବେଷଣାକୁ ପ୍ରୋତ୍ସାହିତ କରିବା ପାଇଁ ସେଣ୍ଟ୍ରାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ଲାସିକାଲ ଓଡ଼ିଆ ପ୍ରତିଷ୍ଠା କରିବାକୁ ସ୍ଥିର ହୋଇଥିଲା। ଏହାମଧ୍ୟରେ ଦୀର୍ଘବର୍ଷ ବିତିଯାଇଥିବା ବେଳେ ସରକାର ଆହୁରି ବର୍ଷ ଗଡ଼ାଉଛନ୍ତି।

## କେନ୍ଦ୍ରର ପାତରଅନ୍ତର

ସଂସ୍କୃତ ଭାଷାର ବିକାଶ ପାଇଁ କେନ୍ଦ୍ର ସରକାର ସର୍ବାଧିକ ଗୁରୁତ୍ୱ ଦେଉଥିବାବେଳେ ଅନ୍ୟାନ୍ୟ ଆଞ୍ଚଳିକ ଭାଷାକୁ ସାବତ ପୁଅ ଭଳି ଦେଖୁଛନ୍ତି। ବିଗତ ୩ ବର୍ଷରେ କେବଳ ସଂସ୍କୃତ ଭାଷା ପାଇଁ କେନ୍ଦ୍ର ସରକାର ୬୪୩.୮୪ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି, କିନ୍ତୁ ଅନ୍ୟ ୫ ଭାଷା ପାଇଁ ମାତ୍ର ୨୯ କୋଟି ଟଙ୍କା ଦେଇଛନ୍ତି। ପୁଣି ସେହି ୫ ଭାଷା ଭିତରେ ଓଡିଆ ଭାଷାର ନାମ ନାହିଁ। ସେହିଭଳି ପାର୍ଲାମେଣ୍ଟ ପରିସରରେ ମଧୁବାବୁଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ବାରମ୍ବାର ଦାବି ହେଉଥିଲେ ମଧ କେନ୍ଦ୍ର ଶୁଣୁନି। ଓଡିଶାର ସୀମା ଅସୁରକ୍ଷିତ ହୋଇପଡ଼ିଥିବାବେଳେ କୋଟିଆ ଉପରେ ଆନ୍ଧ୍ରପ୍ରଦେଶ ଅଧିକାର ଦେଖାଉଛି। ବାଲେଶ୍ୱର ଜିଲାର ବହୁ ସୀମାନ୍ତ ଗ୍ରାମ ଉପରେ ପଶ୍ଚିମବଙ୍ଗ ସରକାର ଲୋଲୁପ ଦୃଷ୍ଟି ପକାଇଛି। ମହାନଦୀ ପାଣି ସହ ଓଡିଶାର ଗଜମା ପାହାଡ଼ ଓ ଝାରଗାଁକୁ ନିଜର ବୋଲି ଦାବି କରୁଛି ଛତିଶଗଡ଼। ସବୁ ଜାଣି କେନ୍ଦ୍ର ସରକାର ଏକ୍ଷେତ୍ରରେ ଚୁପ୍ ରହୁଛନ୍ତି।

## ଓଡ଼ିଶାର ବରପୁତ୍ର


ଫକୀର ମୋହନ ସେନାପତି


ରାଧାନାଥ ରାୟ


ଗଙ୍ଗାଧର ମେହେର


ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ


ଗୋପାଳ ଚନ୍ଦ୍ର ପ୍ରହରାଜ


ନନ୍ଦକିଶୋର ବଳ


ମଧୁସୂଦନ ଦାସ


ମହାରଜା କୃଷ୍ଣଚନ୍ଦ୍ର ନାରାୟଣ ଦେଓ


ଗୋପବନ୍ଧୁ ଦାସ


ନୀଳକଣ୍ଠ ଦାସ


କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର


ହରେକୃଷ୍ଣ ମହତାବ


ରମାଦେବୀ

# କି ଥିଲା ଏ ରାଜ୍ୟ, କି ହୋଇଛି ଆଜ


ବିଭୁପ୍ରସାଦ ମହାପାତ୍ର

ସ୍କନ୍ଦ ପୁରାଣର 'ଉତ୍କଳ ଖଣ୍ଡ'ରେ ଉଲ୍ଲେଖ ଅଛି–
''ବର୍ଷାନାଂ ଭାରତବର୍ଷ ଦେଶାନାଂ ଉତ୍କଳଃ ସ୍ମୃତଃ
ଉତ୍କଳସ୍ୟ ସମ ଦେଶ ନାସ୍ତି ନାସ୍ତି ମହୀ ତଳେ।''

କଳାର କ୍ଷେତ୍ର ଉତ୍କଳର କଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ ଯେ ଉତ୍କୃଷ୍ଟତମ ଏହା ଅନସ୍ୱୀକାର୍ଯ୍ୟ। ସମସ୍ତ ପ୍ରାକୃତିକ ସମ୍ପଦର ଗନ୍ତାଘର ଏହି ଉତ୍କଳ କେବଳ କଳାର ଉତ୍କର୍ଷରେ ସୀମାବଦ୍ଧ ନ ହୋଇ ସମସ୍ତ ପ୍ରାଚୁର୍ଯ୍ୟରେ ଭରପୂର ଥିବା ସହ ବିଶ୍ୱଭ୍ରାତୃତ୍ୱ, ମାନବବାଦ ଆଦି ମହନୀୟତାର ପ୍ରସାର କରୁଥିଲା। ବିଶ୍ୱଭ୍ରାତୃତ୍ୱ ଓ ମାନବବାଦର ପ୍ରତୀକ ତଥା ଜଗନ୍ନାଥ ସଂସ୍କୃତିର ମୂଳପିଣ୍ଡ ଜଗତରନାଥ ଜଗନ୍ନାଥଙ୍କ ନାମକରଣରୁ ଏହା ସ୍ପଷ୍ଟ। ଓଡ଼ିଆ ସଂସ୍କୃତି ଓ ଜଗନ୍ନାଥ ସଂସ୍କୃତି ଏକ ଏବଂ ଅଭିନ୍ନ। ଅବଶ୍ୟ ସଂସ୍କୃତି ନାମରେ କେତେକ ଅପସଂସ୍କୃତିର ମିଶ୍ରଣ ଫଳରେ ଯେଉଁ ଅନ୍ଧବିଶ୍ୱାସ, ଭ୍ରଷ୍ଟ ମୂଲ୍ୟବୋଧ ପ୍ରଚଳିତ ହେଉଅଛି, ସେସବୁ ଆମମାନଙ୍କ ନୈତିକ ଓ ଧାର୍ମିକ ସ୍ଖଳନ ନିମନ୍ତେ ଦାୟୀ।

ସଂସ୍କୃତିପ୍ରାଣ ଐତିହାସିକ ତଥା ପ୍ରାବନ୍ଧିକ ଡ. କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ତାଙ୍କ ଆତ୍ମଜୀବନୀ 'ମୋ ସମୟର ଓଡ଼ିଶା'ରେ ଉଲ୍ଲେଖ କରିଥିଲେ– ''ମୁଁ ବାଲ୍ୟକାଳରୁ ମାତାପିତାଙ୍କୁ ହରାଇ ଓଡ଼ିଶା ହିଁ ମୋର ମାତା ବୋଲି ଭାବି ନେଇଛି, ମୁଁ ତାକୁ ନିବିଡ଼ ଭାବରେ ଭଲ ପାଇଛି, ତାହାର ଇତିହାସ ଓ ପ୍ରତ୍ନତତ୍ତ୍ୱକୁ ଗଭୀର ଭାବେ ଅନୁଧ୍ୟାନ କରିଛି ଏବଂ ଏହି ଆଲୋକମୟୀ ସନାତନୀ ଭୂମିର ଅଧୁନାତନ ଅଧଃପତନରେ ବ୍ୟଥିତ ହୋଇଛି। ଧର୍ମ, ସଂସ୍କୃତି ନାମରେ ଓଡ଼ିଶାରେ ଯେଉଁ ସହଜ ପନ୍ଥା ଅନୁସୃତ ହେଉଛି, ତାହା ମୋତେ ବ୍ୟଥିତ କରିଛି। ମୁଁ ଦୃଢ଼ଭାବରେ ବିଶ୍ୱାସ କରେ ଯେ ଓଡ଼ିଆମାନଙ୍କ ନୈତିକ ଓ ଧାର୍ମିକ ଅଧଃପତନ ହିଁ ଓଡ଼ିଶାର ଅଧଃପତନ ପାଇଁ ଦାୟୀ।''

ବିଦେଶୀଙ୍କ ଦ୍ୱାରା ଶାସିତ ହେଉଥିବା ତଥା ଆତ୍ମ ପରିଚୟ ହରାଇଥିବା ପରାଧୀନ ଉତ୍କଳବାସୀଙ୍କୁ ଜାତୀୟତାର ପ୍ରୀତି ମନ୍ତ୍ରରେ ଉଦ୍‌ବୁଦ୍ଧ କରାଇ ମୁମୂର୍ଷୁ ଅବସ୍ଥାରୁ ଫେରାଇ ଆଣିବା ନିମନ୍ତେ ୧୯୦୩ ଡିସେମ୍ବର ୩୦ ତାରିଖରେ ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ହୋଇଥିଲା। ପ୍ରାତଃ ସ୍ମରଣୀୟ, ଚିର ବନ୍ଦନୀୟ ଯେଉଁ ମହାମନୀଷୀମାନଙ୍କ ପ୍ରଚେଷ୍ଟା ଫଳରେ ଏହା ସମ୍ଭବ ହୋଇପାରିଲା, ସେମାନେ ହେଲେ– କୁଳବୃଦ୍ଧ ମଧୁସୂଦନ, କବିବର ରାଧାନାଥ, ବ୍ୟାସକବି ଫକୀର ମୋହନ, କୃଷ୍ଣଚନ୍ଦ୍ର ଗଜପତି, ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ଏବଂ ନୀଳମଣି ବିଦ୍ୟାରତ୍ନ ପ୍ରମୁଖ। ଉତ୍କଳମଣି ତଥା ଭାରତର ବରପୁତ୍ର ପୁଣ୍ୟାତ୍ମା ଗୋପବନ୍ଧୁ ଦାସଙ୍କ ମତରେ– 'ସମ୍ମିଳନୀ ଏକ ବିରାଟ ଜାତୀୟ ଅନୁଷ୍ଠାନ'। ସ୍ମୃତିର କାଳଗର୍ଭରେ ଅପସରି ଯାଇଥିବା ଅନେକ ପ୍ରତିଭାଧର ବ୍ୟକ୍ତିବିଶେଷମାନଙ୍କ ସ୍ୱଦେଶପ୍ରାଣତାର ଫଳସ୍ୱରୂପ ଏହି ୧୯୩୬ ମସିହାର ଭାଷାଭିତ୍ତିକ ଉତ୍କଳ ପ୍ରଦେଶ'।

ଏପ୍ରିଲ୍ ୧ ତାରିଖ ଉତ୍କଳ ଦିବସ–ଏକ ଗତାନୁଗତିକ ବାର୍ଷିକୀରେ ପରିଣତ ହୋଇଯାଇଛି। ଉତ୍କଳ ଜନନୀର ଗତ, ଦୃପ୍ତ ଇତିହାସକୁ ସ୍ମରଣ କରିବାକୁ ଆମ ପାଖରେ ସମୟ ନାହିଁ। ଓଡ଼ିଶାର ବରପୁତ୍ରମାନଙ୍କ ଫଟୋଚିତ୍ରରେ ବାଧ୍ୟବାଧକତାରେ ପୁଷ୍ପମାଲ୍ୟ ଅର୍ପଣ କରି କାନ୍ତକବି ଲକ୍ଷ୍ମୀକାନ୍ତଙ୍କ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଦେଲେ କର୍ତ୍ତବ୍ୟ ସମାପନ ହୋଇଯାଏ। 'ବାହାଘର ପରେ ବେଦୀ ମୁହଁ ପୋଡ଼ା' ପରି ସବୁକିଛି ପାସୋରି ପକାଉ। ଆଳସ୍ୟ, ପରାନୁକରଣ ଓ ପରାନୁସରଣ ମନୋବୃତ୍ତି ତଥା ସ୍ୱପରମ୍ପରା ପ୍ରତି ବିମୁଖ ମନୋଭାବ ଓ ଜାତିକୁ ପ୍ରତ୍ୟେକ କ୍ଷେତ୍ରରେ ପଛକୁ ଠେଲିଦେଇଛି। ବହୁ ନଦନଦୀ ସେବିତ, ବହୁ ମୂଲ୍ୟବାନ ରତ୍ନ, ଖଣିଜ ସମ୍ପଦରେ ଭରପୂର ଆମ ଓଡ଼ିଶା ରଘୁରାମ ରାଜନ କମିଟିର ରିପୋର୍ଟ ମୁତାବକ ଦେଶର ଦରିଦ୍ରତମ ରାଜ୍ୟ, ଯେଉଁ ରାଜ୍ୟର ସାଧବ ପୁଅ ବଣିଜ କରିବା ନିମନ୍ତେ ସାଗର ବକ୍ଷରେ ବୋଇତ ମେଲି ଜାଭା, ସୁମାତ୍ରା, ବୋର୍ଣ୍ଣିଓ, ବାଲିଦ୍ୱୀପ ଆଦିକୁ କର୍ତ୍ତବ୍ୟଭୂମି କରିଥିଲା, ସେହି ଓଡ଼ିଶା ରାଜ୍ୟର ଗଞ୍ଜାମ, କଳାହାଣ୍ଡି, ବଲାଙ୍ଗୀର, ଗଜପତି, କନ୍ଧମାଳ, କୋରାପୁଟ ଓ କେନ୍ଦୁଝର ଜିଲାଗୁଡ଼ିକରୁ ବହୁ ଲୋକ ଦାଦନ ଶ୍ରମିକ ହୋଇ ରାଜ୍ୟ ବାହାରକୁଯାଇ ନିର୍ଯାତିତ ହେଉଛନ୍ତି। ଅର୍ଥଲିପ୍ସୁ, ସଂକୀର୍ଣ୍ଣମନା ବେକାର ଯୁବକମାନେ ସ୍ୱସ୍ୱାର୍ଥ ସାଧନ ପାଇଁ ଗରିବ ଝିଅମାନଙ୍କୁ ଚାଲାଣ କରିବା ନିମନ୍ତେ ପଛାଉନାହାନ୍ତି। ଆମେ ନିଜ ଉପରେ ନିଜର ଆସ୍ଥା ହରାଇ ନିଜକୁ ହତାଦର କରିଚାଲିଛୁ। ବିଶ୍ୱସ୍ତ ଭୃତ୍ୟ ପରି ହୀନମନ୍ୟତାର ମାନସିକତାକୁ ବୋହିଚାଲିଛୁ। ଏସବୁ ସାଙ୍ଗକୁ ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟ ଦାଉ ସାଧୁଛି। ଓଡ଼ିଶାରେ କେବେ ବନ୍ୟା ତ ପୁଣି କେବେ ସୁପର ସାଇକ୍ଲୋନ୍, ଫାଇଲିନ୍, ହୁଦ୍‌ହୁଦ୍ ଅବା ତିତ୍‌ଲିର ଦାଉ। ଇତିହାସରୁ ଅବଗତ ହେଉ ଚେଦିରାଜ ଖାରବେଳ ବିପର୍ଯ୍ୟୟ ରୋକିବା ନିମନ୍ତେ ପଞ୍ଚତ୍ରିଂଶତ ଲକ୍ଷ ମୁଦ୍ରା ବ୍ୟୟ କରିଥିଲେ। ଆମେ ଏ ଦିଗରେ ପ୍ରୟାସ କରିବା ତ ଛାଡ଼ ଓଲଟି ଝାଡ଼ଁବଣ କାଟି ସଫା କରିବାରେ ବ୍ୟସ୍ତ ହେଲୁଣି। ବାସ୍ତବିକ୍ କବିବର ରାଧାନାଥଙ୍କ ଭାଷାରେ– ''ଦେଖୁନାହାନ୍ତି କି ମନେ ବହି ଲାଜ, କି ଥିଲା ଏ ରାଜ୍ୟ, କି ହୋଇଛି ଆଜ।''




ଭୋଗଡ଼ା, ବାଘମାରୀ,
ମୋ: ୭୦୦୮୦୫୩୫୯୭

## ସଂକ୍ଷେପରେ

### ହାଟ ଭିତରକୁ ବାରଣ, ରାସ୍ତାପାର୍ଶ୍ୱରେ ପରିବା ବିକ୍ରି

**ବାଲିଅନ୍ତା,୩୧।୩(ଡି.ଏନ.ଏ):** କରୋନା ଲାଗି ଦେଶ ବ୍ୟାପୀ ଲକ୍‌ଡାଉନ ଘୋଷଣା କରାଯିବା ସହ ସାମାଜିକ ଦୂରତା ବଜାୟ ରଖିବା ପାଇଁ ଗୁରୁତ୍ୱ ଦିଆଯାଇଛି। କିନ୍ତୁ ଲୋକେ ଏହାକୁ ଅବମାନନା କରି ଘରୁ ବାହାରିବା ସହ ଅଯଥା ହାଟ, ବଜାରରେ ଭିଡ଼ ଜମାଉଥିଲେ। ପୋଲିସ ଓ ପ୍ରଶାସନ ପକ୍ଷରୁ ବାରମ୍ବାର ବୁଝାଉଥିଲେ ମଧ ଲୋକେ ଭିଡ ଜମାଇବାରୁ ବାଲିଅନ୍ତା ଓ ବଇଁଚୁଆ ସାପ୍ତାହିକ ହାଟ ଭିତରକୁ ଯିବା ପାଇଁ ବାରଣ କରିଦେଇଛି। ଫଳରେ ବାଲିଅନ୍ତା ହାଟ ପାଳିରେ ବ୍ୟବସାୟୀମାନେ ବାଲିଅନ୍ତା ବଜାରସ୍ଥିତ ହଂସପାଳ-ବନମାଳିପୁର ରାସ୍ତାପାର୍ଶ୍ୱରେ ହାଟ ହେଉଛି। ସେହିପରି ବଇଁଚୁଆ ହାଟକୁ ଅସ୍ଥାୟୀ ଭାବେ ପୁରୁଣା ଜଗନ୍ନାଥ ସଡ଼କ ପାର୍ଶ୍ୱରେ ବ୍ୟବସାୟୀ ବସିଥିବାର ଦେଖାଯାଇଥିଲା। ଏହାସତ୍ତ୍ୱେ ମଧ ରାସ୍ତାରେ ଭିଡ଼ ହେଉଥିବା ବେଳେ ସାମାଜିକ ଦୂରତା ରହୁ ନ ଥିବା ଦେଖିବାକୁ ମିଳୁଛି।

### ୨୦୦ ବୃଦ୍ଧାବୃଦ୍ଧଙ୍କୁ ପାଉଁରୁଟି, କ୍ଷୀର ବଣ୍ଟନ




**ବାଲିଅନ୍ତା,୩୧।୩(ଡି.ଏନ.ଏ):** ଭୁବନେଶ୍ୱର ମହାନଗର ନିଗମ ୧୯ନଂ ୱାର୍ଡ ଅଧୀନ ରସୁଲଗଡ଼ ପାଲାମଣ୍ଡପ ନିକଟରେ ମଙ୍ଗଳବାର ଭତ୍ତା ପାଇଁ ଆସିଥିବା ୨୦୦ରୁ ଉର୍ଦ୍ଧ୍ୱ ବୃଦ୍ଧାବୃଦ୍ଧ ଓ ଦିବ୍ୟାଙ୍ଗଙ୍କୁ ପାଉଁରୁଟି, କ୍ଷୀର ବଣ୍ଟନ କରାଯାଇଛି। ବିଜୁବାବୁ ଯୁଥ କ୍ଲବ ପକ୍ଷରୁ ପୂର୍ବତନ କର୍ପୋରେଟର ସଞ୍ଜୟ କୁମାର ବଳିୟାର ସିଂଙ୍କ ତତ୍ତ୍ୱାବଧାନରେ ଏହି ଖାଦ୍ୟ ବଣ୍ଟନ କରାଯାଇଥିଲା। କରୋନାର ମୁକାବିଲା ପାଇଁ ସାମାଜିକ ଦୂରତାକୁ ଅବଲମ୍ବନ ନ କରି କ୍ଲବର ସଦସ୍ୟମାନେ ବଣ୍ଟନ କରିଥିବାର ଦେଖାଯାଇଥିଲା।

### ଅନ୍ୟ ରାଜ୍ୟର ଶ୍ରମିକଙ୍କୁ ଦିଆଗଲା ଆହାର

**ଭୁବନେଶ୍ୱର,୩୧।୩(ବ୍ୟୁରୋ):** ଲକଡାଉନ ଯୋଗୁ ବାହାର ରାଜ୍ୟ ତଥା ଜିଲାର ଫସିରହିଥିବା ଶ୍ରମିକ, ନିରାଶ୍ରୟମାନଙ୍କୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଉତ୍ତର ଜୋନରେ ରଖାଯାଇଛି। ଏ ନେଇ ସମସ୍ତଙ୍କୁ ବିଏମ୍‌ସି ଆହାର ଯୋଗାଇ ଦିଆଯାଇଛି। ଉତ୍ତର ଜୋନ ଅନ୍ତର୍ଭୁକ୍ତ ସପ୍ତମ ବାଟାଲିୟନ ୟୁପି ସ୍କୁଲରେ ଏହି ସୁବିଧା ଯୋଗାଇ ଦିଆଯାଇଥିବା ବେଳେ ପ୍ରଥମ ଦିନରେ ୫୦୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ ଖାଦ୍ୟ ଦିଆଯାଇଥିବା ବିଏମ୍‌ସି ଉତ୍ତର ଜୋନ୍‌ର ଜୋନାଲ ଡେପୁଟି କମିଶନର ପ୍ରମୋଦ କୁମାର ପୃଷ୍ଟି କହିଛନ୍ତି। ଉତ୍ତର ଜୋନ୍ ଅନ୍ତର୍ଗତ ବିଭିନ୍ନ ୱାର୍ଡରେ ବସବାସ କରୁଥିବା ଅନ୍ୟ ରାଜ୍ୟ ତଥା ଜିଲାର ଶ୍ରମିକମାନଙ୍କୁ ଚିହ୍ନଟ କରାଯାଇଛି। କମିଶନରେଟ ପୋଲିସ୍ ସହଯୋଗରେ ସେମାନଙ୍କୁ ୟୁପି ସ୍କୁଲ୍ ପରିସରକୁ ଅଣାଯିବା ପରେ ଖାଦ୍ୟ ଓ ଆବଶ୍ୟକୀୟ ସେବା ଯୋଗାଇ ଦିଆଯିବ। ଉତ୍ତର ଜୋନର ନୋଡାଲ ଅଫିସର ଭାବେ ନିଯୁକ୍ତ ଥିବା ଅଧିକାରୀ ଏହାର ତଦାରଖ କରବା ସହ ଦୈନିକ ଏହାର ତଥ୍ୟ ଉପସ୍ଥାପନ କରିବେ। ଜୋନ ମଧରେ ଥିବା କୌଣସି ବି ଅସହାୟ ଖାଦ୍ୟ ଖାଇବାରୁ ଯେପରି ବଞ୍ଚିତ ହେବେ ନାହିଁ ବୋଲି ଜୋନାଲ ଡେପୁଟି କମିଶନର ପୃଷ୍ଟି କହିଛନ୍ତି।

# ଅକାରଣରେ ବାହାରକୁ ବାହାରିଲେ ଭୋଗିବେ ଦଣ୍ଡ




**କୋଭିଡ-୧୯ ସଂକ୍ରମଣକୁ ଏଡ଼ାଇବା ପାଇଁ ଲୋକଙ୍କୁ ନିବେଦନ କଲା ବିଏମ୍‌ସି**

**ଭୁବନେଶ୍ୱର, ୩୧।୩ (ବ୍ୟୁରୋ):** ଘର ଦୂଆରେ ପରିବାଠାରୁ ଆରମ୍ଭ କରି ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଇ ଦିଆଯାଉଛି। ତା ସତ୍ତ୍ୱେ ମଧ ଭୁବନେଶ୍ୱର ସହରର କେତେକ ଜନସାଧାରଣଙ୍କ ବେପରୁଆ କାର୍ଯ୍ୟକଳାପ ସାମ୍ନାକୁ ଆସୁଛି। ହାଟ ବଜାରରେ ଗହଳି ନ କରିବା ସହ ସାମାଜିକ ଦୂରତା ଅବଲମ୍ବନ କରିବାକୁ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଜନସାଧାରଣଙ୍କୁ ବାରମ୍ବାର ସଚେତନ କରିବା ସହ ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚେତାବନୀ ଦେଇଛି। ଏହାସତ୍ତ୍ୱେ ମଧ ଲୋକେ ନିଜର ପ୍ରକୃତି ବଦଳାଉନାହାନ୍ତି। ଯଦି ଏଥିରେ ସୁଧାର ନ ଆସେ ତେବେ ମାର୍କେଟରେ ଗହଳି କରୁଥିବା ଓ ନିୟମ ପାଳନ କରୁ ନ ଥିବା ବ୍ୟକ୍ତିଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି।

କୋଭିଡ-୧୯ର ସଂକ୍ରମଣକୁ ଏଡ଼ାଇବା ପାଇଁ କେନ୍ଦ୍ର ତଥା ରାଜ୍ୟ ସରକାର ବ୍ୟାପକ ପଦକ୍ଷେପ ନେଇଥିବାବେଳେ ସାରା ଦେଶରେ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ହେଲେ ତା ସତ୍ତ୍ୱେ ଲୋକମାନେ ଘରୁ ବାହାରି ବଜାରରେ ଭିଡ଼ ଜମାଉଛନ୍ତି। ତେଣୁ ବିଏମ୍‌ସି କର୍ତ୍ତୃପକ୍ଷ ଏହି ସମସ୍ୟାକୁ ଦୃଢ଼ ଭାବେ ଗ୍ରହଣ କରି କମିଶନରେଟ୍ ପୋଲିସ୍ ସହ ଆଲୋଚନା କରିଛି। ନିୟମ ଉଲ୍ଲଂଘନ କରୁଥିବା ବ୍ୟକ୍ତିବିଶେଷଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଏମ୍‌ସି ନିଷ୍ପତ୍ତି ନେଇଛି। ଜନସାଧାରଣ ଗୋଟିଏ ସ୍ଥାନରେ ଗହଳି କଲେ ସଂକ୍ରମଣ ବୃଦ୍ଧି ପାଇବାର ଆଶଙ୍କା ଥିବାରୁ ବିଏମ୍‌ସି ଏହି ପଦକ୍ଷେପ ନେଇଛି ବୋଲି ବିଏମ୍‌ସି କମିଶନର ଚୌଧାରୀ କହିଛନ୍ତି।

### ସଫଳ ହେଲା ହୋମ ଡେଲିଭରି ଅଭିଯାନ

ଭୁବନେଶ୍ୱରବାସୀଙ୍କ ଆବଶ୍ୟକତା ପୂରଣ ପାଇଁ ବିଭିନ୍ନ ମଲ୍, ବଡ଼ବଡ଼ ଷ୍ଟୋର ଏବଂ ରନ୍ଧା ଖାଦ୍ୟ ଘରେ ପହଞ୍ଚାଇବାକୁ ଘରୋଇ ସଂସ୍ଥା ସ୍ୱିଗୀ ସହିତ ବିଏମ୍‌ସି ଚୁକ୍ତି କରିଛି। ଗତ ୨୬ ତାରିଖ ଓ ୨୭ ତାରିଖରେ ହୋଇଥିବା ଏହି ଚୁକ୍ତିକୁ ମଙ୍ଗଳବାର ୫ଦିନ ପୁରୁଥିବାବେଳେ ଉଭୟ ସ୍ୱିଗୀ, ମଲ୍ ଓ ବଡ଼ ଷ୍ଟୋରର କର୍ତ୍ତୃପକ୍ଷ ଭୁବନେଶ୍ୱରର ପାଖାପାଖି ୧୦ ହଜାର ଲୋକଙ୍କ ଘରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ପହଞ୍ଚାଇଛି। ଏତେ କମ୍ ସମୟରେ ୧୦ହଜାର ପରିବାରଙ୍କ ନିକଟରେ ସାମଗ୍ରୀ ପହଞ୍ଚାଇଥିବାରୁ ବିଏମ୍‌ସି ସମ୍ପୃକ୍ତ ସଂସ୍ଥା ଓ କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଦେଇଛି।

### ଘର ପାଖରେ ପରିବା ପାଇଁ ଡାଲା ଅଟୋ ସଂଖ୍ୟା ବଢ଼ିଲା

୨୧ ଦିନର ଲକ୍‌ଡାଉନ ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ପରିବା ହାଟରେ ଲୋକଙ୍କ ଭିଡ଼ କମାଇବାକୁ ଲକ୍ଷ୍ୟ କରି ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ୩ଟି ଜୋନରେ ୩୦ଟି ଲେଖାଏ ୯୦ଟି ଡାଲା ଅଟୋରେ ପରିବା ବିକ୍ରି କରିବା ପାଇଁ ପ୍ରାଥମିକସ୍ତରରେ ଅନୁମତି ଦେଇଥିଲା। ହେଲେ ବର୍ତ୍ତମାନ ଲୋକଙ୍କ ସଂଖ୍ୟା ଓ ଚାହିଦାକୁ ଲକ୍ଷ୍ୟ କରି ବିଏମ୍‌ସି ସୋମବାର ଓ ମଙ୍ଗଳବାର ଡାଲା ଅଟୋ ସଂଖ୍ୟା ୧୫୭କୁ ବୃଦ୍ଧି କରିଛି। ଭୁବନେଶ୍ୱରର ଜନସାଧାରଣ କିପରି ଅଧିକ ମାତ୍ରାରେ ସଂକ୍ରମିତ ନହେବେ ଓ ନିଜ ଘର ନିକଟରେ ସମସ୍ତ ସେବା ପାଇବେ ତା'କୁ ଲକ୍ଷ୍ୟ କରି ବିଏମ୍‌ସି ଏହି ସେବାକୁ ବଢ଼ାଇଥିବା ବିଏମ୍‌ସି କମିଶନର ଚୌଧାରୀ କହିଛନ୍ତି। ଏହି ବ୍ୟବସ୍ଥା ଆଗମୀ ଦିନରେ ଜାରି ରହିଲେ ଜନସାଧାରଣ ଉପକୃତ ହେବା ସହ ପରିବା ମାର୍କେଟରେ ହେଉଥିବା ଗହଳିକୁ ରୋକାଯାଇପାରିବ ବୋଲି ଭୁବନେଶ୍ୱରବାସୀ ପ୍ରକାଶ କରିଛନ୍ତି।

## ୩ ହଜାର ହିତାଧିକାରୀଙ୍କୁ ମିଳିଲା ୪ ମାସର ଭତ୍ତା

**ଭୁବନେଶ୍ୱର,୩୧।୩(ବ୍ୟୁରୋ):** କରୋନା ଭୂତାଣୁ (କୋଭିଡ୍-୧୯)ର ସଂକ୍ରମଣକୁ ଏଡ଼ାଇବା ପାଇଁ ସରକାର ଲକଡାଉନ ଘୋଷଣା କରିଛନ୍ତି। ଏଥିଯୋଗୁ ସବୁ ବନ୍ଦ ହେବା ଯୋଗୁ ଲୋକେ ଖାଦ୍ୟପେୟର ଅଭାବ ଦେଖାଯାଇଥିଲା। ଏଥିପ୍ରତି ରାଜ୍ୟ ସରକାର ଦୃଷ୍ଟି ଦେଇ ଗରିବଙ୍କୁ ୪ମାସର ଆଗୁଆ ଭତ୍ତା ଦେବା ପାଇଁ ଘୋଷଣା କରିଥିଲେ। ସରକାରଙ୍କ ଏହି ନିର୍ଦ୍ଦେଶକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପାଳନ କରି ବିଏମ୍‌ସିର ୩ ଜୋନ୍‌ରେ ସୋମାବାରଠାରୁ ଆଗୁଆ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ କରିଛି। ୩ ଜୋନର ଜୋନାଲ ଡେପୁଟି କମିଶନରଙ୍କ ନେତୃତ୍ୱରେ ଏହି କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ ମଙ୍ଗଳବାର ସୁଦ୍ଧା ଚିହ୍ନଟ ହୋଇଥିବା ୩ହଜାର ହିତାଧିକାରୀଙ୍କୁ ୪ମାସର ଆଗୁଆ ଭତ୍ତା ବଣ୍ଟନ ହୋଇଛି। ଏହା ଆସନ୍ତା ଏପ୍ରିଲ୍ ୧୨ ତାରିଖ ସୁଦ୍ଧା ସମସ୍ତ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ କାର୍ଯ୍ୟ ଶେଷ ହେବ ବୋଲି ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି। ସୂଚନାଯୋଗ୍ୟ, ସରକାରଙ୍କ ନିର୍ଦ୍ଦେଶ ପରେ ବିଏମ୍‌ସି ପକ୍ଷରୁ ସବୁ ୱାର୍ଡରେ ଗୋଟିଏ ଦିନ ଲେଖାଏ ଭତ୍ତା ବଣ୍ଟନ କରାଯିବାକୁ ସ୍ଥିର କରାଯାଇଥିବାବେଳେ ବିଭିନ୍ନ ସ୍ଥାନରେ କ୍ୟାମ୍ପ କରାଯାଇଛି। ଭତ୍ତା ବଣ୍ଟନ ସମୟରେ କିପରି ହିତାଧିକାରୀମାନେ ସାମାଜିକ ଦୂରତା ବଜାୟ ରଖିବେ ସେଥିପ୍ରତି ଧ୍ୟାନ ଦିଆଯାଇଛି।

**ଏପ୍ରିଲ୍ ୧୨ ସୁଦ୍ଧା ସରିବ ଭତ୍ତା ବଣ୍ଟନ**

ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକୁ ଯଥାଶୀଘ୍ର ସାରିବା ପାଇଁ କମିଶନର ଚୌଧାରୀ ନିର୍ଦ୍ଦେଶ ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରର ୩ ଜୋନରେ ୩୧ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀ ଅଛନ୍ତି। ସୋମବାର ପ୍ରଥମ ଦିନରେ ଉତ୍ତର ଜୋନରେ ପାଖାପାଖି ୫୦୦, ଦକ୍ଷିଣ ପଶ୍ଚିମ ଓ ଦକ୍ଷିଣ ପୂର୍ବ ଜୋନରେ ୫୦୦ରୁ ୭୦୦ ହିତାଧିକାରୀ ଭତ୍ତା ପାଇଥିବା ବେଳେ ମଙ୍ଗଳବାର ମଧ ସମାନ ସଂଖ୍ୟା ରହିଥିବା ୩ ଜୋନର ଜୋନାଲ ଡେପୁଟି କମିଶନରଙ୍କ ନିକଟରୁ ସୂଚନା ମିଳିଛି।



ଭୁବନେଶ୍ୱରର ଏକ ୱାର୍ଡରେ ଭତ୍ତା ବଣ୍ଟନ କରାଯାଉଛି।

## ହ୍ୟାଣ୍ଡୱାଶ କାରଖାନାରେ ଚଢ଼ାଉ

କଟକରୋଡ,୩୧।୩(ଡି.ଏନ.ଏ.)

ଦେଶରେ କରୋନା (କୋଭିଡ-୧୯) ସଂକ୍ରମଣ ବ୍ୟାପିବାରେ ଲାଗିଥିବାବେଳେ ଲୋକେ ଆତଙ୍କିତ ହୋଇପଡ଼ିଛନ୍ତି। ଏଥିରୁ ରକ୍ଷା ପାଇବା ପାଇଁ ସାନିଟାଇଜର ଓ ହ୍ୟାଣ୍ଡୱାଶ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଉଛି। ଏଭଳି ପରିପ୍ରେକ୍ଷୀରେ ଭୁବନେଶ୍ୱର ଲକ୍ଷ୍ମୀସାଗର ଥାନା ଅଧୀନ ଝାରପଡ଼ା ଅଞ୍ଚଳରେ ବିନା ଲାଇସେନ୍ସରେ ହ୍ୟାଣ୍ଡୱାଶ ତିଆରି କରୁଥିବା ଏକ କାରଖାନା ଉପରେ ପ୍ରେସ କଣ୍ଟ୍ରୋଲର ପକ୍ଷରୁ ସୋମବାର ଚଢ଼ାଉ କରାଯାଇଛି। ସନ୍ଧ୍ୟା ପ୍ରାୟ ୬ଟାରେ ଡ୍ରଗ୍ସ ଇନ୍ସପେକ୍ଟର ଡ. ସୁଦର୍ଶନ ବିଶ୍ୱାଳଙ୍କ ସହ ଏକ ଟିମ ସେଠାରେ ଚଢ଼ାଉ କରିଥିଲେ। ହ୍ୟାଣ୍ଡୱାଶ ତିଆରି ପାଇଁ ରଖାଯାଇଥିବା ପ୍ରାୟ ୩୫ ଲିଟର କେମିକାଲ, ପ୍ରସ୍ତୁତ ହୋଇଥିବା ୩ ଶହ ବୋତଲ ହ୍ୟାଣ୍ଡୱାଶ, ହଜାରେ ଲେବୁଲ ଓ ପ୍ୟାକିଂ ଖୋଳ ଆଦି ଜବତ ହୋଇଛି। ଯେହେତୁ ହ୍ୟାଣ୍ଡୱାଶ ଏକ ପ୍ରସାଧନ ସାମଗ୍ରୀ ତେଣୁ ଡ୍ରଗ୍ସ କଣ୍ଟ୍ରୋଲ କାର୍ଯ୍ୟାଳୟଠାରୁ ଏଥିପାଇଁ ସମ୍ପୃକ୍ତ ମାଲିକ ଲାଇସେନ୍ସ ନେଇ ନ ଥିଲେ ବୋଲି ଇନ୍ସପେକ୍ଟର ବିଶ୍ୱାଳ କହିଛନ୍ତି। ଉକ୍ତ କାରଖାନା ଉପରେ ଚଢ଼ାଉ କରାଯାଇ ମାଲିକଙ୍କ ନାମରେ ଏକ ମାମଲା ରୁଜୁ ହୋଇଥିବା ଇନ୍ସପେକ୍ଟର ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ମାଲିକଙ୍କ ଘର କଟକ ଜିଲା ସାଲେପୁର ଅଞ୍ଚଳରେ ହୋଇଥିବାବେଳେ ୨ବର୍ଷ ତଳେ ଝାରପଡ଼ା ଅଞ୍ଚଳରେ ଫ୍ଲୋର କ୍ଲିନର ଏବଂ ଫିନାଇଲ ପ୍ରସ୍ତୁତ ପାଇଁ ଏକ କାରଖାନା ଖୋଲିଥିଲେ। ଏଥିପାଇଁ ଡିଆଇସି(ଜିଲା ଶିଳ୍ପ କେନ୍ଦ୍ର) ନିକଟରୁ ଲୋନ ନେଇଥିଲେ। କିନ୍ତୁ ଏବେ ସାନିଟାଇଜର ଏବଂ ହ୍ୟାଣ୍ଡୱାଶର ଚାହିଦା ଦେଖି ଏସବୁ ପ୍ରସ୍ତୁତ କରିଥିଲେ। ହ୍ୟାଣ୍ଡୱାଶ ଏକ କସ୍‌ମେଟିକ ଜିନିଷ ହୋଇଥିବାରୁ ଏଥିପାଇଁ ଡ୍ରଗ୍ସ କଣ୍ଟ୍ରୋଲ ଅଫିସ ପକ୍ଷରୁ ସ୍ୱତନ୍ତ୍ର ଲାଇସେନ୍ସ ଆବଶ୍ୟକ। ତେଣୁ ଏହା ବିନା ଲାଇସେନ୍ସରେ ଏଠାରେ ଚାଲିଥିବାବେଳେ ଏକ ବିଶେଷ ସୂତ୍ରରୁ ଖବରପାଇ ଡ୍ରଗ୍ସ ଇନ୍ସପେକ୍ଟର ଚଢ଼ାଉ କରିଥିଲେ।

**ବିନା ଲାଇସେନ୍ସରେ ଚଳାଉଥିଲେ ବ୍ୟବସାୟ**

## ପଶୁପକ୍ଷୀଙ୍କୁ ଖାଦ୍ୟ ଦେବ ବିଏମ୍‌ସି

**ଖର୍ଚ୍ଚ ବାବଦକୁ ୩ ଲକ୍ଷ ୬୦ ହଜାର ଦେଲେ ସରକାର**

**ଭୁବନେଶ୍ୱର,୩୧।୩(ବ୍ୟୁରୋ):** ସାରା ଦେଶରେ ଲକ୍ ଡାଉନ୍ ଘୋଷଣା ଯୋଗୁ ବାହାରେ ବୁଲୁଥିବା ପଶୁପକ୍ଷୀମାନେ ଖାଇବାକୁ ପାଉନାହାନ୍ତି। ସୋମବାର ରାଜ୍ୟ ସରକାର ସାରା ରାଜ୍ୟରେ ଥିବା ନିରାଶ୍ରୟ ପଶୁପକ୍ଷୀଙ୍କ ଖାଇବା ପାଇଁ ପ୍ୟାକେଜ୍ ଘୋଷଣା କରିବା ପରେ ଭୁବନେଶ୍ୱରରେ ବାହାରେ ବୁଲୁଥିବା ପଶୁପକ୍ଷୀଙ୍କୁ ଖାଦ୍ୟ ଯୋଗାଇବା ଦାୟିତ୍ୱ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ନେଇଛି। ଏ ବାବଦକୁ ସରକାର ପକ୍ଷରୁ ବିଏମ୍‌ସିକୁ ୩ ଲକ୍ଷ ୬୦ ହଜାର ଟଙ୍କାର ଅର୍ଥ ବ୍ୟୟ ଅଟକଳ ମଞ୍ଜୁର କରାଯାଇଥିବା ମଙ୍ଗଳବାର ଜଣାପଡ଼ିଛି। ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କ ଅଧ୍ୟକ୍ଷତାରେ ଏ ନେଇ ଆଲୋଚନା କରାଯିବା ସହ ବିଏମ୍‌ସି କିପରି ଭାବେ ଏହି କାର୍ଯ୍ୟକୁ ସଫଳ କରିବ ସେନେଇ ନକ୍ସା ପ୍ରସ୍ତୁତ କରାଯାଇଛି। ପଶୁପକ୍ଷୀଙ୍କୁ ଖାଦ୍ୟ ଯୋଗାଇବା ପାଇଁ ବିଶେଷ ଭାବେ ଏକ ଦଳ ଗଠନ କରାଯାଇଛି। ଉକ୍ତ ଦଳ ଭୁବନେଶ୍ୱରର ବିଭିନ୍ନ ୱାର୍ଡ ବୁଲି ବାହାରେ ବୁଲୁଥିବା ପଶୁପକ୍ଷୀଙ୍କୁ ଖାଦ୍ୟ ଦେବେ ବୋଲି ସ୍ଥିର ହୋଇଛି। ପଶୁପକ୍ଷୀଙ୍କୁ ଖାଦ୍ୟ ଯୋଗାଉଥିବା ସେଚ୍ଛାସେବୀ ଅନୁଷ୍ଠାନ ଓ ସଦସ୍ୟଙ୍କ ସହ ମଧ ଆଲୋଚନା କରାଯାଇଛି। ଏଥିସହ ଯେଉଁମାନେ ପଶୁପକ୍ଷୀଙ୍କ ପାଇଁ ଖାଦ୍ୟ ଦାନ କରିବାକୁ ଚାହୁଛନ୍ତି ସେନେଇ ବିଏମ୍‌ସି ସହ ଯୋଗାଯୋଗ କରିବାକୁ ବିଏମ୍‌ସି ପକ୍ଷରୁ କୁହାଯାଇଛି।

**ୟୁନିଟ-୪ ହାଟ**

## ହଟିଲା ମାଛ, ପରିବା ଦୋକାନ

**ଭୁବନେଶ୍ୱର, ୩୧।୩ (ବ୍ୟୁରୋ):** ଭିଡ଼ ନ କରିବା ଓ ସାମାଜିକ ଦୂରତ୍ୱ ବଜାୟ ରଖିବା ପାଇଁ ରାଜଧାନୀର ବିଭିନ୍ନ ପରିବା ହାଟକୁ ଖୋଲା ସ୍ଥାନ ଓ ରାସ୍ତା ପାର୍ଶ୍ୱକୁ ଉଠାଇ ଦିଆଯାଇଛି। ଏହି ମର୍ମରେ ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ୟୁନିଟ-୪ ହାଟରେ ଥିବା ମାଛ, ପରିବା ଦୋକାନଗୁଡ଼ିକୁ ମଙ୍ଗଳବାର ହଟାଇ ଦିଆଯାଇଛି। ଭିଡ଼କୁ ନିୟନ୍ତ୍ରଣ କରିବାକୁ ଯାଇ ଏଭଳି ନିଷ୍ପତ୍ତି ନିଆଯାଇଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ଏହି ଦୋକାନୀଗୁଡ଼ିକୁ ପଟେଲ ମାର୍ଗରେ ଥଇଥାନ କରାଯିବ ବୋଲି ଦକ୍ଷିଣ-ପୂର୍ବ ଜୋନର ଜୋନାଲ ଡେପୁଟି କମିଶନର ଅଂଶୁମାନ ରଥ ପ୍ରକାଶ କରିଛନ୍ତି। ଏଥିପାଇଁ ଜାଗା ଚିହ୍ନଟ ହୋଇସାରିଥିବାବେଳେ ବାମପାର୍ଶ୍ୱରେ ପରିବା ଦୋକାନ ରହିବାକୁ ଥିବାବେଳେ ଡାହାଣ ପାର୍ଶ୍ୱରେ ମାଂସ ଦୋକାନ ରହିବାକୁ ନିର୍ଦ୍ଦେଶ ହୋଇଛି। ମାଂସ ଦୋକାନଗୁଡ଼ିକୁ ବ୍ୟବଧାନ କରିବାକୁ ଯାଇ ୧୦ଫୁଟର ଦୂରତାରେ ରଖାଯିବା ସହ ସାମାଜିକ ଦୂରତା ବଜାୟ ରଖିବା ପାଇଁ ଦୋକାନଗୁଡ଼ିକ ଆଗରେ ଗୋଲେଇ ଚିହ୍ନ ଦିଆଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ରବିବାର ୟୁନିଟ୍-୪ ମାର୍କେଟ ଭଳି ସହରର ବହୁ ମାଛ ଓ ମାଂସ ଦୋକାନରେ ପ୍ରବଳ ଭିଡ଼ ହୋଇଥିଲା। ଘଣ୍ଟା ଘଣ୍ଟା ଧରି ଗହଳି ଜମାଇଥିଲେ ମଧ କରୋନା କଟକଣାକୁ ସତେ ଯେପରି କାହାର ଖାତିର ନ ଥିଲା। ଏ ନେଇ ସୋମବାର ଧରିତ୍ରୀରେ 'ଆମିଷ ଦୋକାନରେ ଭିଡ଼, ମାନିଲେନି କଟକଣା' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏ ନେଇ ଜୋନାଲ ଡେପୁଟି କମିଶନର ରଥ ଘଟଣାର ଅନୁଧ୍ୟାନ କରିବା ପରେ ବିଏମସି କମିଶନର ପ୍ରେମଚନ୍ଦ୍ର ଚୌଧାରୀଙ୍କ ସହ ଆଲୋଚନା କରିବା ପରେ ମଙ୍ଗଳବାର ହାଟର ସମସ୍ତ ଦୋକାନୀଙ୍କୁ ହଟାଇ ଦିଆଯାଇଥିଲା। ଏହାସହ ବିଏମ୍‌ସି ପକ୍ଷରୁ କରାଯାଇଥିବା ନିୟମକୁ ଉଲ୍ଲଂଘନ କଲେ ଉକ୍ତ ଦୋକାନୀମାନଙ୍କୀ ଟ୍ରେଡ ଲାଇସେନ୍ସ ରଦ୍ଦ କରାଯିବ। ଯେଉଁ ଦୋକାନୀର ଲାଇସେନ୍ସ ନ ଥିବ ସେମାନଙ୍କ ପ୍ରତି ବୃହତ ଧରଣର ଜରିମାନା କରାଯିବ ବୋଲି ଜୋନାଲ ଡେପୁଟି କମିଶନର ରଥ ପ୍ରକାଶ କରିଛନ୍ତି।



**ଧରିତ୍ରୀ ପ୍ରଭାବ**

## ଫଟୋରେ ଖବର



ଭୁବନେଶ୍ୱରର ରେଳ ଷ୍ଟେଶନ ଶୂନ୍‌ଶାନ।



ଭୁବନେଶ୍ୱର ରସୁଲଗଡ଼ ଓଭରବ୍ରିଜ ତଳେ ଆଶ୍ରୟ ନେଇଥିବା ଛତିଶଗଡ଼ର ବାସହରା ଦୁଇ ପିଲା କଟ ଖେଳୁଛନ୍ତି।



ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ୍ ବସଷ୍ଟାଣ୍ଡରେ ସାମାଜିକ କର୍ମୀମାନେ ରନ୍ଧା ଖାଦ୍ୟ ବାଣ୍ଟୁଛନ୍ତି।

## ସଂକ୍ଷେପରେ

### ଥଣ୍ଡା, କାଶ ରୋଗୀ ଆଇଡିଏଚ୍‌କୁ ଯିବାକୁ ପରାମର୍ଶ

ପୁରୀ ଅଫିସ,୩୧।୩: କରୋନାକୁ ନେଇ ଏବେ ସବୁଠି ଆତଙ୍କ ଖେଳିଯାଇଛି। କାହାରିକୁ ଥଣ୍ଡା, କାଶ ହେଲେ ସେମାନେ ଅଧିକ ଭୟଭୀତ ହେଉଛନ୍ତି। ମାତ୍ର ସବୁ ଥଣ୍ଡା, କାଶ କରୋନାର ଲକ୍ଷଣ ନୁହେଁ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଉଛି। ତଥାପି ଡାକ୍ତରଙ୍କ ପରାମର୍ଶ ନେବାକୁ କୁହାଯାଇଛି। ଅନ୍ୟପକ୍ଷରେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଥଣ୍ଡା, କାଶ ରୋଗୀ ଯେପରି ଭିଡ଼ ନ ହେବେ ସେଥିଲାଗି ପଦକ୍ଷେପ ନିଆଯାଇଥିବା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ନୀଳକଣ୍ଠ ମିଶ୍ର କହିଛନ୍ତି। ମଙ୍ଗଳବାର ଏକ ଭିଡ଼ିଓ ମାଧ୍ୟମରେ ଡାକ୍ତର ମିଶ୍ର କହିଛନ୍ତି, ଜିଲାର ବିଭିନ୍ନ ସ୍ଥାନରୁ ଆସୁଥିବା ଥଣ୍ଡା, କାଶ ରୋଗୀ କେବଳ ଫ୍ଲୁ କର୍ଣ୍ଣରରେ ହିଁ ଦେଖା କରନ୍ତୁ । ସେମାନେ ମାସ୍କ ବ୍ୟବହାର କରନ୍ତୁ । ଯଦି ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିବା ଦରକାର ତେବେ ପ୍ରଥମେ ଡାକ୍ତରଖାନା ହେଲ୍‌ପ ଲାଇନ ନମ୍ବରକୁ ଫୋନ କରନ୍ତୁ । ଡାକ୍ତର ସେମାନଙ୍କ ଘରେ ପହଞ୍ଚି ଔଷଧ ଦେବାର ବ୍ୟବସ୍ଥା କରିବେ। ପୁରୀ ସହରର ଥଣ୍ଡା, କାଶ ରୋଗୀ ସଂକ୍ରାମକ ରୋଗ ଚିକିତ୍ସାଳୟ(ଆଇଡିଏଚ୍)କୁ ଯାଇ ଫ୍ଲୁ କର୍ଣ୍ଣରରେ ଦେଖା କରନ୍ତୁ। ଜିଲା ମୁଖ୍ୟ ଚିକିତ୍ସାଳୟକୁ ନ ଆସନ୍ତୁ। ଏଠାରେ ଅନ୍ୟ ରୋଗୀଙ୍କୁ ସେବା ଯୋଗାଇ ଦିଆଯିବ। ସେମାନଙ୍କଠାରୁ ଅନ୍ୟ କାହାକୁ ଯେପରି ଥଣ୍ଡା, କାଶ ସଂକ୍ରମିତ ନ ହେବ ସେଥିପ୍ରତି ନଜର ଦେବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପରାମର୍ଶ ଦେଇଛନ୍ତି।

### ଫିକା ପଡ଼ିଲା ଚତୁର୍ଥ ପାଳି ଝାମୁଯାତ୍ରା



କାକଟପୁର, ୩୧।୩(ଡି.ଏନ.ଏ): ଲକଡାଉନ ଘୋଷଣା ସାଙ୍ଗକୁ କରୋନା କଟକଣା ଯୋଗୁ କାକଟପୁରର ପ୍ରସିଦ୍ଧ ମା' ମଙ୍ଗଳାଙ୍କ ଚତୁର୍ଥ ପାଳି ଝାମୁଯାତ୍ରା ଫିକା ପଡ଼ିଛି। ଚୈତ୍ର ମଙ୍ଗଳବାରରେ ମନ୍ଦିରରେ ଭକ୍ତଙ୍କ ଗହଳି ଦେଖିବାକୁ ମିଳିନାହିଁ। କେବଳ ପରମ୍ପରା ଅନୁଯାୟୀ ସେବକମାନେ ନୀତି ସମ୍ପନ୍ନ କରିଛନ୍ତି। ସକାଳେ ଆଳତି ପରେ ମା' ମଙ୍ଗଳାଙ୍କୁ ସ୍ନାନ ମାର୍ଜଣା କରାଯାଇ ସେବକମାନେ ଆକର୍ଷଣୀୟ ବେଶରେ ସୁସଜ୍ଜିତ କରିଥିଲେ। ପରେ ବିଭିନ୍ନ ନୀତି ସମ୍ପନ୍ନ କରାଯାଇଥିଲା। ମଧ୍ୟାହ୍ନରେ ପାରମ୍ପରିକ ପାଟୁଆ ନୃତ୍ୟ, ସନ୍ଧ୍ୟାରେ ଆଳତି ପରେ ମା'ଙ୍କ ପୁନଃ ସ୍ନାନ କରାଯାଇ ବେଶ କରାଯାଇଥିଲା। ରାତିରେ କାଳିକା ନୃତ୍ୟ ପରେ ନୀତି ସମ୍ପନ୍ନ ହୋଇଥିଲା। କାକଟପୁର ଥାନା ପକ୍ଷରୁ ମଙ୍ଗଳା ବଜାର, ଚନ୍ଦନ ବଜାର, ବ୍ଲକ ଛକ, ମେଡିକାଲ ଛକ ଆଦି ସ୍ଥାନରେ ବ୍ୟାରିକେଡ କରାଯାଇ ଗାଡ଼ି ଯାଞ୍ଚ କରାଯାଇଥିଲା।

### ଖବରଦାତାଙ୍କ ପରଲୋକ

ପୁରୀ ଅଫିସ,୩୧।୩: ବରିଷ୍ଠ ଖବରଦାତା ସୁରେନ୍ଦ୍ର ନାରାୟଣ ମିଶ୍ର (୬୪)ଙ୍କ ପରଲୋକ ହୋଇଯାଇଛି। କିଛିଦିନ ପୂର୍ବରୁ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଛି। ସେ ଦୀର୍ଘଦିନ ଧରି ଦୈନିକ ସମୟ ଓ ସର୍ବସାଧାରଣ ଖବରକାଗଜର ପୁରୀ ପ୍ରତିନିଧି ରହିବା ସହ ଫ୍ରିଲାନ୍ସ ସ୍ତମ୍ଭକାର ମଧ ଥିଲେ। ପୁରୀ ସହରର ବିକାଶ, ସମାଜର ସମସ୍ୟା ଓ ଶ୍ରୀଜଗନ୍ନାଥ ସଂସ୍କୃତିର ସୁରକ୍ଷା ଦିଗରେ କାର୍ଯ୍ୟ କରି ବେଶ୍ ପରିଚିତ ହୋଇପାରିଥିଲେ। ବହୁ ବିଶିଷ୍ଟ ବ୍ୟକ୍ତି ହସ୍ପିଟାଲରେ ତାଙ୍କର ଶେଷ ଦର୍ଶନ କରିଥିଲେ । ମୃତଦେହକୁ ବାରାହୀ ଲେନ୍‌ସ୍ଥିତ ବାସଗୃହକୁ ନିଆଯାଇ ପରେ ସ୍ୱର୍ଗଦ୍ୱାରରେ ଦାହ କରାଯାଇଥିଲା ।

## ବିକ୍ରି ହେଉନି କ୍ଷୀର, ଛେନା
# ଦୁର୍ଦ୍ଦିନରେ ଦିନ କାଟୁଛନ୍ତି ଦୁଗ୍ଧଚାଷୀ

ପୁରୀ ଅଫିସ,୩୧।୩

କରୋନା ପାଇଁ ୨୧ଦିନିଆ ଲକ୍‌ଡାଉନ ହୋଇଛି ଦେଶ। କେବଳ ଅତ୍ୟାବଶ୍ୟକ ସେବାକୁ ବାଦ୍ ଦେଇ ଆଉ ସବୁକିଛି ବନ୍ଦ ହୋଇଯାଇଛି। କେବଳ ଘର ଭିତରେ ରହିବାକୁ ସଚେତନ କରାଯାଉଛି। ସମସ୍ତେ ଏକପ୍ରକାର ଘର ଭିତରେ ବନ୍ଦୀ ଜୀବନ କଟାଉଛନ୍ତି। ଫଳରେ ଅନେକଙ୍କ ଜୀବନଜୀବିକା ଉପରେ ଏହାର ପ୍ରଭାବ ପଡିଛି । ଏହାଦ୍ୱାରା ଚାଷୀ, ଦିନମଜୁରିଆ ଏବଂ ଅନ୍ୟ ଉପରେ ନିର୍ଭର କରୁଥିବା ଲୋକେ ପରିବାର ପ୍ରତିପୋଷଣ କିପରି କରିବେ ସେ ନେଇ ଚିନ୍ତାରେ ପଡିଛନ୍ତି। ଅନେକ ଚାଷୀ ଅଛନ୍ତି ଯେଉଁମାନେ ଧାର, କରଜ ଏବଂ ହାଡ଼ଭଙ୍ଗା ପରିଶ୍ରମ କରି ବିଭିନ୍ନ ପ୍ରକାର ଖାଦ୍ୟ ସାମଗ୍ରୀ ଉତ୍ପାଦନ କରୁଛନ୍ତି। କିନ୍ତୁ ବିକ୍ରିବଟାର ସୁଯୋଗ ନ ଥିବାରୁ ସେମାନେ ହତାଶ ହୋଇ ପଡିଛନ୍ତି। ଇତିମଧ୍ୟରେ ଦେଶବ୍ୟାପୀ ଲକ୍ ଡାଉନକୁ ସପ୍ତାହେ ବିତିଯାଇଛି। ଆଗକୁ ଆହୁରି ଦୁଇସପ୍ତାହ ଅଛି। କ'ଣ କରିବେ, କିପରି ପରିବାର ମୁହଁରେ ଦାନା ଦି ମୁଠା ଦେବେ ଚିନ୍ତା ଘାରିଛି ଅନେକଙ୍କୁ। ଏଭଳି ସଙ୍କଟ ମଧ୍ୟରେ ପୁରୀ ଜିଲାର ହଜାର ହଜାର ଦୁଗ୍ଧଚାଷୀ ଏମିତି ଦୁର୍ଦ୍ଦିନରେ ଏବେ ଦିନ କାଟୁଛନ୍ତି।

କରୋନା ଭାଇରସ୍ ସଂକ୍ରମଣକୁ ରୋକିବା ପାଇଁ ଲାଗୁ ହୋଇଥିବା ୨୧ଦିନିଆ ଦେଶବ୍ୟାପୀ ଲକ୍ ଡାଉନକୁ ସପ୍ତାହେ ବିତିଯାଇଛି। ଏଥିଲାଗି ବନ୍ଦ ରହିଛି ଦୋକାନ ବଜାର। ହୋଟେଲ, ରେଷ୍ଟୁରାଣ୍ଟଠାରୁ ଆରମ୍ଭ କରି ରାସ୍ତାକଡ଼ ଜଳଖିଆ ଦୋକାନରେ ଝୁଲୁଛି ତାଲା । ମିଠା ବ୍ୟବସାୟ ଏକପ୍ରକାର ଠପ୍ ହୋଇଯାଇଛି । ଅଚାନକ ଲକ୍ ଡାଉନ ଯୋଗୁ ଅନେକ ମିଠା ବ୍ୟବସାୟୀ ହଜାର ହଜାର ଟଙ୍କା କ୍ଷତି ସହିଛନ୍ତି । କେଉଁଠି ଏବେ ତିଆରି ହେଉନି ରସଗୋଲା, ଝିଲ୍ଲୀ, ଛେନାଗଜା, ସନ୍ଦେଶ, ରାବିଡ଼ି, ଗୋଲାପଜାମୁ, ଛେନା ରସାବଳୀ ଇତ୍ୟାଦି ସୁସ୍ୱାଦୁଯୁକ୍ତ ମିଠା । ସେହିପରି ଚା' ଦୋକାନ ବି ବନ୍ଦ ରହିଛି। ଫଳରେ ଦୁଗ୍ଧଚାଷୀ ଏବଂ କ୍ଷୀର, ଛେନା ବ୍ୟବସାୟୀ ହାତବାନ୍ଧି ଘରେ ବସିଛନ୍ତି। ବିଶେଷକରି ଅଧିକ ହନ୍ତସନ୍ତ ହେଉଛନ୍ତି ଦୁଗ୍ଧଚାଷୀ। ବିଭିନ୍ନ ଦୁଗ୍ଧ ସମବାୟ ସମିତିଠାରୁ ଓମ୍‌ଫେଡ ନିୟମିତ କ୍ଷୀର ନେଉ ନ ଥିବାବେଳେ ଅନ୍ୟ ଦୁଗ୍ଧ କମ୍ପାନୀ ଆଦୌ କ୍ଷୀର ସଂଗ୍ରହ କରୁନାହାନ୍ତି। ଫଳରେ ଦୁଗ୍ଧ ଓ ଛେନାର ଅଭାବୀ ବିକ୍ରି ସୃଷ୍ଟି ହୋଇଛି ।

ପୁରୀ ଜିଲାର କାକଟପୁର, ନୟାହାଟ, ଗୋପ, ଚାରିଛକ, ବାଙ୍ଗୁରିଗାଁ, କୋଣାର୍କ ଆଦି ଅଞ୍ଚଳରୁ ନିୟମିତ କ୍ଷୀର ଏବଂ ଛେନା ଭୁବନେଶ୍ୱର, ପୁରୀ, କଟକ, ପାହାଳ, ପିପିଲି, ନିମାପଡ଼ାକୁ ପଠାଯାଇଥାଏ। କ୍ଷୀର, ଛେନା ବ୍ୟବସାୟ କରି ଶହଶହ ବ୍ୟବସାୟୀ ସେମାନଙ୍କ ପରିବାର ପ୍ରତିପୋଷଣ କରିଥାନ୍ତି। ଏଥିସହ ଦୁଗ୍ଧ ଚାଷୀମାନେ ନିଜ ନିଜ ଦୁଆରେ କ୍ଷୀର ବିକ୍ରି କରି ନିଜ ପରିବାର ଚଳାଉଥିବାବେଳେ ଗାଈଙ୍କୁ ଖାଇବାକୁ ଦେଇପାରୁଥିଲେ। ହେଲେ ଏବେ ଦୁଗ୍ଧ ଓ ଛେନା ବିକ୍ରି ଏକପ୍ରକାର ବନ୍ଦ ରହିଥିବାରୁ ଦୁଗ୍ଧ ବ୍ୟବସାୟ ଉପରେ ନିର୍ଭରଶୀଳ ହଜାର ହଜାର ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି। ଦୋକାନ, ବଜାର ବନ୍ଦ ରହିଥିବାରୁ ଦୁଗ୍ଧ ଚାଷୀ ଗୋ-ଖାଦ୍ୟ ମଧ୍ୟ ସୁବିଧାରେ ପାଇପାରୁ ନାହାନ୍ତି। ଜିଲାର କାକଟପୁର ବ୍ଲକରେ ପ୍ରାୟ ୧ ହଜାର ଦୁଗ୍ଧଚାଷୀ ଦୈନିକ ୧୫ ହଜାର ଲିଟର କ୍ଷୀର ଓ ୫୦ କିଗ୍ରା ଛେନା, ଅସ୍ତରଙ୍ଗ ବ୍ଲକରେ ପ୍ରାୟ ୮୦୦ ଚାଷୀ ୧୦ ହଜାର ଲିଟର କ୍ଷୀର ଓ ୪୦ କିଗ୍ରା ଛେନା, ଗୋପ ବ୍ଲକରେ ପ୍ରାୟ ୧୫୦୦ ଚାଷୀ ୧୫ ହଜାର ଲିଟର କ୍ଷୀର ଓ ୭୫ କିଗ୍ରା ଛେନା, ନିମାପଡ଼ା ବ୍ଲକରେ ପ୍ରାୟ ୧୨୦୦ ଚାଷୀ ୧୨ ହଜାର ଲିଟର କ୍ଷୀର ଓ ୫୦ କିଗ୍ରା ଛେନା ଏବଂ ପିପିଲି ବ୍ଲକରେ ପ୍ରାୟ ୧ ହଜାର ଚାଷୀ ଦୈନିକ ୧୦ ହଜାର ଲିଟର କ୍ଷୀର ଓ ୫୦ କିଗ୍ରା ଛେନା ବିକ୍ରି କରିଆସୁଥିଲେ। କିନ୍ତୁ ଏବେ ସେମାନେ





ଏକପ୍ରକାର ହାତବାନ୍ଧି ବସିଛନ୍ତି। କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ପ୍ୟାକେଜ ଘୋଷଣା କରିଥିଲେ ମଧ୍ୟ ଦୁଗ୍ଧଚାଷୀଙ୍କ ପାଇଁ କୌଣସି ସାହାଯ୍ୟ ଘୋଷଣା କରାଯାଇ ନାହିଁ। ଏ ଦିଗରେ ସରକାର ଦୃଷ୍ଟି ଦେବାକୁ ଦୁଗ୍ଧ ଚାଷୀମାନେ ଦାବି କରିଛନ୍ତି।

ଅସ୍ତରଙ୍ଗର ଛେନା ବ୍ୟବସାୟୀ ସନାତନ ବେହେରା କହିଛନ୍ତି, ପ୍ରାୟ ସବୁଦିନ ଆମ ଅଞ୍ଚଳରୁ ୨୦ରୁ ଊର୍ଦ୍ଧ୍ୱ ଦୁଗ୍ଧଚାଷୀ ଓ ବ୍ୟବସାୟୀ ଗାଡ଼ିରେ କ୍ଷୀର ଓ ଛେନା ନେଇ ପୁରୀ ଯାଇ ବିଭିନ୍ନ ହୋଟେଲ ଏବଂ ଦୋକାନରେ ବିକ୍ରି କରିଥାଉ। ଏବେ ହାତବାନ୍ଧି ଘରେ ବସିଛୁ। ପ୍ରତିଦିନ ଘର କ୍ଷୀରକୁ ପରିବାର ସଦସ୍ୟ ଖାଉଥିବାବେଳେ ପଡ଼ୋଶୀଙ୍କୁ ବି ଦେଉଛୁ। କରୋନା କଟକଣା ଆମ ପାଇଁ ଦୁଃଖ ଆଣିଛି। ରଘୁନାଥ ବେହେରା କହିଛନ୍ତି, ୨/୩ ଦିନରେ ଥରେ ସମବାୟ ସମିତି କ୍ଷୀର ନେଉଛି। ଦୋକାନ, ବଜାର ବନ୍ଦ କାରଣରୁ ସବୁଦିନ କ୍ଷୀର ଓ ଛେନା ବିକ୍ରି କରିପାରୁ ନାହୁଁ। ଅଭାବୀ ବିକ୍ରି ପାଇଁ ହନ୍ତସନ୍ତ ହେଉଛୁ। ସେହିପରି ଶଙ୍କର ଦାସ କହିଛନ୍ତି, ଅଭାବୀ ବିକ୍ରି ଯୋଗୁ ଗାଈଙ୍କୁ ଖାଇବାକୁ ଦେଉଥିବା ଦାନା ପଇସା ବି ଉଠାଇ ପାରୁନୁ। ଏଦିଗରେ ସରକାର ଦୃଷ୍ଟି ଦେବାକୁ ଅନୁରୋଧ କରୁଛୁ।

# ସବୁ ପରିବାରକୁ ରାଶନ ମିଳୁ

ପୁରୀ ଅଫିସ,୩୧।୩

ଲକ୍‌ଡାଉନ୍ ଯୋଗୁ ଅନେକଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଛି। ତେଣୁ ଯେଉଁମାନେ ବାସ୍ତବରେ ଅସୁବିଧାରେ ରହିଛନ୍ତି ସେମାନଙ୍କୁ ସହାୟତା ପ୍ରଦାନ କରିବା ଲାଗି ଜିଲା କଂଗ୍ରେସ କମିଟି ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କୁ ପ୍ରସ୍ତାବ ଦେଇଛି। ଏହି ପ୍ରସ୍ତାବ ମଧ୍ୟରେ ଖାଦ୍ୟ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ ନ ଥିବା ସବୁ ପରିବାରକୁ ମୁଣ୍ଡପିଛା ରାଶନ ଦିଆଯାଉ। ଜିଲାର ସମସ୍ତ ସଫେଇ କର୍ମଚାରୀଙ୍କୁ କରୋନା ସଚେତନତା ସମେତ ଆବଶ୍ୟକ ମାସ୍କ, ସାନିଟାଇଜର ଯୋଗାଇ ଦିଆଯାଉ। ଏଥିସହ ସେମାନଙ୍କୁ ବୀମାଭୁକ୍ତ ମଧ୍ୟ କରାଯାଉ। ଜିଲାର ସମସ୍ତ ଅଣପଞ୍ଜୀକୃତ ଉଠାଦୋକାନୀ ଓ କ୍ଷୁଦ୍ର ବ୍ୟବସାୟୀଙ୍କୁ ସ୍ୱତନ୍ତ୍ର ସହାୟତା, ସବୁ ପ୍ରକାର ଚାଷୀ ଓ ଦିନମଜୁରିଆଙ୍କୁ ଆର୍ଥିକ ସହାୟତା, ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଆବଶ୍ୟକ ସମସ୍ତ ଉପକରଣ ପ୍ରଦାନ ଓ ଆଇନଜୀବୀଙ୍କ ପାଇଁ ସ୍ୱତନ୍ତ୍ର ସହାୟତା ବ୍ୟବସ୍ଥା କରିବା ଲାଗି ପ୍ରସ୍ତାବ ଦିଆଯାଇଛି। ଜିଲା ସଭାପତି ଅମୀୟ କୁମାର ପଟ୍ଟନାୟକ, ଉପସଭାପତି ବୀରେନ୍ଦ୍ର ଭୂଷଣ ହୋତା, ସେବାଦଳ ମୁଖ୍ୟ ସଙ୍ଗଠକ ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର, ପୁରୀ ଲୋକ ସଭା କ୍ଷେତ୍ର ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ବିଶ୍ୱନାଥ ଦାଶ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପୁରୀ ଜିଲାପାଳ ବଳଵନ୍ତ ସିଂଙ୍କୁ ଉପରୋକ୍ତ ପ୍ରସ୍ତାବଗୁଡ଼ିକର ସୁବିଚାର ପାଇଁ ପଠାଇଛନ୍ତି। ସେହିପରି ଯୁବ ନେତା ଆଲୋକ ଦାଶ ଜିଲାର ମତ୍ସ୍ୟଜୀବୀ, ଗରିବ, ଦିନମଜୁରିଆ, ସେବାୟତ ପ୍ରମୁଖଙ୍କ କଥା ବିଚାରକୁ ନେବାକୁ ସରକାରଙ୍କ ପାଖରେ ନିବେଦନ ରଖିଛନ୍ତି। ବର୍ତ୍ତମାନ କରୋନାକୁ ନେଇ ସମସ୍ତଙ୍କ ଭିତରେ ଏକପ୍ରକାର ଭୟ ସୃଷ୍ଟି ହୋଇଛି। କିନ୍ତୁ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ପୋଲିସ ଏବଂ ଖବରଦାତା ମଧ୍ୟ ବାହାରେ ବୁଲି କରୋନା ମୁକାବିଲା କରିବାରେ ସହଯୋଗ କରିଆସୁଛନ୍ତି। ତେଣୁ ସେମାନଙ୍କ ପାଇଁ ୫୦ ଲକ୍ଷ ଟଙ୍କାର ବୀମା କରାଯାଉ ବୋଲି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

## ୨୨୬୨ ଅସହାୟଙ୍କୁ ରନ୍ଧାଖାଦ୍ୟ ବଣ୍ଟନ

ପୁରୀ ଅଫିସ,୩୧।୩

ଲକ୍‌ଡାଉନ ଯୋଗୁ ଅସହାୟ, ନିରାଶ୍ରୟ, ପର୍ଯ୍ୟଟକ ଏବଂ ଜିଲା ଓ ରାଜ୍ୟର ଶ୍ରମିକଙ୍କୁ ଖାଦ୍ୟ, ପାନୀୟ ଓ ଆଶ୍ରୟ ଦେବା ଉପରେ ପ୍ରଶାସନ ଗୁରୁତ୍ୱ ଦେଉଛି। ସୋମବାର ୨୨୬୨ ଅସହାୟ ବ୍ୟକ୍ତିଙ୍କୁ ରନ୍ଧାଖାଦ୍ୟ, ୨୦୭୫ ଜଣଙ୍କୁ ରହିବା ଓ ଖାଇବା ବ୍ୟବସ୍ଥା, ୫୪ ପର୍ଯ୍ୟଟକଙ୍କୁ ଖାଦ୍ୟ ଯୋଗାଣ, ୬୩ ବନଜାରାଙ୍କୁ ଶୁଖିଲା ଖାଦ୍ୟ ପ୍ରଦାନ କରାଯାଇଛି। ହିତାଧିକାରୀଙ୍କୁ ଖାଦ୍ୟ ସାମଗ୍ରୀ, ଭତ୍ତା, ପେନ୍‌ସନ ବଣ୍ଟନ କାର୍ଯ୍ୟ ଜାରି ରହିଛି। ଜିଲା ପ୍ରଶାସନ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଜାହ୍ନବୀ ସ୍ୱାଇଁ ୧ଲକ୍ଷ, ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ ୨୨ହଜାର ୫୦୦, ଆପଣଙ୍କ ଖବର ୧ ଲକ୍ଷ, ଉଦିପ୍ତ କୁମାର ସାହୁ ୨୦ ହଜାର ଏବଂ ପ୍ରଧାନମନ୍ତ୍ରୀ ରିଲିଫ ପାଣ୍ଠିକୁ ୩୦ ହଜାର ଟଙ୍କା ପ୍ରଦାନ କରିଛନ୍ତି।

# ୫ ପଶ୍ଚିମବଙ୍ଗ ଫେରନ୍ତାଙ୍କୁ କରୋନା ସନ୍ଦେହ

## ପୁରୀ ଆଇସୋଲେଶନ କେନ୍ଦ୍ରକୁ ନିଆଗଲା

ଅସ୍ତରଙ୍ଗ, ୩୧।୩(ଡି.ଏନ.ଏ)

ପଶ୍ଚିମବଙ୍ଗରୁ ନିଜ ଗାଁକୁ ଫେରିବା ପରେ ସ୍ୱାସ୍ଥ୍ୟଗତ ସମସ୍ୟା ନେଇ କରୋନା ଆଶଙ୍କାରେ ଅସ୍ତରଙ୍ଗ ବ୍ଲକର ୫ଜଣ ବ୍ୟକ୍ତିଙ୍କୁ ପୁରୀ ଆଇସୋଲେଶନ କେନ୍ଦ୍ରକୁ ନିଆଯାଇଛି। ଏହି ଘଟଣା ପ୍ରଚାର ହେବା ପରେ ଗ୍ରାମରେ ଭୟର ବାତାବରଣ ସୃଷ୍ଟି ହୋଇଛି। ସୂଚନା ଅନୁଯାୟୀ, ଉକ୍ତ ୫ଜଣ ବ୍ୟକ୍ତି ପଶ୍ଚିମବଙ୍ଗର ମିର୍ଜାପୁର ଅଞ୍ଚଳରେ ରହି କାମ କରୁଥିଲେ। ଦେଶରେ ଲକ୍‌ଡାଉନ ଘୋଷଣା ହେବା ପରେ ସେମାନେ ୨୯ ତାରିଖରେ ଘରକୁ ଫେରିଥିଲେ। ଘରେ ସେମାନଙ୍କର ଥଣ୍ଡା, କାଶ, ଜ୍ୱର ଓ ଅନ୍ୟାନ୍ୟ ଲକ୍ଷଣ ଦେଖା ଦେଇଥିଲା। ମଙ୍ଗଳବାର ସ୍ଥାନୀୟ ଲୋକେ ଏହା ଜାଣିବା ପରେ ତହସିଲଦାର ରାଜଲକ୍ଷ୍ମୀ ନାୟକଙ୍କୁ ଖବର ଦେଇଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଏକ ଟିମ୍ ଗ୍ରାମରେ ପହଞ୍ଚି ସମ୍ପୃକ୍ତ ବ୍ୟକ୍ତିମାନଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରିଥିଲେ। ସରପଞ୍ଚ ମାନସ ସାହୁ ପହଞ୍ଚି ଆଲୋଚନା କରିବାବେଳେ ସେମାନଙ୍କୁ ଜିଲାର ସଙ୍ଗରୋଧ କେନ୍ଦ୍ରକୁ ନେବାକୁ ଗ୍ରାମବାସୀ ଦାବି କରିଥିଲେ। ପାରିପାର୍ଶିକ ପରିସ୍ଥିତିକୁ ଦେଖି ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡାକ୍ତର ସଞ୍ଜୟ ପ୍ରଧାନଙ୍କ ନେତୃତ୍ୱରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କୁ ସ୍ୱତନ୍ତ୍ର ଆମ୍ବୁଲାନ୍ସରେ ପୁରୀ ନିଆଯାଇଛି। ସେଠାରେ ସେମାନଙ୍କୁ ଆଇସୋଲେଶନ କେନ୍ଦ୍ରରେ ରଖାଯାଇ ଚିକିତ୍ସା କରାଯାଉଛି।

# ବ୍ରାହ୍ମଣଙ୍କୁ ଆର୍ଥିକ ଅନୁଦାନ ଦେବାକୁ ନିବେଦନ

ପୁରୀ ଅଫିସ,୩୧।୩

ଲକ୍ ଡାଉନ ଯୋଗୁ ରାଜ୍ୟର ବ୍ରାହ୍ମଣମାନେ ଏବେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି । ତେଣୁ ବ୍ରାହ୍ମଣଙ୍କୁ ଆର୍ଥିକ ଅନୁଦାନ ଯୋଗାଇଦେବା ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଶା ବୈଦିକ ବ୍ରାହ୍ମଣ ପରିଷଦ ନିବେଦନ କରିଛି। ପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିବା ନିବେଦନ ପତ୍ରରେ ଦର୍ଶାଯାଇଛି ଯେ, କରୋନା ପ୍ରତିରୋଧ ପାଇଁ ଲକ୍ ଡାଉନକୁ ବ୍ରାହ୍ମଣମାନେ ସ୍ୱାଗତ କରିଛନ୍ତି। କିନ୍ତୁ ବ୍ରାହ୍ମଣମାନେ ଚଳିବାରେ ଘୋର ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଫାଲ୍‌ଗୁନ, ଚୈତ୍ର ଓ ବୈଶାଖ ମାସରେ ପାଳିତ ହେଉଥିବା ପର୍ବପର୍ବାଣି ଯଥା ଦୋଳ ପୂର୍ଣ୍ଣିମାଠାରୁ ପଣା ସଂକ୍ରାନ୍ତି, ବାସନ୍ତିକ ନବରାତ୍ର, ଅଶୋକାଷ୍ଟମୀ, ରାମ ନବମୀ, ପଣା ସଂକ୍ରାନ୍ତି, ହନୁମାନ ଜୟନ୍ତୀ, ଚନ୍ଦନ ଯାତ୍ରା ଆଦି ଅନେକ ପର୍ବ ସହିତ ବ୍ରାହ୍ମଣଙ୍କ ଜୀବନ ଜୀବିକା ଜଡ଼ିତ। ଏତଦ୍‌ବ୍ୟତୀତ ବିବାହ, ବ୍ରତୋପନୟନ, ଗୃହ ଓ ମନ୍ଦିର ପ୍ରତିଷ୍ଠା ଅନେକ ପାର୍ବଣ ପୂଜାଠାରୁ ବଞ୍ଚିତ ହୋଇ ବର୍ଷକର ଆୟ ହରାଇ ରାଜ୍ୟରେ କର୍ମକାଣ୍ଡ କରୁଥିବା ୬୫ପ୍ରତିଶତ ବ୍ରାହ୍ମଣ ରୋଜଗାର ହରାଇ ଦୁଃଖରେ କାଳାତିପାତ କରୁଛନ୍ତି। ରାଜ୍ୟରେ ଥିବା ୧୦ହଜାରରୁ ଊର୍ଦ୍ଧ୍ୱ ମନ୍ଦିର, ମଠବାଡ଼ିରେ ନିୟୋଜିତ ଥିବା ପୁରୋହିତ, ପୂଜକ ବୈଦିକ ବ୍ରାହ୍ମଣମାନେ ଶ୍ରଦ୍ଧାଳୁଙ୍କ ଆଗମନ ନ ହେବା କାରଣରୁ ନିଜସ୍ୱ ଆୟ ହରାଇଛନ୍ତି। ଅନେକ ବ୍ରାହ୍ମଣ ପରିବାର ଘର ଏବଂ ସନ୍ତାନଙ୍କ ଦୈନିକ ଖର୍ଚ୍ଚ ତୁଲାଇବା ସମ୍ଭବ ହେଉନାହିଁ । ତେଣୁ ସେମାନଙ୍କ ସ୍ଥିତିକୁ ଅନୁଧ୍ୟାନ କରି ସାମୟିକ ଆର୍ଥିକ ଅନୁଦାନ ପ୍ରଦାନ କରିବା ଲାଗି ମୁଖ୍ୟମନ୍ତ୍ରୀଙ୍କୁ ପରିଷଦ ସଭାପତି ଶ୍ରୀକାନ୍ତ ନନ୍ଦ, ସମ୍ପାଦକ ସତ୍ୟନାରାୟଣ ତ୍ରିପାଠୀ, ରାଜ୍ୟ ଉପଦେଷ୍ଟା ବିଶ୍ୱମ୍ଭର ଦାଶ, ରାଜ୍ୟ ସଂଯୋଜକ ରୋହିତ କୁମାର ଦାଶ, କୋଷାଧ୍ୟକ୍ଷ ରଶ୍ମିରଞ୍ଜନ ରଥ ନିବେଦନ କରିଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ୫୫ ହଜାର ଟଙ୍କା ପ୍ରଦାନ

ପୁରୀ ଅଫିସ,୩୧।୩

କରୋନା ମୁକାବିଲା ପାଇଁ ଚାଲିଛି ୨୧ ଦିନିଆ ଲକ୍ ଡାଉନ । ଏହାର ପ୍ରଭାବ ଜନସାଧାରଣଙ୍କ ଉପରେ ପଡ଼ିଛି। ଅନେକ ଗରିବ, ଦିନମଜୁରିଆ, ଶ୍ରମିକ ଶ୍ରେଣୀର ଲୋକଙ୍କୁ ବର୍ତ୍ତମାନସ୍ଥିତିରେ ସହାୟତାର ହାତ ବଢାଇବା ଦରକାର। ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ଦାନ କରିବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ବିଭିନ୍ନ ସଙ୍ଗଠନ ଏବଂ ବ୍ୟକ୍ତିବିଶେଷ ସହାୟତା ମଧ୍ୟ କରୁଛନ୍ତି। ମଙ୍ଗଳବାର ପୁରୀ ଜିଲା ପ୍ରଶାସନ ମାଧ୍ୟମରେ ୫ ଜଣ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୫୫ ହଜାର ଟଙ୍କା ପ୍ରଦାନ କରିଛନ୍ତି। ପ୍ରଦ୍ୟୁମ୍ନ ମହାସୁଆର ୧୦ ହଜାର, ଶ୍ରୀକ୍ଷେତ୍ର ଆଞ୍ଚଳିକ ମହିଳା ମହାସଂଘ ସଭାପତି ଓ ସମ୍ପାଦକ ୨୦ହଜାର, ଜଗନ୍ନାଥ ମେଡିସିନ ଷ୍ଟୋର ୫ ହଜାର, ହାରାମଣି ଫାର୍ମାସ୍ୟୁଟିକାଲ ୧୦ହଜାର ଏବଂ ହାରାମଣୀ ଡିଷ୍ଟ୍ରିବ୍ୟୁଟର୍ସ ୧୦ ହଜାର ଟଙ୍କା ପ୍ରଦାନ କରିଛନ୍ତି।



ଚୈତ୍ର ମାସର ଚତୁର୍ଥ ମଙ୍ଗଳବାର ପୁରୀ ସହରର ମହିଳାମାନେ ମା' ମଙ୍ଗଳାଙ୍କ ପୂଜାର୍ଚ୍ଚନା କରୁଛନ୍ତି।

# ବନ୍ଦ ହେଲା ମନ୍ଧାରବସ୍ତ ସାପ୍ତାହିକ ହାଟ

କଣାସ,୩୧।୩(ସ୍ୱ.ପ୍ର.)

କରୋନାର ବଢୁଥିବା ପ୍ରଭାବ ଯୋଗୁ ସାରା ପୃଥିବୀ ସ୍ତମ୍ଭୀଭୂତ ହୋଇପଡିଛି। ଏହାର ମୁକାବିଲା କରିବାକୁ ସରକାର ୨୧ଦିନିଆ ଲକଡାଉନ ଘୋଷଣା କରାଯାଇଥିବାବେଳେ ବହୁ ସମର୍ଥନ ମଧ୍ୟ ମିଳୁଛି। କିନ୍ତୁ ପୁରୀ ଜିଲା କଣାସ ବ୍ଲକରେ ଅନେକ ବ୍ୟକ୍ତି ଲକଡାଉନ ନ ମାନି ବାହାରେ ବୁଲୁଥିବାବେଳେ ହାଟଗୁଡ଼ିକରେ ଅଯଥା ଭିଡ଼ କରୁଛନ୍ତି। ଏଥିପାଇଁ ସ୍ଥାନୀୟ ମନ୍ଧାରହାଟର ସାପ୍ତାହିକ ହାଟକୁ ପୋଲିସ ହସ୍ତକ୍ଷେପ କରି ବନ୍ଦ କରିଦେଇଛି। ଲକଡାଉନକୁ ସମର୍ଥନ କରିବା ସହ ସାମାଜିକ ଦୂରତା ବଜାୟ ରଖିବା, ଜରୁରୀ ନ ଥିଲେ ଘରୁ ନ ବାହାରିବା ପାଇଁ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରତି ଗ୍ରାମ ବୁଲି ସଚେତନ କରାଯାଉଛି। କିନ୍ତୁ ଲୋକମାନେ ଏହାକୁ ମାନୁ ନ ଥିବାରୁ ପୋଲିସ, ତହସିଲଦାର ଓ ବିଡିଓଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଛି। ସୋମବାର କଣାସଠାରେ ହେଉଥିବା ସାପ୍ତାହିକ ହାଟରେ ଏପରି ଜନଗହଳି ହୋଇଥିଲା ଯେ ପ୍ରଶାସନ ଲୋକଙ୍କୁ ହଟାଇବାରେ ବହୁ ହଇରାଣ ହୋଇଥିଲେ। ମଙ୍ଗଳବାର ଗଡସାନପୁଟ ପଞ୍ଚାୟତର ମନ୍ଧାରବସ୍ତଠାରେ ସାପ୍ତାହିକ ହାଟ ପାଳି ଥିବାରୁ ଧୀରେ ଧୀରେ ଲୋକଙ୍କ ଭିଡ଼ ହେବାକୁ ଲାଗିଥିଲା। ଖବରପାଇ କଣାସ ଥାନା ଆଇଆଇସି ତପନ ରାଉତ, ତହସିଲଦାର ଉମାକାନ୍ତ ରାଉତ ପୋଲିସ ଫୋର୍ସ ସହ ପହଞ୍ଚିବାପରେ ଲୋକେ ଦୌଡ଼ିବାକୁ ଲାଗିଥିଲେ। ପରେ ତହସିଲଦାରଙ୍କ ଉପସ୍ଥିତିରେ ପୋଲିସ ହାଟକୁ ବନ୍ଦ କରିଦିଆଯାଇଥିଲା।

## ପୁରୀ ବଜାରରେ ଔଷଧ ଅଭାବ

ପୁରୀ ଅଫିସ,୩୧।୩

କରୋନା କଟକଣା ପାଇଁ ଗାଡ଼ି ଚଳାଚଳ ବନ୍ଦ ରହିଛି। ଜରୁରୀ ସେବା ପ୍ରଦାନକାରୀ ଗାଡ଼ି ଚଳାଚଳ କରିପାରିବ ବୋଲି ସରକାରୀ ନିୟମ ରହିଛି। ହେଲେ ଅନେକ ସମୟରେ କେତେକ ଗାଡ଼ିକୁ ପୋଲିସ ଛାଡୁ ନାହିଁ। ଫଳରେ ପୁରୀ ବଜାରରେ ଜୀବନ ରକ୍ଷାକାରୀ ଔଷଧର ଅଭାବ ଦେଖାଦେଲାଣି ବୋଲି କହିଛନ୍ତି ପୁରୀ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଆସୋସିଏଶନର ପ୍ରସନ୍ନ କୁମାର ମହାପାତ୍ର। ତାଙ୍କ ସୂଚନା ଅନୁଯାୟୀ, ବର୍ତ୍ତମାନ ଟ୍ରାନ୍ସପୋର୍ଟ, କୋରିୟର ବନ୍ଦ ରହିଛି। ଘରୋଇ ଗାଡ଼ି ନେଇ ଗଲେ ବାଟରେ ପୋଲିସ ଅଟକାଉଛି। ଲାଇସେନ୍ସ ଦେଖାଇଲେ ବି ଛାଡୁନାହିଁ। ଫଳରେ କଟକ ଓ ଭୁବନେଶ୍ୱରରୁ କୌଣସି ଔଷଧପତ୍ର ଆସିପାରୁ ନାହିଁ। ହୃଦ୍‌ରୋଗ, ମଧୁମେହ ଭଳି ରୋଗର ଇଞ୍ଜେକ୍ସନ ଏବଂ ଔଷଧ ବଜାରରେ କମି ଆସିଲାଣି। ଏମିତି କି ପ୍ରତିବର୍ଷ ମାର୍ଚ୍ଚ ମାସରେ ଔଷଧ ଅଭାବ ରହିଥାଏ। ବର୍ତ୍ତମାନ ପୁଣି ଲକ୍‌ଡାଉନ କଟକଣା ଯୋଗୁ ଔଷଧ ଆସିପାରୁନାହିଁ। ଏହାକୁ ପ୍ରଶାସନ ଗୁରୁତର ସହ ବିଚାର କରିବା ଦରକାର ବୋଲି ମହାପାତ୍ର କହିଛନ୍ତି।



ଚୈତ୍ର ମଙ୍ଗଳବାର ପୁରୀ ଝାଡ଼େଶ୍ୱରୀ ମନ୍ଦିରଠାରେ ଅନୁଷ୍ଠିତ ଝାମୁଯାତ୍ରାରେ ଜଣେ ମାନସିକଧାରୀ ନିଆଁରେ ଚାଲୁଛନ୍ତି।

## ସଂକ୍ଷେପରେ

### ଲକ୍‌ଡାଉନ୍ ପାସ୍‌କୁ ନେଇ ଚର୍ଚ୍ଚାରେ ବିଡିଓ

କଟକ ସଦର, ୩୧।୩ (ଡି.ଏନ୍.ଏ.): କଟକ ସଦର ବ୍ଲକ ଅଞ୍ଚଳର ବହୁ ଲୋକ ପାସ୍ ହାତେଇଛନ୍ତି। କିଏ ସାମାଜିକ କର୍ମୀ ତ ଆଉ କିଏ ଜରୁରୀ ସେବା ଯୋଗାଇବା ନାଁରେ ପାସ୍ ଧରି ଚାରିଆଡେ ଘୁରି ବୁଲୁଛନ୍ତି। ସେହିଭଳି କେତେଜଣ ଜନପ୍ରତିନିଧି ନ ହୋଇ ମଧ ପାସ୍ ଧରି ଅବାଧରେ ଯିବା ଆସିବା କରୁଛନ୍ତି। ମଙ୍ଗଳବାର ସକାଳେ ଏହା କନ୍ଦରପୁର, ଚାଉଳିଆଗଞ୍ଜ, ମଧୁପାଟଣା, ମଙ୍ଗଳାବାଗ ପୋଲିସର ଦୃଷ୍ଟିକୁ ଆସିଥିଲା। ଯାହାକୁ ନେଇ କମିଶନରେଟ ପୋଲିସ ଆଡୁଆରେ ପଡିଥିଲା। ଯାଞ୍ଚ ପରେ ଉକ୍ତ ପାସ୍‌ରେ କଟକ ସଦର ବିଡିଓଙ୍କ ଦସ୍ତଖତ ରହିଥିବା ଜଣାପଡିବା ପରେ ଚର୍ଚ୍ଚା ଜୋର୍ ଧରିଛି। ଏପରି ଢଙ୍ଗରେ ପାସ୍ ପ୍ରଦାନକୁ ନେଇ ମଧ ନାନା ଅଭିଯୋଗ ହେଉଛି। ତେବେ ବିଡିଓ ରାଜୀବ ଲୋଚନ ପରିଡ଼ା କହିଛନ୍ତି, ଜରୁରୀ କାର୍ଯ୍ୟ ପାଇଁ କଟକ ନୂଆ ବଜାରକୁ ଯିବାକୁ ଜରୁରୀ ଆବଶ୍ୟକତା ଥିବାରୁ ବ୍ଲକ୍‌ର ସମସ୍ତ କର୍ମଚାରୀଙ୍କୁ ପରିଚୟପତ୍ର ପ୍ରଦାନ କରାଯାଇଥିଲା। ଏଥିସହିତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟମାନଙ୍କୁ ମଧ ପାସ୍ ଦିଆଯାଇଛି। କିନ୍ତୁ ଅନ୍ୟକାହାକୁ ପାସ୍ ଦିଆଯାଇ ନ ଥିବା ସେ କହିଛନ୍ତି।

### କବିତାରେ କରୋନା ସଚେତନ କଲେ ମାଧବାନନ୍ଦ

କଣ୍ଟାପଡା,୩୧।୩(ଡି.ଏନ୍.ଏ.)- ମହାମାରୀ କରୋନା ଭୂତାଣୁରୁ ମାନବ ସମାଜକୁ ବଞ୍ଚାଇବା ପାଇଁ ସାରା ବିଶ୍ୱ ଏବେ ଚିନ୍ତିତ। ଦେଶବାସୀ ଘରେରହି ସାମାଜିକ ଦୂରତ୍ୱ ପାଳନ କଲେ ଏହି ମହାମାରୀରୁ ଦେଶ ରକ୍ଷା ପାଇବା ପାଇଁ ସରକାର ଲକ୍‌ଡାଉନର ସାହାରା ନେଇଛନ୍ତି। ଜନସାଧାରଣ ଏହାକୁ ଗୁରୁତର ସହ ନେଉ ନ ଥିବାରୁ ବିଭିନ୍ନ ବ୍ୟକ୍ତିବିଶେଷ ଭିନ୍ନ ଉପାୟରେ ସଚେତନତା କରିବାରେ ଲାଗିଛନ୍ତି। ସେହିଭଳି କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଭୋଦଳ ଗ୍ରାମର ସାମାଜିକ କର୍ମୀ ମାଧବାନନ୍ଦ ଭୋଇ ବିଭିନ୍ନ ଅଞ୍ଚଳ ବୁଲି ଜନଗହଳି ହେଉଥିବା ସ୍ଥାନରେ କବିତା ମାଧମରେ ସଚେତନତା କରୁଥିବାର ଦେଖିବାକୁ ମିଳିଛି। କବିତାରେ ସେ ଦେଶ ଉଦ୍ଦେଶ୍ୟରେ ସାଧାରଣ ଲୋକଙ୍କୁ ସାମାଜିକ ଦୂରତା, ବାରମ୍ବାର ସାବୁନ ବା ହ୍ୟାଣ୍ଡୱାଶରେ ହାତ ଧୋଇବା, ଅତ୍ୟାବଶ୍ୟକ ନ ଥିଲେ ଘରୁ ନ ବାହାରିବା ପାଇଁ ଶପଥ ନେବାକୁ କୁହନ୍ତି। ଏହାସହ କରୋନା ଭୂତାଣୁଠାରୁ ଦୂରେଇ ରହିବା ପାଇଁ ବିଭିନ୍ନ ଉପାୟରେ ନିଜକୁ ସୁରକ୍ଷିତ ରଖିବାକୁ ଅତି ସରଳ ଭାଷାରେ କବିତା ମାଧମରେ ଶୁଣାଉଛନ୍ତି। କଣ୍ଟାପଡା ବ୍ଲକ ଅଞ୍ଚଳରେ ଥିବା ଅଡ଼ଶପୁର ଓ ପାଟସୁନ୍ଦରପୁର ହାଟରେ ଗତ ୩ଦିନ ହେଲା ସେ ଲୋକମାନଙ୍କୁ ଏଭଳି ସଚେତନତାର ବାର୍ତ୍ତା ବାଣ୍ଟିବାରେ ଲାଗିଛନ୍ତି। ତାଙ୍କର ଏହି ପ୍ରୟାସକୁ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ସ୍ୱାଗତ କରାଯାଇଛି।

### ଦିନକରେ ୨୦୯ ମାମଲା ରୁଜୁ

**କଟକ ଅଫିସ,୩୧।୩:** କରୋନା ଭୂତାଣୁକୁ ନେଇ ସରକାରଙ୍କ ତରଫରୁ ଜାରି ହୋଇଥିବା ବିଭିନ୍ନ ନିୟମର ଉଲ୍ଲଂଘନ ଅଭିଯୋଗରେ ସୋମବାର ସକାଳଠାରୁ ମଙ୍ଗଳବାର ସକାଳ ଭିତରେ ରାଜ୍ୟରେ ମୋଟ ୨୦୯ଟି ମାମଲା ରୁଜୁ ହୋଇଛି। ସେଥିରୁ ଲକ୍‌ଡାଉନ୍ ସମ୍ପର୍କିତ ୧୯୮ଟି ମାମଲା ଥିବାବେଳେ ହୋମ୍ କ୍ୱାରାଣ୍ଟାଇନ୍ ଉଲ୍ଲଂଘନ ନେଇ ୨ଟି ଏବଂ ଅନ୍ୟାନ୍ୟ ୯ଟି ମାମଲା ରୁଜୁ କରାଯାଇଥିବା ରାଜ୍ୟ ପୋଲିସ ବିଭାଗ ପକ୍ଷରୁ କୁହାଯାଇଛି।

### କଟକ-ଜଗତ୍‌ସିଂହପୁର ଜିଲା ସୀମାରେ କଟକଣା

**କଟକ ସଦର, ୩୧।୩ (ଡି.ଏନ୍.ଏ.):** କରୋନା ଭାଇରସ୍ ସଂକ୍ରମଣ ରୋକିବାକୁ କମିଶନରେଟ ପୋଲିସ କନ୍ଦରପୁର ଛକରେ ମଙ୍ଗଳବାର କଟକ-ଜଗତ୍‌ସିଂହପୁର ଜିଲା ସୀମାକୁ ସିଲ୍ କରିଛି। ଜାତୀୟ ରାଜପଥ ନଂ.୫୫ ଓ ରାଜ୍ୟ ରାଜପଥ ନଂ.୧୨ର ବିଭିନ୍ନ ସ୍ଥାନରେ ବ୍ୟାରିକେଡ୍ କରାଯାଇ ପୋଲିସ ପାଟ୍ରୋଲିଂ ଏବଂ ଯାଞ୍ଚକୁ କଡ଼ାକଡ଼ି କରାଯାଇଛି। କେବଳ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ଓ ମେଡିକାଲ ତଥା ଅତି ଜରୁରୀ ସେବାରେ ନିୟୋଜିତ ଏବଂ ପାସ୍ ଥିବା ଗାଡ଼ିକୁ ଛଡ଼ାଯାଉଛି। ମିଳିଥିବା ସୂଚନାନୁସାରେ, ଉଭୟ ଜିଲାର ବହୁ ସଂଖ୍ୟକ ଲୋକ ରାତି ଓ ଭୋର୍ ସମୟରେ ଯିବା ଆସିବା କରୁଥିବା ଜଣାପଡିବା ପରେ ପୋଲିସ ପକ୍ଷରୁ କଟକଣାକୁ ଜୋର୍‌ଦାର କରାଯାଇଛି।

# ୟୁକ୍ରେନରେ ଫସିଛନ୍ତି ଶତାଧିକ ଓଡ଼ିଆ ଛାତ୍ରୀଛାତ୍ର

**କଟକ ଅଫିସ,୩୧।୩**

ୟୁକ୍ରେନରେ ଶତାଧିକ ଓଡ଼ିଆ ଡାକ୍ତରୀ ଛାତ୍ରୀଛାତ୍ର ଫସି ରହିଛନ୍ତି। ଲକଡାଉନ୍ ଘୋଷଣା ବଳବତ୍ତର ଥିବାରୁ ସେଠାରେ ଜୀବନଯାପନ ମୁସ୍କିଲ ହୋଇପଡ଼ିଛି। ଏଭଳି ପରିସ୍ଥିତିରେ ସେମାନେ ଘରକୁ ଫେରିବା ସମ୍ଭବପର ହୋଇପାରୁ ନ ଥିବା ବେଳେ ଆର୍ଥିକ ସଙ୍କଟର ସମ୍ମୁଖୀନ ହେଲେଣି। ଯାହାକୁ ନେଇ ସେମାନଙ୍କ ଅଭିଭାବକମାନେ ଚିନ୍ତାରେ ପଡ଼ିଛନ୍ତି। ୟୁକ୍ରେନସ୍ଥିତ ଭାରତୀୟ ଦୂତବାସଙ୍କ ସହ ବିଭିନ୍ନ ବିଶ୍ୱବିଦ୍ୟାଳୟର ବରିଷ୍ଠ ପଦାଧିକାରୀଙ୍କ ଆଲୋଚନା ଜାରି ରହିଛି। ଓଡ଼ିଆଙ୍କ ସମେତ ସେଠାରେ ଥିବା ୧୦ହଜାରରୁ ଅଧିକ ଭାରତୀୟ ଛାତ୍ରୀଛାତ୍ରଙ୍କ ସୁବିଧା ପାଇଁ ପ୍ରଚେଷ୍ଟା ଚାଲିଛି ବୋଲି ଜଣେ ଛାତ୍ର କହିଛନ୍ତି।

ୟୁକ୍ରେନରେ କରୋନା ଭାଇରସ୍ ପ୍ରଭାବକୁ ନେଇ ଲକଡାଉନ ଘୋଷଣା ହୋଇଛି। ମଙ୍ଗଳବାର ସୁଦ୍ଧା ଏଠାରେ ୫୪୯ଜଣ କରୋନା ଆକ୍ରାନ୍ତ ହୋଇ ସାରିଲେଣି। ଦିନକୁ ଦିନ ଏହି ସଂଖ୍ୟା ବୃଦ୍ଧି ପାଉଛି। ସୂଚନା ଅନୁଯାୟୀ, କଟକ, ଭୁବନେଶ୍ୱର, ଜଗତସିଂହପୁର, ଯାଜପୁର, ରାଉରକେଲା ପ୍ରଭୃତି ଅଞ୍ଚଳର ବହୁ ଛାତ୍ରୀଛାତ୍ର ୟୁକ୍ରେନରେ ପଢୁଛନ୍ତି। ୧୫୦ରୁ ଊର୍ଦ୍ଧ୍ୱ ଓଡ଼ିଆ ଛାତ୍ରୀଛାତ୍ର ୟୁକ୍ରେନର ଭିନିତସ୍ୟା ନ୍ୟାଶନାଲ ମେଡିକାଲ ବିଶ୍ୱବିଦ୍ୟାଳୟରେ ଡାକ୍ତରୀ ଶିକ୍ଷା ଗ୍ରହଣ କରୁଛନ୍ତି। ଏବେ ଲକଡାଉନ ଯୋଗୁ ସେମାନେ ଅସୁବିଧାରେ ପଡ଼ିଛନ୍ତି। ସେମାନଙ୍କୁ ୟୁକ୍ରେନ ପଠାଇଥିବା ଘରୋଇ ସଂସ୍ଥା ଏବେ ବନ୍ଦ। ଏହି ସଂସ୍ଥା ମାଧ୍ୟମରେ ସେମାନେ ସିଧାସଳଖ ୟୁକ୍ରେନ ମୁଦ୍ରା ବ୍ୟବହାର କରିବାର ସୁବିଧା ପାଉଥିଲେ। ହେଲେ ସଂସ୍ଥା ବନ୍ଦ ରହିଥିବାରୁ ନେଣଦେଣ ପ୍ରଭାବିତ ହୋଇଛି। ଫଳସ୍ୱରୂପ ଛାତ୍ରୀଛାତ୍ରମାନେ ଆର୍ଥିକ ସଙ୍କଟ ଆଡ଼କୁ ମୁହାଁଉଛନ୍ତି। ସେଠାରେ ଥିବା କଟକର ଡ. ସୁଶୀଲ ଦାଶ କହିଛନ୍ତି ଯେ, ସମସ୍ତ ଓଡ଼ିଆ ଛାତ୍ରୀଛାତ୍ର ଏବେ ଏକଜୁଟ ଅଛନ୍ତି। ଯାହା ବି ସମସ୍ୟା ଆସିବ ତାହାକୁ ସମ୍ମୁଖୀନ କରିବା ପାଇଁ ପ୍ରସ୍ତୁତ। ବର୍ତ୍ତମାନ ପରିସ୍ଥିତିରେ ସଂକ୍ରମଣଠାରୁ ଦୂରେଇ ରହିବାକୁ ବିଶେଷ ପ୍ରାଧାନ୍ୟ ଦେଉଛୁ।


ୟୁକ୍ରେନରେ ପଢୁଥିବା ଓଡ଼ିଶା ଛାତ୍ରୀଛାତ୍ରମାନେ।

### ସେମାନେ କହନ୍ତି...

କରୋନା ଭାଇରସ୍‌କୁ ନେଇ ପ୍ରତ୍ୟେକଙ୍କ ମନରେ ଡର ରହିଛି। ଲୋକେ ଅଧିକ ସଚେତନ ହେଲେଣି। କଳାବଜାର ଏଠାରେ ହେଉନି। ଉଚିତ ମୂଲ୍ୟରେ ସାମଗ୍ରୀ ମିଳୁଛି। ହେଲେ ଆମ ପାଖରେ ଥିବା ଅର୍ଥ ସରିବାରେ ଲାଗିଲାଣି ।
– ମଧୁସୂଦନ ମିଶ୍ର, ଛାତ୍ର

ହଠାତ୍ ସବୁ ବନ୍ଦ ହୋଇଗଲା। ଯେଉଁଥିପାଇଁ ଅର୍ଥ ସଙ୍କଟ ଦେଖା ଦେଇଛି। ଏ ସମ୍ପର୍କରେ ପୂର୍ବରୁ ସୂଚନା ମିଳିଥିଲେ ହୁଏତ ଅଧିକ ଅର୍ଥ ପାଖରେ ରଖିଥାନ୍ତୁ। ଏହି ସମସ୍ୟାର ସମାଧାନ ଖୁବଶୀଘ୍ର କରାଯିବା ଦରକାର ।
– ପ୍ରୀତମ ରାଉତରା, ଛାତ୍ର

ଆଉ ଅଳ୍ପଦିନ ଚଳିବା ପାଇଁ ପାଖରେ ଅର୍ଥ ରହିଛି। ଯଦି ଲକଡାଉନ ସମୟସୀମା ବୃଦ୍ଧି ପାଏ, ତା ହେଲେ ସମସ୍ତ ଓଡ଼ିଆ ଛାତ୍ରୀଛାତ୍ର ହଇରାଣ ହେବେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ସହଯୋଗ କରାଯିବ ବୋଲି ପ୍ରତିଶ୍ରୁତି ମିଳିଛି।
– ଅର୍ପିତା ସାହୁ, ଛାତ୍ରୀ

ସଙ୍କଟ ଦୂର ହେବ ବୋଲି କୁହାଯାଉଛି। ଏହା ନ ହେଲେ ବହୁତ ଅସୁବିଧାର ସମ୍ମୁଖୀନ ହେବୁ। ଘରକୁ ମଧ ଫେରି ପାରୁନାହୁଁ। ଭାରତୀୟ ଦୂତାବାସ ଏ ନେଇ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି କୁହାଯାଉଛି।
– ଅଙ୍କିତା ଦାଶ, ଛାତ୍ରୀ

# ମାଲିକଙ୍କ ଏଟିଏମ୍‌ରୁ ଟଙ୍କା ଚୋରି, ୨ ଗିରଫ

**ଲକ୍ଷେ ୬୪ହଜାର ଟଙ୍କା ଉଦ୍ଧାର**

**କଣ୍ଟାପଡ଼ା,୩୧।୩(ଡି.ଏନ୍.ଏ)**

ମାଲିକଙ୍କ ଏଟିଏମକୁ ବ୍ୟବହାର କରି ଲକ୍ଷାଧିକ ଟଙ୍କା ଚୋରି କରିବା ନେବା ଅଭିଯୋଗରେ ଓଲଟପୁର ଥାନା ପୋଲିସ ୨ଜଣଙ୍କୁ ଗିରଫକରି ମଙ୍ଗଳବାର କୋର୍ଟଚାଲାଣ କରିଛି। ସେମାନେ ହେଲେ କଣ୍ଟାପଡ଼ା ଗ୍ରାମର ଭଗବାନ ରାଉତରାୟ(୨୮) ଓ ଜିତେନ୍ଦ୍ର ବାରିକ(୨୦)। ପୋଲିସ ସେମାନଙ୍କଠାରୁ ୧,୬୪,୨୫୦ଟଙ୍କା ଉଦ୍ଧାର କରିଥିବାବେଳେ ବାକି ଟଙ୍କା ମିଳି ନ ଥିବା ଜଣାପଡ଼ିଛି। ଏ ନେଇ ପୋଲିସ ନଂ. ୩୫/୨୦ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ ସୂତ୍ରରୁ ପ୍ରକାଶ, ଏହି ଥାନା ଅନ୍ତର୍ଗତ କୂଅଁରପୁର ଗ୍ରାମର ପ୍ରତାପ ଆଚାର୍ଯ୍ୟଙ୍କର କାର ଡ୍ରାଇଭର ଭାବେ ଭଗବାନ ଗତ ୮ମାସ ହେଲା କାମ କରୁଥିଲେ। ଟଙ୍କା ଆବଶ୍ୟକ ଥିବାରୁ ଗତ ୨୯ ତାରିଖ ସକାଳେ ଭଗବାନ ପ୍ରତାପଙ୍କୁ ୨୦୦୦ ଟଙ୍କା ମାଗିଥିଲେ। ପାଖରେ ଟଙ୍କା ନ ଥିବାରୁ ପ୍ରତାପ ତାଙ୍କ କମ୍ପାନୀର ଏଟିଏମ କାର୍ଡ ଓ ଏହାର ପାସୱାର୍ଡ ଦେଇ ଟଙ୍କା ଉଠାଇ ନେବାପାଇଁ ଭଗବାନଙ୍କୁ କହିଥିଲେ। ସେହିଦିନ ୧୧ଟା ପରଠାରୁ ଭଗବାନ ମୋବାଇଲର ସୁଇଚ୍‌ଅଫ କରି ଆଉ ଧରାଛୁଆଁ ଦେଇ ନ ଥିଲେ। ୩୦ ତାରିଖ ଅପରାହ୍ନ ୪ଟାରେ ଉକ୍ତ ଆକାଉଣ୍ଟରେ ଥିବା ୧,୭୩,୯୦୦ ଟଙ୍କା ଉଠିଥିବା ସମ୍ପର୍କରେ ପ୍ରତାପଙ୍କ ମୋବାଇଲକୁ ମେସେଜ ଆସିଥିଲା। ପ୍ରତାପ ସଙ୍ଗେସଙ୍ଗେ ଖୋଜାଖୋଜି କରିବାପରେ ଭଗବାନ ଓ ତା'ର ସାଙ୍ଗ ଜିତେନ୍ଦ୍ରଙ୍କୁ କଣ୍ଟାପଡ଼ା ନିକଟସ୍ଥ ବଟଗାଦୀ ନିକଟରେ ପାଇଥିଲେ। ଘଟଣା ସମ୍ପର୍କରେ ପଚାରିବାରୁ ସେମାନେ ତାଙ୍କୁ ଧମକଚମକ ଦେଇଥିଲେ। ପ୍ରତାପ ଏ ସମ୍ପର୍କରେ ଓଲଟପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଉଭୟଙ୍କୁ ଥାନାକୁ ଆଣି ପଚରାଉଚୁରା କରି ଟଙ୍କା ଉଦ୍ଧାର କରିଥିଲା।

# ଲକ୍‌ଡାଉନ କଟକଣାକୁ ଫୁ, ହାଟରେ ଜମୁଛି ଭିଡ଼

**ଚୌଦ୍ୱାର,୩୧।୩(ଡି.ଏନ୍.ଏ)**

କରୋନା ସଂକ୍ରମଣକୁ ରୋକିବା ଲାଗି ସରକାର କରିଥିବା ଲକ୍‌ଡାଉନ ଘୋଷଣାକୁ ମଙ୍ଗଳବାର ୭ଦିନ ହୋଇଯାଇଛି। ଇତି ମଧ୍ୟରେ ଗଣମାଧ୍ୟମଠାରୁ ଆରମ୍ଭ କରି ସରକାରୀସ୍ତରରେ ସଚେତନତା କରିବା ସହ ଘରେ ରହିବାକୁ ନିବେଦନ କରାଯାଉଛି। କିନ୍ତୁ ଏହି ଲକଡାଉନ କଟକଣାକୁ ଫୁ କରି ଚୌଦ୍ୱାର ଅଞ୍ଚଳର ଓଟିଏମ୍ ପରିବା ମାର୍କେଟରେ କେତେକ ବ୍ୟବସାୟୀ, ଲୋକ ହାଟରେ ଭିଡ଼ କରୁଛନ୍ତି। ସାମାଜିକ ଦୂରତା ନ ରଖିବାବେଳେ ପ୍ରାୟ ବ୍ୟବସାୟୀ ବିନା ବ୍ୟବଧାନରେ ବେପାର କରିବା ଭଳି ଦେଖାଯାଇଛି। ଫଳରେ ଲୋକମାନେ ମଧ ମନଇଚ୍ଛା ଭିଡ଼ କରି ଯିବାଆସିବା କରିବା ସହ ନିୟମକୁ ବେଖାତିର କରୁଛନ୍ତି। ଗତ କିଛିଦିନ ତଳେ ପୌରପାଳିକା ଓ ଚୌଦ୍ୱାର କମିଶନରେଟ ପୋଲିସର ମିଳିତ ଉଦ୍ୟମରେ ପରିବା ମାର୍କେଟରେ ଜନଗହଳି ହେଉଥିବା ଲକ୍ଷ୍ୟ ରଖି ସେହି ବଜାରର ପରିବା ବ୍ୟବସାୟୀ ମାନଙ୍କ ପାଇଁ ୫୫ନଂ ଜାତୀୟ ରାଜପଥ କଡରେ ଥିବା ଜାଗା ଚିହ୍ନଟ କରି ସେଠାରେ ବ୍ୟବସାୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ବ୍ୟବସାୟ କରୁଥିବା ଦେକାନୀ ଓ ଗ୍ରାହକଙ୍କ ମଧ୍ୟରେ ସମଦୂରତା ରକ୍ଷା ହେବା ସହିତ ଗହଳି ଲାଗି ରହିବ ନାହିଁ। ଏଥି ସହିତ ଦୋକାନ ସାମନାରେ ଗୋଲ ବୁଲାଯିବା ଓ ଧାଡି ହୋଇ ଗ୍ରାହକଙ୍କୁ ସରୁଖୁରୁରେ ପରିବା ଦେଇହେବ। ହେଲେ ଏସବୁ ନିୟମକୁ ହେୟ ମନେକରି କିଛି ଦୋକାନୀ ଚିରାଚରିତ ଢଙ୍ଗରେ କାରବାର କରୁଛନ୍ତି। ଏଭଳି ପରିସ୍ଥିତ ଲାଗିରହିଲେ ଚୌଦ୍ୱାରରେ ଭୂତାଣ ବ୍ୟାପିବାର ଆଶଙ୍କା ରହିଛି। ସ୍ଥାନୀୟ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଅଞ୍ଚଳବାସୀଙ୍କ ତରଫରୁ ଦାବି ହେଉଛି।

### ଘରେ ପହଞ୍ଚିବ ଓମ୍‌ଫେଡ଼ ଉତ୍ପାଦ

**କଟକ ଅଫିସ,୩୧।୩**

କଟକ ସହରରେ ହୋମ ଡେଲିଭରି ଆରମ୍ଭ କରିଛି ଓମଫେଡ୍। ମଙ୍ଗଳବାର ଓମଫେଡ୍ ତରଫରୁ ଏ ନେଇ ସୂଚନା ଦିଆଯାଇଛି। ପ୍ରତିଦିନ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଅର୍ଡର ଦେଇ ହେବ। ଅର୍ଡର ଦେବାର ପରଦିନ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା ଭିତରେ ଘରେ ସାମଗ୍ରୀ ପହଞ୍ଚିବ। ଏଥିପାଇଁ ଅତିରିକ୍ତ ୩୦ ଟଙ୍କା ଦେବାକୁ ହେବ। ସେହିଭଳି ସର୍ବନିମ୍ନ ୧୫୦ଟଙ୍କାର ଅର୍ଡର କରିବାକୁ ପଡ଼ିବ।


ପଶ୍ଚିମବଙ୍ଗର ଉତ୍ତର-୨୪ପ୍ରଗଣା ଜିଲା କାକିନାଡାସ୍ଥିତ ନଫର ଚନ୍ଦ୍ର ଝୋଟ ମିଲ୍‌ରେ କାର୍ଯ୍ୟ କରୁଥିବା କଟକ ଜିଲା ତାଳବସ୍ତ, ଦୋଲଣାପୁର,ଜାତମୁଣ୍ଡିଆ,ବିଲିପଡ଼ା ଅଞ୍ଚଳ ଏବଂ ଜଗତସିଂହପୁର ଜିଲାର ୩୦ ରୁ ୪୦ ଊର୍ଦ୍ଧ୍ୱ ଶ୍ରମିକ ଏବଂ ତାଙ୍କ ପରିବାର ଲକ୍‌ଡାଉନ ଯୋଗୁ ଫସି ରହିଛନ୍ତି। କାମ ମିଳୁ ନ ଥିବାରୁ ଓଡ଼ିଶା ଫେରିଆସିବାକୁ ଓଡ଼ିଶା ରାଜ୍ୟ ସରକାରଙ୍କୁ ନିବେଦନ କରିଛନ୍ତି।

# କରୋନା: ମିଥ୍ୟା ଟୁଇଟ୍ କରି ଯୁବକ ଅଟକ

**କଟକ ଅଫିସ,୩୧।୩**

ଟୁଇଟରରେ କରୋନା ସମ୍ପର୍କିତ ମିଥ୍ୟା ତଥ୍ୟ ଭାଇରାଲ କରିବା ଜଣେ ଯୁବକଙ୍କ ପାଇଁ ମହଙ୍ଗା ପଡ଼ିଛି। ମାଲଗୋଦାମ ଥାନା ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଥାନାରେ ଅଟକ ରଖିଛି। ଯୁବକ ଜଣକ ହେଲେ ଯୋବ୍ରା ରେହମାନ ଛକର ମିର୍ଜା ଆକ୍ରୁବ ଅଲ୍ଲୀ ବେଗ୍ ଓରଫ ସିକନ୍ଦର ଅଲ୍ଲୀ। ରେହମାନ ଛକ ଅଞ୍ଚଳର ଜଣେ ଯୁବକ କୋରୋନା ଆକ୍ରାନ୍ତ ହୋଇଛନ୍ତି ବୋଲି ସିକନ୍ଦର ଟୁଇଟରରେ ପୋଷ୍ଟ କରିଥିଲେ। ସମ୍ପୃକ୍ତ ଯୁବକ ଦିଲ୍ଲୀର ନିଜାମୁଦ୍ଦିନରେ ଆୟୋଜିତ ଧର୍ମସଭାରେ ଯୋଗଦେଇଥିଲେ ଏବଂ ତାଙ୍କୁ କରୋନା ଭୂତାଣୁ ସଂକ୍ରମିତ ହୋଇଥିବା ନେଇ ସିକନ୍ଦର ଟୁଇଟ କରିବା ସହ ସ୍ଥାନୀୟ ଅଞ୍ଚଳରେ ପ୍ରଚାର କରିଥିଲେ। ଏପରି କି ସେ ନିଜ ଟୁଇଟ୍‌ରେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀଙ୍କୁ ଟ୍ୟାଗ କରିଥିଲେ। ଠୋସ୍ ପ୍ରମାଣ ବିନା ଗୁଜବ ପ୍ରଚାର ନ କରିବାକୁ କମିଶନର ଷଡ଼ଙ୍ଗୀ ତାଗିଦ କରିଥିଲେ। ମାଲଗୋଦାମ ଥାନା ସବଇନ୍ସପେକ୍ଟର ଅଂଶୁପା ବେହେରା ଘଟଣା ସମ୍ପର୍କରେ ତଦନ୍ତ କରି ଏହା ଏକ ଗୁଜବ ବୋଲି ଜାଣିବାକୁ ପାଇଥିଲେ। ପରେ ସିକନ୍ଦରଙ୍କୁ ପୋଲିସ ଥାନାକୁ ଆଣି ଅଟକ ରଖିଛି । ଏ ନେଇ ଥାନାରେ କେସ୍ ନଂ ୮୨/୨୦ରେ ଦଫା ୧୮୮ ଏବଂ ୧୦୦ରେ ଏକ ମାମଲା ରୁଜୁ କରାଯାଇଛି । ଏସ୍‌ଆଇ ଡି. ଗଡ଼ନାୟକଙ୍କୁ ତଦନ୍ତ ଦାୟିତ୍ୱ ପ୍ରଦାନ କରାଯାଇଥିବା ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି।

# ରାଜ୍ୟବ୍ୟାପୀ ଗୋ' ସେବା ଆରମ୍ଭ

**କଟକ ଅଫିସ,୩୧।୩**

ଲକଡାଉନ ଯୋଗୁ କେବଳ ଲୋକେ ନୁହନ୍ତି, ପଶୁପକ୍ଷୀମାନେ ମଧ ପ୍ରଭାବିତ ହେଉଛନ୍ତି। ଦୋକାନ ବଜାର ବନ୍ଦ ଥିବାରୁ ବୁଲା ଗୋରୁଙ୍କୁ ଖାଇବାକୁ ମିଳୁନି। ତେଣୁ ରାଜ୍ୟ ଗୋ ସୁରକ୍ଷା ବାହିନୀ ପକ୍ଷରୁ ସୋମବାରଠାରୁ ରାଜ୍ୟବ୍ୟାପୀ ସେବା କାର୍ଯ୍ୟ ଆରମ୍ଭ କରାଯାଇଛି। କଟକ ସମେତ ଜଗତସିଂହପୁର, ପୁରୀ, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ସମ୍ବଲପୁରର ବିଭିନ୍ନ ସ୍ଥାନରେ ଗୋରୁଙ୍କୁ ଖାଦ୍ୟ ଓ ପାଣି ଯୋଗାଇ ଦିଆଯାଇଛି ବୋଲି ରାଜ୍ୟ ସଭାପତି ସୁରେଶ ପଣ୍ଡା କହିଛନ୍ତି। କଟକ ଜଗତପୁର ଓ ଚୌଦ୍ୱାର ଅଞ୍ଚଳର ରାସ୍ତାରେ ବୁଲୁଥିବା ଗାଈ, ବଳଦ ଓ ଷଣ୍ଢଙ୍କୁ ଚୋକଡ଼, ପାଣି ଦିଆଯାଇଥିଲା। କଟକରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଗତ ଦାଶ, କଳ୍ପତରୁ ଶୁକ୍ଳ, ବିରଞ୍ଚି ନାରାୟଣ ପତି, ମଧୁସୂଦନ ରାଓ ପ୍ରମୁଖ ସାମିଲ ଥିଲେ।


ଗୋ ସୁରକ୍ଷା ବାହିନୀ ପକ୍ଷରୁ ଏକ ଗାଈକୁ ଖାଦ୍ୟ ଦିଆଯାଉଛି।

### ଛାତରୁ ପଲସ୍ତରା ଖସି ୨ ଆହତ

**କଟକ ଅଫିସ,୩୧।୩**

ପଟାପୋଲ ଅଞ୍ଚଳରେ ମଙ୍ଗଳବାର ଏକ ଛାତରୁ ପଲସ୍ତରା ଖସି ୨ ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଜି.ରାମବାବୁ (୪୮) ଓ ତାଙ୍କ ମା' ଭି. ବୁଲ୍ଲାକମା(୭୫)। ଉଭୟଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ପଟାପୋଲ ଅଞ୍ଚଳରେ ତିନୋଟି ବ୍ଲକରେ ଦୁଇମହଲା ବିଶିଷ୍ଟ କୋଠାଘର ରହିଛି। ଏହା ୧୯୬୧ ମସିହାରେ ସୋସାଇଟି ଆକ୍ଟରେ ନିର୍ମାଣ ହୋଇଥିଲା। ରକ୍ଷଣାବେକ୍ଷଣ ଅଭାବରୁ ଏହା ଜରାଜୀର୍ଣ୍ଣ ହୋଇପଡ଼ିଛି। ଜି. ରାମବାବୁ ନିଜ ପରିବାର ସହ ଗୋଟିଏ କୋଠାରେ ରହୁଥିଲେ। ମଙ୍ଗଳବାର ଅପରାହ୍ନ ପ୍ରାୟ ୩ଟା ବେଳେ ସେ ଘରେ ଶୋଇଥିଲେ। ହଠାତ ଘର ଛାତରୁ ପଲସ୍ତରା ଖସିଥିଲା। ପଲସ୍ତରା ଖଣ୍ଡଗୁଡ଼ିକ ରାମବାବୁ ଓ ତାଙ୍କ ମା'ଙ୍କ ମୁଣ୍ଡ ଉପରେ ପଡିଥିଲା। ଫଳରେ ଉଭୟ ଗୁରୁତର ଭାବେ ଆହତ ହୋଇଥିଲେ। ପଡୋଶୀମାନେ ଉଭୟଙ୍କୁ ହସ୍ପିଟାଲକୁ ନେଇଥିଲେ।

# ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ

**କଟକ ଅଫିସ,୩୧।୩**

ରାଜ୍ୟରେ କରୋନା ମୁକାବିଲା ପାଇଁ କଟକ ବରିଷ୍ଠ ନାଗରିକ ମହାସଭା ସହାୟତାର ହାତ ବଢାଇଛି। ମହାସଭା ପକ୍ଷରୁ ୯୫ ହଜାର ୭୦୧ ଟଙ୍କା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ କରାଯାଇଛି। ସୋମବାର ମହାସଭାର ଏକ ପ୍ରତିନିଧି ଦଳ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କୁ ଭେଟି ଏହି ଅର୍ଥରାଶିର ଚେକ ପ୍ରଦାନ କରିଛନ୍ତି।

# ଅଶ୍ୱିନୀ ହସ୍ପିଟାଲ୍-ସରକାରଙ୍କ ମଧ୍ୟରେ ଚୁକ୍ତି ସ୍ୱାକ୍ଷରିତ

**କଟକ ଅଫିସ, ୩୧।୩**

**ଚିକିତ୍ସିତ ହେବେ କରୋନା ଆକ୍ରାନ୍ତ**

କରୋନା ଭୂତାଣୁର ମୁକାବିଲା ପାଇଁ ଘରୋଇ ହସ୍‌ପିଟାଲ୍‌ଗୁଡ଼ିକୁ ବ୍ୟବହାର କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି କ୍ରମରେ କଟକର ଅଶ୍ୱିନୀ ହସ୍ପିଟାଲ୍‌ର ଟ୍ରମାସେଣ୍ଟର୍‌କୁ କୋଭିଡ ହସ୍‌ପିଟାଲ୍ କରାଯାଇଛି। ଏଠାରେ ୧୫୦ ଶଯ୍ୟା ସମେତ ଆଇସୋଲେଶନ ସେଣ୍ଟର ଓ କ୍ୱାରାଣ୍ଟାଇନ୍ ସୁବିଧା ରହିଛି। ଆଇସିୟୁ ବ୍ୟବସ୍ଥା କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ନେଇ ମଙ୍ଗଳବାର ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ରାଜ୍ୟ ସରକାରଙ୍କ ତରଫରୁ ଜିଲାପାଳ ଭବାନୀ ଶଙ୍କର ଚୟନୀ, ଓଡ଼ିଶା ଖଣି ନିଗମ ପକ୍ଷରୁ କାର୍ଯ୍ୟକାରୀ ନିର୍ଦ୍ଦେଶକ ପି. ଅନ୍ୱେଷା ରେଡ୍ଡୀ ଏବଂ ଅଶ୍ୱିନୀ ଟ୍ରମା ହସ୍ପିଟାଲର ନିର୍ଦ୍ଦେଶକ ଡା. ସୁବ୍ରତ ଜେନାଙ୍କ ମଧ୍ୟରେ ଏହି ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଏହି ସମୟରେ ଅଶ୍ୱିନୀ ହସ୍ପିଟାଲ ତରଫରୁ ଡ. ମାୟା ଗନ୍ତାୟତ ଉପସ୍ଥିତ ଥିଲେ ।

**ସଂକ୍ଷେପରେ**

## ରାଜପଥରେ ଖୋଲା ରହିବ ୩ ଗ୍ୟାରେଜ

ପୁରୀ ଅଫିସ,୩୧।୩: କରୋନା ମୁକାବିଲା ପାଇଁ ସମଗ୍ର ଦେଶ ୨୧ ଦିନିଆ ଲକ୍‌ଡାଉନ ହୋଇଛି। କିନ୍ତୁ ଏହି ସମୟରେ ଜରୁରୀ ସେବା ପ୍ରଦାନ କରୁଥିବା ଯାନବାହନ ଚଳାଚଳରେ ଯେପରି କୌଣସି ପ୍ରକାର ସମସ୍ୟା ନ ହୁଏ ସେଥିଲାଗି ରାଜପଥ କଡ଼ରେ ଢାବା ଏବଂ ଗ୍ୟାରେଜ ଖୋଲା ରଖିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ଯଦି ଜରୁରୀ ସେବା ପ୍ରଦାନ କରୁଥିବା ଯାନବାହନ ଖରାପ ହୁଏ ତେବେ ଗ୍ୟାରେଜର ସହାୟତା ନେଇପାରିବ। ସେହିପରି ସମ୍ପୃକ୍ତ ଗାଡ଼ିର କର୍ମଚାରୀମାନେ ଖାଦ୍ୟପେୟ ମଧ କରିପାରିବେ। ଏଥିଲାଗି ରାଜ୍ୟ ସରକାର ସବୁ ଜିଲାର ଜିଲାପାଳ ଓ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ନିର୍ଦ୍ଦେଶ ମୁତାବକ, ପୁରୀ ଜିଲାକୁ ସଂଯୋଗ କରୁଥିବା ଜାତୀୟ ଓ ରାଜ୍ୟ ରାଜପଥରେ ୩ଟି ଗ୍ୟାରେଜ ଖୋଲା ରହିବାକୁ ଅନୁମତି ଦିଆଯାଇଛି। ପୁରୀ ଆଞ୍ଚଳିକ ପରିବହନ ଅଧିକାରୀ ସମୀର କୁମାର ଦଳେଇଙ୍କ ସୂଚନା ମୁତାବକ, ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ତେଇଶିପୁର ନିକଟ ମା' ମଙ୍ଗଳା ଗ୍ୟାରେଜ, ପିପିଲି ଜୟସପାଟଣା ଛକସ୍ଥିତ କୃଷ୍ଣଚନ୍ଦ୍ର ମୋଟର ଗ୍ୟାରେଜ ଏବଂ ରାଜ୍ୟ ରାଜପଥ ନିମାପଡ଼ା ପେଟ୍ରୋଲ ପମ୍ପ ନିକଟ ମୋ' ମୋଟର୍ସ ଗ୍ୟାରେଜ ଖୋଲା ରହିବା ଲାଗି ଅନୁମତି ପାଇଛନ୍ତି।

## ୫ ଦିନ ହେଲା ନଳକୂପ ଅଚଳ

ବ୍ରହ୍ମଗିରି,୩୧।୩(ଡି.ଏନ.ଏ): ବ୍ରହ୍ମଗିରି ନହରପଦା ଶ୍ମଶାନ ନିକଟ ନଳକୂପ ପ୍ରାୟ ୫ ଦିନ ହେବ ଅଚଳ ହୋଇପଡ଼ିଛି। ଫଳରେ ୧୫ ପରିବାର ପାନୀୟଜଳ ପାଇଁ ହଇରାଣ ହେଉଛନ୍ତି। ସେମାନେ ପାଣି ପାଇଁ ଅନ୍ୟତ୍ର ବାହାରିବା ବେଳକୁ ପୋଲିସ ଧରପଗଡ଼ କରୁଛି। ଏ ନେଇ ଲୋକେ ସରପଞ୍ଚଙ୍କ ସମେତ ଗ୍ରାମ୍ୟ ଜଳ ଯୋଗାଣ ବିଭାଗକୁ କହି କହି ଥକିଲେଣି। ମାତ୍ର ସୁଫଳ ମିଳୁନାହିଁ। ତୁରନ୍ତ ନଳକୂପ ମରାମତି କରାଯିବା ପାଇଁ ଦାବି ହେଉଛି।

## ୫.୫ ଲକ୍ଷ ଦେଲେ ଓଡ଼ିଶା ଗୃହ ନିର୍ମାଣ ସଂସ୍ଥା କର୍ମଚାରୀ

ଭୁବନେଶ୍ୱର,୩୧।୩(ବ୍ୟୁରୋ): କରୋନା ସହ ଲଢ଼େଇ ଚାଲିଥିବାବେଳେ ସାମାଜିକ ଦାୟିତ୍ୱ ନିର୍ବାହ ପୂର୍ବକ ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ୫ ଲକ୍ଷ ୫୦ ହଜାର ଟଙ୍କାର ଅର୍ଥରାଶି ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ପ୍ରଦାନ କରିଛି। ଏଥିପାଇଁ ସଂସ୍ଥାର ଅଧକ୍ଷ ପ୍ରିୟଦର୍ଶୀ ମିଶ୍ରଙ୍କ ଅନୁରୋଧକ୍ରମେ ସଂସ୍ଥାର ସମସ୍ତ କର୍ମଚାରୀ ନିଜର ଗୋଟିଏ ଦିନର ଦରମା ଦେଇଛନ୍ତି। ଅଧକ୍ଷ ମିଶ୍ର କହିଛନ୍ତି, ରାଜ୍ୟର ଏହି ସମ୍ଭାବ୍ୟ ବିପତ୍ତି ସମୟରେ ଓଡ଼ିଶା ସରକାର ବିଶେଷକରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ଜନସାଧାରଣଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରିଛନ୍ତି। ସେହିଭଳି ସହାୟତାର ହାତ ବଢ଼ାଇଥିବାରୁ ଅଧକ୍ଷ ମିଶ୍ର ଓ ସଚିବ ଗଙ୍ଗାଧର ପାତ୍ର(ଆର୍‌ଏଏସ୍) ସମସ୍ତ କର୍ମଚାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଖୋର୍ଦ୍ଧା ଜିଲାର ୩ ପ୍ରବେଶ ପଥ ସିଲ୍

### ବଜାରକୁ ଚାଲିକି ଆସିବା ପାଇଁ ପରାମର୍ଶ ଦେଲେ ଏସ୍‌ପି

ଖୋର୍ଦ୍ଧା ଅଫିସ,୩୧।୩

ଲକଡାଉନକୁ ଅଧିକ କଡ଼ାକଡି କରିବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ମଙ୍ଗଳବାର ଠାରୁ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଜିଲା ସୀମାକୁ ସିଲ କରାଯାଇଛି। ବିନା କାରଣରେ କୌଣସି ବ୍ୟକ୍ତିଙ୍କୁ ଜିଲା ମଧ୍ୟକୁ ପ୍ରବେଶ ଅନୁମତି ଦିଆଯିବ ନାହିଁ ବୋଲି କୁହାଯାଇଛି।

ପୋଲିସ ମହାନିର୍ଦ୍ଦେଶକ ଅଭୟ ସୋମବାର ଖୋର୍ଦ୍ଧା ଜିଲା ଗସ୍ତରେ ଆସିଥିବାବେଳେ ଡିଆଇଜି ଆଶିଷ କୁମାର ସିଂ ଏବଂ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁଙ୍କ ସହ ଆଲୋଚନା କରି ଏହି ନିର୍ଦ୍ଦେଶ ଦେଇଥିଲେ। ଜିଲାର ୩ ପ୍ରବେଶ ପଥ ଯଥା ନୂଆ ବସଷ୍ଟାଣ୍ଡ, ଚଣ୍ଡିତୁଆ ଛକ ଏବଂ ମୁକୁନ୍ଦପ୍ରସାଦ ରାସ୍ତାକୁ ସିଲ କରାଯାଇଛି। ସହରରେ ୩୦ଟି ଛକ ସ୍ଥାନରେ କ୍ରସ ବ୍ୟାରିକେଡ ଦେଇ ଯାତାୟତ ବନ୍ଦ କରାଯାଇଛି। କେବଳ ନୟାଗଡ ରୋଡ, ନୂଆ ବସଷ୍ଟାଣ୍ଡକୁ ସଂଯୋଗ କରୁଥିବା ରାସ୍ତା ଖୋଲା ରହିଛି। ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ କହିଛନ୍ତି, କାର ଓ ବାଇକ ଚାଳକ କେଉଁ ଉଦ୍ଦେଶ୍ୟରେ ଯାଉଛନ୍ତି, ତାହାର ଠିକ ପ୍ରମାଣ ନ ଦେଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେହିପରି ଅତ୍ୟାବଶ୍ୟକ ସାମଗ୍ରୀ ନେଇ ଯାତାୟତ କରୁଥିବା ଗାଡ଼ି ମଧ ଅନୁମତି ପତ୍ର ରଖିଥିବା ଆବଶ୍ୟକ। ଏଣିକି ଲକଡାଉନ ସମୟରେ ରାସ୍ତାରେ ବାଇକ ଏବଂ କାର ଯାତାୟାତକୁ ଅନୁମତି ଦିଆଯିବ ନାହିଁ। ପନିପରିବା, ଫଳମୂଳ ଏବଂ ଔଷଧ କିଣିବା ଲାଗି ଆସୁଥିବା ବ୍ୟକ୍ତି ଚାଲିକି ଆସନ୍ତୁ। ବାଇକରେ ଆସିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପକ୍ଷରେ ସନ୍ଧ୍ୟାରେ ଗଳିକନ୍ଦିରେ ଏକାଠି ହୋଇ ଗୁଲିଖଟି କରୁଥିବା ବ୍ୟକ୍ତିଙ୍କୁ ପୋଲିସ ଗୋଡ଼ାଇ ଗୋଡାଇ ପିଟୁଥିବା ଦେଖିବାକୁ ମିଳିଛି।



ପ୍ରବେଶପଥ ସିଲ କରି ପୋଲିସ ଗାଡିମୋଟର ଯାଞ୍ଚ କରୁଛି।

## ଛତିଶଗଡ଼ ଯାଉଥିବା ୮୬ ଶ୍ରମିକ ଧରାପଡ଼ିଲେ

ଜଟଣୀ,୩୧।୩ (ଡି.ଏନ.ଏ)

କରୋନା ଭୂତାଣୁ ସଂକ୍ରମଣ ମୁକାବିଲା ପାଇଁ ଜଟଣୀ ମ୍ୟୁନିସିପାଲିଟି ଓ ବ୍ଲକ ଅଞ୍ଚଳରେ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିବା ଭୁବନେଶ୍ୱର ସବ୍‌କଲେକ୍ଟର ଦେବବ୍ରତ ସାହୁ କହିଛନ୍ତି। ପୌରାଞ୍ଚଳକୁ ସାନିଟାଇଜ କରାଯିବା କାର୍ଯ୍ୟ ଆରମ୍ଭ ହୋଇଛି। ବିଭାଗୀୟ କର୍ମଚାରୀମାନେ ବିଭିନ୍ନ ଅଞ୍ଚଳ ବୁଲି ସାନିଟାଇଜର ମାଧ୍ୟମରେ ସ୍ପ୍ରେ କରି ବିଶୋଧନ କରୁଛନ୍ତି। ଏହାଛଡ଼ା ସାମାଜିକ ଦୂରତା ରଖିବା ପାଇଁ ଅତ୍ୟାବଶ୍ୟକ ସାମଗ୍ରୀର ହୋମ୍ ଡେଲିଭରି ଖୁବ୍‌ଶୀଘ୍ର ମ୍ୟୁନିସିପାଲିଟି ଅଞ୍ଚଳରେ ଆରମ୍ଭ କରାଯିବ ବୋଲି ସେ କହିଛନ୍ତି। ପ୍ରତି ପଞ୍ଚାୟତ ସ୍ତରରେ ୨୦ ଶଯ୍ୟା ବିଶିଷ୍ଟ ଅସ୍ଥାୟୀ ମେଡିକାଲ କ୍ୟାମ୍ପ ଖୋଲାଯିବା କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଚେନ୍ନାଇରୁ ଛତିଶଗଡ଼ ଯାଉଥିବା ୮୬ଜଣ ଶ୍ରମିକ ଯାଞ୍ଚ ସମୟରେ ଧରାପଡ଼ିଛନ୍ତି। ସେମାନଙ୍କୁ ଜଟଣୀ ବ୍ଲକ ଛତାବର ପଞ୍ଚାୟତର ଏକ କଲେଜରେ ରଖାଯାଇ ଖାଦ୍ୟ ଏବଂ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯାଉଛି।

## ସିକନ୍ଦରାବାଦ-ହାଓଡ଼ା ମଧ୍ୟରେ ଚାଲିବ ପାର୍ସଲ ଟ୍ରେନ୍

ଭୁବନେଶ୍ୱର,୩୧।୩(ବ୍ୟୁରୋ)

କରୋନା ସଂକ୍ରମଣ ରୋକିବା ଲାଗି ସାରା ଦେଶରେ ଜାରି ରହିଥିବା ୨୧ ଦିନିଆ ଲକ୍‌ଡାଉନ୍‌ରେ ଖାଦ୍ୟ ସମସ୍ୟା ଦେଖାଦେଇଛି। ତେଣୁ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନରେ ଯେପରି କୌଣସି ସମସ୍ୟା ନ ହୁଏ ତାହାକୁ ଗୁରୁତ୍ୱ ଦେଇଛି ରେଳ ମନ୍ତ୍ରଣାଳୟ। ଏହିକ୍ରମରେ ସିକନ୍ଦରାବାଦ ଓ ହାଓଡ଼ା ମଧ୍ୟରେ ପାର୍ସଲ ଟ୍ରେନ୍ ଚଳାଚଳ କରିବାକୁ ନିଷ୍ପତ୍ତି ନେଇଛି ପୂର୍ବତଟ ରେଳପଥ। ଏହି ଟ୍ରେନ୍ ଏପ୍ରିଲ ୨ରେ ସିକନ୍ଦରାବାଦରୁ ହାଓଡ଼ା ଅଭିମୁଖେ ଏପ୍ରିଲ ୨ ଓ ୯ରେ ଯାତ୍ରା କରିବ। ସେହିପରି ଏପ୍ରିଲ ୪ ଓ ୧୧ରେ ହାଓଡ଼ାରୁ ସିକନ୍ଦରାବାଦ ଅଭିମୁଖେ ଯାତ୍ରା କରିବ। ସିକନ୍ଦରାବାଦରୁ ରାତି ୧୦ଟାରେ ଛାଡ଼ି ହାଓଡ଼ାରେ ସକାଳ ୪ଟାରେ ଓ ହାଓଡାରୁ ଅପରାହ୍ନ ୪ଟା ୫ରେ ଛାଡ଼ି ସିକନ୍ଦରାବାଦରେ ସନ୍ଧ୍ୟା ୬ଟାରେ ପହଞ୍ଚିବ। ଏହି ଟ୍ରେନ୍ ସିକନ୍ଦରାବାଦ ଓ ହାଓଡ଼ା ମଧ୍ୟରେ କାଜିପେଟ୍, ବିଜୟୱାଡ଼ା, ଏଲୁରୁ, ରାଜମୁନ୍ଦ୍ରୀ, ଅଙ୍କାପାଲି, ସୀମାଞ୍ଚଳମ୍, ଭୁବନେଶ୍ୱର ଏବଂ ଭଦ୍ରକଠାରେ ରହିବ।

ଏହାବ୍ୟତୀତ ଯଶବନ୍ତପୁର ଓ ହାଓଡ଼ା ମଧ୍ୟରେ ଆଉଏକ ପାର୍ସଲ ଟ୍ରେନ୍ ଚଳାଚଳ କରିବ। ଯଶବନ୍ତପୁର-ହାଓଡ଼ା-ଯଶବନ୍ତପୁର ପାର୍ସଲ ଏକ୍ସପ୍ରେସ୍ ଯଶବନ୍ତପୁରଠାରୁ ଏପ୍ରିଲ୍ ୧ରୁ ଦିନ ୧୧ଟାରେ ଛାଡ଼ିବ ଏବଂ ହାଓଡ଼ାଠାର ଏହା ପରଦିନ ରାତି ୯ଟାରେ ପହଞ୍ଚିବ। ଯଶବନ୍ତପୁର-ହାଓଡ଼ା ମଧ୍ୟରେ ଜୌଲାରପେଟାଇ, ଚେନ୍ନାଇ, ଗୁଡୁରୁ, ଦୁଭାଡ଼ା ଏବଂ ଭଦ୍ରକଠାରେ ଟ୍ରେନ୍ ରହଣି କରିବ। ଇଚ୍ଛୁକ ବ୍ୟବସାୟୀ ଓ ଯୋଗାଣକାରୀମାନେ ଏହି ସେବାର ସୁବିଧା ନେଇପାରିବେ। ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ପାଇଁ ଷ୍ଟେଶନ ମ୍ୟାନେଜର ଓ ପାର୍ସଲ ସୁପରଭାଇଜରଙ୍କ ସହ ଯୋଗାଯୋଗ କରିବାକୁ ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।

## ଅଙ୍ଗନୱାଡ଼ି କେନ୍ଦ୍ରରେ ତାଲା ପକାଇଲେ ଗ୍ରାମବାସୀ

**ସମସ୍ତ ପିଲାଙ୍କୁ ଦିଆଯାଉନି ଖାଦ୍ୟ**

ବ୍ରହ୍ମଗିରି,୩୧।୩(ଡି.ଏନ.ଏ)

ବ୍ରହ୍ମଗିରି ବ୍ଲକ ପଛିପାଳ ଅଙ୍ଗନୱାଡ଼ି କେନ୍ଦ୍ରରେ ମଙ୍ଗଳବାର ଗ୍ରାମବାସୀ ତାଲା ପକାଇଛନ୍ତି। ଉକ୍ତ ଅଙ୍ଗନୱାଡି କେନ୍ଦ୍ର ପକ୍ଷରୁ ସମସ୍ତ ଛୋଟ ପିଲାଙ୍କୁ ଖାଦ୍ୟ ଦିଆଯାଉ ନ ଥିବା ଅଭିଯୋଗ ଆଣି ଗ୍ରାମବାସୀ ଏଭଳି ପଦକ୍ଷେପ ନେଇଛନ୍ତି। କରୋନା ସମୟରେ ୩ରୁ ୬ବର୍ଷ ବୟସ ପର୍ଯ୍ୟନ୍ତ ଅଙ୍ଗନୱାଡ଼ି କେନ୍ଦ୍ରର ଶିଶୁଙ୍କ ପାଇଁ ଜଳଖିଆଠାରୁ ଆରମ୍ଭ କରି ଅଣ୍ଡା, ଚାଉଳ, ଡାଲି, ପନିପରିବା ଇତ୍ୟାଦି ସେମାନଙ୍କ ଘରେ ଦେବା ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି। ସେହି ଅନୁଯାୟୀ ପଛିପାଳ ଅଙ୍ଗନୱାଡ଼ି କେନ୍ଦ୍ରରେ ୪୯ଜଣ ଶିଶୁଙ୍କୁ ଖାଦ୍ୟ ଯୋଗାଇ ଦିଆଯିବା କଥା। କିନ୍ତୁ ଅଙ୍ଗନୱାଡ଼ି କର୍ମୀ ଯାଞ୍ଚ କମିଟି ସହିତ ଯୋଗାଯୋଗ ନ କରି ମନଇଚ୍ଛା ସାମଗ୍ରୀ ବାଣ୍ଟୁଥିବା ଅଭିଯୋଗ ହୋଇଛି। ସେହିପରି ଯୋଗାଇ ଦିଆଯାଇଥିବା ଅଣ୍ଡା ମଧ୍ୟରୁ କେତୋଟି ନଷ୍ଟ ହୋଇଯାଇଥିଲା। ଏଥିରେ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରି ଅଙ୍ଗନୱାଡ଼ି କେନ୍ଦ୍ରରେ ତାଲା ପକାଇ ଦେଇଥିଲେ। ଖବର ପାଇ କେନ୍ଦ୍ର ସୁପରଭାଇଜର ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରି ଘଟଣାର ସମାଧାନ କରିଥିଲେ।

## ଜେଏସ୍‌ପିଏଲ୍ ପ୍ରଦାନ କଲା ୨୫ କୋଟି

ଭୁବନେଶ୍ୱର, ୩୧।୩

କରୋନା ଭୂତାଣୁ ସଂକ୍ରମଣର ମୁକାବିଲା ପାଇଁ ପ୍ରମୁଖ ଇସ୍ପାତ ନିର୍ମାତା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିଃ (ଜେଏସ୍‌ପିଏଲ୍) ପ୍ରଧାନମନ୍ତ୍ରୀଙ୍କ ପିଏମ୍ କେୟାର୍ସ ଫଣ୍ଡକୁ ୨୫ କୋଟି ଟଙ୍କା ପ୍ରଦାନ ସମ୍ପର୍କରେ ଘୋଷଣା କରିଛି। କୋଭିଡ -୧୯ ବିରୋଧରେ ଦେଶର ଲଢେଇରେ ଯଥା ସମ୍ଭବ ସାହାଯ୍ୟ କରିବୁ ବୋଲି ଜେଏସ୍‌ପିଏଲ୍ ଅଧ୍ୟକ୍ଷ ନବୀନ ଜିନ୍ଦଲ ଏକ ଟୁଇଟରେ କହିଛନ୍ତି। ଏହାବାଦ କମ୍ପାନୀର ସାମାଜିକ ଦାୟିତ୍ୱବୋଧ ଅନୁଷ୍ଠାନ ଜେଏସ୍‌ପିଏଲ୍ ଫାଉଣ୍ଡେଶନ ପକ୍ଷରୁ ଏହାର ବିଭିନ୍ନ କାରଖାନା ନିକଟରେ ଥିବା ଆର୍ଥିକ ଦୁର୍ବଳ ଲୋକମାନଙ୍କୁ ଖାଦ୍ୟ ଏବଂ ଅନ୍ୟାନ୍ୟ ଦରକାରୀ ସାମଗ୍ରୀ ଯୋଗାଇ ଦିଆଯାଉଛି। ଜେଏସ୍‌ପିଏଲ୍ ତା'ର ବିଭିନ୍ନ ଡାକ୍ତରଖାନାରେ ଅଧିକ ଭେଣ୍ଟିଲେଟର ଏବଂ ବ୍ୟକ୍ତିଗତ ସୁରକ୍ଷା ଉପକରଣ ଯୋଗାଣ, ଡାକ୍ତରଖାନାଗୁଡ଼ିକର ଉନ୍ନତୀକରଣ, କ୍ୱାରାଣ୍ଟାଇନ ବ୍ୟବସ୍ଥା, ମାସ୍କ ତିଆରି ପାଇଁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ଆବଶ୍ୟକୀୟ ପ୍ରଶିକ୍ଷଣ ଓ ମେଶିନ ଯୋଗାଣ ହୋଇଛି। ଏବେ ସୁଦ୍ଧା ଏକ ଲକ୍ଷରୁ ଅଧିକ ମାସ୍କ ତିଆରି କରାଯାଇ ବଣ୍ଟାଯାଇଛି।

## ପିଡିଏସ୍ ସାମଗ୍ରୀ ଗାଡ଼ିରେ ଘରକୁ ନେବା ମନା

ଭୁବନେଶ୍ୱର, ୩୧।୩ (ବ୍ୟୁରୋ)

**■ ଆଜିଠୁ ବିଏମ୍‌ସି ପକ୍ଷରୁ ସାମଗ୍ରୀ ବଣ୍ଟନ ଆରମ୍ଭ**

ବିଏମ୍‌ସିର ସମସ୍ତ ୱାର୍ଡରେ ବୁଧବାରଠାରୁ ସାଧାରଣ ବଣ୍ଟନ ବ୍ୟବସ୍ଥା(ପିଡିଏସ୍)ରେ ସାମଗ୍ରୀ ବଣ୍ଟନ ଆରମ୍ଭ ହେବ। ଲକ୍‌ଡାଉନ୍ ସ୍ଥିତିକୁ ଦୃଷ୍ଟିରେ ରଖି ଖୁଚୁରା କେନ୍ଦ୍ରଗୁଡ଼ିକୁ ନିକଟ ସରକାରୀ ସ୍କୁଲ୍ ଓ କଲେଜକୁ ସ୍ଥାନାନ୍ତର କରାଯାଇଛି। ସେଠାରୁ ହିତାଧିକାରୀମାନେ କୁପନ ଦେଖାଇ ସାମଗ୍ରୀ ସଂଗ୍ରହ କରିବେ। ଏପ୍ରିଲ୍ ୧ ଓ ୨ରେ କେବଳ ଅନ୍ତ୍ୟୋଦୟ ହିତାଧିକାରୀନ୍‌ଙ୍କୁ ସାମଗ୍ରୀ ପ୍ରଦାନ କରିବାକୁ ସ୍ଥିର ହୋଇଥିବାବେଳେ ଅନ୍ୟ ସମସ୍ତ ହିତାଧିକାରୀଙ୍କୁ ୩ ତାରିଖଠାରୁ ୧୫ ଦିନ ପର୍ଯ୍ୟନ୍ତ ବଣ୍ଟନ କରାଯିବ ବୋଲି ବିଏମ୍‌ସି ସୂଚନା ଦେଇଛି। କେଉଁଦିନ କେଉଁ ହିତାଧିକାରୀଙ୍କୁ ସାମଗ୍ରୀ ଦିଆଯିବ ତାହାର ଏକ ତାଲିକା ବଣ୍ଟନ ଦାୟିତ୍ୱରେ ରହୁଥିବା ଅଙ୍ଗନୱାଡ଼ି କର୍ମୀ, ୱାର୍ଡ ଅଫିସର ଓ ଡିଲରମାନେ ପ୍ରଦର୍ଶିତ କରିବେ। ଅଙ୍ଗନୱାଡ଼ି କର୍ମୀମାନେ ଘର ଘର ବୁଲି ହିତାଧିକାରୀଙ୍କୁ କୁପନ ପ୍ରଦାନ କରିବେ। ସେହିପରି ଖରାକୁ ଦୃଷ୍ଟିରେ ରଖି ସକାଳ ୮ରୁ ୧୨ ଓ ଅପରାହ୍ନ ୩ରୁ ୬ ଟା ପର୍ଯ୍ୟନ୍ତ ସାମଗ୍ରୀ ବଣ୍ଟନ କରାଯିବ। ଏହାସହିତ ଚାଲିଚାଲି କିମ୍ବା ସାଇକେଲରେ ସମଗ୍ରୀ ନେଇ ପାରିବେ। ବାଇକ, ଅଟୋ କିମ୍ବା ଅନ୍ୟ ମୋଟର ଯାନ ବ୍ୟବହାରକୁ ନିଷେଧ କରାଯାଇଛି।

## କାନାରା ବ୍ୟାଙ୍କ ପକ୍ଷରୁ ସତର୍କତା ପଦକ୍ଷେପ

ଭୁବନେଶ୍ୱର, ୩୧।୩

କୋଭିଡ୍-୧୯ ଲାଗି କାନାରା ବ୍ୟାଙ୍କ ପକ୍ଷରୁ ସତର୍କତା ପଦକ୍ଷେପ ହାତକୁ ନିଆଯାଇଛି। ଲକ୍‌ଡାଉନ ସମୟରେ ଗ୍ରାହକଙ୍କ ନିରନ୍ତର ବ୍ୟାଙ୍କ ସେବା ଯୋଗାଣ ଦିଗରେ ବ୍ୟାଙ୍କ ଯୋଗଦାନ ରଖି ଆସିଛି। ବ୍ୟାଙ୍କର ଏଟିଏମ୍‌ଗୁଡିକ ଖୋଲା ରହିଥିବା ବେଳେ ଏଟିଏମ୍‌ଗୁଡିକର ରହୁଥିବା ତ୍ରୁଟିକୁ ସୁଧାରିବା ସହ ଲୋକଙ୍କ ନିକଟରେ କିଭଳି କ୍ୟାଶ ସୁବିଧାରେ ପହଞ୍ଚିତ ତାକୁ ଧାନରେ ରଖାଯାଇଛି। କୋଭିଡ୍‌-୧୯ ଲାଗି ସତର୍କତା ଗ୍ରହଣ ପୂର୍ବକ ବ୍ୟାଙ୍କର କର୍ମଚାରୀମାନେ ସାମାଜିକ ଦୂରତ୍ୱ ରକ୍ଷା, ମାସ୍କ,ଗ୍ଲୋଭସ ଏବଂ ସାନିଟାଇଜର ବ୍ୟବହାରକୁ ପ୍ରାଥମିକତା ଦେଉଛନ୍ତି। ଶାଖା ଭିତ୍ତିରେ ମଧ ସତର୍କତା ପଦକ୍ଷେପ ଅବଲମ୍ବନ କରାଯାଉଛି। ବ୍ୟାଙ୍କିଙ୍ଗ କରେସପଣ୍ଡେଣ୍ଟ ଦ୍ୱାରା ସେବା ଯୋଗାଣକୁ ମଧ ଗୁରୁତ୍ୱ ଦିଆଯାଇଛି। ସେହିଭଳି ଲୋକଙ୍କ ନିକଟରେ ଡିବିଟି ମାଧ୍ୟମରେ ପହଞ୍ଚୁଥିବା ଅର୍ଥକୁ ସୁବିଧାରେ ଯୋଗାଣ ନେଇ କାର୍ଯ୍ୟପନ୍ଥା ଗ୍ରହଣ କରୁଥିବା ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

## ଦୁର୍ଦ୍ଦଶାରେ ରାଜ୍ୟର କ୍ୟାବ୍ ଚାଳକ

ଭୁବନେଶ୍ୱର,୩୧।୩(ବ୍ୟୁରୋ)- କରୋନା ସଂକ୍ରମଣ ନିୟନ୍ତ୍ରଣ ପାଇଁ ଭାରତ ସରକାର ସମଗ୍ର ଦେଶକୁ ୨୧ ଦିନିଆ ଲକ୍‌ଡାଉନ୍ ଘୋଷଣା କରିଛନ୍ତି। ଏଭଳିସ୍ଥଳେ ଗାଡ଼ି ଚଲାଉଥିବା ପରିବାର ଚଳାଉଥିବା ଶହ ଶହ କ୍ୟାବ୍ ଡ୍ରାଇଭର୍ ଏବେ ଜୀବିକା ହରାଇଛନ୍ତି। ଓଡ଼ିଶାରେ ଥିବା କ୍ୟାବ୍ ଚାଳକମାନଙ୍କ ପାଇଁ ଏହି ଲକ୍‌ଡାଉନ୍ ଅଭିଶାପ ପାଲଟିଛି। ଏପଟେ ଗାଡ଼ି ଚଳାଚଳ ବନ୍ଦ ରହିଥିବାରୁ ମାଲିକମାନେ ଦରମା ଦେବେ ନାହିଁ ବୋଲି ମଧ ସେମାନଙ୍କ ମନରେ ଆଶଙ୍କା ପ୍ରକାଶ ପାଇଛି। ଏହି ଡ୍ରାଇଭରଙ୍କ ଉପରେ ସେମାନଙ୍କ ପରିବାର ନିର୍ଭର କରୁଥିବାରୁ ସେମାନଙ୍କ ଚଳିବା ଏବେ କଷ୍ଟକର ହୋଇପଡ଼ିଛି। ନାନା ଦୁର୍ଦ୍ଦଶା ମଧ୍ୟରେ ସେମାନେ ଗତି କରୁଛନ୍ତି। ତେବେ ସରକାର ଗାଡ଼ିମାଲିକଙ୍କ ଇଏମ୍‌ଆଇ ଛାଡ଼୍ କରିଦେଇଥିବାରୁ ଏହି କ୍ୟାବ ଚାଳକମାନେ ଏହାକୁ ସ୍ୱାଗତ କରିଛନ୍ତି। ଇଏମ୍‌ଆଇ ଛାଡ଼୍ ଭଳି କ୍ୟାବ୍ ଡ୍ରାଇଭରଙ୍କ ପରିବାର ଚଳିବା ଲାଗି ମଧ କିଛି ବ୍ୟବସ୍ଥା କରିବାକୁ ଓଡ଼ିଶା କ୍ୟାବ୍ ୱେଲ୍‌ଫେୟାର ଆସୋସିଏଶନ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଗୁହାରି କରିଛି।

## ବିଦ୍ୟୁତ ତାର ଲାଗି କର୍ମଚାରୀ ଗୁରୁତର

ନିରାକାରପୁର,୩୧।୩(ଡି.ଏନ୍.ଏ): ଖୋର୍ଦ୍ଧା ଜିଲା ନିରାକାରପୁର ବିଦ୍ୟୁତ ବିଭାଗରେ କାର୍ଯ୍ୟରତ ସେସୁ କର୍ମଚାରୀ ୧୧ କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ଖୁଣ୍ଟରୁ ପଡ଼ି ଗୁରୁତର ହୋଇଛନ୍ତି । ସେ ହେଲେ କାମଦେବ ମାର୍ଥା। ସେ ମଙ୍ଗଳବାର ଅପରାହ୍ନରେ ପୁରୀ ଜିଲା ଗଡିଶାଗଦା ଥାନା ଅନ୍ତର୍ଗତ ସାହୁପଡ଼ା ପଞ୍ଚାୟତର ଓହ୍ଲାଣ ଗ୍ରାମଠାରେ ଥିବା ୧୧ କେଭି ଖୁଣ୍ଟରେ ଚଢ଼ି କାର୍ଯ୍ୟ କରୁଥିବା ବେଳେ ବିଦ୍ୟୁତ କଟାଯାଇ ନ ଥିବାରୁ ତାର ସଂସ୍ପର୍ଶରେ ଆସି ପୋଡ଼ିଯିବା ସହ ସହିତ ତଳକୁ ଖସି ପଡ଼ିଥିଲେ। ସେଠାରେ ଥିବା ଅନ୍ୟ କର୍ମଚାରୀମାନେ ତାଙ୍କୁ ମେଡିକାଲକୁ ନେଇଥିଲେ।


ଭୁବନେଶ୍ୱର ରେଳ ଷ୍ଟେସନ ନିକଟରେ ମଙ୍ଗଳବାର ଯୁବ କଂଗ୍ରେସ ପକ୍ଷରୁ ଲୋକମାନଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି।

## ରିଜର୍ଭ ପୋଲିସ ବାରାକରେ ରନ୍ଧାଶାଳ

ଭୁବନେଶ୍ୱର,୩୧।୩ (ବ୍ୟୁରୋ)

କରୋନା ସଂକ୍ରମଣ ଏଡାଇବାକୁ ଲକ୍‌ଡାଉନ ଜାରି ରହିଛି। ଇତିମଧ୍ୟରେ ୭ଦିନ ବିତିଯାଇଥିବାବେଳେ ରାଜଧାନୀର ମୁଖ୍ୟରାସ୍ତା ଠାରୁ ଆରମ୍ଭ କରି ରେଳ ଷ୍ଟେଶନ, ବସ୍‌ଷ୍ଟାଣ୍ଡ ଓ ବିଭିନ୍ନ ଛକରେ ମୁଣ୍ଡଗୁଞ୍ଜିଛନ୍ତି ନିରାଶ୍ରୟମାନେ। ସେହିଭଳି ଗାଁକୁ ଯାଇ ନ ପାରି ବହୁ ଶ୍ରମିକ ମଧ ଫସି ରହିଛନ୍ତି। ଦୋକାନ ବଜାର ଓ ହୋଟେଲ ବନ୍ଦ ରହିଥିବାରୁ ସେମାନେ ଭୋକରେ ରହୁଛନ୍ତି। ଏପରିସ୍ଥଳେ ଏହି ଭୋକିଲାଙ୍କୁ ଖାଦ୍ୟ ଯୋଗାଇବାରେ କମିଶନରେଟ ପୋଲିସ ପ୍ରମୁଖ ଭୂମିକା ନେଇଛି। ଏଥପାଇଁ ରିଜର୍ଭ ପୋଲିସ ବାରାକରେ ରନ୍ଧାଶାଳ କରାଯାଇଛି। ସେଠାରେ ଖାଦ୍ୟ ପ୍ରସ୍ତୁତ କରାଯାଇ ବିଭିନ୍ନ ଥାନା ଅଞ୍ଚଳକୁ ପଠାଯାଉଛି । ଥାନା ଅଧିକାରୀ ଓ କର୍ମଚାରୀମାନେ ଖାଦ୍ୟ ବଣ୍ଟନରେ ନିୟୋଜିତ ଅଛନ୍ତି। ସେହିଭଳି ବିଭିନ୍ନ ଛକରେ ଖରାରେ କାର୍ଯ୍ୟ କରୁଥିବା ପୋଲିସ କର୍ମଚାରୀଙ୍କ ପାଇଁ ମଧ ଏହିଠାରୁ ଖାଦ୍ୟ ଯାଉଛି। ଏହା ଆଉ ୧୪ ଦିନ ପର୍ଯ୍ୟନ୍ତ ଚାଲିବ ବୋଲି ରିଜର୍ଭରେ ରହୁଥିବା ଜଣେ ଅଧିକାରୀ କହିଛନ୍ତି।



**■ ଖାଦ୍ୟ ପ୍ରସ୍ତୁତି ଓ ବଣ୍ଟନରେ ନିୟୋଜିତ ରହୁଛନ୍ତି ପୋଲିସ କର୍ମଚାରୀ**

**■ ବିଭିନ୍ନ ସ୍ଥାନରେ ଖାଦ୍ୟ ବାଣ୍ଟିଲେ ସାମାଜିକ କର୍ମୀ**

ଅନ୍ୟପକ୍ଷରେ ମଙ୍ଗଳବାର ମଧ ବହୁ ସାମାଜିକ କର୍ମୀ ବରମୁଣ୍ଡା, ମାଷ୍ଟରକ୍ୟାଣ୍ଟିନ, ବାଣୀବିହାର, କଳ୍ପନା ଆଦି ଅଞ୍ଚଳରେ ଖାଦ୍ୟ ବଣ୍ଟନ କରିଥିଲେ। ରସୁଲଗଡ଼ର ଯୁବକ ସୁଶାନ୍ତ ପାତ୍ର ନିଜ ହାତରୁ ଅର୍ଥ ଖର୍ଚ୍ଚ କରି ୮୦ ଜଣେ ଗରିବଙ୍କୁ ଖାଦ୍ୟ ଦେଇଥିଲେ। ତାଙ୍କୁ ଗ୍ରାମର ଅନ୍ୟ ଦୁଇ ଯୁବକ ସହଯୋଗ କରିଥିଲେ। ସେହିପରି ସାମାଜିକ କର୍ମୀ ପ୍ରତାପ ସାହୁ ନିଜ ବାଇକରେ ବିସ୍କୁଟ, ମାସ୍କ ଏବଂ ପାଣି ନେଇ ସହରର ବିଭିନ୍ନ ଅଞ୍ଚଳ ଓ ବସ୍ତିରେ ବାଣ୍ଟିଥିଲେ।

# 'ପୁରୁଣା ସ୍ମୃତି ତାଜା କରିବାର ସମୟ ମିଳୁଛି'

ଜଟଣୀ, ୩୧।୩(ଡି.ଏନ୍.ଏ): କରୋନା ଭୂତାଣୁ ମୁକାବିଲା ପାଇଁ ଲକ୍‌ଡାଉନ୍ ଘୋଷଣା ମଙ୍ଗଳବାର ସପ୍ତମ ଦିନରେ ପହଞ୍ଚିଛି। ଏଥିପାଇଁ ଜଟଣୀ ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯିବା ସହ ଅତ୍ୟାବଶ୍ୟକ ସାମଗ୍ରୀ କ୍ରୟ ବିକ୍ରୟ ପାଇଁ ନିର୍ଦ୍ଦିଷ୍ଟ ସମୟ ନିର୍ଦ୍ଧାରଣ କରାଯାଇଛି। ଅତି ଜରୁରୀ ନ ଥିଲେ ଲୋକେ ପଦାକୁ ବାହାରୁନାହାନ୍ତି। ଯେଉଁ ମଣିଷ କର୍ମଜଞ୍ଜାଳ ଜୀବନରେ ସଦାବେଳେ ବ୍ୟସ୍ତ ରହୁଥିଲା ବର୍ତ୍ତମାନ ଘରେ ରହି ନିଜ ପ୍ରିୟ ପରିଜନଙ୍କ ସହ ହସଖୁସିରେ ସମୟ ବିତାଉଛି। ଏଥିସହ ପୁରୁଣା ସ୍ମୃତି ତାଜା କରିବାର ମଧ ସମୟ ଓ ସୁଯୋଗ ମିଳୁଛି।

ଏନେଇ ଜଟଣୀର ବରିଷ୍ଠ ଆଇନଜୀବୀ ତଥା ଭୁବନେଶ୍ୱର ବାର୍ ଆସୋସିଏଶନର ସଭାପତି ବୀରେନ୍ଦ୍ର ପଟ୍ଟନାୟକ କହନ୍ତି, ବର୍ତ୍ତମାନ ଘରେ ରହି ଆଇନ ପୁସ୍ତକ ପଢୁଛି। ଟିଭିରେ ପରିବାର ସହିତ ରାମାୟଣ, ମହାଭାରତ ଦେଖୁଛି। ପରିବାର ସହିତ ଅଧିକ ସମୟ ବିତାଇବାର ସୁଯୋଗ ମିଳୁଛି। ସେହିପରି ଅଧାପକ ପ୍ରେମାନନ୍ଦ ମହାରଣା କହନ୍ତି, ଘର ଓ ବଗିଚା କାମ କରିବା ସହ ବାଡ଼ିରେ ବିଭିନ୍ନ ଚାରା ଲଗାଉଛି। ବନ୍ଧୁବାନ୍ଧବ ଓ ସମ୍ପର୍କୀୟଙ୍କ ସହିତ ଟେଲିଫୋନ୍‌ରେ କଥା ହୋଇ ଭଲମନ୍ଦ ବୁଝିବାକୁ ଯଥେଷ୍ଟ ସମୟ ମିଳୁଛି। ପରିବାରରେ ଏକାଠି ରହିବା ସୁଯୋଗ ପାଇଛି। ଦୀର୍ଘଦିନ ହେବ ଆଲମିରାରେ ଥିବା ଫଟୋ ଆଲବମ୍ ଦେଖି ପୁରୁଣା ସ୍ମୃତିକୁ ତାଜା କରୁଛି। ଜଟଣୀର ବିଶିଷ୍ଟ ବ୍ୟବସାୟୀ ରୋହତାସ ଅଗ୍ରୱାଲ କହନ୍ତି, ଲକ୍‌ଡାଉନ୍ ପୂର୍ବରୁ ଯେପରି ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ରହୁଥିଲି ବର୍ତ୍ତମାନ ମଧ ସେପରି ରହୁଛି । ବିଭିନ୍ନ କମ୍ପାନୀର ଡିଷ୍ଟ୍ରିବ୍ୟୁଟର ହୋଇଥିବାରୁ ପ୍ରଶାସନର କୋହଳ ଥିବା ନିର୍ଦ୍ଦିଷ୍ଟ ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ ରିଟେଲ ଦୋକାନଗୁଡ଼ିକୁ ଦୈନିକ ପଠାଉଛି। ପରେ ନିରାଶ୍ରୟ ଲୋକଙ୍କ ସମେତ ବୁଲା କୁକୁର, ଷଣ୍ଢ, ଗାଈଙ୍କୁ ଖାଦ୍ୟ ଦେବାକୁ ପୁଅ ଓ ଭାଇଙ୍କୁ ସାଥିରେ ଧରି ବାହାରି ପଡୁଛି। ପରିବାର ଲୋକଙ୍କ ସହିତ ଅଧିକ ସମୟ ବିତାଇପାରୁଛି। ଜଟଣୀର ପୂର୍ବତନ ପୌରାଧକ୍ଷ ସଂଗ୍ରାମ ରାଉତରାୟ କହିଛନ୍ତି, ପୂର୍ବରୁ ସକାଳୁ ଘର ବାହାରିଲେ ଫେରିବାର ନିର୍ଦ୍ଦିଷ୍ଟ ସମୟ କିଛି ନ ଥାଏ। ୨୦ବର୍ଷ ଧରି ଏଭଳି କର୍ମମୟ ଜୀବନ ଅତିବାହିତ ହେଉଥିଲା। ମାତ୍ର ଏହି ୭ଦିନ ହେବ ଘରେ ଅଧିକ ସମୟ ରହିବାର ସୁଯୋଗ ମିଳିଛି। ପରିବାରର ସମସ୍ତଙ୍କ ଭଲମନ୍ଦ ବୁଝୁଛି। ପୌରାଞ୍ଚଳରେ ବୁଲି କେହି ଅସୁବିଧାରେ ଥିଲେ ସେମାନଙ୍କୁ ସାହାଯ୍ୟ କରୁଛି। ଏ ନେଇ ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରାଯାଉଛି। ସ୍ଥାନୀୟ ଆନ୍ଧ୍ର ବ୍ୟାଙ୍କ ଲେନ୍‌ରେ ରହୁଥିବା ଗୃହିଣୀ ସୁପ୍ରିୟା ଜେନା କହିଛନ୍ତି, ସ୍ୱାମୀ ବ୍ୟବସାୟିକ କାମରେ ସକାଳୁ ବାହାରି ସନ୍ଧ୍ୟାରେ ଫେରୁଥିଲେ । ଝିଅ ସକାଳୁ ସ୍କୁଲ ଯାଇ ଅପରାହ୍ନରେ ଫେରିଥାଏ। ଶ୍ୱଶୁର ଏବଂ ପରିବାରର ଅନ୍ୟମାନେ ବିଭିନ୍ନ କାର୍ଯ୍ୟରେ ବାହାରକୁ ଯାଇଥାନ୍ତି। ତେଣୁ ଘରେ ଏକାକୀ ରହେ। ମାତ୍ର ଲକ୍‌ଡାଉନ୍ ଯୋଗୁ ଏବେ ସମସ୍ତେ ଏକାଠି ରହିବାର ସୁଯୋଗ ମିଳିଛି। ନୂଆ ନୂଆ ଖାଦ୍ୟ ତିଆରି କରି ଖାଇବାକୁ ଦେଇ ଆନନ୍ଦିତ ହେଉଛି। ରୋଷେଇରେ ମଧ ସ୍ୱାମୀ ସହାୟତା କରୁଛନ୍ତି । ରାମାୟଣ, ମହାଭାରତ ଦେଖିବା ସହ ଲୁଡୁ ଖେଳୁଛୁ । ସମୟ କିପରି ଚାଲିଯାଉଛି ଜଣାପଡୁନାହିଁ।

## ଏପ୍ରିଲ ଫୁଲ୍ ମନା

କରୋନା ଭାଇରସ୍‌କୁ ରୋକିବା ଏବେ ସମସ୍ତଙ୍କ ପାଇଁ ଏକ ଚ୍ୟାଲେଞ୍ଜ ଭଳି ହୋଇଛି। କିନ୍ତୁ ଏଇ ଭାଇରସ୍‌କୁ ନେଇ ସୋସିଆଲ୍ ମିଡିଆରେ କେହି ଏପ୍ରିଲ ଫୁଲ୍ ପାଳନ କରିବାକୁ ଚେଷ୍ଟା କଲେ କଠିନ ଦଣ୍ଡରେ ଦଣ୍ଡିତ ହେବ। ବିଭିନ୍ନ ରାଜ୍ୟରେ ଏବେ ପ୍ରଶାସନ ଏଭଳି ଚେତାବନୀ ଦେଇଛି। ମହାରାଷ୍ଟ୍ରରେ କୌଣସି ବ୍ୟକ୍ତି କରୋନା ଭାଇରସ୍‌କୁ ନେଇ ଏପ୍ରିଲଫୁଲ ଫେକ୍ ଖେଳ ନ ଖେଳିବାକୁ ପୋଲିସ୍ ପରାମର୍ଶ ଦେଇଛି। ଏଭଳି ବ୍ୟକ୍ତିଙ୍କୁ ଦଣ୍ଡିତ କରିବା ନେଇ ପୋଲିସ୍ ଏକ ଅଧିସୂଚନା ଜାରି କରିଛି। ପୋଲିସ୍ ପ୍ରଶାସନ ଅନୁସାରେ ଏଭଳି ଫେକ୍ ମେସେଜ୍ ଦେଉଥିବା ବ୍ୟକ୍ତିଙ୍କୁ ଛ'ମାସର ଜେଲ ଦଣ୍ଡ ଏବଂ ଏକ ହଜାର ଟଙ୍କାର ଜରିମାନା କରାଯାଇପାରେ।



# ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ବାୟୋସୁଟ୍

**ଜୟପୁର:** ନିଜ ଜୀବନକୁ ବିପନ୍ନ କରି କରୋନା ସଂକ୍ରମିତ ବ୍ୟକ୍ତିଙ୍କୁ ଚିକିତ୍ସା କରୁଛନ୍ତି ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ। ଏମାନଙ୍କ ପାଇଁ ଏବେ ତିଆରି ହୋଇଛି ବାୟୋସୁଟ୍। ରାଜସ୍ଥାନର ପାଲି ଜିଲ୍ଲାର ଜଣେ ବ୍ୟବସାୟୀ ଛତା ତିଆରି କପଡ଼ାରେ ଏହାକୁ ତିଆରି କରିଛନ୍ତି। ପ୍ରଥମ ଥର ପାଇଁ ସେ ଏଭଳି ୫୦୦ଟି ସୁଟ୍ ତିଆରି କରି ମାଗଣାରେ ଦେଇଛନ୍ତି। ଜୟପୁରରେ ଥିବା ଏମ୍ସ ମଧ୍ୟ ଏହି ସୁଟ୍‌କୁ ଅସ୍ଥାୟୀ ଭାବେ ସ୍ୱୀକୃତି ଦେଇଛି ଏବଂ ପରୀକ୍ଷାମୂଳକଭାବେ କିଛି ସୁଟ୍ ତିଆରି କରିଛି। କରୋନା ଭାଇରସ୍ ସଂକ୍ରମଣ ରୋଗୀଙ୍କୁ ଡାକ୍ତରମାନେ ସିଧାସଳଖ ଚିକିତ୍ସା କରୁଥିବାରୁ ସେମାନଙ୍କୁ ସାବଧାନ ରହିବା ନିହାତି ଜରୁରୀ। ଏହି କାରଣରୁ ସେମାନଙ୍କ ନିମନ୍ତେ ସ୍ୱତନ୍ତ୍ର ଧରଣର ବାୟୋ ସୁଟ୍ ପ୍ରସ୍ତୁତ କରାଯାଉଛି, ଯାହାକୁ ପର୍ସନାଲ୍ ପ୍ରୋଟେକ୍ସନ ଇକ୍ୱିପମେଣ୍ଟ (ପିପିଇ) କୁହାଯାଉଛି। ଏହି ବାୟୋସୁଟ୍ ତିଆରି କରିଥିବା ବ୍ୟବସାୟୀ କମଲେଶ ଗୁଗଲିୟାଙ୍କ କହିବା ଅନୁସାରେ, ସେ ତିଆରି କରିଥିବା ବାୟୋସୁଟ୍ ମାତ୍ର ୮୫୦ ଟଙ୍କାରେ ହୋଇ ପାରୁଛି। ଅବଶ୍ୟ ଉତ୍ତମ ଗୁଣବତ୍ତା ଥିବା ପିପିଇ ସୁଟ୍ ତିଆରି ନିମନ୍ତେ ୩ ହଜାରରୁ ୪ ହଜାର ଟଙ୍କା ଖର୍ଚ୍ଚ ହେଉଛି। କିନ୍ତୁ ତାଙ୍କର ସୁଟ୍ ମଧ୍ୟ କୌଣସି ଗୁଣରେ କମ୍ ନୁହେଁ। ଏହାକୁ ଥରେ ବ୍ୟବହାର କରିବା ପରେ ସାନିଟାଇଜ୍ କରି ପୁଣି ଥରେ ବ୍ୟବହାର କରିହେବ।

# ଘୋଡ଼ା ରଙ୍ଗକରି ପୋଲିସ୍‌ର କରୋନା ସଚେତନତା



**କୁର୍ନୁଲ:** ଲୋକଙ୍କୁ ସଚେତନ କରିବା ପାଇଁ ଏବେ ପ୍ରଶାସନ ବିଭିନ୍ନ ପ୍ରକାରର ଉଦ୍ୟମ ଜାରି ରଖିଛି। କେଉଁଠି ଗୀତ ଗାଇ ପୋଲିସ୍ ସଚେତନ କରୁଛି ତ କେଉଁଠି କରୋନା ପ୍ରତୀକାତ୍ମକ ହେଲମେଟ୍ ପିନ୍ଧି ସଚେତନ କରୁଛି। ଏମିତି ଏକ ଭିନ୍ନ ଉପାୟରେ ସଚେତନ କରିବା ନିମନ୍ତେ ପୋଲିସ୍ ଅଫିସର ଏକ ଘୋଡ଼ାର ସାହାଯ୍ୟ ବି ନେଉଛନ୍ତି। ଏକ ଅଭିନବ ଉପାୟ ଦେଖିବାକୁ ମିଳିଛି ଆନ୍ଧ୍ରପ୍ରଦେଶର କୁର୍ନୁଲ୍ ଜିଲ୍ଲାରେ। ଏହି ଜିଲ୍ଲାର ପ୍ୟାପିଲି ସହରରେ ମାରୁତି ଶଙ୍କର ନାମକ ଜଣେ ସବ୍-ଇନ୍ସପେକ୍ଟର ଘୋଡ଼ାରେ ଚଢ଼ି କରୋନା ଭାଇରସ୍‌ର ଭୟାବହତା ସମ୍ପର୍କରେ ଲୋକଙ୍କୁ ସଚେତନ କରିବାରେ ଲାଗିଛନ୍ତି। ପୋଲିସଜଣକ ଘୋଡ଼ାର ଦେହକୁ କରୋନା ଭାଇରସ୍ ଭଳି ରଙ୍ଗେଇ ତା ଉପରେ ବସି ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା କରୁଛନ୍ତି। ଏହି ଘୋଡ଼ାରେ ବସି ସେ ବିଭିନ୍ନ ଅଞ୍ଚଳ ବୁଲି ବୁଲି ଲୋକଙ୍କୁ କରୋନା ଭାଇରସ୍‌ର ଭୟାବହତା ନେଇ ସଚେତନ କରିବା ସହ ଘରୁ ନବାହାରିବାକୁ ଅନୁରୋଧ କରୁଛନ୍ତି। ତେବେ ଏଭଳି ଏକ ଭିନ୍ନ ଉପାୟରେ ପୋଲିସଜଣକ ଅଧିକ ଲୋକଙ୍କୁ ଆକୃଷ୍ଟ କରି ନିଜ ବାର୍ତ୍ତା ପହଁଞ୍ଚାଇ ପାରୁଛନ୍ତି ବୋଲି କହନ୍ତି। କାରଣ କରୋନା ଭୟାବହତାକୁ ଏଯାଏଁ ବି କିଛି ଲୋକ ଠିକ୍ ଭାବେ ବୁଝି ନପାରି ଅନେକ ସମୟରେ ଅନାବଶ୍ୟକ ଭାବେ ଘରୁ ବାହାରକୁ ଚାଲି ଆସୁଛନ୍ତି। ଏହି କାରଣରୁ ଦେଶର ବିଭିନ୍ନ ଅଞ୍ଚଳରେ ସଂକ୍ରମଣ ବଢ଼ିବାରେ ଲାଗିଛି। ତେଣୁ ଲୋକଙ୍କୁ ସଚେତନ କରିବା ନିମନ୍ତେ ପୋଲିସ୍ ଏଭଳି ବିଭିନ୍ନ ଉପାୟ ଅବଲମ୍ବନ କରୁଛି।

ୱାଶିଂଟନ: କରୋନା ଭାଇରସ ଏବେ ଇଟାଲୀ ଓ ଆମେରିକାରେ ତା'ର କାୟା ବିସ୍ତାର କରିବାରେ ଲାଗିଛି। ଦିନକୁ ଏଠାରେ ଶହ ଶହ ଲୋକ କରୋନାରେ ସଂକ୍ରମିତ ହେଉଥିବା ବେଳେ ସେମାନଙ୍କ ଜୀବନ ମଧ୍ୟ ଯାଉଛି। ଇଟାଲୀ ଓ ଆମେରିକାରେ ଏବେ କରୋନା ରୋଗୀଙ୍କ ଚିକିତ୍ସା ପାଇଁ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ୨୪ ଘଣ୍ଟା କାମ କରୁଥିବା ଦେଖାଯାଇଛି। ଏହି ସମୟରେ ଏମାନେ ମାନସିକ ଅବସାଦ ଅନୁଭବ କରୁଥିବା ମଧ୍ୟ ଲକ୍ଷ୍ୟ କରାଯାଇଛି। ଏହି ଅବସାଦ ଦୂର କରିବା ପାଇଁ ଏବେ ଡାକ୍ତରଙ୍କୁ ଡଗ୍ ଥେରାପି ଦିଆଯାଉଛି ବୋଲି ଜଣାପଡିଛି। ଅର୍ଥାତ୍ ଆମେରିକାରେ ୱାନ୍ ନାମକ ଏକ କୁକୁର ଡାକ୍ତରଙ୍କ ଅବସାଦ ଦୂର କରୁଥିବା କୁହାଯାଉଛି। ଯେତେବେଳେ



# ଡାକ୍ତରଙ୍କ ଅବସାଦ ଦୂରକରୁଛି କୁକୁର

ଡେନଭରରେ ଥିବା ହସ୍ପିଟାଲର ଡାକ୍ତର ଅବା ସ୍ୱାସ୍ଥ୍ୟକର୍ମୀମାନେ ହାଲିଆ ହୋଇ ପଡୁଛନ୍ତି ସେମାନେ ୱାନ ସାଙ୍ଗରେ ସମୟ କାଟିବାକୁ ପସନ୍ଦ କରୁଛନ୍ତି। ହେଲେ ଏହା ପୂର୍ବରୁ ଏମାନେ ସମ୍ପୂର୍ଣ୍ଣ ଭାବେ ସାନିଟାଇଜ୍ ହୋଇ ଉକ୍ତ କୁକୁର ପାଖକୁ ଆସୁଛନ୍ତି। କୁହାଯାଉଛି ଅବସାଦ ଦୂର କରିବାକୁ ଆମେରିକା ଓ ଇଟାଲିର ଲୋକେ ଡଗ୍ ଥେରାପିକୁ ଆପଣାଇ ଥାଆନ୍ତି। ତେଣୁ ଜଣେ ସିନିୟର ଡାକ୍ତରଙ୍କ କୁକୁର ୱାନ ଏବେ କରୋନା ସଂକ୍ରମିତଙ୍କ ଚିକିତ୍ସା କରୁଥିବା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ଅବସାଦ ଦୂର କରୁଛି ବୋଲି କୁହାଯାଉଛି। ଆମେରିକା ଓ ବ୍ରିଟେନରେ ଲୋକେ ଡଗ୍ ଥେରାପି ମାଧ୍ୟମରେ ଅବସାଦ ଦୂର କରନ୍ତି ବୋଲି କୁହାଯାଏ।

# ଟପ୍‌ଲେସ୍ ଫଟୋରେ ନଜର୍ ଆସିଲେ କିଆରା

**ମୁମ୍ବାଇ:** କିଛିଦିନ ତଳେ ଡବୁ ରତ୍ନାନି ଚଳିତବର୍ଷର କ୍ୟାଲେଣ୍ଡର ଲଞ୍ଚ କରିଥିଲେ। ଏହି କ୍ୟାଲେଣ୍ଡର ପାଇଁ କିଆରା ଆଡ୍‌ଭାନିଙ୍କ ସହ ଏକ ଟପ୍‌ଲେସ୍ ଫଟୋ ସୁଟ୍ କରାଇଥିଲେ। କିଆରାଙ୍କ ଏହି ଫଟୋ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋଇଥିଲା, ଯେଉଁଥିରେ ସେ ଟପ୍‌ଲେସ୍ ହୋଇ ଏକ ପତ୍ର ପଛରେ ଛିଡା ହୋଇଥିଲେ। ଏହାକୁ ଡବୁ ଆଉଥରେ ସୋସିଆଲ ସାଇଟ୍‌ରେ ପୋଷ୍ଟ କରିଥିବାରୁ ପୁନର୍ବାର କିଆରା ଚର୍ଚ୍ଚାକୁ ଆସିଛନ୍ତି। ଏହି ଫଟୋରେ ସେ ଏକାନୁହେଁ ତାଙ୍କ ସହ ଡବୁ ମଧ୍ୟ ଅଛନ୍ତି। ଦୁଇଜଣ ଏକ ପତ୍ର ଧରି ଛିଡ଼ା ହୋଇଛନ୍ତି। ଡବୁ ଏକ ଗ୍ରେ ରଙ୍ଗର ଟିସର୍ଟ ପିନ୍ଧିଥିବାବେଳେ କିଆରାଙ୍କ ଟପ୍‌ଲେସ୍ ବୋଲ୍ଡ ଫଟୋକୁ ଫ୍ୟାନମାନେ ବେଶ୍ ପସନ୍ଦ କରିଛନ୍ତି। ତେବେ ଆଉ କେତେଜଣ ଫ୍ୟାନ ଏହି ଫଟୋକୁ ନେଇ ନାନା ପ୍ରକାର କମେଣ୍ଟସ ସହ ଏହାକୁ ନେଇ ଗସିପିଂ ମଧ୍ୟ ଆରମ୍ଭ କରିଦେଇଛନ୍ତି। ଡବୁ ଏହି ଫଟୋ ଶେୟାର କରି ଉଲ୍ଲେଖ କରିଛନ୍ତି ଯେ, ତାଙ୍କୁ ମଧ୍ୟ ଫ୍ୟାନମାନେ ବେଶ୍ ପସନ୍ଦ କରୁଛନ୍ତି। ତାଙ୍କ ଦୁହିଁଙ୍କର ଏହି ଫଟୋକୁ ଡବୁଙ୍କ ସ୍ତ୍ରୀ ମନୀଷା ରତ୍ନାନି ଉଠାଇଛନ୍ତି। କେହି କେହି ଫ୍ୟାନ କମେଣ୍ଟସ୍‌ରେ ଲେଖିଛନ୍ତି ଯେ, ପଛରେ କବୀର ଭାଇ ଆସୁଛନ୍ତି। ତେବେ ସୂଚନା ଥାଉ କି, ଫିଲ୍ମ 'କବିର ସିଂ'ରେ କିଆରା ଶାହିଦ କପୁରଙ୍କ ଅପୋଜିଟ୍‌ରେ ନଜର୍ ଆସିଥିଲେ। ଏହି ଫିଲ୍ମକୁ ଦର୍ଶକ ବହୁତ ପସନ୍ଦ କରିଥିଲେ। ଫିଲ୍ମଟି ବକ୍ସଅଫିସରେ ହିଟ୍ ମଧ୍ୟ ହୋଇଥିଲା। ଡବୁଙ୍କ ୨୫ତମ କ୍ୟାଲେଣ୍ଡର ସଂସ୍କରଣରେ ସାମିଲ ଅନ୍ୟ ଅଭିନେତା ଅଭିନେତ୍ରୀମାନେ ହେଲେ ହ୍ରିତିକ ରୋଶନ, ଭୂମି ପେଡ୍‌ନେକର, କୃତି ସାନନ୍, ବିଦ୍ୟା ବାଲନ୍, ଭିକି କୌଶଲ ଏବଂ ଅନନ୍ୟା ପାଣ୍ଡେ।



**ମୁମ୍ବାଇ:** ବଲିଉଡ୍‌ର ଖ୍ୟାତି ସମ୍ପନ୍ନ ଅଭିନେତ୍ରୀ ମୀନାକୁମାରୀ ଝିଅ ହୋଇଥିବାରୁ ତାଙ୍କ ବାପା ତାଙ୍କୁ ନେଇ ଅନାଥାଶ୍ରମରେ ଛାଡିଆସିଥିଲେ। ସେ ୧୯୩୩ ଅଗଷ୍ଟ ୧ରେ ମୁମ୍ବାଇର ଦାଦରଠାରେ ଜନ୍ମଗ୍ରହଣ କରିଥିଲେ। ତେବେ ମା'ଙ୍କର କାନ୍ଦ ଦେଖି ଶେଷରେ ମୀନାକୁମାରୀଙ୍କୁ ବାପା ଘରକୁ ଫେରାଇ ଆଣିଥିଲେ। ତାଙ୍କ ନାମ ମାହଜେବୀ ରଖାଯାଇଥିଲା। ପରେ ମୀନା କୁମାରୀ ବଲିଉଡ୍‌ରେ ଟ୍ରାଜେଡି କୁଇନ୍ ଭାବେ ଖ୍ୟାତିହାସଲ କରିଥିଲେ। ୧୯୩୯ରେ ସେ ମାତ୍ର ୬ ବର୍ଷ ବୟସରେ ବିଜୟ ଭଟ୍ଟଙ୍କ ଫିଲ୍ମ ଲେଦରଫେସ୍‌ରେ ଅଭିନୟ କରିଥିଲେ। ୧୯୫୨ରେ ତାଙ୍କର ଫିଲ୍ମ ବିଜୁ ବାବରା ୧୦୦ ସପ୍ତାହ ପର୍ଯ୍ୟନ୍ତ ହଲ୍‌ରେ ପ୍ରଦର୍ଶିତ ହୋଇଥିଲା। ତାଙ୍କ ଜୀବନ ମଧ୍ୟ ଫିଲ୍ମ ଭଳି ବେଶ୍ ଦୁଃଖଭରା ଥିଲା। ସେ ତିନି ତଲାକ୍‌ର ଶିକାର ହୋଇଥିଲେ।

ପରେ ହଲାଲା। ପରମ୍ପରା। ମାଧ୍ୟମରେ ସେ ପ୍ରଥମ ସ୍ୱାମୀଙ୍କ ପାଖକୁ ଫେରିଥିଲେ ମଧ୍ୟ ଏହା ତାଙ୍କୁ ମାନସିକ ଆଘାତ ଦେଇଥିଲା। ୧୯୫୧ରେ ତମାସା ଶୁଟିଂ ସେଟ୍‌ରେ କମଲ ଆମରୋହିଙ୍କ ସହିତ ତାଙ୍କର ସାକ୍ଷାତ୍ ହୋଇଥିଲା। ଏହାପରେ ବିବାହ ମଧ୍ୟ ହେଲା। ତେବେ ବୈବାହିକ ଜୀବନ ୧୨ ମାସ ବି ତିଷ୍ଠି ପାରି ନ ଥିଲା। ଦୁହିଁଙ୍କ ମଧ୍ୟରେ ତଲାକ୍ ହୋଇଥିଲା। ପରେ କମଲ ନିଜର ଭୁଲ୍ ବୁଝିପାରିଥିଲେ। ସେ ମୀନାକୁମାରୀଙ୍କୁ ପୁଣିଥରେ ବିବାହ କରିବାକୁ ଚାହିଁଥିଲେ। ତେବେ ମୁସଲମାନ୍ ଧାର୍ମିକ ପରମ୍ପରା ହଲାଲା ଅନୁସାରେ ଅନ୍ୟ ଜଣଙ୍କୁ ମୀନାକୁମାରୀ ବିବାହ କରିବା ପରେ ହିଁ ସେ ପୁଣି କମଲଙ୍କୁ ବିବାହ କରିପାରିବେ ବୋଲି ଧର୍ମଗୁରୁ କହିଥିଲେ। ଏହାପରେ ମୀନାକୁମାରୀଙ୍କ ବିବାହ ଜିନତ୍ ଅମନ୍‌ଙ୍କ ବାପା ଉମାନଉଲ୍ଲା ଖାଁଙ୍କ ସହିତ କମଲ କରାଇଥିଲେ। ଏକମାସ ପରେ ପୁଣି ମୀନାକୁମାରୀ କମଲଙ୍କୁ ବିବାହ କରିଥିଲେ। ମନର ମଣିଷ ପାଖକୁ ଫେରିବା ଲାଗି ତାଙ୍କ ବାଟରେ ବାଧା ଦେଇଥିବା ଧାର୍ମିକ ପରମ୍ପରା ଯୋଗୁ ମୀନାକୁମାରୀଙ୍କ ହୃଦୟ ଦୁଃଖରେ ଭାଙ୍ଗି ପଡ଼ିଥିଲା। ମୀନା କୁମାରୀ ଦୁଃଖ ଭୁଲାଇବା ପାଇଁ ମଦ୍ୟପାନ କରୁଥିଲେ। ଶେଷରେ ୧୯୭୨ ମାର୍ଚ୍ଚ ୩୧ରେ ମୁମ୍ବାଇରେ ସେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ।



# ମୀନାକୁମାରୀଙ୍କ ଜୀବନ ଥିଲା ଫିଲ୍ମ ଭଳି ଦୁଃଖଭରା



# ବଲିଉଡ୍‌ରେ ଡେବ୍ୟୁ କରିବେ ଶାହିର

**ମୁମ୍ବାଇ:** ଟେଲିଭିଜନ ଷ୍ଟାର୍ ଶାହିର ଶେଖ୍ ନିଜ ଅଭିନୟ ବଳରେ ଦର୍ଶକଙ୍କ ମନ ଜିତି ପାରିଛନ୍ତି। ନିଆରା ଅଭିନୟ ଓ କୁଲ୍ ଅନ୍ଦାଜ୍ ଯୋଗୁ ଖୁବ୍ କମ୍ ଦିନରେ ସେ ଟେଲି ଇଣ୍ଡଷ୍ଟ୍ରିର ଲୋକପ୍ରିୟ ଅଭିନେତାଙ୍କ ମଧ୍ୟରେ ନିଜ ନାଁ ସାମିଲ କରିପାରିଛନ୍ତି। ଆଉ ଏବେ ସେ ଛୋଟ ପରଦାରୁ ବଡ଼ ପରଦାରେ ଏଣ୍ଟ୍ରି କରିବାକୁ ଯାଉଛନ୍ତି। ସୂଚନା ଅନୁଯାୟୀ, ସେ ୟଶ୍‌ରାଜ ଫିଲ୍ମସ୍ ଜରିଆରେ ବଲିଉଡ୍‌ରେ ଡେବ୍ୟୁ କରିବେ। ଶାହିରଙ୍କ ଫ୍ୟାନମାନେ ଇନ୍‌ଷ୍ଟାଗ୍ରାମ୍‌ରେ ଏକ ଫଟୋ ଶେୟାର କରିଛନ୍ତି, ଯେଉଁଥିରେ ସେ ୟଶରାଜ ଫିଲ୍ମସ୍‌ର କାଷ୍ଟିଂ ନିର୍ଦ୍ଦେଶକ ଶାନୁ ଶର୍ମାଙ୍କ ସହ ଅଛନ୍ତି। ଏହି ଫଟୋରୁ ଅନୁମାନ କରାଯାଉଛି ଯେ, ସେ ବଲିଉଡ୍‌ରେ ଡେବ୍ୟୁ କରିବାକୁ ଯାଉଛନ୍ତି। ଶାହିର ୨୦୧୧ରେ ଆସିଥିବା ସିରିଏଲ 'ନବ୍ୟା'ରେ ପ୍ରଥମଥର ପାଇଁ ଲିଡ୍ ରୋଲ୍ ପ୍ଲେ କରିଥିଲେ। ଏଥିରେ ତାଙ୍କ ଅଭିନୟ ଯୁବପିଢ଼ିଙ୍କୁ ବେଶ୍ ଆକର୍ଷିତ କରିଥିଲା। ଏହାପରେ ସେ ସିରିଏଲ 'କୁଛ ରଙ୍ଗ ପ୍ୟାର କେ ଐସେଭି'ରେ ଦେବ୍ ଭୂମିକାରେ ଦମ୍‌ଦାର ଅଭିନୟ କରି ବେଶ୍ ଲୋକପ୍ରିୟ ହୋଇଥିଲେ। ଏହାପରେ ହିଟ୍ ସିରିଏଲ 'ମହାଭାରତ'ରେ ଅର୍ଜ୍ଜୁନଙ୍କ ଚରିତ୍ରରେ ମଧ୍ୟ ତାଙ୍କୁ ଢେର୍ ପ୍ରଶଂସା ମିଳିଥିଲା। ଏବେ ସେ 'ୟେ ରିସ୍ତେ ହୈ ପ୍ୟାର କେ'ରେ ଅଛନ୍ତି। ଏହି ସିରିଏଲରେ ତାଙ୍କ ଚରିତ୍ରକୁ ଲୋକମାନେ ବେଶ୍ ପସନ୍ଦ କରୁଛନ୍ତି।

**ମୁମ୍ବାଇ:** କରୋନା ସଂକ୍ରମଣ ପାଇଁ ସାରା ଦେଶରେ ୨୧ ଦିନ ଲାଗି ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଏଥିରେ ସାଧାରଣ ଜନତାଙ୍କ ସହ ସମଗ୍ର ବଲିଉଡ୍ କଳାକାର ଘରେ ରହୁଥିବା ଦେଖିବାକୁ ମିଳୁଛି। ବଲିଉଡ୍‌ରେ ଏହି ଲକ୍‌ଡାଉନ୍ ବେଶ୍ ପ୍ରଭାବ ପକାଇଛି। ଅଭିନେତା ଅଭିନେତ୍ରୀମାନେ ସାମାଜିକ ଦୂରତା ପାଳନ କରିବା ସହ ଘରେ ରହି ନିଜକାମ ନିଜେ କରୁଥିବାର ବିଭିନ୍ନ ଭିଡିଓ ସୋସିଆଲ ସାଇଟ୍‌ରେ ଶେୟାର କରୁଛନ୍ତି। ବଲିଉଡ୍ ହିଟ୍ ଅଭିନେତ୍ରୀ ଜାହ୍ନବୀ କପୁର ସୋମବାର ତାଙ୍କ ଇନ୍‌ଷ୍ଟାଗ୍ରାମ୍‌ରେ ଶେୟାର କରିଛନ୍ତି ଯେ, ଲକ୍‌ଡାଉନ୍‌ରେ ସେ ସେଲ୍ଫ ଆଇସୋଲେଶନରେ ଥିବାବେଳେ ବହୁତ କିଛି ଭାବିଛନ୍ତି। ଲକ୍‌ଡାଉନ୍‌କୁ ସେ ବହୁତ ଉପଭୋଗ କରୁଛନ୍ତି। ଏକ ମୁକ୍ତ ଆକାଶର ବିହଙ୍ଗ ପରି ମନେକରୁଛନ୍ତି। କାରଣ ସବୁ ପ୍ଲାନ୍ ଏବଂ ସବୁ ଚିନ୍ତାରୁ ଯେମିତି ସେ ମୁକ୍ତ ହୋଇଯାଇଛନ୍ତି। ସୁଟିଂର ଚିନ୍ତା ନାହିଁ। ଡ୍ରେସିଙ୍ଗ ରୁମ୍‌ରେ ମା' ଶ୍ରୀଦେବୀଙ୍କ ବାସ୍ନା ଏବେ ବି ସେ ଅନୁଭବ କରିପାରୁଛନ୍ତି। ସେ ଏଥିରେ ତାଙ୍କ ସାନ ଭଉଣୀ ଖୁସିଙ୍କ ମଧ୍ୟ ପ୍ରଶଂସା କରିଛନ୍ତି। ତାଙ୍କ ସାନଭଉଣୀ ମାଧ୍ୟମରେ ସେ ଜଣେ ଭଲ ବାନ୍ଧବୀ ପାଇଛନ୍ତି। ଖୁସି ଦୁନିଆର ସବୁଠୁ ବେଷ୍ଟ ଭଉଣୀ ବୋଲି ଜାହ୍ନବୀ ଲେଖିଛନ୍ତି। ମା' ଶ୍ରୀଦେବୀଙ୍କ ମୃତ୍ୟୁ ପରେ ଖୁସି ତାଙ୍କ ପାଇଁ ସବୁକିଛି। ସେ ତାଙ୍କ ସହିତ ସବୁ କଥା ଶେୟାର କରନ୍ତି। କିନ୍ତୁ ମା'ଙ୍କୁ କେବେ ଭୁଲିପାରିବେ ନାହିଁ। ଶ୍ରୀଦେବୀ ସବୁବେଳେ ତାଙ୍କ ସାଥୀରେ ଅଛନ୍ତି ଏବଂ ରହିବେ ବୋଲି ସେ ଏହି ନୋଟ୍‌ରେ ଲେଖିଛନ୍ତି।

# ଲକ୍‌ଡାଉନ୍‌ରେ ମା'ଙ୍କୁ ମନେପକାଇଲେ ଜାହ୍ନବୀ





“ ଲକ୍‌ଡାଉନ ପାଇଁ ଔଷଧ ସାମଗ୍ରୀ ଯୋଗାଣ ଯେଭଳି ବାଧାପ୍ରାପ୍ତ ନ ହୁଏ ତାକୁ ଧ୍ୟାନରେ ରଖାଯାଇଛି। ଗତ ୪ ଦିନରେ ଘରୋଇ ବିମାନ ଏବଂ କାର୍ଗୋ ଅପରେଟରଙ୍କ ଦ୍ୱାରା ୧୫.୪ ଟନ୍ ଔଷଧ ସାମଗ୍ରୀ ପରିବହନ ହୋଇଛି ।

– ହରଦୀପ ସିଂ ପୁରୀ, କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ



“ କରୋନା ପ୍ରଭାବ ଯୋଗୁ ଦେଶର ରିଟେଲ ବ୍ୟବସାୟ କ୍ଷେତ୍ର ଗଭୀର ପ୍ରଭାବିତ ହୋଇଛି । ଗତ ୧୫ ଦିନ ମଧ୍ୟରେ ଖୁଚୁରା ବ୍ୟବସାୟୀମାନେ ପ୍ରାୟ ୨.୫ ଲକ୍ଷ କୋଟିର କ୍ଷତି ସହିଛନ୍ତି ।

– ପ୍ରବୀଣ ଖଣ୍ଡେଲୱାଲ, ସାଧାରଣ ସମ୍ପାଦକ, ସିଏଆଇଟି

# ଶିଳ୍ପଜଗତ ଲାଗି ପ୍ୟାକେଜ ଶୀଘ୍ର

- ମିଳିପାରେ ଟିକସ ରିହାତି
- ବିଚାର କରୁଛି ପିଏମ୍‌ଓ, ଅର୍ଥ ମନ୍ତ୍ରଣାଳୟ
- ଅଧିକ ପ୍ରଭାବିତ କ୍ଷେତ୍ରକୁ ସାମିଲ କରାଯିବ

**ନୂଆଦିଲ୍ଲୀ,୩୧।୩**

କରୋନା ପ୍ରଭାବକୁ କମ୍ କରିବା ଲାଗି ସରକାର ନିକଟରେ ୧.୭ ଲକ୍ଷ କୋଟିର ଏକ ପ୍ୟାକେଜ ଘୋଷଣା କରିଛନ୍ତି। ଏହି ପ୍ୟାକେଜ ବିଶେଷକରି ଲୋକମାନଙ୍କ ପାଇଁ ଆସିଛି। ଶିଳ୍ପ ଜଗତ ଉପରେ ଏବେ କରୋନା ଭୂତାଣୁର ପ୍ରଭାବ ରହିଥିବା ବେଳେ ଲକ୍‌ଡାଉନ ଯୋଗୁ ଦେଶ ମଧ୍ୟରେ ଆର୍ଥିକ କାର୍ଯ୍ୟକଳାପ ଠପ୍ ହୋଇ ଯାଇଛି। ୨୧ ଦିନର ଲକ୍‌ଡାଉନ ସମୟରେ ଘରୋଇ ବଜାରକୁ ପ୍ରାୟ ୯ ଲକ୍ଷ କୋଟି ଟଙ୍କାର କ୍ଷତି ସହିବାକୁ ପଡିବ ବୋଲି ଏକ ପ୍ରାରମ୍ଭିକ ଆକଳନରେ କୁହାଯାଇଛି। ଏପଟେ ଶିଳ୍ପ ଜଗତ ଲାଗି କୌଣସି ପ୍ୟାକେଜ ଘୋଷଣା ହୋଇନାହିଁ। କୋଭିଡ-୧୯ ଦ୍ୱାରା ପ୍ରଭାବିତ ଶିଳ୍ପ କ୍ଷେତ୍ରକୁ ସହାୟତା କରିବା ଲାଗି ସରକାର ଶୀଘ୍ର ପ୍ୟାକେଜ ଘୋଷଣା କରିପାରନ୍ତି ବୋଲି ଶୁଣାଯାଉଛି। ଏହି ସମୟରେ ଶିଳ୍ପ ଜଗତକୁ ଟିକସ ରିହାତି ପ୍ରଦାନ କରାଯାଇପାରେ ବୋଲି ଆଶା କରାଯାଉଛି।

କୋଭିଡ୍-୧୯ ଲାଗି ଅଣୁ,କ୍ଷୁଦ୍ର ମଧ୍ୟମ ଉଦ୍ୟୋଗ(ଏମ୍ଏସ୍ଏମ୍ଇ), ସର୍ଭିସ ଏବଂ ରପ୍ତାନି କ୍ଷେତ୍ର ବେଶି କ୍ଷତିଗ୍ରସ୍ତ ହୋଇଛି। ବିଭିନ୍ନ ଋଣ ପ୍ରଦାନକାରୀ ସଂସ୍ଥା ସହାୟତା ଲାଭ କରିବା ଲାଗି ଭାରତ ସରକାର ଜାତିସଂଘ ସହ ଆଲୋଚନା ଆରମ୍ଭ କରିଛନ୍ତି। ଏହା ଦ୍ୱାରା ଆବଶ୍ୟକ ସ୍ୱାସ୍ଥ୍ୟ ଭିତ୍ତିଭୂମି ସ୍ଥାପନ ବାଦ ଅନ୍ୟ କିଛି କ୍ଷେତ୍ରକୁ ସହାୟତା ଯୋଗାଇ ଦେବା ନେଇ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଏହି ଦିଗରେ ସରକାର କାର୍ଯ୍ୟକ୍ରମ ଜାରି ରଖିଛନ୍ତି। ଏହି ଯୋଜନା ଉପରେ ବିସ୍ତୃତ ଘୋଷଣା ଶୀଘ୍ର ହେବ ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଅନ୍ୟ ଜଣେ ସରକାରୀ ଅଧିକାରୀ କହିଛନ୍ତି ଯେ, ରପ୍ତାନି କ୍ଷେତ୍ରରେ ପରଫରମାନ୍ସ ଭିତ୍ତିକ ପ୍ରୋତ୍ସାହନ ପ୍ୟାକେଜ ଆସିପାରେ। ସୂଚନାଯୋଗ୍ୟ ମାର୍ଚ୍ଚ ୨୫ରେ ଘୋଷଣା ହୋଇଥିବା ଲକ୍‌ଡାଉନ ପାଇଁ ରପ୍ତାନି, ରିଟେଲ, କଞ୍ଜ୍ୟୁମର ଡ୍ୟୁରେବଲ ସମେତ ବିମାନ, ହସ୍ପିଟାଲିଟି, ଫୁଡ, ଟ୍ରାଭେଲ ଏବଂ ଟୁରିଜିମ କ୍ଷେତ୍ର କ୍ଷତିଗ୍ରସ୍ତ ହୋଇଛି। ବେଶି କ୍ଷତିଗ୍ରସ୍ତ ହୋଇଥିବା କ୍ଷେତ୍ରଗୁଡିକ ପ୍ୟାକେଜ ମଧ୍ୟରେ ସାମିଲ କରାଯିବ। ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସ୍ୱରୂପ ଏବେ ଅର୍ଥ ମନ୍ତ୍ରଣାଳୟ, ଅଂଶୀଦାର ମନ୍ତ୍ରଣାଳୟ ଏବଂ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍ଓ) ଆଲୋଚନା କରୁଥିବା ଅଧିକାରୀ କହିଛନ୍ତି। ନିକଟରେ ସୀତାରାମନ ଘୋଷଣା କରିଥିବା ପ୍ୟାକେଜରେ ଖାଦ୍ୟଶସ୍ୟ ଏବଂ ଜରୁରୀ ଭିତ୍ତିରେ ଅର୍ଥରାଶିକୁ ସାମିଲ କରାଯାଇଛି। ରିଜର୍ଭ ବ୍ୟାଙ୍କ ଶୁକ୍ରବାର କିଛି ପଦକ୍ଷେପ ଘୋଷଣା କରିଛି। ଏହା ୭୫ ବେସିସ ପଏଣ୍ଟ ରେପୋ କମାଇବା ସହ କ୍ୟାଶ ରିଜର୍ଭ ରେସିଓରେ ୧୦୦ ବେସିସ ପଏଣ୍ଟ ହ୍ରାସ କରିଛି। ମିଆଦୀ ଋଣ ଉପରେ ୩ ମାସର ଆଶ୍ୱସ୍ତି ପ୍ରଦାନ କରାଯାଇଛି। ପ୍ୟାକେଜ ଆସିଲେ ଏହା ଶିଳ୍ପ ଜଗତକୁ ଟ୍ରାକ୍‌କୁ ଫେରିବାରେ ସହାୟକ ହେବ ବୋଲି ବଜାର ବିଶେଷଜ୍ଞମାନେ ଆଶା ପ୍ରକଟ କରିଛନ୍ତି।



### ୨ ଲକ୍ଷ କୋଟିର ପ୍ୟାକେଜ ନେଇ ଶିଳ୍ପ ଆଶାବାଦୀ

ସରକାରଙ୍କ ଆର୍ଥିକ ପ୍ରୋତ୍ସାହନ ପ୍ୟାକେଜ ଦେଶର ଜିଡିପିର ୧% ବା ୨ ଲକ୍ଷ ହେଉ ବୋଲି ଶିଳ୍ପଜଗତ ଆଶାବାଦୀ ରହିଛି। ଏହାବାଦ ଦୀର୍ଘକାଳୀନ ପୁଞ୍ଜି ପ୍ରାପ୍ତି ଟିକସ ହ୍ରାସ ଏବଂ ରପ୍ତାନି କ୍ଷେତ୍ରକୁ ପ୍ରୋତ୍ସାହନ ପ୍ୟାକେଜ ପ୍ରଦାନ କରାଯିବା ନେଇ ଇଣ୍ଡିଆ ଇଙ୍କ ଆଶା ରଖିଛି। ଏଭଳି ସ୍ଥିତିରେ ଅଧିକାଂଶ ରେଟିଂ ଏଜେନ୍ସି ଭାରତର ବିକାଶ ଅନୁମାନକୁ କମାଇଛନ୍ତି ।

### ଡ୍ରାର ଚେଷ୍ଟରେ ୬୦ ହଜାର କୋଟିର ପାଣ୍ଠି

କୋଭିଡ୍-୧୯ ଲାଗି ସରକାର ପଦକ୍ଷେପ ଜାରି ରଖିଛନ୍ତି। ଏବେ ଜରୁରୀକାଳୀନ ପାଣ୍ଠି ବା ଡ୍ରାର ଚେଷ୍ଟରେ ପ୍ରାୟ ୬୦ ହଜାର କୋଟି ଟଙ୍କାର ପାଣ୍ଠି ରହିଛି। ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠି (ଏସ୍‌ଡିଆର୍‌ଏଫ୍)ରେ ୩୦ ହଜାର କୋଟି ଟଙ୍କା ରହିଛି। ଏହାବାଦ ସମାନ ପରିମାଣର ଅର୍ଥ ୨୦୨୦-୨୧ ଆର୍ଥିକ ବର୍ଷରେ ବିପର୍ଯ୍ୟୟ ମୁକାବିଲା ଲାଗି ସରକାର ପ୍ରଦାନ କରିଥିବା ଜଣାପଡିଛି। ଏହାବାଦ ପ୍ରଧାନମନ୍ତ୍ରୀ ରିଲିଫ ପାଣ୍ଠିକୁ ଆସୁଥିବା ଦାନ ଅର୍ଥ ଏଥିରେ ଖର୍ଚ୍ଚ କରିବାକୁ ଯୋଜନା ରଖାଯାଇଛି। ସୂଚନା ମୁତାବକ ମାର୍ଚ୍ଚ ୩୦ ସୁଦ୍ଧା ଏସ୍‌ଡିଆର୍‌ଏଫ୍‌ରେ ରାଜ୍ୟଗୁଡିକ ନିକଟରେ ୩୦ ହଜାର କୋଟି ଟଙ୍କା ରହିଛି। ଜାତୀୟ ବିପର୍ଯ୍ୟୟ ଏବଂ ରାଜ୍ୟ ବିପର୍ଯ୍ୟୟ ପାଣ୍ଠି ଅର୍ଥ ଖର୍ଚ୍ଚ ନ ହୋଇ ପାରିଲେ ଏହା ସେହିଭଳି ରହିଥାଏ ଯାହା ପୁଣି ଥରେ ପ୍ରଦାନ କରାଯାଇଥିବା ପାଣ୍ଠି ସହ ମିଶିଥାଏ। ୨୦୧୭-୧୮ ପରଠାରୁ ସରକାର ବିପର୍ଯ୍ୟୟ ପରିଚାଳନା ଏବଂ ପୁନର୍ବାସ ଲାଗି ୮୦ ହଜାର କୋଟି ଟଙ୍କା ପ୍ରଦାନ କରିଛନ୍ତି। ଏହା ମଧ୍ୟରେ ଏସ୍‌ଡିଆର୍‌ଏଫ୍ ପାଇଁ ୫୦ ହଜାର କୋଟି ଟଙ୍କା ଏବଂ ଏନ୍‌ଡିଆର୍‌ଏଫ୍ ପାଇଁ ୩୦,୨୮୫ କୋଟି ଟଙ୍କା ରହିଛି। କରୋନା ଲାଗି ମଧ୍ୟ ଏସ୍‌ଡିଆର୍‌ଏଫ୍ ପାଣ୍ଠି ଖର୍ଚ୍ଚ କରାଯିବ ବୋଲି ସରକାର କହିଛନ୍ତି। ଗତବର୍ଷ ଏସ୍‌ଡିଆର୍‌ଏଫ୍‌କୁ ସରକାର ୧୩,୪୬୫ କୋଟି ଟଙ୍କା ପ୍ରଦାନ କରିଥିଲେ। ଏହାବାଦ ଓଡିଶା ସମେତ ୮ ରାଜ୍ୟକୁ ଏନ୍‌ଡିଆର୍‌ଏଫ୍‌ରୁ ୧୪ ହଜାର କୋଟି ଟଙ୍କାରୁ ଊର୍ଦ୍ଧ୍ୱ ଅର୍ଥ ପ୍ରଦାନ କରାଯାଇଥିଲା। ଅନ୍ୟ ରାଜ୍ୟଗୁଡିକ ମଧ୍ୟରେ ମହାରାଷ୍ଟ୍ର, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ରାଜସ୍ଥାନ, ହିମାଚଳ ପ୍ରଦେଶ, ବିହାର, ଆନ୍ଧ୍ର ପ୍ରଦେଶ ରହିଛନ୍ତି। ବନ୍ୟା ସ୍ଥିତି ମୁକାବିଲା ଲାଗି ଏହି ଅର୍ଥ ପ୍ରଦାନ କରାଯାଇଥିଲା।

**କୋଭିଡ ମୁକାବିଲା**



## ସବୁ ଟଙ୍କା ଫେରାଇବାକୁ ପ୍ରସ୍ତୁତ: ମାଲ୍ୟା

**ନୂଆଦିଲ୍ଲୀ, ୩୧।୩:** ସବୁ ଟଙ୍କା ଫେରାଇବାକୁ ପ୍ରସ୍ତୁତ ବୋଲି ପଳାତକ ଘୋଷିତ ବିଜୟ ମାଲ୍ୟା ଟୁଇଟ ଯୋଗେ କହିଛନ୍ତି। ସେ କହିଛନ୍ତି, କିଙ୍ଗଫିସର ଏୟାର ଲାଇନ ଲାଗି ନେଇଥିବା ସବୁ ଋଣ ଫେରାଇ ଦେବାକୁ ପ୍ରସ୍ତୁତ, କିନ୍ତୁ ବ୍ୟାଙ୍କଗୁଡିକ ଏହା ନେବା ପାଇଁ ଆସୁନାହାନ୍ତି। ଇଡି ଜବତ କରିଥିବା କମ୍ପାନୀର ସମ୍ପତ୍ତିକୁ ମଧ୍ୟ ଛାଡୁ ନାହିଁ। ଏହି ପ୍ରସଙ୍ଗ ଉପରେ ଅର୍ଥମନ୍ତ୍ରୀ ବିଚାର କରିବାର ଆବଶ୍ୟକତା ରହିଛି ବୋଲି ମାଲ୍ୟା ଟୁଇଟରେ କହିଛନ୍ତି। ସୂଚନା ଯୋଗ୍ୟ ମାଲ୍ୟାଙ୍କ ବିରୋଧରେ ୯୦୦୦ କୋଟି ଟଙ୍କାର ଋଣ ଠକେଇ ଅଭିଯୋଗ ରହିଛି। ତାଙ୍କ ବିରୋଧରେ ପ୍ରତ୍ୟର୍ପଣ ମାମଲା ଚାଲିଥିବା ବେଳେ ସେ ପଳାତକ ଘୋଷିତ ହୋଇ ଲଣ୍ଡନରେ ରହୁଛନ୍ତି। ସେ ପୁଣି କହିଛନ୍ତି,ଭାରତ ସରକାର ଘୋଷଣା କରିଥିବା ଲକ୍‌ଡାଉନ ଯୋଗୁ ଏବେ ତାଙ୍କର ସବୁ କମ୍ପାନୀର କାମ ବନ୍ଦ ରହିଛି। କର୍ମଚାରୀଙ୍କ ଛଟେଇ କରାଯାଇ ନ ଥିଲେ ମଧ୍ୟ ସମସ୍ତ ପ୍ରାପ୍ୟ ପ୍ରଦାନ କରାଯିବ। ଏ ଦିଗରେ ସରକାର ସହାୟତା କରିବା ଆବଶ୍ୟକ। ଲୋକମାନେ କରୋନା ପାଇଁ ସାମାଜିକ ଦୂରତ୍ୱ ରକ୍ଷା ଏବଂ ସୁରକ୍ଷିତ ରହିବା ଲାଗି ସେ ନିବେଦନ କରିଛନ୍ତି।



**ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର**
Email ID: sambalpurm.hud@nic.in, Phone No.: 0663-2411012
ସଂଖ୍ୟା: ୨୨୩୫ ତାରିଖ: ୩୦।୦୩।୨୦୨୦

**କାର୍ଯ୍ୟାଳୟ ଆଦେଶ**

ବିଗତ ବର୍ଷମାନଙ୍କ ପରି ଆଗାମୀ ଆର୍ଥିକବର୍ଷ ୨୦୨୦-୨୧ ନିମନ୍ତେ ତା୦୩।୦୪।୨୦୨୦ରିଖଠାରୁ ତା୩୦।୦୪।୨୦୨୦ରିଖ ମଧ୍ୟରେ (ସରକାରୀ ଛୁଟି ଦିବସ ବ୍ୟତୀତ) ବାର୍ଷିକ ଗୃହ ଟିକସ ଅଗ୍ରୀମ ପଇଠ କଲେ ସରକାରୀ ଓ ବେସରକାରୀ ଗୃହ ମାଲିକମାନଙ୍କୁ ଶତକଡ଼ା ୫% ରିହାତି ଦେବାର ବ୍ୟବସ୍ଥା କରାଯାଇଅଛି। ଟିକସଦାତାମାନଙ୍କର ସୁବିଧାକୁ ଦୃଷ୍ଟିରେ ରଖି ମହାନଗର ନିଗମ ତରଫରୁ ମହାନଗର ନିଗମ କାର୍ଯ୍ୟାଳୟରେ ଗୃହ ଟିକସ ଆଦାୟ କରାଯିବାର ବନ୍ଦୋବସ୍ତ କରାଯାଇଅଛି।

ଉକ୍ତ କାର୍ଯ୍ୟାଳୟରେ ଅଗ୍ରୀମ ଟିକସ ଆଦାୟ ସଙ୍ଗେ ସଙ୍ଗେ ପୂର୍ବ ବର୍ଷର ବକେୟା ଟିକସ ମଧ୍ୟ ଆଦାୟ କରାଯିବ। ଅଗ୍ରୀମ ଟିକସ ପଇଠ ସମୟରେ ଗତ ବର୍ଷର ଟିକସ ଦାଖଲ ରସିଦ ସାଙ୍ଗରେ ନେଇ ଆସନ୍ତୁ, ଯାହାକି ବକେୟା ଅର୍ଥ ପଇଠ ପ୍ରମାଣ ହିସାବରେ ସହାୟକ ହେବ। ଯେଉଁ ଗୃହ ମାଲିକମାନଙ୍କର ନିଜସ୍ୱ ଗୃହ ଉପରେ ଗୃହ ଟିକସ ଧାର୍ଯ୍ୟ କରାଯାଇନାହିଁ (ନୂତନ ଭାବେ ହେଉ କିମ୍ବା ବର୍ଦ୍ଧିତ ଗୃହ) ସେମାନଙ୍କୁ ଅନୁରୋଧ, ସେମାନେ ଗୃହ ଟିକସ ପଇଠ ସମୟରେ କାଉଣ୍ଟରମାନଙ୍କୁ ଆବେଦନ ଫର୍ମ ସଂଗ୍ରହ ପୂର୍ବକ ଯଥାଶୀଘ୍ର ଆବଶ୍ୟକୀୟ କାଗଜପତ୍ର ସମ୍ପୃକ୍ତ ଟିକସ ଅସୁଲକାରୀଙ୍କ ନିକଟରେ ଦାଖଲ ଦେଇ ଟିକସ ନିର୍ଦ୍ଧାରଣ କରାଇ ନିଅନ୍ତୁ।

ବି.ଦ୍ର.: ଟିକସ ପୈଠ ସମୟରେ କରୋନା (COVID-19) ସଂକ୍ରମଣ ଯୋଗୁ ଦୂରତା ବଜାୟ ରଖିବାକୁ ଅନୁରୋଧ।

ସ୍ୱା./- ଉପ-ଆୟୁକ୍ତ
ସମ୍ବଲପୁର ମହାନଗର ନିଗମ, ସମ୍ବଲପୁର

## ଇଏମ୍‌ଆଇରେ ମୋରାଟୋରିୟମ ଦେଲେ ବ୍ୟାଙ୍କ

**ମୋରାଟୋରିୟମ ଦେଉଥିବା ବ୍ୟାଙ୍କ**
- ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ
- ବ୍ୟାଙ୍କ ଅଫ୍ ବରୋଦା
- ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ
- ଆଇଡିବିଆଇ ବ୍ୟାଙ୍କ
- କାନାରା ବ୍ୟାଙ୍କ
- ସିଣ୍ଡିକେଟ ବ୍ୟାଙ୍କ
- ଇଣ୍ଡିଆନ ଓଭରସିଜ ବ୍ୟାଙ୍କ
- ଇଣ୍ଡିଆନ ବ୍ୟାଙ୍କ
- ୟୁକୋ ବ୍ୟାଙ୍କ
- ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ

**ନୂଆଦିଲ୍ଲୀ,୩୧।୩:** ଲକ୍‌ଡାଉନ୍ ପ୍ରଭାବ କମ୍ କରିବା ଲାଗି ରିଜର୍ଭ ବ୍ୟାଙ୍କ ଇକ୍ୱେଟେଡ ମନ୍ଥଲି ଇନଷ୍ଟଲମେଣ୍ଟ (ଇଏମ୍‌ଆଇ) ଆଦାୟ ଉପରେ ୩ ମାସର ଆଶ୍ୱସ୍ତି ପ୍ରଦାନ କରିବା ନେଇ ଘୋଷଣା କରିଥିଲେ। ଆଗାମୀ ୩ ମାସ ଯାଏ ଋଣ କିସ୍ତି ଆଦାୟ ନ କରିବାକୁ ବ୍ୟାଙ୍କଗୁଡିକ ମଙ୍ଗଳବାର ସମ୍ମତି ଦେଇଥିବା ଜଣାପଡିଛି। କେତେକ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଏହି ସୁବିଧା ଆରମ୍ଭ କରିଥିବାରୁ ଲୋକଙ୍କୁ ଆଶ୍ୱସ୍ତି ମିଳିଛି। ଗତ ଶୁକ୍ରବାର କେନ୍ଦ୍ରୀୟ ବ୍ୟାଙ୍କ ପକ୍ଷରୁ ସମସ୍ତ ମିଆଦି ଋଣ କିସ୍ତି ଉପରେ ଏଭଳି ସୁବିଧା ଯୋଗାଣ ନେଇ ଘୋଷଣା କରିଥିଲେ। ରିଟେଲ, କୃଷି ଋଣ, ୱାର୍କିଂ କ୍ୟାପିଟାଲ ପେମେଣ୍ଟ ଏହି ୩ ମାସର ମୋରାଟୋରିୟମ ମଧ୍ୟରେ ସାମିଲ ରହିଛି। ଏହି ସମୟରେ ଲୋକମାନେ ପେମେଣ୍ଟ ଦେବାକୁ ସକ୍ଷମ ହେଉନାହାନ୍ତି ତେବେ ତାକୁ ଖିଲାପ ଘୋଷଣା ନ କରିବାକୁ ଆର୍‌ବିଆଇ କହିଛି। ଅର୍ଥାତ୍ ଲୋକମାନଙ୍କ କ୍ରେଡିଟ ହିଷ୍ଟ୍ରି ଉପରେ ଏହା ଯେଭଳି କୌଣସି ପ୍ରଭାବ ନ ପକାଏ ତାକୁ ଧ୍ୟାନରେ ରଖିବାକୁ କେନ୍ଦ୍ରୀୟ ବ୍ୟାଙ୍କ ପରାମର୍ଶ ଦେଇଛି।





## ୨୦୧୯-୨୦ରେ ନିବେଶକଙ୍କ କ୍ଷତି ୩୭.୫୯ ଲକ୍ଷ କୋଟି

**ନୂଆଦିଲ୍ଲୀ,୩୧।୩:** ୨୦୧୯-୨୦ ଆର୍ଥିକ ବର୍ଷର ଶେଷ ଦିନ କାରବାରରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ୧୦୨୮ ପଏଣ୍ଟ ବଢିଛି। ୨୦୧୯-୨୦ ଆର୍ଥିକ ବର୍ଷରେ ପୁଞ୍ଜି ବଜାର ୨୩.୦୮% ଖସିଛି। ଫଳରେ ନିବେଶକଙ୍କୁ ୩୭.୫୯ ଲକ୍ଷ କୋଟି ଟଙ୍କା କ୍ଷତି ସହିବାକୁ ପଡିଛି। ମାର୍ଚ୍ଚରେ ବିଶେଷ କରି କରୋନା ପ୍ରଭାବ ଯୋଗୁ ପୁଞ୍ଜିବଜାର ସୂଚକାଙ୍କ ଲଗାତର ଭାବେ ଖସିଛି। ମଙ୍ଗଳବାର ସେନ୍‌ସେକ୍ସ ୧୦୨୮.୧୭ପଏଣ୍ଟ ବା ୩.୬୨% ବଢି ୨୯,୪୬୮.୪୯ ସ୍ତରରେ ବନ୍ଦ ହୋଇଛି। ସେହିଭଳି ନିଫ୍ଟି ୩୧୬.୬୫ ପଏଣ୍ଟ ବଢିବା ଯୋଗୁ ଏହା ୮,୫୯୭.୭୫ ସ୍ତରରେ ବନ୍ଦ ହୋଇଛି। ଆର୍ଥିକ ବର୍ଷ ମଧ୍ୟରେ ସେନ୍‌ସେକ୍ସ ୯,୨୦୪.୪୨ ପଏଣ୍ଟ ବା ୨୩.୮୦% ଖସିଛି। ଏହାବାଦ ନିଫ୍ଟି କାରବାର ଆର୍ଥିକ ବର୍ଷ ମଧ୍ୟରେ ୩,୦୨୬.୧୫ ପଏଣ୍ଟ ବା ୨୬.୦୩% ଖସିଛି।



**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE FINANCE

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
- ବିଜିନେସ୍ ଋଣ
- ସମ୍ପତ୍ତି ଋଣ
- ମାର୍କଶିଟ୍ ଋଣ
- ଆଧାର କାର୍ଡ ଋଣ
- ବ୍ୟକ୍ତିଗତ ଋଣ
- ବିପିଏଲ୍ ଋଣ
ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
08765414481, 09126344980

HINDUSTAN FINANCE LIMITED
(Reg. No. 3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

VINOYANA FINANCE
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍, ପଶୁପାଳନ ଓ ଗ୍ରୁପ୍ ଋଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଏପ୍ରିଲରୁ ନୂଆ ନିୟମ, ନୂଆ ସୁବିଧା

**ନୂଆଦିଲ୍ଲୀ, ୩୧। ୩:** ମାସ ବଦଳିବା ସହ ପହିଲାରୁ କିଛି କିଛି ନୂଆ ନିୟମ ଏବଂ ସୁବିଧା କାର୍ଯ୍ୟକାରୀ ହୋଇଥାଏ। ସେହିଭଳି ଏପ୍ରିଲ ୧ରୁ ନୂଆ ଆର୍ଥିକ ବର୍ଷ ଆରମ୍ଭ ହେଉଛି। ଏମିତି କିଛି ନିୟମ ରହିଛି ଯାହା ପହିଲାରୁ ପରିବର୍ତ୍ତନ ହେବା ସହ ନୂଆ ସୁବିଧା ମଧ୍ୟ ଏହି ଦିନ ଠାରୁ ଆରମ୍ଭ ହେବ।

### ୧୦ ବ୍ୟାଙ୍କ ମିଶ୍ରଣରୁ ୪ ବଡ଼ ବ୍ୟାଙ୍କ

ଏପ୍ରିଲ ପହିଲାରୁ ସାରା ଦେଶରେ ୧୦ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ମିଶ୍ରଣ ଦ୍ୱାରା ୪ ବଡ଼ ବ୍ୟାଙ୍କ କାର୍ଯ୍ୟକାରୀ ହେବ। ଏ ନେଇ ରିଜର୍ଭ ବ୍ୟାଙ୍କ ମଞ୍ଜୁରୀ ଦେଇ ସାରିଛି। ସେହିଭଳି ବ୍ୟାଙ୍କଗୁଡିକର ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି କନ୍‌ଭେନର ମଧ୍ୟ ବଦଳିବେ ବୋଲି ରିଜର୍ଭ ବ୍ୟାଙ୍କ ପ୍ରସ୍ତାବ ଦେଇ ସାରିଛି। ବ୍ୟାଙ୍କ ମିଶ୍ରଣ ପଦକ୍ଷେପ ଅନ୍ତର୍ଗତ ଓରିଏଣ୍ଟାଲ ବ୍ୟାଙ୍କ ଅଫ୍ କମର୍ସ ଏବଂ ୟୁନାଇଟେଡ ବ୍ୟାଙ୍କ ଅଫ୍ ଇଣ୍ଡିଆ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ରେ ମିଶିଯିବ। ସିଣ୍ଡିକେଟ ବ୍ୟାଙ୍କ କାନାରା ବ୍ୟାଙ୍କରେ ମିଶ୍ରଣ ହେଉଥିବା ବେଳେ ଆନ୍ଧ୍ର ଏବଂ କର୍ପୋରେଶନ ବ୍ୟାଙ୍କ ୟୁନିୟନ ବ୍ୟାଙ୍କ ସହ ମିଶିବ। ସେହିଭଳି ଆଲ୍ଲାହାବାଦ ବ୍ୟାଙ୍କ ଇଣ୍ଡିଆନ ବ୍ୟାଙ୍କ ସହ ବିଲୟ ହେବ।



### ବିଏସ୍-୬ ଯାନ ବିକ୍ରି

ସାରା ଦେଶରେ ବିଏସ୍-୬ ମାନକକୁ ଏପ୍ରିଲ ପହିଲାରୁ ଲାଗୁ କରାଯିବାକୁ ନିଷ୍ପତ୍ତି ହୋଇଛି। ଏହି ସମୟରେ କେବଳ ବିଏସ୍-୬ ଯାନ ବିକ୍ରି କରାଯିବ। ଏବେ ଲକ୍‌ଡାଉନ ଥିବାରୁ ବଳକା ଥିବା ବିଏସ୍-୪ ଯାନ ବିକିବା ଲାଗି ୧୦ ଦିନ ସମୟ ଦିଆଯାଇଛି।



### ଔଷଧ ବର୍ଗରେ ମେଡିକାଲ ଡିଭାଇସ

ସବୁ ପ୍ରକାରର ମେଡିକାଲ ଡିଭାଇସ ଡ୍ରଗ୍‌ସ ଶ୍ରେଣୀରେ ଆସିବ। ଡ୍ରଗସ୍ ଆଣ୍ଡ କମୋଡିଟି ଆକ୍ଟ ଧାରା ୩ ମୁତାବକ ଉଭୟ ମାନବ ଏବଂ ପଶୁଙ୍କ କ୍ଷେତ୍ରରେ ବ୍ୟବହାର ହେଉଥିବା ଉପକରଣ ଡ୍ରଗସ୍ ଶ୍ରେଣୀଭୁକ୍ତ ହେବ।



### ପେନ୍‌ସନ ନିୟମରେ ପରିବର୍ତ୍ତନ

ପହିଲାରୁ କର୍ମଚାରୀ ପେନ୍‌ସନ ସ୍କିମ(ଇପିଏସ୍)ରେ ପରିବର୍ତ୍ତନ ହେବ। ଅବସର ନେବାର ୧୫ ବର୍ଷ ପରେ ସମ୍ପୂର୍ଣ୍ଣ ପେନ୍‌ସନ ବ୍ୟବସ୍ଥା କାର୍ଯ୍ୟକାରୀ ହେବ। ୨୦୦୫ ଏପ୍ରିଲ ପୂର୍ବରୁ ଅବସର ନେଇଥିବା ପ୍ରାୟ ୬ ଲୋକ ଲୋକ ଅଧିକ ପେନ୍‌ସନ ପାଇବାକୁ ସକ୍ଷମ ହେବେ।

### ସ୍ୱଚ୍ଛ ଇନ୍ଧନ ଯୋଗାଣ

ଏପ୍ରିଲ ପହିଲାରୁ ସାରା ଦେଶରେ ବିଏସ୍-୬ ପେଟ୍ରୋଲ ଡିଜେଲ ଯୋଗାଣ କରାଯିବ। ଏହା ଦ୍ୱାରା ପେଟ୍ରୋଲ ପରିଚାଳିତ କାରଗୁଡିକରେ ନାଇଟ୍ରୋଜେନ ଅକ୍ସାଇଡ ନିର୍ଗମନ ୨୫% କମିବାକୁ ଥିବା ବେଳେ ଡିଜେଲ କାରରେ ୭୦% କମିଯିବ।



### ଆୟକରର ବିକଳ୍ପ ସିଷ୍ଟମ

ପହିଲାଠାରୁ ଆୟକରର ୨ ସିଷ୍ଟମ ରହିବ। ପୁରୁଣା ସ୍ଲାବ୍ ସହ ବିକଳ୍ପ ସ୍ଲାବ ମଧ୍ୟ ରହିବ। ଲୋକଙ୍କୁ କୌଣସି ଗୋଟିଏ ସିଷ୍ଟକୁ ବାଛିବାକୁ ହେବ। ବିକଳ୍ପ ସିଷ୍ଟମରେ ଲୋକମାନେ ରିହାତି ନେଇପାରିବେ ନାହିଁ।

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

## ସଂକ୍ଷେପରେ

### କୋଭିଡ୍ ଫଣ୍ଡକୁ ବୃତ୍ତି ଟଙ୍କା ଦେଲେ ଛାତ୍ରୀ



ଛତ୍ରପୁର,୩୧।୩(ଡି.ଏନ୍.ଏ.)- କରୋନା ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ଜଣେ ସପ୍ତମ ଶ୍ରେଣୀ ଛାତ୍ରୀ ପୂର୍ବରୁ ପାଇଥିବା ବୃତ୍ତି ଅର୍ଥରୁ ୩ ହଜାର ଟଙ୍କା ଦେଇଛନ୍ତି। ସେହେଲେ ଗଞ୍ଜାମ ଜିଲା ଛତ୍ରପୁର ଅନ୍‌ସ୍ଲୋ ହାଇସ୍କୁଲର ଛାତ୍ରୀ ସ୍ନେହାମୟୀ ପଲାଇ। ସେ ମଙ୍ଗଳବାର ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟିଙ୍କୁ ଭେଟି ୩ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଛତ୍ରପୁର ବ୍ଲକ ଶିକ୍ଷା ଅଧିକାରୀ ଅବିନାଶ ଶତପଥୀ, ସିଆର୍‌ସିସି ଗୀତା ରଥ ଉପସ୍ଥିତ ଥିଲେ।

### କଳିଙ୍ଗାରେ ସୀମା ସିଲ୍

ଜି.ଉଦୟଗିରି,୩୧।୩(ଡି.ଏନ.ଏ.)- ଜି.ଉଦୟଗିରି ପୋଲିସ ଗଞ୍ଜାମ ଓ କନ୍ଧମାଳ ଜିଲା ପ୍ରବେଶ ଦ୍ୱାର ଭାବେ ପରିଚିତ କଳିଙ୍ଗା ଚେକ୍ ଗେଟଠାରେ ଜିଲା ସୀମାକୁ ସିଲ୍ କରିଛି। ରାଜ୍ୟ ଓ ଜିଲା ବାହାରୁ ଆସୁଥିବା ଲୋକଙ୍କୁ ବିନା ଅନୁମତିପତ୍ରରେ ପ୍ରବେଶ କରିବାକୁ ଦିଆଯିବ ନାହିଁ ବୋଲି ଜି.ଉଦୟଗିରି ଏସ୍‌ଡିପିଓ ଜୟକୃଷ୍ଣ ବେହେରା କହିଛନ୍ତି। ପ୍ରତ୍ୟେକ ସୀମାନ୍ତକୁ ସିଲ୍ କରାଯାଇଛି ବୋଲି ସେ କହିଥିଲେ। ସେହିପରି ଜି.ଉଦୟଗିରି ଆଇଆଇସି ଧୀରଜ କୁମାର ଲେଙ୍କା, ଏସ୍‌ଆଇ କୌଶଲ୍ୟା ବେହେରା ଓ ସୁବାସ ପ୍ରଧାନ ବିନା କାରଣରେ ଘରୁ କେହି ନ ବହାରିବାକୁ ସଚେତନ କରିଥିଲେ।

### ବନ୍ଦ ହେଲା ଦଣ୍ଡନାଚ

ଆସିକା,୩୧।୩(ଡି.ଏନ୍.ଏ.): କରୋନା ଭୟାବହତାକୁ ନେଇ ସମସ୍ତ ଯାତ୍ରା, ମହୋତ୍ସବ ନିମନ୍ତେ କଟକଣା ଲାଗିଛି। ତେଣୁ ଆସିକା ଅଞ୍ଚଳର ସମସ୍ତ ଦଣ୍ଡନାଚ ବନ୍ଦ ହୋଇଛି। ମଙ୍ଗଳବାର ଭୋରରୁ ସୁନାମ୍ଭ ସାହି ଦଣ୍ଡକାଳୀ ମନ୍ଦିର ସମ୍ମୁଖରେ ପୋଲିସ ମୁତୟନ କରାଯାଇଥିଲା। ସେହିପରି କାଳଷଣ୍ଡପୁର, ନୂଆଗାଁ, ବାବନପୁର, ହୁମୁକି, ବଡଖୋଲି, ଭେଟନଈ, ମାଗୁରାପଲ୍ଲୀ, କୈବଲ୍ୟପୁର ଓ ସାହାସପୁର ଆଦି ସ୍ଥାନରେ ଥିବା ଦଣ୍ଡନାଚ ପ୍ରଶାସନ ନିର୍ଦ୍ଦେଶ ମୁତାବକ ବନ୍ଦ ହୋଇଛି।

### ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କ ଦିନକର ଦରମା ଦାନ

ପାତ୍ରପୁର,୩୧।୩(ଡି.ଏନ୍.ଏ.): କରୋନା ମୁକାବିଲା ପାଇଁ ପାତ୍ରପୁରସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀମାନେ ଗୋଟିଏ ଦିନର ଦରମା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରିଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧକ୍ଷ ସମ୍ପିତ ବେଗରାଯ୍ ଓ ସମସ୍ତ କର୍ମଚାରୀ ଦିନକର ଦରମା ବାବଦକୁ ୧ ଲକ୍ଷ ଏକ ଟଙ୍କା ଅନ୍‌ଲାଇନରେ ପ୍ରେରଣ କରିଛନ୍ତି।

### ଅସହାୟଙ୍କୁ ଦିଆଗଲା ରନ୍ଧାଖାଦ୍ୟ

ବେଗୁନିଆପଡା,୩୧।୩(ଡି.ଏନ.ଏ.)- କରୋନା ମୁକାବିଲା ପାଇଁ ସରକାର ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ସମସ୍ତ ପଞ୍ଚାୟତରେ ଅସହାୟ, ନିରାହ ଓ ଅକର୍ମଣ୍ୟଙ୍କୁ ରନ୍ଧାଖାଦ୍ୟ ଦିଆଯାଉଛି। ବେଗୁନିଆପଡା ବ୍ଲକର ପ୍ରତି ପଞ୍ଚାୟତରେ ଖାଦ୍ୟ ଯୋଗାଣ ଆରମ୍ଭ ହୋଇଛି। ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟାମାନେ ରୋଷେଇ କରି ଘରକୁ ଘର ନେଇ ପହଞ୍ଚାଇଥିଲେ। ଏଥିରେ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ କର୍ମଚାରୀ ସହଯୋଗ କରୁଛନ୍ତି।

### ଠାକୁରାଣୀ ମନ୍ଦିରରେ ଝୁଲିଲା ତାଲା

ଦିଗପହଣ୍ଡି,୩୧।୩(ଡି.ଏନ.ଏ.)- ଦିଗପହଣ୍ଡି ଏନ୍‌ଏସି ପ୍ରଶାସନର ତାଗିଦ ପରେ ମା' ବୁଢ଼ୀ ଠାକୁରାଣୀଙ୍କ ସମେତ ଫୁଲସୁନ୍ଦରୀ, ଅଞ୍ଚଳେଶ୍ୱରୀଙ୍କ ମନ୍ଦିର ମୁଖ୍ୟଦ୍ୱାରରେ ପୂଜକ ତାଲା ପକାଇଛନ୍ତି। ଚୈତ୍ର ମଙ୍ଗଳବାରରେ ପୂଜା ପାଇଁ ମନ୍ଦିରଗୁଡିକରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିବା ସୂଚନା ମିଳିବା ପରେ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଡାକୁଆଙ୍କ ସମେତ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପହଞ୍ଚି ଶ୍ରଦ୍ଧାଳୁଙ୍କୁ କରୋନା ଭୂତାଣୁର ଭୟାବହତା ସମ୍ପର୍କରେ ବୁଝାଇଥିଲେ। ମନ୍ଦିର ନ ଆସି ଘରେ ମା'ଙ୍କୁ ପୂଜାର୍ଚ୍ଚନା କରିବାକୁ ପରାମର୍ଶ ଦେଉଥିଲେ।

# ନିୟମ ଉଲ୍ଲଂଘନକାରୀଙ୍କୁ କ୍ୱାରାଣ୍ଟାଇନ୍ ନିର୍ଦ୍ଦେଶ

**କରୋନା ମୁକାବିଲା ସମୀକ୍ଷା କଲେ ଜିଲାପାଳ**

**ରାଜ୍ୟ ବାହାରୁ ଲୋକଙ୍କୁ ଆଣିଲେ ହେବ ମାମଲା**

ଛତ୍ରପୁର,୩୧।୩(ଡି.ଏନ.ଏ.)



ଜିଲାପାଳ ଓ ଅନ୍ୟମାନେ ବୈଠକ ଉପସ୍ଥିତ ଅଛନ୍ତି।

ଲକ୍‌ଡାଉନ୍‌କୁ ବେଖାତିର କରି କେତେକ ଯୁବଗୋଷ୍ଠୀ ବାହାରେ ବୁଲିବା ଅଭ୍ୟାସ ଛାଡୁନାହାନ୍ତି। ସମସ୍ତ ପ୍ରଶାସନିକ ଚେଷ୍ଟା ସତ୍ତ୍ୱେ ନ ସୁଧୁରିଲେ ସେମାନଙ୍କୁ ଧରି ୧୪ ଦିନ ପାଇଁ କ୍ୱାରାଣ୍ଟାଇନ୍‌ରେ ରଖିବାକୁ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। କରୋନା ମୁକାବିଲା ସମ୍ପର୍କିତ ଏକ ବୈଠକରେ ଜିଲାପାଳ ଆହୁରି କହିଛନ୍ତି ଯେ, ବୟସ୍କମାନଙ୍କୁ ଏହି ସଂକ୍ରମଣ କରିବାର ଭୟ ଅଧିକ ରହିଛି। ତେଣୁ ସେମାନେ ଘରୁ ନ ବାହାରିବାକୁ ପରାମର୍ଶ ଦେଇଛନ୍ତି। ଯେଉଁ ଗାଡ଼ିରେ ବାହାର ରାଜ୍ୟରୁ ଲୋକେ ଜିଲା ଭିତରକୁ ଆସିବେ ଉକ୍ତ ଗାଡି ଓ ଡ୍ରାଇଭର ନାଁରେ ମାମଲା ରୁଜୁ କରାଯିବା ସହ ଗାଡ଼ି ଜବତ କରାଯିବ। ସମ୍ପୃକ୍ତ ଲୋକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ କ୍ୱାରାଣ୍ଟାଇନ୍‌ରେ ରଖାଯିବ। ସକାଳେ ଏବଂ ଅପରାହ୍ନରେ ସମସ୍ତଙ୍କ ହାଜିରା ସୁନିଶ୍ଚିତ କରାଯିବ। କୌଣସି ମନ୍ଦିରରେ ସଂଖ୍ୟାଧିକ ଲୋକ ଦେଖାଦେଲେ ସେଠାରେ ତାଲା ପକାଯିବ। ଦୋକାନରେ ଲୋକେ ନିୟମ ନ ମାନି ଗହଳି କଲେ ସମ୍ପୃକ୍ତ ଦୋକାନୀଙ୍କ ଉପରେ ଜରିମାନା କରାଯିବ। ଗ୍ରାମାଞ୍ଚଳରେ ସକାଳେ ଏବଂ ସନ୍ଧ୍ୟାରେ ଡାକବାଜି ଯନ୍ତ୍ର ଯୋଗେ ଲକ୍‌ଡାଉନ୍ ପ୍ରଚାର କରାଯିବ। ଆଇସୋଲେଶନ ସେଣ୍ଟର ପ୍ରସ୍ତୁତ ରଖିବା, ବ୍ଲକରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲିବା, ୧୨୨ ରାପିଡ୍ ଆକ୍ସନ ଟିମ୍ ପ୍ରସ୍ତୁତ ରହିବା, ଜେଲ୍ ଅନ୍ତେବାସୀଙ୍କୁ ସାନିଟାଇଜର ଓ ମାସ୍କ ପ୍ରଦାନ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବେସରକାରୀ ସଂସ୍ଥା ଚାହିଁଲେ ବିଡିଓଙ୍କୁ ଖାଦ୍ୟ ସାମଗ୍ରୀ ଦେଇପାରିବେ। କରୋନା ମୁକାବିଲା ପ୍ରସ୍ତୁତିକୁ ନେଇ ସମସ୍ତ ବ୍ଲକସ୍ତରରେ ମକ୍ ଡ୍ରିଲ୍ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଡିଆରଡିଏ ପିଡି ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ସୁଦାମ ଚରଣ ମଣ୍ଡଳ ଓ ଅମିୟ କୁମାର ସାହୁ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ।

# କରୋନାରୁ ରକ୍ଷା ଲାଗି ହେଲା ସ୍ୱତନ୍ତ୍ର ପୂଜା

**ତାରାତାରିଣୀଙ୍କ ଚୈତ୍ର ମଙ୍ଗଳବାର ଚତୁର୍ଥ ପାଳି**

ପୁରୁଷୋତ୍ତମପୁର,୩୧।୩ (ଡି.ଏନ୍.ଏ.)



ଗଞ୍ଜାମ ଜିଲାର ଇଷ୍ଟଦେବୀ ମା' ତାରାତାରିଣୀ ଚୈତ୍ର ମଙ୍ଗଳବାର ଚତୁର୍ଥ ପାଳିରେ ଶୀତଳାଙ୍କ ବେଶରେ ସଜ୍ଜିତ ହୋଇଥିଲେ। ମାତ୍ର କରୋନାକୁ ନେଇ ପ୍ରଶାସନ ପକ୍ଷରୁ କଟକଣା ଲଗାଯାଇଥିବାରୁ ମା'ଙ୍କର ଏହି ବେଶ ଦର୍ଶନ ପାଇଁ କେହି ଆସିନାହାନ୍ତି। ମନ୍ଦିର ନିର୍ବାହୀ ଅଧିକାରୀ ଟି.କେ. ରେଡ୍ଡୀଙ୍କ ତତ୍ତ୍ୱାବଧାନରେ ବାପୁଜୀ ରଣା ଓ ଅନ୍ୟ ସେବାୟତମାନେ ସୋମବାର ରାତି ସାଢ଼େ ୩ଟାରୁ ପରମ୍ପରା ଅନୁସାରେ ପୂଜାର୍ଚ୍ଚନା କରିଥିଲେ। ଏବେ ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିବା କରୋନା ରୋଗକୁ ସମ୍ପୂର୍ଣ୍ଣ ଦୂର କରିବା ପାଇଁ ସ୍ୱତନ୍ତ୍ର ପୂଜା କରାଯାଇଥିଲା। ସକାଳ ୬ଟା ୪୫ରେ ସାହାଣମେଳା ହୋଇଥିଲା। ପୁରୁଷୋତ୍ତମପୁର ତହସିଲଦାର ଅରୁଣ କୁମାର ନାୟକ ମାଜିଷ୍ଟ୍ରେଟ ଦାୟିତ୍ୱରେ ଉପସ୍ଥିତ ଥିଲେ।




ବ୍ରହ୍ମପୁରର ଶିଳ୍ପୀ ସତ୍ୟ ମହାରଣାଙ୍କ ବାଲୁକା କଳା ମାଧ୍ୟମରେ ଉତ୍କଳ ଦିବସ ଶୁଭେଚ୍ଛା ବାର୍ତ୍ତା।

**ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଗିରଫ ଘଟଣା**

# ପୁଣି ଥରେ ଜାମିନ ଖାରଜ

ବ୍ରହ୍ମପୁର ଅଫିସ,୩୧।୩

ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇପଡିଥିବା ବ୍ରହ୍ମପୁର ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ (ଦକ୍ଷିଣାଞ୍ଚଳ ମଣ୍ଡଳ) ବିନୋଦ କୁମାର ପାଢୀ ଗିରଫ ପରଠାରୁ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଅଛନ୍ତି। ଗତ ୪ ତାରିଖରେ ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ତାଙ୍କ ଜାମିନ ଆବେଦନ ଖାରଜ କରିଦେଇଥିଲେ। ପରେ ତାଙ୍କ ଓକିଲ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରିଥିଲେ। କରୋନା ପାଇଁ ହାଇକୋର୍ଟ ବନ୍ଦ ରହିଛି। ଅନ୍ୟପଟେ ବିନୋଦଙ୍କ ଓକିଲ ମଙ୍ଗଳବାର ପୁଣିଥରେ ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ସୁବ୍ରତ ମହାନ୍ତିଙ୍କ କୋର୍ଟରେ ଜାମିନ ଆବେଦନ କରିଥିଲେ। ବିନୋଦଙ୍କ ଅନ୍ତରୀଣ ଜାମିନ ଆବେଦନର ଭିଡ଼ିଓ କନ୍‌ଫରେନ୍ସ ଜରିଆରେ ଶୁଣାଣି କରି ବିଚାରପତି ଖାରଜ କରିଦେଇଛନ୍ତି ବୋଲି ଭିଜିଲାନ୍ସ ଏସ୍‌ପି ମାୟାଧର ସ୍ୱାଇଁ ସୂଚନା ଦେଇଛନ୍ତି। ଫଳରେ ବିନୋଦଙ୍କ ଜେଲରୁ ମୁକୁଳିବା ଆଶା ମଉଳି ଯାଇଛି। ସେହିପରି ଘଟଣା ପରଠାରୁ ତାଙ୍କ ସ୍ତ୍ରୀ ଫେରାର ଥିବା ଏସ୍‌ପି ସ୍ୱାଇଁ କହିଛନ୍ତି।

ପ୍ରକାଶ ଯେ, ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ବଳରେ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ପକ୍ଷରୁ ଅଧୀକ୍ଷଣ ଯନ୍ତ୍ରୀ ବିନୋଦ ପାଢ଼ୀଙ୍କ ଘର ସମେତ ୧୨ଟି ସ୍ଥାନରେ ଗତ ୩ ଓ ୪ ତାରିଖରେ ଚଢାଉ କରାଯାଇଥିଲା। ଭିଜିଲାନ୍ସ ଟିମ୍ ଇଂ. ପାଢ଼ୀ ଓ ତାଙ୍କ ପରିବାରଙ୍କ ନାମରେ ଥିବା ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ୫ କୋଟି ୧୨ ଲକ୍ଷ ୯୭ ହଜାର ୯୬୩ ଟଙ୍କା ଆକଳନ କରିଥିଲା। ସେଥିମଧ୍ୟରୁ ୩ କୋଟି ୮୭ ଲକ୍ଷ ୪୬ ହଜାର ୯୮୯ ଟଙ୍କାର ହିସାବ ପାଢ଼ୀ ଭିଜିଲାନ୍ସକୁ ଦେଇପାରି ନ ଥିଲେ। ଫଳରେ ଉକ୍ତ ଟଙ୍କା ପାଢ଼ୀଙ୍କ ଆୟବର୍ହିଭୁତ ସମ୍ପତ୍ତି ବୋଲି ଭିଜିଲାନ୍ସ ଏସ୍‌ପି ସ୍ୱାଇଁ ସୂଚନା ଦେଇଥିଲେ।

# ଏମ୍‌କେସିଜି କରୋନା ୱାର୍ଡରେ ଅଛନ୍ତି ୭ ସନ୍ଦିଗ୍ଧ

ବ୍ରହ୍ମପୁର ଅଫିସ,୩୧।୩

କରୋନା ଏବେ ବିଶ୍ୱରେ ଆତଙ୍କ ସୃଷ୍ଟି କରିଛି। ଏଥିରୁ ରକ୍ଷା ପାଇବା ପାଇଁ ଭାରତ ସରକାରଙ୍କ ପକ୍ଷରୁ ଅନେକ ସଚେତନତାମୂଳକ କାର୍ଯ୍ୟକ୍ରମ କରାଯାଉଛି। ଏପରି ସାରା ଦେଶରେ ଏବେ ଲକ୍‌ଡାଉନ ଘୋଷଣା କରାଯାଇଛି। ଏବେ ସୁଦ୍ଧା ଓଡ଼ିଶାରେ ୩ ଜଣ ସନ୍ଦିଗ୍ଧଙ୍କ ରିପୋର୍ଟ ପଜିଟିଭ ରହିଛି। ଅନ୍ୟପଟେ ଦକ୍ଷିଣ ଓଡ଼ିଶାର ବ୍ରହ୍ମପୁର ବଡ ମେଡିକାଲରେ ବର୍ତ୍ତମାନ ୭ଜଣ ସନ୍ଦିଗ୍ଧ ରହିଛନ୍ତି। ସୂଚନାଯୋଗ୍ୟ, ଗତ ୧୩ ତାରିଖରୁ ୩୧ ତାରିଖ ସୁଦ୍ଧା ୨୯ କରୋନା ସନ୍ଦିଗ୍ଧ ଏଠାରେ ଭର୍ତ୍ତି ହୋଇଥିଲେ। ସେମାନଙ୍କ ମଧ୍ୟରୁ ୨୨ ଜଣଙ୍କ ନମୂନା ପରୀକ୍ଷା ରିପୋର୍ଟ ନେଗେଟିଭ ଆସିବା ପରେ ସେମାନଙ୍କୁ ଡିସ୍‌ଚାର୍ଜ କରାଯାଇଛି ବୋଲି ଅଧୀକ୍ଷକ ପ୍ରଫେସର ଡ଼. ସନ୍ତୋଷ କୁମାର ମିଶ୍ର ସୂଚନା ଦେଇଛନ୍ତି। ଅନ୍ୟପଟେ ବର୍ତ୍ତମାନ ମେଡିକାଲରେ ୭ ସନ୍ଦିଗ୍ଧ ଥିବା ବେଳେ ସେମାନଙ୍କ ସ୍ୱାବ୍ ପରୀକ୍ଷା ପାଇଁ ମଙ୍ଗଳବାର ଭୁବନେଶ୍ୱର ଆରଏମ୍‌ଆରସିକୁ ପଠାଯାଇଛି ବୋଲି ଡ଼.ମିଶ୍ର କହିଛନ୍ତି। ମିଳିଥିବା ରିପୋର୍ଟ ଅନୁସାରେ ଏମ୍‌କେସିଜି ମେଡିକାଲର ସ୍ୱତନ୍ତ୍ର କରୋନା ୱାର୍ଡରେ ଗତ ୧୩ ତାରିଖରେ ଜଣେ ସନ୍ଦିଗ୍ଧ ଭର୍ତ୍ତି ହୋଇଥିବା ବେଳେ ୧୪ ରେ ଜଣେ, ୧୫ ରେ ଜଣେ, ୧୬ରେ ଜଣେ ସନ୍ଦିଗ୍ଧ ଭର୍ତ୍ତି ହୋଇଥିବା ବେଳେ ୧୭ରେ ଜଣେ, ୧୯ରେ ୪ ଜଣ ଭର୍ତ୍ତି ହୋଇଥିଲେ। ସେହିପର ୨୧ ତାରିଖରେ ଜଣେ, ୨୨ରେ ୨ ଜଣ, ୨୩ରେ ଜଣେ, ୨୪ରେ ଜଣେ, ୨୭ରେ ଜଣେ କରୋନା ସନ୍ଦିଗ୍ଧ ଭର୍ତ୍ତି ହୋଇଥିଲେ। ସେହିଭଳି ୨୮ ତାରିଖରେ ୬ ଜଣ, ୨୯ରେ ୪ ଓ ୩୦ରେ ୪ ସନ୍ଦିଗ୍ଧ ଭର୍ତ୍ତି ହୋଇଥିଲେ।

# ଟ୍ରକ୍‌ରୁ ଉଦ୍ଧାର ୬୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଛତ୍ରପୁର,୩୧।୩(ଡି.ଏନ.ଏ.)- ରାଞ୍ଚିରୁ ଚେନ୍ନାଇ ଯାଉଥିବା ଟ୍ରକ୍‌କୁ ସୋମବାର ସନ୍ଧ୍ୟାରେ ଜଗନ୍ନାଥପୁର ଛକଠାରେ ପୋଲିସ ଅଟକାଇ ଯାଞ୍ଚ କରିବାରୁ ସେଥିରେ ୬୦ ଜଣ ଲୋକ ଥିବା ଜଣାପଡିଥିଲା। ଏହି ଖବର ପାଇ ପ୍ରଶାସନିକ, ସ୍ୱାସ୍ଥ୍ୟ ଓ ପୋଲିସ ଅଧିକାରୀ ସେଠାରେ ପହଞ୍ଚିଥିଲେ। ଉଦ୍ଧାର ହୋଇଥିବା ସମସ୍ତ ଲୋକଙ୍କୁ ନରେନ୍ଦ୍ରପୁର ହାଇସ୍କୁଲରେ ହୋଇଥିବା ଆଇସୋଲେଶନ ସେଣ୍ଟରରେ ରଖାଯାଇଛି। ମଙ୍ଗଳବାର ସମସ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ସମସ୍ତେ ସୁସ୍ଥ ଥିବା ଜଣାପଡିଛି। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ବରୁଣ ପାଣିଗ୍ରାହୀଙ୍କ ନେତୃତ୍ୱରେ ବ୍ରହ୍ମପୁରର ରୋଟାରୀ କ୍ଲବ ଓ ରବିନ୍‌ହୁଡ୍ ଆର୍ମି ପକ୍ଷରୁ ସେମାନଙ୍କ ନିମନ୍ତେ ରାତି ଖାଦ୍ୟ ବ୍ୟବସ୍ଥା କରାଯାଇଥିଲା। ପଞ୍ଚାୟତ ପକ୍ଷରୁ ମଧ୍ୟାହ୍ନଭୋଜନ ଦିଆଯାଇଥିଲା। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପହଞ୍ଚି ସମସ୍ତ ବ୍ୟବସ୍ଥାର ଅନୁଧ୍ୟାନ କରିଛନ୍ତି।

# କବିସୂର୍ଯ୍ୟନଗରରେ ଫସିଛନ୍ତି ବଙ୍ଗଳା ଶ୍ରମିକ

କବିସୂର୍ଯ୍ୟନଗର,୩୧।୩

ସାଉଥକୋର ବିଦ୍ୟୁତ୍ କାର୍ଯ୍ୟ କରିବାକୁ ୨୦ରୁ ଅଧିକ ବଙ୍ଗଳା ଦେଶୀ ଶ୍ରମିକ କବିସୂର୍ଯ୍ୟନଗର ଆସିଥିଲେ। ତେବେ ଲକ୍‌ଡାଉନ୍ ଘୋଷଣା ହେବାରୁ ସେମାନେ ଏଠାରୁ ନିଜ ଦେଶକୁ ଯାଇପାରୁ ନାହାନ୍ତି। ଓଡ଼ିଶା ସରକାର ଓ ପଶ୍ଚିମବଙ୍ଗ ସରକାରଙ୍କୁ ସୋସିଆଲ ମିଡିଆ ଓ ଗଣମାଧ୍ୟମ ଜରିଆରେ ସୁବିଧା ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି। ସେମାନଙ୍କ ପାଖରେ ଟଙ୍କା ସରିଯାଇଥିବାରୁ ପ୍ରଶାସନକୁ ସାହାଯ୍ୟ ମାଗିଛନ୍ତି। ସେହିପରି ଝାଡ଼ଖଣ୍ଡରୁ ୧୫ ଜଣ ଇଲେକ୍ଟ୍ରି କାମ କରିବା ପାଇଁ ଗୁଡ଼ିଆଳି ଆସିଥିଲେ। ଚାଷ ପାଇଁ ପମ୍ପ ଫିଟିଂ ସହ ବିଦ୍ୟୁତ୍ କାର୍ଯ୍ୟରେ ନିୟୋଜିତ ଥିଲେ। ଏହି ପଞ୍ଚାୟତ ପକ୍ଷରୁ ତାଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଥିବା ବିଡିଓ ଓ ସରପଞ୍ଚ ସୂଚନା ଦେଇଛନ୍ତି।

# ବିଲରେ ପଚୁଛି ପରିବା, ଫୁଲ

ଭଞ୍ଜନଗର,୩୧।୩(ଡି.ଏନ.ଏ.)



ଏପ୍ରିଲ୍ ୧୪ ପର୍ଯ୍ୟନ୍ତ ସରକାର ଲକ୍ ଡ଼ାଉନ କଟକଣା ଜାରି କରିଛନ୍ତି। ଏହାଦ୍ୱାରା ଲୋକେ କାମଧନ୍ଦା ହରାଇଛନ୍ତି। ଅନ୍ୟ ରାଜ୍ୟରୁ ଆସି ଭଞ୍ଜନଗର ବ୍ଲକରେ ରହି ଥିବା ଏକାଧିକ ଅଣଓଡ଼ିଆ ପରିବାରଙ୍କ ଅବସ୍ଥା ଦୟନୀୟ ହୋଇପଡ଼ିଛି। ସରକାରଙ୍କ ମୁଠାଏ ଖାଦ୍ୟକୁ ସେମାନେ ଚାହିଁ ବସିଛନ୍ତି। ଏଥିସହ ଗ୍ରାମାଞ୍ଚଳର ଅନେକ ଲୋକ ମଧ୍ୟ ସରକାରୀ ଖାଦ୍ୟକୁ ଚାହିଁ ରହିଛନ୍ତି। ଅନ୍ୟପଟେ ଚାଷୀଙ୍କ ଫସଲ ମଧ୍ୟ ଜମିରେ ପଚି ନଷ୍ଟ ହୋଇଯାଉଛି। ଫସଲ ତୋଳିବାକୁ ଶ୍ରମିକ ମିଳୁନାହାନ୍ତି। ଅମଳ କଲେ ମଧ ବଜାରରେ ନେଇ ବିକ୍ରି କରିବା ସମ୍ଭବ ହେଉନାହିଁ। କଟକଣାରୁ ଚାଷୀଙ୍କୁ ବାଦ୍ ଦିଆଯାଇଛି। ତଥାପି କେତେକସ୍ଥାନରେ ପୋଲିସ କର୍ମଚାରୀ କିଛି ବୁଝିବା ଆଗରୁ ମାଡ ଦେଉଛନ୍ତି। ଯାହାକୁ ନେଇ ଚାଷୀ ଆଶଙ୍କାରେ। ଆଉ କେତକ ଚାଷୀ ପରିବା ତୋଳିବା ପରେ ବିକ୍ରି କରି ନ ପାରି ଗୋରୁଙ୍କୁ ଦେଉଛନ୍ତି। ଭଞ୍ଜନଗର ବ୍ଲକ ଘୋଡ଼ାଦାଣ୍ଡିର ଚାଷୀ ଚୈତନ୍ୟ ଗୁଟା ପ୍ରତିଦିନ ଜମିରୁ ବାହାରୁଥିବା ପରିବାକୁ ବର୍ତ୍ତମାନ ଗୋରୁଙ୍କୁ ଖାଇବାକୁ ଦେଉଛନ୍ତି। ଫୁଲ ଚାଷୀମାନେ ମଧ୍ୟ ତୋଳୁ ନାହାନ୍ତି। ଜମିରେ ଫୁଲ ପଚି ନଷ୍ଟ ହେଉଥିବା ସେମାନେ ଅଭିଯୋଗ କରିଛନ୍ତି।

# ବିଭିନ୍ନ ଗାଁରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍‌ର ଚଢ଼ାଉ

**ବ୍ୟକ୍ତିଗତ ନିର୍ମାଣ କାର୍ଯ୍ୟ କରାଯାଇପାରିବ**

ଦିଗପହଣ୍ଡି,୩୧।୩(ଡି.ଏନ.ଏ.)

ଦିଗପହଣ୍ଡି ଗ୍ରାମାଞ୍ଚଳରେ ମଙ୍ଗଳବାର ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ସହାୟତାରେ କରୋନା ସଚେତନତା କରିଥିଲେ। କୈଠଖଣ୍ଡି, ଭୀଷ୍ମଗିରି, ଫାଶୀଗୁଡ଼ା, ଆଙ୍କୋରଡା ଓ କୁଶପଡା ଆଦି ବିଭିନ୍ନ ପଞ୍ଚାୟତ ଅଧୀନ ଗାଁଗୁଡିକରେ ରାଜସ୍ୱ ନିରୀକ୍ଷକ ଫକୀର ମୋହନ ରାଉତଙ୍କ ନେତୃତ୍ୱରେ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଚଢାଉ କରି ଲୋକେ ଘରୁ ନ ବାହାରିବାକୁ ପରାମର୍ଶ ଦେଇଥିଲେ। ଭୀଷ୍ମଗିରିରେ ଆୟୋଜିତ ପଥପ୍ରାନ୍ତ ସଭାରେ ତହସିଲଦାର କରୋନା ମହାମାରୀର ଭୟାବହତା ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। ସେହିପରି ବିଡିଓ ହଳଧର ଶବରଙ୍କୁ ଯୋଗାଯୋଗ କରିବାରେ ରାଜ୍ୟ ସରକାରଙ୍କ ନୂତନ ନିର୍ଦ୍ଦେଶନାମା ଅନୁଯାୟୀ ଲୋକେ ସେମାନଙ୍କ ବ୍ୟକ୍ତିଗତ ନିର୍ମାଣ କାର୍ଯ୍ୟ କରିପାରିବେ ବୋଲି କହିଛନ୍ତି। ଜଣେ ରାଜମିସ୍ତ୍ରି ସର୍ବାଧିକ ୪ ଶ୍ରମିକଙ୍କୁ ନେଇ ଗୁହାଳ ଘର ନର୍ମାଣ, ଗଭୀର କୂପ ଖନନ, ଫାର୍ମପଣ୍ଡ ସମେତ ଆବାସ ଯୋଜନାରେ ଗୃହ ପଲସ୍ତରା, ଶୌଚାଳୟ ନିର୍ମାଣ ଆଦି କାର୍ଯ୍ୟ କରିପାରିବେ ବୋଲି କହିଛନ୍ତି। ଦିଗପହଣ୍ଡି ବ୍ଲକ ୨୫ ପଞ୍ଚାୟତ ଅଧୀନ ବିଭିନ୍ନ ଗାଁକୁ ଅନ୍ୟାନ୍ୟ ରାଜ୍ୟରୁ ଆସିଥିବା ୬୪୧ ଏବଂ ବିଦେଶାଗତ ୧୮ ବ୍ୟକ୍ତିଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ କଡା ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି।

# ଅସହାୟଙ୍କୁ ବିଏମ୍‌ସିର ରାଶନ ବଣ୍ଟନ

**ଲକ୍ ଡାଉନ୍ ପ୍ରଭାବ**

**୪୦ ହଜାର ଲୋକଙ୍କୁ ସାମଗ୍ରୀ ଦେବା ଲକ୍ଷ୍ୟ**

ବ୍ରହ୍ମପୁର ଅଫିସ,୩୧।୩



ମିଲିଟାରୀ ଲାଇନ୍ ସ୍କୁଲରେ ରାଶନ ସାମଗ୍ରୀ ପ୍ୟାକିଂ କରାଯାଉଛି।

କରୋନା ସଂକ୍ରମଣକୁ ପ୍ରତିରୋଧ କରିବା ନେଇ ଜିଲାପ୍ରଶାସନ ପକ୍ଷରୁ ଲକ୍‌ଡାଉନ୍ ଜାରି ରହିଛି। ଏହାର ପ୍ରଭାବରେ ବ୍ରହ୍ମପୁରରେ ରାଜ୍ୟ ବାହାରୁ ଆସି ଫସି ରହିଥିବା ଏବଂ ସହରରେ ଜୀବନ ଜୀବିକା ପ୍ରଭାବିତ ଯୋଗୁ ଅସହାୟ, ଅନାହାରରେ ଦିନ କାଟୁଥିବା ଲୋକଙ୍କୁ ଶୁଖିଲା ଖାଦ୍ୟ ଯୋଗାଇବା ନେଇ ବିଏମ୍‌ସି ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ବିଭିନ୍ନ ଅନ୍ୟ ସ୍ଥାନରେ ବାହାରୁ ଆସି ଅଟକି ରହିଥିବା ଅସହାୟଙ୍କୁ ରାଶନ ସାମଗ୍ରୀ ବଣ୍ଟନ ଆରମ୍ଭ ହୋଇଛି। ବ୍ରହ୍ମପୁରର ବିଭିନ୍ନ ବ୍ୟବସାୟିକ ସଂଗଠନ ଓ ସାମାଜିକ ସଂଗଠନ ସହଯୋଗରେ ବିଏମ୍‌ସି ପକ୍ଷରୁ ବସ୍ତି ଅଞ୍ଚଳରେ ଥିବା ଗରିବ ପରିବାରଙ୍କୁ ୧୦ ଦିନର ରାଶନ ସାମଗ୍ରୀ ବଣ୍ଟନ ନେଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ମଙ୍ଗଳବାର ଲେପ୍ରୋସି କଲୋନୀରେ ଥିବା ୨୫୦ ପରିବାରଙ୍କୁ ୧୦ ଦିନ ପାଇଁ ଚାଉଳ, ଡାଲି, ତେଲ, ଅଟା ଓ ସୁଜି ଆଦି ରାଶନ ସାମଗ୍ରୀ ପ୍ରଦାନ କରାଯାଇଥିବା ସୂଚନା ମିଳିଛି। ଲକ୍ ଡାଉନ ସମୟ ଅବଧି ମଧ୍ୟରେ ୪୦ ହଜାର ଅସହାୟ, ଗରିବଙ୍କୁ ରାଶନ ସାମଗ୍ରୀ ବଣ୍ଟନ କରାଯିବାକୁ ଯୋଜନା ରହିଥିବା ନେଇ ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

# ଖରାଟିଆ ଗେଣ୍ଡୁଫୁଲ



ଆଗରୁ ଖରାଟିଆ ଗେଣ୍ଡୁଫୁଲ ତଳି ପକାଇ ନ ଥିଲେ ଏବେ ତଳି ପକାନ୍ତୁ। ଅଧିକ ଅମଳକ୍ଷମ କମଳା ରଙ୍ଗ ସିରାକୋଲା କିସମ ବ୍ୟବହାର କରନ୍ତୁ। ତଳିଘରାରେ ଧାଡ଼ିକୁ ଧାଡ଼ି ୫ ସେମି ବ୍ୟବଧାନରେ ବିହନକୁ ୧ ସେମି ଗଭୀରରେ ବୁଣନ୍ତୁ। ଅତ୍ୟଧିକ ତାପମାତ୍ରାରୁ ରକ୍ଷା ପାଇବା ପାଇଁ ତଳିଘରାରେ ନଡ଼ା ଘୋଡ଼ାଇ ଦିଅନ୍ତୁ। ଏକରକୁ ୩୫୦ରୁ ୪୦୦ ଗ୍ରାମ୍ ମଞ୍ଜି ଆବଶ୍ୟକ ହୋଇଥାଏ। ଆଗରୁ ତଳି ପକାଇଥିଲେ ଏବଂ ୩ରୁ ୪ ପତ୍ରର ହୋଇଗଲେ ମୁଖ୍ୟ କିଆରିରେ ଲଗାନ୍ତୁ। ଜମିକୁ ଭଲଭାବେ ଗୁଣ୍ଡ କରି ଏକର ପ୍ରତି ୧୦ ଟନ୍ ଶଢ଼ା ଗୋବରଖତ ମିଶାଇ ଦିଅନ୍ତୁ। ଗଛ ଲଗାଇବା ପୂର୍ବରୁ ଏକର ପ୍ରତି ୧୬ କିଗ୍ରା ଯବକ୍ଷାରଜାନ, ୮୦ କିଗ୍ରା ଫସ୍‌ଫରସ୍ ଓ ୮୦ କିଗ୍ରା ପଟାସ୍ ସାର ପ୍ରୟୋଗ କରନ୍ତୁ ଏବଂ ୧୬ କିଗ୍ରା ଯବକ୍ଷାରଜାନ ଏକମାସ ପରେ କୋଡ଼ାଖୁସା କରି ଘାସ ବାଛି ପ୍ରୟୋଗ କରନ୍ତୁ। ତଳି ବଦଳରେ ଏକର ପ୍ରତି ୪୦,୦୦୦ କଟିଙ୍ଗ୍‌ସ ଦରକାର ହୋଇଥାଏ। ଧାଡ଼ିକୁ ଧାଡ଼ି ୩୦ ଓ ଗଛକୁ ଗଛ ୨୦-୨୦ ସେମି ବ୍ୟବଧାନରେ ରୁଅନ୍ତୁ। ତଳି ରୋଇବାର ୪୦ ଦିନ ପରେ ଅଗ ଡାଳଗୁଡ଼ିକୁ ଭାଙ୍ଗି ଦିଅନ୍ତୁ।

# ନୂଆ ଧରଣର ମହୁବାକ୍ସ



ମହୁମାଛି ପାଳନ କରୁଥିବା ଚାଷୀଙ୍କ ପାଇଁ ଖୁସି ଖବର। କୃଷି ବୈଜ୍ଞାନିକମାନେ ପାରମ୍ପରିକ ଭାବେ ତିଆରି କରୁଥିବା ମହୁ ବାକ୍ସ ବଦଳରେ ଏକ ନୂଆ ପ୍ରକାରର ବାକ୍ସ ତିଆରି କରିଛନ୍ତି ଯାହା ମାଧ୍ୟମରେ ଅଧିକ ମହୁ ଉତ୍ପାଦନ ହୋଇପାରିବ। ଚଣ୍ଡିଗଡ଼ରେ ଥିବା କେନ୍ଦ୍ରୀୟ ଉପକରଣ ସଙ୍ଗଠନ ଏବଂ ଆଇଏଚ୍‌ବିଟି ମିଳିତଭାବେ ଏଭଳି ଏକ ନୂଆ ଉପକରଣ ତିଆରି କରିବାରେ ସଫଳ ହୋଇଛନ୍ତି। ବୈଜ୍ଞାନିକମାନଙ୍କ ସୂଚନା ଅନୁଯାୟୀ ପାରମ୍ପରିକ ମହୁବାକ୍ସ ତୁଳନାରେ ଏହି ନୂଆ ମହୁବାକ୍ସରେ ୩୦ ରୁ ୪୦ କିଲୋଗ୍ରାମ ଅଧିକ ମହୁ ଉତ୍ପାଦନ କରାଯାଇପାରିବ।

## ଲକ୍‌ଡାଉନ୍ ସମୟରେ...

# ବୁଲା କୁକୁର ଓ ପୋଷା ପ୍ରାଣୀଙ୍କ ଯତ୍ନ



ଡା. ବୀର କିଶୋର ପରିଡ଼ା



କୁକୁର ମାନବ ଜାତିର ପ୍ରଥମ ସହଚର ଓ ବିଶ୍ୱସ୍ତ ପ୍ରାଣୀ। ପରିବେଶ ସୁରକ୍ଷାରେ ବି ଏମାନେ ସର୍ବଦା ହୋଇଥାଆନ୍ତି ସହାୟକ ସହାୟକ। ଏମାନଙ୍କୁ ଦୁଇ ଶ୍ରେଣୀରେ ପୃଥକ୍ କରାଯାଏ। ଗୋଟିଏ ହେଲା ପୋଷା କୁକୁର ଏବଂ ଅନ୍ୟଟି ହେଲା ବୁଲା କୁକୁର। ପୋଷା କୁକୁରକୁ ମାଲିକ ଖାଇବା ପିଇବା ଓ ଲାଳନପାଳନ ପ୍ରତି ଯଥେଷ୍ଟ ଧ୍ୟାନ ଦେଉଥିବା ବେଳେ ବୁଲା କୁକୁର ପ୍ରତି ଏସବୁ ଦିଗରେ ଧ୍ୟାନ ଦେଇ ନ ଥାଏ। ବୁଲାକୁକୁର ତା' ଭାଗ୍ୟକୁ ଆଦରି ବାରଦୁଆର ଶୁଙ୍ଘିପିଣ୍ଡା ହୋଇ ଆମର ପରିତ୍ୟକ୍ତ ଖାଦ୍ୟ ଖାଇ ପରିବେଶ ପରିଷ୍କାର ରଖନ୍ତି। ବାହ୍ୟ ଶତ୍ରୁ ବା ଚୋର ଧରିବାରେ ସହାୟତା କରନ୍ତି। ଆଉ ଜଳବାୟୁରେ ପାଗ ପରିବର୍ତ୍ତନ ନେଇ ପ୍ରାକ୍ ସୂଚନା ମଧ୍ୟ ଦେଇଥାଆନ୍ତି।

କରୋନା ଭୂତାଣୁ ସଂକ୍ରମଣ ଯୋଗୁ ଏବେ ସାରା ଦେଶରେ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଫଳରେ ଦୋକାନ ବଜାର, ହୋଟେଲ ଆଦି ବନ୍ଦ। ତେବେ ବାହାରେ ବୁଲୁଥିବା ବିଚରା ବୁଲାକୁକୁର, ବୁଲା ଷଣ୍ଢ, ବୃଦ୍ଧ ଗୋରୁ ପରିତ୍ୟକ୍ତ ଖାଦ୍ୟପେୟ ପାଇବାରୁ ବଞ୍ଚିତ ହେବା ସହ ପ୍ରାୟ ଭୋକ ଉପାସରେ ଦିନ କାଟୁଛନ୍ତି। ଏଭଳି ସମସ୍ୟା ଯଦି ଅଧିକ ଦିନ ଲାଗି ରୁହେ, ତେବେ ବୁଲାକୁକୁରଙ୍କ ଆଚରଣରେ ପରିବର୍ତ୍ତନ ଘଟିବ। ମଣିଷ ପ୍ରତି ପ୍ରତିକ୍ରିୟା ପ୍ରଦର୍ଶନ କରି ସେମାନେ ବିଚଳିତ ହୋଇ ଆମକୁ କାମୁଡ଼ିବାକୁ ପଛାଇବେ ନାହିଁ।

ବୁଲାକୁକୁର ବା ଅନ୍ୟାନ୍ୟ ପ୍ରାଣୀଙ୍କୁ ଲକ୍‌ଡାଉନ୍ ସମୟରେ ସୁରକ୍ଷା ପ୍ରଦାନ ନିମନ୍ତେ ରାଜ୍ୟ ସରକାର ସତର୍କତାମୂଳକ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିଛନ୍ତି। ଏଥିସହ ବୁଲାକୁକୁର ବା ପ୍ରାଣୀଙ୍କ ଖାଦ୍ୟାଭାବଜନିତ ସମସ୍ୟାକୁ ରୋକିବା ନିମନ୍ତେ ଆସନ୍ତା ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ମହାନଗର ନିଗମ ବ୍ୟତୀତ ୪ଟି ମ୍ୟୁନିସିପାଲ୍ କର୍ପୋରେଶନ ଏବଂ ୪୮ଟି ମ୍ୟୁନିସିପାଲିଟି ପାଇଁ ୫୪ଲକ୍ଷ ଟଙ୍କାର ବ୍ୟୟବରାଦ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ କରାଯାଇଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି-

- ସହରାଞ୍ଚଳରେ ବୁଲାକୁକୁର ବା ପ୍ରାଣୀଙ୍କ ଖାଦ୍ୟାଭାବଜନିତ ସମସ୍ୟାରୁ ମୁକୁଳିବା ନିମନ୍ତେ ସେମାନଙ୍କୁ ଖାଦ୍ୟ ଯୋଗାଇବା।

-ବୁଲାକୁକୁର ବା ପ୍ରାଣୀଙ୍କ ପ୍ରତି ସ୍ନେହ, ଶ୍ରଦ୍ଧା, ଦୟା ଓ ସମ୍ବେଦନଶୀଳତା ମନୋଭାବ ପ୍ରଦର୍ଶନ ସ୍ୱରୂପ ଜୀବ କଲ୍ୟାଣ କାର୍ଯ୍ୟ କରିବା।

- ଖାଦ୍ୟାଭାବ ଯୋଗୁ ବୁଲାକୁକୁରଙ୍କ ମନୁଷ୍ୟମାନଙ୍କ ପ୍ରତି ପାଗଳାମି ଆଚରଣ ପ୍ରଦର୍ଶନ ହ୍ରାସ ବା ସର୍ବନିମ୍ନ କରିବା।

ଏସବୁ କାର୍ଯ୍ୟ ସୁପରିଚାଳନା ନିମନ୍ତେ ସ୍ଥାନୀୟ କର୍ତ୍ତୃପକ୍ଷ ବିଭିନ୍ନ ପ୍ରାଣୀମଙ୍ଗଳ ବା ଜୀବ କଲ୍ୟାଣ ସଂଗଠନ ଓ ସ୍ୱେଚ୍ଛାସେବୀଙ୍କ ସହାୟତା ନେଇ କାର୍ଯ୍ୟକରିବାକୁ ସରକାର ପରାମର୍ଶ ଦେଇଛନ୍ତି, ଯାହାକି ଅବହେଳିତ ପ୍ରାଣୀମାନଙ୍କ ପ୍ରତି ଯତ୍ନନେବା ନେଇ ଏକ ପ୍ରଶଂସନୀୟ କାର୍ଯ୍ୟକ୍ରମ ବା ବିଚାରଧାରା।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ସ୍ପଷ୍ଟୀକରଣ ଅନୁଯାୟୀ କୁକୁର ଓ ବିଲେଇର କରୋନା ଭୂତାଣୁ ସଂକ୍ରମଣରେ କୌଣସି ଭୂମିକା ନାହିଁ। ତେଣୁ ଏମାନଙ୍କ ପ୍ରତି ଅବହେଳା ନ କରି ସେମାନଙ୍କ ଉପଯୁକ୍ତ ଯତ୍ନ ନିଅନ୍ତୁ। ଆପଣଙ୍କ ପୋଷାପ୍ରାଣୀଙ୍କ ପ୍ରତି ନିଷ୍ଠୁରତା ପ୍ରଦର୍ଶନ କରନ୍ତୁ ନାହିଁ। ପୋଷା ପ୍ରାଣୀ ରହୁଥିବା ବାସସ୍ଥାନକୁ ସବୁବେଳେ ପରିଷ୍କାର ରଖନ୍ତୁ। ସେମାନଙ୍କ ସହ ମିଳାମିଶା କରୁଥିବା ଲୋକ କିମ୍ବା ମାଲିକମାନେ ପୂର୍ବରୁ ଓ ପରେ ହାତକୁ ଭଲ ଭାବରେ ସାବୁନ୍‌ରେ କିମ୍ବା ହ୍ୟାଣ୍ଡ୍‌ୱାଶରେ ଧୁଅନ୍ତୁ। ପୋଷା ପ୍ରାଣୀଙ୍କୁ ସର୍ବଦା ସଦ୍ୟ ପ୍ରସ୍ତୁତ ତଟକା ଖାଦ୍ୟ ଓ ସ୍ୱଚ୍ଛ ପାଣି ପିଇବାକୁ ଦିଅନ୍ତୁ। ପୋଷା ପ୍ରାଣୀ ଓ ଅନ୍ୟ ପ୍ରାଣୀମାନଙ୍କ ପାଇଁ ସୁସ୍ଥ ପରିବେଶ ରଖିବା ସହିତ ନିଜର ସ୍ୱାସ୍ଥ୍ୟ ଓ ପରିଚ୍ଛନ୍ନତା ପ୍ରତି ଆବଶ୍ୟକ ଧ୍ୟାନ ଦିଅନ୍ତୁ। ନିଜ ନିଜ ଘର ଆଗରେ ପ୍ରାଣୀମାନଙ୍କ ପାଇଁ ପାଣି ପିଇବା ନିମନ୍ତେ ଜଳକୁଣ୍ଡ ରଖନ୍ତୁ।

ଜନସାଧାରଣଙ୍କୁ ଅନୁରୋଧ ସେମାନେ ସୁସ୍ଥ ରହି ଅନ୍ୟମାନଙ୍କୁ ସୁରକ୍ଷା ପ୍ରଦାନ ନିମନ୍ତେ ଲକ୍‌ଡାଉନ୍ ସମୟରେ ଘରେ ରହି ଘର କାମରେ ନିୟୋଜିତ ରୁହନ୍ତୁ। ଏଥିସହିତ ବୁଲାକୁକୁର, ଷଣ୍ଢ, ଗୋରୁ ଏବଂ ଅନ୍ୟାନ୍ୟ ପ୍ରାଣୀଙ୍କୁ ବଳକା ଖାଦ୍ୟ ଖାଇବାକୁ ଦେଇ ଜୀବମଙ୍ଗଳ କାର୍ଯ୍ୟରେ ସହାୟକ ହୁଅନ୍ତୁ।

*-ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ, କଳାହାଣ୍ଡି, ମୋ:୯୪୩୭୬୦୭୩୧୨*



# ଦୃଢ଼ ମନୋବଳ ବାଟ ଦେଖାଇଛି



**ସଫଳ ଚାଷୀ**
**ମେଘାନନ୍ଦ ବେହେରା**

କେବଳ ଇଚ୍ଛା ଥିଲେ ହେବ ନାହିଁ ତାହାର ସଫଳ ରୂପାୟନ ପାଇଁ ଯୋଜନାବଦ୍ଧ ଭାବରେ ଆଗେଇବା ଦରକାର। ଏହାକୁ ପାଥେୟ କରି ସେ ନିଜ ଅଞ୍ଚଳରେ ଚର୍ଚ୍ଚିତ ହୋଇଛନ୍ତି। ଚାଷରୁ ତାଙ୍କୁ ଯେତିକି ଆତ୍ମତୃପ୍ତି ମିଳିଛି ତାହା ତାଙ୍କ ପାଇଁ ବେଶ୍ ପ୍ରେରଣାଦାୟକ ହୋଇଛି। ସେ ହେଲେ ମେଘାନନ୍ଦ ବେହେରା। କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଅନ୍ତର୍ଗତ ମୂଳାସାହିରେ ଜନ୍ମିତ ଏହି ସଫଳ କୃଷିଜୀବୀ କୃଷିକୁ ଆପଣେଇ ସ୍ୱରୋଜଗାରକ୍ଷମ ହୋଇପାରିଛନ୍ତି। ବର୍ଷେ କିମ୍ବା ଦୁଇବର୍ଷ ନୁହେଁ ଦୀର୍ଘ ୨୦ବର୍ଷ ଧରି ସେ ଚାଷ ସହ ଜଡ଼ିତ। କେବଳ ସେତିକି ନୁହେଁ, ଚାଷ ଉପରେ ଅଧିକ ଜ୍ଞାନକୌଶଳ ଜାଣିବାକୁ ତାଙ୍କ ମନରେ ଜାଗ୍ରତ ଇଚ୍ଛାକୁ ସେ ଅନେକାଂଶରେ ପୂରଣ କରିଛନ୍ତି। ଆମ ଦେଶରେ କୃଷି ଉପରେ ନିର୍ଭରଶୀଳ ରାଜ୍ୟ- ପଞ୍ଜାବ, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ରକୁ ଯାଇ ସେଠାରେ କିପରି ଅତ୍ୟାଧୁନିକ ଜ୍ଞାନକୌଶଳ ସହାୟତାରେ ଚାଷ କରାଯାଉଛି ଏବଂ ଅଧିକ ଅମଳ ପାଇଁ କେଉଁ ଦିଗ ପ୍ରତି ଅଧିକ ଧ୍ୟାନ ଦିଆଯାଉଛି ତାହାକୁ ତନ୍ନ ତନ୍ନ କରି ଜାଣିଥିଲେ। ତାଙ୍କର ଚାଷଜମି ପାଖାପାଖି ଦଶ ଏକର ଜମିରେ ପରିବ୍ୟାପ୍ତ। ଏହି ଜମିରେ ସେ ଫୁଲକୋବି, ବନ୍ଧାକୋବି, କଲରା, ବ୍ରକୋଲି, ଜହ୍ନି, କାକୁଡ଼ି, ମୂଳା, ଗାଜର, ବିଟ୍, ପୋଇ, ଲଙ୍କା, ତରଭୁଜ, ଚିନାବାଦାମ, ଶାଗ ଏବଂ ଧନିଆ ଚାଷ କରିଥାଆନ୍ତି। ବିଭିନ୍ନ ଋତୁରେ ଭିନ୍ନ ଭିନ୍ନ ଚାଷକରି ସେଗୁଡ଼ିକୁ ଅମଳ କରିବା ପର୍ଯ୍ୟନ୍ତ ବେଶ୍ ଯତ୍ନବାନ ହୋଇଥାଆନ୍ତି। ବାପା ମହେନ୍ଦ୍ର ବେହେରା ଏବଂ ମା' ପାନ ବେହେରାଙ୍କ ଏହି ପୁତ୍ର ମେଘାନନ୍ଦ (ମୋ : ୭୭୫୦୦୦୩୯୭୦) କହନ୍ତି, 'ଯେତେବେଳେ ଚାଷକୁ ନେଇ ଆଗେଇବାକୁ ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କଲି ସେତେବେଳେ ମୋ ମନରେ ଅନେକ ପ୍ରଶ୍ନ ଉଠିଥିଲା। ଗାଁ ଗହଳିରେ ପନିପରିବା ଚାଷ କରିବା ଏବଂ ତାହାକୁ ମାର୍କେଟିଂ କରିବା ସହଜ କଥା ନୁହେଁ। କିନ୍ତୁ ମୁଁ ସବୁବେଳେ ଯୋଜନାବଦ୍ଧ ଭାବରେ ଆଗେଇ ଥାଏ। ଗ୍ରାଜୁଏଶନ ପରେ ମୁଁ ହିନ୍ଦୀରେ ଶାସ୍ତ୍ରୀ ଡିଗ୍ରୀ ହାସଲ କରିଛି। ହେଲେ ଚାକିରି ପ୍ରତି ଆଶା ନ ରଖି ପ୍ରଥମେ ଟ୍ରାକ୍ଟରଟିଏ କିଣି ବେପାର ଆରମ୍ଭ କରିଥିଲି। ସେତେବେଳେ ମୁଁ ଭାବିନେଲି ଯେ, ଚାକିରି କରିବା ଅପେକ୍ଷା ନିଜ ଗୋଡ଼ରେ ନିଜେ ଠିଆ ହେବା ଭଲ। ତେଣୁ ଚାଷକୁ ଆପଣେଇନେଲି। ଯା ଭିତରେ ଅନେକ ଝଡ଼ଝଞ୍ଜାର ସାମ୍ନା କରିବାକୁ ପଡ଼ିଛି। ହେଲେ ମୋ ଲକ୍ଷ୍ୟପଥରୁ କଦାପି ବିଚ୍ୟୁତ ହୋଇନାହଁ। ନିଜ ସ୍ୱାଭିମାନରେ ବଞ୍ଚିବାର ମଜା ନିଆରା। ଏତିକି କହିବି ଚାଷରୁ ମୋତେ ଯାହା ମିଳିଛି ତାହା ଆଉ କେଉଁଠୁ ମିଳି ନ ଥାନ୍ତା। ଏପରି କି ଜଣେ ସଫଳ କୃଷିଜୀବୀ ଭାବରେ ମୋତେ ସରକାରୀ ଏବଂ ବେସରକାରୀ ସ୍ତରରେ ପୁରସ୍କୃତ କରାଯାଇଛି। ଆଶା ଅନେକ, ହେଲେ ନିଜ ଲକ୍ଷ୍ୟ ପଥରେ ଆଗେଇଚାଲିଥିବା ମେଘନାଦ ନିଜ ବେଉସା ପ୍ରତି କେତେ ସଚେତନ ତାହା ତାଙ୍କ ଚାଷଜମି ଉପରେ ଦୃଷ୍ଟି ନିକ୍ଷେପ କଲେ ସ୍ପଷ୍ଟ ଭାବରେ ପ୍ରତୀୟମାନ ହୁଏ।



ନିଜ କ୍ଷେତରେ ମେଘାନନ୍ଦ

**- ନବକୃଷ୍ଣ ସାହୁ**

# ଏ ମାସର କୃଷି ସୂଚନା



**ଡାଲୁଅ ଧାନ**

- ସମୟ ଉପଯୋଗୀ ଜଳସେଚନ କରନ୍ତୁ।
- ସାର ପ୍ରୟୋଗର ଦିନକ ପୂର୍ବରୁ କ୍ଷେତରୁ ଜଳ ନିଷ୍କାସନ କରି ସାର ପ୍ରୟୋଗର ୪୮ ଘଣ୍ଟା ପରେ ୫ ସେ.ମି. ଜଳ ବାନ୍ଧି ରଖନ୍ତୁ।
- ଧାନ ଫୁଲ ଉଡ଼ାଇବାର ୨୦ ଦିନ ଆଗରୁ ଓ ୧୦-୧୫ ଦିନ ପର୍ଯ୍ୟନ୍ତ କ୍ଷେତରେ ୩-୫ ସେ.ମି. ପାଣି ବାନ୍ଧି ରଖନ୍ତୁ।
- ଧାନ କେଣ୍ଡାର ୮୫% ପାଚିଗଲେ ଅମଳ କରନ୍ତୁ।

**ଗହମ ଅମଳ:** ଗହମ ଗଛ ଶୁଖି ହଳଦିଆ ପଡ଼ିଗଲେ ଓ କେଣ୍ଡାକୁ ବଙ୍କେଇ ଦେଲେ ଯଦି ସହଜରେ ଭାଙ୍ଗିଯାଏ ତେବେ ଗହମ ଫସଲ ଅମଳ ପାଇଁ ଉପଯୁକ୍ତ ଅଟେ।

- ଅମଳ ପରେ ୩/୪ଟି ଟାଣ ଖରାରେ ଶୁଖାଇ ସାଇତି ରଖନ୍ତୁ।

**ନଳିତା :** ନଳିତା ବୁଣିବା ପାଇଁ ମାଟିକୁ ଭଲଭାବରେ ଗୁଣ୍ଡକରି ହେକ୍ଟର ପ୍ରତି ୧୨ ଗାଡ଼ି ଶଢ଼ା ଗୋବର ଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ଶେଷଓଡ଼ ଚାଷରେ ପିତା ନଳିତାରେ ହେକ୍ଟର ପ୍ରତି ୩୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୩୦ କି.ଗ୍ରା. ପଟାସ୍ ସାର ଏବଂ ମଧୁର ନଳିତାରେ ୨୦ କି.ଗ୍ରା. ଯବକ୍ଷାରଜାନ, ୨୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ମୂଳସାର ହିସାବରେ ପ୍ରୟୋଗ କରନ୍ତୁ।

- ଧାଡ଼ିରେ ବୁଣିଲେ ନିର୍ବାଚିତ କିସମରୁ ହେକ୍ଟର ପ୍ରତି ୭.୫ କି.ଗ୍ରା. ପିତା ନଳିତା ବା ୫ କି.ଗ୍ରା. ମଧୁର ନଳିତା ବୁଣନ୍ତୁ। ଛଟାବୁଣା କରୁଥିଲେ ହେକ୍ଟର ପ୍ରତି ୧୦ କି.ଗ୍ରା. ପିତା ନଳିତା ବା ୭.୫ କି.ଗ୍ରା. ମଧୁର ନଳିତା ବୁଣନ୍ତୁ। ମଧୁର ନଳିତା ୨୫ ସେ.ମି. x ୧୦ ସେ.ମି. ବ୍ୟବଧାନ ଓ ପିତା ନଳିତା ୩୦ ସେ.ମି. x ୧୦ ସେ.ମି. ବ୍ୟବଧାନରେ ବୁଣନ୍ତୁ।
- ବୁଣିବା ପୂର୍ବରୁ ଏକ କି.ଗ୍ରା. ମଞ୍ଜି ପ୍ରତି ୩ ଗ୍ରାମ୍ ଥିରାମ୍ କିମ୍ବା ୨ ଗ୍ରାମ୍ କାର୍ବେଣ୍ଡାଜିମ୍ ଗୋଳାଇ ବିହନ ବିଶୋଧନ କରନ୍ତୁ।

**ଆଖୁ :** ପ୍ରଥମ ସାର ପ୍ରୟୋଗର ୩୦ ଦିନ ପରେ ଅର୍ଥାତ୍ ଆଖୁ ଲଗାଇବାର ୬୦ ଦିନ ପରେ ହେକ୍ଟର ପ୍ରତି ୧୨୫ କି.ଗ୍ରା. ଯବକ୍ଷାରଜାନ ଦ୍ୱିତୀୟ କିସ୍ତିରେ ପ୍ରୟୋଗ କରି ହୁଡ଼ା ଟେକନ୍ତୁ ଓ ଜଳସେଚନ କରନ୍ତୁ।

- ଆଖୁ ଲଗାଇବାର ୬୦ ଦିନରେ ହେକ୍ଟର ପ୍ରତି ୫ କି.ଗ୍ରା. ଆଜୋସ୍ପିରିଲମ୍ ଓ ୨୫୦ କି.ଗ୍ରା. ଶୁଖିଲା ଗୁଣ୍ଡ ଖତ ମିଶାଇ ପ୍ରୟୋଗ କରନ୍ତୁ।
- ଫସଲରେ ସହଳ କାଣ୍ଡବିନ୍ଧା ପୋକ ଦମନ ପାଇଁ ହେକ୍ଟର ପ୍ରତି ୧ ଲିଟର ଫିପ୍ରୋନିଲ୍ କିମ୍ବା ୨୦୦ ମି.ଲି. କୋରାଜେନ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ।

**-କୃଷି ବୈଷୟିକ ସୂଚନା କେନ୍ଦ୍ର, ସମ୍ପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ, ଓୟୁଏଟି, ଭୁବନେଶ୍ୱର**

## ସଂକ୍ଷେପରେ

### ଚାଲୁହେଲା ରୂପ୍‌ସା ଝୋଟ କାରଖାନା

ରୂପ୍‌ସା, ୩୧।୩(ଡି.ଏନ.ଏ.)-ବାଲେଶ୍ୱର ଜିଲା ସଦର ବ୍ଲକ ଅଧୀନ ରୂପ୍‌ସାସ୍ଥିତ ଜୟକିଶନ ଦାସ ସହ ଝୋଟ କାରଖାନା ମଙ୍ଗଳବାରଠାରୁ ଚାଲୁ କରାଯାଇଛି। କରୋନା କଟକଣା ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ଗତ ୨୪ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ କର୍ତ୍ତୃପକ୍ଷ କାରଖାନା ବନ୍ଦ ରଖିଥିଲେ। ପୁଣି ଜିଲାପାଳଙ୍କ ଅର୍ଡ଼ର (ନଂ. ୧୦୬୧/୨୭.୩.୨୦) ଅନୁଯାୟୀ ମାର୍ଚ୍ଚ ୩୧ତାରିଖରୁ କାରଖାନା ଚାଲୁ କରାଯାଇଥିବା ଜଣାପଡ଼ିଛି। କାରଖାନା ଖୋଲାଯିବା ଫଳରେ କାର୍ଯ୍ୟରତ ୮୫୦ ଜଣ ଶ୍ରମିକଙ୍କ ମଧରେ ଖୁସିର ଲହରୀ ଖେଳି ଯାଇଛି।

### ୨୬ ବାଇକ୍ ଜବତ

ଯୋଡା,୩୧।୩(ଡି.ଏନ.ଏ.)-ଲକଡାଉନ କଟାକଣାକୁ ଉଲ୍ଲଂଘନ କରି ବିନା କାରଣରେ ଯୋଡ଼ା ସହରରେ ବୁଲୁଥିବା ୨୬ଟି ବାଇକ୍‌କୁ ପୋଲିସ ଜବତ କରିଛି। ଗତ ଶନିବାର ମଧ ଯୋଡା ପୋଲିସ ୨୯ ବାଇକ ଜବତ କରିଥିଲା । ତେବେ ଜବତ ବାଇକ୍ ଗୁଡିକୁ ଲକଡାଉନ୍ ଉଠିବା ପରେ କାଗଜପତ୍ର ଯାଞ୍ଚ କରି ଛାଡିଦିଆଯିବ ବୋଲି ଯୋଡ଼ା ଥାନା ଆଇଆଇସି ରାଇସେନ୍ ମୁର୍ମୁ ସୂଚନା ଦେଇଛନ୍ତି।

### ଜମି ବିବାଦରୁ ଗଣ୍ଡଗୋଳ, ୩ ଗୁରୁତର

ବାସୁଦେବପୁର, ୩୧।୩(ଡି.ଏନ୍.ଏ.)- ଭଦ୍ରକ ଜିଲା ବାସୁଦେବପୁର ଥାନା ବାଷଠୀ ଗ୍ରାମରେ ଜମିଜମା ବିବାଦକୁ ନେଇ ଗଣ୍ଡଗୋଳ ଘଟି ୩ ଜଣ ଗୁରୁତର ଆହତ ହୋଇଛନ୍ତି। ଆହତମାନେ ହେଲେ ରବୀନ୍ଦ୍ର ଶତପଥୀ, ରେଣୁକାବାଳା ଶତପଥି ଓ ତାଙ୍କ ନାତି ଅରଣ୍ଡୁଆ ଗ୍ରାମର ଜଗବନ୍ଧୁ ପାଣିଗ୍ରାହୀ। ସେମାନଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଚିକିତ୍ସା ପାଇଁ ସେମାନଙ୍କୁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆହତ ବ୍ୟକ୍ତି ମାନେ ତାଙ୍କ ଜମିରେ ଘର କରୁଥିବା ବେଳେ ଗ୍ରାମର କେତେକ ବ୍ୟକ୍ତି ଏହାକୁ ବିରୋଧ କରି ସଂଘବଦ୍ଧ ଭାବେ ମାରଣାସ୍ତ୍ରରେ ଆକ୍ରମଣ କରିଥିବା ଥାନାରେ ଅଭିଯୋଗ ହୋଇଛି।

# ଓଡ଼ିଶା ସୀମାରୁ ହଟିଲା ଝାଡ଼ଖଣ୍ଡ ପୋଲିସ

## ୪୦ ଶ୍ରମିକଙ୍କୁ କ୍ୱାରାଣ୍ଟାଇନରେ ରଖିଲା ପୋଲିସ

**ବଡବିଲ, ୩୧।୩(ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡବିଲ ପୌରାଞ୍ଚଳ ଝାଡଖଣ୍ଡ ରାଜ୍ୟ ସୀମାରେଖାକୁ ଲାଗି ରହିଛି। ରାଜ୍ୟର ବଡବିଲ ପୌରାଞ୍ଚଳର ୱାର୍ଡ ନଂ.୧ସ୍ଥିତ ନାଲଦା ଅଞ୍ଚଳ ଭିତରକୁ ସୋମବାର ଝାଡଖଣ୍ଡ ପୋଲିସ ପଶି ଟେଣ୍ଟ ବାନ୍ଧୁଥିବା ବେଳେ ବିରୋଧ ହୋଇଥିଲା। ସ୍ଥାନୀୟ ପ୍ରଶାସନ ପହଞ୍ଚି ଝାଡଖଣ୍ଡ ପୋଲିସକୁ ଝାଡଖଣ୍ଡ ରାଜ୍ୟ ସୀମାକୁ ଚାଲିଯିବାକୁ କହିବା ପରେ ଝାଡଖଣ୍ଡ ପୋଲିସ ନିଜ ସୀମାରେଖାକୁ ଚାଲିଯାଇଥିବା ଦେଖାଯାଇଛି।

ଉଭୟ ରାଜ୍ୟ ସୀମାକୁ ପୋଲିସ ସିଲ୍ କରି ସଜାଗ ରହିଛି। ସୋମବାର ରାତିରେ ଓଡିଶାରୁ ୩୯ଜଣ ଶ୍ରମିକ ଚାଲି ଚାଲି ପଶ୍ଚିମବଙ୍ଗର ମୁର୍ଶିଦାବାଦ ଅଞ୍ଚଳକୁ ଯାଉଥିବା ବେଳେ ପୋଲିସ ସେମାନଙ୍କୁ ଅଟକାଇ ଭୁଷୁଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟସ୍ଥିତ କ୍ୱାରାଣ୍ଟାଇନରେ ରଖିଛି। ହେଲେ ସେଠାରେ ଘର ବାରଣ୍ଡା ଓ ଖୋଲା ପଡିଆରେ ଶ୍ରମିକମାନଙ୍କୁ ଆଶ୍ରୟ ନେବାକୁ କୁହାଯିବାରୁ ସେମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଫଳରେ ନିଜେ ଧରିଥିବା ଜରି ପକାଇ କେତେକ ଶ୍ରମିକ ଶୋଇଥିଲା ବେଳେ ଆଉ କେତେକ ଖୋଲା ପଡିଆରେ ଶୋଇଥିବା ଦେଖିବାକୁ ମିଳିଥିଲା। ମଙ୍ଗଳବାର ଭୋର ସମୟରେ ସେଠାରୁ କେତେକ ଶ୍ରମିକ ପଳାୟନ କରିଥିବା କୁହାଯାଉଛି। ତେବେ ଉକ୍ତ କ୍ୱାରାଣ୍ଟାଇନ ସେଣ୍ଟରରେ ବିଛଣା, ଚାଦର, ତକିଆ, ପାନୀୟଜଳ ଆଦି ସୁବିଧା ନ ଥିବା ବେଳେ ଅଟକ ଥିବା ଶ୍ରମିକମାନଙ୍କ ମଧ୍ୟରେ ସାମାଜିକ ଦୂରତା ନିମନ୍ତେ କୌଣସି ସୁବିଧା ନ ଥିବାରୁ ଶ୍ରମିକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସେମାନେ ଘରମୁହାଁ ହୋଇଥିବାରୁ ଖାଇବାକୁ ମନା କରି ଘରକୁ ଯିବାକୁ ଜିଦ୍ ଧରିଛନ୍ତି। ଘରକୁ ଚାଲି ଚାଲି ଯିବା ନିମନ୍ତେ ସେମାନେ ସରକାରଙ୍କୁ ଅନୁମତି ମାଗିଛନ୍ତି। ସେହିପରି ମଙ୍ଗଳବାର ଭୋର ସମୟରେ କଟକରୁ ୪୦ଜଣ ଶ୍ରମିକ ଝାଡଖଣ୍ଡ ରାଜ୍ୟର ବିଭିନ୍ନ ଅଞ୍ଚଳ ଓ ପଶ୍ଚିମବଙ୍ଗର ମୁର୍ଶିଦାବାଦ ଅଞ୍ଚଳକୁ ଚାଲି ଚାଲି ଯାଉଥିବା ବେଳେ ପୋଲିସ ସେମାନଙ୍କ ଅଟକାଇ ଭଦ୍ରାସାହି ପଞ୍ଚାୟତର ନାଲଦା ହାଇସ୍କୁଲ କ୍ୱାରାଣ୍ଟାଇନ ସେଣ୍ଟରରେ ଆଣି ରଖିଛି। ତେବେ ସେଠାରେ ଫ୍ୟାନ ଥିଲେ ମଧ ଆଲୋକ ବ୍ୟବସ୍ଥା ନ ଥିବାରୁ ରହିବା କଷ୍ଟକର ବୋଲି ଶ୍ରମିକମାନେ କହିଛନ୍ତି।


ସାମାଜିକ ଦୂରତା ନ ଥିବା ଭୁଷୁଗାଁସ୍ଥିତ କ୍ୱାରାଣ୍ଟାଇନ ସେଣ୍ଟରରେ ଥିବା ଶ୍ରମିକ।

# ଟୁଇଟ୍ କରି ରାଜେନ୍ଦ୍ରଙ୍କ କାର୍ଯ୍ୟକୁ ପ୍ରଶଂସା କଲେ ମୁଖ୍ୟମନ୍ତ୍ରୀ

**ବାରିପଦା ଅଫିସ, ୩୧।୩**

ବାରିପଦା ସହରର ତକତପୁର ଅଞ୍ଚଳର ରାଜେନ୍ଦ୍ର କବାଟଙ୍କ ପରିବାରବର୍ଗ ବିନା ପାରିଶ୍ରମିକରେ ମାସ୍କ ତିଆରି କରୁଛନ୍ତି। ଏନେଇ ମଙ୍ଗଳବାର 'ଧରିତ୍ରୀ'ରେ ଖବର ପ୍ରକାଶ ପାଇବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ କରି ରାଜେନ୍ଦ୍ରଙ୍କ ପରିବାରକୁ ପ୍ରଶଂସା କରଛନ୍ତି। ବର୍ତ୍ତମାନର ସ୍ୱାସ୍ଥ୍ୟ ସଙ୍କଟ ସମୟରେ ବାରିପଦା ତକତପୁର ଅଞ୍ଚଳର ରାଜେନ୍ଦ୍ରଙ୍କ ପରିବାର କରୁଥିବା କାର୍ଯ୍ୟ ବାସ୍ତବରେ ପ୍ରଶଂସନୀୟ। ବିନା ପାରିଶ୍ରମିକରେ ଦିନକୁ ସେମାନେ ୮ ଘଣ୍ଟା ପରିଶ୍ରମ କରି ପୋଲିସ ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ମାଗଣାରେ ଦେବା ପାଇଁ ମାସ୍କ ତିଆରି କରୁଛନ୍ତି। ଏପରି ମହତ କାର୍ଯ୍ୟ ସମସ୍ତଙ୍କ ପାଇଁ ପ୍ରେରଣାଦାୟକ ବୋଲି ମୁଖ୍ୟମନ୍ତ୍ରୀ ଟୁଇଟରରେ ଲେଖିଛନ୍ତି। ପ୍ରକାଶ ଯେ, ତକତପୁର ଅଞ୍ଚଳର ରାଜେନ୍ଦ୍ର କବାଟଙ୍କ ପରିବାର ବିନା ପାରିଶ୍ରମିକରେ ଦିନକୁ ୮ ଘଣ୍ଟା ପରିଶ୍ରମ କରି ମାସ୍କ ତିଆରି କରି ପୋଲିସ ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ମାଗଣାରେ ବଣ୍ଟନ କରୁଛନ୍ତି। ମୁଖ୍ୟମନ୍ତ୍ରୀ ତାଙ୍କ ପରିବାରର କାର୍ଯ୍ୟକୁ ପ୍ରଶଂସା କରିଥିବାରୁ ସେ ଓ ପରିବାର ଲୋକ ବେଶ୍ ଆନନ୍ଦିତ ବୋଲି ରାଜେନ୍ଦ୍ର କହିଛନ୍ତି। ଯାହାକି ତାଙ୍କୁ ଆଗାମୀ ଦିନରେ ସେବାମୂଳକ କାର୍ଯ୍ୟ କରିବା ପାଇଁ ଉତ୍ସାହ ଯୋଗାଇବ ବୋଲି ସେ ପ୍ରକାଶ କରିଛନ୍ତି।



ମୁଖ୍ୟମନ୍ତ୍ରୀ କରିଥିବା ଟୁଇଟ।

# ସୀମାନ୍ତ ପରିଦର୍ଶନ କଲେ ପୂର୍ବାଞ୍ଚଳ ଆଇଜି

**ବାରିପଦା ଅଫିସ, ୩୧।୩**

ଆସନ୍ତା ଏପ୍ରିଲ ୧୪ ପର୍ଯ୍ୟନ୍ତ ଲକଡାଉନକୁ କଡ଼ାକଡ଼ି ପାଳନ କରାଯିବା ସହିତ ସମସ୍ତ ରାଜ୍ୟ ଓ ଜିଲାର ସୀମାନ୍ତବର୍ତ୍ତୀ ସ୍ଥାନଗୁଡ଼ିକ ସିଲ୍ କରାଯାଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ପୂର୍ବାଞ୍ଚଳ ଆଇଜି ଦିପ୍ତେଶ ପଟ୍ଟନାୟକ ମୟୂରଭଞ୍ଜ ଜିଲା ଗସ୍ତରେ ଆସି ଓଡ଼ିଶା, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ସୀମାନ୍ତବର୍ତ୍ତୀ ସ୍ଥାନ ଜାମଶୋଳା ଅଞ୍ଚଳ ପରିଦର୍ଶନ ସହ ସ୍ଥିତି ଅନୁଧ୍ୟାନ କରିଥିଲେ। ଆଇଜିଙ୍କ ସହିତ ମୟୂରଭଞ୍ଜ ଏସ୍‌ପି ପରମାର ସ୍ମିଥ ପୁରୁଷୋତ୍ତମ ଦାସ , ସାରସକଣା ତହସିଲଦାର ସତ୍ୟବାନ ନାୟକ, ବିଡିଓ ସଂଗ୍ରାମ କେଶରୀ ଭୋଳ, ଝାରପୋଖରିଆ ଥାନା ଭାରପ୍ରାପ୍ତ ଅଧିକାରୀ ସୁଦର୍ଶନ ଗାଙ୍ଗୋଇ ପ୍ରମୁଖ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ ଯେ, ଜିଲାର ବିଭିନ୍ନ ସ୍ଥାନରେ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର କ୍ୟାମ୍ପ କରାଯାଇ ଶ୍ରମିକମାନଙ୍କୁ ରଖାଯାଇଥିବା ବେଳେ ସେମାନଙ୍କ ଖାଦ୍ୟପେୟର ବନ୍ଦୋବସ୍ତ ମଧ କରାଯାଇଛି।


ପୂର୍ବାଞ୍ଚଳ ଆଇଜି ସ୍ଥିତି ପରଖୁଛନ୍ତି।

# ମାସ୍କ ବାଣ୍ଟିଲେ ପୂର୍ବତନ ବିଧାୟକ

**ସଜନାଗଡ଼, ୩୧।୩(ଡି.ଏନ.ଏ.)**

ଧର୍ମଠାରୁ ବଡ଼ ମାନବ ସେବା। ନୀଳଗିରି ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ନିଜ ପେନସନ ଅର୍ଥରେ ୨ହଜାରରୁ ଊର୍ଦ୍ଧ୍ୱ ମାସ୍କ କିଣି ବଣ୍ଟନ କରିଛନ୍ତି। ମଙ୍ଗଳବାର ସେ ପ୍ରଥମେ ସାପ୍ତାହିକ ହାଟକୁ ଯାଇ ସେଠାକୁ ଆସୁଥିବା ସାଧାରଣ ଗରିବ ଲୋକ ଓ ଦୋକାନୀଙ୍କୁ ମାସ୍କ ଦେଇଥିଲେ। ଏହାପରେ ଷଡଙ୍ଗୀ ନୀଳଗିରି ମେଡ଼ିକାଲକୁ ଯାଇ ସେଠାରେ କାର୍ଯ୍ୟରତ କର୍ମଚାରୀ, ଚିକିତ୍ସାଧୀନ ରୋଗୀ ଓ ସେଠାରେ ଉପସ୍ଥିତ ଥିବା ପରିବାର ଲୋକଙ୍କୁ ମାସ୍କ ପ୍ରଦାନ କରିଥିଲେ। ଏହାସହ ନୀଳଗିରି ଥାନାରେ କାର୍ଯ୍ୟରତ ସମସ୍ତ କର୍ମଚାରୀ ଓ ଉପଜିଲାପାଳ ହରିଶ୍ଚନ୍ଦ୍ର ଜେନାଙ୍କୁ ମାସ୍କ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ନୀଳଗିରି ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷ ମନୋରଞ୍ଜନ ପଣ୍ଡା, ବରୁଣ କର, ଦେବାନନ୍ଦ ଦାସ, ରଘୁନାଥ ସିଂ, କିଶୋର ଦାସଙ୍କ ସମେତ ହାଇଟେକ୍ ମେଡ଼ିକାଲ କଲେଜର ଶେଷବର୍ଷର ଛାତ୍ର ବ୍ରହ୍ମପ୍ରସାଦ ଷଡ଼ଙ୍ଗୀ ଓ ସସ୍ମିତ ରଞ୍ଜନ ଶତପଥୀ ପ୍ରମୁଖ ସହଯୋଗ କରିଥିଲେ।


ପୂର୍ବତନ ବିଧାୟକ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ମାସ୍କ ବଣ୍ଟନ କରୁଛନ୍ତି।

# ଗୁଜବ ପ୍ରଚାରକରି ଯୁବକ ଗିରଫ

**ବାଲେଶ୍ୱର ଅଫିସ, ୩୧।୩**

ଲକ୍‌ଡାଉନ ସମୟରେ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ସବୁ ସକାଳ ୬ଟାରୁ ଦିନ ୧୧ଟା ପର୍ଯ୍ୟନ୍ତ ଖୋଲା ରହିବ ଏବଂ ବାଇକ୍‌ରେ ବାହାରେ ବୁଲୁଥିବା ବ୍ୟକ୍ତିଙ୍କ ଗାଡ଼ି ଜବତ କରିବା ପାଇଁ ବାଲେଶ୍ୱର ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଏକ ମିଥ୍ୟା ଗୁଜବ ସୋସିଆଲ ମିଡ଼ିଆରେ ପ୍ରଚାରିତ ହୋଇଥିଲା। ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇ ଏଥିରେ ସମ୍ପୃକ୍ତ ଜଣେ ଯୁବକଙ୍କୁ ରେମୁଣା ପୋଲିସ ଗିରଫ କରିଛି । ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନ ସକାଳ ୬ଟାରୁ ସନ୍ଧ୍ୟା ୬ଟା ଯାଏ ଖୋଲା ରହିପାରିବ ବୋଲି ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଅନୁମତି ପ୍ରଦାନ କରିଛନ୍ତି। ଏଥିରେ କୌଣସି ପରିବର୍ତ୍ତନ ହୋଇନାହିଁ। ସୋସିଆଲ ମିଡିଆରେ ବାଲେଶ୍ୱର ଜିଲାପାଳଙ୍କ ଫଟୋ ଥାଇ ଏଭଳି ଏକ ଗୁଜବ ଲକ୍‌ଡାଉନ ସମୟରେ ଜନସାଧାରଣଙ୍କ ମନରେ ଭ୍ରାନ୍ତ ଧାରଣା ସୃଷ୍ଟି କରୁଥିବା ଅଭିଯୋଗରେ ରେମୁଣା ପୋଲିସ ଶିବଶଙ୍କର ପରିଡ଼ାଙ୍କୁ ଗିରଫ କରିଛି । ସମ୍ପୃକ୍ତ ଯୁବକଙ୍କ ଘର ରେମୁଣା ଥାନା ଖରିଦମୁଖୁରା ଗ୍ରାମରେ। ତାଙ୍କ ବିରୋଧରେ ରେମୁଣା ଥାନାରେ ଆଇପିସିର ୧୮୮/୧୮୨/୨୯୦/୨୭୧/୫୦୫ ଧାରା ଅନୁଯାୟୀ ମାମଲା (ନଂ. ୬୨/୨୦୨୦)ରୁଜୁ ହୋଇଛି। ଆଗକୁ ଏଭଳି ଗୁଜବ ପ୍ରଚାର କଲେ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ ପକ୍ଷରୁ ଚେତାବନୀ ଦିଆଯାଇଛି।

# ଗାଁ ପ୍ରବେଶପଥକୁ ବନ୍ଦ କଲେ ଗ୍ରାମବାସୀ

**ଭଦ୍ରକ ଅଫିସ, ୩୧।୩**

ପ୍ରଶାସନିକ କଟକଣାକୁ ନ ମାନି କେତେକ ଗ୍ରାମବାସୀ ଲକ୍ ଡାଉନ ସମୟରେ ବାହାରେ ଚଳାଚଳ କରୁଛନ୍ତି। ଏହି କଟକଣାକୁ କଡ଼ାକଡ଼ି କରିବା ପାଇଁ ଭଦ୍ରକ ବ୍ଲକର କିଛି ଗାଁର ପ୍ରବେଶ ପଥକୁ ବାଉଁଶ ଓ କଣ୍ଟାରେ ବାନ୍ଧି ଯେଭଳି ଗାଁକୁ କେହି ଆସିପାରିବେ ନାହିଁ କିମ୍ବା ଗାଁର କେହି ଲୋକ ଗାଁ ବାହାରକୁ ଯାଇପାରିବେ ନାହିଁ ସେଭଳି ବ୍ୟବସ୍ଥା କରିଛନ୍ତି। ସହରର ଉପକଣ୍ଠ ଦଇସିଂ ପଞ୍ଚାୟତର ବଢ଼େଇଗଡିଆ ଗାଁର ଅଙ୍ଗନୱାଡ଼ି କର୍ମୀ ପ୍ରଜ୍ଞାପରମିତା ନାୟକଙ୍କ ଉଦ୍ୟମରେ କେତେକ ମହିଳା ପ୍ରବେଶ ପଥରେ ବାଉଁଶ ବାନ୍ଧି ବନ୍ଦ କରିଥିବା କୁହାଯାଇଛି। ସେହିଭଳି ଭଦ୍ରକ ବ୍ଲକର ବାଣିତିଆ ଗାଁରେ ମଧ ଅନୁରୂପ ପ୍ରବେଶପଥରେ ବାଉଁଶ ଓ କଣ୍ଟା ପକାଇ ଯାତାୟାତ ବନ୍ଦ କରାଯାଇଛି।



ବଢ଼େଇଗଡ଼ିଆ ଗାଁ ପ୍ରବେଶପଥରେ ମହିଳାମାନେ ବାଉଁଶ ବାନ୍ଧି ଅବରୋଧ କରାଯାଇଛି।

# ସଙ୍ଗରୋଧ କେନ୍ଦ୍ର ତଦାରଖ

**କେନ୍ଦୁଝର ୩୧।୩(ସ୍ୱ.ପ୍ର.)**

କେନ୍ଦୁଝର ସଦର ବ୍ଲକର ବିଭିନ୍ନ ପଞ୍ଚାୟତରେ ଖୋଲାଯାଇଥିବା ସଙ୍ଗରୋଧ କେନ୍ଦ୍ରଗୁଡିକର ସଦର ବିଡିଓ ଜଗନ୍ନାଥ ହନୁମାନ ଓ ଏବିଡିଓ ଭାଗବତ ନାଏକ ତଦାରଖ କରିଛନ୍ତି। ବରଦାପାଳ ପଞ୍ଚାୟତର ସରକାରୀ ଏସଏସଡି ବାଳିକା ଉଚ୍ଚବିଦ୍ୟାଳୟ, ବାଉରୀପଦା ପଞ୍ଚାୟତ କେମ୍ପସଡା ନୋଡାଲ ଉପ୍ରା ବିଦ୍ୟାଳୟ, ବୋଦାପଳସା ପଞ୍ଚାୟତର ଚନ୍ଦ୍ରଶେଖର ଉଚ୍ଚ ବିଦ୍ୟାଳୟ, ଡିମ୍ବୋ ପଞ୍ଚାୟତର ଜନମଙ୍ଗଳ ଉଚ୍ଚ ବିଦ୍ୟାଳୟ, ଗୋବର୍ଦ୍ଧନ ପଞ୍ଚାୟତର ନୋଡାଲ ଉପ୍ରା ବିଦ୍ୟାଳୟ ସେଣ୍ଡେକାପ, ଗୋପୀନାଥପୁର ପଞ୍ଚାୟତର ନୋଡାଲ ଉପ୍ରା ବିଦ୍ୟାଳୟ ସିଲିସୁଆଁ, ହାଣ୍ଡିଭଙ୍ଗା ପଞ୍ଚାୟତର ପଞ୍ଚଶଖା ସରକାରୀ ଉଚ୍ଚ ବିଦ୍ୟାଳୟ ଆମୁଣି ଆଦି ସ୍ଥାନରେ ସଙ୍ଗରୋଧ କେନ୍ଦ୍ର ଖୋଲାଯାଇଛି । ବ୍ଲକର ୨୫ଟି ପଞ୍ଚାୟତରେ ୨୫ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ପାଇଁ ଶଯ୍ୟା ବ୍ୟବସ୍ଥା, ପାଇଖାନା, ପିଇବା ପାଣି, ୨୪ଘଣ୍ଟିଆ ବିଦ୍ୟୁତ ବ୍ୟବସ୍ଥା ସାଙ୍ଗକୁ ବ୍ଲିଚିଂ ପକାଇ ବିଶୋଧନ କରାଯାଇଛି। ପ୍ରତି କେନ୍ଦ୍ରରେ ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ/ସଭ୍ୟା କେନ୍ଦ୍ରମାନଙ୍କର ଦାୟିତ୍ୱରେ ରହିବେ । ନୋଡାଲ ଅଫିସର ଓ ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ତଦାରଖ କରିବେ ବୋଲି ସୂଚନା ଦିଆଯାଇଛି।

# ଶ୍ରମିକଙ୍କୁ ରନ୍ଧାଖାଦ୍ୟ ବାଣ୍ଟିଲେ ମହିଳା ଗୋଷ୍ଠୀ


ପଞ୍ଚାୟତ ପରିସରରେ ଶ୍ରମିକମାନଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଛି।

**ବନ୍ତ, ୩୧।୩(ଡି.ଏନ.ଏ.)**

ଭଦ୍ରକ ଜିଲା ବନ୍ତ ବ୍ଲକ ନିଳୋକ ପଞ୍ଚାୟତରେ ପଶ୍ଚିମବଙ୍ଗ ରାଜ୍ୟ ତଥା ଅନ୍ୟ ଜିଲାରୁ ଆସି କାମ କରୁଥିବା କେତେକ ଶ୍ରମିକଙ୍କୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଇଛି । କରୋନା ଲକ୍‌ଡାଉନ୍ ପାଇଁ ଉକ୍ତ ପଞ୍ଚାୟତରେ ରହୁଥିବା ପ୍ରାୟ ୫୦ଜଣ ଶ୍ରମିକ ଭୋକ ଉପାସରେ କାଳାତିପାତ କରୁଥିଲେ। ବ୍ଲକ ମିଶନ ଶକ୍ତି ଆନୁକୂଲ୍ୟରେ ନିଳୋକସ୍ଥିତ ମା' ବୃନ୍ଦାବତୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ରନ୍ଧାଖାଦ୍ୟ ପ୍ରସ୍ତୁତ କରି ୫୦ଜଣ ଶ୍ରମିକଙ୍କୁ ଖାଦ୍ୟ ପରସିଥିବାର ଦେଖାଯାଇଥିଲା। ସରପଞ୍ଚ ଅଶୋକ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ପଞ୍ଚାୟତ ପରିସରରେ ସମସ୍ତ ଶ୍ରମିକଙ୍କୁ ଖାଇବାର ବ୍ୟବସ୍ଥା କରାଯାଇଥିଲା।

# ମଦ ବିରୋଧରେ ତେଜିଲା ଆନ୍ଦୋଳନ

**ଆନନ୍ଦପୁର, ୩୧।୩ (ସ୍ୱ.ପ୍ର.)**

କରୋନା କଟକଣା ବେଳେ କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଅନ୍ତର୍ଗତ କଣ୍ଟିପାଳ ପଞ୍ଚାୟତ ବିରିଡିହା ଗ୍ରାମରେ ଅବାଧ ମଦ କାରବାର ଚାଲିଥିବା ଅଭିଯୋଗ ହୋଇଛି। ଏହାକୁ ବିରୋଧ କରି ସ୍ୱୟଂ ସହାୟକ ମହିଳା ମଣ୍ଡଳର ସଭ୍ୟାମାନେ ସୋମବାର ରାତିଠାରୁ ମଙ୍ଗଳବାର ମଧ୍ୟାହ୍ନ ପର୍ଯ୍ୟନ୍ତ ଆନ୍ଦୋଳାନାତ୍ମକ ପନ୍ଥା ଗ୍ରହଣ କରିଛନ୍ତି। ଗ୍ରାମକୁ ସମ୍ପୂର୍ଣ୍ଣ ମଦମୁକ୍ତ କରିବା ପାଇଁ ମହିଳାମାନେ ଏଭଳି ପଦକ୍ଷେପ ଗ୍ରହଣ କରିଛନ୍ତି।

କରୋନା ପାଇଁ ଜିଲାରେ ଲକ୍ ଡାଉନ୍ ପରିସ୍ଥିତି ଜାରି ରହିଥିଲେ ସୁଦ୍ଧା ଆଖପାଖ ଅଞ୍ଚଳର ଅସାମାଜିକ ଯୁବକମାନେ ମଦ ପାଇଁ ବିରିଡିହା ଗ୍ରାମରେ ଏକାଠି ହେବା ସହ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଏପରିକି ଯୁବକମାନେ ନିଶାସକ୍ତ ଅବସ୍ଥାରେ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରୁଥିବାରୁ ଗ୍ରାମରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ସୋମବାର ବିଳମ୍ବିତ ରାତିରେ ମହିଳାମାନେ ଏନେଇ ପୋଲିସକୁ ସୂଚନା ଦେଇଥିଲେ। ତେବେ ପୋଲିସ ମଙ୍ଗଳବାର ବିରିଡିହା ଗ୍ରାମରେ ପହଞ୍ଚି ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଥିଲା।


ବିରିଡିହା ଗ୍ରାମରେ ଆନ୍ଦୋଳନ କରୁଥିବା ମହିଳାମାନଙ୍କୁ ପୋଲିସ ବୁଝାଶୁଝା କରୁଛି।

# ସଙ୍କଟରେ ଶ୍ରମିକଙ୍କ ସ୍ୱାସ୍ଥ୍ୟ, ନିରାପତ୍ତା

ଯାଜପୁର ଅଫିସ,୩୧।୩

କରୋନା ମୁକାବିଲା ପାଇଁ ଦେଶରେ ଲକ୍‌ଡାଉନ୍ କରାଯାଇଥିବାବେଳେ ଖଣି ଖନନ ତଥା ଇସ୍ପାତ ଉତ୍ପାଦନ ଶିଳ୍ପ କ୍ଷେତ୍ରରେ ନିୟୋଜିତ ଶ୍ରମିକଙ୍କୁ ବିପଦମୁହଁକୁ ଠେଲି ଦିଆଯାଇଛି। ଏନେଇ ଜନ ଅଧିକାର ମଞ୍ଚ ଗଭୀର ଚିନ୍ତା ପ୍ରକଟ କରିଛି। ମଞ୍ଚ ପକ୍ଷରୁ ସାରା ରାଜ୍ୟରେ ଖଣି ଖନନ ଓ ଇସ୍ପାତ ଉତ୍ପାଦନ ସ୍ଥଗିତ ରଖିବାକୁ ଏକ ବିବୃତିରେ ଦାବି କରାଯାଇଛି। ଉକ୍ତ ବିବୃତିରେ ଦର୍ଶାଯାଇଛି ଯେ, ଖଣି ଓ ବିଭିନ୍ନ ଶିଳ୍ପ କାରଖାନାରେ କାର୍ଯ୍ୟରତ ହଜାର ହଜାର ଶ୍ରମିକଙ୍କୁ କାର୍ଯ୍ୟରେ ଯୋଗଦେବା ପାଇଁ ବାଧ କରାଯାଉଛି। ଏହାଦ୍ୱାରା ସେମାନଙ୍କ ନିଜର ତଥା ସେମାନଙ୍କ ପରିବାର ବର୍ଗ ଓ ବୃହତ୍ତର ସମୁଦାୟର ସ୍ୱାସ୍ଥ୍ୟ ନିରାପତ୍ତାକୁ ବିପନ୍ନ କରାଯାଇଛି। ଯେତେବେଳେ କରୋନା ଭାଇରସକୁ ପ୍ରତିହତ କରିବା ପାଇଁ ସଙ୍ଗରୋଧ ଓ ଏକାନ୍ତ ବାସ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି, ଏହି ସମୟରେ ଘରୁ ନ ବାହାରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି, ସେତେବେଳେ ଖଣି ଓ କାରଖାନାମାନଙ୍କୁ ହଜାର ହଜାର ଶ୍ରମିକଙ୍କୁ କାମରେ ନିୟୋଜିତ କରିବାକୁ ଅନୁମତି ଦିଆଯାଇଛି। ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତ୍ୟାବଶ୍ୟକ ସେବା କ୍ଷେତ୍ରକୁ ଛାଡି ଅନ୍ୟ କ୍ଷେତ୍ର ପାଇଁ ବିଭିନ୍ନ କଟକଣା ଜାରି କରିଛନ୍ତି। କିନ୍ତୁ ଖଣି ଓ ଇସ୍ପାତ କ୍ଷେତ୍ର ପାଇଁ ସେପରି କୌଣସି କଟକଣା ଲାଗୁ ହେବ ନାହିଁ ବୋଲି ନିର୍ଦ୍ଦେଶ ହୋଇଛି। ଖଣି ଓ ଇସ୍ପାତ ଶିଳ୍ପ ଅତ୍ୟାବଶ୍ୟକ ସେବା ପ୍ରଦାନ କରୁଛନ୍ତି ବୋଲି କୁହାଯାଇଛି। ଏହି ଅତ୍ୟାବଶ୍ୟକ ସେବା ବର୍ଗରେ କୋଇଲା, ଶକ୍ତି, ଇସ୍ପାତ ଓ ସାର ଉତ୍ପାଦନ, ଯୋଗାଣ ଓ ବଣ୍ଟନ ସହିତ ସଂପୃକ୍ତ ସମସ୍ତ ସେବା ଓ ପ୍ରତିଷ୍ଠାନ, ଆବଶ୍ୟକ କଞ୍ଚାମାଲ ଲୁହାପଥର, କୋଇଲା, ଚୂନ ପଥର, ଡୋଲୋମାଇଟ, ମାଙ୍ଗାନିଜ, କ୍ରୋମାଇଟ ଆଦି ଖଣିଜ ପ୍ରଦାର୍ଥ ଖନନ। ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଏହିସବୁ କ୍ଷେତ୍ରରେ ଲକଡାଉନ କଟକଣା ଲାଗୁ ହେବ ନାହିଁ। ଏହି ନିଷ୍ପତ୍ତି ଦ୍ୱାରା ଶ୍ରମିକମାନେ କରୋନା ଭାଇରସ ଦ୍ୱାରା ସଂକ୍ରମିତ ହେବାର ଆଶଙ୍କା ରହିଛି। ଏଥିରୁ ଶ୍ରମଜୀବୀ ମଣିଷଙ୍କ ପ୍ରତି ଯେଭଳି ଆଚରଣ କରାଯାଇଛି, ତାହା ସରକାରଙ୍କ ଶଠତା ସ୍ପଷ୍ଟ ଭାବେ ପ୍ରମାଣିତ ହେଉଛି। ଗୋଟେପଟେ ତାଲା ବନ୍ଦ ପାଳନ କରିବା ପାଇଁ ଓଡ଼ିଶା ପୋଲିସ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି। ଅପରପକ୍ଷେ ଖଣି ଓ ଶିଳ୍ପ ସଂସ୍ଥାମାନଙ୍କୁ କାମ ଚାଲୁ ରଖିବାର ଅନୁମତି ଦେଇ ସରକାର ଶ୍ରମିକ ଓ ସେମାନଙ୍କ ପରିବାରବର୍ଗଙ୍କ ଜୀବନ ସହ ଖେଳ ଖେଳୁଛନ୍ତି।


ଲକ୍‌ଡାଉନ ସତ୍ତ୍ୱେ ଶିଳ୍ପସଂସ୍ଥାରେ ଶ୍ରମିକମାନେ କାର୍ଯ୍ୟ କରୁଛନ୍ତି।

## ଖଣି ଖନନ, ଇସ୍ପାତ ଉତ୍ପାଦନ ସ୍ଥଗିତ ଦାବି

ମହାମାରୀ ସମୟରେ ବି ମୁନାଫା ହାସଲ ପାଇଁ ଶ୍ରମିକମାନଙ୍କୁ ନିୟୋଜିତ କରିବା କେତେ ଯୁକ୍ତିଯୁକ୍ତ ବୋଲି ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଛି। ଏହିକ୍ରମରେ ସୁକିନ୍ଦା ଖଣି ଅଞ୍ଚଳରେ ଖଣି ଉତ୍ତୋଳନ ଜୋରସୋରରେ ଚାଲିଛି। ସେଠାରେ ଖଣି ଖନନରୁ ହେଉଥିବା ପ୍ରଦୂଷଣ ଯୋଗୁ ସେଠାକାର ଲୋକମାନେ ଶ୍ୱାସଜନିତ ଓ ଯକ୍ଷ୍ମା ଭଳି ରୋଗରେ ବହୁମାତ୍ରାରେ ଆକ୍ରାନ୍ତ। ଏ ସ୍ଥିତିରେ ସେଠାରେ ସବୁକ୍ଷେତ୍ରରେ କଟକଣା ନିହାତି ଜରୁରୀ। ଗତ ୨୪ ତାରିଖରେ ଯାଜପୁରରୋଡ ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ କରୋନା ସଂକ୍ରମଣକୁ ପ୍ରତିହତ କରିବା ପ୍ରସଙ୍ଗରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଉକ୍ତ ବୈଠକରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର କହିଥିଲେ, ସବନମ୍ଭଶ୍ରମିକମାନଙ୍କୁ ନେଇ କାର୍ଯ୍ୟ ପରିଚାଳନା କରାଯିବ। ସାମାଜିକ ଦୂରତା ରକ୍ଷା କରିବାକୁ ସମସ୍ତ ଖଣି ଓ କାରଖାନା କର୍ତ୍ତୃପକ୍ଷଙ୍କୁ ସେ ପରାମର୍ଶ ଦେଇଥିଲେ। ମାତ୍ର ଏଥିରେ ବ୍ୟତିକ୍ରମ ହୋଇଥିବା ଅଭିଯୋଗ ହୋଇଛି।

## ହୋମ୍ କ୍ୱାରାଣ୍ଟାଇନ କେନ୍ଦ୍ର ବୁଲିଲେ ପ୍ରକଳ୍ପ ନିର୍ଦ୍ଦେଶକ


ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହ ଅନ୍ୟମାନେ କେନ୍ଦ୍ର ବୁଲି ଦେଖୁଛନ୍ତି।

ଯାଜପୁର ଟାଉନ,୩୧।୩(ଡି.ଏନ.ଏ.)

ଜିଲା ପ୍ରଶାସନ ପକ୍ଷରୁ ପ୍ରତି ପଞ୍ଚାୟତରେ ହୋମ୍ କ୍ୱାରାଣ୍ଟାଇନ କେନ୍ଦ୍ର କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହିକ୍ରମରେ ଯାଜପୁର ଜିଲାର ୧୦ ବ୍ଲକର ୩୧୧ ପଞ୍ଚାୟତରେ ଏହି କେନ୍ଦ୍ର କରିବାର ବ୍ୟବସ୍ଥା କରାଯାଇଛି। ଜିଲା ଗ୍ରାମ୍ୟଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ ମଙ୍ଗଳବାର ଯାଜପୁର ବ୍ଲକର ପଣସା ପଞ୍ଚାୟତ ଭଗବାନନ୍ଦ ହାଇସ୍କୁଲଠାରେ ପହଞ୍ଚି ସେଠାରେ ନିର୍ମାଣ କରାଯାଇଥିବା ହୋମ୍ କ୍ୱାରାଣ୍ଟାଇନ କେନ୍ଦ୍ରକୁ ବୁଲି ଦେଖିଥିଲେ। ସୁନ୍ଦରଭାବେ ପଞ୍ଚାୟତ ପକ୍ଷରୁ ଏହାକୁ ସଜାଯାଇଥିବାରୁ ପ୍ରକଳ୍ପ ନିର୍ଦ୍ଦେଶକ ନାୟକ ବିଡିଓ ସୌରଭ ଚକ୍ରବର୍ତ୍ତୀ ଓ ସରପଞ୍ଚ ମୋନାଲିସା ପତିଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି କେନ୍ଦ୍ରରେ ରହିବାକୁ ଥିବା ବ୍ୟକ୍ତିଙ୍କ ପାଇଁ ସମସ୍ତ ସୁବିଧା ଉପଲବ୍ଧ ଅଛି ବୋଲି ବିଡିଓ ଚକ୍ରବର୍ତ୍ତୀ ସୂଚନା ଦେଇଥିଲେ। ଏହି ଗସ୍ତସମୟରେ ଜିଲା ପଞ୍ଚାୟତ ଅଧିକାରୀ ଅଶୋକ ସେଠୀ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ ସେଠୀ, ଅନ୍ୟ କର୍ମଚାରୀ ଏବଂ ସରପଞ୍ଚଙ୍କ ପ୍ରତିନିଧି ସୁରେଶ ଚନ୍ଦ୍ର ପତି ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲା ମୁଖ୍ୟ ଚିକିତ୍ସାଳୟ ସ୍ଥିତି ପରଖିଲେ ଜିଲାପାଳ



ମୁଖ୍ୟ ଚିକିତ୍ସାଳୟରେ ଜିଲାପାଳଙ୍କ ସହ ଅନ୍ୟମାନେ।

ଯାଜପୁର ଟାଉନ,୩୧।୩(ଡି.ଏନ.ଏ.)

ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ମଙ୍ଗଳବାର ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ କରିଛନ୍ତି। ଏହି ସମୟରେ ସେ ରୋଗୀଙ୍କୁ ସୁବିଧାଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ବିଶେଷକରି ଡାକ୍ତର ଓ ଷ୍ଟାଫମାନେ ଠିକ୍‌ରେ ସେବା ଯୋଗାଉଛନ୍ତି ନା ନାହିଁ ସେ ସମ୍ପର୍କରେ ପଚାରି ବୁଝିଥିଲେ। ଡାକ୍ତରଖାନା ପରିସର ପରିଷ୍କାର କରୁଥିବା କର୍ମଚାରୀ ଓ ସୁରକ୍ଷା କର୍ମଚାରୀ ସେମାନଙ୍କ କାର୍ଯ୍ୟ ଠିକ୍‌ରେ କରୁଥିବାରୁ ଜିଲାପାଳ ଖୁସିବ୍ୟକ୍ତ କରିବା ସହ ଦୈନିକ ଏହିଭଳି ସେବା ଯୋଗାଇବାକୁ ପରାମର୍ଶ ଦେଇଥିଲେ। ପରେ ଉପସ୍ଥାନ ଖାତା ତନଖି କରିବା ସହ ଅନ୍ୟ ୱାର୍ଡ ବୁଲି ଦେଖିଥିଲେ। ପରେ କରୋନା ଆଇସୋଲେଶନ ୱାର୍ଡ ବୁଲି ଦେଖିଥିଲେ। ଜିଲାପାଳଙ୍କ ଏହି ପରିଦର୍ଶନ ସମୟରେ ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଜିଲା ପଞ୍ଚାୟତ ଅଧିକାରୀ ଅଶୋକ ସେଠୀ, ଡେପୁଟି କଲେକ୍ଟର ବୀରକିଶୋର ସାହୁ, ମେଡିକାଲ ସୁପରିଟେଣ୍ଡେଣ୍ଟ ଡା. ଅନୁପ ନାଥ ଶର୍ମା, ଡିଓଏମ୍ ଚିନ୍ମୟ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

## ରାଜସ୍ୱ ଆଦାୟରେ ଧର୍ମଶାଳା ତହସିଲ ଜିଲାରେ ପ୍ରଥମ

ଧର୍ମଶାଳା,୩୧।୩(ଡି.ଏନ.ଏ.)

ଧର୍ମଶାଳା ତହସିଲ କାର୍ଯ୍ୟାଳୟ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ୧୬ କୋଟି ୪୦ ଲକ୍ଷ ୦୩ ହଜାର ୧୨୬ ଟଙ୍କା ରାଜସ୍ୱ ଆଦାୟ କରି ଯାଜପୁର ଜିଲାରେ ପ୍ରଥମ ସ୍ଥାନ ଅଧିକାର କରିଛି। ତହସିଲକୁ ୧୪ କୋଟି ୮୬ ଲକ୍ଷ ୪୬ ହଜାର ଟଙ୍କା ରାଜସ୍ୱ ଆଦାୟ ପାଇଁ ଜିଲା ପ୍ରସାଶନ ପକ୍ଷରୁ କୁହାଯାଇଥିଲା। ତହସିଲଦାର ସରୋଜ କୁମାର ପଣ୍ଡା ଗଣମାଧମକୁ ସୂଚନା ଦେଇ କହିଛନ୍ତି, ଏହି ତହସିଲର ୮୪ ସଇରାତ ମଧ୍ୟରୁ ୪୭ ସଇରାତ ନିଲାମ ହୋଇଛି। ଅବଶିଷ୍ଟ ସଇରାତ ମଧ୍ୟରୁ କେତେକ ଖାଦାନରେ ବେଆଇନ ଉତ୍ତୋଳନ ହୋଇଥିବାରୁ ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ୫ କୋଟି ୬୩ ଲକ୍ଷ ୫୭ ହଜାର ୫୯ଟଙ୍କା ଜରିମାନା ଆଦାୟ କରାଯାଇଛି। ଯାହାକି ରାଜସ୍ୱ ଆଦାୟରେ ସହାୟକ ହେବା ସହ ଏହି ତହସିଲ ଶତକଡା ୧୧୦ଭାଗରୁ ଅଧିକ ରାଜସ୍ୱ ଆଦାୟକରି ପାରିଛି। ତହସିଲରେ କର୍ମଚାରୀ ଅଭାବ ଓ ଅନେକ ସଇରାତ କେଶ ଚାଲିଥିବା ସତ୍ତ୍ୱେ ଲକ୍ଷଧାର୍ଯ୍ୟ ପୂରଣ କରି ଅଧିକା ରାଜସ୍ୱ ଆଦାୟ କରାଯାଇଛି। ବିଭିନ୍ନ ସମୟରେ ବେଆଇନ ପରିବହନ ହେଉଥିବା ଗାଡି ଗୁଡ଼ିକ ଉପରେ ଚଢାଉରେ ଅତିରିକ୍ତ ତହସିଲଦାର ଦେବୀ ପ୍ରସନ୍ନ ମହାନ୍ତି, ଶୀତଲ ଅଗ୍ରୱାଲ, ଧର୍ମଶାଳା ପୋଲିସ, ଜେନାପୁର ପୋଲିସ ଓ ରଜସ୍ୱ ନିରୀକ୍ଷକଙ୍କ ସହେଯାଗ ଯୋଗୁ ଏହା ସମ୍ଭବ ହୋଇ ପାରିଛି ବୋଲି ତହସିଲଦାର ପଣ୍ଡା କହିଛନ୍ତି।

## ଗ୍ରାମାଞ୍ଚଳରେ ବେଆଇନ ମଦ କାରବାର ବୃଦ୍ଧି

ଯାଜପୁର ଅଫିସ,୩୧।୩

କରୋନା ସଂକ୍ରମଣ ରୋକିବା ପାଇଁ ସାରା ଦେଶ ଲକଡାଉନ ହୋଇଛି। ଫଳରେ ଅତ୍ୟାବଶ୍ୟକ ସାମଗ୍ରୀ ଦୋକାନକୁ ବାଦ ଦେଲେ ହୋଟେଲ, ବଡ଼ବଡ଼ ମଲ, ବିଦେଶୀ ମଦ ଦୋକାନ, ବାର ଆଦି ବନ୍ଦ ହୋଇଛି। ମାତ୍ର ଗ୍ରାମାଞ୍ଚଳରେ କେତେଜଣ ଅସାଧୁ ବ୍ୟବସାୟୀ ମଦ ବିକ୍ରି କରି ମାଲେମାଲ ହେଉଥିବା ଅଭିଯୋଗ ହୋଇଛି। ଜିଲାର ପ୍ରାୟ ସମସ୍ତ ଅଞ୍ଚଳରେ ବର୍ତ୍ତମାନ ବେଆଇନ ମଦ ବିକ୍ରି ଚାଲିଛି। ବରୀ ବ୍ଲକ ବାଲିଆପାଳ, ବାଲିବିଲି, ରତ୍ନଗିରି, ଧାରପୁର, ସ୍ୱାଇଁଖଣ୍ଡ, କଳାମାଟିଆ, ଗମ୍ଭୁ, ସୁଜନପୁର ତାରିଣୀଛକ ସମେତ ଯାଜପୁରରୋଡ ଥାନା ଖଣ୍ଡହତା, ମୁଣ୍ଡୋମାଳ, ଯୋକଡିଆ ଆଦି ଅଞ୍ଚଳରେ ମଦ କାରବାର ବଢିଛି। ଏହାବାଦ ଜିଲାର ବିଭିନ୍ନ ଆଭ୍ୟନ୍ତରୀଣ ଅଞ୍ଚଳରେ ବେଆଇନ ମଦ କାରବାର ଅଣାୟତ୍ତ ହେବାରେ ଲାଗିଛି। ଢେଙ୍କାନାଳ ଜିଲା ଭୁବନ ଓ ଭଦ୍ରକ ଜିଲା ପଟୁ ଅଧିକାଂଶ ନକଲି ମଦ ଜିଲାକୁ ଆସୁଥିବା କୁହାଯାଉଛି। ତୁରନ୍ତ ଏହି ବେଆଇନ କାରବାରକୁ ରୋକା ନ ଗଲେ କରୋନା ସଂକ୍ରମଣ ନୁହେଁ ବରଂ ମଦମୃତ୍ୟୁ ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ ବୋଲି ମତପ୍ରକାଶ ପାଉଛି।

ବିଷାକ୍ତ ମଦ ତିଆରି ହେଉ ବା ବିକ୍ରି କରିବା ଯେପରି ଏକ ଗର୍ହିତ ଅପରାଧ, ସେହିଭଳି ମଦ ବିକ୍ରି ନାମରେ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ଲୁଣ୍ଠନ କରିବା ମଧ୍ୟ ଦେଶଦ୍ରୋହ କାର୍ଯ୍ୟ। ସରକାର ଅବକାରୀ ବିଭାଗକୁ ରାଜସ୍ୱ ସଂଗ୍ରହର ଲକ୍ଷ୍ୟ ଧାର୍ଯ୍ୟ କରିଥାନ୍ତି, ଅନ୍ୟପଟେ ରାଜସ୍ୱ ଧାର୍ଯ୍ୟ ମୁତାବକ ସଂଗ୍ରହ ତ ହୋଇଯାଏ ହେଲେ ରାଜସ୍ୱ ଲୁଣ୍ଠନ ହୁଏ ଅନ୍ୟବାଟରେ। ଜିଲାରେ ଧାର୍ଯ୍ୟ ମୁତାବକ ମଦ ଉତ୍ପାଦନରୁ ଅଧିକ ଉତ୍ପାଦନ କରି ଅସାଧୁ ଉପାୟରେ ବିକ୍ରି କରି ମାଲେମାଲ ହୋଇଥାନ୍ତି ବିଭାଗୀୟ କର୍ମଚାରୀ ଏବଂ ମଦ ମାଫିଆ। ଜିଲାରେ ପ୍ରାୟ ୪୫ଟି ଠିପିଖୋଲା ବିଦେଶୀ ମଦ ଦୋକାନ ଚାଲିଛି। ଏଥିରେ ବିଅର ପାର୍ଲର ମଧ୍ୟ ରହିଛି। ସେହିପରି ୪୦ଟି ଠିପିବନ୍ଦ ବିଦେଶୀ ମଦ ଦୋକାନ ରହିଥିବାବେଳେ ୧୪ଟି ଆଉଟଷ୍ଟିଲ ଦେଶୀମଦ ଦୋକାନ ରହିଛି। ସରକାରଙ୍କ ନିର୍ଦ୍ଦେଶନାମା ପରେ ଉପରୋକ୍ତ ପରିସଂଖ୍ୟାନରେ ଅଦଳବଦଳ ହୋଇଛି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ମଦ କେବଳ ସରକାରୀ ମଞ୍ଜୁରପ୍ରାପ୍ତ ଦୋକାନ କିମ୍ବା ବ୍ରାଞ୍ଚ କାଉଣ୍ଟରରେ ବିକ୍ରି ହେବା କଥା। ହେଲେ ପ୍ରକୃତପକ୍ଷେ କାଉଣ୍ଟର ଅପେକ୍ଷା ଗ୍ରାମାଞ୍ଚଳରେ ଥିବା କୁଚିଆ ବେପାରୀମାନଙ୍କରେ ବିକ୍ରି ବେଶୀ ହୋଇଥାଏ। ଏକ ଆକଳନରୁ ସ୍ପଷ୍ଟ ଜଣାପଡେଯେ, ଗୋଟିଏ କାଉଣ୍ଟରରେ ଅନୂନ୍ୟ ୨୦ ଖଣ୍ଡ ଗାଁର କୁଚିଆ ବେପାରୀ ରହିଛନ୍ତି। ଏବେ ସମଗ୍ର ଜିଲାରେ ସମସ୍ତ ଲାଇସେନ୍ସ ପ୍ରାପ୍ତ ଦୋକାନଗୁଡିକ ବନ୍ଦ ଥିବାବେଳେ ମାଲିକମାନେ ଚିନ୍ତାରେ ପଡିଛନ୍ତି। ତେଣୁ ଗ୍ରାମାଞ୍ଚଳରେ ଥିବା କୁଚିଆ ବେପାରୀମାନଙ୍କ ଉପରେ ଏବେ ମଦ ବିକ୍ରି ନିର୍ଭର କରୁଛି। ସମ୍ପ୍ରତି ଲକଡାଉନ ଚାଲିଥିବାରୁ ଅବକାରୀ ବିଭାଗ ମଦ ଧରପଗଡ ନାମକୁ ମାତ୍ର କରୁଛି। ଜିଲା ବ୍ୟାପୀ ଶହ ଶହ କୁଚିଆ ବେପାରୀ ଥିବାବେଳେ ସଚେତନ ନାଗରିକମାନେ ଅଭିଯୋଗ କଲେ ଧରପଗଡ ହେଉଛି। ଯାଜପୁର ଅବକାରୀ ଉପଅଧୀକ୍ଷକ ପ୍ରସନ୍ନ କୁମାର ନାୟକଙ୍କୁ ପଚାରିବାରୁ ସେ ବେଆଇନ ମଦ କାରବାର ଚାଲିନାହିଁ ବୋଲି କହିବା ସହ ଜିଲା ଅବକାରୀ ବିଭାଗରେ ବର୍ତ୍ତମାନ ଧରପଗଡକୁ ଅଧିକ ତ୍ୱରାନ୍ୱିତ କରାଯାଇଛି ବୋଲି କହିଛନ୍ତି।

## ଅବଦୁଲ୍ ବାରିଙ୍କୁ ପ୍ରଶାସନର ପଚରାଉଚରା

**ଦିଲ୍ଲୀ ନିଜାମୁଦ୍ଦିନ୍ ଧର୍ମସମ୍ମିଳନୀରେ ଯୋଗ ଦେଇଥିଲେ**

**ରସୁଲପୁର,୩୧।୩(ଡି.ଏନ.ଏ.):** ଦିଲ୍ଲୀ ନିଜାମୁଦ୍ଦିନ୍ ଧର୍ମସମ୍ମିଳନୀ କରୋନା ଭାଇରାସର ବାହକ ସାଜିଛି। ଏହି ସମ୍ମିଳନୀରେ ଯୋଗ ଦେଇଥିବା ଶ୍ରଦ୍ଧାଳୁଙ୍କଠାରୁ କରୋନା ଭୟ ଘନେଇବାରେ ଲାଗିଛି। ଭକ୍ତ କରୋନା ଆକ୍ରାନ୍ତ ଜଣାପଡିବା ପରେ ଦିଲ୍ଲୀ ସରକାରଙ୍କ ମୁଣ୍ଡ ବିନ୍ଧାର କାରଣ ସାଜିଛି। ଏହି ସମ୍ମିଳନୀରେ ଦେଶର ବିଭିନ୍ନ ସ୍ଥାନରୁ ଭକ୍ତମାନେ ଯୋଗଦେଇଥିଲେ। ସେଥିମଧ୍ୟରୁ ଓଡ଼ିଶାର ଯାଜପୁର ଜିଲା ଅନ୍ତର୍ଗତ ରସୁଲପୁର ବ୍ଲକର ବ୍ରହ୍ମବରଦାରୁ ଅବଦୁଲ୍ ବାରି ନାମକ ଜଣେ ଭକ୍ତ ଯୋଗଦେଇଥିଲେ। ଏ ସମ୍ପର୍କରେ ସୂଚନା ପାଇବା ପରେ ଜିଲା ପ୍ରଶାସନ ତତ୍ପର ହୋଇଉଠିଛି। ମଙ୍ଗଳବାର ସନ୍ଧ୍ୟାରେ ପ୍ରଶାସନର ଏକ ତଦନ୍ତକାରୀ ଦଳ ବ୍ରହ୍ମବରଦା ପଞ୍ଚାୟତର ଆଜାଦ ନଗରଠାରେ ପହଞ୍ଚି ଅବଦୁଲ୍ ବାରିଙ୍କ ସହ ଆଲୋଚନା କରିଥିଲେ। ତଦନ୍ତକାରୀ ଦଳ ସହ ସାମିଲ ଥିବା ଡାକ୍ତର ବାରିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ସେ କେଉଁକେଉଁ ସ୍ଥାନକୁ ଯାଇଥିଲେ, କାହାସହ ମିଳାମିଶା କରିଥିଲେ ସେ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ବାରି ୧୮ଦିନରୁ ଊର୍ଦ୍ଧ୍ୱ ହେବ ସମ୍ମିଳନୀରୁ ଫେରିଲେଣି। ମାତ୍ର ସେ ସୁସ୍ଥ ଥିବା ଜଣାପଡିଛି। ତାଙ୍କଠାରେ କରୋନା ଲକ୍ଷ୍ୟଣ ପରିଲକ୍ଷିତ ହୋଇ ନ ଥିବା ପ୍ରାରମ୍ଭିକ ତଦନ୍ତରେ ଜଣାଯାଇଛି। ତଦନ୍ତକାରୀ ଦଳରେ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୁଜବଳ, ଧର୍ମଶାଳା ଥାନା ଅଧିକାରୀ ସରୋଜ ସାହୁ, ବ୍ରହ୍ମବରଦା ଫାଣ୍ଡି ଅଧିକାରୀ ପରମାନନ୍ଦ ସେଠୀଙ୍କ ସହ ଜଣେ ଡାକ୍ତର ସାମିଲ ହୋଇଥିଲେ। ତେବେ ଯାହାବି ହେଉ ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ କଡ଼ା ନଜର ରାଖାଯିବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଉଛି।

## କୁଆଖିଆ ଥାନା ପକ୍ଷରୁ ୧୨ ବାଇକ୍ ଜବତ

**ରସୁଲପୁର,୩୧।୩(ଡି.ଏନ.ଏ.):** କୁଆଖିଆ ଥାନା ଅଞ୍ଚଳରେ ଲକଡାଉନ ନିୟମ ଭାଙ୍ଗି ଥିବା ବାଇକ୍‌ଚାଳକଙ୍କୁ କାବୁ କରିବା ପାଇଁ ପୋଲିସ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ମଙ୍ଗଳବାର ପୋଲିସ କୁଆଖିଆ ବଜାରରୁ ୧୨ ବାଇକ୍‌କୁ ଜବତ କରିଛି। ବାଇକ୍ ଗୁଡିକୁ ଥାନାରେ ରଖାଯାଇଛି। ଏହାପରେ ବାଇକ ଚାଳକମାନେ ବାଟକୁ ନ ଆସିଲେ ସେମାନଙ୍କ ନାଁରେ ମାମଲା ରୁଜୁ କରାଯିବା ସହ ଥାନାରେ ଅଟକ ରଖାଯିବ ବୋଲି ଚେତାବନୀ ଦିଆଯାଇଛି। ସେହିପରି ଆଗକୁ ଲକଡାଉନ କଡ଼ାକଡ଼ି ହେବ ବୋଲି କୁହାଯାଉଛି। ଏହି ସମୟରେ କେହି ଜଣେ ହେଲେ ବିନା କାରଣରେ



ପଦାକୁ ନ ଆସିବାକୁ କୁହାଯାଉଛି। ସକାଳ ୬ଟାରୁ ୧୦ଟା ମଧ୍ୟରେ ଅତ୍ୟାବଶ୍ୟକ ସମାଗ୍ରୀ କିଣିବା ପାଇଁ ନିକଟସ୍ଥ ବଜାରକୁ ଚାଲି ଚାଲି ଆସନ୍ତୁ ବୋଲି ପରାମର୍ଶ ଦିଆଯାଇଛି। ଏହାପରେ ବି ବାଇକ ବ୍ୟବହାର ହେଲେ ପୋଲିସ ପକ୍ଷରୁ କ୍ଷମା ଦିଆଯିବ ନାହିଁ ବୋଲି ଥାନା ଅଧିକାରୀ ମନୋଜ ସ୍ୱାଇଁ ସ୍ପଷ୍ଟ କରିଛନ୍ତି।

## ବଡ଼ଚଣା ବିଡିଓଙ୍କୁ କାରଣ ଦର୍ଶାଅ ନୋଟିସ

ଚଣ୍ଡିଖୋଲ,୩୧।୩(ଡି.ଏନ.ଏ.)

ବଡ଼ଚଣା ବ୍ଲକରେ ସଙ୍ଗରୋଧ କେନ୍ଦ୍ର ନିର୍ମାଣରେ ବ୍ୟପକ ଅବ୍ୟବସ୍ଥା ହୋଇଥିବା ଅଭିଯୋଗ ହୋଇଛି। ତେଣୁ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ କ୍ଷେତ୍ର ପରିଦର୍ଶନ କରି ଏକଥା ଜାଣିବା ପରେ ବ୍ଲକର ବିଡିଓଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କିରଛନ୍ତି। ଏଥି ସହିତ କାହିଁକି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବ ସେ ସମ୍ପର୍କରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, କୋଭିଡ-୧୯ର ପ୍ରତିରୋଧ ପାଇଁ ପ୍ରତ୍ୟେକ ପଞ୍ଚାୟତରେ ରାଜ୍ୟ ଓ ଦେଶ ବାହାରୁ ଫେରୁଥିବା ଲୋକଙ୍କୁ ସଙ୍ଗରୋଧ କରି ରଖିବା ପାଇଁ ଅସ୍ଥାୟୀ ମେଡିକାଲ କ୍ୟାମ୍ପ କରାଯିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। ତେବେ ଘୋଷଣାକୁ ୭ ଦିନ ବିତି ଯାଇଥିଲେ ମଧ୍ୟ ବଡଚଣାର ଅନେକ ପଞ୍ଚାୟତରେ ଏହା ଠିକ ଭାବେ କରାଯାଇ ନ ଥିଲା। ବ୍ଲକର ୪୩ ପଞ୍ଚାୟତ ମଧ୍ୟରୁ ମାତ୍ର ୧୫ରେ କାର୍ଯ୍ୟକାରୀ ହୋଇଛି।

## ଆଦିବାସୀ ବସ୍ତିବାସିନ୍ଦାଙ୍କୁ ଖାଦ୍ୟ ବଣ୍ଟନ

ଧର୍ମଶାଳା,୩୧।୩(ଡି.ଏନ.ଏ.)

ଧର୍ମଶାଳା ତହସିଲ ଅଧୀନ ବୁରୁସାହି ଓ ଶାଳପତ୍ରୀ ଆଦିବାସୀ ସାହିରେ ଧର୍ମଶାଳା ତହସିଲଦାରଙ୍କ ଉଦ୍ୟମକ୍ରମେ ବେସରକାରୀଭାବେ ରନ୍ଧା ଓ ଶୁଖିଲା ଖାଦ୍ୟ ମଙ୍ଗଳବାର ବଣ୍ଟନ କରାଯାଇଛି। ଏହା ଆଗାମୀ ୧୪ ଦିନ ପାଇଁ ଦିଆଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି। ତହସିଲଦାର ସରୋଜ ପଣ୍ଡା ଓ ଅତିରିକ୍ତ ତହସିଲଦାର ଦେବୀପ୍ରସନ୍ନ ମହାନ୍ତି, ତହସିଲ କର୍ମଚାରୀ ଶରତ ସ୍ୱାଇଁ, ଚନ୍ଦନ ସାହୁ, ବିରଞ୍ଚି ବୋଇତେଇ, ଜଗବନ୍ଧୁ ଜେନା ପ୍ରମୁଖ ସକାଳେ ବ୍ଲକର ଗଙ୍ଗାଧରପୁର ପଞ୍ଚାୟତର ଶାଳପତ୍ରୀ ବସ୍ତିରେ ରହୁଥିବା ଆଦିବାସୀଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ପରେ ଅଞ୍ଜିରା ପଞ୍ଚାୟତ ଦ୍ୱିତୀୟ ନଗଡା କୁହାଯାଉଥିବା ବୁରୁସାହିରେ ରହୁଥିବା ବଣ୍ଡା ସମ୍ପ୍ରଦାୟର ୨୨ଟି ଆଦିବାସୀ ପରିବାରକୁ ତହସିଲଦାର ରନ୍ଧା ଖାଦ୍ୟ ବଣ୍ଟନ କରିଥିଲେ। ସାହାଣୀଡିହ ପଞ୍ଚାୟତ ଦଣ୍ଡାଘାଟି ଗ୍ରାମରେ ଗଡିଉଠିଥିବା ଜଗନ୍ନାଥ ସେବା ପ୍ରତିଷ୍ଠାନ ପକ୍ଷରୁ ରନ୍ଧା ଖାଦ୍ୟ ଆୟୋଜନ କରାଯାଇଥିଲା। ପ୍ରତିଷ୍ଠାନ ଉପସଭାପତି ସରୋଜ ରାଉତ, ସମ୍ପାଦକ ଶ୍ୟାମସୁନ୍ଦର ପଣ୍ଡା ଓ କୋଷାଧ୍ୟକ୍ଷ ରବୀନ୍ଦ୍ର ସାହୁ ଉପସ୍ଥିତ ରହି ଏହି ରନ୍ଧା ଖାଦ୍ୟକୁ ସାହି ଲୋକଙ୍କୁ ପ୍ରଦାନ କରିଥିଲେ। ଆଗକୁ ବିଭିନ୍ନ ଆଦିବାସୀ ବସ୍ତିରେ ଶୁଖିଲା ଖାଦ୍ୟ ବଣ୍ଟନ କରାଯିବା ସହ ଆବଶ୍ୟକସ୍ଥଳେ ରନ୍ଧାଖାଦ୍ୟ ବଣ୍ଟନ କରାଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି। ପଞ୍ଚାୟତସ୍ତରରେ ଶ୍ରମିକ ଶ୍ରେଣୀର ଲୋକଙ୍କୁ ରନ୍ଧା ଖାଦ୍ୟ ଯୋଗାଇଦେବା ପାଇଁ ସରକାର ଘୋଷଣା କରିଥିଲେ ହେଁ ଆଜିଯାଏ କୌଣସି ସ୍ଥାନରେ ଏହା କାର୍ଯ୍ୟକାରୀ ହୋଇ ନ ଥିବା ଜଣାପଡ଼ିଛି।


ବୁରୁସାହିରେ ତହସିଲଦାର ସରୋଜ ପଣ୍ଡା ରନ୍ଧା ଖାଦ୍ୟ ଦେଉଛନ୍ତି।

## ସଙ୍ଗରୋଧ କୋଠରି ପ୍ରସ୍ତୁତିରେ ବିଳମ୍ବ

**ବରୀ,୩୧।୩(ସ୍ୱ.ପ୍ର.):** କରୋନା ମୁକାବିଲା ସ୍ୱରୂପ ସଙ୍ଗରୋଧ କୋଠରି ପ୍ରସ୍ତୁତି କରିବାକୁ ରାଜ୍ୟ ସରକାର ବ୍ଲକ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଯାଜପୁର ଜିଲା ବରୀ ବ୍ଲକ ଅଞ୍ଚଳରେ ଏହି କେନ୍ଦ୍ର ନିର୍ମାଣରେ ବିଳମ୍ବ ହେଉଥିବା ଅଭିଯୋଗ ହୋଇଛି। ସୋମବାର ଜିଲାପାଳ ରଞ୍ଜନ କୁମାର ଦାସ କରୋନା ମୁକାବିଲା ନେଇ ଭିଡିଓ କନଫରେନ୍‌ସିଂ ମାଧ୍ୟମରେ ବରୀ ବିଡିଓଙ୍କ ସହିତ ବାର୍ତ୍ତାଳପ କରିଥିଲେ। ଏହି ସମୟରେ ରାଜ୍ୟ ବାହାରୁ ଓ ବିଦେଶରୁ ବରୀ ଅଞ୍ଚଳକୁ ୭ଶହରୁ ଊର୍ଦ୍ଧ୍ୱ ଲୋକ ଆସିଥିବା ସୂଚନା ମିଳିଛି। ଏମାନଙ୍କ ପାଇଁ ବରୀ ବ୍ଲକର ୨୯ ପଞ୍ଚାୟତରେ ସଙ୍ଗରୋଧ କୋଠରି ପ୍ରସ୍ତୁତି କରିବା ପାଇଁ ନିର୍ଦ୍ଦେଶ ରହିଥିଲା। ହେଲେ ତାହା ଏପର୍ଯ୍ୟନ୍ତ ହୋଇ ପାରିନାହିଁ। ଏନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ କରୋନା ଭାଇରସକୁ ନେଇ ଲୋକେ ଆତଙ୍କିତ ହୋଇପଡିଛନ୍ତି। ସ୍ୱତନ୍ତ୍ର ସଙ୍ଗରୋଧ କୋଠରି ଭାବେ ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟରେ ୧୫୦ ଶଯ୍ୟା, ବାଲିଆ ଅଭିମନ୍ୟୁ ସାମନ୍ତ ସିଂହାର କଲେଜରେ ୧୨୦ ଶଯ୍ୟା, ରାଜାତୋଟାସ୍ଥିତ କାଦମ୍ବିନିପାଳ ମହିଳା ବିଦ୍ୟାଳୟରେ ୧୦୦ଟି ଶଯ୍ୟା ପ୍ରସ୍ତୁତି କରାଯିବ ବୋଲି ସୂଚନା ରହିଛି। ଏଥିସହିତ ପ୍ରତ୍ୟେକ ପଞ୍ଚାୟତରେ ଗୋଟିଏ ଲେଖାଏ ସଙ୍ଗରୋଧ କୋଠରି ପ୍ରସ୍ତୁତି କରାଯାଇ ଏଠାରେ ଚିକିତ୍ସା ଆରମ୍ଭ କରାଯିବ ବୋଲି କୁହାଯାଇଛି। ସୋମବାର ସନ୍ଧ୍ୟା ସୁଦ୍ଧା କୌଣସି ସଙ୍ଗରୋଧ କୋଠରି ସମ୍ପୂର୍ଣ୍ଣ ହୋଇ ନ ଥିବା ଜଣାପଡିଛି। ପଞ୍ଚାୟତରେ ସଙ୍ଗରୋଧ କୋଠରି ନିର୍ମାଣ ପାଇଁ ସରପଞ୍ଚ ଓ ପଞ୍ଚାୟତ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏଥି ସହିତ ମାଗଣା ରନ୍ଧା ଖାଦ୍ୟ ପ୍ରତ୍ୟେହ ୧୦୦ରୁ ୨୦୦ ଲୋକଙ୍କୁ ଯୋଗାଇ ଦେବା ପାଇଁ ଜିଲା ପ୍ରଶାସନ ନିକଟରୁ ବ୍ଲକ ପ୍ରଶାସନକୁ ଚିଠି ଆସିଥିଲାବେଳେ ଏହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇନାହିଁ। ଏ ସଂକ୍ରାନ୍ତରେ ବରୀ ବ୍ଲକ ଭାରପ୍ରାପ୍ତ ବିଡିଓ ଶାଶ୍ୱତ ଜେନାଙ୍କୁ ପଚାରିବାରୁ ସଙ୍ଗରୋଧ କୋଠରି ପ୍ରସ୍ତୁତି ଚାଲିଛି। ଏହାଶୀଘ୍ର ଶେଷ ହେବ। ସେହିପରି ରନ୍ଧାଖାଦ୍ୟ ଯୋଗାଇ ଦିଆଯିବାକୁ ବ୍ୟବସ୍ଥା କରାଯାଉଛି ବୋଲି କହିଥିଲେ।

## ଅଲ୍ଲି ପବ୍ଲିକ ସ୍କୁଲ ପକ୍ଷରୁ ମାସ୍କ ବଣ୍ଟନ

**ଚଣ୍ଡିଖୋଲ,୩୧।୩(ଡି.ଏନ.ଏ):** ବଡ଼ଚଣା ବ୍ଲକ ଚାରିନଙ୍ଗଳ ପଞ୍ଚାୟତସ୍ଥିତ ଅଲ୍ଲି ପବ୍ଲିକ ସ୍କୁଲ ଓ ଲିମିରା ଏଜୁକେଶନ ଟ୍ରଷ୍ଟ ତରଫରୁ କରୋନା ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ସ୍କୁଲ ଅଧ୍ୟକ୍ଷ ସୁଲତାନ ସୈଫୁଲା ଖାଁଙ୍କ ନେତୃତ୍ୱରେ ସ୍କୁଲ ଶିକ୍ଷୟିତ୍ରୀଶିକ୍ଷକ ଚାରିନଙ୍ଗଳ ଏବଂ ନଳୀପୁର ପଞ୍ଚାୟତର ବିଭିନ୍ନ ସାହି ପରିକ୍ରମା କରି ଲୋକଙ୍କୁ କରୋନା ସମ୍ପର୍କରେ ସଚେତନ କରିବା ସହିତ ମାସ୍କ ଓ ସାବୁନ ବଣ୍ଟନ କରିଥିଲେ। ସେହିପରି ବାଲିଚନ୍ଦ୍ରପୁରଠାରେ ରହୁଥିବା ବ୍ରହ୍ମପୁର ଅଞ୍ଚଳର ୬୦ ଶୁଖୁଆ ବ୍ୟବସାୟୀ ପରିବାରକୁ ମାସ୍କ ଓ ସାବୁନ ବଣ୍ଟନ କରିଥିଲେ। କରୋନାକୁ ହରାଇବାକୁ ହେଲେ କିପରି ଘର ଭିତରେ ରହିବା ସହ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ପଡିବ ସେ ସମ୍ପର୍କରେ ବସ୍ତିର ଲୋକଙ୍କୁ ସଚେତନ କରାଇଥିଲେ।

## ପୁଣି ଲକ୍‌ଡାଉନ୍ ନିୟମକୁ ଫୁଁ

# ଲାଠି ଧରି ଗହଳି ହଟାଇଲେ ଜିଲାପାଳ

**ଜଗତ୍‌ସିଂହପୁର ଅଫିସ, ୩୧।୩**

ଜଗତ୍‌ସିଂହପୁରସ୍ଥିତ ନୂଆହାଟରେ ବିଭିନ୍ନ ସାମଗ୍ରୀ କମ ଦାମରେ ମିଳେ। ଯେଉଁ କାରଣରୁ ଜିଲାର ବିଭିନ୍ନ ପ୍ରାନ୍ତରୁ ବ୍ୟବସାୟୀ ଓ ଗ୍ରାହକଙ୍କ ଏଠାକୁ ଆଗମନ ହୋଇଥାଏ। ସପ୍ତାହରେ ୨ ଦିନ ହାଟ ହେଉଥିବାବେଳେ ଲକ୍‌ଡାଉନ ଯୋଗୁ ଜିଲାପାଳ ଏହାକୁ ଗୋଟିଏ ଦିନ କରି ଦେଇଛନ୍ତି। ଲୋକେ ଯେପରି ୧ ମିଟର ଦୂରତାରେ ରହି ସଉଦା

### ଗୋଟିଏ ଦିନ ହାଟ ଯୋଗୁ ବଢ଼ିଲା ଗହଳି

କିଣିବେ ସେନେଇ ପ୍ରଚାର କରାଯାଇଥିଲା। ଏ ସପ୍ତାହ ପାଇଁ ମଙ୍ଗଳବାର ହାଟ ହୋଇଥିଲା। ମାତ୍ର ଲୋକେ ଏଠାରେ ଲକ୍‌ଡାଉନ୍ ନିୟମକୁ ଫୁଁ କରି ଦେଇଥିଲେ। ହାଟରେ ଏଭଳି ପରିବେଶ ହୋଇଥିଲା ଯେପରି ସେମାନଙ୍କୁ ନିୟନ୍ତ୍ରଣ କରିବା ସମ୍ଭବ ନ ଥିଲା। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ପୋଲିସ ସହ ଅଚାନକ ପହଞ୍ଚି ନିଜେ ଲାଠି ଧରି ଲୋକଙ୍କୁ ଗହଳି ନ କରିବା ପାଇଁ ପଦକ୍ଷେପ ନେଇଥିଲେ। କିନ୍ତୁ ଜିଲାପାଳ ହାଟ ଛାଡିଲା ପରେ ଯଥା ପୂର୍ବଂ ତଥା ପରଃ ହୋଇ ଯାଇଥିଲା।

ନୂଆହାଟ ପଡିଆର ଗୋଟିଏ ପାର୍ଶ୍ୱରେ ପନିପରିବା, ଅନ୍ୟାନ୍ୟ ସାମଗ୍ରୀ ବିକ୍ରି ହେଉଥିବାବେଳେ ଅନ୍ୟ ପଟେ ଗୋରୁ ବିକ୍ରି ହୁଏ। ଲକ୍‌ଡାଉନ୍ ଘୋଷଣା ପରେ ଗୋରୁ ହାଟ ବନ୍ଦ ହୋଇଯାଇଛି। ଏହି ଅନୁଯାୟୀ କେଉଁଠି ବ୍ୟବସାୟୀ/ଚାଷୀ ବସିବେ ସ୍ଥାନ ଚିହ୍ନଟ ହୋଇଥିଲା। ଏଥିସହ ଲୋକେ ପନିପରିବା ଓ ଅନ୍ୟାନ୍ୟ ସାମଗ୍ରୀ କିଣିବା ସମୟରେ କେଉଁଠି ଛିଡା ହେବେ ସେନେଇ ନିର୍ଦ୍ଦିଷ୍ଟ କେତେକ ସ୍ଥାନରେ ଗୋଲେଇ କରାଯାଇଥିଲା। ଏହି ଗୋଲେଇ ସଂଖ୍ୟା ଖୁବ କମ ଥିବାରୁ ବିଶୃଙ୍ଖଳା ଦେଖିବାକୁ ମିଳିଥିଲା। ଲୋକେ ଯେତେବେଳେ ହାଟରେ ପହଞ୍ଚିଥିଲେ ସେତେବେଳେ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଙ୍ଗରୋଧ ନ ହେବା ପାଇଁ ବ୍ୟାପକ ପ୍ରଚାର ହୋଇଥିଲେ ହୁଏତ ଏଭଳି ସମସ୍ୟାକୁ କେତେକାଂଶରେ ଏଡାଇ ଦିଆଯାଇ ପାରିଥାନ୍ତା। କିନ୍ତୁ ସେଭଳି ହୋଇ ନ ଥିବାରୁ ଯିଏ ଯେଉଁଠି ପାରିଥିଲେ ଛିଡା ହେବା ସହ ଗହଳି କରି ସଉଦା କିଣିଥିଲେ। ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ ଗହଳି ବଢି ଯାଇଥିଲା। ଜିଲାପାଳ ପହଞ୍ଚି ଲାଠି ଧରି ଗହଳି ଭାଙ୍ଗିବା ପାଇଁ ଡରାଇବାକୁ ଚେଷ୍ଟା କରିଥିଲେ। ନିର୍ଦ୍ଦିଷ୍ଟ ସ୍ଥାନରେ ଅର୍ଥାତ୍ ହାଟ ଭିତର ରାସ୍ତା ପାର୍ଶ୍ୱରେ ଏକ ଗାଡି ଛିଡା ଯୋଗୁ ଗହଳି ବଢିଥିବା ଦେଖି ଜିଲାପାଳ ବିରକ୍ତି ପ୍ରକାଶ କରିବା ସହ ତୁରନ୍ତ ହଟାଇବା ପାଇଁ ପଦକ୍ଷେପ ନେଇଥିଲେ। ଏ ସମ୍ପର୍କରେ କେତେଜଣ ଲୋକଙ୍କ କହିବା କଥା ହେଲା ବ୍ୟବସାୟୀ ଓ ଚାଷୀଙ୍କୁ ବସିବା ପାଇଁ ଉପଯୁକ୍ତ ବ୍ୟବସ୍ଥା କରାଯାଇ ନ ଥିଲା। ସେହିପରି ଲୋକେ ଛିଡା ହେବା ପାଇଁ ମଧ ଆବଶ୍ୟକ ଗୋଲେଇ ହୋଇ ନ ଥିବାରୁ ଏଭଳି ପରିସ୍ଥିତି ଉପୁଜିଲା। ଡାକବାଜି ଯନ୍ତ୍ରରେ ଜଗତ୍‌ସିଂହପୁର ଥାନା ପକ୍ଷରୁ ଗୋଟିଏ ପାର୍ଶ୍ୱରେ ୧୧ଟା ପରେ ସଙ୍ଗରୋଧ ନ ହେବା ପାଇଁ ତାଗିଦ୍ କରାଯାଇଥିଲେ ସୁଦ୍ଧା ତାହା ଅପର ପାର୍ଶ୍ୱକୁ ଶୁଭୁ ନ ଥିଲା। ଖୋଲା ସ୍ଥାନରେ ହାଟ ହୋଇଥିଲେ ହୁଏତ ଏଭଳି ଗହଳି ଅନୁଭୂତ ହୋଇ ନ ଥାନ୍ତା। କାରଣ ଚାଷୀ/ବ୍ୟବସାୟୀଙ୍କୁ ଆବଶ୍ୟକ ଦୂରତାରେ ବସାଯିବା ସମ୍ଭବ ହୋଇ ପାରିଥାନ୍ତା। ଅନୁରୂପ ଭାବେ ଲୋକେ ଛିଡା ହେବା ପାଇଁ ମଧ ପ୍ରତି ବ୍ୟବସାୟସ୍ଥଳରେ ୨/୩ଟି ଗୋଲ କରାଯାଇ ପାରିଥାନ୍ତା। ଯେହେତୁ ନୂଆହାଟରେ ସମସ୍ତ ବ୍ୟବସାୟୀ ଓ ଚାଷୀଙ୍କୁ ବସିବାକୁ ପର୍ଯ୍ୟାପ୍ତ ଯାଗା ମିଳୁନି ତେଣୁ ହାଟ ସହରର ପୃଥକ ସ୍ଥାନରେ ଏକସଙ୍ଗେ କରାଯାଇଥିଲେ ଭଲ ହୋଇଥାନ୍ତା। ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମଟି ପର୍ଯ୍ୟାପ୍ତ ଅଞ୍ଚଳ ହୋଇଥିଲେ ସୁଦ୍ଧା ଖରା ହେଉଥିବାରୁ ଏହି ସମୟରେ ଏହାର ୨ ପାର୍ଶ୍ୱରେ ବସିବା ଅସମ୍ଭବ। ତେଣୁ ଜରି ବନ୍ଧାଗଲେ ସେଠାରେ ହାଟ କରାଯିବାରେ କୌଣସି ଅସୁବିଧା ନାହିଁ। ସ୍ୱାମୀ ବିବେକାନନ୍ଦ ସ୍ମାରକୀ ସ୍ୱୟଂଶାସିତ ମହାବିଦ୍ୟାଳୟ ପଡିଆରେ ମଧ ହାଟ କରାଯାଇପାରେ। ଶ୍ରୀକୃଷ୍ଣ ଏକାଡେମୀ ପଡିଆରେ କମ ବ୍ୟବସାୟୀଙ୍କୁ ନେଇ ହାଟ କରାଯିବା ସମ୍ଭବ। ଏ ସମ୍ପର୍କରେ ଜଗତ୍‌ସିଂହପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ବିମଳ ଲେଙ୍କାଙ୍କୁ ପଚାରିବାରୁ ସେ କହିଥିଲେ, ହାଟରେ ୧୨୦ଜଣ ବ୍ୟବସାୟୀଙ୍କ ପାଇଁ ବ୍ୟବସ୍ଥା କରାଯାଇଥିଲା। କିନ୍ତୁ ସପ୍ତାହରେ ଗୋଟିଏ ଦିନ ହାଟ ହେଉଥିବାରୁ ଭିଡ଼ ହୋଇଥିଲା। ଯେଉଁ କାରଣରୁ ସମସ୍ୟା ହୋଇଥିଲା। ଏ ପରିସ୍ଥିତିରେ ଲୋକେ ସଚେତନ ନ ହେଲେ ସବୁକିଛି ଠିକ କରିବା ସମ୍ଭବ ନୁହେଁ ବୋଲି କହିଥିଲେ।


ଜିଲାପାଳ ଲାଠି ଧରି ଲୋକଙ୍କୁ ଘଉଡ଼ାଉଛନ୍ତି।

## ବିଦେଶ ଫେରନ୍ତାଙ୍କୁ ଆଇସୋଲେଶନରେ ରହିବାକୁ ପରାମର୍ଶ

**ରାଜନଗର,୩୧।୩ (ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଜିଲାପାଳ ସମର୍ଥ ବର୍ମା ମଙ୍ଗଳବାର ରାଜନଗର ବ୍ଲକରେ ପହଞ୍ଚି କରୋନା ମୁକାବିଲା ପାଇଁ କେଉଁ ପଞ୍ଚାୟତରେ କି କି ପଦକ୍ଷେପ ନିଆଯାଇଛି, ସେ ନେଇ ସମୀକ୍ଷା କରିଛନ୍ତି। ସମୀକ୍ଷା ପରେ ଜିଲାପାଳ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଇନ୍‌ଡୋର ଷ୍ଟାଡିୟମଠାରେ ପହଞ୍ଚି ୨ଶହ ଆଇସୋଲେଶନ ବେଡ୍ ପକାଇବା ପାଇଁ ଚାଲିଥିବା କାର୍ଯ୍ୟ ଦେଖିଥିଲେ। ଏହାପରେ ମହିଷାସୁର ପଞ୍ଚାୟତରେ ପହଞ୍ଚି ବାତ୍ୟା ଆଶ୍ରୟସ୍ଥଳୀରେ ପ୍ରସ୍ତୁତ ହୋଇଥିବା ଆଇସୋଲେଶନ ରୁମ୍ ଦେଖିଥିଲେ। ଏହାପରେ ପଞ୍ଚାୟତରେ ଅସହାୟଙ୍କ ପାଇଁ ରୋଷେଇ ହେଉଥିବା ସ୍ଥାନ ଦେଖିଥିଲେ। ମରିସସ୍‌ରୁ ଗାଁକୁ ଫେରିଥିବା ମହିଷାସୁରର ଗୌତମ ରାଉତଙ୍କ ଘର ନିକଟକୁ ଯାଇ ସେ ଆଇସୋଲେଶନରେ ଅଛନ୍ତି କି ନାହିଁ ଦେଖିଥିଲେ। ବିଦେଶରୁ ଓ ରାଜ୍ୟର ବିଭିନ୍ନ ସ୍ଥାନରୁ ଫେରିଥିବା ଯୁବକମାନେ ୧୪ଦିନ ଆଇସୋଲେଶନରେ ରହିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଏହାପରେ କୁରୁଣ୍ଟି ମଧ୍ୟଇଂରାଜୀ ବିଦ୍ୟାଳୟରେ ହୋଇଥିବା ଆଇସୋଲେଶନ ରୁମ୍ ବୁଲି ଦେଖିଥିଲେ। ଏହାପରେ ବ୍ରାହ୍ମଣସାହି ପଞ୍ଚାୟତରେ ପହଞ୍ଚି ଆଇସୋଲେଶନ ରୁମ୍ ଦେଖିଥିଲେ। ସେଠାରେ ଘର ନିକଟରେ ହିତାଧିକାରୀଙ୍କୁ ଦିଆଯାଉଥିବା ପିଡିଏସ୍ ଚାଉଳ ବଣ୍ଟନ ବ୍ୟବସ୍ଥା ତଦାରଖ କରିଥିଲେ। ଜିଲାପାଳଙ୍କ ସହିତ ବିଡିଓ ମନ୍ଦରଧର ମହାଲିକ, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ରଶ୍ମିରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ। ମହିଷାସୁର ସରପଞ୍ଚ ପ୍ରତିମା ମହାନ୍ତି, ସମିତିସଭ୍ୟ ପ୍ରଶାନ୍ତ କୁମାର ରାଉତ, କୁରୁଣ୍ଟି ସରପଞ୍ଚ ଜୁମର କୁମାର ସ୍ୱାଇଁ, ବ୍ରାହ୍ମଣସାହି ସରପଞ୍ଚ ବାଲ୍ମୀକି ସେଠୀ ପ୍ରମୁଖ ପଞ୍ଚାୟତ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଜିଲାପାଳଙ୍କୁ ସୂଚନା ଦେଇଥିଲେ।


ଏକ ଆଇସୋଲେଶନ କେନ୍ଦ୍ରରେ ଜିଲାପାଳ।

## ସ୍ଥାନାନ୍ତର ହେଲା ହାଟ: କମିଲାନି ଭିଡ଼


ଅସ୍ଥାୟୀ ହାଟରେ ଲୋକଙ୍କ ଗହଳି ଲାଗିଛି।

**କୁଜଙ୍ଗ, ୩୧।୩ (ଡି.ଏନ୍.ଏ.)**

କରୋନା ଭୂତାଣୁ (କୋଭିଡ୍-୧୯) ଯେପରି ଗୋଷ୍ଠୀ ସଂକ୍ରମଣର ରୂପ ନ ନେବ ସେଥିପାଇଁ ସାପ୍ତାହିକ ହାଟକୁ ଅନ୍ୟ ଜାଗାକୁ ସ୍ଥାନାନ୍ତର କରିବା ସହ ସପ୍ତାହକୁ ୨ଦିନ ପରିବର୍ତ୍ତେ ଗୋଟିଏ ଦିନ ବସିବାକୁ ପ୍ରଶାସନିକ ସ୍ତରରେ ନିଷ୍ପତ୍ତି ହୋଇଛି। କୁଜଙ୍ଗ ବ୍ଲକ ଅଧୀନ କୁଜଙ୍ଗ ସାପ୍ତାହିକ ହାଟକୁ ବିବି ହାଇସ୍କୁଲ ପଡ଼ିଆକୁ ସ୍ଥାନାନ୍ତର କରାଯାଇଥିବା ବେଳେ ରାହାମା ହାଟ ରାହାମା ଷ୍ଟାଡିୟମ ପରିସରକୁ ସ୍ଥାନାନ୍ତର କରାଯାଇଛି। ହାଟରେ ଜନସମାଗମକୁ ଦୃଷ୍ଟିରେ ରଖି ସ୍ଥାନ ପରିବର୍ତ୍ତନ କରାଯିବା ସହ ସପ୍ତାହରେ ଗୋଟିଏ ଦିନ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ହେଲେ ପୂର୍ବଭଳି ଏବେ ବି ହାଟରେ ବହୁ ଭିଡ଼ ଜମୁଥିବା ଦେଖାଯାଉଛି। ହାଟରେ ଲୋକମାନେ ସାମାଜିକ ଦୂରତ୍ୱ ନ ମାନି ପରିବାପତ୍ର କିଣାବିକା କରୁଛନ୍ତି। ଏଭଳି ହେଲେ ଗୋଷ୍ଠୀ ସଂକ୍ରମଣର ଆଶଙ୍କା ରହିଥିବା ବେଳେ ଲୋକମାନେ ସଚେତନ ହେବା ସହ ଅତ୍ୟନ୍ତ ଜରୁରୀ କାର୍ଯ୍ୟ ନ ଥିଲେ ବାହାରକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ତେବେ ହାଟରେ ଜନସମାଗମ ରୋକିବାକୁ ହେଲେ ରାସ୍ତାକଡ଼ରେ ହାଟ ବସିବାକୁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯିବା ପାଇଁ ସାଧାରଣରେ ମତପ୍ରକାଶ ପାଇଛି।

### କାମ ବନ୍ଦ ଦାବିରେ ଶ୍ରମିକଙ୍କ ଧାରଣା

**ପାରାଦୀପ, ୩୧।୩ (ସ୍ୱ.ପ୍ର.):** ପାରାଦୀପ ପୋର୍ଟରେ ଏବେ ବି ପଣ୍ୟ କାରବାର ପୂର୍ବବତ ସ୍ୱାଭାବିକ ଭାବେ ଚାଲିଛି। ବନ୍ଦର ବ୍ୟବହାରକାରୀ ସଂସ୍ଥାଗୁଡ଼ିକ ପ୍ରତିଦିନ ବସ୍ ଯୋଗେ ଲୋକ ବୋଝେଇ କରି ନେବା ଆଣିବା କରୁଛନ୍ତି। ବନ୍ଦରର ୧ ନଂ. ଗେଟ୍ ପାଖରେ କାମ କରୁଥିବା ଏକ କମ୍ପାନୀର ୨ ଶ୍ରମିକଙ୍କୁ ଜ୍ୱର ହେବା ନେଇ ମଙ୍ଗଳବାର ଉତ୍ତେଜନା ଦେଖାଦେଇଥିଲା। ଦୁଇ ଜଣ ଶ୍ରମିକଙ୍କୁ ଜ୍ୱର, କାଶ ଥିବା ବେଳେ ସେମାନଙ୍କ କାମ କରିବାକୁ ନେଇ ଶ୍ରମିକମାନେ ପ୍ରତିବାଦ କରିଥିଲେ। ଏପରିକି ୧ ନଂ. ଗେଟ୍ ସମ୍ମୁଖରେ କାମବନ୍ଦ କରିବାକୁ ଧାରଣା ଦେଇଥିଲେ। ପରେ କମ୍ପାନୀ କର୍ତ୍ତୃପକ୍ଷ ଦୁଇ ଅସୁସ୍ଥଙ୍କୁ ନେଇ ପାରାଦୀପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଯାଞ୍ଚ କରାଇଥିଲେ। ତେବେ ଉଭୟଙ୍କୁ ସାଧାରଣ ଜ୍ୱର ଥିବା ଉକ୍ତ କମ୍ପାନୀ କର୍ତ୍ତୃପକ୍ଷ କହିଛନ୍ତି।

## ସକାଳ ୬ରୁ ୧୧ ପର୍ଯ୍ୟନ୍ତ ମିଳିବ ଜରୁରୀ ସାମଗ୍ରୀ

**କେନ୍ଦ୍ରାପଡା ଅଫିସ, ୩୧।୩:** କରୋନା ସଂକ୍ରମଣକୁ ରୋକିବା ପାଇଁ ଜିଲା ପ୍ରଶାସନ ସାମାଜିକ ଦୂରତ୍ୱକୁ ଗୁରୁତ୍ୱ ଦେଇଛି। ସୀମା ସିଲ୍ ସହିତ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ଦିନ ସାରା ବଦଳରେ ମାତ୍ର ୫ ଘଣ୍ଟା ସମୟ ଦେଇଛି। ସକାଳ ୬ରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଜରୁରୀ ସାମଗ୍ରୀ ମିଳିବ ବୋଲି ମଙ୍ଗଳବାର ପ୍ରଶାସନ ପକ୍ଷରୁ ପ୍ରଚାର ମାଧ୍ୟମରେ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କହିଛନ୍ତି, ସୀମା ସିଲ୍ ସତ୍ତ୍ୱେ କେତେକ ବ୍ୟକ୍ତି ଜିଲାକୁ ଆସିଛନ୍ତି। ତେବେ ସେମାନେ ନିଜ ନାମ ପଞ୍ଜୀକରଣ କରି ନ ଥିବାରୁ ସବିଶେଷ ତଥ୍ୟ ମିଳିପାରିନାହିଁ। ଜିଲା ପ୍ରଶାସନର ଅଗୋଚରରେ ରହିଥିବା ବିଦେଶାଗତ ବ୍ୟକ୍ତିଙ୍କ ଦ୍ୱାରା କରୋନା ଭୂତାଣୁ ସଂକ୍ରମଣ ହେବା ସମ୍ଭାବନା ଅଛି। ଏହି ଦୃଷ୍ଟିରୁ ସାମାଜିକ ଦୂରତ୍ୱକୁ କଡାକଡି ଭାବେ ପାଳନ କରାଯିବ।

## ପାରାଦୀପ ପୌରାଞ୍ଚଳରେ ୨ ମାସର ଘରଭଡ଼ା ଛାଡ଼

**ପାରାଦୀପ, ୩୧।୩ (ସ୍ୱ.ପ୍ର.):** ସମ୍ପ୍ରତି କରୋନା ସଂକ୍ରମଣ ରୋକିବା ସକାଶେ ଲକ୍‌ଡାଉନ୍ ଜାରିରହିଛି। ଏ ନେଇ ଶ୍ରମଜୀବୀମାନେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପାରାଦୀପ ପୌରାଞ୍ଚଳର ୧୯ଟି ୱାର୍ଡ ଓ ୨୫ ବସ୍ତିବାସିନ୍ଦାଙ୍କ ପାଇଁ ପୌର କର୍ତ୍ତୃପକ୍ଷ କେତେକ କଠୋର ନିଷ୍ପତ୍ତି ନେଇଛନ୍ତି। ବସ୍ତି ବା କ୍ୱାର୍ଟର୍ସରେ ରହୁଥିବା ଭଡ଼ାଟିଆଙ୍କୁ ୨ ମାସର ଘରଭଡ଼ା ଛାଡ଼ କରିବା ପାଇଁ ପୌର କର୍ତ୍ତୃପକ୍ଷ ମଙ୍ଗଳବାର ବିଜ୍ଞପ୍ତି ଜାରି କରିଛନ୍ତି। ଏଥିସହ ଭଡ଼ାଘରେ ରହୁଥିବା ଲୋକଙ୍କୁ ଘର ମାଲିକ ଏହି ଦୁଇମାସ ମଧ୍ୟରେ ଘରୁ ବାହାର ମଧ କରିପାରିବେ ନାହିଁ ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି। ମାନବିକତା ଦୃଷ୍ଟିକୋଣରୁ ଘରମାଲିକମାନେ ଭଡ଼ାଟିଆଙ୍କୁ ଏହି ଭଡ଼ା ଛାଡ଼ କରିବେ। କେହି ଯଦି ଏହାକୁ ନ ମାନନ୍ତି, ତାଙ୍କ ବିରୋଧରେ ପୌର କର୍ତ୍ତୃପକ୍ଷ ଜରୁରିକାଳୀନ ଆଇନ ସାହାଯ୍ୟରେ ହସ୍ତକ୍ଷେପ କରିବେ ବୋଲି ପୌର ନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି କହିଛନ୍ତି।

## ପ୍ରଶାସନ ପକ୍ଷରୁ ଅସହାୟଙ୍କୁ ରନ୍ଧାଖାଦ୍ୟ ବ୍ୟବସ୍ଥା

**ମାର୍ଶାଘାଇ, ୩୧।୩ (ଡି.ଏନ୍.ଏ.)**

କରୋନା ଭୟାବହତାକୁ ଦୃଷ୍ଟିରେ ରଖି ସରକାର ଲକ୍‌ଡାଉନ୍ ଘୋଷଣା ଜାରି ରଖିଛନ୍ତି। ଏଥିଯୋଗୁ କେବଳ ତେଜରାତି, ପନିପରିବା, ଔଷଧ, ଫଳ, ମାଛ, ମାଂସ ପ୍ରଭୃତି ଦୋକାନ ଖୋଲୁଥିବା ବେଳେ ଅନ୍ୟ ଦୋକନ ସବୁ ବନ୍ଦ ରହିଛି। ଜଳଖିଆ ଦୋକାନ ଓ ହୋଟେଲ ସବୁ ବନ୍ଦ ହୋଇଯାଇଥିବାରୁ ନିରାଶ୍ରୟ, ମାନସିକ ବିକାରଗ୍ରସ୍ତ ଓ ପଶୁପକ୍ଷୀଙ୍କ ସମସ୍ୟା ବଢ଼ିଯାଇଛି। ତେବେ ସେମାନଙ୍କ ପାଇଁ ରାଜ୍ୟ ସରକାର ସ୍ୱତନ୍ତ୍ର ବ୍ୟୟବରାଦ କରିବା ସହ ସେମାନଙ୍କ ପାଇଁ ଖାଦ୍ୟପେୟର ବ୍ୟବସ୍ଥା କରାଇଛନ୍ତି। ଏହି ପରିପ୍ରେକ୍ଷୀରେ ମାର୍ଶାଘାଇ ବ୍ଲକ ପ୍ରଶାସନ ତରଫରୁ ବ୍ଲକ ଜୀବିକା ମିଶନ ମାଧ୍ୟମରେ ପଞ୍ଚାୟତଗୁଡ଼ିକରେ ଥିବା ସ୍ୱୟଂସହାୟକ ଗୋଷ୍ଠୀମାନଙ୍କୁ ଏହି ଦାୟିତ୍ୱ ଦିଆଯାଇଛି। ମୋଟ୍ ୨୪ଟି ପଞ୍ଚାୟତର ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ରୋଷେଇକରି ଲକ୍‌ଡାଉନ୍ ବଳବତ୍ତର ରହିବା ପର୍ଯ୍ୟନ୍ତ ୧୦୦ରୁ ୨୦୦ ଲୋକଙ୍କୁ ଖାଇବାକୁ ଦେବା ବ୍ୟବସ୍ଥା କରିବେ ବୋଲି ଜଣାପଡ଼ିଛି। କରୋନା ସଂକ୍ରମଣ ରୋକିବା ପାଇଁ ସଫାସୁତୁରା ରହିବା, ସାମାଜିକ ଦୂରତା ବଜାୟ ରଖିବା ଏବଂ ଖାଦ୍ୟର ମାନ ପରଖିବା ପାଇଁ ବୁଧବାର ମାର୍ଶାଘାଇ ବ୍ଲକ ଜୀବିକା ମିଶନ ସଂଯୋଜିକା ପୁରବୀ ନାୟକ, ସହ ସଂଯୋଜିକା ଶୁଭଦର୍ଶିନୀ ବାରିକ ଗରଜଙ୍ଗା, ତାଳସଙ୍ଗା, ମଣିକୁଣ୍ଡା, ପରକୁଳା ଆଦି ପଞ୍ଚାୟତରେ ପହଞ୍ଚି ତଦାରଖ କରିଛନ୍ତି।


ଅସହାୟମାନଙ୍କୁ ରନ୍ଧା ଖାଦ୍ୟ ଦିଆଯାଉଛି।

## ଫୋନ୍ କଲେ ଘରେ ପହଞ୍ଚିବ ସଉଦା

**ଜଗତ୍‌ସିଂହପୁର ଅଫିସ,୩୧।୩**

ଲକ୍‌ଡାଉନ୍‌ବେଳ ଲୋକେ ଘରୁ ନ ବାହାରିବା ପାଇଁ ପରାମର୍ଶ ଦିଆଯାଉଛି। ଯେହେତୁ ଅତ୍ୟାବଶ୍ୟକ ସାମଗ୍ରୀ କିଣିବା ପାଇଁ ଲୋକେ ଘରୁ ବାହାରିବାକୁ ବାଧ ହେଉଛନ୍ତି ତେଣୁ କିପରି ସେମାନଙ୍କ ଘରେ ଏସବୁ ସାମଗ୍ରୀ ପହଞ୍ଚି ପାରିବ ସେନେଇ ସରକାର ପଦକ୍ଷେପ ନେଇଛନ୍ତି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଯେଉଁ ସଂସ୍ଥା ବା ଗୋଷ୍ଠୀ ଲୋକଙ୍କ ଘରକୁ ଘର ବୁଲି ଅତ୍ୟାବଶ୍ୟକ ସାମଗ୍ରୀ ଯଥା କ୍ଷୀର, ପନିପରିବା ଓ ତେଜରାତି ସଉଦା ଆଦି ଯୋଗାଇବାକୁ ଚାହିଁବେ ସେମାନଙ୍କୁ ଅନୁଧାନ କରାଯାଇ ଅନୁମତି ଦିଆଯିବ ବୋଲି ଚିଠି ମାଧ୍ୟମରେ କୁହାଯାଇଛି। ବିଭାଗୀୟ ଚିଠିକୁ ଆଧାର କରି ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ମଙ୍ଗଳବାର ୩ଟି ସ୍ୱୟଂ ସହାୟକ ଗୋଷ୍ଠୀ ଓ ଏକ ସଂସ୍ଥାକୁ ଏସବୁ ସାମଗ୍ରୀ ବିକ୍ରି ପାଇଁ ଅର୍ଥାତ୍ ଡୋର୍ ସର୍ଭିସ୍ (ଦୁଆରମୁହଁରେ ସେବା) ପାଇଁ ଅନୁମତି ଦିଆଯାଇଛି। ସେଗୁଡିକ ହେଲା ୱାର୍ଡ ସଂଖ୍ୟା ୧୮ ଅନ୍ତର୍ଗତ ଖେରସର ସ୍ୱପ୍ନା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି), ପ୍ରଗତି ଏସ୍‌ଏଚ୍‌ଜି, ସାଇରାମ ଏସ୍‌ଏଚ୍‌ଜି ଓ ଅରଚିଡ୍ ରିଟେଲ। ଅରଚିଡ୍‌କୁ କେବଳ ତେଜରାତି ସାମଗ୍ରୀ ବିକ୍ରି କରିବାକୁ ଅନୁମତି ମିଳିଛି। ସ୍ୱପ୍ନା ଏସ୍‌ଏଚ୍‌ଜିକୁ ଯୋଗାଯୋଗ କରିବାକୁ ହେଲେ ମୋବାଇଲ ସଂଖ୍ୟା ୯୭୭୭୧୯୪୧୦୯, ୬୩୭୦୪୫୦୬୧୭, ପ୍ରଗତି ୮୯୦୮୨୬୫୨୮୪, ୯୭୭୬୪୫୨୫୮୦, ସାଇରାମ ୮୮୯୫୨୯୫୮୬୩, ୯୫୮୩୮୧୪୩୬୪ ଓ ଅରଚିଡ୍‌କୁ ୯୮୫୩୧୦୮୪୪୫ରେ ଫୋନ୍ କରିବାକୁ କୁହାଯାଇଛି। ଉପରୋକ୍ତ ଏସ୍‌ଏଚ୍‌ଜି ଓ ସଂସ୍ଥା ଡୋର୍ ସର୍ଭିସ୍ ପାଇଁ ସରକାରଙ୍କ ଅନୁମତି ଚାହିଁଥିଲେ। ଅନୁମତି ପୂର୍ବରୁ ପରିଷଦ ପକ୍ଷରୁ କେତେକ ସର୍ତ୍ତ ରଖାଯାଇଛି। ସଂସ୍ଥା ଓ ଏସ୍‌ଏଚ୍‌ଜିଗୁଡିକ ଲୋକଙ୍କ ପାଖରେ ସେମାନଙ୍କ ଆବଶ୍ୟକ ମୁତାବକ ଦ୍ରବ୍ୟ ଠିକ ସମୟରେ ପହଞ୍ଚାଇବେ ଏବଂ ଉପଯୁକ୍ତ ମୂଲ୍ୟ ନେବେ। ଦ୍ରବ୍ୟର ପରିମାଣ ଓ ମାନ ଠିକ ରହିବା ଦରକାର। କେବଳ ଘରେ ପହଞ୍ଚାଉଥିବାରୁ ଦ୍ରବ୍ୟର ମୂଲ୍ୟ ସହ ସର୍ବନିମ୍ନ ସେବା ଶୁଳ୍କ ଆଦାୟ କରିପାରିବେ। କିନ୍ତୁ ପରିଷଦ ପକ୍ଷରୁ ଏଥିପାଇଁ କୌଣସି ଆର୍ଥିକ ସହାୟତା ଦିଆଯିବ ନାହିଁ।

### କୁକୁର, ଗୋରୁଙ୍କୁ ଦିଆଗଲା ଖାଦ୍ୟ

ଲକ୍‌ଡାଉନ୍ ଯୋଗୁ ଦୋକାନ, ବଜାର ବନ୍ଦ ହୋଇଯାଇଛି। ଯେଉଁ କାରଣରୁ ଜଗତ୍‌ସିଂହପୁର ସହରରେ ଥିବା ବହୁ ସଂଖ୍ୟକ କୁକୁର, ମାଙ୍କଡ, ଗାଇ, ଷଣ୍ଢ ଆଦି ଖାଇବାକୁ ନ ପାଇ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସେମାନଙ୍କ ଅବସ୍ଥାକୁ ଦେଖି ଜଗତ୍‌ସିଂହପୁର ପୌର ପରିଷଦ ଓ ପିପୁଲ ଫର ଆନିମଲ ମିଳିତ ସହଯୋଗରେ ମଙ୍ଗଳବାରଠାରୁ ଖାଇବାକୁ ଦିଆଯିବା ଆରମ୍ଭ ହୋଇଛି। ପୂର୍ବାହ୍ନରୁ ପରିଷଦ କାର୍ଯ୍ୟାଳୟରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏହିସମୟରେ ପିପୁଲ ଫର ଆନିମଲ୍ ପକ୍ଷରୁ ନିଲୁ ମିତ୍ର, ପରିଷଦ ନିର୍ବାହୀ ଅଧିକାରୀ ବିମଳ ଲେଙ୍କା, ଡ. ସରୋଜ ଷଡ଼ଙ୍ଗୀ, ଦୀପା ପଟ୍ଟନାୟକ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ତେବେ ସେମାନେ ବଙ୍ଗଳା ଛକ, ବସ ଷ୍ଟପ୍, ରଶ୍ମି ଟକିଜ୍ ଛକ, କୋର୍ଟ ଛକ, ଦଶ ନମ୍ବର, ଜୟବଡ଼, ହାଟ ବଜାର ଓ ଗାଲୁପଡ଼ା ଅଞ୍ଚଳ ବୁଲି ପାଖାପାଖି ୩୦ କୁକୁର, ୧ ଦଳ ମାଙ୍କଡ଼ ଓ ୧୦ଟି ଗୋରୁଙ୍କୁ ଖାଦ୍ୟ ଦେଇଥିଲେ। କୁକୁରଙ୍କୁ ଚିକେନ୍ ମିଶା ଭାତ ଓ ମାଙ୍କଡଙ୍କୁ ବିସ୍କୁଟ୍ ଦିଆଯାଇଥିଲା। ସେହିପରି ଗାଇ, ଷଣ୍ଢଙ୍କୁ ଚୋକଡ, ଦାନା ଓ କୁଣ୍ଡା ଖାଇବାକୁ ଦିଆଯାଇଥିବା ଜଣାଯାଇଛି।



## କରୋନା ପାଇଁ ଜିଲା ସୀମା ସିଲ୍

# ଉପାନ୍ତ ଅଞ୍ଚଳରେ ବାଂଲାଦେଶୀଙ୍କ ଭିଡ଼

- ୩ ସାମୁଦ୍ରିକ ଥାନାରେ କର୍ମଚାରୀ ଅଭାବ
- ସମୁଦ୍ରପଥ ଦେଇ ଜିଲାକୁ ଆସୁଛନ୍ତି ଅନୁପ୍ରବେଶକାରୀ

**କେନ୍ଦ୍ରାପଡ଼ା ଅଫିସ୍, ୩୧।୩**

ଲକ୍‌ଡାଉନ୍ ସହ ସୋମବାରଠାରୁ କେନ୍ଦ୍ରାପଡ଼ା ଜିଲା ସୀମା ସିଲ୍ ହୋଇଛି। ୫ ନଂ. (କ) ଜାତୀୟ ରାଜପଥର ପଞ୍ଚୁପାଣ୍ଡବ ଓ ଭୂତମୁଣ୍ଡାଇଠାରେ ଜିଲା ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ହୋଇଛି। ସେହିପରି ପ୍ରତ୍ୟେକ ଗ୍ରାମରେ ଲୋକମାନେ ପ୍ରବେଶ ପଥ ବନ୍ଦ କରିଥିବା ଦେଖାଯାଉଛି। ଜାତୀୟ ରାଜପଥ ଓ ଆନ୍ତଃ ଜିଲାର ସଡ଼କ ଯୋଗାଯୋଗ ପଥରେ ଯାଞ୍ଚ ବ୍ୟବସ୍ଥା ଚାଲିଥିବା ବେଳେ ସମୁଦ୍ରପଥକୁ ଅଦ୍ୟାବଧି ରୋକାଯାଇପାରିନାହିଁ। ପ୍ରତ୍ୟହ ସିସ୍‌ଟଲ୍ ଯାତାୟାତ କରିବା ଯୋଗୁ ବାଂଲାଦେଶୀଙ୍କ ଭିଡ଼ ଉପାନ୍ତ ଅଞ୍ଚଳରେ ବଢ଼ିବାରେ ଲାଗିଛି। ଗ୍ରାମବାସୀ ବିଦେଶାଗତଙ୍କ ସମ୍ପର୍କରେ ପ୍ରଶାସନକୁ ସୂଚନା ଦେଉ ନ ଥିବା ଅଭିଯୋଗ ହେଉଛି। ଦୁର୍ବଳ ସୁରକ୍ଷା ବ୍ୟବସ୍ଥା ଯୋଗୁ ଜିଲାରେ ଅନୁପ୍ରବେଶ ବଢୁଥିବା ବହୁ ବୁଦ୍ଧିଜୀବୀ ମତ ଦେଇଛନ୍ତି।

ମାର୍ଶାଘାଇର ସାମାଜିକ କର୍ମୀ ଉମାକାନ୍ତ ଜେନା କହିଛନ୍ତି, କରୋନା ପାଇଁ ଜିଲାକୁ ସିଲ୍ କରାଯାଇଛି। ତେବେ ଜିଲାର ୩ଟି ସାମୁଦ୍ରିକ ଥାନା ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ପ୍ରତି ଧ୍ୟାନ ଦିଆଯାଇନାହିଁ। ୩ଟି ଥାନାରେ ମୋଟ ୨୪୧ ପୋଲିସ ନିୟୋଜିତ ହେବାକୁ ଥିବା ବେଳେ ମାତ୍ର ୪୧ ପୋଲିସ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ଫଳରେ ସମୁଦ୍ର ତଟାଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ହୋଇପାରୁନି। ଗତ ସପ୍ତାହରେ ମହାକାଳପଡ଼ା ବ୍ଲକ ପିତାପାଟ ଗ୍ରାମରେ ୫ ବାଂଲାଦେଶୀ ୩ ଦିନ ଧରି ରହିଥିବା ସୂଚନା ମିଳିବା ପରେ ଜିଲା ପୋଲିସ ପକ୍ଷରୁ ତଦନ୍ତ ହୋଇଥିଲା। ଏହି ତନାଘନା ପରେ ସମ୍ପୃକ୍ତ ୫ ଜଣଙ୍କୁ କରୋନା ଟେଷ୍ଟ ପାଇଁ କଟକ ବଡ଼ ମେଡିକାଲକୁ ପଠାଯାଇଛି। ପିତାପାଟରେ ବିଦେଶାଗତଙ୍କ ସମ୍ପର୍କରେ ଜିଲା ପ୍ରଶାସନକୁ ସୂଚନା ନ ଦେବା ଭଳି ଘଟଣା ଏବେ ମହାକାଳପଡ଼ା ସମେତ ରାଜନଗର, ଆଳି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଦେଖିବାକୁ ମିଳୁଛି। ପ୍ରଶାସନିକ ତଦନ୍ତ କରାଗଲେ ୫ ହଜାରରୁ ଅଧିକ ଅନାମଧେୟ ଲୋକଙ୍କ ଆଗମନ ଇତିମଧ୍ୟରେ ହୋଇଥିବା ସେ ଦାବି କରିଛନ୍ତି।

ସେହିପରି ସୂଚନା ଅଧିକାର କର୍ମୀ ପ୍ରତାପ ଚନ୍ଦ୍ର ମହାନ୍ତି କହିଛନ୍ତି, ତାଲାବନ୍ଦ ଅନୁପ୍ରବେଶକାରୀଙ୍କୁ ସୁଯୋଗ ଦେଇଛି। ତାଙ୍କ ମତ ଅନୁଯାୟୀ, ପୂର୍ବବଙ୍ଗ ବିଭାଜନ ସମୟରେ କେନ୍ଦ୍ରାପଡ଼ା ଜିଲାରେ ମାତ୍ର ୧୨୩୭ ବାଂଲାଦେଶୀ ଶରଣାର୍ଥୀଙ୍କୁ ମହାକାଳପଡ଼ା ବ୍ଲକ ଅଞ୍ଚଳରେ ଥଇଥାନ କରାଯାଇଥିବା ବେଳେ ୨୦୦୫ରେ ଜିଲା ପ୍ରଶାସନ ପକ୍ଷରୁ ୧୫୫୧ ଜଣ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯାଇ ଦେଶାନ୍ତର ନୋଟିସ ଦିଆଯାଇଥିଲା। ଏବେ ଜିଲାରେ ୭୦ ହଜାର ବାଂଲାଭାଷୀ ରହିଥିବା ବେଳେ ୩୯ ହଜାରରୁ ଅଧିକ ଭୋଟରକାର୍ଡ ପାଇସାରିଛନ୍ତି। ନାଗରିକତ୍ୱ ସଂଶୋଧନ ଆଇନ ଦେଶରେ ଲାଗୁ ପରେ ବହୁ ବାଂଲାଦେଶୀ ଏଠାକୁ ସମୁଦ୍ରପଥ ଦେଇ ଆସିରହୁଛନ୍ତି। ତାଲାବନ୍ଦ ସମୟରେ ସଡ଼କ ଯୋଗାଯୋଗ ପଥକୁ ଜିଲା ପ୍ରଶାସନ ଧ୍ୟାନ ଦେଇଥିବା ବେଳେ ସମୁଦ୍ର ପଥ ପ୍ରତି ଉଦାସୀନ ହୋଇଛି। ଫଳରେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏହା ଯୋଗୁ କରୋନା ସଂକ୍ରମଣ ରୋକାଯିବା ପରିବର୍ତ୍ତେ ବଢ଼ିବ ବୋଲି ସେ ମତ ଦେଇଛନ୍ତି। ଏନେଇ ଏଡିଏମ୍ ବସନ୍ତ କୁମାର ରାଉତ କହିଛନ୍ତି ଯେ, ଜିଲାର ସମସ୍ତ ପଥକୁ ସିଲ୍ କରାଯାଇଛି। କୌଣସି ବ୍ୟକ୍ତିଙ୍କୁ ଜିଲା ମଧ୍ୟକୁ ପ୍ରବେଶ ପାଇଁ ଯାତ୍ରା ବିବରଣୀ ଉପସ୍ଥାପନା କରିବାକୁ ପଡୁଛି। ସମୁଦ୍ର ପଥରେ ବିଦେଶାଗତଙ୍କ ସମ୍ପର୍କରେ ଅଭିଯୋଗ ନଥିବା ସେ ପ୍ରକାଶ କରିଛନ୍ତି।

## ୨୫ ଶଯ୍ୟା ବିଶିଷ୍ଟ ସ୍ୱତନ୍ତ୍ର ପ୍ରକୋଷ୍ଠ ପ୍ରସ୍ତୁତ



ପ୍ରସ୍ତୁତ ହୋଇରହିଥିବା ସ୍ୱତନ୍ତ୍ର ପ୍ରକୋଷ୍ଠ।

**ଖଣ୍ଡପଡ଼ା,୩୧।୩(ସ୍ୱ.ପ୍ର.):** କରୋନା ପାଇଁ ଖଣ୍ଡପଡା ଏନ୍ଏସି କାର୍ଯ୍ୟାଳୟ ପକ୍ଷରୁ ୧ନଂ. ୱାର୍ଡସ୍ଥିତ ପଠାଣି ସାମନ୍ତ କଲ୍ୟାଣ ମଣ୍ଡପ ପରିସରରେ ୨୫ ଶଯ୍ୟା ବିଶିଷ୍ଟ ଏକ ସ୍ୱତନ୍ତ୍ର ପ୍ରକୋଷ୍ଠ ପ୍ରସ୍ତୁତ କରାଯାଇଛି। ଏଠାରେ ସମସ୍ତ ସୁବିଧା ଉପଲବ୍ଧ ଥିବା ନେଇ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ ଇତିଶ୍ରୀ ଷଡଙ୍ଗୀ ସୂଚନା ଦେଇଛନ୍ତି। ସେହିପରି ଖଣ୍ଡପଡା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ କରୋନା ସନ୍ଦିଗ୍ଧଙ୍କ ନିମନ୍ତେ ଏକ ଆଇସୋଲେଶନ ୱାର୍ଡ ପ୍ରସ୍ତୁତ କରାଯାଇଛି।

## ପୋଲିସ ମାଡ଼ରେ ଭାଙ୍ଗିଲା ହାତ

**ରଣପୁର,୩୧।୩(ସ୍ୱ.ପ୍ର.):** ରଣପୁର ପୋଲିସ ମାଡ଼ରେ ସ୍ଥାନୀୟ ଜଣେ ଯୁବକଙ୍କ ଡାହାଣ ହାତ ଭାଙ୍ଗିଯାଇଛି। ଆହତ ଯୁବକ ହେଲେ ରଣପୁର ଦଳିତ ସାହିର ସୁଦର ନାହାକ (୨୭)। ସୁଦର ଘର ସମ୍ମୁଖ ମାଛ ଦୋକାନକୁ ମାଛ କିଣିବାକୁ ଯାଇଥିଲେ। ଏହି ସମୟରେ ପୋଲିସ ତାଙ୍କୁ ମାଡ଼ ମାରିଥିବା ସେ କହିଛନ୍ତି। ଶନିବାର ଘଟଣା ଘଟିଥିଲେ ମଧ୍ୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଅଭିଯୋଗ ନ କରି ଘଟଣାର ରଫାଦଫା କରିବାକୁ ପୋଲିସ ଚାପ ପକାଉଥିବା ସୁଦର ଅଭିଯୋଗ କରିଛନ୍ତି।

# ଅଦିନିଆ ଝଡ଼ବର୍ଷା: କାନ୍ଥ ଭୁଶୁଡ଼ି ଚାଳ ଉଡ଼ାଇନେଲା

ରଣପୁର, ୩୧।୩ (ସ୍ୱ.ପ୍ର.)

କରୋନା ସଂକ୍ରମଣରୁ ଦୂରେଇ ରହିବା ଲାଗି ସାରା ଦେଶରେ ଏପ୍ରିଲ ୧୪ ତାରିଖ ପର୍ଯ୍ୟନ୍ତ ଲକ୍‌ଡାଉନ ଘୋଷଣା କରାଯାଇଛି। ଏହାର ପ୍ରଭାବରେ ନୟାଗଡ଼ ଜିଲାର ଲୋକମାନେ କାମଧନ୍ଦା ଛାଡିଘରେ ବସିରହୁଛନ୍ତି। ଅଧିକାଂଶ ଲୋକ ଦୁଃଖକଷ୍ଟରେ ପରିବାର ପ୍ରତିପୋଷଣ କରୁଥିବାବେଳେ ଝଡବର୍ଷା ସେମାନଙ୍କ ପାଇଁ

### ୩ଦିନ ହେଲା ଖୋଲା ଆକାଶ ତଳେ ବୃଦ୍ଧାବୃଦ୍ଧ

ଦାଉ ସାଧୁଛି। ଏହାର ଏକ ନମୁନା ନୟାଗଡ଼ ଜିଲା ରଣପୁର ବ୍ଲକ ବୃନ୍ଦାବନପୁର ପଞ୍ଚାୟତର ବିନୋଦପଡା ଗ୍ରାମରେ ଦେଖିବାକୁ ମିଳିଛି। ଗତ ଶନିବାର ଅଦିନିଆ ଝଡବର୍ଷା ଯୋଗୁ ଗ୍ରାମର ଦୁଃଖୀ ବେହେରା (୮୦)ଙ୍କ ଘରର କାନ୍ଥ ଭୁଶୁଡିବା ସହ ଚାଳ ଛପର ଉଡିଯାଇଛି। ଫଳରେ ୩ଦିନ ହେଲା ତାଙ୍କ ପରିବାର ଖୋଲା ଅକାଶ ତଳେ ପଡିରହିଛନ୍ତି।

ଏକ ଚାଳଘରେ ଦୁଃଖୀ ଓ ତାଙ୍କ ସ୍ତ୍ରୀ ପାର୍ବତୀ (୭୨) ରହିଆସୁଥିଲେ। ସେମାନଙ୍କର କୌଣସି ସନ୍ତାନସନ୍ତତି ନାହାନ୍ତି। ପରିଣତ ବୟସରେ ଦୁଃଖୀ କଷ୍ଟେମଷ୍ଟେ ନିଜର ଗୁଜୁରାଣ ମେଣ୍ଟାଇ ଆସୁଥିଲେ।



ଭାଙ୍ଗିଯାଇଥିବା ଘର ଆଗରେ ସ୍ତ୍ରୀଙ୍କ ସହ ଦୁଃଖୀ।

ଏପରିସ୍ଥଳେ ଶନିବାର ହୋଇଥିବା ଅଦିନିଆ ଝଡବର୍ଷା ତାଙ୍କର ସର୍ବସ୍ୱ ଲୁଟିନେଇଛି। ଘରର ଚାଳ ଛପର ଉଡିଯାଇ ଥିବାବେଳେ କାନ୍ଥ ଭୁଶୁଡି ପଡିଛି। ସେମାନେ ବର୍ତ୍ତିଯାଇଥିଲେ ମଧ୍ୟ ଘରେ ରଖିଥିବା ଖାଦ୍ୟଶସ୍ୟ ସହିତ ଆସବାବପତ୍ର ନଷ୍ଟ ହୋଇଯାଇଛି। ରାତିରେ ଖୋଲା ଆକାଶ ଓ ଦିନରେ ପ୍ରବଳ ଗ୍ରୀଷ୍ମ ପ୍ରବାହରେ ଭଙ୍ଗାଘରେ ବୃଦ୍ଧ ଦମ୍ପତି ଜୀବନ ବିତାଉଛନ୍ତି। ସେହିଭଳି ଏହି ପଞ୍ଚାୟତ ଅନ୍ତର୍ଗତ ବ୍ରଜସୁନ୍ଦରପୁର ନୂଆ ସାହିର ଦୀନବନ୍ଧୁ ବେହେରାଙ୍କ ଘରର ଚାଳ ଛପର ମଧ୍ୟ ଉଡିଯାଇଛି। ଫଳରେ ବାସହରା ହୋଇ ସ୍ତ୍ରୀଙ୍କ ସହ ଦୀନବନ୍ଧୁ ସରକାରଙ୍କ ତରଫରୁ ମିଳିଥିବା ପାଇଖାନା ଘରେ ରହୁଛନ୍ତି। ସେ ଦିନମଜୁରିଆ ଭାବେ ପରିବାର ଚଳାଉଥିଲେ। ଏବେ ଲକ୍‌ଡାଉନ ଯୋଗୁ ସେ ରୋଜଗାର ଶୂନ୍ୟ ହୋଇ ବସି ରହିଛନ୍ତି। ସ୍ଥାନୀୟ ପ୍ରଶାସନ ତରଫରୁ କୌଣସି ସହାୟତା ମିଳି ନ ଥିବା ସେମାନେ କହିଛନ୍ତି। ଏ ସଂକ୍ରାନ୍ତରେ ସ୍ଥାନୀୟ ରାଜନେତା ଓ ପ୍ରଶାସନକୁ ଅବଗତ କରାଇଲେ ମଧ୍ୟ କୌଣସି ସାହାଯ୍ୟ ପହଞ୍ଚିପାରି ନାହିଁ। ଏମାନଙ୍କୁ ତୁରନ୍ତ ସରକାରୀ ସାହାଯ୍ୟ ଯୋଗାଇଦେବା ପାଇଁ ଗ୍ରାମବାସୀ ନିବେଦନ କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟଙ୍କୁ ପଚାରିବାରୁ ସେ କହିଥିଲେ, ଏ ବିଷୟରେ ମୁଁ ଆପଣଙ୍କଠାରୁ ଜାଣିବାକୁ ପାଇଲି। ଆର୍ଆଇଙ୍କୁ କହି ତଦନ୍ତ କରି ସେମାନଙ୍କୁ ତୁରନ୍ତ ଜରିପାଲ ଦେବା ସହିତ ସରକାରୀ ସହାୟତା ଯୋଗାଇବା ବ୍ୟବସ୍ଥା କରିବି।

## ଯୁବକଙ୍କ ଆକ୍ରମଣରେ ୨ ପିଇଓ ଗୁରୁତର

**ଖଣ୍ଡପଡ଼ା,୩୧।୩(ସ୍ୱ.ପ୍ର.):** ଅସହାୟ ବ୍ୟକ୍ତିଙ୍କୁ ରନ୍ଧାଖାଦ୍ୟ ବଣ୍ଟନ ବ୍ୟବସ୍ଥା ତଦାରଖ କରି ଖଣ୍ଡପଡା ବ୍ଲକ କାର୍ଯ୍ୟାଳୟକୁ ଫେରୁଥିବା ୨ଜଣ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ (ପିଇଓ) ଆକ୍ରମଣର ଶିକାର ହୋଇଛନ୍ତି। ଜଣେ ମଦ୍ୟପ ଯୁବକଙ୍କ ଠେଙ୍ଗା ମାଡ଼ରେ ପିଇଓ ଗୋବର୍ଦ୍ଧନ ଦାଶ(୪୪) ଓ ପ୍ରଭାକର ମିଶ୍ର (୫୨) ଗୁରୁତର ଆହତ ହୋଇଛନ୍ତି। ଗୋବର୍ଦ୍ଧନଙ୍କ ୨ଟି ଯାକ ହାତ ଭାଙ୍ଗିଥିବା ବେଳେ ପ୍ରଭାକରଙ୍କ ହାତ ପାପୁଲିରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଉଭୟ ଆହତଙ୍କୁ ଚିକିତ୍ସା ନିମନ୍ତେ ଖଣ୍ଡପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ଗୋବର୍ଦ୍ଧନଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ଆକ୍ରମଣକାରୀ ଦେବରାଜ ସ୍ୱାଇଁ(୩୮)ଙ୍କୁ ପୋଲିସ ଅଟକ ରଖି ଘଟଣାର ତଦନ୍ତ ଚଳାଇଛି। ଦେବରାଜଙ୍କ ଘର ସିଂଘାପଡା ପଞ୍ଚାୟତର ବେଡାଙ୍ଗି ଗ୍ରାମରେ। ବ୍ଲକର ସମସ୍ତ ଅଧିକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉଭୟ କର୍ମଚାରୀଙ୍କୁ ଭେଟିଥିଲେ। ଏ ନେଇ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇ ନାହିଁ।

## ସ୍ଥିତି ପରଖିଲେ ଜିଲାପାଳ

**ନୟାଗଡ଼ ଅଫିସ,୩୧।୩:** ନୟାଗଡ ଜିଲାପାଳ ଡା. ପୋମା ଟୁଡୁ ମଙ୍ଗଳବାର ସନ୍ଧ୍ୟାରେ ନୟାଗଡ ସହରର ଲକ୍‌ଡାଉନ ସ୍ଥିତି ପରଖିଛନ୍ତି। ଜିଲାପାଳ ଜଗନ୍ନାଥ ମନ୍ଦିରଠାରୁ ବାହାରି ଟ୍ରାଫିକ ଛକ ଦେଇ ସିନ୍ଦୂରିଆ ପର୍ଯ୍ୟନ୍ତ ଯାଇଥିଲେ। ଟ୍ରାଫିକ ଛକରେ ସେ ବାଇକ୍ ଆରୋହୀଙ୍କୁ ସଚେତନ କରିଥିଲେ।

## ପ୍ରଦୂଷିତ ନୂଆପୋଖରୀ ଜଳ: ସ୍ନାନ କଲେ ଦେହହାତ କୁଣ୍ଡାଇ ହେଉଛି

**ଖଣ୍ଡପଡା,୩୧।୩(ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକ ଖଳିସାହି ପଞ୍ଚାୟତର ପୁଆଁଣିଆ ଗ୍ରାମ ମୁଣ୍ଡରେ ଥିବା ନୂଆପୋଖରୀ ଜଳ ପ୍ରଦୂଷିତ ହୋଇରହିଛି। ପରିତ୍ୟକ୍ତ ଅବସ୍ଥାରେ ଥିବା ଏହି ପୋଖରୀରେ ସ୍ନାନ କଲେ ଦେହହାତ କୁଣ୍ଡାଇ ହୋଇ ଫଳି ଯାଉଛି। ପୂର୍ବରୁ ଉକ୍ତ ପୋଖରୀ ଉପରେ ପୁଆଁଣିଆ ଗ୍ରାମବାସୀ ନିର୍ଭର କରି ଚଳୁଥିଲେ। ସମୟାନୁକ୍ରମେ ପୋଖରୀ ସାରା ଅନାବନା ଦଳ ମାଡିଯିବା ଯୋଗୁ ପୋଖରୀ ଜଳ ବ୍ୟବହାର ନିମନ୍ତେ ଅନୁପଯୋଗୀ ହୋଇପଡିଛି। ଗତ ୨ବର୍ଷ ଧରି ଉକ୍ତ ପୋଖରୀରେ ଗ୍ରାମବାସୀ ଆଉ ଗାଧୋଉ ନ ଥିବା ଜଣାପଡିଛି। ଖଳିସାହି ପଞ୍ଚାୟତ ଅଧୀନରେ ଥିବା ପୋଖରୀର ପୁନରୁଦ୍ଧାର ନିମନ୍ତେ ଧ୍ୟାନ ଦିଆଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତି ପଞ୍ଚାୟତରେ ନୂତନ ପୋଖରୀ ଖନନ ସହ ପୁରାତନ ପୋଖରୀରୁ ପଙ୍କଉଦ୍ଧାର ନିମନ୍ତେ ଅନୁଦାନ ମଞ୍ଜୁର କରୁଛନ୍ତି। ମାତ୍ର ଉକ୍ତ ପୋଖରୀଟି ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଯାଇଛି।



ପରିତ୍ୟକ୍ତ ଅବସ୍ଥାରେ ନୂଆପୋଖରୀ।

ଅନ୍ୟପକ୍ଷେ ପୋଖରୀଟି ପରିତ୍ୟକ୍ତ ଅବସ୍ଥାରେ ରହିଥିବାରୁ ସ୍ଥାନୀୟ ଲୋକେ ଅଳିଆ, ଆବର୍ଜନା ପୋଖରୀ ଚତୁଃପାର୍ଶ୍ୱରେ ଫିଙ୍ଗା ଫୋପଡା କରୁଛନ୍ତି। ସାମାନ୍ୟ ପବନ ହେଲେ ଏହିସବୁ ବର୍ଜ୍ୟବସ୍ତୁ ଉଡି ପୋଖରୀ ମଧ୍ୟରେ ପଡି ଅଧିକ ପ୍ରଦୂଷିତ କରୁଛି। ଖଳିସାହି ସରପଞ୍ଚ, ଖଣ୍ଡପଡା ବିଡିଓ କିମ୍ବା ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ପୁଆଁଣିଆ ଗ୍ରାମବାସୀ ଦାବି କରିଛନ୍ତି।

## ପରିବାହାଟରେ ରହୁନି ସାମାଜିକ ଦୂରତ୍ୱ



ପରିବା ହାଟ ବୁଲି ଦେଖୁଛନ୍ତି ଏସ୍‌ପି।

**ନୟାଗଡ ଅଫିସ,୩୧।୩:** ନୟାଗଡ ସହରର ବ୍ରଜେନ୍ଦ୍ର ହାଇସ୍କୁଲ ପରିସରରେ ଅସ୍ଥାୟୀ ପରିବା ହାଟ ଚାଲୁ ରହିଛି। ନୟାଗଡ ପୌର ପ୍ରଶାସନ ପକ୍ଷରୁ ଏହା କରାଯାଇଛି। ସୋମବାର ହାଟ ଆରମ୍ଭ ହୋଇଥିବାବେଳେ ପ୍ରଶାସନ ସାମାଜିକ ଦୂରତ୍ୱ ରକ୍ଷା କରାଇବାରେ ଅସମର୍ଥ ହୋଇଛି। ପୋଲିସ ଓ ପୌର ପ୍ରଶାସନ ପକ୍ଷରୁ ଲୋକଙ୍କୁ ତାଗିଦ୍ କରାଯାଉଥିଲେ ମଧ୍ୟ ସୁଫଳ ମିଳିନି। ତେବେ ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କ ପରିଦର୍ଶନ ସମୟରେ ସବୁକିଛି ଠିକ୍ ଚାଲିଥିଲା। ଲୋକେ ସମାଜିକ ଦୂରତ୍ୱ ରକ୍ଷା କରି ପନିପରିବା କିଣିଥିଲେ। ଏସ୍‌ପି ଚାଲିଯିବା ପରେ ପୁଣି ଲୋକଙ୍କ ଗହଳି ଲାଗିଥିଲା।

### ପନିପରିବା ଶସ୍ତା

ପରିବହନ ସୁବିଧା ନ ଥିବାରୁ ବାଇଗଣ, ଟମାଟୋ, ଭେଣ୍ଡି, କଖାରୁ, ବିନ୍ ଆଦି ପରିବା ଶସ୍ତା ରହିଛି। ଯାନବାହନ ଚଳାଚଳ କରୁ ନ ଥିବାରୁ ସ୍ଥାନୀୟ ଅଞ୍ଚଳର ପରିବା ବାହାରକୁ ଯାଉ ନାହିଁ। ଚାଷୀ କ୍ଷତିରେ ପଡିଥିବାବେଳେ ବ୍ୟବସାୟୀ ଲାଭରେ ରହୁଛନ୍ତି। ଅର୍ଥାଭାବ ସମୟରେ ପନିପରିବା ଦର ନ ବଢ଼ିବା ଖାଉଟିଙ୍କୁ ଆଶ୍ୱସ୍ତି ଦେଇଛି।

## ବାହାରୁ ଆସୁଥିବା ବ୍ୟକ୍ତିଙ୍କୁ ଚିହ୍ନଟ ପାଇଁ ଖୋଜୁଛି ପ୍ରଶାସନ

**ଖଣ୍ଡପଡ଼ା,୩୧।୩(ସ୍ୱ.ପ୍ର.):** ସାରା ବିଶ୍ୱରେ କରୋନା ଭୂତାଣୁକୁ ନେଇ ଚହଳ ସୃଷ୍ଟି ହୋଇଛି। ଏହାକୁ ପ୍ରତିହତ ପାଇଁ ପ୍ରଶାସନ ପକ୍ଷରୁ ଲକ୍‌ଡାଉନ ବ୍ୟବସ୍ଥାକୁ କଡାକଡି କରାଯାଇଛି। ଏ ଅବସରରେ ରାଜ୍ୟ ବାହାରେ ଓ ବିଦେଶରେ ରହୁଥିବା ବ୍ୟକ୍ତି ବିଶେଷ ନିଜ ଗାଁକୁ ଫେରୁଥିବାବେଳେ ପ୍ରଶାସନ ସେମାନଙ୍କୁ ଚିହ୍ନଟ କରିବାରେ ଲାଗିପଡିଛି। ଖଣ୍ଡପଡା ବ୍ଲକର ୨୨ ପଞ୍ଚାୟତରେ ଶହ ଶହ ଲୋକ ନିଜ ଭିଟାମାଟିକୁ ଫେରିଥିବା ବିଭିନ୍ନ ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି। କିଏ କେତେବେଳେ ଗ୍ରାମକୁ ଫେରିଲା, କେଉଁଠି ରହିଲା, ତା'ର ସ୍ୱାସ୍ଥ୍ୟ ପରୀକ୍ଷା ହେଲା କି ନାହିଁ ସେ ସମ୍ପର୍କରେ ସ୍ଥାନୀୟ ବାସିନ୍ଦା ପୋଲିସ ଓ ବ୍ଲକ ପ୍ରଶାସନକୁ ଖବର ଦେଉଛନ୍ତି। ଖବର ପାଇ ପ୍ରଶାସନିକ ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ଓ ଡାକ୍ତର ଟିମ୍ ପହଞ୍ଚି ସମ୍ପୃକ୍ତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଛନ୍ତି। ଏବେ ବି ବାହାରୁ ଆସିଥିବା ଅନେକ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ହୋଇ ନ ଥିବା କୁହାଯାଉଛି। ଏହାକୁ ନେଇ ସ୍ଥାନୀୟ ବାସିନ୍ଦା ଚିନ୍ତିତ ରହିଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ବାର୍ହା ମାଂସ ଜବତ, ଜଣେ ଗିରଫ

**ନୟାଗଡ଼ ଅଫିସ,୩୧।୩:** ପଞ୍ଚରିଡ଼ା ବନ କର୍ମଚାରୀ ମଙ୍ଗଳବାର ଗୋଡ଼ିପଡ଼ା ସେକ୍ସନର ମଝିଆଖଣ୍ଡ ଗ୍ରାମରେ ଚଢାଉ କରି ୨କେଜି ବାର୍ହା ମାଂସ ଜବତ କରିଛନ୍ତି। ଏହି ଘଟଣାରେ ମଝିଆଖଣ୍ଡ ଗ୍ରାମର ବୁଦ୍ଧିଆ ଜେନା (୬୭)ଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିଲା। ତେବେ ସେଠାରେ ତାଙ୍କୁ ଜାମିନ ମିଳିଛି। ବୁଦ୍ଧିଆ ବାର୍ହା ମାଂସ ରୋଷେଇ କରୁଥିବାବେଳେ ବନାଞ୍ଚଳ ଅଧିକାରୀ ଅର୍ଚ୍ଚନା ଗମାଙ୍ଗୋ, ଜିଲା ମୋବଇଲ୍ ରେଞ୍ଜର ଧନେଶ୍ୱର ରଥ, ଗୋଡ଼ିପଡ଼ା ବନପାଳ ସୂର୍ଯ୍ୟକାନ୍ତ ମହାରଣା ଚଢ଼ାଉ କରିଥିଲେ। ଏ ନେଇ ୯୬/୨୦ରେ ଏକ ମାମଲା ରୁଜୁ କରାଯାଇଛି।

## ଖବରଦାତାଙ୍କୁ ମାଡ଼ମରା ପ୍ରସଙ୍ଗ: କାର୍ଯ୍ୟାନ୍ତର ହେଲେ ମହିଳା କନଷ୍ଟେବଲ

**ନୟାଗଡ଼ ଅଫିସ,୩୧।୩:** ଏକ ଦୈନିକ ଖବରକାଗଜର ଜିଲା ପ୍ରତିନିଧି ଅନିଲ କୁମାର ପଣ୍ଡାଙ୍କୁ ମାଡ ମାରିବା ଘଟଣାରେ ନୟାଗଡ ସଦର ଥାନାର ମହିଳା କନଷ୍ଟେବଲ ସୁମିତ୍ରା ଗୁରୁଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି। ମଙ୍ଗଳବାର ଜିଲା ପ୍ରତିନିଧିମାନେ ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କୁ ଭେଟିଥିଲେ। ଗଣମାଧ୍ୟମକୁ ଏସ୍‌ପି ଦିବାକରଙ୍କ ସୂଚନା ଅନୁସାରେ ମାଡମରା ଅଭିଯୋଗ ଥିବା ମହିଳା କନଷ୍ଟେବଲଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି । ଘଟଣାର ତଦନ୍ତ କରାଯାଇ ପରବର୍ତ୍ତି ପଦକ୍ଷେପ ନିଆଯିବ। ୭ଦିନ ଭିତରେ ତଦନ୍ତ ଶେଷ ହେବ ବୋଲି ଏସ୍‌ପି ଜିଲା ପ୍ରତିନିଧିମାନଙ୍କୁ କହିଛନ୍ତି। ସୂଚନାଯୋଗ୍ୟ ସୋମବାର ନୟାଗଡ ସଦର ଥାନାର ବାରବାଟିଠାରେ ଅନିଲ କୁମାର ପଣ୍ଡାଙ୍କୁ ମାଡ ହୋଇଥିଲା। ଅନିଲ ନିଜକୁ ଖବରଦାତା ପରିଚୟ ଦେବା ସହ ପ୍ରେସ୍ କାର୍ଡ ଦେଖାଇଥିଲେ। ହେଲେ ପୋଲିସ ପ୍ରେସ୍ କାର୍ଡ ଦେଖି ବି ପିଟିଥିଲା। ନିକଟରେ କିଛି ଲୋକ ପହଞ୍ଚିବା ପରେ ମାଡ ମାରିଥିବା ମହିଳା ପୋଲିସ ଫେରାର ହୋଇଯାଇଥିଲେ। ଏ ନେଇ ଏସ୍‌ପିଙ୍କ ନିକଟରେ ଜିଲା ପ୍ରତିନିଧିମାନେ ଫେରାଦ ହୋଇଥିଲେ।



ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା ଜିଲା ଖବରଦାତାମାନେ।

## ହରିହରପୁର କୃଷି ସେବା ସମବାୟ ସମିତି: ଧାନ କିଣାବିକାରେ ଦୁର୍ନୀତି

ଓଡ଼ଗାଁ,୩୧।୩(ସ୍ୱ.ପ୍ର.)

ନୟାଗଡ଼ ଜିଲା ଓଡ଼ଗାଁ ତହସିଲର ପାଣ୍ଡେରୀପଡା ପରେ ହରିହରପୁର କୃଷି ସେବା ସମବାୟ ସମିତିରେ ଧାନ କିଣାବିକାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି।

ଅଭିଯୋଗ ଅନୁସାରେ ଶରଣକୁଳ ଥାନା ହରିହରପୁର କୃଷି ସେବା ସମବାୟ ସମିତି ଜରିଆରେ

### କାଗଜକଲମରେ ମହିଳା ଚାଷୀ

ଫେବୃୟାରୀ ଓ ମାର୍ଚ୍ଚ ମାସରେ କେତେକ ମହିଳାଙ୍କୁ କାଗଜକଲମରେ ଭାଗଚାଷୀ ଦର୍ଶାଯାଇ ସେମାନଙ୍କ ନାମରେ ହଜାର ହଜାର କୁଇଣ୍ଟାଲ ଧାନ କିଣାବିକା କରାଯାଇଛି। ସେମାନେ ଓଡ଼ଗାଁ ତହସିଲ ପନ୍ତିଖାରୀ ଶାସନ, ନୂଆଗାଁ ତହସିଲ ମହୀପୁର (ଆର୍ଆଇ ସର୍କଲ)ର ରାଣିଗାଡିଆ, ବାହାଡ଼ାଖୋଲା (ଆର୍ଆଇ ସର୍କଲ) ସୀମା ଓ କାଳିଆମ୍ବା ଆଦି ଗ୍ରାମର ତଫସିଲଭୁକ୍ତ ଜାତି/ଜନଜାତି ତଥା ଅଜଣା ଲୋକଙ୍କୁ ଜମି ମାଲିକ ଓ ନିଜକୁ ଭାଗଚାଷୀ ଦର୍ଶାଇଥିବା ଦେଖିବାକୁ ମିଳିଛି। ଏପରି କି ସେମାନେ ନିଜ ଗ୍ରାମଠାରୁ ଓଡ଼ଗାଁ ପନ୍ତିଖାରୀଶାସନ, ବାହାଡ଼ାଖୋଲା-କାଳିଆମ୍ବା, ନୂଆଗାଁ-ମହିପୁର ଓ ମହିତମା ଆଦି ୨୦, ୩୦ ଓ ୫୦ କିମି ଦୂରରେ ଥିବା ଅଜଣା ଏପରି କି ମୃତକଙ୍କ ଜମିରେ ଧାନ ଚାଷ କରିବା ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଏହିକ୍ରମରେ ସଂପୃକ୍ତ କୃଷି ସେବା ସମବାୟ ସମତି ଦ୍ୱାରା ଫେବୃୟାରୀ ଓ ମାର୍ଚ୍ଚ ମାସର ବିଭିନ୍ନ ତାରିଖରେ ଟୋକନ ନଂ.୨୬୭, ୯୨, ୮୧, ୭୫୮, ୪୫୩, ୬୭୯, ୪୫୧, ୬୬୭, ୬୬୭ (ଦୁଇଥର), ୪୦୦, ୫୪୨, ୫୪୨ (ଦୁଇଥର), ୭୨୮ ଓ ୩୮୧ରେ ହଜାର ହଜାର କୁଇଣ୍ଟାଲ ଧାନ କିଣାବିକା କରାଯାଇଛି। କିଣାଯାଇଥିବା ଧାନ ବାବଦ ଟଙ୍କା ଶରଣକୁଳସ୍ଥିତ ଭାରତୀୟ ଷ୍ଟେଟବ୍ୟାଙ୍କ୍, ନୟାଗଡ ଜିଲା ସମବାୟ ବ୍ୟାଙ୍କର ବିଭିନ୍ନ ଶାଖା ଏବଂ ଓଡିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରେ ଥିବା ତଥାକଥିତ ଚାଷୀମାନଙ୍କ ଜମାଖାତାରେ ଅନ୍‌ଲାଇନ ଦ୍ୱାରା ଟ୍ରାନ୍ସଫର ହୋଇ ଜମା ହୋଇଛି। ଏହି ତହସିଲର ବିଭିନ୍ନ ସେବା ସମବାୟ ସମିତି ଦ୍ୱାରା ଧାନ କିଣାବିକା ଦୁର୍ନୀତିରେ ବହୁ ଲୋକ ସାମିଲ ଥିବାବେଳେ ପ୍ରଶାସନ କେବଳ ସମ୍ପାଦକଙ୍କୁ ଉତ୍ତରଦାୟୀ ଭାବେ ନିଲମ୍ବିତ କରି ନିଜର ଦାୟିତ୍ୱ ସାରିଦେଇଛି। ଅନ୍ୟପକ୍ଷେ ହରିହରପୁର ସେବା ସମବାୟ ସମିତି ଦ୍ୱାରା ଉଲ୍ଲିଖିତ ଟୋକନ ସବୁର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରାଗଲେ ପ୍ରକୃତ ଦୋଷୀଙ୍କ ପର୍ଦ୍ଦାଫାଶ ହୋଇପାରିବ ବୋଲି ଲୋକେ ଆଶାବାଦୀ ଅଛନ୍ତି। ହେଲେ ଏ ନେଇ ସ୍ଥାନୀୟ ଲୋକେ ଜିଲା ପ୍ରଶାସନ ଉପରୁ ଆସ୍ଥା ହରାଇଥିବାରୁ ରାଜ୍ୟ ସରକାରଙ୍କ ପ୍ରମୁଖ ସଚିବ ତଥା ୫ଟି ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସୂଚନା ମିଳିଛି। ତଥାକଥିତ କାଗଜରେ ଚାଷୀ ଧାନବିକି ମାଲାମାଲ ହେଉଥିବା ବେଳେ ପ୍ରକୃତ ଚାଷୀ ଦଲାଲଙ୍କ ମାଧ୍ୟମରେ ଧାନ ବିକ୍ରି କରିବାକୁ ବାଧ୍ୟ ହେଉଛି। ଏ ନେଇ ଜିଲାପାଳ ଦୃଷ୍ଟି ଦେବା ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

# ସବୁଜିମା ହେଲା ଉଜୁଡ଼ା ଜଙ୍ଗଲ



ଜଙ୍ଗଲ ସୁରକ୍ଷାରେ ଗ୍ରାମବାସୀ।

ଲୋକନାଥ ମିଶ୍ର
ନୟାଗଡ଼ ଅଫିସ,୩୧।୩

ଆଦିବାସୀଙ୍କ ଜଙ୍ଗଲ ସୁରକ୍ଷା ନିଶା ଦୁଇ ଉଜୁଡା ଜଙ୍ଗଲକୁ ପୁଣି ସବୁଜିମାରେ ଭରିଦେଇଛି। ପରିବାର ପିଛା ମୁଠି ଚାଉଳ ସଂଗ୍ରହ କରି ସୁରକ୍ଷା ଦେବା ପରେ ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମାଳିସାହି ପଞ୍ଚାୟତର ସମ୍ପଡା ଓ ଷଣ୍ଢମରା ଗାଁ ପାଖରେ ନୂଆ ଜଙ୍ଗଲ ସୃଷ୍ଟି ହୋଇପାରିଛି। ଆଦିବାସୀଙ୍କ ଏହି ଜଙ୍ଗଲ ସୁରକ୍ଷାର ବାର୍ତ୍ତା ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି।

### ଆଦିବାସୀଙ୍କ ମୁଠି ଚାଉଳ ଦେଲା ସୁରକ୍ଷା

ଷଣ୍ଢମରା ଓ ସମ୍ପଡା ଗାଁ ନିକଟରେ ହାତୀମୁଣ୍ଡ ଜଙ୍ଗଲ ରହିଛି। ପ୍ରାୟ ୩୦ବର୍ଷ ତଳେ ଏହି ଜଙ୍ଗଲ ଶାଳ ଗଛରେ ଭରପୂର ଥିଲା। ହେଲେ କାଠ ମାଫିଆ ଯୋଗୁ ଜଙ୍ଗଲ ପଦା ହୋଇଗଲା। ଦୁଇ ଗାଁର ଆଦିବାସୀମାନେ ପୃଥକ୍ ଭାବେ ଜଙ୍ଗଲ ସୁରକ୍ଷା କରିବାକୁ ଆଗେଇ ଆସିଲେ। ଉଭୟ ଗାଁରେ ଏଥିଲାଗି ସଭା ବସିଲା। ଜଙ୍ଗଲ ସୁରକ୍ଷା କରିବାକୁ ସର୍ବସମ୍ମତି ନିଷ୍ପତ୍ତି ନିଆଗଲା। ପରେ ପରିବାର ପିଛା ମୁଠେ ଲେଖାଏ ଚାଉଳ ଆଦାୟ କରାଗଲା। ପ୍ରତିଦିନ ଗାଁର ଦୁଇଜଣ ଲେଖାଏ ୪ଜଣ ଲୋକ ଜଙ୍ଗଲ ସୁରକ୍ଷା ଦେଲେ। ପ୍ରଥମେ ପ୍ରଥମେ କାଠ ମାଫିଆଙ୍କ ଦୌରାତ୍ମ୍ୟ ବଢ଼ିଥିଲା। ଆଦିବାସୀମାନେ ଭୟ ନ କରି ସେମାନଙ୍କୁ ବୁଝାଇ ଜଙ୍ଗଲକୁ ସୁରକ୍ଷା ଦେଲେ। ଏବେ ଷଣ୍ଢମରାରେ ୧୭୭ ହେକ୍ଟର ଓ ସମ୍ପଡାରେ ୧୫୦ ହେକ୍ଟର ଜଙ୍ଗଲ ଶାଳଗଛରେ ପରିପୂର୍ଣ୍ଣ ହୋଇରହିଛି।

### ବଞ୍ଚିବାର ରାହା ଯୋଗାଉଛି

ଦୁଇ ଗାଁର ଆଦିବାସୀ ଲୋକଙ୍କ ଜମି ପ୍ରାୟତଃ ନାହିଁ। ହାତଗଣତି କେତେଜଣ ଲୋକଙ୍କ ଅଳ୍ପକିଛି ପାହାଡିଆ ଜମି ରହିଛି। ଏପରିସ୍ଥଳେ ଅନ୍ୟର କାମ ଓ ଦିନମଜୁରିଆ ଭାବେ କାମ କରି ଗାଁ ଲୋକେ ପରିବାର ଚଳାନ୍ତି। ଘରର ମହିଳାମାନେ ଜଙ୍ଗଲରୁ ଶାଳପତ୍ର ଆଣି ଖଲି ତିଆରି କରନ୍ତି। ଏହାସହ ଜଙ୍ଗଲର ଶୁଖିଲା କାଠ ବିକ୍ରି କରି ପରିବାର ଚଳାଇଥାନ୍ତି। ଶୁଖିଲା କାଠ ବି ରୋଷେଇରେ ବ୍ୟବହୃତ ହୁଏ। ପୁଣି ଜଙ୍ଗଲ ଯୋଗୁ ଠିକ୍ ସମୟରେ ବର୍ଷା, ଶୀତ ଓ ଖରା ହୋଇଥାଏ। ଅନ୍ୟପକ୍ଷେ ଜଙ୍ଗଲ ନ ଥିଲେ ସମ୍ପୃକ୍ତ ଜମି ଜବରଦଖଲ ହୋଇ ସାରନ୍ତାଣି। ବହୁ ଲୋକ ଏ ଅଞ୍ଚଳରେ ଜମି କିଣିବାକୁ ଆଗ୍ରହୀ। କିଛି ଲୋକ ସରକାରୀ ଜମି ଜବରଦଖଲ କରିଥିବା ଜଣାପଡିଛି। ଏ ନେଇ ଷଣ୍ଢମରାର ପ୍ରମୋଦ ପ୍ରଧାନ ଓ ସମ୍ପଡା ଗାଁର ଅର୍ଜୁନ ପ୍ରଧାନ କୁହନ୍ତି, ଷଣ୍ଢମରାରେ ୨୦ ପରିବାରର ୧୦୦ ଓ ସମ୍ପଡାରେ ୧୭ ପରିବାରର ୭୬ ଲୋକ ବାସ କରନ୍ତି। ସବୁ ଲୋକ ଜଙ୍ଗଲ ସୁରକ୍ଷିତ ରଖିବାକୁ ଆଗ୍ରହୀ। ଏଣୁ ପାଖରେ ଜଙ୍ଗଲ ଥାଇ ମଧ୍ୟ ଗଛକୁ ନଷ୍ଟ କରୁ ନାହାନ୍ତି। ଗାଁ ଲୋକଙ୍କ ପାଇଁ ଜଙ୍ଗଲ କେତେ ଉପକାରୀ ସେମାନେ ବୁଝିପାରିଥିବାରୁ ସୁରକ୍ଷା ଦେଉଥିବା କହିଛନ୍ତି। ଅନ୍ୟପକ୍ଷେ ପରବର୍ତ୍ତୀ ପର୍ଯ୍ୟାୟରେ ଉପରୋକ୍ତ ଜଙ୍ଗଲ ଦୁଇଟିକୁ ବନ ସୁରକ୍ଷା ସମିତିରେ ସାମିଲ କରାଗଲା। ହେଲେ ସ୍ଥାନୀୟ ଲୋକଙ୍କ କିଛି ଉପକାରରେ ଆସୁନି। କେବଳ କାଗଜକଲମରେ ଆମ ଜଙ୍ଗଲ ବନ ସୁରକ୍ଷା ସମିତିରେ ରହିଛି ବୋଲି ସେମାନେ କହିଥିଲେ।

## ସଂକ୍ଷେପରେ

### ଉଭାସ୍ଥଳୀ ଚିହ୍ନଟ, ହେବନି ଲୋକ ମହୋତ୍ସବ



ମା'ଙ୍କ ଉଭାସ୍ଥଳୀ ଚିହ୍ନଟ କରାଯାଇଛି।

**ତାଳଚେର,୩୧।୩(ନି.ପ୍ର.):** ତାଳଚେରର ଅଧିଷ୍ଠାତ୍ରୀ ଦେବୀ ଅଗ୍ନିରୂପା ମା' ହିଙ୍ଗୁଳାଙ୍କ ଉଭାସ୍ଥଳୀ ସୋମବାର ମଧ୍ୟରାତିରେ ଚିହ୍ନଟ ହୋଇଛି। ଗୋପାଳପ୍ରସାଦସ୍ଥିତ ହିଙ୍ଗୁଳା ମନ୍ଦିରର ପଛ ପାଖର ପୂର୍ବ ଦିଗ ଜଗତି ଢିପଠାରେ ମା' ଅଗ୍ନିରୂପା ଆବିର୍ଭାବ ହୋଇଛନ୍ତି। ମଧ୍ୟରାତ୍ରିରେ ଦେହୁରୀ ମା'ଙ୍କୁ ଶାବରୀ ମନ୍ତ୍ରରେ ବଶୀଭୂତ କରିବା ପରେ ଅଗ୍ନି ସଂଯୋଗ କରି ମା'ଙ୍କ ଉଭାସ୍ଥଳୀ ଚିହ୍ନଟ କରିଥିଲେ। ଅପରପକ୍ଷରେ ଚଳିତ ବର୍ଷ ଏପ୍ରିଲ ୭ରୁ ୧୫ ତାରିଖ ଯାଏ ହେବାକୁ ଥିବା ମା'ଙ୍କ ବାର୍ଷିକ ଯାତ୍ରା ଓ ୧୮ତମ ଲୋକ ମହୋତ୍ସବ କରୋନା କଟକଣା ପାଇଁ ଅନୁଷ୍ଠିତ ହେବ ନାହିଁ। କେବଳ ମା'ଙ୍କ ପୂଜା ପାରମ୍ପରିକ ରୀତିନୀତିରେ କରାଯିବ ବୋଲି ପରିଚାଳନା କମିଟି ସୂତ୍ରରୁ ଜଣାପଡିଛି।

### ଉପଜିଲାପାଳଙ୍କ ଯୋଗଦାନ



**ତାଳଚେର,୩୧।୩(ନି.ପ୍ର.):** ଅନୁଗୋଳର ବରିଷ୍ଠ ପ୍ରଶାସନିକ ଅଧିକାରୀ ରଜନୀକାନ୍ତ ସ୍ୱାଇଁ ମଙ୍ଗଳବାର ତାଳଚେରର ନୂତନ ଉପଜିଲାପାଳ ଭାବେ ଯୋଗଦାନ କରିଛନ୍ତି। ସେ ବିଦାୟୀ ଉପଜିଲାପାଳ ପରେଶ ଚନ୍ଦ୍ର ନାୟକଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସ୍ୱାଇଁ ଅନୁଗୋଳର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଥିଲେ। ତହସିଲଦାର ଗୌରୀ ନାଏକ, ପୌର ଅଧିକାରୀ ଅତସି ପରିଡା, ଯୋଗାଣ ଅଧିକାରୀ ରୋହିତ ଦାସ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୌରଭ ପ୍ରଧାନ, ହୃଦାନନ୍ଦ ସାହୁ, ଦୀନବନ୍ଧୁ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

### କଟକଣା ଉଲ୍ଲଂଘନ, ଅସନ୍ତୋଷ

**କଣିହାଁ,୩୧।୩(ଡି.ଏନ.ଏ.):** ଅନ୍ୟ ଦେଶ କିମ୍ବା ରାଜ୍ୟ ବାହାରୁ ଆସିଥିଲେ ପ୍ରଶାସନକୁ ଅବଗତ କରିବା ସହ ହୋମ୍ କ୍ୱାରାଣ୍ଟାଇନ୍‌ରେ ରହିବାକୁ ନିର୍ଦ୍ଦେଶ ଥିବାବେଳେ କଣିହାଁ ବ୍ଲକ ଏନ୍‌ଟିପିସି ଟାଉନ ଥାନା ଅଞ୍ଚଳରେ ଏହାର ଉଲ୍ଲଂଘନ ହୋଇଥିବା ଅଭିଯୋଗ ହୋଇଛି। ଏନ୍‌ଟିପିସି ପ୍ରକଳ୍ପ ଡେଲିମାର୍କେଟ୍‌ରେ ଥିବା ଏକ କଂସେଇ ଖାନାକୁ ୨ଜଣ ରାଜ୍ୟ ବାହାର ବ୍ୟକ୍ତି ଆସିଥିବା ବେଳେ ସେମାନେ କ୍ୱାରାଣ୍ଟାଇନ୍‌ରେ ରହି ନ ଥିବା ଜଣାପଡ଼ିଛି। ଏ ନେଇ ଖବର ପାଇବା ପରେ ପୋଲିସ ପହଞ୍ଚି ତଦନ୍ତ ଚଳାଇଥିବା ଥାନା ସୂତ୍ରରୁ ପ୍ରକାଶ।

### ଟ୍ରକ୍ ଧକ୍କାରେ ୫ ଗୁରୁତର

**ବଇଣ୍ଡା,୩୧।୩(ଡି.ଏନ.ଏ.):** ନାକିଚି-ଠାକୁରଗଡ଼ ପୂର୍ତ୍ତ ରାସ୍ତାରେ ମଙ୍ଗଳବାର ଏକ ଟ୍ରକ୍ ସିରିଜ୍ ଦୁର୍ଘଟଣା ଘଟାଇବାରୁ ୫ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ତେନ୍ତୁଳିପଥର ଗ୍ରାମର ହରେକୃଷ୍ଣ ନାୟକ, ଜରପଡ଼ା ଗ୍ରାମର ଅଇବନ ବେହେରା, ବନମାଳୀପୁରର ରାଜା ବେହେରା, ବିବେକାନନ୍ଦ ବେହେରା, କୁର୍ଣ୍ଡିବାସପୁର ଗ୍ରାମର ଚନ୍ଦ୍ରମଣି ବେହେରା। ସମସ୍ତଙ୍କୁ ଠାକୁରଗଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଠାକୁରଗଡ଼ ପୋଲିସ କହିଛି, ନାକିଚିରୁ ଠାକୁରଗଡ଼ ଅଭିମୁଖେ ଯାଉଥିବା ଏକ କୋଇଲା ବୋଝେଇ ଟ୍ରକ୍ (ନଂ. ଓଡି୧୫ବି-୮୬୧୩) ତେନ୍ତୁଳିପଥର, ଜରପଡ଼ା, ମନମାଳିପୁର ଓ କୁର୍ଣ୍ଡିବାସପୁରଠାରେ ଦୁର୍ଘଟଣା ଘଟାଇ ଖାଲକୁ ଖସିପଡ଼ିଛି।

### ଖୋଲିଲା ଅସ୍ଥାୟୀ ମେଡିକାଲ କ୍ୟାମ୍ପ

**ଅନୁଗୋଳ ଅଫିସ, ୩୧।୩:** ଅନୁଗୋଳ ଜିଲାରେ କରୋନା ମୁକାବିଲା ପାଇଁ ୫ଟି ସ୍ଥାନରେ ଅସ୍ଥାୟୀ ମେଡିକାଲ ସେଣ୍ଟର କରାଯାଇଛି। ଏହି ୫ଟି ସ୍ଥାନରେ ମୋଟ୍ ୬୩୦ଟି ବେଡ୍ ଉପଲବ୍ଧ ଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଅନୁଗୋଳ ପୌରାଞ୍ଚଳରେ ୧୮୦ ବେଡ୍ ଓ ତାଳଚେର ପୌରାଞ୍ଚଳର ୩ଟି ସ୍ଥାନରେ ୪ ଶହ ବେଡ୍ ରହିଛି। ସେହିପରି ଆଠମଲ୍ଲିକର ୧୧ଟି ୱାର୍ଡ ପାଇଁ ୫୦ ବେଡ୍‌ର ଗୋଟିଏ ଅସ୍ଥାୟୀ ମେଡିକାଲ ଖୋଲାଯାଇଛି। ଅନ୍ୟପକ୍ଷରେ ଅନୁଗୋଳ ପୌରପାଳିକା ଅଞ୍ଚଳର ୫ଟି ସ୍ଥାନରେ ଶ୍ରମିକମାନଙ୍କ ରହିବା ପାଇଁ ବ୍ୟବସ୍ଥା କରାଯାଇଛି। ବର୍ତ୍ତମାନ ୨୩୦ ଜଣ ଶ୍ରମିକଙ୍କୁ ରଖାଯାଇ ଖାଦ୍ୟ ଯୋଗାଇ ଦିଆଯାଉଛି।

# ପୂର୍ବାହ୍ନରେ ଫେରାଇଦେଲେ, ଅପରାହ୍ନରେ ବାଣ୍ଟିଲେ

- ପାରାମେଡିକାଲ ଷ୍ଟାଫ୍‌ଙ୍କୁ ନିଯୁକ୍ତି ପତ୍ର
- ସାମାଜିକ ଦୂରତା ରକ୍ଷା ନ କରିବାରୁ ତାଗିଦ୍



ନିଯୁକ୍ତିପତ୍ର ବଣ୍ଟନ ସମୟରେ ପାରାମେଡିକାଲ ଷ୍ଟାଫ୍‌ମାନେ ରୁଣ୍ଡ ହୋଇଛନ୍ତି।

**ଅନୁଗୋଳ ଅଫିସ, ୩୧।୩:** କରୋନା ମୁକାବିଲା ପାଇଁ ସୋମବାର ଅନୁଗୋଳ ଜିଲାରେ ପାରା ମେଡିକାଲ ଷ୍ଟାଫ ନିଯୁକ୍ତି କରାଯାଇଥିଲା। ମଙ୍ଗଳବାର ସେମାନଙ୍କୁ ନିଯୁକ୍ତିପତ୍ର ବଣ୍ଟନ କରାଯିବାର ଥିଲା। ଏଥିପାଇଁ ପୂର୍ବାହ୍ନରେ ମେଡିକାଲ ପରିସରରେ ଷ୍ଟାଫ୍‌ମାନେ ପହଞ୍ଚି ଯାଇଥିଲେ। ହେଲେ ନବନିଯୁକ୍ତ କର୍ମଚାରୀଙ୍କ ମଧ୍ୟରେ ସାମାଜିକ ଦୂରତ୍ୱ ରଖିବାକୁ କର୍ତ୍ତୃପକ୍ଷ ଯେପରି ଭୁଲିଯାଇଥିଲେ। ତେବେ ଗହଳି ଦେଖି ଉପଜିଲାପାଳ ବାସୁଦେବ ଶତପଥୀ କର୍ତ୍ତୃପକ୍ଷଙ୍କୁ ତାଗିଦ୍ କରିଥିଲେ। ଏହାପରେ ମେଡିକାଲ କର୍ତ୍ତୃପକ୍ଷ କର୍ମଚାରୀମାନଙ୍କୁ ଫେରିଯିବାକୁ କହିବା ସହ ଅପରାହ୍ନରେ ଡାକି ନିଯୁକ୍ତିପତ୍ର ପ୍ରଦାନ କରିଥିଲେ।

ପ୍ରକାଶ ଯେ, ନିଯୁକ୍ତିପତ୍ର ପାଇଁ ପାରାମେଡିକାଲ ଷ୍ଟାଫ୍‌ମାନେ ମେଡିକାଲ ପରିସରରେ ଭିଡ଼ ଲଗାଇଥିବା ସମ୍ପର୍କରେ ଉପଜିଲାପାଳ ଶତପଥୀଙ୍କୁ ସୂଚନା ମିଳିଥିଲା। ତୁରନ୍ତ ସେ ପହଞ୍ଚି ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଅନ୍ୟମାନଙ୍କୁ ତାଗିଦ୍ କରିଥିଲେ। ଖବରପାଇ ଅନୁଗୋଳ ଏସ୍‌ଡିପିଓ ଅଶ୍ୱନୀ ସାହୁ, ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ ଓ ଏସ୍‌ଆଇ ପ୍ରକାଶ ଚନ୍ଦ୍ର ମାଝି ପହଞ୍ଚି ନବନିଯୁକ୍ତ କର୍ମଚାରୀମାନଙ୍କୁ ସାମାଜିକ ଦୂରତା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। କିନ୍ତୁ ସେମାନେ କଟକଣାକୁ ବେଖାତିର କରିବାରୁ ସମସ୍ତଙ୍କୁ ଫେରାଇ ଦିଆଯାଇଥିଲା। ଅପରାହ୍ନ ୩ଟାରେ ସେମାନଙ୍କୁ ଡକାଯାଇ ସାମାଜିକ ଦୂରତା ରକ୍ଷା କରିବାକୁ କୁହାଯିବା ସହ ସହ ୩୦ ଜଣ ଫାର୍ମାସିଷ୍ଟ, ୪୧ ଜଣ ଷ୍ଟାଫ୍ ନର୍ସ, ୧୨ ଜଣ ଟେକ୍ନିସିଆନ, ୨ ଜଣ ରେଡିଓ ଗ୍ରାଫର, ୧୯ ଜଣ ମଲ୍ଟି ପ୍ରପୋଜ ହେଲ୍‌ପ ୱାର୍କର (ପୁରୁଷ) ଓ ୪୨ ଜଣ ମଲ୍ଟି ପ୍ରପୋଜ ହେଲ୍‌ପ ୱାର୍କର (ମହିଳା)ଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଥିଲା।

# ବଜାରରେ କୃତ୍ରିମ ଅଭାବ ଦୂରକର



ଥାନା ପରିସରରେ ହୋଲ୍‌ସେଲରଙ୍କ ସହ ବୈଠକ।

**ତାଳଚେର, ୩୧।୩(ନି.ପ୍ର.)**

ତାଳଚେରରେ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରିର ସୁପରିଚାଳନା ନିମନ୍ତେ ଏକ ବୈଠକ ଥାନା ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଇଆଇସି ସତ୍ୟବ୍ରତ ରାଉତ ଏଥିରେ ଅଧ୍ୟକ୍ଷତା କରିଥିଲେ। ତାଳଚେର ଅଞ୍ଚଳର ହୋଲସେଲ ବ୍ୟବସାୟୀ, ଡିଷ୍ଟ୍ରିବ୍ୟୁଟରମାନେ ବୈଠକରେ ଯୋଗଦେଇଥିଲେ। ବିଭିନ୍ନ କାରଣରୁ ବଜାରରେ ଅତ୍ୟାବଶ୍ୟକ ସାମଗ୍ରୀର କୃତ୍ରିମ ଅଭାବ ଦେଖାଦେଇଛି। ଏହାକୁ କିଭଳି ଦୂର କରାଯାଇ ପାରିବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଆବଶ୍ୟକସ୍ଥଳେ ପୋଲିସ ପକ୍ଷରୁ ସମସ୍ତ ସହାୟତା ପ୍ରଦାନ କରାଯିବ ବୋଲି ଆଇଆଇସି ପ୍ରକାଶ କରିଥିଲେ। ବୈଠକରେ କମଳଲୋଚନ ଅଗ୍ରୱାଲ, ଗୋପାଳ ମୋଦି, ଶିବପ୍ରସାଦ ସାହୁ, ମେନୁଆ ମୋଦି, ହିତେଶ ଅଗ୍ରୱାଲ, କନଫେଡରେଶନ ଅଫ୍ ଅଲ ଇଣ୍ଡିଆ ଟ୍ରେଡର୍ସ ଅନୁଗୋଳ ଉପସଭାପତି ଆଶିଷ ଅଗ୍ରୱାଲଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# କଷ୍ଟ ଦେଉଛି କଟକଣା



- ଚିନ୍ତାରେ ୫୦ ସିତୁରା ପରିବାର
- ଭୋକ ଉପାସରେ କଟୁଛି ଦିନ
- ପ୍ରଶାସନ ସାହାଯ୍ୟ କରିବାକୁ ନିବେଦନ

**ବଅଁରପାଳ, ୩୧।୩(ଉପେନ୍ଦ୍ର ରାଉତ)**

ଦୈନିକ କିଛି ରୋଜଗାର କଲେ ଚୁଲି ଜଳୁଥିଲା। ଛୁଆପିଲାଙ୍କ ପେଟକୁ ଦାନା ଯାଉଥିଲା। ହେଲେ ଏବେ କରୋନା କଟକଣା ଜୀବନକୁ କଷ୍ଟକର କରିଦେଇଛି। ଦୁଇ ଓଳି ଦୁଇ ମୁଠା ଖାଇବା ଯୋଗାଡ଼ ପାଇଁ ସଂଘର୍ଷ କରିବାକୁ ପଡୁଛି। ହାଟ, ବଜାର ବନ୍ଦ ଥିବାରୁ ହାତ ବାନ୍ଧି ବସିବାକୁ ପଡୁଛି। ଏମିତି ଭୋକ ଦୁଃଖରେ ଆମ ଦିନ କଟୁଥିବା କହିଛନ୍ତି ବଅଁରପାଳ ବ୍ଲକ ବଳରାମପ୍ରସାଦ ପଞ୍ଚାୟତ ସିତୁରାସାହି ବାସିନ୍ଦା।

ସାହିର ପ୍ରାୟ ୫୦ ପରିବାର ପନିକି, ଚଟୁ, କଡେଇ, ବାକ୍ସ ଆଦି ବିଭିନ୍ନ ସାମଗ୍ରୀ ତିଆରି କରି ବଜାରରେ ବିକ୍ରି କରିଥାନ୍ତି। ସେଥିରୁ ଯାହା ରୋଜଗାର ହୁଏ ସେଥିରେ ପରିବାର ଚଳାନ୍ତି। କିନ୍ତୁ ଲକ୍‌ଡାଉନ୍ ଯୋଗୁ ସପ୍ତାହେ ହେଲା ସେମାନେ ଅସହାୟ ହୋଇପଡ଼ିଛନ୍ତି। ବଜାର ବନ୍ଦ ରହିଥିବାରୁ ସେମାନଙ୍କ ହାତ ତିଆରି ସାମଗ୍ରୀ ବିକ୍ରି ହୋଇପାରୁ ନାହିଁ। ରୋଜଗାରର ବାଟ ବନ୍ଦ ହୋଇଯାଇଥିବାରୁ କେମିତି ଖାଇବା ଯୋଗାଡ଼ କରିବେ ତାହାକୁ ନେଇ ଚିନ୍ତାର ପଡ଼ିଛନ୍ତି। ଏପରି କି ରାଶନ କିଣିବାକୁ କାହା ପାଖରେ ଟଙ୍କା ନାହିଁ। କିଏ ଗଣ୍ଡେ ଖାଇବାକୁ ଦେଲେ ପିଲାଙ୍କ ପେଟ ପୂରୁଛି ନ ହେଲେ ନାହିଁ। ଏମିତି ଅବସ୍ଥାରେ ସରକାର କିଛି ସାହାଯ୍ୟ କରିବାକୁ ସାହିର ମାଧବ ପ୍ରଧାନ, କୁମର ଦେହୁରୀ, ପ୍ରମିଳା ପୂର୍ତ୍ତି ପ୍ରମୁଖ ନିବେଦନ କରିଛନ୍ତି। ଏ ସମ୍ପର୍କରେ ବିଡିଓ ଏଲିଜା ମିଶ୍ର କହିଛନ୍ତି, ସେମାନଙ୍କ ପରିସ୍ଥିତି ନେଇ ଖବର ନ ଥିଲା। ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଯୋଗାଯୋଗ କରି ସବୁ ସୁବିଧା ଯୋଗାଇ ଦିଆଯିବ।

## ଶ୍ରମିକଙ୍କୁ ମାଡ଼ ଭିଡିଓ ଭାଇରାଲ

**ବନ୍ତଳା, ୩୧।୩(ଡି.ଏନ.ଏ.)**

ବଅଁରପାଳ ଥାନା ମହୀଧରପୁର ଫାଣ୍ଡି ସମ୍ମୁଖରେ ସୋମବାର ମଧ୍ୟାହ୍ନରେ କେତେଜଣ ଶ୍ରମିକଙ୍କୁ ପୋଲିସ ମାଡ଼ ମାରୁଥିବା ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଜଣେ ପୋଲିସ କର୍ମଚାରୀ ଶ୍ରମିକଙ୍କୁ ଖରାରେ ଆଣ୍ଠେଇ ବାଡ଼ିରେ ପିଟିବାର ଦୃଶ୍ୟ ସେଥିରେ ରହିଛି। ଶ୍ରମିକମାନେ ଭୁବନେଶ୍ୱରରୁ ଚାଲିଚାଲି ସମ୍ବଲପୁର ଯାଉଥିବାବେଳେ ପୋଲିସ ସେମାନଙ୍କୁ ମାଡ଼ ମାରୁଥିବା କୁହାଯାଉଛି। ଏ ନେଇ ମହୀଧରପୁର ଫାଣ୍ଡି ଏଏସ୍‌ଆଇ ଅଶୋକ କୁମାର ତ୍ରିପାଠୀ କହିଛନ୍ତି, ଏକ ଇଟାଭାଟିରେ ଶ୍ରମିକମାନେ କାମ କରୁଥିବା ଖବରପାଇ ତହସିଲଦାର, ଆରଆଇଙ୍କ ସହ ତଦନ୍ତରେ ଯାଇଥିଲେ। ଏପରି ଘଟଣା ସମ୍ପର୍କରେ ସନ୍ଧ୍ୟାରେ ଜଣାପଡ଼ିବା ପରେ ଏସପିଙ୍କ ନିର୍ଦ୍ଦେଶ ଅନୁଯାୟୀ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କୁ ରିଜର୍ଭକୁ ପଠାଇ ଦିଆଯାଇଛି। ତଦନ୍ତ ଜାରି ରହିଛି।

# ଖବରଦାତାମାନଙ୍କୁ ବୀମାଭୁକ୍ତ ଦାବି



ଖବରଦାତାମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

**ପାଲଲହଡା,୩୧।୩(ଡି.ଏନ.ଏ.)**

କରୋନା ସଙ୍କଟ ବେଳେ ଖବରଦାତାମାନେ ଜୀବନକୁ ବାଜି ଲଗାଇ କାର୍ଯ୍ୟ କରୁଥିବାରୁ ଏହାକୁ ଦୃଷ୍ଟିରେ ରଖି ସରକାର ଖବରଦାତାମାନଙ୍କ ପାଇଁ ୫୦ ଲକ୍ଷ ଟଙ୍କାର ବୀମା ଘୋଷଣା ନିମନ୍ତେ ସୋମବାର ପାଲଲହଡ଼ା ଉପଖଣ୍ଡ ସାମ୍ବାଦିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଙ୍ଘ ସଭାପତି ରଘୁନନ୍ଦନ ଆଚାର୍ଯ୍ୟ, ସହସଭାପତି ଖଗେଶ୍ୱର ଦାଶ, ରବିନାରାୟଣ ପ୍ରଧାନ, ସମ୍ପାଦକ ଦିବ୍ୟଜ୍ୟୋତି ଦାଶ ଏବଂ ସୁବ୍ରତ ଦାଶ, ଦେବଦତ୍ତ ସାହୁ, ଲିଙ୍ଗରାଜ ସାହୁ, ହରିଶ୍ଚନ୍ଦ୍ର ଦାସ, ଖଗେଶ୍ୱର ମହାନ୍ତ, ରମେଶଚନ୍ଦ୍ର ପ୍ରଧାନ, ଦେବଦତ୍ତ ଦାଣ୍ଡିଆଙ୍କ ସହ ସମସ୍ତ ସଭ୍ୟ ଏହି ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ।

## ଶ୍ରମିକ, ଅସହାୟଙ୍କୁ ରନ୍ଧାଖାଦ୍ୟ ବଣ୍ଟନ



ଶ୍ରମିକମାନଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରାଯାଉଛି।

**ବଅଁରପାଳ, ୩୧।୩(ଡି.ଏନ.ଏ.)**

ବଅଁରପାଳ ବ୍ଲକ ବଳରାମପ୍ରସାଦ ସିତୁରା ସାହିରେ ନାଲ୍‌କୋ ବଅଁରପାଳ ସାମ୍ବାଦିକ ସଂଘ ତରଫରୁ ଶତାଧିକ ଦିନ ମଜୁରିଆ ଓ ଅସହାୟଙ୍କୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଛି। ରାଜ୍ୟ ଗୃହ ନିର୍ମାଣ ଅଧ୍ୟକ୍ଷ ମୀନକେତନ ଅମାନ୍ତ ଏଥିରେ ସହଯୋଗ କରିଥିଲେ। ସରକାର ସହଯୋଗ କଲେ ଆଗାମୀ ଦିନରେ ଏହି କାର୍ଯ୍ୟ ଜାରି ରଖାଯିବ ବୋଲି ସଂଘ ପକ୍ଷରୁ ମୀନକେତନ ଅମାନ୍ତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସମ୍ପାଦକ ସନ୍ତୋଷ କୁମାର ମିଶ୍ର, ସଭାପତି ଉପେନ୍ଦ୍ର ରାଉତ, କାର୍ଯ୍ୟକାରୀ ସଭାପତି ସଞ୍ଜୀବ ମାଣ୍ଡୋଠିଆ, ନିରଞ୍ଜନ ନାଏକ, ଦିବ୍ୟ ରଞ୍ଜନ ସାମଲ, ଶଶାଙ୍କ ଶେଖର ସାମଲ, ନିପୁ ଭୂତିଆ, ଜଗନ୍ନାଥ ବେହେରା, ଅଶୋକ ଜେନା, ସମୀର ସାହୁ, ଲୋକନାଥ ନନ୍ଦ, ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## କୂଅରୁ ମୃତଦେହ ଉଦ୍ଧାର

**ବଇଣ୍ଡା, ୩୧।୩(ଡି.ଏନ.ଏ.)**

ଆଠମଲ୍ଲିକ ବ୍ଲକ ଠାକୁରଗଡ ଥାନା ମାମୁରିଝରଣ ଗ୍ରାମର ଏକ ପରିତ୍ୟକ୍ତ କୂଅରୁ ସାନହୁଲା ପଞ୍ଚାୟତ ଜୟପୁର ଗ୍ରାମର ମୋହନ ନାୟକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏ ସଂକ୍ରାନ୍ତରେ ପୋଲିସ ନଂ. ୬/୨୦ରେ ମାମଲା ରୁଜୁ କରିଛି। ପୋଲିସ କହିଛି, ମୋହନ ଭିଶୋଇଙ୍କ ଘର ମାମୁରିଝରଣରେ ରହି କାମ କରୁଥିଲେ। କୂଅରେ ତାଙ୍କ ମୃତଦେହ ଭାସୁଥିବା ଖବରପାଇ ଟାପଢୋଲ ଫାଣ୍ଡି ଅଧିକାରୀ କରୁଣାକର ନନ୍ଦ ଉଦ୍ଧାର କରିଥିଲେ।

## ଖୋଜା ଚାଲିଛି ନିଜାମୁଦ୍ଦିନ୍ ଲିଙ୍କ୍

**ଅନୁଗୋଳ ଅଫିସ, ୩୧।୩**

ନୂଆଦିଲ୍ଲୀର ନିଜାମୁଦ୍ଦିନ୍ ଧାର୍ମିକ ସଭାରୁ କେହି ଅନୁଗୋଳ ଫେରିଛନ୍ତି କି ନାହିଁ ସେ ନେଇ ଯାଞ୍ଚ ଚାଲିଥିବା ଜିଲାପାଳ ମନୋଜ କୁମାର ମହାନ୍ତି ସୂଚନା ଦେଇଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ସେପରି କୌଣସି ବ୍ୟକ୍ତି ଜିଲାକୁ ଆସି ନ ଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତଥାପି ଏ ନେଇ ସମସ୍ତଙ୍କୁ ସତର୍କ କରାଯାଇଥିବା ଜିଲାପାଳ କହିଛନ୍ତି।

# ସପ୍ତାହରେ ତିଆରି କଲେଣି ୨୦ ହଜାର ମାସ୍କ

**ଛେଣ୍ଡିପଦା,୩୧।୩(ସ୍ୱ.ପ୍ର.)**



ସଙ୍ଗଠନର ସଦସ୍ୟାମାନେ ମାସ୍କ ତିଆରି କରୁଛନ୍ତି।

କରୋନା ସଂକ୍ରମଣରୁ ବର୍ତ୍ତିବା ପାଇଁ ଅନେକ ଲୋକ ମାସ୍କ ବ୍ୟବହାର କରୁଛନ୍ତି। ଏଥିଯୋଗୁ ବଜାରରେ ମାସ୍କର ଅଭାବ ପରିଲକ୍ଷିତ ହେଉଛି। ଏହାକୁ ଦୃଷ୍ଟିରେ ରଖି ମାସ୍କ ତିଆରି କରି ଲୋକଙ୍କୁ ଯୋଗାଇବାକୁ ଅଣ୍ଟା ଭିଡ଼ିଛନ୍ତି ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାଲିପଟା ପଞ୍ଚାୟତର ନାରୀଶକ୍ତି ଉତ୍ପାଦିକା ଦଳ। ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଅନୁଗୋଳ ୟୁକୋ ବ୍ୟାଙ୍କ ସହାୟତାରେ ସିଲେଇ ତାଲିମ ନେଇଥିବା ୧୭ ଜଣ ସଦସ୍ୟାଙ୍କୁ ନେଇ ଗଠିତ ଏହି ସଙ୍ଗଠନର ସଭାପତି ସୁଭଦ୍ରା ଗଡନାୟକ, ସମ୍ପାଦକ ଗେହ୍ଲାରାଣୀ ସାହୁ, କୋଷାଧ୍ୟକ୍ଷା ସୁଜାତା ପ୍ରଧାନ ପ୍ରମୁଖ ମାସ୍କ ତିଆରି କରୁଛନ୍ତି। ସେମାନେ ଅନୁଗୋଳର ବିଭିନ୍ନ ମେଡିସିନ ଷ୍ଟୋର, ଜିଲାପାଳ ଅଫିସ, ମିଶନ ଶକ୍ତି ଓ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଆଦିକୁ ମାସ୍କ ପିଛା ୨୦ ଟଙ୍କାରେ ବିକ୍ରି କରୁଛନ୍ତି। ପ୍ରାୟ ସପ୍ତାହେ ମଧ୍ୟରେ ସେମାନେ ୨୦ ହଜାରରୁ ଅଧିକ ମାସ୍କ ବଜାରରେ ବିକ୍ରି କରିସାରିଥିବା ସଂଘ ସଭାପତି ଗଡନାୟକ ପ୍ରକାଶ କରିଛନ୍ତି। ମାସ୍କ ତିଆରି ବେଳେ ପରିଷ୍କାର ପରିଚ୍ଛନ୍ନତାକୁ ଗୁରୁତ୍ୱ ଦିଆଯାଉଥିବା ସେ କହିଛନ୍ତି। ଏବେ ଛେଣ୍ଡିପଦା, କିଶୋରନଗର ଓ କଣିହାଁ ଆଦି ଅଞ୍ଚଳରୁ ମଧ୍ୟ ମାସ୍କ ତିଆରି ପାଇଁ ଅର୍ଡର ଆସୁଥିବା ସେ ପ୍ରକାଶ କରିଛନ୍ତି।

## ଲକ୍‌ଡାଉନ୍ ଅନୁଗୋଳ ଟାଉନ




ଲକ୍‌ଡାଉନ୍ ଯୋଗୁ ଅନୁଗୋଳ ସହରକୁ ଯାଇଥିବା ରାସ୍ତା ଶୂନଶାନ ହୋଇଯାଇଛି।



ଫାଙ୍କା ପଡ଼ିଥିବା ରାସ୍ତାପାର୍ଶ୍ୱରେ ଗୋରୁଙ୍କ ରାଜୁତି।



ମଙ୍ଗଳବାର ରାତିରେ ଜନଶୂନ୍ୟ ରାଜା ଛକ। (ଫଟୋ- ବୁଲୁ)

## ସଂକ୍ଷେପରେ

### କ୍ୱାରାଣ୍ଟାଇନ୍‌ରେ ୧୦୪୯

**କାମାକ୍ଷାନଗର, ୩୧।୩(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡରେ ମଙ୍ଗଳବାର ସୁଦ୍ଧା ୧୦୪୯ଜଣ ହୋମ୍ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। କଟକଣା ଲାଗୁ କରାଯିବା ପରେ ୭ ବିଦେଶୀ ଫେରନ୍ତାଙ୍କ ସମେତ ଦେଶର କରୋନା ସଂକ୍ରମିତ ରାଜ୍ୟରୁ ମୋଟ ୧୫୦୯ ଜଣ ଫେରିଛନ୍ତି। ତନ୍ମଧ୍ୟରେ କାମାକ୍ଷାନଗରର ୨୩୯, ପରଜଙ୍ଗର ୩୩୦, କଙ୍କଡ଼ାହାଡ଼ର ୬୪୧ ଏବଂ ଭୁବନ ବ୍ଲକର ୩୬୭ ଜଣ ଅଛନ୍ତି। ଇତିମଧ୍ୟରେ ୪୬୦ ଜଣଙ୍କ କ୍ୱାରାଣ୍ଟାଇନ ଅବଧି ଶେଷ ହୋଇଛି। ଅନ୍ୟ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

### ଅସହାୟଙ୍କୁ ଖାଦ୍ୟ ଦେଲା ବଜରଙ୍ଗ ଦଳ



**ଭୁବନ, ୩୧।୩(ଡି.ଏନ୍.ଏ.):** କରୋନା କଟକଣା ଲାଗୁ କରାଯିବା ପରେ ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି ଅସହାୟ ଏବଂ ମାନସିକ ଭାରସାମ୍ୟ ହରାଇଥିବା ବ୍ୟକ୍ତି ବିଶେଷ। ଦୋକାନ ବଜାର ବନ୍ଦ ହୋଇଯାଇଥିବାବେଳେ ସେମାନଙ୍କୁ ଭଲରେ ଖାଇବାକୁ ମୁଠେ ମିଳୁନାହିଁ। ଏପରି ଅସହାୟ ମଣିଷଙ୍କୁ ସହାୟତା କରିବାକୁ ଆଗେଇ ଆସିଛି ଭୁବନର ବରଜଙ୍ଗ ଦଳ। ମଙ୍ଗଳବାର ସଙ୍ଗଠନର ସଦସ୍ୟମାନେ ଏନ୍‌ଏସି ସମେତ ବ୍ଲକର ବିଭିନ୍ନ ସ୍ଥାନରେ ଗରିବ, ଅସହାୟ ଏବଂ ମାନସିକ ଅନଗ୍ରସର ଲୋକଙ୍କୁ ଠାବ କରି ଶୁଖିଲା ଖାଦ୍ୟ ବାଣ୍ଟିଥିଲେ। ଅଞ୍ଚଳବାସୀଙ୍କ କହିବା କଥା, ସରକାରଙ୍କ ନିର୍ଦ୍ଦେଶ ପରେ ଏନ୍‌ଏସି ସମେତ ବିଭିନ୍ନ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ପକ୍ଷରୁ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି। ହେଲେ ଏହା ଅସହାୟଙ୍କ ନିକଟରେ ପହଞ୍ଚାଇବା କାଠିକର ପାଠ ହେଉଛି। ଏଥିପ୍ରତି ଦୃଷ୍ଟି ଦେଲେ ଏପରି ସମୟରେ ଗରିବ ଲୋକମାନେ ଉପକୃତ ହୋଇପାରନ୍ତେ ବୋଲି ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।

### ସ୍ତ୍ରୀଙ୍କୁ ନିର୍ଯାତନା ଅଭିଯୋଗ

**ବଉଣ୍ଡା, ୩୧।୩(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ଧଉରାଗୋଠ ଗ୍ରାମର ମିଲି ବେହେରାଙ୍କୁ ତାଙ୍କ ସ୍ୱାମୀ ସୁନୀଲ ବେହେରାଙ୍କ ସହ ଶ୍ୱଶୁର ପ୍ରଫୁଲ୍ଲ ବେହେରା ଯୌତୁକ ଦାବିରେ ନିର୍ଯାତନା ଦେଉଥିବା ମଙ୍ଗଳବାର ଥାନାରେ ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ନଂ. ୪୭/୨୦ରେ ପୋଲିସ ଏକ ମାମଲା ରୁଜୁ କରିଛି। ତଦନ୍ତକାରୀ ଅଧିକାରୀ ଏଏସ୍‌ଆଇ କୁନି ବାରିକ କହିଛନ୍ତି, ଅଧିକ ୫୦ ହଜାର ଟଙ୍କା ଯୌତୁକ ଆଣିବାକୁ କହି କିଛିମାସ ହେବ ମିଲିଙ୍କୁ ନିର୍ଯାତନା ଦିଆଯାଉଥିବା ଅଭିଯୋଗ ପତ୍ରରେ ଦର୍ଶାଯାଇଛି।

# ଉଲ୍ଲଂଘନକାରୀଙ୍କୁ ସାବାଡ଼୍ କର: ଡିଜିପି

**ଢେଙ୍କାନାଳ ଅଫିସ୍, ୩୧।୩:** ଢେଙ୍କାନାଳ ଜିଲା ପୋଲିସ କାର୍ଯ୍ୟାଳୟରେ ମଙ୍ଗଳବାର ଲକ୍‌ଡାଉନ୍ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଅଭୟ। ତାଲାବନ୍ଦ ନେଇ ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷେପକୁ ନେଇ ଡିଜିପି ସନ୍ତୋଷ ବ୍ୟକ୍ତ କରିଛନ୍ତି। ନିୟମ ଉଲ୍ଲଂଘନକାରୀଙ୍କୁ ସାବାଡ଼ କରିବା ସହ ଜନସାଧାରଣଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବାକୁ ସେ ପୋଲିସ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଡିଜିପି ମଙ୍ଗଳବାର ମଧ୍ୟାହ୍ନରେ ଜିଲା ପୋଲିସ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଅଫିସକୁ ପ୍ରବେଶ କରିବା ପୂର୍ବରୁ ସେ ହାତକୁ ସାନିଟାଇଜ୍ କରିଥିଲେ। ଢେଙ୍କାନାଳ ସହର ସମେତ ଜିଲାରେ ଲକ୍‌ଡାଉନ୍ ସମୟରେ ନିଆଯାଇଥିବା ବିଭିନ୍ନ ବିଷୟକୁ ନେଇ ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ ଏବଂ ଏସ୍‌ପି ଅନୁପମା ଜେମ୍‌ସଙ୍କ ସହ ବିସ୍ତୃତ ଆଲୋଚନା କରିଛନ୍ତି। କାର୍ଯ୍ୟରତ ସମୟରେ ବିରକ୍ତି ନ ହେବା, ନମ୍ର ବ୍ୟବହାର ପ୍ରଦର୍ଶନ, ଲକ୍‌ଡାଉନ ସମୟରେ ନିୟୋଜିତ ପୋଲିସ କର୍ମଚାରୀଙ୍କୁ ଗୋଟିଏ ଦିନ ଛୁଟି ପ୍ରଦାନ କରିବା ଉପରେ କରିବା ସେ ଗୁରୁତ୍ୱ ଦେଇଛନ୍ତି। ଏଥିସହ ଜିଲାରେ ମହଜୁଦ୍ ଥିବା ଅତ୍ୟାବଶ୍ୟକ ସାମଗ୍ରୀ, ବାହାରୁ ଯୋଗାଣ ହେଉଥିବା ସାମଗ୍ରୀ ଏବଂ ଔଷଧକୁ ନ ଅଟକାଇବା, ଲକ୍‌ଡାଉନ, କ୍ୱାରାଣ୍ଟାଇନ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ହେଉଥିବା ମାମଲାଗୁଡ଼ିକୁ ଠିକ୍ ଭାବେ ଅନୁଧ୍ୟାନ କରିବା, ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ଡିଜିପି ରିଜର୍ଭ ପୋଲିସ ଲାଇନସ୍ଥିତ ବାରାକ୍‌ଗୁଡ଼ିକ ପରିଦର୍ଶନ କରି କର୍ମଚାରୀଙ୍କ ରହିବା ବ୍ୟବସ୍ଥା ଅନୁଧ୍ୟାନ କରିଥିଲେ। ସାମାଜିକ ଦୂରତା ବଜାୟ ରଖିବା, ସ୍ୱଚ୍ଛତା ପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଏହାବ୍ୟତୀତ ଲକ୍‌ଡାଉନ ପାଇଁ ହୋଇଥିବା ଜିଲା କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା, ଜନସାଧାରଣଙ୍କ ଅଭିଯୋଗ ଶୁଣାଣି ଦିଗରେ ବହୁ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ। ଏହାପରେ ଢେଙ୍କାନାଳ-କପିଳାସ ରାସ୍ତାର ସରଖିଆସ୍ଥିତ ଓଏସ୍‌ଏପି ଫାଷ୍ଟ ବାଟାଲିୟନ କ୍ୟାମ୍ପସ ପରିଦର୍ଶନ କରି କୋଭିଡ୍-୧୯ ସଂକ୍ରମଣ ପ୍ରତିରୋଧ ଲାଗି ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଅନୁଧ୍ୟାନ କରିଥିଲେ। ସୂଚନାଯୋଗ୍ୟ, ଜିଲାରେ ଲକ୍‌ଡାଉନ ସମୟରେ ଆଇନ ଶୃଙ୍ଖଳା ରକ୍ଷା ପାଇଁ ୪ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଛି। ସୀମାନ୍ତରେ କଡ଼ା ନଜର ରଖାଯାଇଛି।



ଢେଙ୍କାନାଳ ପୋଲିସ କାର୍ଯ୍ୟାଳୟରେ ପ୍ରବେଶ ପୂର୍ବରୁ ଡିଜିପି ଅଭୟ ହାତକୁ ସାନିଟାଇଜ୍ କରୁଛନ୍ତି।

- ଲକ୍‌ଡାଉନର ସମୀକ୍ଷା କଲେ ପୋଲିସ ମହାନିର୍ଦ୍ଦେଶକ
- ଲୋକଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରିବାକୁ ପରାମର୍ଶ

### ମାସ୍କ, ସାନିଟାଇଜର ବ୍ୟବହାର ଉପରେ ଗୁରୁତ୍ୱ

**ଅନୁଗୋଳ ଅଫିସ୍, ୩୧।୩:** ଓଡ଼ିଶା ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଅଭୟ ମଙ୍ଗଳବାର ଅନୁଗୋଳ ଜିଲାରେ ପହଞ୍ଚି ଲକ୍‌ଡାଉନ ସ୍ଥିତି ସମୀକ୍ଷା କରିଥିଲେ। ବିଶେଷକରି ପୋଲିସ କିଭଳି ଲୋକଙ୍କୁ ସଚେତନ କରିଛି ସେ ସମ୍ପର୍କରେ ଅନୁଧ୍ୟାନ କରିଥିଲେ। ଏଥିସହ କାର୍ଯ୍ୟରତ ବେଳେ ମାସ୍କ ଓ ସାନିଟାଇଜର ବ୍ୟବହାର କରିବାକୁ ସେ ପୋଲିସକୁ ପରାମର୍ଶ ଦେଇଥିଲେ। ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ମାଲ ପରିବହନରେ ଯେପରି କୌଣସି ବାଧା ସୃଷ୍ଟି ନ ହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ କହିବା ସହ ହୋମ୍ କ୍ୱାରାଣ୍ଟାଇନ ନିୟମ ଉଲ୍ଲଂଘନ କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ପଚାରି ବୁଝିଥିଲେ। ସେହିପରି କଲ ସେଣ୍ଟର ଓ ସିସିଟିଭି ମନିଟରିଂ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। କୌଣସି ଲୋକଙ୍କୁ ଦୁର୍ବ୍ୟବହାର ନ କରିବାକୁ ଡିଜିପି ପରାମର୍ଶ ଦେଇଥିଲେ। ଡିଜିପିଙ୍କ ଏହି ଗସ୍ତ ସମୟରେ ଉତ୍ତର କେନ୍ଦ୍ରାଞ୍ଚଳ ଆଇଜି ନରସିଂହ ଭୋଳ, ଏସ୍‌ପି ଜଗମୋହନ ମୀନାଙ୍କ ସହ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୧୦ ଲକ୍ଷ ଦେଲା ଏୟୁସିସି ବ୍ୟାଙ୍କ



ଏୟୁସିସି ବ୍ୟାଙ୍କ ସଭାପତି ଜିଲାପାଳଙ୍କୁ ଚେକ୍ ପ୍ରଦାନ କରୁଛନ୍ତି।

**ଢେଙ୍କାନାଳ ଅଫିସ୍, ୩୧।୩**

ଅନୁଗୋଳ ସଂଯୁକ୍ତ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ(ଏୟୁସିସି) ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ମଙ୍ଗଳବାର ୧୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ବ୍ୟାଙ୍କ ସଭାପତି ଅକ୍ଷୟ କୁମାର ମହାନ୍ତି ଢେଙ୍କାନାଳ ଜିଲା କାର୍ଯ୍ୟାଳୟରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରାଙ୍କୁ ଏ ସମ୍ପର୍କିତ ଚେକ୍ ପ୍ରଦାନ କରିଥିଲେ। ସେହିପରି ପୂର୍ବତନ ବିଧାୟକ ନବୀନ ନନ୍ଦ ଗୋଟିଏ ମାସର ପେନ୍‌ସନ ବାବଦ ୩୮ ହଜାର ଟଙ୍କା ଚେକ୍ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଦେଇଛନ୍ତି। କରୋନା ଭୂତାଣୁ ସଂକ୍ରମଣ ପ୍ରତିରୋଧ ଲାଗି ରାଜ୍ୟ ସରକାର ଗ୍ରହଣ କରିଥିବା ପଦକ୍ଷେପକୁ ସେ ସ୍ୱାଗତ କରିଛନ୍ତି। ଅନୁରୂପ ଭାବେ ସ୍ଥାନୀୟ ରାଇଜିଂ ଷ୍ଟାର କ୍ଲବର ସଦସ୍ୟମାନେ ୫୦ହଜାର ଟଙ୍କାର ଚେକ୍ ଜିଲାପାଳଙ୍କ ଜରିଆରେ ପ୍ରଦାନ କରିଛନ୍ତି। କ୍ଲବର ସମ୍ପାଦକ ଗୁରୁପଦ ବିଶ୍ୱାଳ, ଉପସଭାପତି ରଶ୍ମିରଞ୍ଜନ ପାଢ଼ୀ, ମନୋଜ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

# ଛାତ୍ର ବିଜେଡି ପକ୍ଷରୁ ଖାଦ୍ୟ ବଣ୍ଟନ



ବିଜେଡି କର୍ମକର୍ତ୍ତାମାନେ ଅସହାୟଙ୍କୁ ଖାଦ୍ୟ ବଣ୍ଟନ କରୁଛନ୍ତି।

**ଢେଙ୍କାନାଳ ଅଫିସ୍, ୩୧।୩**

ଢେଙ୍କାନାଳ ଯୁବ ବିଜେଡି ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ସୋମବାରଠାରୁ ରନ୍ଧାଖାଦ୍ୟ ବଣ୍ଟନ କରାଯାଉଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୧୪ ତାରିଖ ଯାଏ ଚାଲିବ। ଦଳ ପକ୍ଷରୁ ସହରରେ ରହୁଥିବା ଅସହାୟ ଲୋକଙ୍କୁ ମଧ୍ୟାହ୍ନରେ ରନ୍ଧାଖାଦ୍ୟ ଏବଂ ସନ୍ଧ୍ୟାରେ ଶୁଖିଲା ଖାଦ୍ୟ ଦିଆଯାଉଛି। ସଦସ୍ୟମାନେ ସ୍ୱଚ୍ଛତା ପ୍ରତି ବିଶେଷ ଧ୍ୟାନ ଦେଉଛନ୍ତି। ସେହିପରି କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କୁ ଦଳ ପକ୍ଷରୁ ପାଣି ଯୋଗାଇ ଦିଆଯାଉଛି। ଜିଲା ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ରଙ୍କ ନେତୃତ୍ୱରେ ଟାଉନ ସଭାପତି ସୋନୁରାମ ସିଂ, ବିଶ୍ୱରଞ୍ଜନ ସାହୁ, ଆଶୁତୋଷ କର, ରାଜେଶ ବେହେରା, ସୁଶୀଲ ଗୋଛାୟତ ପ୍ରମୁଖ ଏଥିରେ ସହଯୋଗ କରୁଛନ୍ତି।

# ୧୪ ଫୁଟର ଅହିରାଜ ଉଦ୍ଧାର



**ଢେଙ୍କାନାଳ ଅଫିସ୍, ୩୧।୩**

ଢେଙ୍କାନାଳ ସଦର ଥାନା ଘଟିପିରି ନିକଟ ଫାସିଗାଁରୁ ମଙ୍ଗଳବାର ଅପରାହ୍ନ ୫ଟାରେ ଏକ ୧୪ ଫୁଟିଆ ଅଣ୍ଡିରା ଅହିରାଜକୁ ଉଦ୍ଧାର କରାଯାଇଛି। ସ୍ଥାନୀୟ ଅଞ୍ଚଳବାସୀଙ୍କଠାରୁ ସୂଚନା ପାଇ ବନ୍ୟକ ଫାଉଣ୍ଡେଶନର ଶେଖ୍ ଲାଲୁ, ପପୁନ ଦାସ, ଆଲୋକ ମହାନ୍ତି, ଅଭିଜିତ୍ ମଲ୍ଲିକ, ବିଶ୍ୱମୋହନ ମହାନ୍ତି, ମନୋଜ ଦାସ ପହଞ୍ଚି ଜଣେ ବ୍ୟକ୍ତିଙ୍କ ନଡ଼ାଗଦା ମଧ୍ୟରୁ ସାପଟିକୁ ଉଦ୍ଧାର କରିଥିଲେ। ଉଦ୍ଧାର ପରେ ଅହିରାଜକୁ ବନ କର୍ମଚାରୀଙ୍କ ଉପସ୍ଥିତିରେ ନିକଟସ୍ଥ ମାଟିମୁଣ୍ଡିଆ ଜଙ୍ଗଲରେ ଛାଡ଼ି ଦିଆଯାଇଛି। ଉକ୍ତ ନଡ଼ାଗଦାରେ ଦୁଇଟି ଅହିରାଜ ଥିଲେ। ମାଈ ସାପଟି ପଳାଇଥିବା ବନ୍ୟକ ସଂସ୍ଥାର ସଦସ୍ୟମାନେ କହିଛନ୍ତି।

### କଟକଣା ଉଲ୍ଲଂଘନ, ୫୩ ଗିରଫ

**ଅନୁଗୋଳ ଅଫିସ/ଆଠମଲ୍ଲିକ/ ବନ୍ତଲା, ୩୧।୩**

ଅନୁଗୋଳ ଜିଲାର ବିଭିନ୍ନ ଥାନା ପୋଲିସ ମଙ୍ଗଳବାର ଲକ୍‌ଡାଉନ ନିୟମ ଉଲ୍ଲଂଘନ ଅଭିଯୋଗରେ ୫୨ ଜଣଙ୍କ ନାମରେ ମାମଲା ରୁଜୁ କରିବା ସହ ଗୋଟିଏ ଚାରିଚକିଆ, ୫ଟି ବାଇକ୍ ଓ ମଦ ଜବତ କରିଥିବା ଏସ୍‌ପି ଜଗମୋହନ ମୀନା ସୂଚନା ଦେଇଛନ୍ତି। ସେହିପରି ଠାକୁରଗଡ଼ ଥାନା ଅଞ୍ଚଳରୁ ଜଣେ କ୍ୱାରାଣ୍ଟାଇନ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି। ଲକ୍‌ଡାଉନ ନିୟମ ଉଲ୍ଲଂଘନ କରିଥିବା ୨ଜଣଙ୍କ ନାମରେ ଏନ୍‌ଟିପିସି ଥାନା ପୋଲିସ ମାମଲା ରୁଜୁ କରିଛି। କିଶୋରନଗର ପୋଲିସ ୪ ଜଣଙ୍କ ନାମରେ ମାମଲା ରୁଜୁ କରି ୪ଟି ମୋଟର ସାଇକେଲ ଜବତ କରିଛି। ପାଲଲହଡ଼ା ଥାନାରେ ୩ଟି ମାମଲାରେ ୨୦ ଜଣଙ୍କୁ ଗିରଫ କରାଯାଇଥିବାବେଳେ ଗୋଟିଏ ମୋଟର ସାଇକେଲ ଜବତ କରାଯାଇଛି। ଆଠମଲ୍ଲିକ ପୋଲିସ ୯ ଜଣଙ୍କୁ ଗିରଫ କରିବା ସହ ଗୋଟିଏ ଚାରିଚକିଆ ଗାଡ଼ି ଜବତ କରିଛି। ବଁଅରପାଳ ପୋଲିସ ୯ ଜଣଙ୍କୁ ଗିରଫ କରିଥିବା ସୂଚନା ଦେଇଛି। ଅନୁଗୋଳ ଥାନାରେ ଦୁଇଟି ମାମଲାରେ ୮ ଜଣଙ୍କୁ ଗିରଫ କରାଯିବା ସହ ମଦ ଜବତ କରାଯାଇଛି।

# ଅନୁଗୋଳକୁ ଚାଲିଲା ୨୭

**ଅନୁଗୋଳ ଅଫିସ୍, ୩୧।୩**

ଜିଲା ମାନ୍ୟତା ପାଇବାରେ ଅନୁଗୋଳ ୨୬ ବର୍ଷ ପୂରଣ କରି ୨୭ ବର୍ଷରେ ପଦାର୍ପଣ କରିଛି। ହେଲେ କରୋନା କଟକଣା ପାଇଁ ଚଳିତ ବର୍ଷ ଜିଲା ପ୍ରତିଷ୍ଠା ଦିବସ ଓ ଓଡ଼ିଶା ଦିବସ ପାଳନ କରାଯିବ ନାହିଁ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଏପରି କି ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମଧ୍ୟ ମାଲ୍ୟାର୍ପଣ କରାଯିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି। ଜିଲାପାଳ ମନୋଜ କୁମାର ମହାନ୍ତି କହିଛନ୍ତି, ସମସ୍ତେ ସୁରକ୍ଷିତ ରହିଲେ ଆସନ୍ତା ବର୍ଷକୁ ଏହି ଉତ୍ସବ ଧୁମ୍‌ଧାମ୍‌ରେ ପାଳନ କରାଯିବ।

# ୫୦ ଜଣଙ୍କ ଆକାଉଣ୍ଟକୁ ଟଙ୍କା

**ଅନୁଗୋଳ ଅଫିସ, ୩୧।୩:** କରୋନା ପାଇଁ କ୍ଷତି ସହୁଥିବା ରାସ୍ତା ପାର୍ଶ୍ୱ ବ୍ୟବସାୟୀଙ୍କୁ ୩ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯିବ ବୋଲି ରାଜ୍ୟ ସରକାର ନିଷ୍ପତ୍ତି କରିଥିବା ବେଳେ ମଙ୍ଗଳବାର ଅନୁଗୋଳ ଜିଲାର ଚିହ୍ନଟ ୩୮୩ ଜଣଙ୍କ ମଧ୍ୟରୁ ଅନୁଗୋଳ ପୌରାଞ୍ଚଳର ୫୦ ଜଣଙ୍କ ଆକାଉଣ୍ଟକୁ ଟଙ୍କା ପ୍ରଦାନ କରାଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ସେହିପରି ଜିଲାରେ ୧ ଲକ୍ଷ ୫୬ ହଜାର ଲୋକଙ୍କୁ ଉଜ୍ଜ୍ୱଳା ଯୋଜନାରେ ମାଗଣାରେ ଗ୍ୟାସ୍ ଯୋଗାଇ ଦିଆଯିବ। ଏଥିସହ ଗ୍ୟାସ ଏଜେନ୍ସିରେ କାର୍ଯ୍ୟ କରୁଥିବା କର୍ମଚାରୀ ଓ ଡେଲିଭରି ବଏଙ୍କ ନାମରେ ୫ ଲକ୍ଷ ଟଙ୍କାର ବୀମା ପେଟ୍ରୋଲିୟମ୍ ମନ୍ତ୍ରଣାଳୟ ପକ୍ଷରୁ କରାଯାଇଥିବା ଉଜ୍ଜ୍ୱଳା ଯୋଜନାର ଜିଲା ନୋଡାଲ ଅଧିକାରୀ ଆଶିଷ କୁମାର ସୂଚନା ଦେଇଛନ୍ତି। ପ୍ରଥମ ମାସ ଗ୍ୟାସ ରିଫିଲିଂର ଟଙ୍କା ହିତାଧିକାରୀଙ୍କ ଆକାଉଣ୍ଟରେ ଆସନ୍ତା ୫ ତାରିଖ ମଧ୍ୟରେ ଜମା କରାଯିବ। ଏହାପରେ ହିତାଧିକାରୀମାନେ ଗ୍ୟାସ ବୁକିଂ କଲେ ସେମାନଙ୍କ ମୋବାଇଲକୁ ଓଟିପି ଆସିବ। ଏହାକୁ ଡେଲିଭରି ବୟଙ୍କୁ ଦେଖାଇଲେ ଗ୍ୟାସ ମିଳିପାରିବ ବୋଲି ଆଶିଷ କୁମାର କହିଛନ୍ତି।

# ନିବୁଜ ହେଲା ପ୍ରବେଶ ପଥ

**ଭୁବନ, ୩୧।୩(ଡି.ଏନ.ଏ.)**

ଲକ୍‌ଡାଉନ୍ ନିୟମକୁ କଡ଼ାକଡ଼ି କରିଛନ୍ତି ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସି ବାସିନ୍ଦା। ସରକାରଙ୍କ ପକ୍ଷରୁ ଦିଆଯାଇଥିବା କରୋନା ଲଢ଼େଇ ଯୁଦ୍ଧରେ ଅଞ୍ଚଳବାସୀ ସ୍ୱତଃପ୍ରବୃତ୍ତ ଭାବେ ସାମିଲ ହୋଇଛନ୍ତି। କଟକଣାକୁ ବେଖାତିର କରି ଅଞ୍ଚଳର ଅନେକ ଯୁବକ ବାଇକ୍‌ରେ ଖୋଲାରେ ବୁଲୁଥିଲେ। ସେମାନଙ୍କୁ ଆୟତ୍ତ କରିବାକୁ ଯାଇ ପୋଲିସକୁ ନାକେଦମ୍ ହେବାକୁ ପଡୁଥିଲା। ଏ ସମ୍ପର୍କରେ ଅଭିଯୋଗ ମିଳିବା ପରେ ତହସିଲଦାର ଶକ୍ତିକାନ୍ତ ରାଏ ଅଞ୍ଚଳର ବୁଦ୍ଧିଜୀବୀଙ୍କ ସହଯୋଗ ଲୋଡ଼ିଥିଲେ। ଏହାପରେ ସଚେତନ ନାଗରିକଙ୍କ ଉଦ୍ୟମରେ ଏନ୍‌ଏସି ଅଧୀନ ୧୫ ୱାର୍ଡ ମଧ୍ୟରୁ କେତୋଟି ୱାର୍ଡର ପ୍ରବେଶ ପଥକୁ କାଠ ବାଉଁଶ ବାଡ଼ ତିଆରି କରି ନିବୁଜ କରାଯାଇଛି। ଏଣିକି ବିନା କାରଣରେ କେହି ବାହାରକୁ ଗଲେ କୈଫିୟତ ଦେବାକୁ ପଡ଼ିବ। ସେହିପରି ବାହାର ବ୍ୟକ୍ତିଙ୍କ ପ୍ରବେଶ ଉପରେ ମଧ୍ୟ କଟକଣା ଲାଗୁ କରାଯାଇଛି। କରୋନା ସଂକ୍ରମଣରୁ ପରିବାରକୁ ସୁରକ୍ଷା ଦେବାକୁ ସମସ୍ତେ ସର୍ବାଧିକ ସତର୍କତା ଅବଲମ୍ବନ କରିବାକୁ ତହସିଲଦାର ନିବେଦନ କରିଛନ୍ତି। ସମସ୍ତେ ଏପରି ନିୟମ ମାନି ଚଳିଲେ କରୋନା ବିରୋଧରେ ଆରମ୍ଭ ହୋଇଥିବା ସଂଗ୍ରାମରେ ବିଜୟ ହାସଲ କରାଯାଇପାରିବ ବୋଲି ତହସିଲଦାର କହିଛନ୍ତି।



ସହରର ଏକ ୱାର୍ଡର ପ୍ରବେଶ ପଥକୁ ବନ୍ଦ କରାଯାଇଛି।

# ପାଦ ଚାଲିଲା ଦେଢ଼ଶହ କିମି

**ଭୁବନ, ୩୧।୩(ଡି.ଏନ.ଏ.)**

କରୋନା ପାଇଁ ଲକ୍‌ଡାଉନ୍‌ରେ ସାରା ଦେଶ। ଏଥିରେ ସର୍ବାଧିକ ପ୍ରଭାବିତ ହୋଇଛନ୍ତି ଗରିବ ଖଟିଖିଆ ଏବଂ ଦିନ ମଜୁରିଆ। ହାତରେ କାମ ନାହିଁ। ପାଖରେ ପଇସା ନାହିଁ। ସକାଳ ହେଲେ ଘାରୁଛି ଖାଇବା ଚିନ୍ତା। ଯାନବାହନ ଚଳଚଳ ବନ୍ଦ ହୋଇଯାଇଥିବାରୁ ଘରକୁ ଫେରିବା ବାଟ ବି ବନ୍ଦ। ବିକଳ୍ପ ନ ଥିବାରୁ ବିଭିନ୍ନ ସ୍ଥାନରେ ଫସି ରହିଥିବା ଶ୍ରମଜୀବୀମାନେ ଏବେ ପାଦରେ ଚାଲି ଚାଲି ଘରକୁ ବାହୁଡ଼ିବା ଆରମ୍ଭ କରିଛନ୍ତି। ବାଲେଶ୍ୱର ଇଟାଭାଟିରେ କାମ କରୁଥିବା ଜଣେ ଶ୍ରମିକ କଟକସ୍ଥିତ ନିଜ ଘରକୁ ଆସିବାକୁ ଦୀର୍ଘ ୧୫୦ କିମି ଚାଲିବା ଏବଂ ଶେଷରେ ଭୁବନରୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର ହେବା ଲକ୍‌ଡାଉନ୍ ସମୟର ଦୁଃଖଦ ଚିତ୍ରକୁ ପଦାକୁ ଆଣିଛି। ଉଦ୍ଧାର ହୋଇଥିବା ଶ୍ରମିକ ଜଣକ ହେଲେ କଟକ ଲିଙ୍କ୍ ରୋଡ୍‌ରେ ରହୁଥିବା ହୃଷୀକେଶ ସାହୁଙ୍କ ପୁଅ ବାପି (୨୨)। ତାଙ୍କୁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

ଚେତା ଫେରିବା ପରେ ବାପି କହିଛନ୍ତି ଯେ, ସେ ବାଲେଶ୍ୱରରେ ରହି ଏକ ଇଟାଭାଟିରେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ। ଲକ୍‌ଡାଉନ ଘୋଷଣା ହେବା ପରେ କାମ ବନ୍ଦ ହୋଇଯାଇଥିଲା। ଏହାପରେ ୪ଦିନ ହେଲା ସେ ଚାଲି ଚାଲି ଘରକୁ ଫେରୁଥିଲେ। ସେ ଯାଜପୁର ଜିଲା ପାଣିକୋଇଲି ଦେଇ କଟକ ଯିବାର ଥିଲା। ସୋମବାର ସେ ପାଣିକୋଇଲିରେ ପହଞ୍ଚିଥିଲେ। ତେବେ ଖାଦ୍ୟପାନୀୟ ଅଭାବରୁ ତାଙ୍କର ଭ୍ରମ ସୃଷ୍ଟି ହୋଇଥିଲା। ସେ ଭୁଲ ବାଟରେ ଯାଜପୁର-ଢେଙ୍କାନାଳ ସୀମାନ୍ତ ଅଞ୍ଚଳକୁ ଚାଲି ଆସିଥିଲେ। ସୁକିନ୍ଦା ଥାନା ମଙ୍ଗଳପୁରରେ ପହଞ୍ଚିବା ପରେ କେତେଜଣ ଲୋକ ତାଙ୍କୁ ସହାୟତାର ହାତ ବଢ଼ାଇଥିଲେ। ଖାଇବା ପିଇବାକୁ ଦେଇଥିଲେ। ଏହାପରେ କଟକ ଯିବାକୁ ରାସ୍ତା ବତାଇଥିଲେ। ୫୩ନଂ. ଜାତୀୟ ରାଜପଥ ଭୁବନ-କାମାକ୍ଷାନଗର ରାସ୍ତାରେ ଆସୁଥିବାବେଳେ ମଧ୍ୟାହ୍ନ ବେଳକୁ ସେ ଏନ୍‌ଏସି କାର୍ଯ୍ୟାଳୟ ନିକଟରେ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ରାସ୍ତା ଫାଙ୍କା ଥିବାରୁ ଏହି ଘଟଣା କାହାରି ନଜରକୁ ଆସି ନ ଥିଲା। ସନ୍ଧ୍ୟାରେ କେତେଜଣ ଆମ୍ବୁଲାନ୍ସ କର୍ମଚାରୀ ତାଙ୍କୁ ଉଦ୍ଧାର କରି ମେଡିକାଲକୁ ଆଣିଥିଲେ। ଅଚେତ ଅବସ୍ଥାରେ ପଡ଼ିଥିବାବେଳେ ତାଙ୍କ ଫୋନ୍ କେହି ନେଇଯାଇଛନ୍ତି। ଘରକୁ ଯୋଗାଯୋଗ ହୋଇପାରୁ ନ ଥିବା ବାପି କହିଛନ୍ତି। ଅନ୍ୟପଟେ ପ୍ରାଥମିକ ଚିକିତ୍ସା ପରେ ସେ ସୁସ୍ଥ ଥିବା ଡାକ୍ତରଖାନା ପକ୍ଷରୁ ସୂଚନା ଦିଆଯାଇଛି।

ଏ ନେଇ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ବରାଳ କୁହନ୍ତି, ଏନ୍‌ଏସି ପକ୍ଷରୁ ଉଦ୍ଧାର ଶ୍ରମିକଙ୍କ ଖାଇବା, ରହିବା ବ୍ୟବସ୍ଥା କରାଯାଇଛି। ସମ୍ପୃକ୍ତ ଶ୍ରମିକ ଜଣକ ଡାକ୍ତରଖାନାରୁ ଡିସ୍‌ଚାର୍ଜ ହେବାପରେ ଆଶ୍ରୟସ୍ଥଳୀରେ ରହିପାରିବେ। ଆବଶ୍ୟକ ପଡ଼ିଲେ ତାଙ୍କୁ ଘରକୁ ପଠାଯିବା ବ୍ୟବସ୍ଥା କରାଯିବ।



- ବାଲେଶ୍ୱରରୁ ଚାଲିଚାଲି ଆସୁଥିଲେ କଟକ
- ଆସିବା ବେଳକୁ ଭୁଲି ଯାଇଥିଲେ ବାଟ
- ସଂଜ୍ଞାହୀନ ଅବସ୍ଥାରେ ରାସ୍ତାରେ ପଡ଼ିଥିଲେ
- ଉଦ୍ଧାର କଲେ ୧୦୮ ଆମ୍ବୁଲାନ୍ସ କର୍ମଚାରୀ



ମୁଁ ବୃଥାରେ ସମୟ ନଷ୍ଟ କରିଦେଇଥିଲି, ଆଜି ସମୟ ମୋତେ ନଷ୍ଟ କରିଦେଇଛି।

- ସେକ୍ସପିୟର



## ସଂକ୍ଷେପରେ

### ତାମିଲନାଡୁରେ ଅଟକିଛନ୍ତି ଶ୍ରମିକ

ସମ୍ବଲପୁର,୩୧।୩(ବ୍ୟୁରୋ): କରୋନା ଭୂତାଣୁ ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ସାମାଜିକ ଜୀବନଯାତ୍ରାରେ ମଧ ପ୍ରତିବନ୍ଧକ ସାଜିଛି। ତେଣୁ କରୋନା କଟକଣାରେ ଜିଲା, ରାଜ୍ୟ ବାହାରେ ଶ୍ରମିକମାନେ ଅଟକି ରହିଛନ୍ତି । ସେମାନେ ନିଜ ଜନ୍ମମାଟିକୁ ଫେରିବା ପାଇଁ ସାମାଜିକ ଗଣମାଧମ ଜରିଆରେ କାକୁତିମିନତୀ କରିଛନ୍ତି। ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଅଞ୍ଚଳର ୧୦ଜଣ ଶ୍ରମିକଙ୍କ ମଧରେ ୨ଜଣ ମହିଳା ମଧ ତାମିଲନାଡୁ ଭିଲିୟମପାଲିୟମ୍‌ଠାରେ ଅଟକି ରହିଛନ୍ତି। ଶ୍ରମିକମାନେ ସେଠାକାର ପ୍ରଶାସନକୁ ବାରମ୍ବାର ଅନୁରୋଧ କରୁଛନ୍ତି । କିନ୍ତୁ କିଛି ସୁଫଳ ମିଳୁନାହିଁ । ତେଣୁ ସେମାନେ ସାମାଜିକ ଗଣମାଧମ ଜରିଆରେ ଓଡିଶା ସରକାରଙ୍କୁ ମଙ୍ଗଳବାର ନିବେଦନ କରିଛନ୍ତି। ଯୁଯୁମୁରା ଅଞ୍ଚଳର ଏହି ଶ୍ରମିକମାନେ ଭିଲିୟମପାଲିୟମ୍‌ଠାରେ ଥିବା କପଡା ତିଆରି କମ୍ପାନୀରେ କାମ କରୁଥିଲେ। କମ୍ପାନୀର ମାଲିକ ବମ୍ବେରେ ରହନ୍ତି। ଲକ୍ ଡାଉନ ହେବା ପୂର୍ବରୁ କମ୍ପାନୀ ମାଲିକ ଶ୍ରମିକମାନଙ୍କୁ କିଛି ଟଙ୍କା ଦେଇଥିଲେ, ଯାହାକି ବର୍ତ୍ତମାନ ଖର୍ଚ୍ଚ ହୋଇଗଲାଣି। ଅପରପକ୍ଷେ ଦେଶସାରା ଲକ୍ ଡାଉନ ଯୋଗୁ ଏହି ଶ୍ରମିକମାନେ ଘରୁ ବାହାରକୁ ବାହାରି ପାରୁନାହାନ୍ତି। ସେମାନଙ୍କୁ ରାଜ୍ୟ ସରକାର ଉଦ୍ଧାର କରିବାକୁ ନିବେଦନ କରିଛନ୍ତି ।

### ୪ ସଙ୍ଗରୋଧ କେନ୍ଦ୍ରରେ ରହିଲେ ୨୧ଜଣ

ବଡଗାଁ, ୩୧।୩ (ଡି.ଏନ.ଏ): ସୁନ୍ଦରଗଡ ଜିଲା ବଡଗାଁ ବ୍ଲକର ୩ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ବଡଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ୧୫ ପଞ୍ଚାୟତରେ ସଙ୍ଗରୋଧ କେନ୍ଦ୍ର କରାଯାଇଛି । ବ୍ଲକ ଅଞ୍ଚଳର ବିଭିନ୍ନ ଗ୍ରାମରୁ ରାଜ୍ୟ ବାହାରକୁ ଯାଇ କାମ କରୁଥିବା ଯୁବତୀ ଯୁବକମାନେ ବର୍ତ୍ତମାନ ଘରକୁ ଫେରି ଆସୁଛନ୍ତି । ଏମାନଙ୍କ ଡାକ୍ତରୀ ପରୀକ୍ଷା କରି କେତେକଙ୍କୁ ଘରକୁ ଯିବା ପାଇଁ ଦିଆଯାଇଥିଲା ବେଳେ ଅନ୍ୟ କେତେକଙ୍କୁ ସଙ୍ଗରୋଧ କେନ୍ଦ୍ରରେ ରଖାଯାଇଛି । ରୂନଗାଁ ପଞ୍ଚାୟତ କେନ୍ଦ୍ରରେ ୧୦, ତୁଡାଲଗା କେନ୍ଦ୍ରରେ ୧, ସାହାଜବାହାଲ କେନ୍ଦ୍ରରେ ୬ ଓ ବରଙ୍ଗାକଛାର କେନ୍ଦ୍ରରେ ୪ ମୋଟ ୨୧ ଜଣଙ୍କୁ ୧୪ ଦିନ ପାଇଁ ରଖାଯାଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି ।

### ଭିମ୍‌ସାରରେ ଚିକିତ୍ସିତ ହେଉଛନ୍ତି ୬ ସନ୍ଦିଗ୍ଧ

ସମ୍ବଲପୁର,୩୧।୩(ବ୍ୟୁରୋ): ସମ୍ବଲପୁର ବୁର୍ଲା ବୀରସୁରେନ୍ଦ୍ର ସାଏ ମେଡିକାଲ ଏଣ୍ଡ ରିସାର୍ଚ୍ଚ ସେଣ୍ଟର ଭେଣ୍ଟିଲେଟରରେ ୬ କରୋନା ସନ୍ଦିଗ୍ଧ ଚିକିତ୍ସିତ ହେଉଛନ୍ତି । ମିଳିଥିବା ସୂଚନା ମୁତାବକ, ସେମାନଙ୍କ ରକ୍ତ ଓ ସ୍ୱାବ ପରୀକ୍ଷା ପାଇଁ ପଠାଯାଇଥିଲା । ୫ ଜଣଙ୍କ ନେଗେଟିଭ ଥିବା ରିପୋର୍ଟ ଆସିଛି। ହେଲେ ଜଣଙ୍କ ରିପୋର୍ଟ ଏ ପର୍ଯ୍ୟନ୍ତ ଆସି ନ ଥିବା ଜଣାପଡିଛି। ସେମାନଙ୍କୁ ଆଇସୋଲେସନରେ ରଖାଯାଇଛି।

# କଷଣ ଦେଇଛି କରୋନା

କରୋନା ଭୂତାଣୁ ଏବେ ସମସ୍ତଙ୍କ ଭିତରେ ଭୟ ସୃଷ୍ଟି କରିଛି । ଏଥିପାଇଁ ଜାରି ହୋଇଥିବା କଟକଣା ଶ୍ରମିକ, ଚା, ପାନ, ଜଳଖିଆ ଦୋକାନୀଙ୍କୁ କଷଣ ଦେଇଛି । ସେମାନଙ୍କ ଜୀବନ ଦୁଃଖରେ ବିତୁଛି । ସମ୍ବଲପୁର ରେଳ ଷ୍ଟେଶନ, ବସଷ୍ଟାଣ୍ଡ, ଧାର୍ମିକ ଅନୁଷ୍ଠାନ ସମ୍ମୁଖରେ ବସୁଥିବା ଭିକ୍ଷୁକ ଓ ଗରିବଙ୍କୁ ସାମାଜିକ କର୍ମୀ, ଅନୁଷ୍ଠାନ ପକ୍ଷରୁ ରନ୍ଧାଖାଦ୍ୟ ଓ ଜଳଖିଆ ପ୍ରଦାନ କରାଯାଉଛି । କିନ୍ତୁ ସହରରେ ଥିବା ଛୋଟ ଚା' ଦୋକାନୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଲକ୍ ଡାଉନ ଯୋଗୁ ସେମାନଙ୍କ ବ୍ୟବସାୟ ବନ୍ଦ ରହିଛି। ଫଳରେ ପରିବାର ପ୍ରତିପୋଷଣ କରିବା ସେମାନଙ୍କ ପାଇଁ କଷ୍ଟକର ହୋଇପଡିଛି।

## ଏମାନେ କୁହନ୍ତି...



"ସମ୍ବଲପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ୨୦ ବର୍ଷ ହେବ ଚା ଦୋକାନ କରିଛି । ଏହି ଚା ଦୋକାନରୁ ଦିନକୁ ପ୍ରାୟ ୫ଶହ ଟଙ୍କା ଆୟ କରିଥାଏ । ଏହି ଆୟରୁ ବାପା, ମା', ଭାଇ, ସ୍ତ୍ରୀ ଓ ମୁଁ ଚଳିଥାଉ। ଲକ୍ ଡାଉନ ଯୋଗୁ ଦୋକାନ ବନ୍ଦ କରିଛି । ରୋଜଗାର ନାହିଁ। ସକାଳ ହେଲେ ପରିବାର ଚଳାଇବା ଚିନ୍ତା ଘାରୁଛି । କିଛି ଟଙ୍କା ସଞ୍ଚୟ କରି ରଖିଥିଲି, ସେଥିରେ ଚଳୁଛି । ଲକ୍ ଡାଉନ ୨୧ ଦିନରୁ ଅଧିକ ରହିଲେ ଜୀବନଯାପନ କଷ୍ଟସାଧ ହେବ ।

-ମନୋଜ କୁମାର ସାହୁ, ଚା ଦୋକାନୀ, ସମ୍ବଲପୁର



"ବାପା, ଦୁଇ ଝିଅ, ସ୍ତ୍ରୀକୁ ନେଇ ମୋ ପରିବାର । ଚା ଓ ପାନ ଦୋକାନରୁ ପ୍ରତିଦିନ ୨୫୦ ଟଙ୍କା ରୋଜଗାର କରିଥାଏ । ଏହି ଟଙ୍କାରେ ପରିବାର ଚଳିବା ସହ ଦୁଇ ଝିଅଙ୍କୁ ପାଠ ମଧ ପଢ଼ାଇଥାଏ। ଦୋକାନ ବ୍ୟତୀତ ଅନ୍ୟ କୌଣସି ବ୍ୟବସାୟ ନାହିଁ । ବରଗଡ ଜିଲା ବାଉଁଶେନମୁରା ଗ୍ରାମରୁ ଆସି ଦୀର୍ଘ ୧୮ ବର୍ଷ ହେବ ଝାଡୁଆପଡାରେ ଦୋକାନ କରିଛି। ଦୋକାନ ବନ୍ଦ ଯୋଗୁ ବହୁ କଷ୍ଟରେ ରହୁଛୁ।

-କୃଷ୍ଣକାନ୍ତ ପୋଢ଼, ଚା ଦୋକାନୀ, ସମ୍ବଲପୁର ।



"ମୁଦିପଡା ପାଣିଟାଙ୍କି ଛକରେ ୨୦ବର୍ଷରୁ ଅଧିକ ହେବ ମୋର ଚା' ଦୋକାନ କରିଛି । ପରିଣତ ବୟସ ସତ୍ତ୍ୱେ ଅର୍ଥ ଉପାର୍ଜନ କରିବାକୁ ବାଧ ହେଉଛି । ବାର୍ଦ୍ଧକ୍ୟ ଭତ୍ତା ନିଜ ଖର୍ଚ୍ଚରେ ଚାଲିଯାଏ । ଚା' ଦୋକାନରୁ ଆୟ ଟଙ୍କାରେ ପରିବାର ଚଳେ । ଏବେ ଦୋକାନ ବନ୍ଦ ଥିବାରୁ ପରିବାରର ୮ ସଦସ୍ୟ ଚଳିବା କଷ୍ଟକର ।

-ମିନୁ ଯାଦବ, ଚା ଦୋକାନୀ, ସମ୍ବଲପୁର ।

ରିପୋର୍ଟ: ବି. ଶଙ୍କର, ସମ୍ବଲପୁର



ପିଲାଛୁଆଙ୍କ ସହିତ ଗୋଲଗୁଣ୍ଡାରେ ଫସି ରହିଥିବା ଶ୍ରମିକମାନେ ।

## ଅସହାୟ ଶ୍ରମିକ ପରିବାରକୁ ମିଳୁନି ଖାଦ୍ୟ

ବରଗଡ଼ ଅଫିସ୍,୩୧।୩

କରୋନା ପ୍ରତିହତ ପାଇଁ ଲକ୍ ଡାଉନ୍ କଟକଣା ଲାଗୁ ହେବା ପରେ ବିଭିନ୍ନ ସ୍ଥାନରେ ଲୋକେ ଫସି ରହିଛନ୍ତି । ତେବେ ଏଭଳି ସ୍ଥିତିରେ ମୁଖ୍ୟତଃ ଗରିବ, ଅସହାୟ ଲୋକେ ଅଡୁଆରେ ପଡ଼ିଛନ୍ତି । ସେମାନଙ୍କୁ ଭଲଭାବେ ମୁଠାଏ ଖାଇବାକୁ ମିଳୁ ନାହିଁ। ବରଗଡ଼ ସହରର ଆଶାକିରଣ ନିକଟ ଆଇସ୍ ଫ୍ୟାକ୍ଟ୍ରି ପାଖରେ ୫ଜଣ ଏବଂ ସମ୍ବଲପୁର ଜିଲା ଗୋଲଗୁଣ୍ଡା ନିକଟ ଇଟା ଫ୍ୟାକ୍ଟ୍ରିଓ ସ୍କ୍ରାପ୍ ଦୋକାନରେ ୩୬ଜଣ ଶ୍ରମିକ ନିଜ ପିଲାଛୁଆଙ୍କ ସହିତ ଫସି ରହିଥିବା ସୂଚନା ମିଳିଛି । ଆଶାକିରଣ ପାଖରେ ଫସି ରହିଥିବା ଶ୍ରମିକମାନେ ଝାରବନ୍ଧ ବ୍ଲକ ଜଟେଶିରା ଅଞ୍ଚଳର ହୋଇଥିବାବେଳେ ଗୋଲଗୁଣ୍ଡାରେ ଫସିଥିବା ଶ୍ରମିକମାନେ ସୁନ୍ଦରଗଡ଼ ଓ ଉତ୍ତରପ୍ରଦେଶ ଅଞ୍ଚଳର ବୋଲି ଜଣାପଡ଼ିଛି। ଏହି ସୂଚନା ପାଇବା ପରେ ବରଗଡ଼ର ସାମାଜିକ କର୍ମୀ ରଞ୍ଜିତା ପ୍ରିୟଦର୍ଶିନୀ ସେମାନଙ୍କୁ ଖାଦ୍ୟ ଯୋଗାଣ ସହିତ ବିହିତ ପଦକ୍ଷେପ ନେବା ପାଇଁ ଯଥାକ୍ରମେ ବରଗଡ଼ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଏବଂ ଆଇଜି ଅମିତାଭ ଠାକୁରଙ୍କୁ ଜଣାଇଥିବା ସୂଚନା ଦେଇଛନ୍ତି।

## ଥାନାରେ ବିବାହ କଲେ ପ୍ରେମୀଯୁଗଳ

ବରଗଡ଼ ଅଫିସ୍,୩୧।୩

ବରଗଡ଼ ଟାଉନ ଥାନା ପରିସରରେ ମଙ୍ଗଳବାର ନିରାଡ଼ମ୍ବର ଭାବେ ଏକ ପ୍ରେମୀଯୁଗଳଙ୍କ ବିବାହ ସମ୍ପନ୍ନ ହୋଇଛି। ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୧୭ ନଦୀପଡ଼ାର ପବିତ୍ର ସାହୁ ଅମ୍ବାପାଲିର ଲକ୍ଷ୍ମୀ ମେହେରଙ୍କୁ ଜୀବନସାଥୀଭାବେ ଗ୍ରହଣ କରିଛନ୍ତି । ବିବାହ ସମୟରେ ଅତିରିକ୍ତ ଏସ୍‌ପି ଅମରେନ୍ଦ୍ର ରଣା, ଟାଉନ ଥାନା ଆଇଆଇସି ସଦାନନ୍ଦ ପୂଜାହାରୀ, ସମ୍ବିଧାନ ସୁରକ୍ଷା ମଞ୍ଚର ପବିତ୍ର ଦେହେରୀ, ରମେଶ ମହାପାତ୍ର, ମହମ୍ମଦ ଅଲିମ, ମହମ୍ମଦ ନିଜାମ୍, ରମେଶ ପତି ପ୍ରମୁଖ ଉପସ୍ଥିତ ଥିଲେ। ତେବେ କରୋନା ପାଇଁ ସମସ୍ତେ ବର୍ତ୍ତମାନ ସତର୍କ ଓ ସଚେତନ ଥିବାରୁ ବରକନ୍ୟାଙ୍କ ସମେତ ଅନ୍ୟ ସାମାଜିକ କର୍ମୀମନେ ମୁହଁରେ ମାସ୍କ ବାନ୍ଧି ଥାନାକୁ ଆସିଥିଲେ। ଥାନା ପରିସରରେ ସମସ୍ତେ ଭଲ ଭାବେ ହାତ ଧୋଇଥିବା ମଧ୍ୟ ଦେଖିବାକୁ ମିଳିଥିଲା।



ଥାନାରେ ପ୍ରେମୀଯୁଗଳଙ୍କ ବିବାହ ଚାଲିଛି ।

## ଖାଦ୍ୟର ମାନ ଯାଞ୍ଚ କଲେ ବିଧାୟକ

ବରଗଡ଼ ଅଫିସ୍,୩୧।୩

ବରଗଡ଼ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ ମଙ୍ଗଳବାର ଖଣ୍ଡହଥା ଜଗନ୍ନାଥ ହାଇସ୍କୁଲରେ କରୋନା ପ୍ରତିହତ ପାଇଁ ହୋଇଥିବା ଆଇସୋଲେଶନ ସେଣ୍ଟର ପରିଦର୍ଶନରେ ଯାଇଥିଲେ । ସେଠାକାର ଅନ୍ତେବାସୀଙ୍କୁ ସେମାନଙ୍କ ସୁବିଧା, ଅସୁବିଧା ପଚାରିବା ସହିତ ସେମାନଙ୍କୁ ଯୋଗାଇ ଦିଆଯାଉଥିବା ରନ୍ଧାଖାଦ୍ୟର ମାନ ଯାଞ୍ଚ କରିଥିଲେ। ଏହି ପରିଦର୍ଶନ କାଳରେ ବିଧାୟକ ଆଚାର୍ଯ୍ୟଙ୍କ ସହିତ ବିଡ଼ିଓ ଯୁଧିଷ୍ଠିର ମେହେର, ଉମେଶ ପଣ୍ଡା ଏବଂ ନିଷ୍ଠା ପରିବାରର କର୍ମକର୍ତ୍ତାମାନେ ମଧ୍ୟ ଉପସ୍ଥିତ ଥିଲେ ।



ରାଉରକେଲା ଏୟାର ଷ୍ଟ୍ରିପ୍‌ରେ ଥିବା ଏୟାର କ୍ରାଫ୍ଟ ।

## ୧୦ଦିନ ହେଲା ଛିଡ଼ା ହୋଇ ରହିଛି ୨ ଏୟାର କ୍ରାଫ୍ଟ

ରାଉରକେଲା ଅଫିସ,୩୧। ୩

ଗତ ୧୦ ଦିନ ହେବ ରାଉରକେଲା ଏୟାର ଷ୍ଟ୍ରିପରେ ଦୁଇଟି ଏୟାର କ୍ରାଫ୍ଟ ଛିଡା ହୋଇ ରହିଛି। ଏଥିରେ କିଏ ଓ କାହିଁକି ଆସିଥିଲେ ଏବଂ କୁଆଡେ ଗଲେ ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଆରଏସପି କର୍ତ୍ତୃପକ୍ଷଙ୍କ ସୂଚନାନୁସାରେ ଗତ ୧୯ ଓ ୨୦ରେ ଦୁଇଟି ବିମାନରେ ରାଉରକେଲା ଆସିଥିବା ୪ଜଣ ବିଦେଶୀ ଏୟାରଷ୍ଟ୍ରିପରେ ବିମାନ ଛାଡି ସ୍ୱଦେଶ ଫେରି ଯାଇଛନ୍ତି। କରୋନା ଭୟାବହତା ନେଇ ସେମାନଙ୍କୁ ଫେରି ଆସିବାକୁ ସେଠାକାର ଆମ୍ବାସୀ ନିର୍ଦ୍ଦେଶ ଦେବାରୁ ଏମାନେ ନିଜ ଦେଶକୁ ଲେଉଟି ଯାଇଛନ୍ତି। ତେବେ ନିଜ ବିମାନ କାହିଁକି ଛାଡିଗଲେ ଓ ଅନ୍ୟ କେଉଁ ବିମାନରେ ସେମାନେ ନିଜ ଦେଶକୁ ଫେରିଲେ ସେ ନେଇ କିଛି ସ୍ପଷ୍ଟ ସୂଚନା ମିଳି ପାରିନି। ଆରଏସପି କର୍ତ୍ତୃପକ୍ଷଙ୍କ କହିବାନୁସାରେ ଜିଓଲୋଜିକାଲ ସର୍ଭେ ଅଫ ଇଣ୍ଡିଆ ପକ୍ଷରୁ ନ୍ୟୁଜିଲାଣ୍ଡରୁ ଆସିଥିବା ଏହି ଅଧିକାରୀମାନେ ଓଡିଶା, ଝାରଖଣ୍ଡ, ପଶ୍ଚିମବଙ୍ଗର ନିର୍ଦ୍ଦିଷ୍ଟ କେତେକ ଅଞ୍ଚଳର ସର୍ଭେ ପାଇଁ ଆସିଥିଲେ। ଫେରିବା ବେଳେ ସମସ୍ତଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଏଥିରେ କିଛି ସନ୍ଦେହ ନାହିଁ। ଘଟଣା ବାବଦରେ ଜିଲା ପ୍ରଶାସନକୁ ମଧ ଅବଗତ କରାଯାଇଛି। ବିଦେଶୀଙ୍କ ମେଡିକାଲ ରିପୋର୍ଟ ମଧ ଦାଖଲ କରାଯାଇଛି। ତେବେ ଏୟାର ଷ୍ଟ୍ରିପରେ କେଉଁ ପରିସ୍ଥିତିରେ ଦୀର୍ଘ ୧୦ଦିନ ଧରି ବିମାନ ୨ଟି ଛିଡା ହୋଇ ରହିଛି ଓ ଏହାକୁ ସାନିଟାଇଜ କରାଯାଇଛି ନା ନାହିଁ ସେ ନେଇ କିଛି ବିସ୍ତୃତ ତଥ୍ୟ ଜଣା ପଡିନି। ଏ ନେଇ ଇସ୍ପାତ କାରଖାନା ସଂଚର ବିଭାଗର ବରିଷ୍ଠ ଅଧିକାରୀ ଅର୍ଚ୍ଚନା ଶତପଥୀଙ୍କ କହିବାନୁସାରେ ଏହି ବିଦେଶୀ ୪ଜଣ ଗତ ଜାନୁଆରୀରୁ ଭାରତରେ ଥିଲେ। ଭାରତର ଦକ୍ଷିଣାଞ୍ଚଳରେ ସର୍ଭେ କାର୍ଯ୍ୟରେ ନିୟୋଜିତ ଥିବା ବେଳେ ନିକଟରେ ରାଉରକେଲା ଆସିଥିଲେ। ବିମାନ ଛାଡି ଯାଇଛନ୍ତି। ଏଥିପାଇଁ ସେମାନଙ୍କ କାମ ଏହି ୪ ରାଜ୍ୟରେ ଆରମ୍ଭ ହୋଇନି। ଏଣୁ ବିମାନ ଦୁଇଟିକୁ ଏଠାରେ ଛାଡି ଯାଇଛନ୍ତି। ପରିସ୍ଥିତି ସ୍ୱାଭାବିକ ହେଲେ ଏମାନେ ଆସି କାମ ଆରମ୍ଭ କରିବେ।

## ଫଟୋରେ ଖବର...



ଦେବଗଡ଼ ଜିଲାରେ ତରଭୁଜ ପାଚି ଗଲାଣି । ଲକ୍‌ଡ଼ାଉନ୍ ଯୋଗ ତରମୁଜ ବିକ୍ରି ହୋଇ ପାରୁ ନ ଥିବାରୁ ଚାଷୀମାନେ କ୍ଷତି ସହିବା ଆଶଙ୍କା ରହିଛି ।

## ଗୋଲାମୁଣ୍ଡା ଏବିଡିଓ ନିଲମ୍ବିତ

କେଗାଁ, ୩୧।୩(ଡି.ଏନ.ଏ.): କରୋନା ନିର୍ଦ୍ଦେଶନାମା ଉଲ୍ଲଂଘନ କରିବା ଅଭିଯୋଗରେ କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ(ଏବିଡିଓ) ପଦ୍ମନାଭ ପାତ୍ର ନିଲମ୍ବିତ ହୋଇଛନ୍ତି। ଜିଲାପାଳଙ୍କ ସୁପାରିଶକ୍ରମେ ଓଡିଶା ସରକାରଙ୍କ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଏ ନେଇ ଏକ ଆଦେଶନାମା ଜାରି ହୋଇଛି। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପାତ୍ର ଗତ ୨୨ ତାରିଖ ଦିନ ତାଙ୍କ କାର୍ଯ୍ୟସ୍ଥଳରେ ଅନୁପସ୍ଥିତ ଥିଲେ । ଏହି ଦିନ ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ସମଗ୍ର ଦେଶରେ ଜନତା କର୍ଫ୍ୟୁ ଜାରି ହୋଇଥିଲା । ଏହି ଦିନ କୌଣସି ଏକ ଜରୁରୀ କାମରେ ଜିଲାପାଳ ପାତ୍ରଙ୍କୁ ସଦର ମହକୁମାକୁ ଡାକିଥିଲେ । ହେଲେ ସେ ଉପରିସ୍ଥ ଅଧିକାରୀଙ୍କ ବିନା ଅନୁମତିରେ କାର୍ଯ୍ୟସ୍ଥଳୀରେ ଅନୁପସ୍ଥିତ ଥିଲେ । ଅନ୍ୟାଦେଶ ପର୍ଯ୍ୟନ୍ତ ସେ ଜିଲାପାଳଙ୍କ କାର୍ଯ୍ୟାଳୟ ଅଫିସରେ ରହିବେ ବୋଲି ଜଣାପଡିଛି।

## କରୋନା ସଂକ୍ରମଣର ବାହକ ନ ହେବାକୁ ଆହ୍ୱାନ

### କଳାହାଣ୍ଡି-ନବରଙ୍ଗପୁର ସୀମାନ୍ତରେ ମାଓବାଦୀଙ୍କ ଉଦ୍ଦେଶ୍ୟରେ ପୋଷ୍ଟର

କୋକସରା, ୩୧।୩,(ଡି.ଏନ.ଏ.)

କଳାହାଣ୍ଡି ଓ ନବରଙ୍ଗପୁର ଜଲା ସୀମାନ୍ତ ଆମପାଣି ଘାଟି ବିରିମୁହାଣ ଛକ ସମେତ ଆନ୍ଦିଝରନ, ଝୁଲେନବର, କୁଟ୍ରୁଠାରେ ମାଓବାଦୀଙ୍କ ଉଦ୍ଦେଶ୍ୟରେ ପୋଷ୍ଟର ଲାଗିଛି। ପୋଷ୍ଟର ତଳେ ସଚେତନ ନାଗରିକ ମଞ୍ଚ ଓ ବିଶ୍ୱ ଆରୋଗ୍ୟ ଚେତନା ସମିତି ଉଲ୍ଲେଖ ରହିଛି। ଏଥିରେ ମାଓବାଦୀମାନଙ୍କୁ ସଂକ୍ରମଣର ବାହକ ନହୋଇ ପୋଲିସ ପ୍ରଶାସନ ପାଖରେ ଆତ୍ମସମର୍ପଣ କରି ନିଜ ଜୀବନକୁ ସଂକ୍ରମଣରୁ ବଞ୍ଚାନ୍ତୁ ବୋଲି ଉଲ୍ଲେଖ ରହିଛି। ପୋଷ୍ଟରରେ ଆହୁରି ଲେଖାଯାଇଛି ଯେ, ଜଙ୍ଗଲରେ ବୁଲୁଥିବା ମାଓବାଦୀମାନେ ଅନ୍ୟ ରାଜ୍ୟରୁ ଆସିଛନ୍ତି। ତେଣୁ ସେମାନଙ୍କ ଦ୍ୱାରା କରୋନା ଭୂତାଣୁ ବ୍ୟାପିବାର ଯଥେଷ୍ଟ ଆଶଙ୍କା ଅଛି। ତେଣୁ ଜଙ୍ଗଲ ତଳି ଗାଁଲୋକେ ମାଓବାଦୀଙ୍କ ସଂସ୍ପର୍ଶରେ ଆସନ୍ତୁ ନାହି। ମାଓବାଦୀଙ୍କ ଦ୍ୱାରା ଆହୂତ ସଭା ସମିତିରେ ଯୋଗ ଦିଅନ୍ତୁ ନାହିଁ। ଏନେଇ ଆମପାଣି ଥାନା ଅଧିକାରୀ ପୁଷ୍ପାଞ୍ଜଳି ନିଙ୍ଗିଙ୍କୁ ପଚାରିବାରୁ ପୋଷ୍ଟର ମାରିଥିବା ଘଟଣା ସତ। ତେବେ ଏହାକୁ କିଏ ଲଗାଇଛି ଓ ଏହାର ଉଦ୍ଦେଶ୍ୟ କଣ ତାହା ସ୍ପଷ୍ଟ ହୋଇନାହିଁ। ଘଟଣାର ତଦନ୍ତ ଚାଲିଛି ବୋଲି ସେ କହିଛନ୍ତି।



ମାଓବାଦୀଙ୍କ ଉଦ୍ଦେଶ୍ୟରେ ଲଗା ଯାଇଥିବା ପୋଷ୍ଟର।

## ଡାକ୍ତରଖାନାରୁ ବିଚାରାଧୀନ ବନ୍ଦୀ ଚମ୍ପଟ

କେଗାଁ, ୩୧।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣେ ବିଚାରାଧୀନ କଏଦୀ ଡାକ୍ତରଖାନାରୁ ଫେରାର ହୋଇ ଯାଇଛନ୍ତି। ସେ ହେଲେ କେଗାଁ ଥାନା ମକ୍ରାଗୁଡା ଗ୍ରାମର ଅଲେଖ ଜଗତ। ଏକ ଶିଶୁକୁ ବ୍ଲେଡରେ କାଟି ହତ୍ୟା ଉଦ୍ୟମ କରିବା ଅଭିଯୋଗରେ ସେ ଗିରଫ ହୋଇ ଧର୍ମଗଡ ଜେଲରେ ଥିଲେ । ଜେଲରେ ଅସୁସ୍ଥ ହୋଇ ପଡିବାରୁ ତାଙ୍କୁ ଧର୍ମଗଡ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଏକ ସ୍ୱତନ୍ତ୍ର କ୍ୟାବିନରେ ପୋଲିସ ପହରାରେ ତାଙ୍କ ଚିକିତ୍ସା ଚାଲିଥିଲା। ହେଲେ ସୋମବାର ରାତିରେ ସେ ଡାକ୍ତରଖାନା କର୍ତ୍ତୃପକ୍ଷ ଓ ପୋଲିସକୁ ଚକମା ଦେଇ ଖସି ପଳାଇଥିଲେ। ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି, ଖୁବ୍‌ଶୀଘ୍ର ଅଲେଖ ପୋଲିସ କବ୍‌ଜାକୁ ଆସିବେ ବୋଲି ପୋଲିସ କହିଛି। ସୂଚନା ଅନୁଯାୟୀ ୨୦୧୯ ଅକ୍ଟୋବରରେ ମକ୍ରାଗୁଡାର ଏକ ଶିଶୁକୁ ହତ୍ୟା ଉଦ୍ୟମ ଅଭିଯୋଗ ଉକ୍ତ ଗ୍ରାମର ଅଲେଖ ଜଗତଙ୍କ ନାମରେ ଆସିଥିଲା। ଏ ନେଇ କେଗାଁ ଥାନାରେ ଏକ ମାମଲା (ନଂ ୧୫୯/୧୯) ରୁଜୁ ହୋଇଥିଲା। ହେଲେ ସେହିଦିନଠାରୁ ଅଲେଖ ଫେରାର ଥିଲେ। ଗତ ୨୭ ତାରିଖ ଦିନ କେଗାଁ ଥାନା ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା।

## ଉଜାଗର କଲା ଗରିବୀ ଚିତ୍ର

### ଲକ୍ ଡାଉନ ପ୍ରଭାବ

ବଲାଙ୍ଗୀର ଅଫିସ, ୩୧।୩

ଖାଦ୍ୟ ସୁରକ୍ଷା ଯୋଜନା କାର୍ଯ୍ୟକାରୀ କରାଯାଇ ଦେଶର ଭୋକିଲା ଲୋକଙ୍କ କ୍ଷୁଧା ନିବାରଣ କରାଯାଉଥିବା କୁହାଯାଉଥିଲେ ମଧ ମାତ୍ର ୭ ଦିନର ଲକ୍‌ଡାଉନ୍ ପରେ ବହୁ ଗରିବ ଓ ଅସହାୟଙ୍କ ଅସଲ ଚିତ୍ର ଏବେ ପଦାକୁ ଆସିବାରେ ଲାଗିଛି । ଲକ୍‌ଡାଉନ୍‌କୁ ଆଖି ଆଗରେ ରଖି ରାଜ୍ୟ ସରକାର ଗରିବ ଲୋକଙ୍କ ଦୁଃଖ ଓ ଅସୁବିଧା ଦୂର କରିବାକୁ ଯାଇ ୪ ମାସର ଭତ୍ତା ଟଙ୍କା ଓ ୩ ମାସର ପିଡିଏସ୍ ଆଗୁଆ ଦେଉଥିଲେ। ତେବେ ଏହି ଆଗୁଆ ଭତ୍ତା ଓ ପିଡିଏସ୍ ମଧ ଅନେକାଂଶରେ ଗରିବ ଲୋକଙ୍କ କ୍ଷୁଧା ନିବାରଣ କରିବାରେ ଯଥେଷ୍ଟ ହେଉ ନ ଥିବା ଖବର ମିଳୁଛି । ୪ ମାସର ଭତ୍ତା ଟଙ୍କା ଆଗୁଆ ପାଇବା ପରେ ଏହି ଗରିବ ଲୋକମାନେ ପ୍ରଥମେ ପୂର୍ବର ଋଣ ସୁଝି ଦେଇଥିବାରୁ ସେମାନଙ୍କ ଖାଇବା ନେଇ ବହୁ ସମସ୍ୟା ସୃଷ୍ଟି ହୋଇଛି।

ବଲାଙ୍ଗୀର ସହର ତୁଳସୀନଗରର ରାମ ଛୁରା (୬୫) । ଛାଟିମାଟିର ଘର କରି ସେ ଏଠାରେ ରହୁଛନ୍ତି । ମଇଳା ସ୍ଥାନରୁ ପ୍ଲାଷ୍ଟିକ୍, ବୋତଲ ସଂଗ୍ରହ କରି ସେ ପେଟ ପୋଷନ୍ତି । ଝିଅ ବିବାହ ପରେ ଏଠାରେ ତାଙ୍କର କେହି ନାହାନ୍ତି । ଗତ ଅଗଷ୍ଟରେ ପ୍ରଳୟଙ୍କରୀ ବନ୍ୟାରେ ଘର ଭାଙ୍ଗିଯିବା ସହ ଆସବାବପତ୍ର ନଷ୍ଟ ହୋଇଗଲା । ସେହି ଦିନରୁ ସେ ଘରେ ରାନ୍ଧି ନ ପାରି କୌଣସି ଏକ ସାଧାରଣ ହୋଟେଲରୁ ଖାଦ୍ୟ କିଣି ଦିନ କାଟୁଥିଲେ। ବିଭିନ୍ନ ସମୟରେ ଏଥିପାଇଁ କେତେକ ଲୋକଙ୍କଠାରୁ ସେ ଧାରଉଧାର କରିଥିଲେ । ଏବେ ୪ମାସର ଭତ୍ତା ଟଙ୍କା ୨ ହଜାର ଟଙ୍କା ପାଇବା ପରେ ସବୁତକ ଟଙ୍କା ଋଣ ଶୁଝିଦେଲେ । ଫଳରେ ତାଙ୍କ ହାତ ଖାଲି ହୋଇଗଲା । ୩ ମାସର ଆଗୁଆ ପିଡିଏସ୍ ଚାଉଳ ପାଇନାହାନ୍ତି । ଲକ୍ ଡାଉନ୍ ଯୋଗୁଁ ଘରୁ ବାହାରି ପ୍ଲାଷ୍ଟିକ୍ ଗୋଟାଇ ପାରୁନାହାନ୍ତି। ହୋଟେଲ ବନ୍ଦ ଥିବାରୁ ସେ ଖାଇବାକୁ ପାଉନାହାନ୍ତି। ବିଭିନ୍ନ ଦୋକାନରୁ ପାଉଁରୁଟି ଓ ବିସ୍କୁଟ ଆଣି କିମ୍ବା କେହି ଦରଦୀ ଲୋକ ଖାଇବାକୁ ଦେଲେ ସେ ଖାଉଛନ୍ତି। ରାମ ଛୁରାଙ୍କ ଭଳି ଗରିବ ଲୋକଙ୍କୁ ଶୀଘ୍ର ଖାଦ୍ୟ ଯୋଗାଣ ନ ଦେଲେ ପରିସ୍ଥିତି ସଙ୍ଗୀନ ହୋଇପଡିବ ବୋଲି ଆଶଙ୍କା ପ୍ରକାଶ ପାଇଛି।



ଝାଟିମାଟି କୁଡିଆ ଘର ସମ୍ମୁଖରେ ଅସହାୟ ରାମ ଛୁରା ।

# ଦିଲ୍ଲୀରୁ ଆସି ଶ୍ୱଶୁରଘରେ ରହୁଥିବା ଦମ୍ପତିଙ୍କୁ ବିରୋଧ

**କାଲିମେଳା,୩୧।୩(ଡି.ଏନ୍.ଏ.)**

- ନିଜ ଗ୍ରାମରେ ପୂରାଇ ଦେଲେନି ଗ୍ରାମବାସୀ
- ଏତେବାଟ କିପରି ଆସିଲେ ସୃଷ୍ଟି ହୋଇଛି ପ୍ରଶ୍ନବାଚୀ
- କ୍ୱାରେଣ୍ଟାଇନରେ ନ ରହିଲେ କାର୍ଯ୍ୟାନୁଷ୍ଠାନ:ବିଡିଓ

ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ପ୍ରାୟ ୩୦ରୁ ଊର୍ଦ୍ଧ୍ୱ କରୋନା ଆକ୍ରାନ୍ତ ରୋଗୀଙ୍କ ମୃତ୍ୟୁ ହୋଇ ସାରିଲାଣି । ସେଥିଲାଗି ସରକାର ଦେଶରେ ଲକ୍‌ଡାଉନ ଘୋଷଣା କରି ସମସ୍ତ ଦୋକାନ ବଜାର ଓ ଗାଡ଼ିମୋଟର ଚଳାଚଳ ବନ୍ଦ କରିଛନ୍ତି। ଯେଉଁ ବ୍ୟକ୍ତି ବିଦେଶ କିମ୍ବା ଅନ୍ୟ ରାଜ୍ୟରେ ରହି ଘରକୁ ଫେରିଛନ୍ତି ସେମାନଙ୍କୁ ତୁରନ୍ତ ସରକାରଙ୍କ ପକ୍ଷରୁ ପ୍ରଦତ୍ତ ୧୦୪ ନଂ.ରେ ଯୋଗାଯୋଗ କରି ନିଜର ସମସ୍ତ ବିବରଣୀ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଜାରି ହୋଇଛି । ଏଥିସହ ବିଦେଶରୁ ଫେରିଲେ ପ୍ରାୟ ୧୪ ଦିନ କ୍ୱାରାଣ୍ଟାଇନରେ ରହିବାକୁ ସରକାର ପରାମର୍ଶ ଦେଇଛନ୍ତି। ଏଭଳି କ୍ଷେତ୍ରରେ ମାଲକାନଗିରି ଜିଲା କାଲିମେଳା ସଦରସ୍ଥିତ ଏକ କଲୋନୀରେ ୨ ଦିଲ୍ଲୀ ଫେରନ୍ତା ଦମ୍ପତି ଆସି ତାଙ୍କର ସମ୍ପର୍କୀୟଙ୍କ ଘରେ ୨ଦିନ ଧରି ରହୁଥିବା କାଲିମେଳା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ସେମାନେ କୌଣସି କ୍ୱାରାଣ୍ଟାଇନ ନିୟମ ମାନୁ ନ ଥିବା ଏବଂ ନିଜ ପରିବାର ଲୋକଙ୍କ ସହ ମିଳାମିଶା କରୁଥିବା ଅଭିଯୋଗ ହୋଇଛି। ଗତ ୨ଦିନ ଧରି ଦିଲ୍ଲୀ ଆର୍‌ଟିଓ ନମ୍ବର ଥିବା ଏକ କାର ଉକ୍ତ କଲୋନୀରେ ଛିଡ଼ା ହୋଇ ରହିଥିବା ସ୍ଥାନୀୟ ଲୋକେ ଜାଣିପାରିଥିଲେ । ସେମାନଙ୍କ ମଧ୍ୟରେ ଏନେଇ ସନ୍ଦେହ ସୃଷ୍ଟି ହୋଇଥିଲା। ପରେ ସାଇପଡ଼ିଶା ଲୋକେ ଘଟଣା ସମ୍ପର୍କରେ ତୁରନ୍ତ ଥାନାରେ ଜଣାଇଥିଲେ। ଏହା ପୂର୍ବରୁ ଉକ୍ତ ଦମ୍ପତିଙ୍କ ତାଙ୍କ ନିଜ ଘର ମାଲକାନଗିରି ଥାନା ଅନ୍ତର୍ଗତ ଏମ୍‌ପିଭି-୧୬ ଗ୍ରାମକୁ ଯାଇଥିଲେ। ମାତ୍ର ଗ୍ରାମବାସୀ ସେମାନଙ୍କୁ ଗ୍ରାମରେ ପୂରାଇ ଦେଇ ନ ଥିଲେ। ପରେ ମହିଳାଙ୍କ ବାପଘର କାଲିମେଳା ଅଞ୍ଚଳକୁ ଆସି ଉଭୟ ଦମ୍ପତି ପହଞ୍ଚିଥିବା ଜଣାପଡିଛି। ଏ ସମ୍ପର୍କରେ ଜାଣିପାରି ବିଡିଓ ଉମାଶଙ୍କର ଦଳାଇ,ତହସିଲଦାର ଆଲୋକ କୁମାର ଅନୁଗୁଳିଆ ଥାନା ଅଧିକାରୀ ସରୋଜ କୁମାର ଝାଙ୍କର ସେଠାରେ ପହଞ୍ଚି ସେମାନଙ୍କୁ କାଲିମେଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇଛନ୍ତି। ସେମାନଙ୍କ ରକ୍ତନମୁନା ସଂଗ୍ରହ କରାଯାଇଥିବା ସେମାନଙ୍କୁ ଚିକିତ୍ସା କରିଥିବା ଡାକ୍ତର ପ୍ରକାଶ କରିଛନ୍ତି । ତେବେ ସେମାନଙ୍କୁ ସ୍ୱତନ୍ତ୍ର ଆଇସୋଲେଶନ କେନ୍ଦ୍ରରେ ରଖିବା ପରିବର୍ତ୍ତେ ପ୍ରଶାସନ ସେମାନଙ୍କୁ କାଲିମେଳାସ୍ଥିତ ସମ୍ପର୍କୀୟଙ୍କ ଘରେ ଛାଡି ଦେଇଛି । ଅନ୍ୟପକ୍ଷରେ ସାରା ଭାରତରେ ଲକ୍‌ଡାଉନ ଚାଲିଥିବା ବେଳେ ଏହି ଦମ୍ପତି ଦିଲ୍ଲୀରୁ କାର ଯୋଗେ ଓଡ଼ିଶାର କାଲିମେଳା କିପରି ଆସିଲେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ପରିବାରର ସମସ୍ତଙ୍କୁ କ୍ୱାରାଣ୍ଟାଇନରେ ରଖିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏହି ଘଟଣା ସମ୍ପର୍କରେ ଜାଣି ଖବର ସଂଗ୍ରହ କରିବାକୁ ଯାଇଥିବା ଜଣେ ଗଣମାଧ୍ୟମ ପ୍ରତିନିଧିଙ୍କୁ ଦିଲ୍ଲୀ ଫେରନ୍ତା ସମ୍ପୃକ୍ତ ଯୁବକ ଏବଂ ତାଙ୍କୁ ଶାଶୁ ଦୁର୍ବ୍ୟବହାର କରିବା ସହ ଗାଳିଗୁଲଜ କରିଛନ୍ତି। ଏ ବିଷୟରେ ବିଡିଓ ଦଳାଇଙ୍କୁ ପଚାରିବାରୁ ସେ କହିଛନ୍ତି, ଏହି ଦମ୍ପତି ଦିଲ୍ଲୀରେ ରହୁଥିବା ବେଳେ ମେଡିକାଲ ବିଭାଗର ଏଏନ୍‌ଏମ୍ ପୋଷ୍ଟ ପାଇଁ ବିଜ୍ଞପ୍ତି ବାହାରିଥିବାରୁ ସେମାନେ ବିଭିନ୍ନ ରାଜ୍ୟ ଦେଇ ଦିଲ୍ଲୀରୁ ଓଡ଼ିଶା ଫେରିଛନ୍ତିଷ। ସେମାନଙ୍କୁ ଅଙ୍ଗନୱାଡି ସହାୟତାରେ ପଞ୍ଜୀକରଣ କରାଯାଇଛି। ସେମାନଙ୍କୁ ହୋମ କ୍ୱାରେଣ୍ଟାଇନରେ ରହିବାକୁ ପରାମର୍ଶ ଦେଇଛୁ। ସେମାନେ ଯଦି ଏହା ନ ମାନିବେ ତେବେ ସେମାନଙ୍କ ବିରୋଧରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ନନ୍ଦପୁରରେ ଫସିଛନ୍ତି ବିଭିନ୍ନ ଅଞ୍ଚଳର ୫୬ ବ୍ୟକ୍ତି

**ନନ୍ଦପୁର,୩୧।୩(ଡି.ଏନ୍.ଏ.)**



ଫସି ରହିଥିବା ଲୋକଙ୍କ ଭିତରେ ଜିଲା ଓ ରାଜ୍ୟ ବାହାରର ଶ୍ରମିକ

ଲକଡାଉନ ଯୋଗୁ ବିଭିନ୍ନ ରାଜ୍ୟରୁ ଆସିଥିବା ଶ୍ରମିକମାନେ କୋରାପୁଟ ଜିଲା ନନ୍ଦପୁର ବ୍ଲକର ଅନେକ ଜାଗାରେ ଫସିଛନ୍ତି। ବିଦ୍ୟୁତ କାମ କରିବାକୁ ଆସିଥିବା ପଶ୍ଚିମବଙ୍ଗର ୧୦ ଜଣ ଶ୍ରମିକ ଥିବା ପଞ୍ଚାୟତ ଅନ୍ତର୍ଗତ ସାତସିମିଳି ଗ୍ରାମରେ ବନ୍ଦ ରହିଛନ୍ତି। ସେହିପରି ୧୩ ଜଣ ଶ୍ରମିକ ରେଳଲାଇନ କାମରେ ଆସି ମାଛକୁଣ୍ଡ ଷ୍ଟେଶନରେ ଫସି ରହିଛନ୍ତି। ବିହାର ରାଜ୍ୟର ୬ ଜଣ ଥିବା ଗ୍ରାମରେ ଏବଂ ୧୨ ଜଣ ବାଲଡ଼ା ଗ୍ରାମରେ ଫସିକି ଅଛନ୍ତି। କଳାହାଣ୍ଡି ଜି ଲ। ଧର୍ମଗଡ଼ର ୧୫ ଜଣ ଲୋକ ଜଡ଼ିବୁଟି ସଂଗ୍ରହ କରିବାକୁ ଆସି ଏହି ଲକଡାଉନ ଯୋଗୁ ଆନ୍ଧ୍ର ସୀମାନ୍ତ ଜଲାପୁଟରେ ଅଟକି ରହିଛନ୍ତି। ସେମାନେ ଫେରିପାରୁ ନ ଥିବାବେଳେ ଖାଦ୍ୟ ଓ ଅର୍ଥର ଅଭାବ ସେମାନଙ୍କୁ ଚିନ୍ତିତ କରିଛି । ତେବେ ବାଲଡା, ଜଲାପୁଟ ଓ ଥିବା ଗ୍ରାମରେ ସରକାରଙ୍କ ଫ୍ରି କିଚେନ ଯୋଜନାରେ ଖାଦ୍ୟ ଦିଆଯିବା ଆରମ୍ଭ ହୋଇଛି। କିନ୍ତୁ ସାତସିମିଳି ଓ ମାଛକୁଣ୍ଡ ଷ୍ଟେଶନରେ ଫସିଥିବା ଶ୍ରମିକଙ୍କୁ କୌଣସି ସାହାଯ୍ୟ ମିଳି ନ ଥିବା ଖବର ମିଳିଛି। ସେମାନଙ୍କ ପାଖରେ ଥିବା ଖାଦ୍ୟ ସରିଯାଇଛି। ପ୍ରଶାସନ ସହାୟ ହେବା ପାଇଁ ସେମାନେ ନିବେଦନ କରିଛନ୍ତି।

# ସକାଳ ୭ରୁ ୧୧ ପର୍ଯ୍ୟନ୍ତ ଖୋଲିବ ପରିବା, ରାଶନ ଦୋକାନ

**ନବରଙ୍ଗପୁର,୩୧।୩(ବି.ପ୍ର.)**

କରୋନା ଭାଇରସ୍‌ର ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କ ସୁବିଧା ବଜାର ବ୍ୟବସ୍ଥା ଉପରେ ପଦକ୍ଷେପ ଗ୍ରହଣ କରାଯାଇଛି। ଲକ୍‌ଡାଉନ ପରେ ଦୈନିକ ବଜାରରେ ରାଶନ ଦୋକାନ ଖୋଲା ରଖିବାରୁ ନିର୍ଦ୍ଦେଶ ହୋଇଥିଲା। ଏନେଇ ସକାଳ ୬ରୁ ପୂର୍ବାହ୍ନ ୧୦ଟା ଓ ଅପରାହ୍ନ ୩ରୁ ୭ଟା ପଯ୍ୟନ୍ତ ଖୋଲାଯିବାକୁ ନିର୍ଦ୍ଦେଶ ଥିଲା। ଏବେ ଏଥିରେ ପରିବର୍ତ୍ତନ କରାଯାଇଛି। ସକାଳ ୭ରୁ ୧୧ଟା ପର୍ଯ୍ୟନ୍ତ ପରିବା ଓ ରାଶନ, ଫଳ ଓ କ୍ଷୀର ଦୋକାନ ଆଦି ଖୋଲାରହିବ। ଅପରାହ୍ନରେ ଆଉ ଦୋକାନ ବଜାର ଖୋଲା ନ ଯିବାକୁ ନିର୍ଦ୍ଦେଶ ଜାରି ହୋଇଛି। ଲକ୍‌ଡାଉନ ପରେ ମଧ୍ୟ ବଜାରକୁ ଯିବା ବାହାନରେ ଲୋକମାନେ ଘରୁ ବାହାରିବା ଓ ଭିଡ଼ ଜମାଇବାକୁ ଲକ୍ଷ୍ୟକରି ପ୍ରଶାସନ ପକ୍ଷରୁ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି। ଅନ୍ୟପକ୍ଷରେ ପରିବା, ରାଶନ ସାମଗ୍ରୀ, ଆଳୁପିଆଜ ଆଦି ସରକାରଙ୍କ ନିର୍ଦ୍ଧାରିତ ମୂଲ୍ୟରେ ବିକ୍ରି କରାଯିବାକୁ ବ୍ୟବସାୟୀମାନଙ୍କୁ କୁହାଯାଇଛି । ଏନେଇ ଭାରପ୍ରାପ୍ତ ଜିଲା ଯୋଗାଣ ଅଧିକାରୀ ଦୁର୍ଗା ମାଝି ଓ ଯୋଗାଣ ନିରୀକ୍ଷକ ରାଜେଶ ଶବର ବ୍ୟବସାୟୀଙ୍କୁ ଅପରାହ୍ନରେ ସତର୍କ କରାଇ ଦେଇଛନ୍ତି।

# ଲକ୍‌ଡାଉନ୍: ମାଲକାନଗିରି ବ୍ଲଡ୍‌ବ୍ୟାଙ୍କରେ ରକ୍ତ ଅଭାବ

**କୋରୁକୋଣ୍ଡା,୩୧।୩(ଡି.ଏନ୍.ଏ.):**

କରୋନା ସହ ଲଢ଼େଇ ପାଇଁ ସାରା ଦେଶରେ ୨୧ ଦିନିଆ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଫଳରେ କେହି ପଦାକୁ ବାହାରୁନାହାନ୍ତି। ଏଥିପାଇଁ ଏବେ ବ୍ଲଡ୍‌ବ୍ୟାଙ୍କରେ ଦେଖାଦେଇଛି ରକ୍ତ ଅଭାବ। ବିଭିନ୍ନ ଶିବିର ମାଧ୍ୟମରେ ରକ୍ତଭଣ୍ଡାର ପକ୍ଷରୁ ରକ୍ତ ସଂଗ୍ରହ କରାଯାଉଥିଲା। ସେହିପରି ଅନେକ ସମୟରେ ରକ୍ତଦାତା ରକ୍ତଭଣ୍ଡାରରେ ରକ୍ତଦାନ କରିଥାନ୍ତି ;ଯଦ୍ୱାରା ରକ୍ତ ଅଭାବ ପୂରଣ ହେଉଥିଲା। ହେଲେ ଏବେ ସବୁଠି କରୋନା ଚିନ୍ତା। ତେଣୁ ରକ୍ତ ସଂଗ୍ରହ ମଧ୍ୟ ହୋଇପାରୁନି। ମେଡିକାଲ ଖୋଲା ଥିଲେ ମଧ୍ୟ ଗୁରୁତର ରୋଗୀଙ୍କ ପାଇଁ ରକ୍ତ ଯୋଗାଡ଼ କରିବା ବଡ଼ ସମସ୍ୟା ହୋଇଛି। ମାଲକାନଗିରି ଜିଲାର ଏକମାତ୍ର ରକ୍ତଭଣ୍ଡାରରେ ମହଜୁଦ ଥିବା ରକ୍ତ ସରି ଆସୁଥିବାବେଳେ ଏବେ ଏଠାରେ ରକ୍ତର ଅଭାବ ଦେଖିବାକୁ ମିଳିଛି। ପ୍ରତିଦିନ ଏଠାକୁ ୩୫ ୟୁନିଟରୁ ଊର୍ଦ୍ଧ୍ୱ ରକ୍ତ ସଂଗ୍ରହ ହୋଇ ଆସୁଥିଲା। ଏବେ ତାହା ବନ୍ଦ ହୋଇଛି। ତେଣୁ ଲୋକେ ରକ୍ତ ପାଇଁ ଆସିଲେ ବ୍ଲଡ୍‌ବ୍ୟାଙ୍କ କର୍ତ୍ତୃପକ୍ଷ ସେମାନଙ୍କୁ ଫେରାଇ ଦେଉଛନ୍ତି। ଫଳରେ ରକ୍ତ ଆବଶ୍ୟକ କରୁଥିବା ଅନେକ ରୋଗୀଙ୍କ ଜୀବନ ଏବେ ବିପଦ ମୁହଁରେ। ଏ ନେଇ ବ୍ଲଡ୍ ବ୍ୟାଙ୍କର ଜଣେ କର୍ମଚାରୀ କହିଛନ୍ତି, ଲକ୍‌ଡାଉନ ପରେ ରକ୍ତ ଆସିବା ବନ୍ଦ ହୋଇଯାଇଛି। ତେଣୁ ଯାହା ଉପଲବ୍ଧ ଅଛି, ଅତ୍ୟାବଶ୍ୟକ ଥିବା ରୋଗୀଙ୍କୁ ଦିଆଯାଉଛି। କେତେଜଣ ରୋଗୀ ଅନ୍ୟ ଜଣେ ରକ୍ତଦାତାଙ୍କୁ ସାଥିରେ ଆଣି ରକ୍ତ ନେଉଛନ୍ତି। ତେବେ ଏଥିପାଇଁ ସରକାର ଏବଂ ବିଭାଗ ଗୁରୁତ୍ୱ ଦେବା ଆବଶ୍ୟକ। ସେହିପରି ଲକ୍‌ଡାଉନ୍ ସମୟରେ ପୋଲିସ ଭୟରେ ରକ୍ତଦାତା ରକ୍ତଦାନ ପାଇଁ ଆସୁ ନ ଥିବାବେଳେ ସେମାନଙ୍କ ପାଇଁ ପାସ୍ ବ୍ୟବସ୍ଥା କରିବା ଆବଶ୍ୟକ ବୋଲି ସେ କହିଛନ୍ତି।

## ରକ୍ତଦାନ କରି ମାନବିକତା ଦେଖାଇଲେ ୬ ବନ୍ଧୁ

ଲକ୍‌ଡାଉନ୍ ପରିସ୍ଥିତିରେ ମାଲକାନଗିରି ରକ୍ତଭଣ୍ଡାରରେ ରକ୍ତ ଅଭାବ ଦେଖାଦେଇଛି। ଏ ବିଷୟରେ କୋରୁକୋଣ୍ଡାର ୬ ବନ୍ଧୁ ରାଜେଶ କୁମାର ପାଳ, ଅବିନାଶ ବେହେରା, ପବିତ୍ର ମୋହନ ଗୋଲୋରୀ, ସୁରେନ୍ଦ୍ର ହାଲ୍‌ଦା, ଶିବପ୍ରସାଦ ବିଶ୍ୱାସ ଏବଂ ସ୍ୱତେଶ ସାବତ ସୂଚନା ପାଇଥିଲେ। ଏହାପରେ ସେମାନେ ତୁରନ୍ତ ବ୍ଲକ୍ ପ୍ରଶାସନକୁ ଜଣାଇ ପାସ୍ ସଂଗ୍ରହ କରି ରକ୍ତଦାନ ପାଇଁ ମାଲକାନଗିରିସ୍ଥିତ ରକ୍ତଭଣ୍ଡାରରେ ପହଞ୍ଚିଥିଲେ। ଏମାନେ ରକ୍ତଦାନ କରିବା ସହ ଏଭଳି ସମୟରେ ଅନ୍ୟମାନେ ମଧ୍ୟ ରକ୍ତଦାନ କରନ୍ତୁ ବୋଲି ଆହ୍ୱାନ କରିଥିଲେ। ଏମାନଙ୍କ ମହତ୍ କାର୍ଯ୍ୟ ଅନେକଙ୍କୁ ପ୍ରେରଣା ଯୋଗାଇଛି।



# ଆର୍ଥିକ ପ୍ୟାକେଜ, ବୀମା ଦାବି

**ପଟ୍ଟାଙ୍ଗି,୩୧।୩(ଡି.ଏନ୍.ଏ.)**

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରସ୍ତାବ ଦେଲା ଡ୍ରାଇଭର ସଂଘ**

ରାଜ୍ୟ ସରକାର କରୋନାକୁ ଦୃଷ୍ଟିରେ ରଖି ବିଭିନ୍ନ ବର୍ଗ ପାଇଁ ସ୍ୱତନ୍ତ୍ର ପ୍ୟାକେଜ ଓ ବୀମା ଘୋଷଣା କରିଛନ୍ତି। କିନ୍ତୁ ସରକାରୀ କାର୍ଯ୍ୟାଳୟରେ ଲାଗିଥିବା ଘରୋଇ ଗାଡ଼ିରେ କାର୍ଯ୍ୟରତ ଡ୍ରାଇଭରଙ୍କ ପାଇଁ କୌଣସି ଆର୍ଥିକ ଘୋଷଣା ନାହିଁ। ଏନେଇ ପଟ୍ଟାଙ୍ଗିସ୍ଥିତ ମା' ଗାଙ୍ଗେଶ୍ୱରୀ ମୋଟର କର୍ମଚାରୀ ସଂଘ ଏହାର ଉପଦେଷ୍ଟା ଶରତ ଧଳ, ସମ୍ପାଦକ ଅର୍ଜୁନ ଖରାଙ୍କ ନେତୃତ୍ୱରେ ବିଡିଓ ମୋନାଲିସା ଦେବତା, ଅତିରିକ୍ତ ତହସିଲଦାର ମହାଦେବ ଭତ୍ରା, ଥାନା ଅଧିକାରୀ ଦେବରାଜ ମାଝି ଓ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଭାଗବତ ମୁର୍ମୁଙ୍କୁ ଭେଟିଛନ୍ତି। ସେମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଲିଖିତ ପ୍ରସ୍ତାବ ଦିଆଯାଇଛି। ସଂଘର ସଭାପତି ଜିତେନ୍ଦ୍ର ରାଉତଙ୍କ ନେତୃତ୍ୱରେ ସଂଘ ପକ୍ଷରୁ ଏକ ସଚେତନତା ଗାଡ଼ି ବାହାରି ବ୍ଲକର ସମସ୍ତ ପଞ୍ଚାୟତରେ ଲକଡାଉନ ବେଳେ ଘରୁ ନ ବାହାରିବା ଓ ପୋଲିସକୁ ସହଯୋଗ କରିବା ପାଇଁ ଲୋକଙ୍କୁ ସଚେତନ କରାଯାଇଥିଲା। ସଦର ସରପଞ୍ଚ ଭଗବାନ ଖରା, ଅତିରିକ୍ତ ତହସିଲଦାର ମହାଦେବ ଭତ୍ରା ଓ ଥାନା ଅଧିକାରୀ ବିଜୟ ରାଜ ମାଝି ସଚେତନତା ଗାଡ଼ିର ଶୁଭାରମ୍ଭ କରିଥିଲେ।

# ପଶୁଙ୍କୁ ଖାଦ୍ୟ ବାଣ୍ଟିଲା ଓଡ଼ିଆ ସମାଜ

**ଜୟପୁର,୩୧।୩(ଡି.ଏନ୍.ଏ.)**

ଜୟପୁର ସହରରେ ବିଭିନ୍ନ ସଙ୍ଗଠନ, ପୋଲିସ ପ୍ରଶାସନ, ପୌରସଂସ୍ଥା ପକ୍ଷରୁ ବାହାରେ ରହୁଥିବା ଅସହାୟ, ମାନସିକ ଅସୁସ୍ଥ ଓ ବାହାରେ ରହୁଥିବା ଲୋକଙ୍କୁ ରନ୍ଧନ ଖାଦ୍ୟ ଦିଆଯାଉଛି। କିନ୍ତୁ ସହରରେ ବୁଲାଗାଈ, କୁକୁର ଏବଂ ପାରାମାନଙ୍କୁ ଖାଦ୍ୟ ପ୍ରଦାନ ପାଇଁ ଆଗେଇଆସିଛି ସ୍ଥାନୀୟ ସର୍ବପୁରାତନ କୃଷ୍ଣଚନ୍ଦ୍ର ପାଠାଗାର ଓଡ଼ିଆ ସମାଜ। ଏହି ଅନୁଷ୍ଠାନ ପକ୍ଷରୁ ଗାଈ ଓ କୁକୁରଙ୍କୁ ରନ୍ଧାଭାତ, କ୍ଷୀର, କୁକୁଡ଼ା ମାଂସ, ପନିପରିବା, ବଜାରରୁ ବଳିପଡୁଥିବା ଅଦରକାରୀ ପନିପରିବା, ସହରର ପାରାଙ୍କ ପାଇଁ ମାଣ୍ଡିଆ ଦିଆଯାଉଛି। ସହରର ବିଭିନ୍ନ ଛକ, ମୁଖ୍ୟରାସ୍ତା ଓ ସାହିବସ୍ତିରେ ସମାଜର ୪ରୁ ୫ ଜଣ ସଦସ୍ୟ ବୁଲିବୁଲି ଏହା ବାଣ୍ଟୁଛନ୍ତି।

# ସୋସିଆଲ ମିଡିଆରେ ପ୍ରାୟୋଜିତ ଫଟୋ ଛାଡ଼ି ଅଡୁଆରେ ଯୁବକ

**ନବରଙ୍ଗପୁର,୩୧।୩(ବି.ପ୍ର.)**

କରୋନା ଭାଇରସ୍ ନେଇ ଭୟଭୀତ ନ ହୋଇ ଲକ୍‌ଡାଉନ ସମୟରେ ନିଜ ଘରେ ରହିବାକୁ ସରକାର ପରାମର୍ଶ ଦେଇଛନ୍ତି। ଏନେଇ କେତେକ ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି। ବାରମ୍ବାର ନାକ, କାନ ଓ ମୁହଁକୁ ନ ଛୁଇଁବା, ହାତ ଧୋଇବା, ଅନ୍ୟ ସହ କଥା ହେବା ସମୟରେ ୧ ମିଟର ଦୂରତା ଆବଲମ୍ବନ କରିବା, ମିଥ୍ୟାଗୁଜବ ପ୍ରଚାର ନ କରିବା ଲାଗି କୁହାଯାଇଛି। ତଥାପି ଲୋକେ ଏଦିଗରେ ସଚେତନ ହେଉନାହାନ୍ତି। ମିଥ୍ୟା ଗୁଜବ ପ୍ରଚାରକଲେ କଡ଼ା ପଦକ୍ଷେପ ନେବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି। ଏପରି ସ୍ଥିତିରେ ଜଣେ ବ୍ୟକ୍ତି କେତେଜଣ ଆଦିବାସୀ ମହିଳାଙ୍କୁ ଶାଳପତ୍ର ଦନାକୁ ମୁହଁରେ ମାସ୍କ ପରି ବାନ୍ଧିବାକୁ କହି ସେମାନଙ୍କ ଫଟୋ ଉଠାଇ ଗଣମାଧ୍ୟମରେ ଭାଇରାଲ କରିବା ଏବେ ତାଙ୍କ ପାଇଁ ମହଙ୍ଗା ପଡ଼ିଛି। ତାଙ୍କୁ ପୋଲିସ ଥାନାକୁ ନେଇ ରଖିବା ସହ ତାଙ୍କ

**ଥାନାରେ ମାମଲା**

ନାମରେ ୩୯/୨୦, ଧାରା ୧୮୮, ୨୬୯ରେ ଏକ ମାମଲା ରୁଜୁ କରିଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ନାମ ହେଉଛି ଶ୍ରୀକାନ୍ତ ମିଶ୍ର (୪୨)। ଘର ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ଅଞ୍ଚଳରେ। ଶ୍ରୀକାନ୍ତ ପାପଡ଼ାହାଣ୍ଡି ବ୍ଲକର ନାକଟିଗୁଡ଼ା ପଞ୍ଚାୟତ ଅଧୀନ ଝାଡକୁସୁମୀ ଗ୍ରାମରୁ ଏପରି ଫଟୋ ଉତ୍ତୋଳନ କରି ସୋସିଆଲ ମିଡିଆରେ ଛାଡିଥିଲେ ।

# କରୋନା ନିୟମ ଭାଙ୍ଗି ଜୁଆ ଖେଳ, ୫ ଗିରଫ

**କୋରୁକୋଣ୍ଡା ୩୧।୩(ଡି.ଏନ.ଏ)**

ମାଲକାନଗିରି ଜିଲା ଓର୍କେଲ ପୋଲିସ କୋରୁକୋଣ୍ଡା ବ୍ଲକ ନିଳାକାମ୍ବେରୁ ପଞ୍ଚାୟତର ନୀଳାଦ୍ରିନଗର ଗ୍ରାମର ପମ୍ପ ହାଉସଠାରେ ଜୁଆ ଖେଳ ଚାଲିଥିବା ବେଳେ ଚଢାଉ କରି ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନୀଳାଦ୍ରିନଗର ଗ୍ରାମର ପ୍ରମୋଦ କୁମାର ଗୌଡ଼, କାହ୍ନୁ ଚରଣ ପାଢ଼ୀ, ସୁପ୍ରୀତ କୁମାର ସାହୁ, ମୃତ୍ୟୁଞ୍ଜୟ ମହାପାତ୍ର ଓ ସମୀର ମହାପାତ୍ର। ୨୯ ତାରିଖ ସନ୍ଧ୍ୟାରେ ଏସଆଇ ନୀଳାଦ୍ରି ଚରଣ ବିଶ୍ୱାଳ ଓ ତାଙ୍କ ସହଯୋଗୀ ପାଟ୍ରୋଲିଂ କରୁଥିବା ବେଳେ ଗ୍ରାମର ପମ୍ପ ହାଉସଠାରେ କେତେକ ଯୁବକ ଜୁଆ ଖେଳୁଥିବା ଦେଖିବାକୁ ପାଇ ଚଢ଼ାଉ କରିଥିଲେ। ସେଠାରୁ ୭ ହଜାର ୪୯୦ ଟଙ୍କା ଓ ୨ଟି ବାଇକ୍ ଜବତ ହୋଇଛି। ଜୁଆ ଖେଳିବା ସହ କୋଭିଡ -୧୯ ନିୟମ ଭାଙ୍ଗିବା ଅଭିଯୋଗରେ ଏମାନଙ୍କୁ ଗିରଫ କରାଯାଇଥିଲା। ପରେ ସେମାନଙ୍କୁ ବ୍ୟକ୍ତିଗତ ମୁଚାଲିକାରେ ଛଡାଯାଇ ଘରେ ରହିବାକୁ କୁହାଯାଇଛି ବୋଲି ଥାନା ଅଧିକାରୀ ଜଗଦୀଶ ବାରା କହିଛନ୍ତି।

# ଧାନ ନେଉନାହାନ୍ତି ମିଲର, ଚିନ୍ତାରେ ଚାଷୀ

**ପାରଳାଖେମୁଣ୍ଡି,୩୧।୩ (ସ୍ୱ.ପ୍ର.)**

ଗଜପତି ଜିଲାରେ ଧାନ ବିକ୍ରି ପାଇଁ ଚାଷୀମାନେ ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି । ଧାନ ବିକ୍ରିପାଇଁ ପ୍ରଶାସନ ପକ୍ଷରୁ ଚାଷୀମାନଙ୍କୁ ଟୋକନ ପ୍ରଦାନ କରାଯାଇଥିଲେ ମଧ୍ୟ ଧାନକ୍ରୟ ପାଇଁ ରହିଥିବା ଟାର୍ଗେଟ୍ ସରିଯାଇଥିବା ଦର୍ଶାଇ ମିଲରମାନେ ଧାନ କିଣିବାକୁ ମନା କରି ଦେଉଥିବା ଅଭିଯୋଗ ହୋଇଛି । ପୂର୍ବରୁ ଜିଲାରେ ହୁଦ୍‌ହୁଦ୍, ତିତ୍‌ଲି ମହାବାତ୍ୟା ଯୋଗୁ ଚାଷୀ ବହୁ କ୍ଷତିର ସମ୍ମୁଖୀନ ହୋଇଥିଲେ। ଚଳିତବର୍ଷ ବହୁ କଷ୍ଟରେ କରିଥିବା ଧାନ ଅମଳ କରିଥିଲେ । ମାତ୍ର ଏହାକୁ ବିକ୍ରି ନ କରିପାରି ଆର୍ଥିକ ଅନଟନରେ ଚାଷୀ କାଳାତିପାତ କରୁଛନ୍ତି। ଜିଲାର ଗୋଷାଣୀ ବ୍ଲକ ଅନ୍ତର୍ଗତ କଡୁରୁ ଗ୍ରାମର ପି.ଦିଲ୍ଲେଶ୍ୱର ରାଓ, ୱାଇ.ଲୋକନାଥ, ଜି.ସନ୍ମୁଖରାଓ, ପି.ପ୍ରବୀଣ ପ୍ରମୁଖ କୃଷକ କହିଛନ୍ତି ଯେ, ଧାନ ବିକ୍ରି କରି ନ ପାରି ଦୁର୍ଦ୍ଦଶାରେ ଚଲୁଛୁ। ସରକାରୀ ନିୟମ ମୁତାବକ ଧାନ ବିକ୍ରିପାଇଁ ଯୋଗାଣ ବିଭାଗର ଟୋକେନ ମିଳିଥିଲେ ମଧ୍ୟ ଧାନ ମିଲର ନେଉନାହାନ୍ତି। ଧାନ ବିକିଥିଲେ ଧାରକରଜ ପରିଶୋଧ ସହ ଆଗାମୀ ବର୍ଷ ଫସଲ ଚାଷ ପାଇଁ କିଛି ଅର୍ଥ ସାଇତି ରଖିବାକୁ ଆଶା କରିଥିଲୁ ବୋଲି ଚାଷୀମାନେ କହିଛନ୍ତି। ମିଲର ଧାନ ନ ନେବାରୁ ଗୋଷାଣୀ ବ୍ଲକ ବଡକଡୁରୁ ଅଞ୍ଚଳର ୪ଶହ ବସ୍ତା ଧାନ ଚାଷୀମାନେ ଫେରାଇ ନେଇଛନ୍ତି । ଏନେଇ ପ୍ରଶାସନ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ଚାଷୀ ଦାବି କରିଛନ୍ତି।



ମଣ୍ଡିରେ ପଡିରହିଥିବା ଧାନ ।

# ଭୟ, ଆଶଙ୍କା ଭିତରେ ରବିଚାଷ

**ଜୟପୁର,୩୧।୩(ଡି.ଏନ୍.ଏ.)**

- ମିଳୁନାହାନ୍ତି କୃଷି ଶ୍ରମିକ
- ଖୋଲୁନି ସାର, କୀଟନାଶକ ଦୋକାନ
- ସମସ୍ୟାରେ ପଡ଼ିଛନ୍ତି ଜମି ମାଲିକ



ଜୟପୁର ବ୍ଲକ ଅଞ୍ଚଳର ମାଣ୍ଡିଆ ଚାଷ ଜମିରେ ପାଣି ମଡାଉଛନ୍ତି ଚାଷୀ ।

କୋରାପୁଟ ଜିଲା ଜୟପୁର ବ୍ଲକ ଆଖପାଖ ଗ୍ରାମାଞ୍ଚଳରେ ଜମିରେ ଚାଷକାର୍ଯ୍ୟ ପାଇଁ ଚିନ୍ତିତ ଚାଷୀ। କାରୋନା ଭୂତାଣୁ ସଂକ୍ରମଣରୁ ବର୍ତ୍ତିବା ପାଇଁ ସରକାର ଲକଡାଉନ କରିଥିବା ବେଳେ ସହର ଓ ଗ୍ରାମାଞ୍ଚଳରେ କୃଷି ଶ୍ରମିକଙ୍କ ଅଭାବ ଦେଖାଦେଇଛି। ଏବେ ରବି ଫସଲ ପାଇଁ ଚାଷକାମ ଚାଲିଛି। ବର୍ତ୍ତମାନ ଜମିରେ ଘାସବଛା, ଗଛବୃଦ୍ଧି ଓ ଅନ୍ୟ ରୋଗ ପାଇଁ ସାର ଓ ଔଷଧ ସିଞ୍ଚନର ଆବଶ୍ୟକତା ରହିଛି । ସେହିପରି ମାଣ୍ଡିଆ ଓ ପନିପରିବା ପାଇଁ ପାଣି ଦରକାର। ଶ୍ରମିକଙ୍କ ବିନା ରବିଫସଲ ପାଇଁ ସମସ୍ୟା ଅଧିକ ହୋଇଛି। ଚାଷୀମାନେ କରୋନା ପରିଣାମ ନେଇ ଅବଗତ ଥିଲେ ମଧ୍ୟ ଚାଷ ଉଜୁଡ଼ିଯିବା ଭୟରେ ଅଳ୍ପ କେତେଜଣ ଶ୍ରମିକଙ୍କୁ ବୁଝାସୁଝା କରି ନିଜେ ଜମିକୁ ଯାଇ ଚାଷକାମରେ ମାତିଛନ୍ତି। ଧାନଗଛର ବୃଦ୍ଧି ପାଇଁ ସାର ଦେବା ଓ କାଣ୍ଡବିନ୍ଧା ପୋକ ଆଶଙ୍କା ଯୋଗୁ ଔଷଧ ସିଞ୍ଚନର ଆବଶ୍ୟକତା ରହିଛି। ସେହିପରି ମାଣ୍ଡିଆ ଓ ପନିପରିବା ଚାଷ ପାଇଁ ପାଣି ଦରକାର। ଶ୍ରମିକମାନେ ଘରୁ ବାହାରୁ ନ ଥିବାରୁ ଜମି ମାଲିକ ନିଜେ ପାଣି ଦେଇ ଫସଲକୁ ରକ୍ଷା କରିବାକୁ ପ୍ରୟାସ ଚଳାଇଛନ୍ତି। ଅନ୍ୟପକ୍ଷରେ ସହର ଓ ଗ୍ରାମାଞ୍ଚଳରେ ସାର, କୀଟନାଶକ ବିକ୍ରି ବନ୍ଦ ଥିବା ଯୋଗୁ ସମସ୍ୟା ସୃଷ୍ଟି ହୋଇଛି। ପାଙ୍ଗିଗୁଡ଼ାର ଚାଷୀ ମନୋଜ ପାତ୍ର କହିଛନ୍ତି, କରୋନା ପାଇଁ ଶ୍ରମିକଙ୍କୁ ସଚେତନତା ସହ ସାମାଜିକ ଦୂରତା ରଖାଯାଇ ଚାଷକାର୍ଯ୍ୟରେ ନିୟୋଜିତ କରାଯାଉଛି। କିନ୍ତୁ ଶ୍ରମିକ ଅଭାବ ଯୋଗୁ ରବିଧାନ ସହ ଅନ୍ୟ ଚାଷ ଆଶଙ୍କାରେ ରହିଛି। ସେହିପରି ପାଲିଗୁଡ଼ାର ଚାଷୀ ଧନୁର୍ଜୟ ସରାବୁ କହିଛନ୍ତି, ଚାଷ ପାଇଁ ସାର ଓ କୀଟନାଶକକୁ ଅତ୍ୟାବଶ୍ୟକ ସାମଗ୍ରୀ ଭାବେ ନେଇ ପ୍ରଶାସନ ଏହାର ଦୋକାନ ଖୋଲିବାକୁ ଦାବି ହୋଇଛି।

## ସଂକ୍ଷେପରେ

### ତେଜରାତି ଦୋକାନରେ ଯୋଗାଣ ବିଭାଗ ଚଢ଼ାଉ

ଗୁଣପୁର,୩୧।୩(ଡି.ଏନ୍.ଏ.): ରାୟଗଡ଼ା ଜିଲା ରାମନାଗୁଡ଼ା ଅଞ୍ଚଳରେ ଥିବା ତେଜରାତି ଦୋକାନ ଉପରେ ଯୋଗାଣ ବିଭାଗ ଚଢ଼ାଉ କରିଛି। ଅତ୍ୟାବଶ୍ୟକ ସାମଗ୍ରୀ ଅଧିକ ଦାମ୍‌ରେ ବିକ୍ରି କରିବା ଅଭିଯୋଗ ହେବା ପରେ ଯୋଗାଣ ବିଭାଗ ଏହି ପଦକ୍ଷେପ ନେଇଛି। ଦୋକାନୀମାନେ ଗଚ୍ଛିତ ସାମଗ୍ରୀର ପରିମାଣ ସାଙ୍ଗକୁ ତାଲିକା ଟଙ୍ଗାଇବାକୁ ଯୋଗାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଥିଲା। ଏଗୁଡ଼ିକୁ ଖିଲାପ କଲେ ଆଗାମୀ ଦିନରେ ଦୃଢ଼ ପଦକ୍ଷେପ ନିଆଯିବ ବୋଲି ଦୋକାନୀଙ୍କୁ ଯୋଗାଣ ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ଚଢ଼ାଉ ବେଳେ ଯୋଗାଣ ନିରୀକ୍ଷକ ରିତା ବେହେରା, ବିଡିଓ ବେଣୁଧର ଶବର, ଜିଆରଏସ୍ ଦିଲିପ ପଣ୍ଡା, ଯୋଗାଣ ସହାୟକ ଶିବ ଶଙ୍କର ଧୋବା ଉପସ୍ଥିତ ଥିଲେ।

### ସହାୟତା ବଢ଼ାଇଲେ ସ୍ୱଚ୍ଛସାଥୀ

ରାୟଗଡ଼ା ଅଫିସ,୩୧।୩: ରାୟଗଡ଼ାର ୱାର୍ଡ଼ ନମ୍ବର ୨୨ର ସ୍ୱଚ୍ଛସାଥୀ ଭାବେ ପୌର ପରିଷଦରେ କାର୍ଯ୍ୟରତ ପଦ୍ମାବତୀ ପାଢ଼ୀ ପାଉଥିବା ପ୍ରୋତ୍ସାହନ ରାଶି ୨୪୦୦୦ ଟଙ୍କାକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିକୁ ଦାନ କରିଛନ୍ତି। କରୋନା ମୁକାବିଲା ପାଇଁ ରାଜ୍ୟ ଓ କେନ୍ଦ୍ର ଉଭୟ ସରକାର ଉଦ୍ୟମ ଚଳାଇଛନ୍ତି। ଏହି ସମୟରେ ଅସହାୟଙ୍କ ପାଇଁ ତାଙ୍କ ଦିଆଯାଇଥିବା ଟଙ୍କା କାମରେ ଆସିବ ବୋଲି ସେ କହିଛନ୍ତି। ପଦ୍ମାବତୀ ପାଢ଼ୀ ତାଙ୍କ ଝିଅ ସହ ଆସି ଜିଲାପାଳ ପ୍ରମୋଦ କୁମାର ବେହେରାଙ୍କୁ ଚେକ ଆକାରରେ ଅର୍ଥରାଶି ପ୍ରଦାନ କରିଛନ୍ତି। ଏହି ସମୟରେ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସଚ୍ଚିଦାନନ୍ଦ ଶତପଥୀ ଓ ପିଡ଼ି ଅମୃତ ରତୁରାଜ ଉପସ୍ଥିତ ଥିଲେ।

### ଜାଲ୍ ଦସ୍ତଖତ କରି ବିଧବା ଭତ୍ତା ଲୁଟ୍

ରାୟଗଡ଼ା ଅଫିସ,୩୧।୩: ରାୟଗଡ଼ା ପୌରପରିଷଦର ୧୬ ନମ୍ବର ୱାର୍ଡ଼ର ବାସିନ୍ଦା ଥିବା ସବିତା ଗୌଡ଼ ଜଣେ ବିଧବା। ସେ ନିଜର ଭତ୍ତା ନେବା ପାଇଁ ମଙ୍ଗଳବାର ରାୟଗଡ଼ାର ପୌର ପରିଷଦ କାର୍ଯ୍ୟାଳୟ ଆସିଥିଲେ। ସେଠାରେ ସେ ଜାଣିବାକୁ ପାଇଲେ ତାଙ୍କ ନାମରେ କେହି ଜଣେ ଜାଲ ଦସ୍ତଖତ କରି ତାଙ୍କ ୪ ମାସର ଭତ୍ତା ନେଇଯାଇଛି। ଗତ ୧୫ ତାରିଖରେ ଭତ୍ତା ବଣ୍ଟନ କରାଗଲା, ହେଲେ ତାଙ୍କର ଦେହ ଅସୁସ୍ଥ ଥିବାରୁ ସେ ଆସି ନ ଥିଲେ। କିନ୍ତୁ ତାଙ୍କ ଅନୁପସ୍ଥିତିରେ କାହାକୁ ଟଙ୍କା ପ୍ରଦାନ କରାଯାଇଛି ବୋଲି ପ୍ରଶ୍ନ ଉଠାଇଛନ୍ତି ସବିତା। ସେ ଓ ତାଙ୍କ ଝିଅ ବର୍ତ୍ତମାନ କିପରି ଗୁଜୁରାଣ ମେଣ୍ଟାଇବେ, ସେହି ଚିନ୍ତାରେ ରହିଛନ୍ତି। ଏନେଇ ପୌର ପରିଷଦ କାର୍ଯ୍ୟନିର୍ବାହୀ ସଚ୍ଚିଦାନନ୍ଦ ଶତପଥୀ କହିଛନ୍ତି, ଏନେଇ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ଓ ଭତ୍ତା ମଧ୍ୟ ପ୍ରଦାନ କରାଯିବ।

### ୫ ଡକାୟତଙ୍କୁ ଧରିଲା ପୋଲିସ

କୁନ୍ଦୁରା,୩୧।୩(ଡି.ଏନ୍.ଏ.): କୋରାପୁଟ ଜିଲା କୁନ୍ଦୁରା ବ୍ଲକ ବୁଦାଗୁଡ଼ା ଗ୍ରାମର କ୍ରିଷ୍ଣାପ୍ରସାଦ ଗୁପ୍ତାଙ୍କ ଘରେ ଗତ ମାର୍ଚ୍ଚ ୧ରେ ଡକାୟତି ହୋଇଥିଲା। ସେହି ମାମଲାରେ ୫ ଡକାୟତଙ୍କୁ ମଙ୍ଗଳବାର ଗିରଫ ପରେ କୋର୍ଟ



ଚାଲାଣ କରିଛି କୁନ୍ଦୁରା ପୋଲିସ। ଏନେଇ କ୍ରିଷ୍ଣାପ୍ରସାଦ ୨ ତାରିଖରେ ଏତଲା ଦେବା ପରେ ପୋଲିସ ୧୦/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଡକାୟତମାନେ ତାଙ୍କ ଘରୁ ୪୦ ହଜାର ଟଙ୍କା, ୨ଟି ସାମସଙ୍ଗ ସ୍ମାର୍ଟଫୋନ୍, ଗୋଟିଏ ସୁନାଚେନ୍, ଗୋଟିଏ ମଙ୍ଗଳସୂତ୍ର ଗଡ଼ରେଜ୍ ଭାଙ୍ଗି ଲୁଟିନେଇଥିଲେ। ଏହି ଘଟଣାରେ କୁନ୍ଦୁରା ପୋଲିସ କୋଟପାଡ଼ ଥାନା ଚିଲିଗୁଡ଼ା ଗ୍ରାମର ସନୁ ଭତ୍ରା (୩୦), ବୈପାରୀଗୁଡ଼ା ଥାନା ଗୁଣ୍ଡୁଲିଆଗୁଡ଼ା ଗ୍ରାମର ଜଗା ନାଗ (୨୫), ନଡିଆଲପାଲି ଗ୍ରାମର ରମେଶ ଦଣ୍ଡସେନା (୨୯), କୁନ୍ଦୁରା ଥାନା ଜାମଗୁଡ଼ା ଗ୍ରାମର ପିଙ୍କୁ ଦୁରୁଆ (୩୦) ଓ ଜୟପୁର ଥାନା ବାଙ୍କବିଜା ଗ୍ରାମର ଜୟସିଂ କମାର (୨୨)ଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେମାନଙ୍କଠାରୁ ନଗଦ ୧୫୨୫୦ ଟଙ୍କା, ୩ଟି ଫୋନ୍, ୩ ବାଇକ୍ ଜବତ କରିଛି।

# ଗିରଫ ହେଲେ ଡ୍ରାଇଭର, ହେଲ୍‌ପର

## ଲକ୍‌ଡାଉନ୍ ବେଳେ ଆମ୍ବୁଲାନ୍ସରେ ଯାତ୍ରୀଙ୍କୁ ଭଡ଼ାରେ ନେବା ଘଟଣା

ରାୟଗଡ଼ା ଅଫିସ,୩୧।୩

କରୋନା ପାଇଁ ଲକ୍‌ଡାଉନ ବେଳେ ରାୟଗଡ଼ା ଅଞ୍ଚଳରେ ସୋମବାର ବିଳମ୍ବିତ ରାତିରେ ଆମ୍ବୁଲାନ୍ସ (ଓଡି୧୮ ଡି ୫୧୨୧)ରେ ଭଡ଼ା ନେଇ ଯାତ୍ରୀଙ୍କୁ ପରିବହନ କରୁଥିବା ଦେଖିବାକୁ ମିଳିଛି। ପାଟ୍ରୋଲିଂ ବେଳେ କୋରାପୁଟ ଛକ ନିକଟରେ ରାୟଗଡ଼ା ଟାଉନ ଥାନା ପୋଲିସ ଆମ୍ବୁଲାନ୍ସର ଡ୍ରାଇଭର ଦୁଃଖୁ ପରଜା ( ୨୪ ) ଓ ହେଲପର ବଳରାମ ମାଝୀ (୨୭)ଙ୍କୁ ଗିରଫ କରିଛି। ସେଥିରେ ଥିବା ୧୦ ଜଣ ଯାତ୍ରୀଙ୍କୁ କ୍ୱାରାଣ୍ଟାଇନ ସେଣ୍ଟର ପଠାଯାଇଛି। ଉଲ୍ଲେଖଯୋଗ୍ୟ, ୭୦୦୦ ଟଙ୍କା ଭଡ଼ାରେ ଆମ୍ବୁଲାନ୍ସ ଡ୍ରାଇଭର ଟିକିରି ଦୋରାଗୁଡ଼ା ଅଞ୍ଚଳରୁ ଯାତ୍ରୀଙ୍କୁ ନେଇ ଯାଉଥିଲେ। ଲକଡାଉନ



ଗିରଫ ହୋଇଥିବା ଡ୍ରାଇଭର ଓ ହେଲଫର ।

ସମୟରେ କୋଭିଡ଼-୧୯ର ସଂକ୍ରମଣକୁ ରୋକିବା ପାଇଁ ସରକାରଙ୍କ ପଦକ୍ଷେପକୁ ଅବମାନନା କରିଥିବା ଅଭିଯୋଗରେ ଡ୍ରାଇଭର ଓ ହେଲପର ଗିରଫ ହୋଇଛନ୍ତି।

## କରୋନା ବେଳେ ହୋମଯଜ୍ଞ:୩ ଜଣଙ୍କ ନାଁରେ ମାମଲା

ଗୁଣପୁର,୩୧।୩(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ପୋଲିସ ୩ ଜଣଙ୍କ ନାମରେ ସୋମବାର ମାମଲା ରୁଜୁ କରିଛି। ସେମାନେ ବୁର୍ଡିଂଗୁଡ଼ା ଅଞ୍ଚଳରେ ଲୋକମାନଙ୍କୁ ଧରି ଏକ ମନ୍ଦିରରେ ଏକତ୍ରିତ ହେବା ସହ ହୋମ ଯଜ୍ଞ ପାଇଁ ପ୍ରସ୍ତୁତ ହେଉଥିଲେ। ଏହା ଜାଣିବା ପରେ ଗୁଣପୁର ପୋଲିସ ସେଠାରେ ଚଢ଼ାଉ କରିଥିଲା। ଏହି କାର୍ଯ୍ୟରେ ନିୟୋଜିତ ଥିବା ରାମଚନ୍ଦ୍ର ଚୌଧୁରୀ, ଲୋକନାଥ ଷଡ଼ଙ୍ଗୀ ଓ ଗୋପାଳକୃଷ୍ଣ ନାୟକଙ୍କ ନାମରେ ମାମଲା ରୁଜୁ କରାଯାଇଥିଲା। କରୋନା ପାଇଁ କଟକଣା ଲାଗି ରହିଥିବା ବେଳେ ସେମାନେ ପୂଜାକାର୍ଯ୍ୟରେ ରହି ଏହାକୁ ଅମାନ୍ୟ କରିଥିବାରୁ ମାମଲା ହୋଇଥିବା ଆଇଆଇସି ରଶ୍ମି ରଞ୍ଜନ ପ୍ରଧାନ କହିଛନ୍ତି।

## ସକାଳ ୭ରୁ ୧୧ ଖୋଲିବ ପରିବା ବଜାର

ରାୟଗଡ଼ା ଅଫିସ/ଗୁଣପୁର,୩୧।୩(ଡି.ଏନ୍.ଏ.)

କେନ୍ଦ୍ର ସରକାରଙ୍କ ଲକଡାଉନକୁ ରାୟଗଡ଼ା ସହରର କେତେକ ଅସାଧୁ ବ୍ୟକ୍ତି ମାନୁ ନ ଥିବା ଦେଖିବାକୁ ମିଳୁଛି। ଏମାନଙ୍କ ପାଇଁ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। ଅନ୍ୟପକ୍ଷରେ ପୂର୍ବରୁ ସକାଳ ୭ରୁ ସନ୍ଧ୍ୟା ୭ ଯାଏ ପରିବା ବଜାର ଖୋଲା ରହିବା ବ୍ୟବସ୍ଥା ଥିଲା। କିନ୍ତୁ ବର୍ତ୍ତମାନଠାରୁ ଜିଲାପାଳ ପ୍ରମୋଦ କୁମାର ବେହେରା ନିର୍ଦ୍ଦେଶ ଦେଇଛନ୍ତି ଯେ ପରିବା ବଜାର ଏବଂ ସଉଦା ଦୋକାନ ସକାଳ ୭ରୁ ଦିନ ୧୧ଟା ପର୍ଯ୍ୟନ୍ତ ଖୋଲା ରହିବ। ଲୋକେ କାମ ନ ଥାଇ ମଧ୍ୟ ଅଯଥାରେ ଗହଳି କରୁଛନ୍ତି। କୋଭିଡ଼-୧୯ର ମୁକାବିଲା ପାଇଁ ସାମାଜିକ ଦୂରତ୍ୱ ବଜାୟ ରଖୁନାହାନ୍ତି। ତେଣୁ ଏପରି ପଦକ୍ଷେପ ନିଆଯାଇଥିବା ଜିଲାପାଳ କହିଛନ୍ତି। ଏଥିରୁ ବାଦ୍ ପଡ଼ିଛି ଏଲ୍‌ପିଜି ଗ୍ୟାସ, ପେଟ୍ରୋଲ ପମ୍ପ, ଔଷଧ ଦୋକାନ ଏବଂ ପାଥୋଲୋଜି। ଏସବୁ ଖୋଲା ରହିବ ବୋଲି ସେ କହିଛନ୍ତି।

## ଲକ୍ ଡାଉନ ନ ମାନି ୩୩ ବାଇକ ଜବତ

ରାୟଗଡ଼ା ଅଫିସ,୩୧।୩

କୋଭିଡ଼-୧୯ର ମୁକାବିଲା ପାଇଁ କେନ୍ଦ୍ର ସରକାର ଲକଡାଉନର ଆହ୍ୱାନ ଦେଇଛନ୍ତି। କିନ୍ତୁ କେତେକ ଯୁବକ ସ୍ଥାନୀୟ ପିଏଚଡ଼ି କଲୋନୀ ଓ ଅଭିନନ୍ଦନ ପଡ଼ିଆରେ ଗାଡ଼ି ରଖି ସାଙ୍ଗମାନଙ୍କ ସହ ମେଳ ହୋଇ ଖେଳୁଥିଲେ। ସେହି ସମୟରେ ରାୟଗଡ଼ା ଟାଉନ ଥାନା ପୋଲିସ ଉଭୟ ଜାଗାରେ ଚଢ଼ାଉ କରିଥିଲା। ଘଟଣାସ୍ଥଳରୁ ସମସ୍ତେ ଫେରାର ଥିବାବେଳେ ସେମାନଙ୍କ ବାଇକ ଜବତ କରିଛି ପୋଲିସ। ୨ଟି ସ୍ଥାନରୁ ସର୍ବମୋଟ ୩୩ଟି ବାଇକ ଜବତ କରାଯାଇଛି। କୋଭିଡ଼-୧୯ର ଲକ୍‌ଡାଉନକୁ ଅବମାନନା କରିବା ଅଭିଯୋଗରେ ବାଇକ ଜବତ ହୋଇଛି। ଦରକାର ମୁତାବକ ବାଇକ ଚାଳକଙ୍କ ନାଁରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜଣାପଡ଼ିଛି।

# ରିଲିଫ ପାଣ୍ଠିକୁ ଛୁଟୁଛି ସହାୟତା

ଗୁଣପୁର/ଅମ୍ବାଦୋଳା/ଟିକିରି ୩୧।୩(ଡି.ଏନ୍.ଏ.)

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ପ୍ରଶାସନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ସୋମବାର ସହାୟତା ଦିଆଯାଇଛି। ବ୍ଲକ ପକ୍ଷରୁ ୮୧,୨୦୦ ଟଙ୍କା ଉପଜିଲାପାଳ ଡ. ସିଦ୍ଧେଶ୍ୱର ବଳିରାମବନ୍ଦରଙ୍କୁ ପ୍ରଦାନ କରାଯାଇଥିଲା। ବିଡିଓ ଶାନ୍ତିପ୍ରଭା ପ୍ରଧାନ, ସହକାରୀ ଯନ୍ତ୍ରୀ ଦୁର୍ଯ୍ୟୋଧନ ଜାନୀ, ଜିପିଇଓ ପତିତପାବନ ବିଶୋୟୀ, ମଙ୍ଗଳ ସଂପ୍ରସାରଣ ଅଧିକାରୀ ଶ୍ରୀନିବାସ ଆଚାରୀ ଉପସ୍ଥିତ ଥିଲେ। ସେହିପରି ସିଡିପିଓ ଓସେମାନଙ୍କ କର୍ମଚାରୀଙ୍କ ପକ୍ଷରୁ ୧୦ ହଜାର ଟଙ୍କା ଦିଆଯାଇଛି। ଅନିତା ପାତ୍ର ୫ ହଜାର ଟଙ୍କା ପ୍ରଦାନ କରିଛନ୍ତି। ସେହିପରି ମୁନିଗୁଡ଼ା ବ୍ଲକ ଅନ୍ତର୍ଗତ ଅମ୍ବାଦୋଳାର ବ୍ୟବସାୟୀ ଶଙ୍କର ଅଗ୍ରୱାଲ କରୋନା ପାଇଁ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ୩୧ ହଜାର ଓ ପ୍ରଧାନମନ୍ତ୍ରୀଙ୍କ ରିଲିଫ ଫଣ୍ଡକୁ ଏକ ଲକ୍ଷ ଟଙ୍କା ଅମ୍ବାଦୋଳା ଥାନା ଅଧିକାରୀଙ୍କୁ ଚେକ ଆକାରରେ ପ୍ରଦାନ କରିଛନ୍ତି। ସେହିପରି କାଶୀପୁର ବ୍ଲକର ସ୍ୱେଚ୍ଛାସେବୀ ଯୁବକ ଜି. ହେମନ୍ତ କୁମାର ୧୦ ହଜାର ଟଙ୍କା, ଖୁରିଗାଁ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ପି. ଶାନ୍ତି କୁମାରୀ ୩ ହଜାର ଟଙ୍କାର ସହାୟତା ରାଶି ଚେକ୍ ଆକାରରେ ତହସିଲଦାର ଶରତ ଶବରଙ୍କୁ ପ୍ରଦାନ କରିଛନ୍ତି।

# କର୍ଣ୍ଣାଟକ କାରଖାନାରେ ଫସିଛନ୍ତି ରାୟଗଡ଼ା ଶ୍ରମିକ

ଗୁଣପୁର,୩୧।୩(ଡି.ଏନ୍.ଏ.)

କରେନା ପାଇଁ ଲକଡାଉନ ସାରା ଦେଶ। କର୍ଣ୍ଣାଟକର ଧୂପକାଠି କାରଖାନାରେ କାମ କରିବାକୁ ଯାଇ ବର୍ତ୍ତମାନ ସେଠାରେ ଫସିରହିଛନ୍ତି ରାୟଗଡ଼ା ଜିଲା ପଦ୍ମପୁର ଓ ଗୁଣପୁର ବ୍ଲକର ୩୫ ଜଣ ଶ୍ରମିକ। ସେମାନେ ଏକ ଭିଡିଓ ଶେୟାର କରି ମୁକୁଳାଇବା ପାଇଁ ମୁଖ୍ୟମନ୍ତ୍ରୀ ଓ ରାୟଗଡ଼ା ଜିଲା ପ୍ରଶାସନକୁ ନିବେଦନ କରିଥିଲେ। ଏହାର କିଛି ଘଣ୍ଟାରେ ସେମାନେ ରହୁଥିବା ଜାଗାରେ ସେଠାକାର ପ୍ରଶାସନ ପହଞ୍ଚି ସେମାନଙ୍କୁ ସାହାଯ୍ୟ କରିଥିଲା। ଚାଉଳ ୪ ପ୍ୟାକେଟ, ଆଳୁ ୫ କେଜି, ପିଆଜ ୪ କେଜି, ଅଟା ୪ କେଜି, ପନିପରିବା, ସଉଦା ପାଇଁ ଟଙ୍କା ୨ହଜାର ଟଙ୍କା ମଧ୍ୟ ପ୍ରଦାନ କରିଛି



ପହଞ୍ଚିଲା ପ୍ରଶାସନ

ଫସି ରହିଥିବା ଶ୍ରମିକ ମାନେ ।

ପ୍ରଶାସନ। ଏହାପରେ ସେମାନେ ପ୍ରଶାସନକୁ ଧନ୍ୟବାଦ ଜଣାଇଛନ୍ତି। ଶ୍ରମିକମାନେ ଶେୟାର କରିଥିବା ଭିଡିଓଟି ପ୍ରଥମେ ଗୁଣପୁର ଜିଲା ପରିଷଦ ସଭ୍ୟ ଅଶ୍ୱିନୀ ଗମାଙ୍ଗଙ୍କ ପାଖକୁ ଆସିଥିଲା। ସେ ମଧ୍ୟ ରାୟଗଡ଼ା ଜିଲା ପ୍ରଶାସନ ସହ କଥାବାର୍ତ୍ତା କରିଥିଲେ। ଉଲ୍ଲେଖଯୋଗ୍ୟ, କର୍ଣ୍ଣାଟକରେ ରାୟଗଡ଼ା ଜିଲାର ଭୀମପୁରଗୁଡ଼ା, ଟିଟିମିରି, ନୂଆଗାଁ, ମାଳତୀପୁର, ଜାତିଲି, ପଦ୍ମପୁର ଅଞ୍ଚଳର ଲୋକେ କାମ ପାଇଁ ଯାଇ ଫସିରହିଛନ୍ତି।

# କରୋନା ମୁକାବିଲାରେ ଲୋକଙ୍କ ସହ ୟୁଏଆଇଏଲ୍

ରାୟଗଡ଼ା ଅଫିସ/ ଟିକିରି, ୩୧।୩(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶିପୁରସ୍ଥିତ ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ, ଦୋରାଗୁଡ଼ା ପକ୍ଷରୁ କୋଭିଡ୍-୧୯ ବିରୋଧରେ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଚାଲିଛି। ସୋଡିୟମ ହାଇପୋକ୍ଲୋରାଇଡ୍ ସିଞ୍ଚନ କରିବା ସହ ଏବେ ପାରିପାର୍ଶ୍ୱିକ ଗ୍ରାମରେ ଫଗିଂ କରାଯାଉଛି। ଏହା ଗ୍ରାମଗୁଡ଼ିକୁ ସାନିଟାଇଜ୍ କରିବା ସହ ସଂକ୍ରମଣର ବାହକ ସାଜିବାକୁ ଥିବା ମଶା, ମାଛି ଓ ଜୀବାଣୁ/କୀଟାଣୁ ନଷ୍ଟ କରିବ। ୟୁଏଆଇଏଲର ପରିପାର୍ଶ୍ୱରେ ଥିବା ଦ୍ୱିମୁଣ୍ଡି, ନୂଆପଡ଼ା ଏବଂ ପରେ ବାଗ୍ରିଝୋଲା ଓ ଭିତର ମୁସ୍‌କାନ୍‌ରେ ଧୂଆଁ ଛଡ଼ାଯାଉଛି। ମଙ୍ଗଳବାର ଏହି କାର୍ଯ୍ୟ ହାଡ଼ିଗୁଡ଼ାରେ କରାଯିବା ପରେ ଲାଛୁଗୁଡ଼ା, ଦୋରାଗୁଡ଼ା, ଟିକିରାପଡ଼ା, କୁଚେପଦର, ଡି. କୋରାଲ, ବିଲମାଳ, ମକାପଦର, ସାନମାଟିକୋଣ, ଗୋକୁଳମୁଣ୍ଡା, ଓଦପଡ଼ା, ହରିଦାସପୁର, ଟିକିରି, କରକୁପଖାଲ, ଧୂତ୍ରାପାସ, ଲୁଧୁରୁକୁଣା, ଅଣ୍ଡିରାକାଂଚ ଓ ପାଇକକୁପଖାଲରେ କରାଯିବ। ୟୁଏଆଇଏଲ୍‌ର ୟୁନିଟ୍ ମୁଖ୍ୟ ଓ ସଭାପତି ଏନ୍. ନାଗେଶ କହିଛନ୍ତି, ସାମଗ୍ରିକ ଉଦ୍ୟମ ଜରିଆରେ ଆମେ କୋଭିଡ-୧୯ ବିଶ୍ୱ ମହାମାରୀ ବିରୋଧରେ ଲଢ଼େଇ କରିପାରିବା।



ୟୁଏଆଇଏଲ୍ ପକ୍ଷରୁ ଫଗିଂ କରାଯାଉଛି ।

## ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ମହାବିଦ୍ୟାଳୟ କର୍ମଚାରୀଙ୍କ ଆର୍ଥିକ ସହାୟତା

କାଶୀନଗର, ୩୧।୩ (ଡି.ଏନ୍.ଏ.)– ଗଜପତି ଜିଲା କାଶୀନଗର ବ୍ଲକର କାଶୀନଗରସ୍ଥିତ ଶ୍ରୀରାମ ଡିଗ୍ରୀ ମହାବିଦ୍ୟାଳୟର କର୍ମଚାରୀମାନେ କରୋନା ମହାମାରୀର ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀଙ୍କ ପାଣ୍ଠିକୁ ୨୫ ହଜାର ୫ଶହ ଟଙ୍କା ପ୍ରଦାନ କରିଛନ୍ତି। କରୋନା ଯୋଗୁ ଦେଶ ତଥା ରାଜ୍ୟର ସମସ୍ତ ଅଞ୍ଚଳରେ ତାଲାବନ୍ଦ ହୋଇଛି। ଏନେଇ ସରକାର ବହୁ କ୍ଷତି ସହୁଛନ୍ତି । କରୋନା ମୁକାବିଲା ପାଇଁ ସ୍ୱଇଛାରେ ଆର୍ଥିକ ସହାୟତା ଦେବାକୁ ସରକାର ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ଫଳରେ ବହୁ ବ୍ୟକ୍ତି ସରକାରଙ୍କ ପାଣ୍ଠିକୁ ଆର୍ଥିକ ସହାୟତା ଦେଉଛନ୍ତି। ଏଥିରେ ପ୍ରଭାବିତ ହୋଇ ମହାବିଦ୍ୟାଳୟ କର୍ମଚାରୀମାନେ ଆର୍ଥିକ ସହାୟତା ଦେଇଛନ୍ତି।

## ବ୍ୟବହାର ହେଉନାହିଁ ଆଇସୋଲେଶନ ରୁମ୍

କୋରୁକୋଣ୍ଡା ୩୧।୩ (ଡି.ଏନ.ଏ)

ସାରା ଦେଶରେ ବର୍ତ୍ତମାନ କରୋନାର ସଂକ୍ରମଣ ଦିନକୁ ଦିନ ବଢ଼ୁଥିବା ହେତୁ ସରକାର ବିଭିନ୍ନ ଗାଇଡ୍‌ଲାଇନ ଜାରି କରୁଛନ୍ତି । ତେବେ ଯେଉଁ ବ୍ୟକ୍ତି ରାଜ୍ୟ ବାହାରୁ କିମ୍ବା ଦେଶ ବାହାରୁ ଆସୁଛନ୍ତି ତାକୁ କ୍ୱାରାଣ୍ଟାଇନରେ ରଖିବା ନିମନ୍ତେ ନିର୍ଦ୍ଦେଶ ରହିଛି। ତେବେ ଏପରି ନିୟମ ରହିଥିଲେ ମଧ୍ୟ ଏହାକୁ ନିଜେ ପ୍ରଶାସନ ଗ୍ରହଣ କରୁ ନ ଥିବା ଦେଖିବାକୁ ମିଳୁଛି ।

ମାଲକାନଗିରି ଜିଲା ବାଲିମେଳା ନଗରରେ କରୋନାର ମୁକାବିଲା ନିମନ୍ତେ ୩ଟି ଆଇସଲେଶନ ରୁମ୍‌ର ବନ୍ଦୋବସ୍ତ କରାଯାଇଛି। ମାତ୍ର ତାହା କେବଳ ନାମକୁ ମାତ୍ର ହୋଇଛି। ଗତ କିଛିଦିନ ତଳେ ଓଏଚ୍‌ପିସିର ଜଣେ ଡିଜିଏମ୍‌ଙ୍କ ପୁଅ ନୂଆଦିଲ୍ଲୀରୁ ଆସି ଘରେ ଲୁଚି ରହିଥିଲେ। ଏନେଇ ପ୍ରଶାସନ ନିକଟକୁ ପରେ ଖବର ଆସିଥିଲା। ତେବେ ତାଙ୍କୁ ନେଇ ପ୍ରଶାସନ ପରୀକ୍ଷା କରାଇ ଘରେ ଛାଡି ଆସିଥିଲା।

ସେହିପରି ଓଏଚ୍‌ପିସିର ଜଣେ ଡେପୁଟି

**ବଡ଼ବଡ଼ିଆଙ୍କୁ ସେଠାରେ ରଖିପାରୁନି ପ୍ରଶାସନ**

ମ୍ୟାନେଜର କିଛି କାମରେ ମଧ୍ୟପ୍ରଦେଶର ଭୋପାଳକୁ ଯାଇଥିଲେ। ସେ ଫେରିବା ପରେ କାହାକୁ କିଛି ନ ଜଣାଇ ନ କହି ଘରେ ରହିଥିଲେ। ପ୍ରଶାସନ ଖବର ପାଇ ତାଙ୍କ ନିକଟରେ ପହଞ୍ଚିଥିଲା। ତାଙ୍କୁ ମଧ୍ୟ ପରୀକ୍ଷା କରାଇ ଘରକୁ ଛାଡି ଦେଇଥିଲା। ସେହିପରି ଓସିସିର ଜଣେ ଯନ୍ତ୍ରୀ ମଧ୍ୟ ବାହାର ରାଜ୍ୟରୁ ଗତ କିଛିଦିନ ତଳେ ଆସିଥିଲେ। ତାଙ୍କୁ ମଧ୍ୟ ପରୀକ୍ଷା କରାଇ ଘରେ ଛଡାଯାଇଥିଲା। ଏହିପରି ଆହୁରି ଅନେକ ବ୍ୟକ୍ତି ବାହାରୁ ଆସିଛନ୍ତି, କିନ୍ତୁ ତାଙ୍କର ପରୀକ୍ଷା କରାଯାଇ ସେମାନଙ୍କୁ ଘରକୁ ଛଡାଯାଉଛି। ଏପରି ସ୍ଥଳେ ଆଇସୋଲେଶନ ରୁମ୍‌ର କ'ଣ ଆବଶ୍ୟକତା ରହିଛି। ଅଯଥାରେ ଲୋକ ଦେଖାଣିଆ ପାଇଁ ଏପରି ବ୍ୟବସ୍ଥା କରାଯାଇଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟିଦେବାକୁ ଦାବି ହେଉଛି।

## ଗହଳି ଯୋଗୁ ହାଟ ବନ୍ଦକଲା ପ୍ରଶାସନ

ଗୋବିନ୍ଦପାଲି,୩୧।୩(ଡି.ଏନ୍.ଏ.)

ମାଲକାନଗିରି ଜିଲାର ପ୍ରବେଶ ପଥ ଗୋବିନ୍ଦପାଲି ଗ୍ରାମ । ଏହା ଏକ ଆଦିବାସୀ ବହୁଳ ଅଞ୍ଚଳ ରୂପେ ପରିଚିତ। କରୋନା ଭାଇରସ୍‌ରୁ ରକ୍ଷା ପାଇବା ପାଇଁ ରାଜ୍ୟରେ ଲକ୍‌ଡାଉନ ଘୋଷଣା କରାଯାଇଛି। ଏଥିଯୋଗୁ ଲୋକଙ୍କୁ ଏକାଠି ହେବାକୁ ବାରଣ କରାଯାଇଛି। ମାତ୍ର ଲୋକେ ନିୟମ ମାନୁ ନ ଥିବାରୁ ମଙ୍ଗଳବାର ଗୋବିନ୍ଦପାଲିରେ ବସିଥିବା ହାଟକୁ ପ୍ରଶାସନ ବାଧ ହୋଇ ବନ୍ଦ କରିଦେଇଛି। ଗୋଟିଏ ସ୍ଥାନରେ ବହୁ ସଂଖ୍ୟକ ଲୋକ ଗହଳି ନ କରିବାକୁ ଲୋକଙ୍କୁ ଅନେକ ବୁଝାଇବା ପରେ ସେମାନେ ନ ଶୁଣିବା ଫଳରେ ଖଇରପୁଟ ତହସିଲଦାର ରାମ ନାୟକ ପହଞ୍ଚି ହାଟ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

## ସ୍ୱାର୍ଡା ପକ୍ଷରୁ ମାସ୍କ ବଣ୍ଟନ

କୁଡୁମୁଲୁଗୁମ୍ମା, ୩୧।୩(ଡି.ଏନ.ଏ.)

ମାଲକାନଗିରି ଜିଲା କୁଡୁମୁଲୁଗୁମ୍ମାର ଏକ ସାମାଜିକ ଅନୁଷ୍ଠାନ ସ୍ୱାର୍ଡା ପକ୍ଷରୁ ମଙ୍ଗଳବାର ଲୋକଙ୍କୁ ମାଗଣାରେ ମାସ୍କ ବଣ୍ଟନ କରାଯାଇଛି। ଆବଶ୍ୟକ ସାମଗ୍ରୀ କିଣିବାକୁ ଆସୁଥିବା ଲୋକଙ୍କୁ ମାସ୍କ ପିନ୍ଧିବାକୁ ସଚେତନ କରି ଏହା ବଣ୍ଟନ କରାଯାଇଥିଲା। ସଂସ୍ଥାର ସମ୍ପାଦକ ସୂର୍ଯ୍ୟକାନ୍ତି ମହାନ୍ତି, ଡ. ଶିବ ନାରାୟଣ ପାତ୍ର, ସୁବ୍ରତ କୁମାର ନାୟକ, କଳ୍ପନା ସ୍ୱାଇଁ, ପ୍ରତିମା ସ୍ୱାଇଁ, ଜ୍ୟୋତି ରଞ୍ଜନ ବେହେରା, ବିଦ୍ୟାଧର ସାହାଣୀଙ୍କ ସମେତ ଅନ୍ୟମାନେ ସାମିଲ ଥିଲେ।

## କରୋନା ସମୀକ୍ଷା କଲା ପ୍ରଶାସନ

ଖଇରପୁଟ,୩୧।୩(ଡି.ଏନ.ଏ.)

ଖଇରପୁଟରେ ମଙ୍ଗଳବାର ଜିଲା ପ୍ରଶାସନ ପକ୍ଷରୁ ଖଇରପୁଟରେ କରୋନା ନେଇ ନିଆଯାଇଥିବା ସଚେତନତା ମୂଳକ ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରାଯାଇଛି। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ବାଳ ମୁକୁନ୍ଦ ଭୂୟାଁ, ବିଡିଓ ହୃଦା ସାହୁଙ୍କ ସମେତ ଭ୍ରାମ୍ୟମାଣ ଚିକିତ୍ସାକାରୀ ଦଳ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଆଇସୋଲୋସନ ୱାର୍ଡ ଖୋଲିବା ସହ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଥିଲେ। ମୁଦୁଲିପଡା ଥାନା ଅଧିକାରୀ ମାଧବ ବେହେରା,ଡାକ୍ତର ଦେବବ୍ରତ ବାରିକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଗାଡ଼ି ନେଇ ବଜାର ଯିବା ମନା

- ମାଥିଲିରେ ତହସିଲଦାରଙ୍କୁ ଆକ୍ରମଣ
- ନିୟମ ଭାଙ୍ଗି ୨୨ଦୁଇଚକିଆ ଗାଡ଼ି ଅଟକ
- ଜିଲା ଭିତରକୁ ପଶିପାରୁନାହାନ୍ତି ବାହାର ଲୋକ

ମାଲକାନଗିରି,୩୧।୩(ଡି.ଏନ୍.ଏ.)

ମାଲକାନଗିରି ଜିଲାରେ କରୋନା ଭାଇରସ୍‌ଜନିତ ରୋଗ ସଂକ୍ରମଣ ଆଶଙ୍କାକୁ ଦୂରକରିବା ପାଇଁ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ପକ୍ଷରୁ କଡା ପଦକ୍ଷେପ ନିଆଯାଇଛି। ମଙ୍ଗଳବାରଠାରୁ ବଜାରରେ ଜନଗହଳିକୁ ରୋକିବା ଏବଂ ଅଯଥାରେ ଗାଡିରେ ଆସି ଭିଡ଼ ଜମାଉଥିବା ଚାଳକଙ୍କ ଉପରେ ରୋକ ଲାଗିଛି ପ୍ରଶାସନ। ଏନେଇ ଡାକବାଜି ଯନ୍ତ୍ର ଦ୍ୱାରା ସଦର ମହକୁମା ସହ ସମସ୍ତ ବ୍ଲକ ଅଞ୍ଚଳରେ ସୋମବାର ପ୍ରଚାର କରି ଲୋକଙ୍କୁ ଅବଗତ କରାଯାଇଥିଲା। ଫଳରେ ମଙ୍ଗଳବାର ଲୋକମାନେ ଚାଲିଚାଲି ଆସି ଦୋକାନରୁ ସେମାନଙ୍କ ଅତ୍ୟାବଶ୍ୟକ ସାମଗ୍ରୀ କ୍ରୟ କରିଥିଲେ। ସକାଳୁ ବିଭିନ୍ନ ଛକରେ ପୋଲିସ ରହି ତଦାରଖ କରି ନିୟମ ଖିଲାପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ୨୨ଟି ଦୁଇଚକିଆକୁ ଅଟକ ରଖିଛି। ଉପଜିଲାପାଳ ରାମେଶ୍ୱର



ପୋଲିସ ଲୋକଙ୍କୁ ସଚେତନ କରୁଛି ।

ପ୍ରଧାନ, ତହସିଲଦାର ଡ. ଗୁଣନିଧି ନାୟକ, ଆଇଆଇସି ରାମପ୍ରସାଦ ନାଗ, ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ କରୋନା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ସହ ଅପରାହ୍ନ ୧ଟା ପରେ କୌଣସି ବ୍ୟକ୍ତି ଘରୁ ନ ବାହାରିବା ପାଇଁ ପରାମର୍ଶ ଦେଇଥିଲେ। ଏହି କଟକଣା ଯୋଗୁ ଜିଲା ସଦର ମହକୁମା ସହ ବିଭିନ୍ନ ବ୍ଲକ ଓ ପଞ୍ଚାୟତ ସଦର ମହକୁମାର ଦୋକାନଗୁଡିକରେ ଭିଡ ହୋଇ ନ ଥିଲା। ଅନ୍ୟପକ୍ଷରେ ମାଥିଲି ବ୍ଲକ ଅଞ୍ଚଳର କେତେକ ଆଭ୍ୟନ୍ତରୀଣ ଅଞ୍ଚଳରେ ଲୋକମାନେ ଆଇନ ଖିଲାପ କରି ଗୋଟିଏ ଜାଗାରେ ଏକତ୍ରିତ ହେଉଥିବା ଖବର ପାଇ ତହସିଲଦାର ପହଞ୍ଚି ଲୋକଙ୍କୁ ବାରଣ କରିଥିଲେ। ଏଥିଯୋଗୁ କେତେଜଣ ବ୍ୟକ୍ତି ତହସିଲଦାରଙ୍କୁ ଆକ୍ରମଣ କରିଥିବା ଖବର ମିଳିଛି। ଏଥିରେ ସେ ସାମାନ୍ୟ ଆହତ ହୋଇଛନ୍ତି। ଏନେଇ ମାଥିଲି ଥାନାରେ ଏକ ମାମଲା ରୁଜୁ ହୋଇଛି। ଏବେ ବାହାର ରାଜ୍ୟରୁ ଆସୁଥିବା କୌଣସି ବ୍ୟକ୍ତିଙ୍କୁ ଜିଲା ଭିତରକୁ ପ୍ରବେଶ ଅନୁମତି ମିଳୁନାହିଁ। ସେହିପରି ଜିଲାରୁ ବାହାର ରାଜ୍ୟକୁ ଯିବାପାଇଁ ମଧ୍ୟ ଅନୁମତି ପ୍ରଦାନ କରାଯାଉନାହିଁ ।

# ପ୍ରଭାବିତ ହେବେ ଘରୋଇ କ୍ରିକେଟର

ନୂଆଦିଲ୍ଲୀ, ୩୧।୩ (ପି.ଟି.)

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ନ ହେଲେ ଖେଳାଳିମାନଙ୍କୁ କିପରି ବେତନ ଦିଆଯିବ ସେ ନେଇ ଫ୍ରାଞ୍ଚାଇଜ୍‌ଗୁଡ଼ିକ ଚିନ୍ତିତ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବିକଳ୍ପ ରାସ୍ତା ବାହାର ନ କରିଲେ। କୋଭିଡ୍-୧୯ ପାଇଁ ସ୍ଥଗିତ ରହିଥିବା ଏହି ଟୁର୍ନାମେଣ୍ଟର ଚଳିତ ବର୍ଷ ସଂସ୍କରଣ ହେବା ସମ୍ଭବ ମନେ ହେଉନି। ଆଇପିଏଲ ପାଉଣା ନେଇ ପ୍ରଚଳିତ ହୋଇ ଆସୁଥିବା ନିୟମାନୁସାରେ ଜଣେ ଖେଳାଳି ତାଙ୍କ ମୋଟ ବେତନର ୧୫% ଟୁର୍ନାମେଣ୍ଟ ଆରମ୍ଭ ହେବାର ଏକ ସପ୍ତାହ ପୂର୍ବରୁ ପାଇଥାଏ। ଟୁର୍ନାମେଣ୍ଟ ଚାଲିଥିବା ସମୟରେ ୬୫% ପ୍ରାପ୍ୟ ପାଇଥାଏ। ଅବଶିଷ୍ଟ ୨୦ ପ୍ରତିଶତ ଇଭେଣ୍ଟ ଶେଷ ହେବାପରେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଖେଳାଳିଙ୍କୁ ମିଳିଥାଏ। ଏକ ଆଇପିଏଲ୍ ଫ୍ରାଞ୍ଚାଇଜ୍‌ର ଜଣେ ବରିଷ୍ଠ କର୍ମକର୍ତ୍ତା ଏହା ପ୍ରକାଶ କରିଛନ୍ତି। ଗୋଟିଏ ସିଜନରେ ଯଦି ଆଇପିଏଲ୍ ବନ୍ଦ ରୁହେ ତେବେ ବିସିସିଆଇ ହଜାର ହଜାର କୋଟି ଟଙ୍କା କ୍ଷତିରେ ପଡ଼ିପାରେ। ଏହା ହେଲେ ଘରୋଇ ଖେଳାଳିଙ୍କ ବେତନ କାଟ୍ ହୋଇପାରେ ବୋଲି କହିଛନ୍ତି ଇଣ୍ଡିଆନ ପ୍ଲେୟର୍ସ ଆସୋସିଏଶନ (ଆଇପିଏ) ସଭାପତି ଅଶୋକ ମାଲହୋତ୍ରା। ବିସିସିଆଇକୁ ବର୍ତ୍ତମାନ ବିକଳ୍ପ ରାସ୍ତା ଖୋଜି ବାହାର କରିବାକୁ ପଡ଼ିବ। ଆଇପିଏଲ୍‌କୁ କାଟଛାଣ୍ଟ କରି ମେ ମାସରେ କରାଯିବା ସମ୍ଭାବନା ଆଶା କ୍ଷୀଣ। ଆଗରୁ କିଛି ପୂର୍ବାନୁମାନ କରି ହେଉ ନାହିଁ। କୋଭିଡ୍-୧୯ ସଂକ୍ରମଣକୁ ରୋକିବା ଲାଗି ଏପ୍ରିଲ ୧୪ ପର୍ଯ୍ୟନ୍ତ ସମଗ୍ର ଦେଶରେ ୨୧ ଦିନ ଧରି ଲକ୍‌ଡାଉନ୍ କାର୍ଯ୍ୟକାରୀ କରାଯାଉଛି। କରୋନା ଭାଇରସ୍ ମହାମାରୀରେ ସମଗ୍ର ବିଶ୍ୱରେ ଇତିମଧ୍ୟରେ ୩୭,୦୦୦ ଲୋକ ପ୍ରାଣ ହରାଇସାରିଲେଣି। ଆର୍ଥିକ ମାନ୍ଦା ଅବସ୍ଥା ଯୋଗୁ ଅଷ୍ଟ୍ରେଲିଆ ଓ ଇଂଲଣ୍ଡରେ ଖେଳାଳିମାନଙ୍କ ବେତନ କାଟ୍ ସମ୍ପର୍କରେ ବିଚାର କରାଯାଉଛି। ଅନ୍ୟ ଜଣେ ଫ୍ରାଞ୍ଚାଇଜ୍ ଅଫିସିଆଲ କୌଣସି ମହାମାରୀ ପାଇଁ ଖେଳାଳିମାନଙ୍କ ବେତନ ବୀମା କରାଯାଇ ନାହିଁ। ତେଣୁ ବର୍ତ୍ତମାନ ପରିସ୍ଥିତିରେ ବୀମା କମ୍ପାନୀଠାରୁ ଅର୍ଥ ଆଣି ଖେଳାଳିଙ୍କ ବେତନ ଭରଣା କରିହେବ ନାହିଁ। ପ୍ରତ୍ୟେକ ଫ୍ରାଞ୍ଚାଇଜ୍ ଖେଳାଳିଙ୍କ ଦରମା ବାବଦରେ ୭୫ରୁ ୮୫ କୋଟି ଟଙ୍କା ବ୍ୟୟ କରିବାକୁ ହେବ। ପରିସ୍ଥିତିରେ କେବେ ସୁଧାର ଆସିବ ତାହା ଉପରେ କୌଣସି ଗ୍ୟାରେଣ୍ଟି ନାହିଁ। ଖେଳ ସ୍ଥଗିତ ଯୋଗୁ ବିସିସିଆଇ ପାଖାପାଖି ୩୦୦୦ କୋଟି ଟଙ୍କା ହରାଇବ। ତେଣୁ ଏହାଠାରୁ କିଛି ସମାଧାନର ପନ୍ଥା ଆଶା କରାଯାଉଛି। ଆଇପିଏଲ୍ ସ୍ଥଗିତ ଦ୍ୱାରା ଧୋନୀ ଓ କୋହଲିଙ୍କ ଭଳି ଖେଳାଳି କ୍ଷତିଗ୍ରସ୍ତ ହେବା ନାହିଁ। କିନ୍ତୁ ଆଇପିଏଲ୍‌ରେ ପ୍ରଥମ ଥର ପଦାର୍ପଣ କରିବାକୁ ଖେଳାଳି ବିଶେଷ ଭାବେ ପ୍ରଭାବିତ ହେବେ। କଠିନ ପରିଶ୍ରମ ଓ ପ୍ରଭାବୀ ପ୍ରଦର୍ଶନ ଯୋଗୁ ସେମାନଙ୍କୁ ଏହି ବ୍ୟୟବହୁଳ ଟି୨୦ରେ ଖେଳିବା ସୁଯୋଗ ଆସିଛି। ସେମାନେ ୨୦, ୪୦ କିମ୍ବା ୬୦ ଲକ୍ଷ ଟଙ୍କା ଆୟ କରିଥାନ୍ତେ ବୋଲି ଆଶା କରିଥିଲେ। ବିସିସିଆଇ କୋଷାଧ୍ୟକ୍ଷ ଅରୁଣ ଧୂମଲ କିନ୍ତୁ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଖେଳାଳିମାନଙ୍କ ଦରମା କାଟ୍ ବିଷୟରେ କିଛି ଆଲୋଚନା କରି ନାହାନ୍ତି।

## ସଂକ୍ଷେପରେ

### ଡେଭିଡ୍ ହଜ୍‌କିସ୍‌ଙ୍କ ମୃତ୍ୟୁ

**ଲଣ୍ଡନ,୩୧।୩ (ପି.ଟି.):** ବିଶ୍ୱରେ କୋଭିଡ୍-୧୯ ତା'ର ଆତଙ୍କ ଜାରି ରଖିଛି। ଲଙ୍କାସାୟାର କାଉଣ୍ଟି କ୍ରିକେଟ କ୍ଲବ ଚେୟାରମ୍ୟାନ ଡେଭିଡ୍ ହଜ୍‌କିସ୍ ଏହି ଭାଇରସ୍ ଦ୍ୱାରା ସଂକ୍ରମିତ ହୋଇ ମୃତ୍ୟୁ ବରଣ କରିଛନ୍ତି। ତାଙ୍କୁ ୭୧ବର୍ଷ ବୟସ ହୋଇଥିଲା। କିନ୍ତୁ କ୍ଲବ ତରଫରୁ ହଜକିସ୍‌ଙ୍କ ମୃତ୍ୟୁର କାରଣ ସମ୍ପର୍କରେ ଆନୁଷ୍ଠାନିକ ଭାବେ କିଛି କୁହାଯାଇନାହିଁ। ତେବେ କରୋନା ଭାଇରସ୍ ସଂକ୍ରମଣ କାରଣରୁ ତାଙ୍କର ଦେହାନ୍ତ ହୋଇଛି ବୋଲି କ୍ଲବର ମୁଖପାତ୍ର 'ପ୍ରେସ୍ ଆସୋସିଏଶନ'କୁ କହିଛନ୍ତି। ଅବଶ୍ୟ ସେ ପୂର୍ବରୁ ସ୍ୱାସ୍ଥ୍ୟଗତ ସମସ୍ୟା ଦେଇ ଗତି କରୁଥିଲେ। ପୂର୍ବରୁ ହଜ୍‌କିସ୍ ଏମିରେଟ ଓଲ୍ଡ ଟ୍ରାଫର୍ଡର ବୋର୍ଡରେ ଗତ ୨୨ ବର୍ଷ ଧରି ସଦସ୍ୟ ଭାବେ କାର୍ଯ୍ୟ କରିଆସୁଥିଲେ। ୨୦୧୭ରେ ମାଇକେଲ କେର୍ନ୍ସ ଉତ୍ତରାଧିକାରୀ ରୂପେ ସେ ଲଙ୍କାସାୟାର କ୍ଲବର ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଥିଲେ। ଦୀର୍ଘ ବର୍ଷ ଧରି ଲଙ୍କାସାୟାର ପାଇଁ ସେ ଗୁରୁତ୍ୱପୂର୍ଣ୍ଣ ବିଭାଗରେ କାର୍ଯ୍ୟ କରିଥିଲେ। ସେ କୋଷାଧ୍ୟକ୍ଷ, ଉପ-ସଭାପତି ଓ ଅଧ୍ୟକ୍ଷ ଭାବେ ସଫଳତାର ସହ କ୍ଲବ ପାଇଁ କାର୍ଯ୍ୟ କରିଥିଲେ। ସେ ଜଣେ ଭଦ୍ର ବ୍ୟକ୍ତି ଥିଲେ ଓ କ୍ଲବରେ ତାଙ୍କୁ ସମସ୍ତେ ଭଲ ପାଉଥିଲେ। ତାଙ୍କ ଦେହାନ୍ତରେ କ୍ଲବ ତରଫରୁ ଶୋକ ପ୍ରକାଶ କରାଯାଇଛି। ଇଂଲଣ୍ଡ ଓ ୱେଲ୍ସ କ୍ରିକେଟ ବୋର୍ଡ ଅଧ୍ୟକ୍ଷ କଲିନ୍ ଗ୍ରେଭ୍ସ ମଧ୍ୟ ତାଙ୍କ ଦେହାନ୍ତରେ ଶୋକ ପ୍ରକାଶ କରିଛନ୍ତି।

### ନ୍ୟୁଜିଲାଣ୍ଡରୁ ଖେଳିବା ଅପେକ୍ଷାରେ କନୱେ

**ଦୁବାଇ, ୩୧।୩ (ପି.ଟି.):** ନ୍ୟୁଜିଲାଣ୍ଡ ତରଫରୁ ଖେଳିବା ଲାଗି ଆଗ୍ରହ ରଖିଛନ୍ତି ଦକ୍ଷିଣ ଆଫ୍ରିକା ବ୍ୟାଟ୍ସମ୍ୟାନ ଡେଭନ କନୱେ। ଏଥିପାଇଁ ସେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ଅନୁମତି ହାସଲ କରିସାରିଛନ୍ତି। ସମ୍ଭବତଃ ସେ ଭାରତ ଏ' କିମ୍ବା ବାଂଲାଦେଶ ବିପକ୍ଷରେ ନ୍ୟୁଜିଲାଣ୍ଡ ତରଫରୁ ପଦାର୍ପଣ କରିପାରନ୍ତି। ଏହି ୨୮ ବର୍ଷୀୟ କ୍ରିକେଟର ୨୦୧୭ ସେପ୍ଟେମ୍ବରରେ ଜୋହାନ୍ସବର୍ଗ ଛାଡ଼ି ନ୍ୟୁଜିଲାଣ୍ଡରେ ତାଙ୍କ କ୍ୟାରିୟର ଆରମ୍ଭ କରିବାଲାଗି ସେଦେଶକୁ ଚାଲିଯାଇଥିଲେ। ଆଇସିସି ବିଶେଷ ପରିସ୍ଥିତିରେ ଏହି ଖେଳାଳିଙ୍କୁ ଅନୁମତି ଦେଇଛି। ହେଲେ କନୱେଙ୍କୁ ଅଗଷ୍ଟ ୨୮ ପୂର୍ବରୁ ତାଙ୍କ ଯୋଗ୍ୟତା ସାବ୍ୟସ୍ତ କରିବାକୁ ହେବ। ଅଗଷ୍ଟ ୧୫ରୁ ଆରମ୍ଭ ହେଉଥିବା ନ୍ୟୁଜିଲାଣ୍ଡ ଏ'ର ଭାରତ ଟୁର୍ ଅବା ଅଗଷ୍ଟ ୧୨ରୁ ହେବାକୁଥିବା ନ୍ୟୁଜିଲାଣ୍ଡ ଦଳର ବାଂଲାଦେଶ ଟୁର୍ ପାଇଁ ସେ ଦଳରେ ସ୍ଥାନ ପାଇବା ଜରୁରୀ।

## ଟିମ୍ ପେନ୍‌ଙ୍କ ପର୍ସ ଚୋରି

ମେଲବୋର୍ନ,୩୧।୩(ପି.ଟି.)

ଅଷ୍ଟ୍ରେଲୀୟ ଟେଷ୍ଟ ଅଧିନାୟକ ଟିମ୍ ପେନ୍‌ଙ୍କ ମନିପର୍ସ ଚୋରି ହୋଇଛି। ଖବର ଅନୁସାରେ ହୋବାର୍ଟସ୍ଥିତ ନିଜ ବାସଭବନ ଆଗରେ ସେ ତାଙ୍କ କାର୍‌ଟିକୁ ପାର୍କ କରିଥିଲେ। କାର୍ ଛାଡି ସେ ବାହାରକୁ ଯାଇଥିଲେ। ଫେରିଲା ବେଳକୁ ତାଙ୍କ କାର ଡୋର୍ ଖୋଲା ଥିଲା। ପର୍ସଟି ନ ଥିଲା। ଚୋରିଯାଇଥିବା ପର୍ସଟିରେ ଅବଶ୍ୟ କିଛି ଜିନିଷ ନ ଥିଲା ବୋଲି ପେନ୍ କହିଛନ୍ତି। ଉଲ୍ଲେଖଥାଉ କି, ବଲ୍ ଟ୍ୟାମ୍ପିରଂ ମାମଲାରେ ଷ୍ଟିଭ୍ ସ୍ମିଥ ନେତୃତ୍ୱ ନେବାରୁ ବାସନ୍ଦ ହୋଇଥିଲେ। ତେବେ ଏହି ବାସନ୍ଦ ଅବଧି କିଛି ଦିନ ପରେ ଶେଷ ହେବ। ଫଳରେ ପେନ୍‌ଙ୍କୁ ଟେଷ୍ଟ ଅଧିନାୟକ ପଦରୁ ଇସ୍ତଫା ଦେବାକୁ ହେବ। ତେବେ ସ୍ମିଥ୍‌ଙ୍କୁ ସେ ସମର୍ଥନ କରିଛନ୍ତି। ମୋତେ ଯେଉଁ ଦାୟିତ୍ୱ ଦିଆଯାଇଥିଲା ତାହାକୁ ଭଲ ଭାବେ ସମ୍ପାଦନ କରିବାକୁ ଚେଷ୍ଟା କରିଛି ବୋଲି ପେନ୍ କହିଛନ୍ତି।

# ଏଆଇଏଫ୍‌ଏଫ୍ ଆଶାବାଦୀ

ନୂଆଦିଲ୍ଲୀ,୩୧।୩(ପି.ଟି.)

କୋଭିଡ-୧୯ର ଆତଙ୍କ ସତ୍ତ୍ୱେ ଆସନ୍ତା ନଭେମ୍ବରରରେ ୧୭ ବର୍ଷରୁ କମ୍ ଫିଫା ବିଶ୍ୱକପ୍ ଆୟୋଜନ କରିବାକୁ ଅଲ୍ ଇଣ୍ଡିଆ ଫୁଟବଲ ଆସୋସିଏଶନ (ଏଆଇଏଫ୍‌ଏଫ୍) ବେଶ୍ ଆଶାବାଦୀ ଅଛି। ସାରା ଦେଶ ତଥା ବିଶ୍ୱକପ୍‌ରେ ସବୁ ବଡ଼ବଡ଼ କ୍ରୀଡ଼ା ଇଭେଣ୍ଟ ବାତିଲ କିମ୍ବା ସ୍ଥଗିତ ରହୁଥିବା ବେଳେ ଏଆଇଏଫ୍‌ଏଫ୍ କିନ୍ତୁ ବିଶ୍ୱକପ୍ ଆୟୋଜନ ନେଇ ସକାରାତ୍ମକ ମନୋଭାବ ପୋଷଣ କରିଛି। ବିଶ୍ୱକପ୍ ଆୟୋଜନ ହେବାକୁ ଆହୁରି ୭ ମାସ ବାକି ରହିଥିବା ବେଳେ ସେତେବେଳକୁ ପରିସ୍ଥିତିରେ ଯଥେଷ୍ଟ ଉନ୍ନତି ଘଟିଥିବ ବୋଲି ଆଶା କରାଯାଉଛି। ତେବେ ସବୁକିଛି ବିଶ୍ୱ ଫୁଟବଲର ସର୍ବୋଚ୍ଚ ପ୍ରଶାସନିକ ସଂସ୍ଥା ଫିଫା ଉପରେ ସବୁ କିଛି ନିର୍ଭର କରୁଛି ବୋଲି ଏଆଇଏଫ୍‌ଏଫ୍ ସମ୍ପାଦକ କୁଶଲ ଦାସ କହିଛନ୍ତି। ପରିସ୍ଥିତି ଉପରେ ଫିଫା କଡ଼ା ନଜର ରଖିଛି। ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଆହୁରି ବହୁତ ସମୟ ବାକି ଅଛି। ଏବେ ଆମେ ଅପେକ୍ଷା କରିବା ସହ ସ୍ଥିତି ଉପରେ ନଜର ରଖିବା କାର୍ଯ୍ୟ କରିବୁ ବୋଲି ସେ କହିଛନ୍ତି। ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍ ଭାରତରେ ନଭେମ୍ବର ୨ରୁ ଆରମ୍ଭ ହୋଇ ୨୧ ତାରିଖରେ ଶେଷ ହେବା କାର୍ଯ୍ୟକ୍ରମ ରହିଛି। ବିଶ୍ୱକପ୍‌ର ମ୍ୟାଚ୍‌ଗୁଡିକ ନବୀ ମୁମ୍ବାଇ, କୋଲକାତା, ଅହମ୍ମଦାବାଦ, ଭୁବନେଶ୍ୱର ଓ ଗୁଆହାଟୀରେ ଆୟୋଜନ ହେବ। ଅବଶ୍ୟ ଟୁର୍ନାମେଣ୍ଟ ପାଇଁ ୟୁରୋପୀୟ ଓ ଆଫ୍ରିକୀୟ କ୍ୱାଲିଫାୟର ଏପର୍ଯ୍ୟନ୍ତ ଆରମ୍ଭ ହୋଇନାହିଁ। କିପରି କ୍ୱାଲିଫାଇଙ୍ଗ୍ ଟୁର୍ନାମେଣ୍ଟଗୁଡିକ ଆରମ୍ଭ ହେବ ଫିଫା ଏ ନେଇ ସବୁ କନଫେଡେରେଶନର ପ୍ରତିନିଧିଙ୍କ ସହ ଯୋଗାଯୋଗ ରକ୍ଷାକରିବା ସହ କାର୍ଯ୍ୟ କରିବା ଜାରି ରଖିଛି।

ଉଲ୍ଲେଖଥାଉ କି, କୋଭିଡ୍-୧୯ ସଂକ୍ରମଣ ପାଇଁ ବିଶ୍ୱର ସର୍ବଶ୍ରେଷ୍ଠ କ୍ରୀଡ଼ା ମହାକୁମ୍ଭ ଅଲିମ୍ପିକ୍ସ ଓ ୟୁରୋ ୨୦୨୦ ଫୁଟବଲ ଟୁର୍ନାମେଣ୍ଟକୁ ଘୁଞ୍ଚାଇ ଦିଆଯାଇଛି। ଗତ ସପ୍ତାହରେ ଭାରତରେ କିପରି ଏହି ଭାଇରସ୍ ସଂକ୍ରମଣ ହେଉଛି ଓ ଏହାର ପ୍ରଭାବ ଉପରେ ଫିଫା ନଜର ରଖିଛି ବୋଲି କହିଥିଲା। ଭାରତରେ ଏହି ଭାଇରସ୍‌କୁ କିପରି ନିୟନ୍ତ୍ରଣ କରାଯାଉଛି ସେ ନେଇ ମଧ୍ୟ ଫିଫା ଅନୁଧ୍ୟାନ କରୁଛି। ଯଦି ସେଭଳି ପରିସ୍ଥିତି ଉପୁଜେ ତେବେ ଫିଫା ସମସ୍ୟାର ସମାଧାନ ପାଇଁ ବିଭିନ୍ନ ବିକଳ୍ପ ଉପରେ ବିଚାର କରିବ। ବିଶ୍ୱକପ୍‌ରେ ମୋଟ ୧୬ଟି ଦେଶ ଅଂଶଗ୍ରହଣ କରିବେ। ଏଥିରେ ଏପର୍ଯ୍ୟନ୍ତ କେବଳ ୩ଟି ଦେଶ ସ୍ଥାନ ପକ୍କା କରିପାରିଛନ୍ତି। ଆୟୋଜକ ଦେଶ ହିସାବରେ ଭାରତ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ହାସଲ କରିଛି। ସେହିପରି ଏସିଆନ କ୍ୱାଲିଫାୟର୍ସ ଚାମ୍ପିୟନ ହିସାବରେ ଉତ୍ତର କୋରିଆ ଓ ରନର୍ସଅପ୍ ଭାବେ ଜାପାନ ଯୋଗ୍ୟତା ଅର୍ଜନ କରିଛନ୍ତି।

ଫିଫା ୧୭ ବର୍ଷରୁ କମ୍ ମହିଳା ବିଶ୍ୱକପ୍



## ଡେନର୍ବିଙ୍କ ପାଇଁ ବିମାନ ବ୍ୟବସ୍ଥା କଲେ ସ୍ୱିଡେନ ସରକାର

**ନୂଆଦିଲ୍ଲୀ, ୩୧।୩(ପି.ଟି.):** କରୋନା ଭାଇରସ ସଂକ୍ରମଣ ଜନିତ କାରଣ ଯୋଗୁ ଏବେ ଭାରତରେ ୨୧ ଦିନିଆ ଲକ୍‌ଡାଉନ୍ ଲାଗୁ ହୋଇଛି। ଫଳରେ ଅନ୍ୟ କ୍ରୀଡ଼ା ଭଳି ୧୭ ବର୍ଷରୁ କମ୍ ଭାରତୀୟ ମହିଳା ଫୁଟବଲ ଦଳର ଟ୍ରେନିଂ ମଧ୍ୟ ବନ୍ଦ ରହିଛି। ତେଣୁ ଭାରତୀୟ ଦଳର ସ୍ୱିଡିଶ୍ କୋଚ୍ ଥୋମାସ ଡେନର୍ବି ବୁଧବାର ସ୍ୱଦେଶ ଫେରିବା ପାଇଁ ବ୍ୟବସ୍ଥା ହୋଇଛି। ଭାରତରେ ଥିବା ସେମାନଙ୍କ ନାଗରିକଙ୍କୁ ଫେରାଇ ନେବାପାଇଁ ସ୍ୱିଡେନ ସରକାରଙ୍କ ପକ୍ଷରୁ ବିମାନ ବ୍ୟବସ୍ଥା କରାଯାଇଛି। ସେଥିରେ ଡେନର୍ବି ଏବଂ ତାଙ୍କ ସାଥି ଫିଟ୍‌ନେସ୍ କୋଚ୍ ପେର କାର୍ଲସନ ସ୍ୱଦେଶ ଫେରିବେ। ନଭେମ୍ବରରେ ହେବାକୁଥିବା ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ପାଇଁ ଡେନର୍ବି ଭାରତୀୟ ଦଳର ଦାୟିତ୍ୱରେ ଅଛନ୍ତି। "ବର୍ତ୍ତମାନ ଟ୍ରେନିଂ ବନ୍ଦ। ଖେଳାଳିମାନେ ସେମାନଙ୍କ ଘରକୁ ଫେରି ଯାଇଛନ୍ତି। ତେଣୁ ମୁଖ୍ୟ କୋଚ୍ ଡେନର୍ବି ବୁଧବାର ସ୍ୱିଡେନ ଫେରିଯିବେ" ବୋଲି ସର୍ବଭାରତୀୟ ଫୁଟବଲ ଫେଡେରେଶନ ସାଧାରଣ ସମ୍ପାଦକ କୁଶାଲ ଦାସ ପ୍ରକାଶ କରିଛନ୍ତି। ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ନଭେମ୍ବର ୨ରୁ ୨୧ ପର୍ଯ୍ୟନ୍ତ ଭାରତର ୫ଟି ଭେନ୍ୟୁରେ ହେବାର କାର୍ଯ୍ୟସୂଚୀ ରହିଛି।



୬୦ ବର୍ଷୀୟ ଅଭିଜ୍ଞ ଡେନର୍ବି ଗତବର୍ଷ ନଭେମ୍ବରରେ ୧୭ ବର୍ଷରୁ କମ୍ ମହିଳା ଫୁଟବଲ ଦଳ ପାଇଁ କୋଚ୍ ନିଯୁକ୍ତ ହୋଇଥିଲେ। ପୂର୍ବରୁ ତାଙ୍କ ପ୍ରଶିକ୍ଷଣରେ ସ୍ୱିଡେନ ମହିଳା ଫୁଟବଲ ଦଳ ୨୦୧୧ରେ ଜର୍ମାନୀରେ ଅନୁଷ୍ଠିତ ମହିଳା ଫିଫା ବିଶ୍ୱକପରେ ତୃତୀୟ ସ୍ଥାନ ଅଧିକାର କରିଥିଲା। ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ତାଙ୍କ ପ୍ରଶିକ୍ଷଣପ୍ରାପ୍ତ ଦଳ କ୍ୱାର୍ଟର ଫାଇନାଲ ପର୍ଯ୍ୟନ୍ତ ଉନ୍ନୀତ ହୋଇଥିଲା। ୨୦୧୯ରେ ଫ୍ରାନ୍ସରେ ଅନୁଷ୍ଠିତ ମହିଳା ଫିଫା ବିଶ୍ୱକପ ସମୟରେ ଡେନର୍ବି ନାଇଜେରିଆ ସିନିୟର ଦଳର କୋଚ୍ ଥିଲେ। ଭାରତରେ ଟ୍ରେନିଂ ପ୍ରକ୍ରିୟା ଆରମ୍ଭ ପାଇଁ ସ୍ଥିତି ଉପୁଜିଲେ ଡେନର୍ବି ପ୍ରତ୍ୟାବର୍ତ୍ତନ କରିବେ ବୋଲି କୁଶାଲ କହିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ଭାରତରେ ମାର୍ଚ୍ଚ ୨୫ରେ ୨୧ ଦିନିଆ ଲକ୍‌ଡାଉନ୍ ଆରମ୍ଭ ହୋଇଛି। ମାର୍ଚ୍ଚ ୨୨ରୁ ଅନ୍ତର୍ଜାତୀୟ ବିମାନ ଉଡାଣ ଉପରେ କଟକଣା ଲଗାଯାଇଛି। ଏହା ଏପ୍ରିଲ ୧୪ ପର୍ଯ୍ୟନ୍ତ ଚାଲିବ। କରୋନା ଭାଇରସ ସଂକ୍ରମଣ ଯୋଗୁ ଅନେକ ପ୍ରତିଯୋଗିତା ସ୍ଥଗିତ କିମ୍ବା ବାତିଲ ହୋଇଥିଲେ ହେଁ ୧୭ ବର୍ଷରୁ କମ୍ ମହିଳା ଫିଫା ବିଶ୍ୱକପ ହେବାନେଇ କୁଶାଲ ଆଶାବାଦୀ ଅଛନ୍ତି।

# ୨୦୨୨କୁ ଘୁଞ୍ଚିଲା ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍

ପ୍ୟାରିସ୍,୩୧।୩ (ଏଏଫ୍‌ପି)

କରୋନା ଭାଇରସ ସଂକ୍ରମଣ ସାରା ବିଶ୍ୱକ୍ରୀଡ଼ାକୁ ପ୍ରଭାବିତ କରିଛି। ଟୋକିଓ ଅଲିମ୍ପିକ୍ସ ଗୋଟିଏ ବର୍ଷ ଘୁଞ୍ଚିଯିବା ପରେ ଅନୁରୂପ ଭାବେ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌କୁ ମଧ୍ୟ ଘୁଞ୍ଚାଇ ଦିଆଯାଇଛି। ଆମେରିକାର ଅରେଗନ ରାଜ୍ୟସ୍ଥିତ ୟୁଗେନେରେ ୨୦୨୧ରେ ଆୟୋଜନ ହେବାକୁ ଥିବା ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌କୁ ୨୦୨୨କୁ ଘୁଞ୍ଚାଇ ଦିଆଯାଇଛି।

୨୦୨୦ ଟୋକିଓ ଅଲିମ୍ପିକ୍ସ କରୋନା ଭାଇରସ ସଂକ୍ରମଣ କାରଣରୁ ସ୍ଥଗିତ ରଖାଯାଇଥିଲା। ଏବେ ଏହି ମେଗା ଇଭେଣ୍ଟ ୨୦୨୧ ଜୁଲାଇ ୨୩ ତାରିଖରୁ ଆରମ୍ଭ ହୋଇ ଅଗଷ୍ଟ ୮ ତାରିଖରେ ଶେଷ ହେବ। ସେହି ଅନୁସାରେ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍‌କୁ ଆୟୋଜକମାନେ ମଧ୍ୟ ଘୁଞ୍ଚାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ଚାମ୍ପିୟନଶିପ୍ ୨୦୨୧ ଅଗଷ୍ଟ ୬ରୁ ଆରମ୍ଭ ହୋଇ ୧୫ ତାରିଖରେ ଶେଷ ହେବାର କାର୍ଯ୍ୟକ୍ରମ ଥିଲା। ଅଲିମ୍ପିକ୍ସ ପାଇଁ ଏହି ଚାମ୍ପିୟନଶିପ୍ ନିର୍ଦ୍ଧାରିତ ସମୟରେ ଆୟୋଜନ ହେବା ଅସମ୍ଭବ ହୋଇ ପଡିଛି। ଅଲିମ୍ପିକ୍ସର ନୂଆ ତାରିଖ ଘୋଷଣା ନେଇ ଆମେ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ଓ ଜାପାନ ଆୟୋଜକମାନଙ୍କୁ ସମର୍ଥନ କରୁଛୁ ବୋଲି ୱାର୍ଲ୍ଡ ଆଥଲେଟିକ୍ସ କହିଛି। ଅଲିମ୍ପିକ୍ସ ଘୁଞ୍ଚିବା ଦ୍ୱାରା ଆଥଲେଟମାନେ ସମୟ ପାଇବେ ଓ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଟ୍ରେନିଂର ସୁଯୋଗ ମଧ୍ୟ ହାସଲ କରିବେ। ୱାର୍ଲ୍ଡ ଆଥଲେଟିକ ଚାମ୍ପିୟନଶିପ୍‌ର ନୂଆ ତାରିଖ ନେଇ କାର୍ଯ୍ୟକରୁଛୁ ଓ ଆୟୋଜକମାନଙ୍କ ସହ ଆଲୋଚନା କରୁଛୁ। ତେବେ ଏଥିପାଇଁ ସମସ୍ତେ ବୁଝାମଣା କରି କିଛି ତ୍ୟାଗ କରିବା ଆବଶ୍ୟକ ବୋଲି ୱାର୍ଲ୍ଡ ଆଥଲେଟିକ୍ସ ତରଫରୁ କୁହାଯାଇଛି।ଅନ୍ୟପଟେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ବର୍ମିଂହାମରେ ୨୦୨୨ ଜୁଲାଇ ୨୭ରୁ ଅଗଷ୍ଟ ୭ ତାରିଖ ମଧ୍ୟରେ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ତେଣୁ ନୂଆ ତାରିଖ ଧାର୍ଯ୍ୟ କରିବା ପୂର୍ବରୁ ଆମେ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଫେଡେରେଶନ ଓ ଆୟୋଜକଙ୍କ ସହ ଆଲୋଚନା କରୁଛୁ ବୋଲି ୱାର୍ଲ୍ଡ ଆଥଲେଟିକ୍ସ ତରଫରୁ କୁହାଯାଇଛି।

# ପାର୍କିଂ ସୁବିଧା ଦେବ ଲର୍ଡ୍ସ

ଲଣ୍ଡନ, ୩୧।୩ (ପି.ଟି.)

କୋଭିଡ୍-୧୯ ବିରୋଧରେ ଲଢେଇ କରୁଥିବା ନ୍ୟାଶନାଲ ହେଲ୍‌ଥ ସର୍ଭିସ (ଏନ୍‌ଏଚ୍‌ଏସ୍) ଷ୍ଟାଫ୍‌ମାନଙ୍କ ଲାଗି ଲର୍ଡ୍ସ କ୍ରିକେଟ ଗ୍ରାଉଣ୍ଡରେ ପାର୍କିଂ ବ୍ୟବସ୍ଥା କରିବ କ୍ରିକେଟ ଖେଳର ନିୟମ ପ୍ରଣେତା ଏମସିସି(ମେରିଲ୍‌ବୋନ୍ କ୍ରିକେଟ କ୍ଲବ)। ଖବର ଅନୁସାରେ ବର୍ତ୍ତମାନ ସମଗ୍ର ବିଶ୍ୱରେ ୭,୦୦,୦୦୦ ଲୋକ କରୋନା ଭାଇରସ୍ ଦ୍ୱାରା ସଂକ୍ରମିତ ହୋଇଥିବାବେଳେ ୩୫,୦୦୦ରୁ ଅଧିକ ମୃତ୍ୟୁ ମୁଖରେ ପଡ଼ିସାରିଛନ୍ତି। ୟୁନାଇଟେଡ୍ କିଙ୍ଗ ଡମ୍ (ୟୁକେ)ରେ ପ୍ରଧାନମନ୍ତ୍ରୀ ବୋରିସ୍ ଜନସନ ଏବଂ ପ୍ରିନ୍ସ ଚାର୍ଲ୍ସଙ୍କ ସମେତ ପାଖାପାଖି ୨୩,୦୦୦ ଲୋକ ସଂକ୍ରମିତ ହୋଇଛନ୍ତି। ଦେଶରେ ମୃତ୍ୟୁ ସଂଖ୍ୟା ୧,୪୦୦ରୁ ଅଧିକ ହେବ। ଐତିହାସିକ ଲର୍ଡ୍ସ ଷ୍ଟାଡିୟମ ନିକଟରେ ୱେଲିଂଟନ ହସ୍ପିଟାଲ, ୟୁନିଭର୍ସିଟି କଲେଜ ହସ୍ପିଟାଲ ଏବଂ ହସ୍ପିଟାଲ ଅଫ୍ ସେଣ୍ଟ ଜନ୍ସ ଆଣ୍ଡ୍ ସେଣ୍ଟ୍ ଏଲିଜାବେଥ୍ ରହିଛି। ଏଥିରେ କାର୍ଯ୍ୟରତ ଏନ୍‌ଏଚ୍‌ଏସ୍ ଷ୍ଟାଫ୍‌ଙ୍କ ଲାଗି ୭୫ଟି କାର୍‌ର ପାର୍କିଂ ବ୍ୟବସ୍ଥା କରାଯାଇଛି।

# ୮୦ ଲକ୍ଷ ଟଙ୍କା ଦେଲେ ରୋହିତ

ମୁମ୍ବାଇ,୩୧।୩ (ପି.ଟି.)



କୋଭିଡ୍-୧୯ ମହାମାରୀ ମୁକାବିଲା ପାଇଁ ଭାରତୀୟ ତାରକା ବ୍ୟାଟ୍ସମ୍ୟାନ ରୋହିତ ଶର୍ମା ୮୦ଲକ୍ଷ ଟଙ୍କା ଦାନ କରିଛନ୍ତି। ଏହି ଭୟଙ୍କର ସ୍ୱାସ୍ଥ୍ୟ ସଙ୍କଟରୁ ସମସ୍ତଙ୍କୁ ମୁକୁଳାଇବା ହେଉଛି ସମସ୍ତଙ୍କର ଦାୟିତ୍ୱ ବୋଲି ସେ କହିଛନ୍ତି। ଭାରତୀୟ ଦିନିକିଆ ଦଳରେ ଉପ-ଅଧିନାୟକ ଥିବା ରୋହିତ ୪୫ ଲକ୍ଷ ଟଙ୍କା ପ୍ରଧାନମନ୍ତ୍ରୀଙ୍କ କେୟାର ଫଣ୍ଡ୍‌କୁ ଦାନ ଦେଇଥିବାବେଳେ ୨୫ଲକ୍ଷ ଟଙ୍କା ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପଣ୍ଡ୍‌କୁ ପ୍ରଦାନ କରିଛନ୍ତି। ସେ ମଧ୍ୟ ୫ ଲକ୍ଷ ଟଙ୍କା 'ଜୋମାଟୋ ଫିଡିଂ ଇଣ୍ଡିଆ'କୁ ପ୍ରଦାନ କରିଛନ୍ତି। ଦେଶରେ ଚାଲିଥିବା ଲକ୍ ଡାଉନ୍ କାରଣରୁ ପ୍ରଭାବିତ ହେଉଥିବା ପରିବାରଙ୍କୁ ଜୋମାଟୋ ସହାୟତା ପ୍ରଦାନ କରୁଛି। ସେହିପରି ବୁଲା କୁକୁରଙ୍କ କଲ୍ୟାଣ ପାଇଁ ସେ ୫ ଲକ୍ଷ ଟଙ୍କା ପ୍ରଦାନ କରୁଛନ୍ତି। ଟୁଇଟ୍ କରି ରୋହିତ ମଙ୍ଗଳବାର ସକାଳେ ଏ ବିଷୟରେ ସୂଚନା ଦେଇଛନ୍ତି। ରୋହିତଙ୍କ ପୂର୍ବରୁ କ୍ରିକେଟ ଆଇକନ ସଚିନ ତେନ୍ଦୁଲକର, ସୁରେଶ ରାଇନା, ଅଜିଙ୍କ୍ୟ ରାହାନେ ଓ ଅନ୍ୟମାନେ ଦେଶରେ ଏହି ବିପତ୍ତିରେ ଅର୍ଥଦାନ କରିଛନ୍ତି। କୋଭିଡ୍-୧୯ରେ ମହାରାଷ୍ଟ୍ର ଦେଶର ସବୁଠାରୁ ପ୍ରଭାବିତ ରାଜ୍ୟ ସାବ୍ୟସ୍ତ ହୋଇଛି। ମଙ୍ଗଳବାର ସକାଳ ସୁଦ୍ଧା ରାଜ୍ୟରେ ୨୨୫ଜଣ ବ୍ୟକ୍ତି ଏହି ଭାଇରସ୍ ଦ୍ୱାରା ଆକ୍ରାନ୍ତ ହୋଇଛନ୍ତି। ଭାରତରେ ଏପର୍ଯ୍ୟନ୍ତ ଏଥିରେ ୩୨ଜଣ ଲୋକ ପ୍ରାଣ ହରାଇଲେଣି। ସୋମବାର ରାତି ସୁଦ୍ଧା ୧,୨୫୧ ଜଣ କରୋନା ଭାଇରସ୍‌ରେ ସଂକ୍ରମିତ ହୋଇଛନ୍ତି।

# ନୀରଜ ଚୋପ୍ରାଙ୍କ ସହାୟତା

ନୂଆଦିଲ୍ଲୀ,୩୧।୩ (ପି.ଟି.)

କୋଭିଡ୍-୧୯ ମୁକାବିଲା ପାଇଁ ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା ମଙ୍ଗଳବାର ୩ ଲକ୍ଷ ଟଙ୍କା ଦାନ କରିଛନ୍ତି। ସେ କେନ୍ଦ୍ର ଓ ହରିୟାଣା ରାଜ୍ୟ ରିଲିଫ୍ ପଣ୍ଡକୁ ଏହି ଅର୍ଥ ପ୍ରଦାନ କରିଛନ୍ତି। ତୁର୍କୀରୁ ପ୍ରଶିକ୍ଷଣ ସାରି ସ୍ୱଦେଶ ଫେରିବା ପରେ ନୀରଜ ପଟିଆଲାର ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ସ୍ପୋର୍ଟ୍ସ (ନିସ୍)ରେ ସେଲ୍ଫ-ଆଇସୋଲେଶନରେ ରହିଛନ୍ତି। ଏହି ମହାମାରୀ ବିରୋଧରେ ଲଢେଇ ଜାରି ରହିଥିବା ବେଳେ ସମସ୍ତେ ସହଯୋଗ କରିବା ଆବଶ୍ୟକ ବୋଲି ନୀରଜ ଟୁଇଟ୍ କରି ଉଲ୍ଲେଖ କରିଛନ୍ତି। ହରିୟାଣାର ପାନିପଥ୍‌ରେ ଜନ୍ମ ଗ୍ରହଣ କରିଥିବା ନୀରଜ ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ସେ ଅଲିମ୍ପିକ୍ ପଦକ ଜିତିବା ସମ୍ଭାବନା ସୃଷ୍ଟି କରିଛନ୍ତି।

# କରୋନା ସହାୟତା ତାଲିକାରେ ଦେବାଶିଷ, ବିପ୍ଳବ

ଭୁବନେଶ୍ୱର (କ୍ରୀଡ଼ା ପ୍ରତିନିଧି), କଟକ ଅଫିସ,୩୧।୩–



କରୋନା ଭାଇରସ ସଂକ୍ରମଣକୁ ରୋକିବା ପାଇଁ ଚାଲିଥିବା ଲଢ଼େଇରେ ନିଜ ଅବଦାନ ରଖିଛନ୍ତି ରାଜ୍ୟର ପ୍ରଥମ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି ଓ ଓଡ଼ିଶା ରଣଜୀ ଟ୍ରଫି ଦଳର ସିନିୟର ସଦସ୍ୟ ବିପ୍ଳବ ସାମନ୍ତରାୟ। ସମ୍ପ୍ରତି ଦେଶରେ ଲକ୍ ଡାଉନ ଯୋଗୁ ଘରେ ରହୁଥିବା ଜାତୀୟ ଜୁନିୟର ଚୟନ କମିଟି ଦେବାଶିଷ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ୧ ଲକ୍ଷ ଟଙ୍କା ଦାନ କରିଛନ୍ତି। 'ଘରେ ରୁହ, ସୁସ୍ଥ ଓ ସୁରକ୍ଷିତ ରୁହ'' ବୋଲି ନିଜ ବାର୍ତ୍ତାରେ କହିଛନ୍ତି ଏହି ପୂର୍ବତନ ଅନ୍ତର୍ଜାତୀୟ ପେସ୍ ବୋଲର। ୧୯୭୬ ଜୁଲାଇ ୨୦ରେ ଜନ୍ମିତ ଦେବାଶିଷ ୧୯୯୭ରୁ ୨୦୦୧ ମଧ୍ୟରେ ୨ଟି ଟେଷ୍ଟ ଓ ୪୪ଟି ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚ ଖେଳି ରାଜ୍ୟକୁ ଗର୍ବିତ କରିଛନ୍ତି। ସେ ଟେଷ୍ଟରେ ୪ଟି ଓ ଏକଦିବସୀୟ କ୍ରିକେଟରେ ୫୭ଟି ଉଇକେଟ ନେଇଛନ୍ତି। ୧୧୭ଟି ପ୍ରଥମଶ୍ରେଣୀ କ୍ରିକେଟ ମ୍ୟାଚ ଖେଳି ୪୧୭ ଉଇକେଟ ହାସଲ କରିଛନ୍ତି ଦେବାଶିଷ।



ରାଜ୍ୟର ନିର୍ଭରଯୋଗ୍ୟ ଖେଳାଳି ବିପ୍ଳବ କରୋନା ମୁକାବିଲା ନିମନ୍ତେ ସାହାଯ୍ୟର ହାତ ବଢ଼ାଇଛନ୍ତି। ସେ ନିଜର ଗୋଟିଏ ମାସର ଦରମା ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ଦାନ କରିବେ ବୋଲି ମଙ୍ଗଳବାର ଘୋଷଣା କରିଛନ୍ତି। ସୂଚନା ଥାଉକି, ଦକ୍ଷ ଅଲରାଉଣ୍ଡର ବିପ୍ଳବ ରାଜ୍ୟ ସିନିୟର କ୍ରିକେଟ ଦଳର ଜଣେ ନିୟମିତ ଖେଳାଳି। ରାଜ୍ୟ ଦଳର ଅଧିନାୟକ ଭାର ମଧ୍ୟ ସେ ସମ୍ଭାଳିଥିଲେ। ଏପରି କି ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ)ରେ ସଫଳ ଓଡ଼ିଆ ଖେଳାଳି ଭାବେ ବିପ୍ଳବଙ୍କ ନାମ ରହିଛି। କଟକରେ ରହୁଥିବା ବିପ୍ଳବ ଆକାଉଣ୍ଟାଣ୍ଟ ଜେନେରାଲ(ଏଜି) କାର୍ଯ୍ୟାଳୟରେ ଚାକିରି କରନ୍ତି।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ